# ଛନ୍ଦ ମୁକ୍ତାବଳୀ

ଅଧ୍ୟାପିକା ଡ଼କ୍ଟର ବିଜୟଲକ୍ଷ୍ମୀ ସ୍ୱାଇଁ

Digitized by srujanika@gmail.com

ନରସିଂହ ଭଯଣ

କୃତ

# ଢଗ ମୁକ୍ତାବଳୀ

ସଂପାଦନା

ଅଧ୍ୟାପିକା ଡକ୍ଟର ବିଜୟଲକ୍ଷ୍ମୀ ସ୍ୱାଇଁ

Digitized by srujanika@gmail.com

# ଢଗ ମୁକୁତାବଳୀ

ସମ୍ପାଦନା :
**ଡକ୍ଟର ବିଜୟଲକ୍ଷ୍ମୀ ସ୍ୱାଇଁ**
ଅଧ୍ୟାପିକା, ଓଡ଼ିଆ ବିଭାଗ
ପ୍ରାଣନାଥ ମହାବିଦ୍ୟାଳୟ
ଖୋର୍ଦ୍ଧା

ପ୍ରକାଶକ :
**ଶ୍ରୀ ଅବକାଶ ମହାପାତ୍ର**
ଗୋବିନ୍ଦ ଭବନ
ମହାରଣା ସାହି
ଭୁବନେଶ୍ୱର-୭୫୧୦୦୨

ପ୍ରଥମ ସଂସ୍କରଣ :
ମକର ସଂକ୍ରାନ୍ତି, ୧୯୯୪

ମୁଦ୍ରଣ :
ରେଡ଼ିଏଣ୍ଟ୍ ପ୍ରୋସେସ୍
ଉତ୍କଳ ଆଶ୍ରମ ରୋଡ
ବ୍ରହ୍ମପୁର-୭୬୦୦୦୧ (ଗଞ୍ଜାମ)
ଫୋନ୍-୪୫୬୯

ମୂଲ୍ୟ : ୩୮ ଟଙ୍କା

# DHAGA MUKUTABALI

Edited by :
**Dr. Bijoy Laxmi Swain**
Lecturer
Dept. of Oriya
P. N. Mahavidyalaya
Khurdha

Published by :
**Sri Abakash Mohapatra**
Govinda Bhawán
Maharana Sahi
Bhubaneswar-751002

First Edition :
Makara Sankranti, 1994

Printed at :
Radiant Process
Utkal Ashram Road
Berhampur-760001 (Gm)
Phone-4569

Price : Rs 38/-

Digitized by srujanika@gmail.com

# ଅଭିମତ

କବି ନରସିଂହ ସେଣଙ୍କ ରଚିତ ଡ଼ଗ ମୁକ୍ତାବଳୀ ପାଠକରି ପରମ ପ୍ରୀତି ଲାଭ କଲି । କବି ନରସିଂହ ରାଜା ପ୍ରତାପରୁଦ୍ର ଦେବଙ୍କ ସମକାଳୀନ ଥିଲେ ଏବଂ ସେ କେତୋଟି ଗ୍ରନ୍ଥ ରଚନା କରିଥିବାର ପ୍ରମାଣ ଇତିହାସରୁ ପ୍ରାପ୍ତ ହେଲେହେଁ ପରିମଳା ଯେ ତାଙ୍କର ସର୍ବୋତ୍ତମ ସୃଷ୍ଟି ଏଥିରେ ସନ୍ଦେହ ନାହିଁ । ଆଲୋଚ୍ୟ ଗ୍ରନ୍ଥ ସର୍ବତୋଭାବରେ ଏକ ଅଳଙ୍କାର ଗ୍ରନ୍ଥ ଏବଂ ଓଡ଼ିଆ ମଧ୍ୟଯୁଗୀୟ ଅଳଙ୍କାର ଶାସ୍ତ୍ର ପରମ୍ପରାରେ ଏକ ଅନନ୍ୟ ସୃଷ୍ଟି । ପ୍ରସିଦ୍ଧ ଗ୍ରନ୍ଥ ହାଳଙ୍କର ଗାଥା ସପ୍ତଶତୀର ପ୍ରଭାବ ଏଥିରେ ପରିଲକ୍ଷିତ । ଶୃଙ୍ଗାର ରସ ଏହାର ମୁଖ୍ୟ ଅବଲମ୍ବନ । ବିଷୟବସ୍ତୁର ସଜ୍ଜୀକରଣରେ ଏଥିରେ ଏକ ନିର୍ଦ୍ଦିଷ୍ଟ କ୍ରମ ପରିଦୃଷ୍ଟ । ସତରଗୋଟି ପଞ୍ଚକକୁ ଅବଲମ୍ବନ କରି ଏହା ରଚିତ ଓ ଶୃଙ୍ଗାର ରସର ବିଭିନ୍ନ ବିଭାବକୁ ଉପଜୀବ୍ୟ କରି ଗୋଟିଏ ଗୋଟିଏ ପଞ୍ଚକର ସୃଷ୍ଟି ଏବଂ ପ୍ରତ୍ୟେକଟି ପଞ୍ଚକରେ ଲେଖିକା ଉଦାହରଣ ମୂଳକ ପୁଙ୍ଖାନୁପୁଙ୍ଖ ଭାବେ ନାୟକ ନାୟିକାର ପ୍ରକାର ଭେଦ ଓ ପ୍ରତ୍ୟେକ ଭେଦର ଲକ୍ଷଣ ବର୍ଣ୍ଣନା କରି ଆଲୋଚନାକୁ ଅତ୍ୟନ୍ତ ଉପାଦେୟ ଓ ସାର-ଗର୍ଭକ କରିପାରିଛନ୍ତି । ରସଶାସ୍ତ୍ର ତଥା ଅଳଙ୍କାର ଶାସ୍ତ୍ରରେ ଆଲୋଚକାଙ୍କ ଗଭୀର ପ୍ରବେଶ ଅଛି । ନାୟକ ନାୟିକାଙ୍କ ମିଳନ, ବିରହ ଓ ବିଶେଷ ଭାବରେ ରତିଭାବର ସୂକ୍ଷ୍ମ ବିଶ୍ଳେଷଣ ଲେଖିକାଙ୍କ ରଚନାକୁ ଆହୁରି ମନୋଜ୍ଞ କରିପାରିଛି । ନାୟିକା ବର୍ଣ୍ଣନାରେ ସେ ମୁଗ୍ଧା, ମଧ୍ୟା ଓ ପ୍ରଗଲ୍ଭା ସମସ୍ତ ପ୍ରକାର ନାୟିକାଙ୍କର ସକଳ ବିଭାବକୁ ଉପଯୁକ୍ତ ମର୍ଯ୍ୟାଦା ଦେଇଛନ୍ତି । ପୁନଶ୍ଚ ନାୟକ ନାୟିକା ମିଳନରେ ଦୂତୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦୂତୀ ସାହାଯ୍ୟରେ ନାୟକ ନାୟିକାର ମିଳନ କପରି ମୁଖକର ଓ ଓ ଶୁଭଙ୍କର ହୁଏ ତାହା ସେ ପ୍ରତିପାଦନ କରିଛନ୍ତି । ଶବ୍ଦ ଶକ୍ତିର ବିଭିନ୍ନ ସ୍ୱରୂପର ଉଦାହରଣ ପ୍ରଦାନ ମୂଳକ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା ବୃତ୍ତିର

Digitized by srujanika@gmail.com

ଉଦାହରଣ ଦେଇ ଆଲୋଚନାର ମାର୍ଗକୁ ଅତି ସରସ ସୁନ୍ଦର ଓ ସୁବୋଧ୍ୟ କରିପାରିଛନ୍ତି । ମୋଟ ଉପରେ ଲେଖିକା ଅଧ୍ୟାପିକା ଡଃ. ସ୍ୱାଇଁ ଏପରି ଏକ ପ୍ରାମାଣିକ ଉପାଦେୟ ଓ ଅନାଲୋଚିତ ଗ୍ରନ୍ଥକୁ ଲୋକଲୋଚନକୁ ଆଣି ରସ ପରିବେଷଣରେ ଯେଉଁ ସୌକର୍ଯ୍ୟ ଓ ସାଫଲ୍ୟ ଦର୍ଶାଇଛନ୍ତି ସେଥିଯୋଗୁ ସେ ପାଠକ ପାଠିକାଙ୍କର ଶ୍ରଦ୍ଧାଭାଜନ ହେବେ ଏଥିରେ ସନ୍ଦେହ ନାହିଁ । ମୁଁ ଅଧ୍ୟାପିକାଙ୍କ ଉଦ୍ୟମର ପ୍ରଶଂସା କରୁଛି ଏବଂ ଏହିପରି ସାଧନ କାର୍ଯ୍ୟରେ ଅଧ୍ୟବସାୟ ପୂର୍ବକ ନିୟୋଜିତ କରିପାରିଲେ ସିଦ୍ଧିର ପଥ ପରିଷ୍କାର ହେବ ।

**ଡଃ. କାହ୍ନୁଚରଣ ମିଶ୍ର**
ଅବସରପ୍ରାପ୍ତ ପ୍ରଫେସର
ଓ
ନିର୍ଦ୍ଦେଶକ, ଓଡ଼ିଶା ସଂସ୍କୃତି ପରିଷଦ

ଭୁବନେଶ୍ୱର
୨୧-୧୨-୯୩

Digitized by srujanika@gmail.com

# କେଉଁ ପଦ......

ସେଦିନ ଥିଲା ୧୯୮୪ ମସିହା ଅଗଷ୍ଟ ଅଠର ତାରିଖ । ମୋର ପିଏଚ୍.ଡ଼ି. ଡ଼ିଗ୍ରୀ ପରୀକ୍ଷା ନିମନ୍ତେ ନରସିଂହ ସେଣ-- ଏକ ଅଧ୍ୟୟନ ଶୀର୍ଷକ ନିବନ୍ଧର ମୌଖିକ ପରୀକ୍ଷା ଦିବସ । ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ଅନ୍ତର୍ଗତ ଉଦ୍ଦିଷ୍ଟ ପରୀକ୍ଷା କକ୍ଷକୁ ଯିବାର ଠିକ୍ ଅବ୍ୟବହିତ ପୂର୍ବରୁ ମୋର ତତ୍ତ୍ୱାବଧାରକ ହଠାତ୍ ଏକ ସର୍ତ୍ତ ଆରୋପ କଲେ— ଏକ ସ୍ୱତନ୍ତ୍ର ମୁଖବନ୍ଧ ସହ 'ଡ଼ଗ ମୁକୁତାବଳୀ' ଏକ ବହି ନ ହେଲେ ସେ ପରୀକ୍ଷା କକ୍ଷକୁ ଯିବେ ନାହିଁ କିମ୍ବା ପିଏଚ୍.ଡ଼ି. ସମ୍ପର୍କୀୟ କୌଣସି କାଗଜପତ୍ରରେ ଦସ୍ତଖତ କରିବେ ନାହିଁ । ମୋର ପିଏଚ୍.ଡ଼ି. ଡ଼ିଗ୍ରୀ ନ ହେଲେ ପଛେ ନ ହେଉ । ଆନନ୍ଦ, ବିଷାଦ, ଦ୍ୱନ୍ଦ, ଶଙ୍କା ସବୁର ଫେଣ୍ଟାଫେଣ୍ଟି ମଧ୍ୟଦେଇ ମୁଁ ତତ୍‌କ୍ଷଣାତ୍ 'ହଁ' ଭରିଥିଲି । କହିବାକୁ ଗଲେ ଠିକ୍ ସେଇ ମୁହୂର୍ତ୍ତଟି ଥିଲା 'ଡ଼ଗ ମୁକୁତାବଳୀ'ର ବୀଜ ବପନର ବେଳ । ଏହାପରେ ମୋର ପରୀକ୍ଷା ପର୍ବ ଶେଷହେବା ସହ କିଛିଦିନ ମଧ୍ୟ ବିତିଗଲା । ନିବନ୍ଧରେ 'ଡ଼ଗ ମୁକୁତାବଳୀ' ସମ୍ପର୍କରେ ଆଲୋଚନା କରାଯାଇଥିଲେ ହେଁ ତାହା ଯଥେଷ୍ଟ ନ ଥିଲା । ସେଇ ବର୍ଷ ଡ଼ିସେମ୍ବର ମାସ ୨୭ ତାରିଖ ଠାରୁ ପୁନର୍ବାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇ ବିଭିନ୍ନ ପ୍ରତିବନ୍ଧକ ମଧ୍ୟଦେଇ ୧୯୮୭ ମସିହା ଜୁନ୍ ମାସ ତିରିଶି ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲା ।

୧୯୮୭ ମସିହା ଜୁନ୍ ମାସଠାରୁ ୧୯୯୨ ଜୁନ୍ ଯାଏ ଛଅବର୍ଷ । ସମ୍ପୂର୍ଣ୍ଣ ହୋଇ ମଧ୍ୟ 'ଡ଼ଗ ମୁକୁତାବଳୀ'ର ଭାଗ୍ୟ ଫାଇଲ୍ ଡ଼ୋରରେ ବନ୍ଧାହୋଇ ରହିଲା । ତାହା ଭିତରେ କେତେଥର କମ୍ପୋଜ୍ ହେଲା, କେତେ ଲୋକଙ୍କ ଟେବୁଲ୍ ଡ୍ର ଓ ଆଲମାରି ହେଲା ତାର ବାସସ୍ଥଳୀ । ତା'ର ପ୍ରତୀକ୍ଷା ଥିଲା କେବଳ ମୁକ୍ତିର ଲଗ୍ନ । ୧୯୯୨ ଜୁନ୍‌ରୁ ପୁଣିଥରେ ଡୋରି ଫିଟିଲା । ବୀଜ ବପନର ବେଳ ଭଳି ଅନେକ ଆଶା ନିରାଶା ହର୍ଷ ବିଷାଦ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ମଧ୍ୟଦେଇ ତା'ହାର ଅଙ୍କୁରୋଦ୍‌ଗମ ହେଉଛି ୧୯୯୩ ମସିହା ଶେଷରେ । ସେ ପୃଥିବୀର ନୂଆ ଆଲୋକ ଦେଖିବା ପାଇଁ ଆସୁଛି ୧୯୯୦ ମସିହା ଆରମ୍ଭରେ । ଏ ମୁହୂର୍ତ୍ତରେ ମୁଁ ବା କଅଣ କହିବି ?

Digitized by srujanika@gmail.com

ଏ ସମ୍ପର୍କରେ ମୋର ଦୁଇଟି କଥା କହିବାର ଅଛି । ଗୋଟିଏ ହେଲା, 'ଢ଼ଗ ମୁକୁତାବଳୀ'ର ସ୍ରଷ୍ଟା 'ପରିମଳା' କାବ୍ୟ ରଚନା କଲାବେଳେ ଆଶା ପୋଷଣ କରିଥିଲେ— 'ମେଦିନୀ ତଳେଣ ଯେ ମୋହର ଗୀତ ଅନେକ କାଳ ରହୁଂ' । ଏଥିରେ ଓଡ଼ିଆ ସାହିତ୍ୟର ପ୍ରଥମ ଅଳଙ୍କାର ଶାସ୍ତ୍ର 'ଢ଼ଗ ମୁକୁତାବଳୀ'କୁ କାଳ କାଳ ଧରି ସଗର୍ବରେ ବଞ୍ଚି ରହିବାର ପ୍ରଚେଷ୍ଟା କରାଯାଇଛି । ଅପର ପକ୍ଷରେ ବିଳମ୍ବରେ ହେଲେ ମଧ୍ୟ ଗୁରୁଙ୍କ ନିକଟରେ ଦେଇଥିବା ବଚନକୁ ମୁଁ ପାଳନ କରିପାରିଛି । ଏହି ଶୁଭ ଅବସରରେ ସେଇ ମହାନ୍ ସ୍ରଷ୍ଟାଦ୍ୱୟଙ୍କୁ ମୋର ଆଭୂମ ପ୍ରଣିପାତ ଜଣାଉଛି ।

ମୋତେ ପୃଥିବୀର ଆଲୋକକୁ ଆଣିବା ପରି ମୋର 'ଢ଼ଗ ମୁକୁତାବଳୀ'କୁ ନୂତନ ସୂର୍ଯ୍ୟାଲୋକ ଦେଖାଇଛନ୍ତି ମୋର ପିତାମାତା— ଶ୍ରୀଯୁକ୍ତ ମଥୁରାନନ୍ଦ ସ୍ୱାଇଁ ଓ ଶ୍ରୀମତୀ ବନଲତା ସ୍ୱାଇଁ । ଏହି ପରିପ୍ରେକ୍ଷୀରେ ଉଭୟଙ୍କୁ ମୋର ବିନମ୍ର ପ୍ରଣାମ । ଗ୍ରନ୍ଥ ପ୍ରକାଶନରେ ବିଶେଷ ସହଯୋଗ ପ୍ରଦାନ କରିଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ନିକଟରେ ମୁଁ ଗଭୀର କୃତଜ୍ଞ ।

ପରିଶେଷରେ 'ଢ଼ଗ ମୁକୁତାବଳୀ' ସୁଧୀ ପାଠକ ସମାଜକୁ କିଞ୍ଚିତ ପରିମାଣରେ ଆନନ୍ଦ ଦାନ କଲେ ମୋର ଶ୍ରମ ସାର୍ଥକ ହେବ ।

**ବିଜୟଲକ୍ଷ୍ମୀ ସ୍ୱାଇଁ**

Digitized by srujanika@gmail.com

# ସୂଚୀ ପତ୍ର


| ବିଷୟ | ପୃଷ୍ଠା |
|---|---|
| **ଗ୍ରନ୍ଥ ପ୍ରବେଶ** | |
| କବି ପରିଚୟ | ୧ |
| କବିଙ୍କ ରଚନାବଳୀ | ୩ |
| ରସ ମୁକ୍ତାବଳୀର ଆନୁମାନିକ ରଚନା କାଳ | ୫ |
| ଭାରତୀୟ ସାହିତ୍ୟରେ ରସ ମୁକ୍ତାବଳୀର ସ୍ଥାନ | ୯ |
| ରସ ମୁକ୍ତାବଳୀର ନାମକରଣ | ୧୧ |
| ରସ ମୁକ୍ତାବଳୀର ବିଷୟ ବସ୍ତୁ | ୧୩ |
| ଉପସଂହାର | ୪୩ |
| **ବିଷୟ ବିନ୍ୟାସ** | |
| ଉପକ୍ରମ | ୪୫ |
| ଗୁଆଂଶ ପଞ୍ଚକ | ୪୭ |
| ନାଏକ ପଞ୍ଚକ | ୫୬ |
| ନାଏକା ପଞ୍ଚକ | ୬୯ |
| କାମ ପଞ୍ଚକ | ୮୬ |
| ଚକ୍ଷୁ ପଞ୍ଚକ | ୮୭ |
| ବେଷ ପଞ୍ଚକ | ୯୮ |
| ପ୍ରକୃତି ପଞ୍ଚକ | ୧୧୧ |
| ବିରହ ପଞ୍ଚକ | ୧୨୦ |
| ଅନୁରାଗ ପଞ୍ଚକ | ୧୩୦ |
| ଉପଦେଶ ପଞ୍ଚକ | ୧୪୨ |


Digitized by srujanika@gmail.com

| | |
|---|---|
| ସଖୀ ପ୍ରବୋଧ ପଞ୍ଚକ | ୧୫୩ |
| ବୟସ ପଞ୍ଚକ | ୧୬୪ |
| ବାଳା ପଞ୍ଚକ | ୧୭୬ |
| ଲୀଳା ପଞ୍ଚକ | ୧୮୪ |
| ଉଦ୍ଦୀପନ ପଞ୍ଚକ | ୧୯୬ |
| ପ୍ରୌଢ଼ା ପଞ୍ଚକ | ୨୦୯ |
| ସମ୍ଭୋଗ ପଞ୍ଚକ | ୨୨୧ |
| ପରିଶିଷ୍ଟ | ୨୩୨ |
| ସହାୟକ ଗ୍ରନ୍ଥସୂଚୀ | ୨୩୩ |




Digitized by srujanika@gmail.com

# କବି ପରିଚୟ

ରାଗ ମୁକୁତାବଳୀ କବି ନରସିଂହ ସେଣଙ୍କ ଦ୍ୱାରା ରଚିତ । ଉକ୍ତ ଗ୍ରନ୍ଥର ପ୍ରଥମ ଛନ୍ଦର ତୃତୀୟ ପାଦରୁ ଗ୍ରନ୍ଥର ନାମ 'ରାଗ ମୁକୁତାବଳୀ' ବୋଲି ଜଣାଯାଏ—

'ରାଗ ମୁକୁତାବଳୀ କଣ୍ଠ ତଟେ ଧରି ଯେଉଂ ନାଏକା ବୁଝିଲ' ଏହି ଗ୍ରନ୍ଥର ସପ୍ତଦଶ ତଥା ଶେଷ ପଞ୍ଚକର ଭଣିତାରୁ ଏହା ନରସିଂହ ସେଣଙ୍କର ରଚନା ଭାବେ ସ୍ୱୀକୃତ—

'ରସିକ ବନ୍ଧୁ ନରସିଂହ ସେଣ ଭଣେ ଏହି ଆଳୀ ଗୀତ' ।

'ରାଗ ମୁକୁତାବଳୀ' ଗ୍ରନ୍ଥରୁ କବିଙ୍କର ଅନ୍ୟ କୌଣସି ପରିଚୟ ମିଳେ ନାହିଁ । କିନ୍ତୁ ତାଙ୍କର ଅନ୍ୟ ଏକ ଗ୍ରନ୍ଥ 'ପରିମଳା କାବ୍ୟ'ରୁ ଜଣାଯାଏ, ସେ ତପନ ସେଣଙ୍କର ପୁତ୍ର ଥିଲେ—

''ଛାଦସି ରମଣୀୟ ମିଶ୍ର ତପନ ସେଣ ।
ଭଣନ୍ତି ତାହାଙ୍କ ପୁତ୍ର ନରସିଂହ ସେଣ'' (ପରିମଳା ୨୨/୧୦୧)

କବିଙ୍କ ରଚିତ ଏକ କ୍ଷୁଦ୍ର କବିତା 'ରାଗମାଳା' ବା 'ଦଶ ରାଗ'ର ଏକ ସ୍ଥଳରେ 'ତପନ ନନ୍ଦ' ପ୍ରୟୋଗ ଦେଖିବାକୁ ମିଳେ । ପରିମଳାରୁ ମିଳୁଥିବା ପ୍ରମାଣ ସହ ଏହି ପ୍ରୟୋଗକୁ ସଂଯୁକ୍ତ କରି 'ତପନ' ଶବ୍ଦକୁ ତପନ ସେଣ ଭାବେ ଗ୍ରହଣ କରାଯାଇପାରେ ।

ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା କବିଙ୍କ ଗ୍ରନ୍ଥରାଜିକୁ ଅନୁଶୀଳନ କଲେ କବିଙ୍କ ବଂଶ ପରିଚୟ ସମ୍ପର୍କରେ ଅଧିକ କିଛି ସୂଚନା ମିଳେ ନାହିଁ । ଏଥିପାଇଁ ପରୋକ୍ଷ ପ୍ରମାଣ ଉପରେ ନିର୍ଭର କରିବାକୁ ହୁଏ । ୰ କେଦାରନାଥ ମହାପାତ୍ରଙ୍କ ସମ୍ପାଦିତ 'ପରିମଳା' କାବ୍ୟର ଭୂମିକାରୁ ଜଣାଯାଏ ଯେ ପଥ୍ୟାପଥ୍ୟ ବିନିଶ୍ଚୟ ଓ ଶିକାର୍ଣ୍ଣବ ନାମକ ଦୁଇଟି ଅପ୍ରକାଶିତ ଆୟୁର୍ବେଦ ଗ୍ରନ୍ଥ କବି ନରସିଂହ ସେଣଙ୍କ ପୁତ୍ର ବିଶ୍ୱନାଥ ସେଣଙ୍କ ଦ୍ୱାରା ରଚିତ ହୋଇଥିଲା । ବିଶ୍ୱନାଥଙ୍କ ବିବରଣୀ ଅନୁସାରେ ନରସିଂହ ସେଣଙ୍କର



Digitized by srujanika@gmail.com

ପିତାଙ୍କର ନାମ ତପନ ସେଣ; ପିତାମହଙ୍କ ନାମ ଉମାପତି ସେଣ ଏବଂ ପତ୍ନୀଙ୍କର ନାମ ଗୌରୀଦେବୀ ଥିଲା । (୧)

ପରମଲା କାବ୍ୟରେ ନୀଳାଚଳ ଧାମ ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କିଛି ସୂଚନା ମିଳେ; ମାତ୍ର ତାଙ୍କର କାବ୍ୟକୃତିରୁ କବିଙ୍କର ନିବାସ ସ୍ଥଳ ସମ୍ପର୍କରେ କୌଣସି ଧାରଣା ମିଳେ ନାହିଁ । କିନ୍ତୁ ଅନୁସନ୍ଧାନରୁ ଜଣାଯାଏ, ଖୋର୍ଦ୍ଧା ଅନ୍ତର୍ଗତ ହଳଦିଆ ଗଡ଼ଠାରୁ ପ୍ରାୟ ମାଇଲଏ ଦୁଇମାଇଲ ଦୂରଥିବା 'କୁଆପୃଷ୍ଠ' ମୌଜାରେ କବିଙ୍କର ପରିବାର ବସବାସ କରୁଥିଲେ । କବିଙ୍କର ବାସସ୍ଥଳୀ ବର୍ତ୍ତମାନ ଗୃହଜମିରେ ପରିଣତ ହୋଇଛି ଏବଂ ତନ୍ନିକଟବର୍ତ୍ତୀ ଏକ ସ୍ଥାନ ଅଦ୍ୟାବଧି 'ସେଣ ଟୋଠି' ନାମରେ ନାମିତ ।

ଗ୍ରନ୍ଥର ପ୍ରାରମ୍ଭରେ ଉଲ୍ଲେଖ ଅଛି 'ରୁଦ୍ର ଭୂଅପତି' । ଏହି ରୁଦ୍ର ଭୂଅପତି ହେଉଛନ୍ତି ଇତିହାସ ପ୍ରସିଦ୍ଧ ଗଜପତି ପ୍ରତାପରୁଦ୍ର ଦେବ । ଅର୍ଥାତ୍ କବି ନରସିଂହ ସେଣ ଗଜପତି ପ୍ରତାପରୁଦ୍ର ଦେବଙ୍କର ସମସାମୟିକ । କବିଙ୍କର ଅନ୍ୟାନ୍ୟ ଗ୍ରନ୍ଥରୁ ଇତିହାସ ସମ୍ପର୍କୀୟ କୌଣସି ବିବରଣୀ ମିଳେ ନାହିଁ । କିନ୍ତୁ ବିଶ୍ୱନାଥ ସେଣଙ୍କର ପଥ୍ୟାପଥ୍ୟ ବିନିଶ୍ଚୟ ଗ୍ରନ୍ଥ ପୁଷ୍ପିକାର ଶେଷ ଭାଗରେ ଗଜପତି ପ୍ରତାପରୁଦ୍ର ଦେବ ତପନ ସେଣଙ୍କୁ ମହାପାତ୍ର ଉପାଧିରେ ଭୂଷିତ କରିଥିବା ଉଲ୍ଲେଖ ଦେଖିବାକୁ ମିଳେ— "ଇତିଶ୍ରୀ ସୂର୍ଯ୍ୟବଂଶାବତଂସେନ ଗଜପତି ପ୍ରତାପରୁଦ୍ରେଣ ପ୍ରତିପାଦିତ ତପନ ମହାପାତ୍ର ଇତି ନିଜ ପିତାମହ ପଦବୀକସ୍ୟ ବିଶ୍ୱନାଥ ସେଣସ୍ୟ କୃତୌ ପଥ୍ୟାପଥ୍ୟ ବିନିଶ୍ଚୟ ସମାପ୍ତ (୨) । ଏଣୁ ନରସିଂହ ସେଣଙ୍କ ରୁଦ୍ର ଭୂଅପତି ଏବଂ ଗଜପତି ପ୍ରତାପରୁଦ୍ର ଦେବ ଏକ ଏବଂ ଅଭିନ୍ନ ବ୍ୟକ୍ତି । ଇତିହାସ ଅନୁସାରୀ ଗଜପତି ପ୍ରତାପରୁଦ୍ର ଦେବ ୧୪୯୭ ଖ୍ରୀଷ୍ଟାବ୍ଦରୁ ୧୫୩୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏଣୁ ନରସିଂହ ସେଣ ହେଉଛନ୍ତି ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗର କବି ।

---

(୧) ପରମଲା କାବ୍ୟର ଭୂମିକା— ପୃ. ୩ (୰ କେଦାରନାଥ ମହାପାତ୍ର ସମ୍ପାଦିତ)

(୨) ତତ୍ରୈବ— ପୃ. ୩ (୰ କେଦାରନାଥ ମହାପାତ୍ର ସମ୍ପାଦିତ)



Digitized by srujanika@gmail.com

# କବିଙ୍କର ରଚନାବଳୀ

ନରସିଂହ ସେଣ ଜଣେ ପ୍ରତିଭାବାନ୍ କବି ଥିଲେ । ଓଡ଼ିଆ ସାହିତ୍ୟର ବନମାଳୀ ଦାସ (ଷୋଡ଼ଶ ଶତାବ୍ଦୀ), ଦେବ ଦୁର୍ଲଭ ଦାସ, ବିଷ୍ଣୁ ଦାସ, ଧନଞ୍ଜୟ ଭଞ୍ଜ, ଲୋକନାଥ ବିଦ୍ୟାଧର, ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ ପ୍ରମୁଖ ବହୁ ବିଶିଷ୍ଟ କବିମାନଙ୍କ କୃତିରେ ତାଙ୍କର ପ୍ରଭାବ ବିଭିନ୍ନ ଭାବେ ପରିଲକ୍ଷିତ ହୁଏ । ଏଣୁ ସେ ବହୁ ଗ୍ରନ୍ଥ ରଚନା କରିଥିବା ଅନୁମାନ କରୁ । ଏ ପର୍ଯ୍ୟନ୍ତ ତାଙ୍କ ରଚନାବଳୀ ମଧ୍ୟରୁ ମାତ୍ର ପାଞ୍ଚଗୋଟିକୁ ଉଦ୍ଧାର କରାଯାଇପାରିଛି । ସେଗୁଡ଼ିକ ହେଲା— ପରିମଳା, ଗୋପକେଳି, ଅଜ ବିଳାପ ଚଉତିଶା, ଚିଗମାଳା ଓ ଚିଗ ମୁକୁତାବଳୀ । ଏଥିରୁ ପରିମଳା ଓ ଗୋପକେଳି କାବ୍ୟ; ଅଜବିଳାପ ଚଉତିଶା ଓ ଚିଗମାଳା କ୍ଷୁଦ୍ର କବିତା ଏବଂ ଚିଗ ମୁକୁତାବଳୀ ଅଳଙ୍କାରଶାସ୍ତ୍ର ପର୍ଯ୍ୟାୟଭୁକ୍ତ । ଆଲୋଚ୍ୟ ମୁଖବନ୍ଧରେ ଚିଗ-ମୁକୁତାବଳୀର ବିଭିନ୍ନ ବିଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିବାରୁ ନିମ୍ନରେ ତାହା ବ୍ୟତୀତ ଅନ୍ୟ ଗ୍ରନ୍ଥଗୁଡ଼ିକର ସଂକ୍ଷିପ୍ତ ସୂଚନା ପ୍ରଦତ୍ତ ।

୧. **ପରିମଳା**— ପରିମଳା କବିଙ୍କର ଏକମାତ୍ର ପ୍ରକାଶିତ ରଚନା । ଏହାର ଦୁଇଗୋଟି ସମ୍ପାଦିତ ରୂପ ଦେଖିବାକୁ ମିଳେ । ପ୍ରଥମେ ଏହା " କେଦାରନାଥ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇ ୧୯୬୧ ମସିହାରେ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ହୋଇଥିଲା । ପରେ ପୁଣି ଏହା ଡଃ. କୃଷ୍ଣଚରଣ ସାହୁଙ୍କ ଦ୍ୱାରା ସମ୍ପାଦିତ ହୋଇ ୧୯୮୩ ମସିହାରେ ବୁକ୍ସ ଏଣ୍ଡ ବୁକ୍ସ ଦ୍ୱାରା ପ୍ରକାଶିତ ହେଲା । ଏହି କାବ୍ୟ ପଚିଶଗୋଟି ଛାନ୍ଦବିଶିଷ୍ଟ । କବି ପ୍ରତ୍ୟେକ ଛାନ୍ଦ ଶେଷ ଭଣିତାରେ ନିଜର ନାମ ସଂଯୋଗ କରିଛନ୍ତି । ପ୍ରଥମ ଏବଂ ଅଷ୍ଟାଦଶ ଛାନ୍ଦ ବ୍ୟତୀତ ଅନ୍ୟାନ୍ୟ ଛାନ୍ଦଗୁଡ଼ିକର ନାମକରଣ କରାଯାଇଛି । ଉକ୍ତ କାବ୍ୟ ଓଡ଼ିଆ ସାହିତ୍ୟର ଅନ୍ୟତମ ବିଶିଷ୍ଟ ପ୍ରେମାଖ୍ୟାନମୂଳକ କାବ୍ୟ । ବିଷୟବସ୍ତୁ ଦୃଷ୍ଟିରୁ ଗୋଟିଏ ନାୟିକା ପାଇଁ ଦୁଇଜଣ ନାୟକର ପରିକଳ୍ପନା ତତ୍କାଳୀନ ପରିସ୍ଥିତିରେ ସମ୍ପୂର୍ଣ୍ଣ ନୂତନ । ନାୟକ ନାୟିକାଙ୍କ ବିରହ ପ୍ରକାଶ ନିମନ୍ତେ ଛଅଗୋଟି ଋତୁ ପାଇଁ ଛଅଗୋଟି ଛାନ୍ଦର ସଂଯୋଜନା ଏବଂ ନାୟୀ ମଧ୍ୟରେ ପ୍ରକୃତିକୁ ଏବଂ ପ୍ରକୃତି ମଧ୍ୟରେ ନାରୀକୁ ଅନୁଶୀଳନ



Digitized by srujanika@gmail.com

କରିବାର ପ୍ରବୃତ୍ତି ଏହି ଗ୍ରନ୍ଥରେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ରୀତି ସାହିତ୍ୟକୁ ପରିପୁଷ୍ଟ କରିଥିଲା ।

୨. **ଗୋପକେଳି**— ଗୋପକେଳି ଓଡ଼ିଆ ସାହିତ୍ୟର ପ୍ରଥମ କୃଷ୍ଣକାବ୍ୟ । ବସନ୍ତ ରାସ ଏହାର ମୁଖ୍ୟ ବିଷୟବସ୍ତୁ । ଓଡ଼ିଆ ଭାଗବତରେ ମୂଳରୁ ଶରଦ୍‌ରାସ ବର୍ଣ୍ଣନା କରାଯାଇଥିଲେ ହେଁ ସେଥିରେ ରାଧାଙ୍କ ବର୍ଣ୍ଣନା ପରିଦୃଷ୍ଟ ହୁଏ ନାହିଁ । କିନ୍ତୁ ଗୋପକେଳିରେ ରାଧା ମୁଖ୍ୟ ସ୍ଥାନ ଅଧିକାର କରିଛନ୍ତି । ଏହି କାବ୍ୟକୁ ଗାହା, ବୋଲି ଓ ଦୋହା ବିଭାଗରେ ବିଭାଜନ କରାଯାଇ ପ୍ରତ୍ୟେକ ବୋଲିର ନାମକରଣ କରାଯାଇଛି । ଶୃଙ୍ଗାର ରସ ସହ ବୈଷ୍ଣବ ଦର୍ଶନର ମିଶ୍ରଣ ଉକ୍ତ କାବ୍ୟର ବୈଶିଷ୍ଟ୍ୟ । ନାରୀର ଉନ୍ମୁକ୍ତ ସୌନ୍ଦର୍ଯ୍ୟ ଦର୍ଶନ କରିବା ପାଇଁ ଏହି କାବ୍ୟରେ କବି ନାରୀଗଣଙ୍କୁ ବାରୁଣୀ ପାନକରି ବିହ୍ୱଳା କରାଇଛନ୍ତି । ପୁଣି କେଳି ନାମକରଣ ପରବର୍ତ୍ତୀ କାଳରେ 'ନାବକେଳି', 'ଭୂତକେଳି', 'ଜଳକେଳି' ପ୍ରଭୃତି ରଚନା ନିମନ୍ତେ ପ୍ରୋତ୍ସାହନ ଦେଇଥିବା ଜଣାଯାଏ ।

୩. **ଅଜବିଳାପ ଚଉତିଶା** – ରଘୁବଂଶର ବର୍ଣ୍ଣିତ ଅଜବିଳାପ ଭାରତୀୟ ସାହିତ୍ୟରେ ଏକ ଅମର ଗାଥା । ରଘୁବଂଶରୁ କବି ଏହି ବିଷୟବସ୍ତୁକୁ ଆହରଣ କରି ସେଥିରେ ନାରୀର ଅଙ୍ଗ ସୌନ୍ଦର୍ଯ୍ୟ, ଭାବ ସୌନ୍ଦର୍ଯ୍ୟ ଓ ପ୍ରୀତି ସୌନ୍ଦର୍ଯ୍ୟ ସମନ୍ୱିତ କରି ଏହାକୁ ଏକ ଶୃଙ୍ଗାର ରସାଶ୍ରିତ ଚଉତିଶା ଭାବରେ ପ୍ରକାଶ କରିଛନ୍ତି । ରଘୁବଂଶର ସଂଯତ ଭାବାବେଶ ଏଥିରେ ପରିଦୃଷ୍ଟ ହୁଏ ନାହିଁ । ପୁଣି ରଘୁବଂଶରେ ଅଜ-ଇନ୍ଦୁମତୀଙ୍କର ବିଚ୍ଛେଦ ମୃତ୍ୟୁ ଜନିତ ପାଇଁ ଘଟିଥିବାବେଳେ ଏଥିରେ କବି ପରଜନ୍ମରେ ସ୍ୱର୍ଗରେ ଅଜ-ଇନ୍ଦୁମତୀଙ୍କର ମିଳନ ଘଟାଇଛନ୍ତି ।

୪. **ଚିରମାଳା** — ଏହା ଚଉଁର ଛନ୍ଦରେ ରଚିତ ଦଶପଦ ବିଶିଷ୍ଟ ଏକ କ୍ଷୁଦ୍ର କବିତା । ପରକୀୟା ନାରୀ ଓ ଜାର ପୁରୁଷ ମଧ୍ୟରେ ପ୍ରୀତି ସମ୍ବନ୍ଧୀୟ କଥୋପକଥନ ଏହାର ବିଷୟବସ୍ତୁ । ଉକ୍ତ ପ୍ରୀତି ନିକଟରେ ଜାତି ପଙ୍କ୍ତି ସମାଜର ବାଧାବନ୍ଧନ ମୂଲ୍ୟହୀନ । ପୁଣି ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ଏହା ରଚିତ ହୋଇଥିବାରୁ ଏଥିରେ ଓଡ଼ିଆ ଗୀତି ନାଟକର ମୂଳାଭାସର ବଳିଷ୍ଠ ସଙ୍କେତ ମିଳେ ।



Digitized by srujanika@gmail.com

# ଭଗ ମୁକୁତାବଳୀର ଆନୁମାନିକ ରଚନା କାଳ

ଗ୍ରନ୍ଥ ମଧ୍ୟରୁ ଭଗ ମୁକୁତାବଳୀର ରଚନା ସମୟ ସମ୍ପର୍କରେ କେତେକ ସୂଚନା ମିଳିଥାଏ । ଉକ୍ତ ଗ୍ରନ୍ଥର ପ୍ରାରମ୍ଭରେ ରୁଦ୍ରଭ୍ରଅପଣ୍ଡ ଉଲ୍ଲେଖ ମିଳେ । ପୂର୍ବରୁ କୁହାଯାଇଛି ଯେ ଓଡ଼ିଶା ଇତିହାସରେ ଗଜପତି ପ୍ରତାପରୁଦ୍ର ଦେବ ଧୃଦ୍ଧଅପଣ୍ଡ ଭାବେ ପରିଚିତ । ଆଲୋଚକ ୰ କେଦାରନାଥ ମହାପାତ୍ର ପରିମଳା କାବ୍ୟର ମୁଖବନ୍ଧରେ ବିଭିନ୍ନ ଯୁକ୍ତି ଦର୍ଶାଇ ନରସିଂହ ସେଣଙ୍କୁ ପ୍ରତାପରୁଦ୍ର ଦେବଙ୍କ ସମକାଳୀନ ଭାବେ ସ୍ଥିର କରିଛନ୍ତି । ଇତିହାସର ସୂଚନା ଅନୁଯାୟୀ ଗଜପତି ପ୍ରତାପରୁଦ୍ର ଦେବ ୧୪୯୭ ଖ୍ରୀଷ୍ଟାବ୍ଦରୁ ୧୫୩୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ପ୍ରତାପରୁଦ୍ରଙ୍କ ରାଜତ୍ୱର ଶେଷ ଭାଗରେ ଗଜପତିଙ୍କ ପୃଷ୍ଠପୋଷକତାରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରସାର ଘଟିଥିଲା । କିନ୍ତୁ ନରସିଂହ ସେଣ ପ୍ରତାପରୁଦ୍ର ଦେବଙ୍କ ନଗର ବା ଅନ୍ତଃପୁରର ନାଗର ଓ ନାଗରୀଙ୍କ ଚିତ୍ର ଦେବା ଫଳରେ ଏହା ତାଙ୍କର ବୈଷ୍ଣବ ଧର୍ମ ଗ୍ରହଣ ପୂର୍ବରୁ ରଚିତ ହୋଇଥିବା ଜଣାଯାଏ । ଓଡ଼ିଶାକୁ ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଆଗମନ କଲେ । ପୁରୀରେ କିଛିଦିନ କଟାଇ ଦାକ୍ଷିଣାତ୍ୟ ଓ ଅନ୍ୟାନ୍ୟ ତୀର୍ଥ ଗମନରେ ଗଲେ । ସେତେବେଳକୁ ଚୈତନ୍ୟଙ୍କର ଗଜପତିଙ୍କ ସହ ସାକ୍ଷାତ ସମ୍ଭବ ହୋଇ ନ ଥିଲା । ପରବର୍ତ୍ତୀ କାଳରେ ଚୈତନ୍ୟ ପୁରୀକୁ ପୁନରାଗମନ କରିବା ସମୟରେ ପ୍ରତାପରୁଦ୍ରଙ୍କ ସହ ଚୈତନ୍ୟଙ୍କର ସାକ୍ଷାତ ହେଲା ଏବଂ ଗଜପତି ବୈଷ୍ଣବ ଧର୍ମରେ ଦୀକ୍ଷିତ ହେଲେ । ୧୫୨୪ ଖ୍ରୀଷ୍ଟାବ୍ଦରେ ଚୈତନ୍ୟଙ୍କ ପରଲୋକ ହେଲା ।

ନରସିଂହ ସେଣ ତାଙ୍କ ପରିମଳା କାବ୍ୟକୁ ଆପାତତଃ ୧୫୨୫ ଖ୍ରୀଷ୍ଟାବ୍ଦରୁ ୧୫୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚନା କରିଥିବା ସ୍ଥିର କରାଯାଇଛି । ଅଳଙ୍କାର ଶାସ୍ତ୍ରାନୁଯାୟୀ ବିଷୟବସ୍ତୁର ବିଶ୍ଳେଷଣ ଦୃଷ୍ଟିରୁ ଦେଖିଲେ 'ଭଗ ମୁକୁତାବଳୀ' ପରିମଳାର ପୂର୍ବବର୍ତ୍ତୀ ରଚନା ଭଳି ମନେହୁଏ । ବିଭିନ୍ନ ଅଳଙ୍କାର ଶାସ୍ତ୍ରରେ ପ୍ରଥମେ ରସର ଆଲମ୍ବନ ବିଭାବ ଅର୍ଥାତ୍ ନାୟକ ନାୟିକାଙ୍କ ବିଭାଗୀକରଣ ପରିଦୃଷ୍ଟ ହୁଏ । ପରବର୍ତ୍ତୀ ପର୍ଯ୍ୟାୟରେ ଭାବ, ହାବ, ବିରହ ଆଦିର ଆଲୋଚନା କରାଯାଏ । ସେହି ଦୃଷ୍ଟିରୁ ଦେଖିଲେ ଭଗ ମୁକୁତାବଳୀରେ ବିଭିନ୍ନ ପ୍ରକାର ନାୟିକା ସମ୍ପର୍କରେ ବର୍ଣ୍ଣନା



Digitized by srujanika@gmail.com

କରାଯାଇଥିବା ବେଳେ ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, ମୋଟ୍ଟାୟିତ, କୁଟ୍ଟମିତ, ଲଳିତ ଆଦି ହାବ, ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ପୁଲକ, ସ୍ୱରଭଙ୍ଗ, କମ୍ପ, ଅଶ୍ରୁ, ପ୍ରଳୟ ଆଦି ଅଷ୍ଟସାତ୍ତ୍ୱିକ ବିକାର; ପୂର୍ବରାଗ, ମାନ, ପ୍ରବାସ, କରୁଣ ଆଦି ବିଭିନ୍ନ ପ୍ରକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ପରିମଳା ଓ ଗୋପକେଳି କାବ୍ୟରେ କରାଯାଇଛି । ପରିମଳା ଓ ଗୋପକେଳି ଅଳଙ୍କାର ଶାସ୍ତ୍ର ନ ହୋଇଥିଲେ ମଧ୍ୟ କବିଙ୍କର ଶାସ୍ତ୍ରାଭିଜ୍ଞତା ଆଳଙ୍କାରିକ ଜ୍ଞାନର ବିଭିନ୍ନ ବିଷୟକୁ କାବ୍ୟ ମଧ୍ୟରେ ଶୃଙ୍ଖଳିତ ଭାବେ ସନ୍ନିବେଶ କରିବାରେ ସହାୟକ ହୋଇଛି ।

ରସ ମୁକୁତାବଳୀକୁ ଅନୁଶୀଳନ କଲେ ଏହା କବିଙ୍କର ପରିଣତ ବୟସର ରଚନା ପରି ଜଣାଯାଏ ନାହିଁ । ପରିଣତ ବୟସରେ ମନୁଷ୍ୟର ମନ ସ୍ୱତଃ ଦର୍ଶନ ଆଡ଼କୁ ଆକୃଷ୍ଟ ହୁଏ । କିନ୍ତୁ ଆଲୋଚ୍ୟ ଗ୍ରନ୍ଥରେ କବିଙ୍କର ଗୋଟିଏ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ । ତାହା ହେଉଛି ନାୟକ ନାୟିକାଙ୍କର ବିଳାସ— ପୁଣ୍ୟ ହେଉଛି କନ୍ଦର୍ପର ପଞ୍ଚବାଣ । ଗ୍ରନ୍ଥର ଶେଷ ଭାଗରେ ସେ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିଛନ୍ତି, କେବଳ ସେତିକିରେ ହିଁ ପରମାର୍ଥୀ ହୋଇ ମନ ସ୍ଥିର କରି ଶ୍ରୀକୃଷ୍ଣଙ୍କୁ ଭଜନା କରିବା ଥିଲା ତାଙ୍କର ସମାଜ ପ୍ରତି ଉପଦେଶ । ଶ୍ରୀକୃଷ୍ଣଙ୍କୁ ଭଜନ କରିବା ବେଳେ ସେ ଶୃଙ୍ଗାର ରସର ମହତ୍ତ୍ୱକୁ ଭୁଲି ପାରିନାହାନ୍ତି । ତାଙ୍କ ଅନୁଯାୟୀ ମୁକ୍ତି ଓ ଶୃଙ୍ଗାର ସମ ପର୍ଯ୍ୟାୟଭୁକ୍ତ । ଏହି ତତ୍ତ୍ୱ ପରିମଳା ଓ ଗୋପକେଳିର କଥା ମାଧ୍ୟମରେ ପ୍ରକାଶିତ ।

## ନରସିଂହ ସେଣଙ୍କ ପୂର୍ବରୁ ଅଳଙ୍କାର ଶାସ୍ତ୍ରର ପରମ୍ପରା

ରସ ମୁକୁତାବଳୀକୁ ପର୍ଯ୍ୟାଲୋଚନା କଲେ ସେଥିରେ ଦଶ ରୂପକ, ରସମଞ୍ଜରୀ, ରସ ତରଙ୍ଗିଣୀ, ସାହିତ୍ୟ ଦର୍ପଣ ପ୍ରଭୃତି ବହୁ ଅଳଙ୍କାର ଶାସ୍ତ୍ର; ଅମରୁ ଶତକ, ଶୃଙ୍ଗାର ଶତକ ଆଦି ମୁକ୍ତକ ଗ୍ରନ୍ଥ ଏବଂ କେତେକ ସଂସ୍କୃତ ନାଟକର ପ୍ରଭାବ ପରିଦୃଷ୍ଟ ହୁଏ । ପୂର୍ବରୁ ପ୍ରମାଣିତ ହୋଇଛି ଯେ ଏହା ଷୋଡ଼ଶ ଶତାବ୍ଦୀର ପ୍ରଥମ ଭାଗରେ ରଚିତ ହୋଇଥିଲା । ତାଙ୍କର ପିତା ପିତାମହ ଆଦି ଗଜପତି ମହାରାଜାଙ୍କ ଦରବାର ସହିତ ସମ୍ପୃକ୍ତ ଥିଲେ । ସେ ସଂସ୍କୃତ ସାହିତ୍ୟରେ ଗଭୀର ପାଣ୍ଡିତ୍ୟ ଅର୍ଜନ କରିଥିଲେ ମଧ୍ୟ ତାଙ୍କର



Digitized by srujanika@gmail.com

ଉଦ୍ଦେଶ୍ୟ ଥିଲା ସମସ୍ତେ ବୁଝିବା ପାଇଁ ଦେଶ ଭାଷାରେ କୃତି ରଚନା କରିବା । ତେଣୁ 'ପରମକଳା'ରେ ସେ ସ୍ପଷ୍ଟ ଭାବେ ଘୋଷଣା କରିଥିଲେ—

"ଦେଶ ଭାଷାରେ ମୁଁ ଗୀତ ରଞ୍ଜିଲଇଁ ସର୍ବୁଙ୍କର ବୁଝିବା ପାଇଁ
ଏଥିଅକୁ ମନ୍ଦ ବୋଲି କେହି ନ ବୋଲିବ ଦୋଷ ମୋର କିଛି ନାହିଁ ।"

ପୂର୍ବରୁ ଓଡ଼ିଶାରେ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ଆଲୋଚନା ହୋଇ ନ ଥିଲେ ସେ ଅଳଙ୍କାର ଶାସ୍ତ୍ର ରଚନା କରିବାକୁ ପ୍ରବୃତ୍ତ ହୋଇ ନ ଥାନ୍ତେ । ଏଣୁ ଷୋଡ଼ଶ ଶତାବ୍ଦୀର ପୂର୍ବବର୍ତ୍ତୀ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ପରମ୍ପରା ଜାଣିବା ଆବଶ୍ୟକ । ରସ ଥିଲା କବିଙ୍କର ମୁଖ୍ୟ ପ୍ରତିପାଦ୍ୟ ବିଷୟବସ୍ତୁ । ତେଣୁ ନିମ୍ନରେ ରସକୁ କେନ୍ଦ୍ର କରି ରଚିତ ହୋଇଥିବା କେତେକ ପ୍ରସିଦ୍ଧ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ପରମ୍ପରା ପ୍ରଦାନ କରାଯାଇଛି ।

ସଂସ୍କୃତ ସାହିତ୍ୟର ପ୍ରଥମ ଆଳଙ୍କାରିକ ରୂପେ ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ମୁନି ସ୍ୱୀକୃତ । ତାହାଙ୍କର ସମୟ ସୀମା ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀ ଠାରୁ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟାପ୍ତ । ବିଭିନ୍ନ ଆଲୋଚକ ଭରତ ମୁନିଙ୍କୁ ବିଭିନ୍ନ ସମୟରେ ଅବସ୍ଥାପିତ କରିଥିଲେ ମଧ୍ୟ ସେ ଯେ ଭାରତର ପ୍ରଥମ ଅଳଙ୍କାର ଶାସ୍ତ୍ର ପ୍ରଣେତା ଏହା ସର୍ବବାଦୀ ସମ୍ମତ । ଆଲୋଚକ ପି. ଭି. କାଣେ ନାଟ୍ୟଶାସ୍ତ୍ରର ରଚନାକାଳ ରୂପେ ଖ୍ରୀ. ପୂ. ଦ୍ୱିତୀୟ ଶତାବ୍ଦୀଠାରୁ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ନିର୍ଦ୍ଧାରଣ କଲାବେଳେ ସୁଶୀଲ କୁମାର ଦେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ଠାରୁ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବା ମତପ୍ରକାଶ କରନ୍ତି । ଉକ୍ତ ଗ୍ରନ୍ଥର ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ନାୟକ-ନାୟିକା ଭେଦ, ରସ ଓ ଭାବ ବର୍ଣ୍ଣିତ । ରସ ଆଲୋଚନା ଦୃଷ୍ଟିରୁ ଅଗ୍ନି ପୁରାଣ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ । ଆଲୋଚକ ଦେଙ୍କ ଅନୁଯାୟୀ ଏହା ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ରଚିତ ହୋଇଥିଲା । ଅଥଚ ପି. ଭି. କାଣେଙ୍କ ଅନୁଯାୟୀ ଏହାର ରଚନାକାଳ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ । କେ. ଏଲ୍. ପୋଦ୍ଦାର ଉକ୍ତ ଗ୍ରନ୍ଥକୁ ଆହୁରି ପରବର୍ତ୍ତୀ ରୂପେ ଗ୍ରହଣ କରିଛନ୍ତି । ଏଥିରେ ନାୟକ-ନାୟିକାଙ୍କୁ ଆଲମ୍ବନ ବିଭାବ ଭାବେ ଗ୍ରହଣ କରାଯାଇ ସେମାନଙ୍କର କାମଭାବ ସମ୍ପର୍କରେ ଆଲୋଚନା କରାଯାଇଛି । ଉକ୍ତ ଆଲୋଚକ ସମ୍ଭବତଃ ରୁଦ୍ରଟଙ୍କ କାବ୍ୟାଳଙ୍କାର


Digitized by srujanika@gmail.com

ଗ୍ରନ୍ଥ ନବମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବା ମତ ପ୍ରକାଶ କରନ୍ତି । ସେହିପରି ରୁଦ୍ରଭଟ୍ଟଙ୍କ ଶୃଙ୍ଗାର ତିଳକ ୯୦୦ରୁ ୧୧୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିଲା ବୋଲି ସେମାନଙ୍କର ମତ । କାବ୍ୟାଳଙ୍କାରରେ କିଛି ନୂତନ ତଥ୍ୟ ଯୋଗ ହୋଇନଥିବା ବେଳେ ଶୃଙ୍ଗାର ତିଳକରେ କେତେକ ନୂତନ ଉଦାହରଣ ଯୋଗ କରିଯାଇଛି । ପି. ଭି. କାଣେ ଏବଂ କେ. ଏଲ୍ ପୋଦ୍ଦାର ପ୍ରଭୃତି ଆଲୋଚକଗଣ ଆନୁମାନିକ ୧୦୦୦ ଖ୍ରୀଷ୍ଟାବ୍ଦରେ ଧନଞ୍ଜୟଙ୍କ ଦଶରୂପକ ରଚିତ ହୋଇଥିବା ମତ ଦେଇଥିବା ବେଳେ ଏସ. କେ. ଦେ ଏହା ୯୭୪ ଖ୍ରୀଷ୍ଟାବ୍ଦରୁ ୯୯୫ ଖ୍ରୀଷ୍ଟାବ୍ଦ ରଚିତ ହୋଇଥିବା କୁହନ୍ତି । ସେହିପରି ଭୋଜଙ୍କର ସରସ୍ୱତୀ କଣ୍ଠାଭରଣ ଶୃଙ୍ଗାର ପ୍ରକାଶ ୧୦୦୦ ଖ୍ରୀଷ୍ଟାବ୍ଦରୁ ୧୦୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ । ହେମଚନ୍ଦ୍ରଙ୍କର କାବ୍ୟାନୁଶାସନର ସମୟସୀମା ୧୦୮୮ ରୁ ୧୧୭୩ ଖ୍ରୀଷ୍ଟାବ୍ଦ ଶାରଦା ତନୟଙ୍କର ଭାବପ୍ରକାଶ ୧୧୦୦ ରୁ ୧୧୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିବା ଜଣାଯାଏ । ଭାନୁଦତ୍ତ ରସମଞ୍ଜରୀ ଓ ରସ ତରଙ୍ଗିଣୀକୁ ୧୨୦୦ରୁ ୧୩୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚନା କରିଥିବା ସମାଲୋଚକମାନେ ମତ ଦିଅନ୍ତି । ବିଦ୍ୟାନାଥଙ୍କର ପ୍ରତାପରୁଦ୍ର ଯଶୋଭୂଷଣ ୧୩୦୦ରୁ ୧୩୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିବା ଏବଂ ସିଂହ ଭୂପାଳ ରସାର୍ଣ୍ଣବ ସୁଧାକରକୁ ୧୩୩୦ରୁ ୧୩୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚନା କରିଥିବା ପି. ଭି. କାଣେ ଓ ଏସ୍. କେ. ଦେ. ମତ ପ୍ରଦାନ କରିଛନ୍ତି । ଏହାପରେ ବିଶ୍ୱ ବିଖ୍ୟାତ ଗ୍ରନ୍ଥ ସାହିତ୍ୟ ଦର୍ପଣ ରଚିତ ହୋଇଥିଲା । ଏହା ୧୩୦୦ରୁ ୧୩୮୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିବା ଜଣାଯାଏ । ରସ ଶାସ୍ତ୍ର ସମ୍ବନ୍ଧରେ ସଂସ୍କୃତ ସାହିତ୍ୟର ଶେଷ ଅଳଙ୍କାର ଗ୍ରନ୍ଥ ହେଉଛି ପଣ୍ଡିତରାଜ ଜଗନ୍ନାଥଙ୍କର ରସ ଗଙ୍ଗାଧର । ଏହା ଷୋଡଶ ଶତାବ୍ଦୀରେ ରଚିତ ହୋଇଥିଲା । ଆଲୋଚକଙ୍କ ଅନୁଯାୟୀ ସେ ଜଣେ ଶ୍ରେଷ୍ଠକବି ଥିଲେ । ତାଙ୍କ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ଆଲୋଚକଙ୍କ ମଧ୍ୟରେ ଶ୍ରେଷ୍ଠକବି ଓ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଆଲୋଚକ ଥିଲେ (୩) ।

---

(୩) ହିନ୍ଦୀ ସାହିତ୍ୟକା ଭୂମିକା; ପୃ-୧୫୪



Digitized by srujanika@gmail.com

ଉପରେ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥମାନଙ୍କ ମଧ୍ୟରୁ ସାହିତ୍ୟ ଦର୍ପଣ ଓ ରସ ଗଙ୍ଗାଧର ଓଡ଼ିଶାରେ ରଚିତ ହୋଇଥିଲା । ଓଡ଼ିଶାର ପଣ୍ଡିତଗଣ ଏହି ଗ୍ରନ୍ଥଦ୍ୱୟର ବିଶେଷ ଆଲୋଚନା କରୁଥିବାବେଳେ ନାଟ୍ୟଶାସ୍ତ୍ର, ଦଶରୂପକ, ଶୃଙ୍ଗାର ପ୍ରକାଶ, ରସମଞ୍ଜରୀ ଓ ରସ ତରଙ୍ଗିଣୀ ପ୍ରଭୃତି ଗ୍ରନ୍ଥଗୁଡ଼ିକୁ ଅନୁରୂପ ଭାବେ ମର୍ଯ୍ୟାଦା ଦେଉଥିଲେ ।

## ଭାରତୀୟ ସାହିତ୍ୟରେ ଢଗ ମୁକୁତାବଳୀର ସ୍ଥାନ

'ଢଗ ମୁକୁତାବଳୀ' ରଚନାର ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ ନ ହୋଇପାରିଥିଲେ ହେଁ ଏହାକୁ କୌଣସିମତେ ୧୬୩୪ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ ରଚନା ରୂପେ ଗ୍ରହଣ କରାଯାଇପାରେ ନାହିଁ । ଖୁବ୍ ବେଶିରେ ସେହି ୧୬୩୪ଖ୍ରୀଷ୍ଟାବ୍ଦକୁ ଗ୍ରହଣ କରାଗଲେ ମଧ୍ୟ ଏହା ପୂର୍ବଭାରତୀୟ ସାହିତ୍ୟ ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରେ । କାରଣ ଏତେବେଳକୁ ପୂର୍ବ ଭାରତୀୟ ପ୍ରାନ୍ତୀୟ ସାହିତ୍ୟରେ କୌଣସି ଅଳଙ୍କାର ଶାସ୍ତ୍ର ରଚିତ ହୋଇ ନ ଥିଲା । ବ୍ରଜ ବୋଲି ସାହିତ୍ୟରେ ବିଶେଷକରି ବିଦ୍ୟାପତି ପଦାବଳୀରେ ସଂସ୍କୃତ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ କେତେକ ଶବ୍ଦାବଳୀ ବା ସୂଚନା ଦେଖିବାକୁ ମିଳୁଥିଲା । ବିଦ୍ୟାପତି ପଦାବଳୀ ଅଳଙ୍କାର ଶାସ୍ତ୍ର ନୁହେଁ । ବଙ୍ଗଳା ଓ ଆସାମ ସାହିତ୍ୟରେ ସେତେବେଳକୁ କୌଣସି ଅଳଙ୍କାର ଶାସ୍ତ୍ର ରଚିତ ହୋଇ ନଥିଲା । ଆଲୋଚକମାନଙ୍କ ଅନୁଯାୟୀ କୃପାରାମଙ୍କ ହିତ ତରଙ୍ଗିଣୀ ହିଁ ହିନ୍ଦୀ ସାହିତ୍ୟରେ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ ପ୍ରଥମ ଗ୍ରନ୍ଥ । ଏହାର ରଚନାକାଳ ହେଉଛି ୧୫୪୧ ଖ୍ରୀଷ୍ଟାବ୍ଦ (୪) । ଏହି ଦୃଷ୍ଟିରୁ ଢଗ ମୁକୁତାବଳୀ କେବଳ ଓଡ଼ିଆ ସାହିତ୍ୟ କାହିଁକି ସମଗ୍ର ପୂର୍ବ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ ପ୍ରଥମ ଗ୍ରନ୍ଥ ।

ରଚନା ଶୈଳୀ ଦୃଷ୍ଟିରୁ ବିଚାର କଲେ ଢଗ ମୁକୁତାବଳୀ ଓ ହିତ ତରଙ୍ଗିଣୀ ମଧ୍ୟରେ ସାମ୍ୟ ପରିଲକ୍ଷିତ ହୁଏ । ଢଗ ମୁକୁତାବଳୀରେ

---

(୪) କ) Studies in Nayaka – Nayika Bheda, P. 81

ଖ) ହିନ୍ଦୀ ସାହିତ୍ୟକା ସଂକ୍ଷିପ୍ତ ଇତିହାସ – ଡଃ ବିଦ୍ୟାସାଗର ଦୟାଳ, ପୃ-୮୪

Digitized by srujanika@gmail.com

ନାୟିକାମାନଙ୍କ ବିଭିନ୍ନ ବିଭାଗୀକରଣ ପରିଦୃଷ୍ଟ ହେଲେ ହେଁ କୌଣସି ସ୍ଥଳରେ ସେମାନଙ୍କ ନାମକରଣ କରାଯାଇ ନାହିଁ । ବୟକ୍ରମ, ଗୁଣ, ଅବସ୍ଥା ଭେଦ ଆଦିର ସୁଶୃଙ୍ଖଳ ବିଭାଜନ ପଦ୍ଧତି ପରିଦୃଷ୍ଟ ହୁଏ ନାହିଁ । ହିତ ତରଙ୍ଗିଣୀରେ ମଧ୍ୟ କୃପାରାମଙ୍କର ବିଭାଗୀକରଣ ସୁସଜ୍ଜିତ ନୁହେଁ । ଏ ସମ୍ପର୍କରେ ଡଃ ରାକେଶ ଗୁପ୍ତ କୁହନ୍ତି— To go here into the details of each one of these works chronologically is unnecessary, for besides being too cumbrous a task on account of the large number of works to be treated it would fail to give a clear and vivid picture of the subject (୫) ।

ନରସିଂହ ସେଣଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ଥିଲା— ଆର୍ଶୀନିମନ୍ତ୍ରିୟା ବା କୌଣସି ଦେବଦେବୀଙ୍କୁ ସ୍ତୁତି ନ କରି ସିଧାସଳଖ ବସ୍ତୁ ନିର୍ଦ୍ଦେଶ ବା ବିଷୟବସ୍ତୁର କ୍ରମ ଆରମ୍ଭ କରିବା । ଆଲୋଚ୍ୟ ଗ୍ରନ୍ଥରେ ପ୍ରତାପରୁଦ୍ର ଦେବଙ୍କ ନିବିଡ଼ କଥା କହିସାରି ସେ ନିଜର ବିଷୟବସ୍ତୁ 'ନାଉଁ ନାଏକା ବୁଝିଇ' ଏବଂ 'ସେ ରମା ମଦନ ରୂଣ ଶୁଝିଇ' ପ୍ରୟୋଗ କରିଛନ୍ତି । ଏଥିରୁ ଏହା ନାୟିକାମାନଙ୍କ ନିମନ୍ତେ ରଚିତ ହୋଇଥିବା ଜଣାଯାଏ । ପୁଣି ଉଭୟ ପ୍ରୟୋଗରୁ ଶୃଙ୍ଗାର ରସ ଗ୍ରନ୍ଥ ମଧ୍ୟରେ ମୁଖ୍ୟ ଭାବେ ପରିବେଷିତ ହୋଇଥିବା ଗ୍ରହଣଯୋଗ୍ୟ । କବି ନରସିଂହ ସେଣଙ୍କ ସଦୃଶ ହିନ୍ଦୀ ସାହିତ୍ୟର ବହୁ କବି ଶୃଙ୍ଗାର ରସ ନିରୂପଣ କରି ବହୁ ଗ୍ରନ୍ଥ ରଚନା କରିଥିଲେ ହେଁ ନିମ୍ନରେ କେତେକ ଉଦାହରଣ ଦିଆଯାଉଛି ।

୧. ବାଲକ ସୁନତ କାମ ରଯ ଲର୍ତ୍ତି ।
ତରୁନନ୍ନ କେ ମନ କାମ ବଢ଼ାର୍ତ୍ତି ।

× × × ×

ଭୋଗୀ କହଁ, ସୁଖ ଭୋଗ ବଢ଼ାର୍ତ୍ତି ।-ଉସ୍‌ମାନ (ଚିତ୍ରାବଳୀ)

---

(୫) Studies in Nayuka-Nayika Bheda, P. 82



Digitized by srujanika@gmail.com

୨. କହୌଂ ବାତ ସୁନୌ ସବ ଲୋଗ । କଥା କଥା ସିଂଗାର ଉପ୍ୟୋଗ
ସକଲ ସିଂଗାର ବିରହ କୀ ରୀତି । ମାଧୌ କାମ କନ୍ଦଲା ପ୍ରୀତି

× × × ×

ପ୍ରୀତିବନ୍ତ ହୌଂ ସୁନୌ ସୋ କୋଇ । ବଢ଼େଗୀ ପ୍ରୀତି ହୃଦୟ ସୁଖ ହୋଇ
କାମୀ ପୁରୁଷ ରସିକ ଜେ ସୁନହିଁ । ତେପ୍ୟା କଥା ରୈନ ଦିନ ସୁନହିଂ
— ଆଲମ (ମାଧବାନନ୍ଦ-କାମକନ୍ଦଳା)

୩. ନୂର ମୋହମ୍ମଦ ଯହ କଥା, ଅହୈ ପ୍ରେମ କୀ ବାତ
ଦେହି ମନ ହୋଇ ପ୍ରେମ ରସ, ପଢ଼ୈ ସୋଇ ଦିନ ରାତ
— ନୂର ମୋହମ୍ମଦ (ଇନ୍ଦ୍ରାବତୀ)

୪. ପ୍ରେମୀ ସୁନୈ ପ୍ରେମ ଅଧିକାଇ — ନିସାର (ୟୁସୁଫ-ଜୁଲେଖା)

ହିନ୍ଦୀ ସାହିତ୍ୟର ଉପରୋକ୍ତ କାବ୍ୟଗୁଡ଼ିକ ମଧ୍ୟରୁ ମଧାବାନନ୍ଦ କାମକନ୍ଦଳା (୧୫୯୧), ଚିତ୍ରାବଳୀ (୧୬୧୩), ଇନ୍ଦ୍ରାବତୀ (୧୭୪୪) ଓ ୟୁସୁଫ ଜୁଲେଖା (୧୭୭୯) ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା । ଉପରୋକ୍ତ ସମସ୍ତର ବନ୍ଧ ସୂତ୍ରରୁ ଓଡ଼ିଶାର କବି ନରସିଂହ ସେଣ ଶୃଙ୍ଗାର ରସକୁ ଆଦର୍ଶ ରୂପେ ଗ୍ରହଣ କରି ଡ଼ଗ ମୁକ୍ତାବଳୀ ଅଳଙ୍କାର ଗ୍ରନ୍ଥ ରଚନା କରିଥିଲେ । ଏଣୁ କୁହାଯାଇପାରେ ଯେ କବି ନରସିଂହ ସେଣ ଉତ୍ତର ଭାରତ ବିଶେଷତଃ ହିନ୍ଦୀ ସାହିତ୍ୟ ସହ ନିଜର ସମ୍ପର୍କ ରକ୍ଷା କରିପାରିଥିଲେ ପୁଣି ହିନ୍ଦୀ ସାହିତ୍ୟର ଉପରୋକ୍ତ କବିଗଣ ମୁସଲମାନ ଥିବାବେଳେ ଓଡ଼ିଶାରେ ନରସିଂହ ସେଣ ଥିଲେ ହିନ୍ଦୁ କବି ।

## ଡ଼ଗ ମୁକ୍ତାବଳୀର ନାମକରଣ

'ଡ଼ଗ ମୁକ୍ତାବଳୀ' ଡ଼ଗ ଓ ମୁକ୍ତାବଳୀ ଦୁଇଟି ଶବ୍ଦକୁ ନେଇ ଗଠିତ । ଓଡ଼ିଆରେ ଡ଼ଗ କହିଲେ ଡ଼ଗ ଢ଼ମାଳି ବା ପ୍ରବଚନ ବା ପ୍ରହେଳିକାକୁ ବୁଝାଇଥାଏ । ସେହି ଦୃଷ୍ଟିରୁ ଦେଖିଲେ ଗ୍ରନ୍ଥ ମଧ୍ୟରୁ ପ୍ରାଚୀନ ଡ଼ଗ ସମ୍ପର୍କରେ କୌଣସି ସୂଚନା ମିଳେ ନାହିଁ । ଏଥିରେ ବ୍ୟବହୃତ 'ଡ଼ଗ' ଶବ୍ଦ ଛନ୍ଦ



Digitized by srujanika@gmail.com

ଅର୍ଥରେ ପ୍ରଯୁକ୍ତ । ଗ୍ରନ୍ଥ ମଧ୍ୟରେ ଛନ୍ଦକୁ ପରୀକ୍ଷା କଲେ ସ୍ଥଳ ବିଶେଷରେ ଏହା ବଙ୍ଗଳାଶ୍ରୀ ରାଗର ଯତିପାତ ନିୟମକୁ ରକ୍ଷା କରୁଥିବାବେଳେ ସ୍ଥାନେ ସ୍ଥାନେ ଏହା ଯତିପାତର କୌଣସି ନିୟମ ରକ୍ଷା କରେନାହିଁ । ଏହା ହିଁ ଢ଼ଗ ଛନ୍ଦ । ନିମ୍ନୋକ୍ତ ଉଦାହରଣ ଦ୍ୱୟରୁ ଏହା ସ୍ପଷ୍ଟ—

ବଙ୍ଗଳାଶ୍ରୀ ଛନ୍ଦଯୁକ୍ତ ପଦ—

ରସିକ ସୁବୋଧ ଯୁବତୀ ହୃଦୟେ ମଦନ ରାଏ ବସଇ
ଏ ପରସନେ କାମ ପରସନ ସେ ରୁଷିଲେ କାମ ରୁଷଇ
ସେବା କରଣତା ଚରଣେ ପଡ଼ିଲେ ମେ ସେବା କାମ ଘେନଇ
କାମର ସେବକ ରସିକ ଯହୁଁ ସ୍ତ୍ରି ଶିକ ପ୍ରଭୁ କରି ମାନଇ

ଯତିପାତ ରକ୍ଷା କରୁ ନ ଥିବା ପଦ—

କମଳ ଫୁଲ ଅତି ନିର୍ମଳ ସର୍ବଭୂତେ ମନୋହର
ଜନ୍ମ ତା ଜୀବନ ବିଫଳ ହୋଏ ଯଦି ନ ଚୁମ୍ବେ ଭ୍ରମର
ମନ କୁସୁମ ଅତି ସୁଷମ ତହିଁ ଭ୍ରମର ବୁଲଇ
ପଦ୍ମିନୀ ଯୁବତୀ ନ ପାଇବା ଯାକେ ଚିତ୍ତ ସେ କାତର ହୋଇ

ଢ଼ଗମାଳା କବିଙ୍କର ଅନ୍ୟ ଏକ ରଚନା । ଢ଼ଗ ଛନ୍ଦରେ ରଚିତ ଏହି ଗ୍ରନ୍ଥର ପଦଗୁଡ଼ିକର ପାଦ ସଂଖ୍ୟା ସମାନ ନୁହେଁ ଏବଂ ଏଥିରେ ଯତି-ପାତର ନିର୍ଦ୍ଦିଷ୍ଟ ନିୟମ ପରିଦୃଷ୍ଟ ହୁଏ ନାହିଁ ।

ଅନୁସନ୍ଧାନରୁ ଜଣାଯାଏ, ଗାଥା ସପ୍ତଶତୀ ଗ୍ରନ୍ଥର କ୍ରମ ଓ ବର୍ଗୀକରଣରେ ଏକ ପ୍ରାଚୀନ ଟୀକା ଟୀକାକାର ଦେବ ପ୍ରସ୍ତୁତ କରିଥିଲେ ଏବଂ ଏହି ଟୀକାର ନାମ ଥିଲ ମୁକ୍ତାବଳୀ (୭) । ନରସିଂହ ସେଣଙ୍କ ଢ଼ଗ ମୁକ୍ତାବଳୀରେ ଗାଥା ସପ୍ତଶତୀ ଗ୍ରନ୍ଥର ବହୁ ପ୍ରଭାବ ପରିଦୃଷ୍ଟ ହୁଏ । ଗ୍ରନ୍ଥର ପାଠ୍ୟ ଆଲୋଚନା ପ୍ରସଙ୍ଗରେ ସେଗୁଡ଼ିକର ଆଲୋଚନା କରାଯାଇଛି । ଏଣୁ ଏହି ଟୀକାର ନାମକରଣ ଦ୍ୱାରା ପ୍ରଭାବିତ ହୋଇ ଢ଼ଗ ଛନ୍ଦରେ ରଚିତ ଏହି ଗ୍ରନ୍ଥକୁ କବି 'ଢ଼ଗ ମୁକୁତାବଳୀ' ନାମ ପ୍ରଦାନ କରିଥିବା ଅନୁମାନ କରାଯାଇପାରେ ।

(୭) ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ) ଭୂମିକା, ପୃ-୯



Digitized by srujanika@gmail.com

# ଢଗ ମୁକୁତାବଳୀର ବିଷୟବସ୍ତୁ

ଢଗ ମୁକୁତାବଳୀ ଷୋଡ଼ର ଗୋଟି ପଞ୍ଚକକୁ ନେଇ ରଚିତ । ଏହି ପଞ୍ଚକଗୁଡ଼ିକର ନାମକରଣ ଯଥାକ୍ରମେ ହେଲା—ମୁଖାଂଶ, ନାଏକ, ନାଏକା, କାମ, ଚତୁରା, ବେଷ, ପ୍ରକୃତି, ବିରହ, ଅନୁରାଗ, ଉପଦେଶ, ସଖୀ ପ୍ରବୋଧ, ବୟସ ସନ୍ଧି, ବାଳା, ଲୀଳା, ଉଦ୍ଦୀପନ, ପ୍ରୌଢ଼ା ଏବଂ ସମ୍ଭୋଗ । ଏକମାତ୍ର ପ୍ରକୃତି ପଞ୍ଚକଟି ଛଅଗୋଟି ପଦ ଏବଂ ସମସ୍ତ ପଞ୍ଚକ ପାଞ୍ଚଗୋଟି ପଦ ବିଶିଷ୍ଟ । ମୁଖବନ୍ଧର ପ୍ରଥମ ପଦକୁ ଯୋଗ କଲେ ସମଗ୍ର ଗ୍ରନ୍ଥଟି ସତାଅଶୀ ପଦ ବିଶିଷ୍ଟ । ଏଥିରେ ଶୃଙ୍ଗାର ରସର ବିଭିନ୍ନ ବିଭାବକୁ ଗ୍ରହଣ କରି ଗୋଟିଏ ଗୋଟିଏ ପଞ୍ଚକ ରଚନା କରାଯାଇଛି । କିନ୍ତୁ ସମ୍ଭୋଗାବସ୍ଥାରେ ଆନନ୍ଦର ପରିପୂର୍ଣ୍ଣତା ଘଟୁଥିବାରୁ ବୋଧହୁଏ କବି ଏହି ପଞ୍ଚକରେ ଗ୍ରନ୍ଥର ପରିସମାପ୍ତି କରିଛନ୍ତି ।

**ରସ**—ଉକ୍ତ ଗ୍ରନ୍ଥର ପ୍ରାରମ୍ଭ ଓ ପରିସମାପ୍ତିରେ କବି ନିଜକୁ ରସିକ ବନ୍ଧୁ ରୂପେ ପରିଚୟ ପ୍ରଦାନ କରିଛନ୍ତି—

ରସିକ ବନ୍ଧୁ ବୋଲେ ସେ ରାମା ମଦନ ରଙ୍ଗ ଶୁଝଇ (ପ୍ରାରମ୍ଭ)

ରସିକ ବନ୍ଧୁ ନରସିଂହ ସେଣ ଭଣେ ଏହି ଆଳୀ ଗୀତ (ପରିସମାପ୍ତି)

କବିଙ୍କର ଏହି ଉକ୍ତି ଦ୍ୱୟରୁ ସେ ନିଜକୁ ରସିକମାନଙ୍କର ବନ୍ଧୁ ଭାବେ ପ୍ରଚାର କରିବାକୁ ଚାହୁଁଥିବା ଜଣାଯାଏ । କେବଳ ସେତିକି ନୁହେଁ । ଗ୍ରନ୍ଥ ମଧ୍ୟରେ ସେ ରସିକ ହୃଦୟ ସୁରସ ନାହିଁ (ନାଏକ ପଞ୍ଚକ/୨), ରସିକ ପୁରୁଷ ଭାବେଣ ରସଇ (ନାଏକା ପଞ୍ଚକ/୩) ରସିକ ରାମା ନାଏକ ଯେବେ (ନାଏକା ପଞ୍ଚକ/୪), କାମର ସେବକ ରସିକ (ବେଷ ପଞ୍ଚକ/୧), ରସିକମାନେ ଗରବ ନ କର (ପ୍ରକୃତି ପଞ୍ଚକ/୪), ରସିକ ଢ଼ାଙ୍କଇ କୁଚ କଳସେ (ବାଳା ପଞ୍ଚକ/୧), ରସିକ ଜୀବନ ବନ୍ଧୁ (ସଖୀ ପ୍ରବୋଧ ପଞ୍ଚକ/୪) ଆଦି ବହୁବାର 'ରସିକ' ଶବ୍ଦ ପ୍ରୟୋଗ କରିଛନ୍ତି । କେବଳ ପୁରୁଷ ପକ୍ଷରେ ନୁହେଁ, ନାରୀ ପକ୍ଷରେ ମଧ୍ୟ ସେ କାମଧେନୁ ହୋଇ ହୃଦୟ ତୋଷଇ ରସବନ୍ତୀ କାମ ଭୋଳେ (ନାଏକା ପଞ୍ଚକ/୫), ବେଦକୁ ମୋହଇ ଝରୁ ରସବନ୍ତୀ (ପ୍ରକୃତି ପଞ୍ଚକ/୨),



Digitized by srujanika@gmail.com

କାମର ପ୍ରଭାବେ ଉସବଣ୍ଣ ହୋନ୍ତି (ପ୍ରକୃତି ପଞ୍ଚକ/୩) ଇତ୍ୟାଦି 'ଉସବଣ୍ଣ' ଏବଂ ସ୍ଥଳ ବିଶେଷରେ ରସିକ ସୁବୋଧ ଯୁବଣ୍ଣ ହୃଦୟେ (ବେଷ ପଞ୍ଚକ/୧) ଆଦି ଶବ୍ଦାବଳୀ ସମୂହ ପ୍ରୟୋଗ କରିଛନ୍ତି ।

'ରସିକ' ବା 'ରସବଣ୍ଣ' ସହ 'ରସ' ନିବିଡ଼ ଭାବେ ସମ୍ପୃକ୍ତ ହେବା ସ୍ୱାଭାବିକ । 'ରସିକ' ବା ରସ ସଂଯୁକ୍ତ କରିବା ପାଇଁ କବି ବାରମ୍ବାର ରମି ରସଇ ବା ରମଇର ବ୍ୟବହାର କରିଛନ୍ତି । ନିମ୍ନରେ ସେଗୁଡ଼ିକର ଦୃଷ୍ଟାନ୍ତ ଦିଆଗଲା— ରସି ଭବ ଇଚ୍ଛୁ ନ ଜାଣଇ (ଗୁଆଂଗ୍ଲା/୩), ବାହନା ସୁରତେ ରସଇ ନାହିଁ (ଗୁଆଂଗ୍ଲା/୫), ଏମନ୍ତ ସ୍ତ୍ରୀ ଗଣିକ ରସିବାର ତହିଁ(ଗୁଆଂଗ୍ଲା/୫), ରସିକ ପୁରୁଷ ଭାବେଣ ରସଇ (ନାଏକ ପଞ୍ଚକ/୩) ଭୃଙ୍ଗୀ ମାଳତୀରେ ରସଇ (ନାଏକା ପଞ୍ଚକ/୨), ଯଉଂ ଯଉଂ ରସ ନାଏକ ରସଇ (ନାଏକା ପଞ୍ଚକ/୫), ରସିଥିଲ ପୁରୁଷମାନଙ୍କୁ (କାମ ପଞ୍ଚକ/୨), କନ୍ଦର୍ପ ଶର ଦେହରେ ରସଇ (ବେଷ ପଞ୍ଚକ/୪), ସୁଜାଣ ସୁବୋଧ ପୁରୁଷ ଥାଉ ରମନ୍ତି ଗୁଆଂର ତହିଂ (ପ୍ରକୃତି ପଞ୍ଚକ/୨), ଚନ୍ଦ୍ରକୁ ରମଇ କୁମୁଦ କୁସୁମ (ପ୍ରକୃତି ପଞ୍ଚକ/୪) ଅଧମ ଜନେ ରସଇ (ପ୍ରକୃତି ପଞ୍ଚକ/୬), ମୂଢ଼ ରସି ଲଲ ଦିଶଇ (ପ୍ରକୃତି ପଞ୍ଚକ/୬), ଭୃମ୍ଭଙ୍କୁ ରମଇ ଯଉଂ କୁସୁମ (ଅନୁରାଗ ପଞ୍ଚକ/୪) ଆପଣା ଜା'ର ପରକୁ ରସିଲ (ଅନୁରାଗ ପଞ୍ଚକ/୫), ପ୍ରିୟ ଯେବେ ଆନକୁ ରସିଲା (ସଖୀ ପ୍ରବୋଧ ପଞ୍ଚକ/୧), ଆନ ଯୁବଣ୍ଣ ତେଣୁ ସେ ରସିଲା (ସଖୀ ପ୍ରବୋଧ ପଞ୍ଚକ/୩), ଆତୁର ଜନ ସକଳ ରସଇ (ବାଳା ପଞ୍ଚକ/୩) ଇତ୍ୟାଦି ।

ଉପରେ ପ୍ରଦର୍ଶିତ ବିଭିନ୍ନ ପ୍ରୟୋଗରୁ କବି 'ରସ' ଉପରେ ଗୁରୁତ୍ୱାରୋପ କରିଥିବା ଜଣାଯାଏ । ଏଠି ରସ ଶବ୍ଦ କେବଳ ସାଧାରଣ ଅର୍ଥରେ ପ୍ରଯୁକ୍ତ ନୁହେଁ ବରଂ କବି ସଚେତନ ଭାବରେ ଅଳଙ୍କାର ଶାସ୍ତ୍ର ଆନୁଯାୟୀ 'ରସ' ବା ରସବାଦ ଅର୍ଥରେ ଏହାର ବ୍ୟବହାର କରିଥିବା ଜଣାଯାଏ ।

ଅଳଙ୍କାର ଶାସ୍ତ୍ରମାନଙ୍କରେ ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ଶାନ୍ତ, ରୌଦ୍ର, ହାସ୍ୟ ବୀଭତ୍ସ ଓ ଭୟାନକ ଭେଦରେ ନବରସ ସ୍ୱୀକାର



Digitized by srujanika@gmail.com

କରାଯାଇଛି । ରସ ନବବିଧ ହେଲେହେଁ ଆଚାର୍ଯ୍ୟଗଣଙ୍କ ଅନୁଯାୟୀ ଶୃଙ୍ଗାର ରସ ସର୍ବୋତ୍କୃଷ୍ଟ । ରସବାଦର ଆଦ୍ୟ ପ୍ରବକ୍ତା ଭରତ ମୁନି କହିଛନ୍ତି—

ଯତ୍କିଞ୍ଚିଲ୍ଲୋକେ ଶୁଚିମେଧ୍ୟମୁଜ୍ଜ୍ୱଳଂଦର୍ଶନୀୟଂ ବା ତତ୍ସର୍ବଂ
ଶୃଙ୍ଗାରେଣୋପମୀୟତେ ଉପ ଯୁଜ୍ୟତେ

(ନାଟ୍ୟଶାସ୍ତ୍ର ଷଷ୍ଠ ଅଧ୍ୟାୟ)

ଅର୍ଥାତ୍ ଏ ସଂସାରରେ ଯାହା କିଛି ମନୋରମ ପବିତ୍ର ଶୁଦ୍ଧ ପଦାର୍ଥ ତାହା ଶୃଙ୍ଗାର ରସର ଅଙ୍ଗଭାବେ ବର୍ଣ୍ଣନା କରାଯିବ ।

ରତ୍ନ ମୁକୁତାବଳୀକୁ ବିଶ୍ଳେଷଣ କଲେ କବି ଏଥିରେ 'ଶୃଙ୍ଗାର' କମ୍ବା 'ଶୃଙ୍ଗାର ରସ' ଶବ୍ଦ ପ୍ରୟୋଗ କରି ନ ଥିବା ଜଣାଯାଏ । କିନ୍ତୁ ଗ୍ରନ୍ଥ ପ୍ରାରମ୍ଭରେ ନାଗରନାଗରୀଙ୍କର ଭାବ ବିନିମୟ କରିବା ଏବଂ ମଦନ ବାଣରେ ପୀଡ଼ିତ ହେବା ପ୍ରୟୋଗରୁ ଶୃଙ୍ଗାର ରସ କବିଙ୍କର ଆଦର୍ଶ ହୋଇଥିବା ଗ୍ରହଣ କରିବାରେ କୌଣସି ଅସୁବିଧା ହୁଏ ନାହିଁ । ଗ୍ରନ୍ଥ ମଧ୍ୟରେ ବାରମ୍ବାର 'କାମ' ଶବ୍ଦ ପ୍ରୟୋଗ କରିଛନ୍ତି ଏବଂ ଏହି 'କାମ' କନ୍ଦର୍ପ ବା ମଦନ ଅର୍ଥରେ ଗୃହୀତ । ପୁନଶ୍ଚ କବି 'ରତି' ଏବଂ 'ସୁରତି'କୁ ମୁଖ୍ୟ ଆଲୋଚ୍ୟ ବସ୍ତୁ ରୂପେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ରତିରସକୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି । ତାଙ୍କ ଅନୁଯାୟୀ ରତି ରସ ହେଉଛି ଶ୍ରେଷ୍ଠ । ଶେଷ ପଦ୍ୟରେ ସେ କହିଛନ୍ତି—

'ରତି ରସରେ ଚିତ୍ତ ଥିର ହୋଏ ପରମ ଆନନ୍ଦ ଜାତ ।'

ଏଥିରୁ କବିଙ୍କର ମନୋବୃତ୍ତି ସମ୍ପର୍କରେ ଦୁଇଟି ଧାରଣା ସ୍ପଷ୍ଟ । ପ୍ରଥମତଃ ରତି ରସରେ ଚିତ୍ତ ସ୍ଥିର ହୁଏ ଏବଂ ଦ୍ୱିତୀୟତଃ ରତି ରସରୁ ପରମ ଆନନ୍ଦ ଜାତ ହୁଏ—ଚିତ୍ତ ସ୍ଥିତି ସହ ପରମ ଆନନ୍ଦକୁ ସଂଯୋଗ କଲେ ଏହା ବ୍ରହ୍ମାନନ୍ଦ ବା ମୋକ୍ଷାନନ୍ଦ ସଦୃଶ ଆନନ୍ଦ ଉପଲବ୍ଧି କରାଇଥାଏ । ମୋକ୍ଷ ଅବସ୍ଥାରେ ଜୀବ ବ୍ରହ୍ମଙ୍କ ସହ ମିଶି ଏକାକାର ହୋଇଥାଏ— ଉଭୟଙ୍କ ସତ୍ତାରେ କୌଣସି ଭେଦ ଅନୁଭୂତ ହୁଏ ନାହିଁ । ନାୟକ ନାୟିକାଙ୍କ ମିଳନକୁ ଉପଲକ୍ଷ୍ୟ କରି ଶେଷ ପଦ୍ୟରେ କବି କହିଛନ୍ତି—

'ବଢ଼ଇ ଜ୍ଞାନ ଲୟେ ତା ଧ୍ୟାନ ବେନି ମନ ସେ ଅଭେଦ ।'


Digitized by srujanika@gmail.com

କବି ତାଙ୍କର ଅନ୍ୟ ଏକ କାବ୍ୟ 'ପଦ୍ମମାଳା'ରେ ଶୃଙ୍ଗାର ରସର ପ୍ରାଧାନ୍ୟ ସ୍ୱୀକାର କରି ଲେଖିଛନ୍ତି —

ଶୃଙ୍ଗାର ରସ ପୁଣି ରସ ରାଜା
ରସିଲେ ଛାଡ଼ଇ ସକଳ ଲଜ୍ଜା,
ଆମ୍ଭର ଛାମୁରେ ମାଗିଲା ନାରୀ
ମୁକତି ପଦେ ମନେ ନ ବିଚାରି (ପଦ୍ମମାଳା, ୨୩/୩୪)

ଉକ୍ତ କାବ୍ୟରେ ପୁଣି ରତିକୁ ମୋକ୍ଷ ସଦୃଶ ଏବଂ ମୁକ୍ତିଠାରୁ ଶ୍ରେଷ୍ଠ ରୂପେ କୁହାଯାଇଛି—

୧. କାମ ମୋହେ ଯେବେ ଜନେ ଅଜ୍ଞାନ ହୋଇ
ଦୁଃଖ ସୁଖ ନ ମଣନ୍ତି କି ସେ ମୋକ୍ଷ ହୋଇ

(ପଦ୍ମମାଳା, ୧୦/୧୧୭)

୨. ତାର ଭୁଲେ ଯେବେକ ଯେ କରିଥିବ ରତି
ଯେବେକୁ ସରସା ନୋହେ ନିର୍ବାଣ ମୁକତି

(ପଦ୍ମମାଳା, ୧୧/୭୭)

ଅଳଙ୍କାର ଶାସ୍ତ୍ରଗୁଡ଼ିକରେ 'ରତି' ଶୃଙ୍ଗାର ରସର ସ୍ଥାୟୀ ଭାବ ରୂପେ ଘୋଷିତ । ଏହି ହେତୁ ବୋଧହୁଏ କବି ନରସିଂହ ସେଣା 'ଉଦ୍ଭଟ ମୁକୁତାବଳୀ'ରେ ଶୃଙ୍ଗାର ରସ ନ କହି ରତି ରସ କହିବା ସଙ୍ଗେ ବାରମ୍ବାର ସୁରତି (୭) ଏବଂ ରସ (୮) ଶବ୍ଦକୁ ପ୍ରୟୋଗ କରିଛନ୍ତି । ଏଥିରୁ ତାଙ୍କ ସ୍ୱକୀୟତାକୁ ଗ୍ରହଣ କରିହୁଏ ।

---

(୭) ଗ୍ରନ୍ଥ ମଧ୍ୟରେ 'ରତି' ୯ ଥର 'ସୁରତି' ୧୧ ଥର— ଏହିପରି ଶବ୍ଦ ମୋଟ ୨୦ ଥର ବ୍ୟବହୃତ ।

(୮) ଗ୍ରନ୍ଥରେ 'ରସିକ' ୧୦ ଥର, 'ରସି' ୬ ଥର, 'ରସଇ' ୭ ଥର 'ରମଇ' ବା 'ରମି' ୮ ଥର ଏବଂ 'ରସ' ୧୯ ଥର ବ୍ୟବହୃତ ହୋଇ ମୋଟରେ 'ରସ' ସହ ସମ୍ପର୍କିତ ଶବ୍ଦ ୫୦ ଥର ବ୍ୟବହାର କରାଯାଇଛି ।



Digitized by srujanika@gmail.com

ବିଶ୍ୱନାଥ କବିରାଜଙ୍କ ଅନୁଯାୟୀ— ରତିର୍ମନୋନୁକୂଳେଽର୍ଥେ ମନସଃ ପ୍ରବଣାୟିତମ୍ ଅର୍ଥାତ୍ ମନର ଅନୁକୂଳ ଅର୍ଥରେ ମନ ତନ୍ମୟ ହେବା ହିଁ ହେଉଛି ରତି । ସମଗ୍ର ରସ ମୁକ୍ତାବଳୀକୁ ଅନୁଶୀଳନ କଲେ ଜଣାଯାଏ, ଏଥିରେ ଅଳଙ୍କାର ଶାସ୍ତ୍ରର ନୀରସ ବିଶ୍ଳେଷଣ ବା ବିଭାଗୀକରଣ କରାଯାଇ ନାହିଁ ବରଂ ଅପର ପକ୍ଷରେ କପଟ ଆଚରଣ ପ୍ରଦର୍ଶନ କଲେ ନାୟକ ବା ନାୟିକା ପରସ୍ପରକୁ ଆକୃଷ୍ଟ କରି ହୃଦୟ ଜୟ କରିପାରିବେ ତାହାର ସୂଚନା ପ୍ରଦାନ କରାଯାଇଛି । ନାୟକ ନାୟିକା ଉଭୟେ ଉଭୟଙ୍କ ନିକଟରେ ତନ୍ମୟ ହୋଇଯିବାର ଭାବ ପ୍ରକାଶ କରିବା ଥିଲା କବିଙ୍କ ରଚନାର ମୁଖ୍ୟ ଉଦ୍ଦେଶ୍ୟ ।

**ଆଲମ୍ବନ ବିଭାବ**— ନାୟକ ଓ ନାୟିକା ହେଉଛନ୍ତି ଶୃଙ୍ଗାର ରସର ଆଲମ୍ବନ ବିଭାବ । ଅର୍ଥାତ୍ ସେମାନଙ୍କୁ ଆଶ୍ରୟ କରି ଶୃଙ୍ଗାର ରସର ଉତ୍ପତ୍ତି ହୋଇଥାଏ । ନାୟକ ପାଇଁ ନାୟିକା ହେଉଛି ରତି ଭାବର ଆଲମ୍ବନ ବିଭାବ ଏବଂ ସେ ନାୟକ ହୃଦୟରେ ରତି ଭାବର ସଞ୍ଚାର କରିଥାଏ । ଅପର ପକ୍ଷରେ ନାୟିକା ନିକଟରେ ରତିଭାବ ସଞ୍ଚାର ନିମନ୍ତେ ନାୟକ ହେଉଛି ଅବଲମ୍ବନ । ଶୃଙ୍ଗାର ରସ ଦୃଷ୍ଟିରୁ ନାୟକ ନାୟିକା ଶବ୍ଦ ପ୍ରୟୋଗ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବିଶେଷ ଭାବରେ କାବ୍ୟ କ୍ଷେତ୍ରରେ ବ୍ୟବହୃତ ହୋଇଥିବା ପ୍ରଧାନ ପୁରୁଷ ଚରିତ୍ରକୁ ନାୟକ ଓ ପ୍ରଧାନ ନାରୀ ଚରିତ୍ରକୁ ନାୟିକା ଆଖ୍ୟା ପ୍ରଦାନ କରାଯାଇଥାଏ । ଏହାର ତାତ୍ପର୍ଯ୍ୟ ହେଉଛି, କାବ୍ୟ ମଧ୍ୟରେ ମୁଖ୍ୟ ପୁରୁଷ ଓ ନାରୀ ଚରିତ୍ର ଶୃଙ୍ଗାର ରସର ଆଲମ୍ବନ ରୂପେ ଗୃହୀତ ହୋଇଥାନ୍ତି । ଏଣୁ ନାୟକ ବା ନାୟିକା କେବଳ ସାମାନ୍ୟ ପୁରୁଷ ଓ ନାରୀର ପର୍ଯ୍ୟାୟବାଚୀ ଶବ୍ଦ ନୁହେଁ, ଏମାନଙ୍କ ମଧ୍ୟରେ ପରସ୍ପରକୁ ଆକୃଷ୍ଟ କରିବା ପାଇଁ ସୌନ୍ଦର୍ଯ୍ୟ ଓ ଅନ୍ୟାନ୍ୟ ଅସାଧାରଣ ଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ । ସାଧାରଣ ପୁରୁଷ ବା ସ୍ତ୍ରୀକୁ ନାୟକ ବା ନାୟିକା ରୂପେ ଗ୍ରହଣ କଲେ ତାହା କାବ୍ୟ ଦୃଷ୍ଟିରୁ ଅବ୍ୟାବହାରିକ ହୋଇଥାଏ ।

**ନାୟିକା ଭେଦ**— ନାୟକ ଓ ନାୟିକା ପରସ୍ପରର ଆଲମ୍ବନ ହେଲେ ହେଁ ଆଳଙ୍କାରିକଗଣ ନାୟକ ଅପେକ୍ଷା ନାୟିକାକୁ ଶ୍ରେଷ୍ଠ ଆଲମ୍ବନ ରୂପେ ଗ୍ରହଣ



Digitized by srujanika@gmail.com

କରିଥାନ୍ତି (୯)। ରସ ଶାସ୍ତ୍ର ସବୁରେ ନାୟିକାମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥାଏ (୧୦)। କବି ନରସିଂହ ସେଣ ଏହି ପଦ୍ଧତିକୁ ଅନୁସରଣ କରିଥିବା ଜଣାଯାଏ। ସେ ନାଗର ନାଗରୀ ଉଭୟଙ୍କ ବର୍ଣ୍ଣନା କରୁଥିଲେ ହେଁ ରତି ମୁକ୍ତାବଳୀକୁ ନାୟିକା ହିଁ କଣ୍ଠରେ ଧାରଣ କରେ ଏବଂ ମଦନ ଋଣ ଶୁଝିଯାଏ—

"ରତି ମୁକ୍ତାବଳୀ କଣ୍ଠେ ଚବେ ଧରି ନାଇଁ ନାଏକା ବୁଝିଲି
ରସିକ ବନ୍ଧୁ ବୋଲେ ସେ ରାମା ମଦନ ଋଣ ଶୁଝିଲି।"

ଏପରି ପ୍ରୟୋଗରୁ ନାୟିକାକୁ ପ୍ରାଧାନ୍ୟ ଦେବା ସ୍ପଷ୍ଟ। ଏହି ଆଦର୍ଶ ପରବର୍ତ୍ତୀକାଳୀନ ଓଡ଼ିଆ ସାହିତ୍ୟରେ ଏତେ ପ୍ରଭାବ ବିସ୍ତାର କଲା ଯେ କବି କହିବାକୁ ଲାଗିଲେ— କାବ୍ୟରେ ନାୟିକା ସିନା ପ୍ରଧାନ।

ରତି ମୁକ୍ତାବଳୀ ଗ୍ରନ୍ଥରେ ଗୁଆଂଶ ନାରୀ, କୁଳଟା ଯୁବତୀ, ଅଧମ ଉତ୍ତମ ରାମା, ଅତି ନାଜକୁଳୀ, ଅତି ଭାବମତି, ଚତୁରୀ, ପ୍ରୌଢ଼ ଯୁବତୀ, ବାଳା ଇତ୍ୟାଦି ନାୟିକାର ବିଭିନ୍ନ ଅବସ୍ଥାର ଉଲ୍ଲେଖ ତଥା ବର୍ଣ୍ଣନା ଦେଖିବାକୁ ମିଳେ। ଏହା ବ୍ୟତୀତ ଆଲୋଚ୍ୟ ଗ୍ରନ୍ଥର ପ୍ରଥମ ପଞ୍ଜକର ନାମ କବି ରଖିଛନ୍ତି 'ଗୁଆଂଶ ପଞ୍ଜକ'। ପରେ ଅନ୍ୟାନ୍ୟ ପଞ୍ଜକ ମଧ୍ୟରୁ ନାୟିକା ନାମରେ 'ନାଏକା ପଞ୍ଜକ', 'ବୟସ ସନ୍ଧି ପଞ୍ଜକ', 'ବାଳା ପଞ୍ଜକ' ଓ 'ପ୍ରୌଢ଼ା ପଞ୍ଜକ'ର ନାମକରଣ କରାଯାଇଛି।

ସଂସ୍କୃତ ଅଳଙ୍କାର ଶାସ୍ତ୍ର ସବୁରେ ନାୟିକାମାନଙ୍କୁ ଜାତି, କର୍ମ, ଗୁଣ ଓ ଅବସ୍ଥା ଅନୁସାରେ ବିଭିନ୍ନ ଭାଗରେ ବିଭାଜିତ କରାଯାଇଛି।

---

(୯) ରସ ମଞ୍ଜରୀ, ପୃ-୭

(୧୦) ଯଂ ରସମୁପନିବଧ୍ନ ମେଷ କବିଃ ପ୍ରବୃତ୍ତଃ ସ ଯଦ୍ୟପ୍ୟକୃତ୍ରିମାନୁରାଗ ସ୍ତ୍ରୀ ପୁଂସ ପରସ୍ପରାନୁରାଗ କଲ୍ଲୋଳିତ ପରା କୋଟିମଧି ରୋହତି ତଥାପି ନାୟିକାୟାଃ ପ୍ରାଧାନ୍ୟମ୍।

ଅମରୁ ଶତକମ୍ (ନିର୍ଣ୍ଣୟ ସାଗର ପ୍ରେସ ପ୍ରକାଶିତ), ପୃ-୨



Digitized by srujanika@gmail.com

ଜାତି ଅନୁସାରେ ନାୟିକା ପଦ୍ମିନୀ, ଶଙ୍ଖିନୀ, ହସ୍ତିନୀ ଓ ଚିତ୍ରିଣୀ ଭେଦରେ ଚତୁର୍ବିଧ । କବି ନରସିଂହ ସେଣ ଏହି ଭାବରେ ବିଭାଗୀକରଣ ନ କରିଥିଲେ ମଧ୍ୟ ପଦ୍ମିନୀ ନାୟିକା ସର୍ବୋତ୍କୃଷ୍ଟା ହୋଇଥିବା ଏବଂ ଉକ୍ତ ଜାତୀୟା ନାୟିକା ଲାଭ ନ କରିବା ପର୍ଯ୍ୟନ୍ତ ମନ ସନ୍ତୁଷ୍ଟ ନ ହେଉଥିବା କହିଛନ୍ତି—

'ପଦ୍ମିନୀ ଯୁବତୀ ନ ପାଇବା ଯାକେ ଚିତ୍ତ ସେ କାତର ହୋଇ'
— ପ୍ରକୃତି ପଞ୍ଚକ/୧

କର୍ମକୁ ଆଧାର କରି ନାୟିକା ସ୍ୱକୀୟା, ପରକୀୟା ଓ ସାମାନ୍ୟା ନାମରେ ନାମିତ । ସ୍ୱକୀୟା ବା ସ୍ୱୀୟା ନାୟିକା କେବଳ ଆପଣା ପତି ସହ ସମ୍ପର୍କିତ ରହିଥିବାବେଳେ ପରକୀୟା ନାୟିକା ଆପଣା ପତି ବ୍ୟତୀତ ଅପର ପୁରୁଷ ପ୍ରତି ଆସକ୍ତା ହୁଏ । କିନ୍ତୁ ସାମାନ୍ୟା ବା ଗଣିକା ବହୁ ପୁରୁଷଙ୍କ ସହ ସମ୍ପର୍କ ସ୍ଥାପନ କରି ପ୍ରତି ବଦଳରେ ଧନ ଗ୍ରହଣ କରେ । ରାଗ ମୁକ୍ତାବଳୀର ଶୃଙ୍ଗାର ପଞ୍ଚକର ଏକ ସ୍ଥଳରେ ନାୟିକା ନାୟକର ରସଭାବକୁ ପରିତ୍ୟାଗ କରି ଧନକୁ ଇଚ୍ଛା କରୁଥିବା ପରିଦୃଷ୍ଟ ହୁଏ—

'ରମି ଭାବ ଇଚ୍ଛି ନ ଜାଣେ ଧନକୁ କରଇ ସଧ'

ଏହି ଏକମାତ୍ର ଉଦାହରଣ ହେଉଛି ସାମାନ୍ୟା ବା ଗଣିକାର ପରିଚୟ ।

ଚତୁର୍ଥ ପଞ୍ଚକରେ ବର୍ଣ୍ଣିତ ହୋଇଥିବା ଅନ୍ତଃପୁରବାସିନୀ ନାୟିକା, ପଥ ପ୍ରାନ୍ତର ନାୟିକା, କ୍ରୀଡ଼ାଳପୁଷ୍ପ ନାୟିକା, ସଖୀ ମେଳର ନାୟିକା ଏବଂ ସରୋବର ତଟବର୍ତ୍ତୀ ନାୟିକା ପର ପୁରୁଷ ପ୍ରତି ଆକୃଷ୍ଟ ହୋଇ ନିଜ ନିଜର ଚତୁରତା ପ୍ରଦର୍ଶନ କରିଛନ୍ତି । ସେହିପରି ଅନୁରାଗ ପଞ୍ଚକର ଅନ୍ତିମ ପଦରେ ବର୍ଣ୍ଣିତ ହୋଇଥିବା 'ଆପଣା ଜାରେ ପରକୁ ରସିଲି' ପ୍ରୟୋଗରୁ ନାୟିକା ପରକୀୟା ହୋଇଥିବା ଜଣାଯାଏ । ଏତଦ୍ ବ୍ୟତୀତ ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଥିବା ସମସ୍ତ ନାୟିକାଗଣ ହେଉଛନ୍ତି ସ୍ୱକୀୟା ।

ଆଳଙ୍କାରିକ ଭାନୁଦତ୍ତଙ୍କ ଅନୁଯାୟୀ ସ୍ୱୀୟା ନାୟିକା ମୁଗ୍ଧା, ମଧ୍ୟା ଓ ପ୍ରଗଲ୍ଭା ଭେଦରେ ତିନି ପ୍ରକାର (୧୧) । ଆଚାର୍ଯ୍ୟଗଣ ସାଧାରଣତଃ

(୧୧) ରସମଞ୍ଜରୀ, ପୃ-୯



Digitized by srujanika@gmail.com

ନବଯୌବନ ପ୍ରାପ୍ତହେବା ପୂର୍ବ ଅବସ୍ଥାଠାରୁ ପତି ସହ କନ୍ଦର୍ପ ମିଳିତ ହେବା ସମୟ ପର୍ଯ୍ୟନ୍ତ ନାୟିକାର ଅବସ୍ଥାକୁ ମୁଗ୍‌ଧା ଆଖ୍ୟା ପ୍ରଦାନ କରିଥାନ୍ତି । ନାୟିକା ଏହି ଅବସ୍ଥାରେ ଅତ୍ୟଧିକ ଲଜ୍ଜାଶୀଳା ହୋଇଥାଏ । ଭାନୁଦତ୍ତ ମୁଗ୍‌ଧାକୁ ସ୍ୱୀୟା (ବିବାହିତା)ର ଅନ୍ତର୍ଭୁକ୍ତ କରିଥିବାବେଳେ ବିଶ୍ୱନାଥ ଚରିତ୍ରାୟୁକୁ ମଧ୍ୟ କନ୍ୟକା ଏବଂ ପରୋଢ଼ା ଭେଦରେ ବିଭକ୍ତକରିଛନ୍ତି । ଏଥିମଧ୍ୟରୁ କନ୍ୟକା ଅବିବାହିତା ହୋଇଥିବାବେଳେ ପରୋଢ଼ା ବିବାହିତା ନାୟିକା । ବୟଃକ୍ରମ ଅନୁସାରେ ନାୟିକାର ମୁଗ୍‌ଧା,ମଧ୍ୟା, ପ୍ରଗଲ୍‌ଭା ଭେଦକୁ ଭରତ ମୁନି, ରୁଦ୍ରଟ, ଧନଞ୍ଜୟ, ଭୋଜରାଜ, ଭାନୁଦତ୍ତ, ପ୍ରତାପରୁଦ୍ର ଯଶୋଭୂଷଣ, ବିଶ୍ୱନାଥ କବିରାଜ ଓ ରୂପ ଗୋସ୍ୱାମୀ ପ୍ରମୁଖ ବିଭିନ୍ନ ଆଚାର୍ଯ୍ୟଗଣ ମଧ୍ୟ ସ୍ୱୀକାର କରିଛନ୍ତି ।

ଯୌବନର ଆବିର୍ଭାବ ହିଁ ମୁଗ୍‌ଧା ନାୟିକାର ପ୍ରଥମ ଲକ୍ଷଣ । ମୁଗ୍‌ଧା ନାୟିକାର ବିଭିନ୍ନ ଅବସ୍ଥାକୁ ଲକ୍ଷ୍ୟକରି ଆଚାର୍ଯ୍ୟଗଣ ବୟୋମୁଗ୍‌ଧା, କାମମୁଗ୍‌ଧା, ଅଜ୍ଞାତ ଯୌବନା, ଜ୍ଞାତ ଯୌବନା, ପ୍ରଥମାବତୀର୍ଣ୍ଣ ଯୌବନା, ପ୍ରଥମାବତୀର୍ଣ୍ଣ ମଦନ ବିକାର, ରତିବାମା, ମାନମୃଦୁ, ସମଧିକ ଲଜ୍ଜାବତୀ ଆଦି ବିଭିନ୍ନ ନାମରେ ନାମିତ କରିଛନ୍ତି । ନାୟିକାର ଶିଶୁ ଭାବର ଅନ୍ତିକ୍ରମ ଏବଂ ଯୌବନର ପଦାର୍ପଣ ଅବସ୍ଥାକୁ ଉପଜୀବ୍ୟ କରି ଡ଼ଗ ମୁକ୍ତାବଳୀରେ ବୟସ ସନ୍ଧି ପଞ୍ଚକ ରଚିତ । ବୟସ ସନ୍ଧି ଅବସ୍ଥାରେ ନାୟିକା ନାୟକର ମନକୁ ମୁଗ୍‌ଧ କରିପାରୁଥିବାରୁ ବୋଧହୁଏ ଆଳଙ୍କାରିକଗଣ ଏହି ଅବସ୍ଥାର ନାମକରଣ କରିଛନ୍ତି 'ମୁଗ୍‌ଧା' । ଏହି ବୟଃସନ୍ଧି ଅବସ୍ଥା ଥିଲା କବି ନରସିଂହ ସେଣଙ୍କର ଅତୀବ ପ୍ରିୟ । କାରଣ ଡ଼ଗ ମୁକ୍ତାବଳୀ ବ୍ୟତୀତ ଗୋପକେଳିରେ ମଧ୍ୟ ସେ ଏହାର ଉଲ୍ଲେଖ କରିଛନ୍ତି—

୧. ଶିଶୁ ଭାବ ଶେଷେ ଯୌବନ ଆଦ୍ୟେ ଯେହ୍ନେ ଶୋଭାପାଇ ବାଳା

୨. ବାଳାର ବୟେସ ସନ୍ଧିର କାଳେ ଯେସନେ ନାଏକ ବନ୍ଦୀ ।

ବୟଃସନ୍ଧି ନାୟିକାର ଅନ୍ୟତମ ଆକର୍ଷଣୀୟ ବିଭାବ ହେଉଛି ଲଜ୍ଜା । ଏହି ଲଜ୍ଜା ହେତୁ ସେ ନାୟକ ସହ ସ୍ୱଚ୍ଛନ୍ଦରେ ମିଶିପାରେ ନାହିଁ । ଅଥଚ ନାୟିକାର ଏହି ପ୍ରତିକୂଳାଚରଣ ନାୟକକୁ ଅପାର ଆନନ୍ଦ ପ୍ରଦାନ



Digitized by srujanika@gmail.com

କରେ । ଢଗ ମୁକୁତାବଳୀର ବୟସ ସନ୍ଧି ପଞ୍ଚକରେ ନବ ଯୌବନା ନାୟିକାର ଲଜ୍ଜା ଭାବ ଉପରେ ଗୁରୁତ୍ୱାରୋପ କରାଯାଇଛି ।

ମୁଗ୍ଧା ନାୟିକା ନାୟକ ସହ ମିଳିତ ହେବାପରେ ତାହାର ଅବସ୍ଥାକୁ ପର୍ଯ୍ୟବେକ୍ଷଣ କରି ଆଳଙ୍କାରିକଗଣ ସେମାନଙ୍କୁ ନବୋଢ଼ା ଏବଂ ବିଶ୍ରବ୍ଧ ନବୋଢ଼ା ଏହି ଦୁଇ ଭାଗରେ ବିଭକ୍ତ କରିଛନ୍ତି । ନବୋଢ଼ା ନାୟିକା କାନ୍ତ ସଙ୍ଗମକୁ ଭୟଙ୍କର କାନ୍ତକୁ ଯମତୁଲ୍ୟ ଜ୍ଞାନ କରେ । କିନ୍ତୁ ବିଶ୍ରବ୍ଧ ନବୋଢ଼ା ନାୟିକା ନିକଟରେ କାମଭାବ ପ୍ରକାଶ ପାଏ । ସେ ନାୟକର ଅନୁପସ୍ଥିତିରେ ସମ୍ଭୋଗକୁ ମୂର୍ତ୍ତିମାନ୍ ଭାବରେ ଚାହେଁ କିନ୍ତୁ ବାସ୍ତବରେ ନାୟକ ସମ୍ମୁଖରେ କିଛି କହିପାରେ ନାହିଁ କମ୍ବା କରିପାରେ ନାହିଁ । ନାୟକ ତାହା ନିକଟରୁ ଅନ୍ତର୍ହିତ ହେବାପରେ ସେ ଅତ୍ୟନ୍ତ ଦୁଃଖ ପ୍ରକାଶ କରେ । ନାୟିକାର ଏହି ମାନସିକ ଦ୍ୱନ୍ଦ୍ୱ 'ଢଗ ମୁକୁତାବଳୀ'ରେ ଅତି ଜୀବନ୍ତ ଭାବେ ପ୍ରକାଶିତ –

ଓଷ୍ଠସ୍ପୃଷ୍ଟ କରେ ଚୁମ୍ବନ ଦେବାକୁ ଲାଜେଣ ଚୁମ୍ବଇ ନାହିଂ
କଣ୍ଠରେ ହସି କାନ୍ତର ହୃଦରେ ବଦନ ଯୋଡ଼ାଇ ନେଇ
ଗୃହକୁ ବଚନେ ଖଣେ ଲାଜ ଗ୍ରାସଇ ପୁଣି ପୁଣି ବୁଝଇ ଲାଜେ
ଆଲିଙ୍ଗନ ଦେବାକୁ ବହୁତ ମନ ଭାଙ୍ଗଇ ନାହିଂ ତା ଭୁଜେ

× × × ×

ଆଜି କେଳି ନାନା ରଙ୍ଗେ କରିବି ବିଚାରୁଥାଇ ତା ଚିତ୍ତେ
କାନ୍ତର ମୁଖକୁ ଚାହାଁଇ ଯେବେ ଲାଜ ବାଧଇ ଭୁରିତେ
ପଛ କରି ପୁଣି ଭାଳଇ ବାଳା ଦୁଃଖ ଲଭୁଥାଇ ମନେ
ଭୁରି ଭୋଜନ ଖାଇ ନ ପାରି ରଙ୍କି ଭାଳଇ ଯେସନେ ।

(ବାଳା ପଞ୍ଚକ)

ନବୋଢ଼ା ନାୟିକାର ସାଧାରଣ ଅର୍ଥ ହେଉଛି କାନ୍ତ ସହ ପ୍ରଥମ ଥରପାଇଁ ମିଳିତ ହେଉଥିବା ନାୟିକା । କିନ୍ତୁ ଉପରେ ପ୍ରଦତ୍ତ ହୋଇଥିବା ବର୍ଣ୍ଣନାରୁ ନାୟିକାର ପ୍ରଥମ ମିଳନ ସମ୍ପର୍କରେ ସୂଚନା ମିଳେ ନାହିଁ । ଏଥି



Digitized by srujanika@gmail.com

ଉପରୋକ୍ତ ନାୟିକାକୁ ବଶ୍ରବ୍ଧ ନବୋଢ଼ା ନାୟିକା ରୂପେ ଗ୍ରହଣ କରାଯାଇପାରେ । କାରଣ ଏଥିରେ ମିଳନ ଆକାଂକ୍ଷା ଥିଲେ ହେଁ ଲଜ୍ଜାଭାବ ସମ୍ପୂର୍ଣ୍ଣ ରୂପେ ଅପସର ଯାଇନାହିଁ । କବିଙ୍କ ଡ଼ଗ ମୁକୁତାବଳୀରେ ମୁଗ୍ଧା ନାୟିକା ପାଇଁ ବୟସ ସନ୍ଧି ପଞ୍ଚକ ଓ ବାଳା ପଞ୍ଚକ ରଚିତ ।

ମୁଗ୍ଧା ନାୟିକା ପତି ସହ ମିଳିତ ହେବାପରେ ମଧ୍ୟାରେ ପରିଣତା ହୁଏ । ଏହି ଅବସ୍ଥାରେ ତାହା ନିକଟରୁ ଲଜ୍ଜାଭାବ ସମ୍ପୂର୍ଣ୍ଣ ରୂପେ ତିରୋହିତ ନ ହେଲେ ମଧ୍ୟ କାମଭାବ ତାକୁ ବିଶେଷ ପରିମାଣରେ ଆଶ୍ରୟ କରେ । ଏହି କାମ ଭାବ ଓ ଲଜ୍ଜା ଭାବର ସମନ୍ୱୟ ହେତୁ ନାୟିକା ନାୟକର ହୃଦୟ ଆକୃଷ୍ଟ କରିବାକୁ ସମର୍ଥା ହୁଏ । ନାୟିକାର ଏହି ଭାବକୁ ସ୍ମରଣ କରି 'ନାଏକା ପଞ୍ଚକ'ରେ କବି କହିଛନ୍ତି—

ଅତିହିଂ ନାଜକୁଳୀ ଆମ୍ବିଳ ଯେସନ ବହୁତ ନୁହଇ ଖାଇ
ଅତି ଭାବ ମତି ମଧୁର ଯେସନ ବେଗେ ତୃଣ୍ତ ମଧୁରାଇ
ନାଜ ଭାବ ମିଶି ଯେବଣ ସୁରତି ସେହି ସେ ହରଇ ମନ
ଆମ୍ବିଳ ମଧୁର ମିଶି ଚୂତ ଫଳ ମୋହଇ ସର୍ବ ଭୁବନ

— ନାଏକା ପଞ୍ଚକ/୨

ଆଳଙ୍କାରିକମାନଙ୍କ ଅନୁଯାୟୀ ବୟଃକ୍ରମ ଅନୁସାରେ ଅନ୍ତିମ ଭେଦ ହେଉଛି ପ୍ରଗଲ୍‌ଭା । ଉକ୍ତ ଅବସ୍ଥାରେ ନାୟିକା ନିକଟରୁ ଲଜ୍ଜା ଭାବ ସମ୍ପୂର୍ଣ୍ଣ ରୂପେ ଅପସରି ଯାଏ ଏବଂ ସେ କାମ ଭାବରେ ପ୍ରବଳା ହୁଏ । ଧନଞ୍ଜୟଙ୍କ ମତରେ ସୁରତି କାଳରେ ଚେତନା ହରାଇବା ପ୍ରଗଲ୍‌ଭା ନାୟିକାର ଏକ ଲକ୍ଷଣ (୧୨) ।

ଡ଼ଗ ମୁକୁତାବଳୀର 'ଅନୁରାଗ ପଞ୍ଚକ'ରେ ସୁରତି କାଳରେ ନାୟିକା ମୋହପ୍ରାପ୍ତା ହେଉଥିବା ଏବଂ 'ସମ୍ଭୋଗ ପଞ୍ଚକ'ରେ ଗାଢ଼ ଆଲିଙ୍ଗନ ସମୟରେ ହତଜ୍ଞାନ ହେଉଥିବା ଅର୍ଥାତ୍ ଚେତନା ହରାଉଥିବା ବର୍ଣ୍ଣିତ—

---

(୧୨) ଯୌବନାନ୍ଧା ସ୍ମରୋନ୍ମତ୍ତା ପ୍ରଗଲ୍‌ଭା ଦୟିତାଙ୍ଗକେ
ବିଲୀୟମାନେ ବାନନ୍ଦୋଦ୍ଧତାରମ୍ଭେଽପ୍ୟ ଚେତନା — ଦଶରୂପକ



Digitized by srujanika@gmail.com

ସୁରତି କାଳେ ମୋହ ସେ ଯାଇ ରମଣୀ ଯଉଂ କାମେମା
(ଅନୁରାଗ ପଞ୍ଚକ)

ଗାଢ଼ ଆଲିଙ୍ଗନେ ବୁଡ଼ଇ ଜ୍ଞାନ ଅଧର ମଧୁଭ ପାନେ
(ସମ୍ଭୋଗ ପଞ୍ଚକ)

ତେଣୁ ଏହି ନାୟିକାମାନଙ୍କୁ ପ୍ରଗଳ୍ଭା ଭାବେ ଗ୍ରହଣ କରାଯାଇପାରେ । ଧନଞ୍ଜୟ ଏବଂ ବିଶ୍ୱନାଥ କବିରାଜ ଯୌବନକୁ ପ୍ରଗଳ୍ଭା ନାୟିକାର ଅନ୍ୟ ଏକ ଲକ୍ଷଣ ରୂପେ ନିର୍ଦ୍ଦେଶ କରିଛନ୍ତି । କିନ୍ତୁ କବି ନରସିଂହ ସେଣଙ୍କ 'ପ୍ରୌଢ଼ା ପଞ୍ଚକ'ରେ ପ୍ରୌଢ଼ା ନାୟିକାର ବୟସ ଅତିକ୍ରାନ୍ତ ହୋଇଥିବା ସୂଚିତ—

ଉତ୍ତମ ନାରୀ ହୃଦରୁ ଯେବେ କୁଚ କଳସ ଖସଇ
(ପ୍ରୌଢ଼ା ପଞ୍ଚକ/୧)

କବିଙ୍କ ଅନୁଯାୟୀ ନାୟିକାର ଭାବରସ ତାହାର ବୟସ ଉପରେ ନିର୍ଭର କରେ ନାହିଁ । ବୟସ ନୁହେଁ, ଭାବରସ ହିଁ ନାୟକକୁ ସନ୍ତୁଷ୍ଟ କରେ ।

ସଂସ୍କୃତ ଅଳଙ୍କାର ଶାସ୍ତ୍ରମାନଙ୍କରେ ନାୟିକା ଭେଦ ପ୍ରସଙ୍ଗରେ ମୁଗ୍ଧା, ମଧ୍ୟା, ପ୍ରଗଳ୍ଭା ପ୍ରଭୃତି ନାମକରଣ କବି ନରସିଂହ ସେଣଙ୍କ ଗ୍ରନ୍ଥରେ ପରିଦୃଷ୍ଟ ହୁଏ ନାହିଁ । ପ୍ରୌଢ଼ା ନାମକରଣ ତାଙ୍କ ସ୍ୱକୀୟତାର ପରିଚାୟକ । ପୁଣି ବୟଃକ୍ରମ ଦୃଷ୍ଟିରୁ ପରୀକ୍ଷା କଲେ ମୁଗ୍ଧା ମଧ୍ୟା ପରେ ପ୍ରୌଢ଼ାବସ୍ଥା ହିଁ ଅଧିକ ଯୁକ୍ତି ସଙ୍ଗତ ।

ଗୁଣକୁ ଆଧାର କରି ନାୟିକାକୁ ଉତ୍ତମା, ମଧ୍ୟମା ଏବଂ ଅଧମା ଭାବରେ ବିଭକ୍ତ କରାଯାଇଥାଏ । ପତି ଯେତେ ଦୋଷ କଲେ ମଧ୍ୟ ଉତ୍ତମା ନାୟିକା କ୍ରୁଦ୍ଧା ହୁଏ ନାହିଁ, ମାନ ମଧ୍ୟ ପ୍ରକାଶ କରେ ନାହିଁ । ମଧ୍ୟମା ନାୟିକା ପତିର ବ୍ୟବହାରରେ ଅସନ୍ତୁଷ୍ଟା ହୋଇ ମାନ ପ୍ରକାଶ କରେ ସତ କିନ୍ତୁ ନାୟକର ଅନୁନୟ ବିନୟ ଅର୍ଥାତ୍ ଶୀଘ୍ର ପ୍ରସନ୍ନା ହୁଏ । ଅପର ପକ୍ଷରେ ଅଧମା ନାୟିକା ନାୟକର ସାମାନ୍ୟ ଦୋଷରେ ଅତିଶୟ ରୁଷ୍ଟା ହୋଇ ଅତିରିକ୍ତ ମାନ ପ୍ରକାଶ କରେ । ନାୟକର ଅନୁନୟ ବିନୟ ଦୂରେଥାଉ ନାୟକ ତାହାର ପାଦ ଧରି ପ୍ରଣାମ କଲେ ମଧ୍ୟ ମାନ ଭଗ୍ନ କରେ ନାହିଁ ।



Digitized by srujanika@gmail.com

ଅଳଙ୍କାର ଶାସ୍ତ୍ରରେ ଏପରି ନାୟିକାକୁ 'ମାନବତୀ' କୁହାଯାଇଥାଏ । କିନ୍ତୁ କବି ନରସିଂହ ସେଣ ଏପରି ନାୟିକାକୁ 'ଗୁଆଂଶ୍ୱ' ନାୟିକା ଭାବେ ନୂତନ ନାମକରଣ କରିଛନ୍ତି । ତାଙ୍କ ଅନୁଯାୟୀ ଗୁଆଂଶ୍ୱ ନାୟିକା ପ୍ରକୃତରେ ନାୟକର ଭାବରସ ବୁଝିବାକୁ ସମର୍ଥ ହୋଇ ନଥାଏ । ଆଚାର୍ଯ୍ୟଗଣଙ୍କ ଅନୁଯାୟୀ ନାୟିକା ଅବଶ୍ୟ ମାନବତୀ ହୋଇ ମାନ ପରିତ୍ୟାଗ ନ କଲେ ରସାନ୍ତର ଘଟେ । ସେହିପରି ଗୁଆଁଶ୍ୱ ନାୟିକାର ଭାବ ରସାନ୍ତର ଘଟିବା ପାଇଁ ସାହାଯ୍ୟ କରେ ।

ରସ ଶାସ୍ତ୍ରର ଆଦି ପ୍ରବକ୍ତା ଭରତ ମୁନି 'ନାଟ୍ୟଶାସ୍ତ୍ର'ରେ ଅବସ୍ଥା ଭେଦରେ ନାୟିକାକୁ ବାସକ ସଜ୍ଜା, କରହୋତ୍କଣ୍ଠିତା, ସ୍ୱାଧୀନ ପତିକା, କଳହାନ୍ତରିତା, ଖଣ୍ଡିତା, ବିପ୍ରଲବ୍ଧା, ଅଭିସାରିକା, ପ୍ରୋଷିତ ଭର୍ତ୍ତୃକା ଆଦି ଅଷ୍ଟବିଧ ଘୋଷଣା କରିଛନ୍ତି । ପରବର୍ତ୍ତୀ ଆଚାର୍ଯ୍ୟଗଣ ପ୍ରାୟ ସମସ୍ତେ ଭରତଙ୍କର ଏହି ଭେଦକୁ ସମର୍ଥନ କରିଛନ୍ତି । ଡ଼ଗ ମୁକୁତାବଳୀକୁ ଅନୁଶୀଳନ କଲେ ସେଥିରୁ ନିମ୍ନ କେତେକ ଶ୍ରେଣୀର ନାୟିକାର ବର୍ଣ୍ଣନା ଦୃଷ୍ଟିଗୋଚର ହୋଇଥାଏ ।

**ବାସକ ସଜ୍ଜା** — ପ୍ରିୟ ପାଇଁ ଯେଉଁ ନାୟିକା କେଳି ଗୃହକୁ ବାରମ୍ବାର ସଜାଉଥାଏ ତାହାକୁ ବାସକ ସଜ୍ଜା କୁହାଯାଇଥାଏ । ଅନୁରାଗ ପଞ୍ଚକର ଏକ ସ୍ଥଳରେ ଅଛି—

ତାହାଙ୍କୁ ଦେଖି ବିରସ ବାମା ବେଗେଣ ଶେଯ ପକାଇ
ଘନ ଘନ କରି ନିଃଶ୍ୱାସ ଗ୍ରୁଡଇ ଚକ୍ଷୁରେ ଲୁହ ମୂଦେଇ

ବାଳା ପଞ୍ଚକର ଅନ୍ୟ ଏକ ସ୍ଥଳରେ ଉଲ୍ଲିଖିତ—

ଆଜର କେଳି ନାନା ରଙ୍ଗେ କରିବ ବିଚାରୁଥାଇ ତା ଚିତ୍ତେ

ଉଭୟ ଉଦାହରଣରୁ ନାୟିକାକୁ ବାସକ ସଜ୍ଜା ଭାବେ ଗ୍ରହଣ କରାଯାଇପାରେ ।

**ସ୍ୱାଧୀନ ପତିକା**— ସ୍ୱାଧୀନ ପତିକା ନାୟିକା ପ୍ରିୟତମର ଅଭିପ୍ରାୟ ଅନୁଯାୟୀ ତାହାର ଆଜ୍ଞା ପାଳନ କରିଥାଏ । କବି ଭୋଜରାଜ ନାୟିକାର ଏହି ଅବସ୍ଥାର ଲକ୍ଷଣ ନିର୍ଦ୍ଦେଶ କରି କହିଛନ୍ତି—



Digitized by srujanika@gmail.com

ସ୍ୱାଧୀନ ପତିକା ସା ତୁ ଯସ୍ୟା ପାର୍ଶ୍ୱ ନ ମୁଞ୍ଚତି
ପ୍ରିୟଶ୍ଚିତ୍ର ରତି କ୍ରୀଡ଼ା ସୁଖା ସ୍ୱାଦେନ ଲୋଲୁପଃ

ଅର୍ଥାତ୍ ନାୟିକାର ଚିତ୍ର ବିଚିତ୍ର ରତିକ୍ରୀଡ଼ାର ଲୋଲୁପତାରେ ମୁଗ୍ଧ ହୋଇ ନାୟକ ତାହାକୁ ପରିତ୍ୟାଗ କରେ ନାହିଁ । ପ୍ରୌଢ଼ା ପଞ୍ଚକର ଏକ ସ୍ଥଳରେ କବି କହିଛନ୍ତି—

କାନ୍ତକୁ ଯେସନେ ବଶ କରିପାରି ଏସନ ସଂସାର ସ୍ଥିତି
କୁଚ କଠିଣ ଦେହ କୋମଳେ ବଶ୍ୟ କରନ୍ତି ଯୁବତୀ ।

ଏଠାରେ ନାୟିକା ନିଜର ଶାରୀରିକ ସୌନ୍ଦର୍ଯ୍ୟ ତଥା ସମ୍ଭୋଗ ଲୀଳା ଦ୍ୱାରା ନାୟକକୁ ସମ୍ପୂର୍ଣ୍ଣ ବଶୀଭୂତ କରୁଥିବା ଜଣାଯାଏ । ନାୟକକୁ ବଶୀଭୂତ କରିବା ଏବଂ ନାୟକ ନାୟିକାର ପାର୍ଶ୍ୱ ପରିତ୍ୟାଗ ନ କରିବା ମଧ୍ୟରେ କୌଣସି ପାର୍ଥକ୍ୟ ଜଣାଯାଏ ନାହିଁ । ଏଣୁ ଏଠାରେ ନାୟିକାକୁ ସ୍ୱାଧୀନ ପତିକା ଭାବେ ଅନୁମାନ କରାଯାଇପାରେ ।

**ଖଣ୍ଡିତା**— ଅପର ସ୍ତ୍ରୀର ସମ୍ଭୋଗ ଚିହ୍ନକୁ ଧାରଣ କରି ନାୟକ ନାୟିକା ନିକଟରେ ଉପସ୍ଥିତ ହେଲେ ନାୟିକାକୁ ଖଣ୍ଡିତା ଆଖ୍ୟା ଦିଆଯାଏ । ଏହି ଅବସ୍ଥାରେ ଖଣ୍ଡିତା ନାୟିକା ଆପଣା ରୋଷ ପ୍ରକାଶ କରିବା ସ୍ୱାଭାବିକ କଥା । ଅଥଚ ପ୍ରୌଢ଼ା ପଞ୍ଚକରେ କବି ନରସିଂହ ସେଣ ଉଲ୍ଲେଖ କରିଛନ୍ତି—

ଆପଣା କାନ୍ତ ପରସଙ୍ଗେ ଗଲେ ତାହାଂ କ ନ କରେ ରୋଷ
ଆପଣା ମନରେ ଗରବ ଧରି ପରକୁ ଦିଅଇ ଦୋଷ

ଉକ୍ତ ପଂକ୍ତିରେ ନାୟିକା ନାୟକ ପ୍ରତି ରୋଷ ପ୍ରକାଶ ନ କରି ଅପର ନାୟିକାକୁ ଦୋଷାରୋପ କରିଛି । ଏଣୁ ନାୟିକା ଖଣ୍ଡିତା ହୋଇଥିବା ଗ୍ରହଣଯୋଗ୍ୟ ।

**ଅଭିସାରିକା**— ପ୍ରିୟ ସହିତ ମିଳନ ନିମନ୍ତେ ଉତ୍ସୁକା ହୋଇ ସଙ୍କେତ ସ୍ଥଳକୁ ଗମନ କରୁଥିବା କିମ୍ବା ଦୂତୀକୁ ପ୍ରେରଣ କରୁଥିବା ନାୟିକା ହିଁ ଅଭିସାରିକା । 'ନାଏକା ପଞ୍ଚକ'ର ଏକ ସ୍ଥଳରେ କବିଙ୍କର ଉକ୍ତି—



Digitized by srujanika@gmail.com

ଆସି ନ ପାରିଲେ ଦୂତୀ କୁ ପେଷଇ ମନେ ଲଭୁଥାଇ ତାପ
ଏମନ୍ତ ସ୍ୱାମୀର ସଙ୍ଗ ନ ପାଇଲେ କୋଟିଏ ଜନ୍ମର ପାପ ।

ଏଠାରେ ନାୟିକା କୌଣସି କାରଣ ବଶତଃ ଆସି ନ ପାରିବାରୁ ଦୂତୀକୁ ପ୍ରେରଣ କରିଛି । ଏଥିରୁ ତାହାର ମିଳନ ନିମନ୍ତେ ଆବେଗ ବା ଉତ୍କଣ୍ଠାକୁ ଗ୍ରହଣ କରିହୁଏ । ତାହା ନିକଟରେ କେବଳ ମିଳନଟା ବଡ଼ କଥା ନୁହେଁ, ପ୍ରିୟତମକୁ ଦେଇଥିବା ଜବାବ ହିଁ ସମ୍ପର୍ଣମାଣରେ ଗୁରୁତ୍ୱପୂର୍ଣ୍ଣ । ନାୟିକା ସଙ୍କେତ ସ୍ଥଳକୁ ନିଜେ ନ ଯାଇପାରି ଦୂତୀକୁ ପ୍ରେରଣ କରିଥିବାରୁ ଅଭିସାରିକା ପରିସରଭୁକ୍ତ ।

**ଗର୍ବିତା**— ଆଳଙ୍କାରିକ ଭାନୁଦତ୍ତ ଗର୍ବକୁ ଏକ ବିଭାବ ରୂପେ ଗ୍ରହଣ କରି ଗର୍ବିତା ଭାବରେ ନାୟିକାର ଏକ ବିଭାଗୀକରଣ କରିଛନ୍ତି । ପୁଣି ତାଙ୍କ ଅନୁଯାୟୀ ଏହି ଗର୍ବିତା ନାୟିକା ପ୍ରେମ ଗର୍ବିତା ଓ ସୌନ୍ଦର୍ଯ୍ୟ ଗର୍ବିତା ଭେଦରେ ଦ୍ୱିବିଧ । ଭୃଙ୍ଗ ମୁକୁତାବଳୀରେ ସୌନ୍ଦର୍ଯ୍ୟ ଗର୍ବିତା ସମ୍ପର୍କରେ କୌଣସି ସୂଚନା ମିଳେ ନାହିଁ, କିନ୍ତୁ କବି ନାଏକା ପଞ୍ଜକର ଏକ ସ୍ଥଳରେ ଲେଖିଛନ୍ତି—

ରସିକ ସ୍ୱାମୀ ନାଏକ ଯେବେ ଆନ ଯୁବତୀ ଇଚ୍ଛଇ
ଆକଟ ରୋଷ ଦୁଇ ନ କରଇ ମନେ ଗରବ ଧରଇ

ଅର୍ଥାତ୍ ନାୟକ ଯଦି ଅପର ନାରୀ ପ୍ରତି ଆସକ୍ତ ହୁଏ ତେବେ ନାୟିକା ଅନ୍ୟ ନାରୀ ପ୍ରତି ଆସକ୍ତ ହେବାପାଇଁ ବାରଣ କରେ ନାହିଁ । କାରଣ ସେ ଜାଣେ, ତାହାର ନାୟକ ଯେତେ ନାୟିକା ପ୍ରତି ଆସକ୍ତ ହେଲେ ମଧ୍ୟ ହେନେ ନା ହେନେ ତା' ନିକଟକୁ ଫେରି ଆସିବ । କବିଙ୍କର 'ମନେ ଗରବ ଧରଇ' ପ୍ରୟୋଗରୁ ଏହା ସ୍ପଷ୍ଟ । ଏଠାରେ ନାୟିକାର ସୌନ୍ଦର୍ଯ୍ୟ ଅପେକ୍ଷା ପ୍ରେମ ଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଣୁ ଏହି ନାୟିକା ହେଉଛି ପ୍ରେମ ଗର୍ବିତା ନାୟିକା ।

**ନାୟକ**— ଆଲମ୍ବନ ବିଭାବ କହିଲେ କେବଳ ନାୟିକାକୁ ବୁଝାଏ ନାହିଁ । ନାୟକ ହେଉଛି ନାୟିକାର ଆଲମ୍ବନ ବିଭାବ । ପୂର୍ବରୁ କୁହାଯାଇଛି, କବି ନାୟିକାକୁ ଯେପରି ଗୁରୁତ୍ୱ ପ୍ରଦାନ କରିଛନ୍ତି ନାୟକକୁ ସେପରି ନୁହେଁ ।



Digitized by srujanika@gmail.com

କେତେକ ଅଳଙ୍କାର ଶାସ୍ତ୍ରରେ ନାୟକକୁ ପତି, ଉପପତି ଏବଂ ବୈଶିକ ଭେଦରେ ବିଭାଗୀକରଣ କରାଯାଇଛି । ସମଗ୍ର ରସ ମୁକୁତାବଳୀକୁ ଅନୁଶୀଳନ କଲେ ଅଧିକାଂଶ ସ୍ଥଳରେ କବି ପତି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ପତି ପତ୍ନୀର ସମ୍ପର୍କ ସାମାଜିକ ବିଧିସଙ୍ଗତ ମାତ୍ର ଅଳଙ୍କାର ଶାସ୍ତ୍ର ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗ୍ରନ୍ଥର ଗୋଟିଏ ସ୍ଥଳରେ ଜା'ର ବା ଉପଜାତର ପ୍ରୟୋଗ ଦେଖିବାକୁ ମିଳେ—

"ଆପଣା ଜା'ର ପରକୁ ରମିଲ ତାହା ଶୁଣୁଥିଲି ବାଳା ।"

ପୂର୍ବବର୍ତ୍ତୀ ସଂସ୍କୃତ ଆଳଙ୍କାରିକଗଣ ଜା'ର ପୁରୁଷର ପରକୀୟା ନାୟିକା ପ୍ରୀତିକୁ ହୀନ ଦୃଷ୍ଟିରେ ଦେଖିଥିବା ଜଣାଯାଏ ।

ଅଳଙ୍କାର ଶାସ୍ତ୍ରରେ ଅନୁକୂଳ, ଦକ୍ଷିଣ, ଶଠ ଓ ଧୃଷ୍ଟ ଏବଂ ଧୀରୋଦାତ୍ତ, ଧୀରୋଦ୍ଧତ, ଧୀର ଲଳିତ, ଧୀର ପ୍ରଶାନ୍ତ ଆଦି ଭେଦଗୁଡ଼ିକୁ ମହତ୍ତ୍ୱ ଦିଆଯାଇଥାଏ । ସମଗ୍ର ରସ ମୁକୁତାବଳୀ ଗ୍ରନ୍ଥରେ ନାଏକ ପଞ୍ଚକର ଏକମାତ୍ର ସ୍ଥଳରେ ଅଳଙ୍କାର ଶାସ୍ତ୍ରାନୁଯାୟୀ ଦକ୍ଷିଣ ନାୟକ ପ୍ରତି ଗୁରୁତ୍ୱାରୋପ କରାଯାଇଛି—

"ଅଧମ ଉତ୍ତମ ଯେମନ୍ତ ହୋଇ ରମା ଭାବେଣ ସମାନ
ରସିକ ପୁରୁଷ ଭାବେଣ ରସଇ ନ କରଇ ବଡ଼ ସାନ
ମାଳତୀ ଦୁଦୁରା ବିବିଧ କୁସୁମେ ତହୁଂ ଯେଉଁ ଗନ୍ଧ ଜାତ
ସମାନ ଭାବେ ପରିମଳ ବହଇ ପ୍ରଚଣ୍ଡ ଦକ୍ଷିଣ ବାତ"

ଏଠାରେ ନାୟକର ଆସକ୍ତି ଅଧମା ଉତ୍ତମା ନିର୍ବିଶେଷରେ ସବୁ ନାୟିକାଙ୍କ ପ୍ରତି ସମ ପରିମାଣରେ ବ୍ୟାପ୍ତ । ଅଳଙ୍କାର ଶାସ୍ତ୍ରରେ ସବୁ ନାୟିକାଙ୍କୁ ସମ ଆସକ୍ତି ପ୍ରକାଶ କରୁଥିବା ନାୟକକୁ ଦକ୍ଷିଣ ନାୟକ କୁହାଯାଇ ଥାଏ । ପୁଣି ଏଥିରେ ଦକ୍ଷିଣା ପବନର ଫୁଲଗନ୍ଧ ସହ ସମ୍ପର୍କ ଦକ୍ଷିଣ ନାୟକର ବିଭିନ୍ନ ନାୟିକା ପ୍ରତି ଆସକ୍ତିର 'ଅପ୍ରସ୍ତୁତ' ଭାବେ ଗୃହୀତ ।



Digitized by srujanika@gmail.com

**ଉଦ୍ଦୀପନ ବିଭାବ**— ଉଦ୍ଦୀପନ ବିଭାବ ରସ ନିଷ୍ପତ୍ତିର ଏକ ବିଶିଷ୍ଟ ଅଙ୍ଗ । ଯାହା ରସକୁ ବିଶେଷ ରୂପରେ ଉଦ୍ଦୀପ୍ତ କରିଥାଏ ତାହାକୁ ବିଭାବ କୁହାଯାଏ (୧୩) ଏବଂ ଉଦ୍ଦୀପନରେ ଉଦ୍ଭୂତ ରସର ବିଶେଷ ପ୍ରକାଶ ହୋଇଥାଏ (୧୪) । ଉଦ୍ଦୀପନ ବିଭାବର ବସ୍ତୁଗୁଡ଼ିକ ସଂଯୋଗାବସ୍ଥାରେ ରସପୁଷ୍ଟି ନିମନ୍ତେ ଆନନ୍ଦ ବର୍ଦ୍ଧନ ଏବଂ ବିଚ୍ଛେଦାବସ୍ଥାରେ ବିରହ ଜନ୍ୟ ତାପ ବର୍ଦ୍ଧନ କରିଥାନ୍ତି । ଅର୍ଥାତ୍ ସବୁ ଅବସ୍ଥାରେ ଉଦ୍ଦୀପନ ବିଭାବ ଦ୍ଵାରା ଅନୁଭୂତିର ତୀବ୍ରତା ବଢ଼ିଥାଏ । ଯେଉଁ ଭାବ-ଗୁଡ଼ିକ ରସକୁ ଉଦ୍ଦୀପିତ କରନ୍ତି ସେମାନଙ୍କୁ ବିଶ୍ୱନାଥ କବିରାଜ ଉଦ୍ଦୀପନ ବିଭାବ ଆଖ୍ୟା ପ୍ରଦାନ କରିଛନ୍ତି (୧୫) ।

ଧନଞ୍ଜୟଙ୍କ ଅନୁଯାୟୀ ଦେଶ, କାଳ, କଳା, ବେଶ ଆଦିର ସମାବେଶ ଉଦ୍ଦୀପନ ବିଭାବର ଅନ୍ତର୍ଗତ (୧୬) । ଆଚାର୍ଯ୍ୟ ଭାନୁଦତ୍ତ ଋତୁ, ମାଳା, ଆଭୂଷଣ, ଆଲମ୍ବନ ସମ୍ବନ୍ଧୀୟ ସଖୀ, ସଖା, ଗାନ୍ଧର୍ବ (ଗାନ), କାବ୍ୟ, ଉପବନ ବିହାର, ଚନ୍ଦ୍ର, ଚନ୍ଦନ ଆଦିକୁ (୧୭) ଏବଂ ଆଳଙ୍କାରିକ ବିଶ୍ୱନାଥ କବିରାଜ ସୌନ୍ଦର୍ଯ୍ୟ, ଅଳଙ୍କାର, ଚନ୍ଦ୍ର, ଚନ୍ଦନ, କୋକିଳ, କୂଜନ, ଭ୍ରମର ଝଙ୍କାର ଆଦିକୁ (୧୮) ଉଦ୍ଦୀପନ ବିଭାବର ସାମଗ୍ରୀ ରୂପେ ଗ୍ରହଣ କରିଛନ୍ତି । ସାହିତ୍ୟ ଦର୍ପଣ ଗ୍ରନ୍ଥରେ କୁହାଯାଇଛି— ସମ୍ଭୋଗ ଶୃଙ୍ଗାର

---

(୧୩) ବିଶେଷେଣ ଭାବୟନ୍ତ୍ୟୁତ୍ପାଦୟନ୍ତି ଯେ ରସାଂସ୍ତେ ବିଭାବ ।
— ରସ ତରଙ୍ଗିଣୀ

(୧୪) ଯୋ ରସମୁଦ୍ଦୀପୟତି ସ ଉଦ୍ଦୀପନ ବିଭାବଃ — ତତ୍ରୈବ

(୧୫) ଉଦ୍ଦୀପନ ବିଭାବାସ୍ତେ ରସ ମୁଦ୍ଦୀପୟନ୍ତି ଯେ — ସାହିତ୍ୟ ଦର୍ପଣ

(୧୬) ରମ୍ୟ-ଦେଶ-କଳା-କାଳ ବେଶ ଭୋଗାଦି ସେବନୈ
— ଦଶ ରୂପକ

(୧୭) ଋତୁ ମାଲ୍ୟାଳଂକାରୈଃ ପ୍ରିୟଜନ ଗାନ୍ଧର୍ବ ସେବାଭିଃ
ଉପବନ ଗମନ ବିହାରୈଃ ଶୃଙ୍ଗାର ରସ ସମୁଦ୍‌ଭବତି
ଚନ୍ଦ୍ର ଚନ୍ଦନାମୟ ଉଦ୍ଦୀମୟ — ରସ ତରଙ୍ଗିଣୀ, ଷଷ୍ଠ ତରଙ୍ଗ

(୧୮) ସାହିତ୍ୟ ଦର୍ପଣ, ପୃ-୧୮୪



Digitized by srujanika@gmail.com

ରସରେ ନାୟକ ନାୟିକାଙ୍କର ଉଦ୍ଦୀପନ ଭାବରେ ଷଡ଼ଋତୁ, ଚନ୍ଦ୍ର ଉଦୟ, ସୂର୍ଯ୍ୟ ଉଦୟ ଏବଂ ଅସ୍ତ, ଜଳକେଳି, ବନବିହାର (ବନ-ଉପବନ), ମଦ୍ୟପାନ, ରାତ୍ରି, ଚନ୍ଦନ, ଅତର, କୁଙ୍କୁମ, ଅଳଙ୍କାର ପ୍ରଭୃତି ଯାହା କିଛି ସୁନ୍ଦର ପବିତ୍ର ବସ୍ତୁ ଏସବୁକୁ ବର୍ଣ୍ଣନା କରାଯାଏ (୧୯)। ଏ ଦୃଷ୍ଟିରୁ ଦେଖିଲେ ଆଳଙ୍କାରିକଗଣଙ୍କର ଆଦର୍ଶ ହୋଇଛନ୍ତି ଭରତ ମୁନି। ସେ କହିଛନ୍ତି, ଏ ସଂସାରରେ ଯାହା କିଛି ମନୋରମ-ପବିତ୍ର ଶୁଦ୍ଧ ପଦାର୍ଥ ସେ ସବୁକୁ ସମ୍ଭୋଗ ଶୃଙ୍ଗାରର ଅଙ୍ଗଭାବେ ଏବଂ ତାକୁ ନାୟକ ନାୟିକାଙ୍କର ଉପମାନ ରୂପେ ପ୍ରୟୋଗ କରାଯିବ (୨୦)।

ରସ ମୁକ୍ତାବଳୀ ଗ୍ରନ୍ଥରେ କବି ନରସିଂହ ସେଣ ଉଦ୍ଦୀପନ ବିଭାବକୁ ପ୍ରାଧାନ୍ୟ ଦେଇଥିବା ଜଣାଯାଏ। କାରଣ ଉଦ୍ଦୀପକ ସାମଗ୍ରୀ ସବୁକୁ ଗୁରୁତ୍ୱ ପ୍ରଦାନ କରି ସେ ରଚନା କଲେ ଉଦ୍ଦୀପନ ପଞ୍ଚକ। 'ଏଥିରେ ନାରୀର ସୁବର୍ଣ୍ଣ ସଦୃଶ କାନ୍ତି, କ୍ଷୀଣ ବସନ, ପାଟ ପଟନୀ, କୁଙ୍କୁମ, ବସନ୍ତ କାଳ, ବୀଣା ବାଦନ, ଚନ୍ଦ୍ର କିରଣ, ଉପବନରୁ ପୁଷ୍ପ ଚୟନ, କୁଣ୍ଡଳର ଦୋଳନ ଆଦି ଉଦ୍ଦୀପକ ବସ୍ତୁ ରୂପେ ଗୃହୀତ। ଏତଦ୍ ବ୍ୟତୀତ ଦକ୍ଷିଣା ପବନ (ନାଏକ ପଞ୍ଚକ), କୋକିଳର କଥା (କାମ ପଞ୍ଚକ), କର୍ଣ୍ଣ ଅବତଂସର କମଳ କଳି (ଚତୁରା ପଞ୍ଚକ), ସ୍ଫଟିକ ଓ ମାଣିକ୍ୟ ମାଳ (ପ୍ରକୃତି-ପଞ୍ଚକ), ସଖୀ (ବିରହ ପଞ୍ଚକ, ଉପଦେଶ ପଞ୍ଚକ, ସଖୀ ପ୍ରବୋଧ ପଞ୍ଚକ) ପ୍ରଭୃତି ବସ୍ତୁ ଉଦ୍ଦୀପନ ସାମଗ୍ରୀର ଅନ୍ତର୍ଭୁକ୍ତ।

---

(୧୯) ଆୟମେକ ଏବ ଧୀରୈବ କଥିତ ସମ୍ଭୋଗ ଶୃଙ୍ଗାର
ତତ୍ର ସ୍ୟାଦୃତୁଷଟ୍କଂ ଚନ୍ଦ୍ରାଦିତ୍ୟୌ ତଥୋଦୟାସ୍ତମୟଃ
ଜଳକେଳି ବନ ବିହାର ପ୍ରଭାତ ମଧୁପାନ ଯାମିନୀ ପ୍ରଭୃତିଃ
ଅନୁଲେପନ ଭୂଷାଦ୍ୟାଂ ବାଚ୍ୟଂ ଶୁଚିମେଧ୍ୟ ମନ୍ୟଚ

— ତତ୍ରୈବ, ପୃ-୨୪୦

(୨୦) ଯତ୍କିଞ୍ଚିଲ୍ଲୋକେ ଶୁଚିମେଧ୍ୟମୁଜ୍ଜ୍ୱଳଂ ଦର୍ଶନୀୟଂ ବା ତଦ୍ଵିଦଂ
ଶୃଙ୍ଗାରେଣୋପମୀୟତେ ଉପଯୁଜ୍ୟତେ ଚ ଇତି

— ନାଟ୍ୟ ଶାସ୍ତ୍ର



Digitized by srujanika@gmail.com

ଉପରର ଆଲୋଚନାରୁ ଜଣାଯାଏ, ରସ ବିସ୍ତାର ଏବଂ ନାୟିକା ଭେଦ ବର୍ଣ୍ଣନା କରିବା କବିଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତଥାପି ଅଳଙ୍କାର ଶାସ୍ତ୍ରର ଅନ୍ୟାନ୍ୟ ବିଭାବ ରୀତି, ଗୁଣ, ଧ୍ୱନି, ବକ୍ରୋକ୍ତି ଏବଂ ଅଳଙ୍କାର ପ୍ରଭୃତି ସହ କବି ଯେ ପରିଚିତ ଥିଲେ ତାହା ନିମ୍ନ ଆଲୋଚନାରୁ ପ୍ରତିପାଦିତ ହୋଇଥାଏ।

**ରୀତି**— ଆଚାର୍ଯ୍ୟ ବାମନ ରୀତି ସମ୍ପ୍ରଦାୟର ପ୍ରତିଷ୍ଠାତା। ତାଙ୍କ ଅନୁଯାୟୀ କାବ୍ୟର ଆତ୍ମା ହେଉଛି ରୀତି (୨୧)। ପୁଣି ରୀତିର ସଂଗଠନା ହେଉଛି ବିଶିଷ୍ଟ ପଦ ଯୋଜନା (୨୨)। ତାଙ୍କ ଅନୁଯାୟୀ ରୀତି ତିନି ଭେଦ ଓ ଦଶ ଗୁଣରେ ବିଭକ୍ତ। ଏହା କେବଳ ପଦଗୁଡ଼ିକର ବାହ୍ୟ ସ୍ୱରୂପ ଓ ବର୍ଣ୍ଣ ଯୋଜନାର ମହତ୍ତ୍ୱ ପ୍ରତିପାଦିତ କରିଥାଏ। ତିନି ଭେଦରେ ବିଭକ୍ତ ହୋଇଥିବା ନାମ ହେଉଛି ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀ। ମମ୍ମଟ ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀକୁ ଯଥାକ୍ରମେ ଉପନାଗରିକ, ପୁରୁଷ ଓ କୋମଳା ନାମରେ ନାମିତ କରିଛନ୍ତି (୨୩)। ମାଧୁର୍ଯ୍ୟ ବ୍ୟଞ୍ଜକ ବର୍ଣ୍ଣମାନଙ୍କ ଦ୍ୱାରା ସମାସ ବିହୀନ ବା ଅଳ୍ପ ସମାସଯୁକ୍ତ ପଦ ବିନ୍ୟାସ ମାଧ୍ୟମରେ ରଚନା 'ବୈଦର୍ଭୀ' ରୀତି ଭାବେ ଖ୍ୟାତ (୨୪)। ତଗ ମୁକୁତାବଳୀକୁ ବିଶ୍ଳେଷଣ କଲେ ଏହା ବୈଦର୍ଭୀ ରୀତିରେ ରଚିତ ହୋଇଥିବା ଜଣାଯାଏ। ଏହାର ଭାଷା ଶୈଳୀ ଅତୀବ କଠୋର ବା ଅତିଶୟ କୋମଳ ନୁହେଁ। ନିମ୍ନରେ କେତେକ ଉଦାହରଣ ପ୍ରଦତ୍ତ।

---

(୨୧) ରୀତିରାତ୍ମା କାବ୍ୟସ୍ୟ — କାବ୍ୟାଳଙ୍କାର ସୂତ୍ର, ୧-୨-୬

(୨୨) ବିଶିଷ୍ଟ ପଦ ରଚନା ରୀତି— ତତ୍ରୈବ, ୧-୨-୭

(୨୩) କାବ୍ୟ ପ୍ରକାଶ, ନବମ ଉଲ୍ଲାସ, ୮୧ କାରିକାର ବୃତ୍ତି

(୨୪) ମାଧୁର୍ଯ୍ୟ ବ୍ୟଞ୍ଜକୈଃ ବର୍ଣ୍ଣୈ ରଚନା ଲଳିତାତ୍ମିକା
ଅବୃତ୍ତିରଳ୍ପବୃତ୍ତିର୍ବା ବୈଦର୍ଭୀ ରୀତିରିଷ୍ୟତେ
— ସାହିତ୍ୟ ଦର୍ପଣ



Digitized by srujanika@gmail.com

୧.  ଅତି କଠିନ ଭଲ ନୁହଇ ଅତି ହିଂ କୋମଳ ମନ୍ଦ
ଚତୁର ପୁରୁଷ ହୃଦୟ ଜାଣିମା ଘେନଥିବ ଦୁଇ ଛନ୍ଦ
କାନ୍ତଙ୍କୁ ଯେସନେ ବଶ କରିପାରି ଏସନ ସଂସାର ସ୍ଥିତି
କୁଚ କଠିଣ ଦେହ କୋମଳେ ବଶ୍ୟ କରନ୍ତି ଯୁବତୀ ।
(ପ୍ରୌଢ଼ା ପଞ୍ଚକ/୩)

୨.  କନ୍ଦର୍ପ ଶର ଦେହରେ ରସଇ ଯହିଂ କ୍ଷଣରେ ଦେହ ଘାରଇ
ଅଧରୁ ଅମୃତ ଦେଇଣ ସ୍ୱାମୀ ସର୍ବ ଦୁଃଖରୁ ତାରଇ
ଜୀବନ ଉପରେ ଯୁବତୀ ପ୍ରଭୁ ନାହିଂ ଦୟେ ଜୀବଦାନ
କାମେମା ଚରଣେ ଶରଣ ପଶ ନ ସେବ ଦେବତା ମାନ
(ଶେଷ ପଞ୍ଚକ/୫)

୩.  ଉତ୍ତମ ଜନ ଭାବ ନଜାଣି ଅଧମ ଜନେ ରସଇ
ଯୁବତୀ ମନ ସେ ବଶ ନୁହଇ ମୂଢ଼ ରସି ଭଲ ଦଶଇ
ଯେଉଁ ସ୍ୱର୍ଗ ପୁର ଦେବଙ୍କୁ ଦୁର୍ଲ୍ଲଭ ଜାଣଇ ତହିଂର ରଙ୍ଗ
ତାହା ତେଜ ଗଙ୍ଗାଜଳେ ପଶେ ଲବଣ ଜଳରେ ସଙ୍ଗ
(ପ୍ରକୃତି ପଞ୍ଚକ/୭)

**ଗୁଣ**— ବାମନଙ୍କ ଅନୁଯାୟୀ ଶବ୍ଦ ଓ ଅର୍ଥର ଧର୍ମ ହେଉଛି ଗୁଣ (୨୫) ଆଚାର୍ଯ୍ୟ ବିଶ୍ୱନାଥ ଗୁଣକୁ ମାଧୁର୍ଯ୍ୟ, ଓଜ ଓ ପ୍ରସାଦ ଭେଦରେ ତ୍ରିବିଧ ରୂପେ ଗ୍ରହଣ କରିଛନ୍ତି (୨୬) । ତାଙ୍କ ଅନୁଯାୟୀ ମାଧୁର୍ଯ୍ୟ ଗୁଣ ଶୃଙ୍ଗାର, କରୁଣ ଏବଂ ଶାନ୍ତ ରସରେ ଉପସ୍ଥିତ ଥାଏ ଓ ଏଥିରେ ଟ, ଠ, ଡ, ଢ଼, ପ୍ରଭୃତି ମୂର୍ଦ୍ଧନ୍ୟ ବର୍ଣ୍ଣ ତଥା ସମାସର ଅଭାବ ଏବଂ ରକାର ଣ-କାର ଓ

---

(୨୫)  ଯେ ଖଳୁ ଶବ୍ଦାର୍ଥୟୋର୍ଦ୍ଧର୍ମାଃ କାବ୍ୟଂ ଶୋଭାଂ କୁର୍ବନ୍ତି ତେ ଗୁଣାଃ— ହିନ୍ଦୀ କାବ୍ୟାଳଙ୍କାର ସୂତ୍ର (ଡଃ ନଗେନ୍ଦ୍ର ସମ୍ପାଦିତ) ତୃତୀୟ ଅଧିକରଣ, ପ୍ରଥମ ଅଧ୍ୟାୟ, ପ୍ରଥମ ସୂତ୍ରର ବୃତ୍ତି

(୨୬)  ଗୁଣାଃ ମାଧୁର୍ଯ୍ୟ ମୋଜୋଽଥେ ପ୍ରସାଦ ଇତି ତ୍ରିଧା
— ସାହିତ୍ୟ ଦର୍ପଣ, ଅଷ୍ଟମ ପରିଚ୍ଛେଦ



Digitized by srujanika@gmail.com

ଅନୁସ୍ୱାର ଯୁକ୍ତ ବର୍ଣ୍ଣର ପ୍ରୟୋଗ ଅନିବାର୍ଯ୍ୟ ହୋଇଥାଏ (୨୭)। ଓଜଃ ଗୁଣର ସ୍ଥିତି ବୀର ବୀଭତ୍ସ ଏବଂ ରୌଦ୍ର ରସରେ ପରି ଲକ୍ଷିତ ହୁଏ (୨୮)। ପ୍ରସାଦ ଗୁଣର ଉପଲବ୍ଧି ସମଗ୍ର ରସରେ ହୋଇଥାଏ କିନ୍ତୁ ଏହାର ବିଶେଷତ୍ୱ ହେଉଛି—ଏହି ଗୁଣ ଯୁକ୍ତ ରଚନାକୁ ଶୁଣିବା ମାତ୍ରେ ଇନ୍ଧନରେ ଅଗ୍ନି ବ୍ୟାପିବା ପରି ଅର୍ଥ ସଙ୍ଗେ ସଙ୍ଗେ ବୁଝି ଯାଇଥାଏ (୨୯)।

ଉଗ୍ର ମୁକୁତାବଳୀକୁ ଅନୁଶୀଳନ କଲେ ଏଥିରେ ବୀର, ବୀଭତ୍ସ ଓ ରୌଦ୍ର ରସର ଉପସ୍ଥିତି ଆଦୌ ଜଣାଯାଏ ନାହିଁ। ଶୃଙ୍ଗାର ରସର ବର୍ଣ୍ଣନା ହୋଇ ଥିଲେ ହେଁ ଏବଂ ବହୁଳ ପରିମାଣରେ ମୂର୍ଦ୍ଧନ୍ୟ ବର୍ଣ୍ଣର ପ୍ରୟୋଗ ନଥିଲେ ମଧ୍ୟ ଏହା ମାଧୁର୍ଯ୍ୟ ଅପେକ୍ଷା ପ୍ରସାଦ ଗୁଣକୁ ପରିପୁଷ୍ଟ କରୁଥିବା ଜଣାଯାଏ। ନିମ୍ନଲିଖିତ ଉଦାହରଣରୁ ଏହା ସ୍ପଷ୍ଟ—

୧) କମଳ ଫୁଲ ଅତି ନିର୍ମଳ ସର୍ବ ଭୂତେ ମନୋହର
ଜନ୍ମ ତା ଜୀବନ ସଫଳ ହୋଏ ଯହିଁ ନଚୁମ୍ବେ ଭ୍ରମର
ମନ କୁସୁମ ଅତି ସୁଷମ ତହିଁ ଭ୍ରମର ବୁଲଇ
ପଦ୍ମିନୀ ଯୁବତୀ ନ ପାଇବା ଯାକେ ଚିତ୍ତ ସେ କାତର ହୋଇ।

(ପ୍ରକୃତି ପଞ୍ଚକ/୧)

---

(୨୭) ସମ୍ଭୋଗେ କରୁଣେ ବିପ୍ରଲମ୍ଭେ ଶାନ୍ତେଽଧିକଂ କ୍ରମାତ୍
ମୂର୍ଦ୍ଧ୍ନି ବର୍ଗାନ୍ତ୍ୟବର୍ଣ୍ଣେନ ଯୁକ୍ତା ଟ ଠ ଡ ଢ ବିନା
ରଣୌ ଲଘୂ ଚ ତଦ୍‌ବ୍ୟକ୍ତୌ ବର୍ଣ୍ଣାଃ କାରଣତାଂ ଗତାଃ
ଅବୃତ୍ତିରଳ୍ପବୃତ୍ତିର୍ବା ମଧୁରା ରଚନା ତଥା

— ତତ୍ରୈବ, ଅଷ୍ଟମ ପରିଚ୍ଛେଦ

(୨୮) ବୀର ବୀଭତ୍ସ ରୌଦ୍ରେଷୁ କ୍ରମେଣାଧିକ୍ୟମସ୍ୟତୁ

— ତତ୍ରୈବ, ଅଷ୍ଟମ ପରିଚ୍ଛେଦ

(୨୯) ଚିତ୍ତଂ ବ୍ୟାପ୍ନୋତି ଯଃ କ୍ଷିପ୍ରଂ ଶୁଷ୍କେନ୍ଧନମିବାନଳଃ
ସ ପ୍ରସାଦଃ ସମସ୍ତେଷୁ ରସେଷୁ ରଚନାସୁ ଚ
ଶବ୍ଦାସ୍ତଦ୍‌ ବ୍ୟଞ୍ଜକା ଅର୍ଥବୋଧକାଃ ଶ୍ରୁତି ମାତ୍ରତଃ

— ତତ୍ରୈବ, ଅଷ୍ଟମ ପରିଚ୍ଛେଦ



Digitized by srujanika@gmail.com

୧.   ଏକାବେଳେ ସବୁ ଭାବକୁ ନ ଦେବୁ ଦେବୁ ମନ୍ଦ ମନ୍ଦ କରି
ଏକାବେଳେ ସବୁ ଭାବକୁ ପାଇଲେ ଇଚ୍ଛନ୍ତି ଆନକୁମାଣି
ଏକାବେଳେ ସବୁ କୁସୁମ ଫୁଟିଲେ ଲତାକୁ ଭୃଙ୍ଗ ଗୁଞ୍ଜଇ
ଅଳପ ଅଳପ ହୋଇ ଫୁଟୁଥିଲେ ଚିରକାଳ ଯାଏଁ ଥାଇ

(ଉପଦେଶ ପଞ୍ଚକ/୨)

୩.   କାମ ସଦନେ କରସ୍ଥଳ ଥିବ ଆଉ କର କୁଚ ଘଟରେ
ଜଳ ଭିତରୁ ଉଠି ଆସୁଥିବ ପୀଡ଼ିତ ମଦନ ଶରେ
ଚକିତ ହରିଣୀ ସମନୟନରେ ଚାହୁଁଥିବ ଗୁରୁବାଳା
ଏମନ୍ତ ବାଳାକୁ ଲୁଚିଣ ଦେଖିବ ହୋଇବ ସୁଫଳ ଡୋଳା ।

(ଉଦ୍ଦୀପନ ପଞ୍ଚକ/୨)

**ଧ୍ୱନି**— ଆନନ୍ଦ ବର୍ଦ୍ଧନ ଧ୍ୱନି ସମ୍ପ୍ରଦାୟର ପ୍ରତିଷ୍ଠାତା । ସେ କହିଛନ୍ତି, ଧ୍ୱନି ହେଉଛି କାବ୍ୟର ଆତ୍ମା (୩୦) । ପୁଣି ସର୍ବୋତ୍ତମ ଧ୍ୱନି ହେଉଛି କାବ୍ୟର ରସ (୩୧) । ଆନନ୍ଦ ବର୍ଦ୍ଧନଙ୍କ ପୂର୍ବବର୍ତ୍ତୀ ଆଚାର୍ଯ୍ୟଗଣ ରସ ବିବେଚନାକୁ ବିଶେଷ ମହତ୍ତ୍ୱ ପ୍ରଦାନ କରୁ ନ ଥିଲେ । ଧ୍ୱନି ସମ୍ପ୍ରଦାୟର ପଣ୍ଡିତଗଣ ପ୍ରବନ୍ଧ କାବ୍ୟ ଓ ନାଟକ ପରି ମୁକ୍ତକରୁ ମଧ୍ୟ ରସ ଉପଲବ୍ଧି କରୁଥିଲେ (୩୨) ।

ଡ଼ଗ ମୁକୁତାବଳୀର ଏକ ସ୍ଥଳରେ ଉଲ୍ଲେଖ ଅଛି—

କର୍ଣ୍ଣ ଅବତଂସ କମଳ କାଟି ସେ ପାଣିକି ପକାଇଦେଲା
ବିଧିରେ ଆତୁର ହୋଇଥିଲା ଭୃଙ୍ଗ ତହିଁରେ ଚୁମ୍ବିଲା ଯାଇ
ଈଷିତ କରି କଞ୍ଚିତ ହସିଲା ମୋହୋ ମୁଖକୁ ଚାହିଁ ।

(ଚତୁର୍ଥ ପଞ୍ଚକ/୫)

---

୩୦) ଧ୍ୱନି ରାତ୍ମା କାବ୍ୟସ୍ୟ— ଧ୍ୱନ୍ୟାଲୋକ

୩୧) ହିନ୍ଦୀ ସାହିତ୍ୟକୀ ଭୂମିକା, ପୃ-୧୫୪

୩୨ କ) ତତ୍ରୈବ, ପୃ-୧୧୧

ଖ) ପ୍ରବନ୍ଧେ ମୁକ୍ତକେ ବାଽପି ରସାଦୀନ୍ ବନ୍ଧୁମିଚ୍ଛତା ଧ୍ୱନ୍ୟାଲୋକ, ତୃତୀୟ ଉଦ୍ୟୋତ



Digitized by srujanika@gmail.com

ଉପର ପଦରୁ ଦୁଇଟି ଦୃଶ୍ୟ ଉପଲବ୍ଧ ହୁଏ । ନାୟିକା ଜଳ ମଧ୍ୟକୁ କର୍ଣ୍ଣ ଅବତଂସସ୍ପୃଷ୍ଟ କମଳ କଢ଼ିକୁ ପକାଇଦେଲା ଏବଂ ଭ୍ରମର ସେହି କମଳ କଢ଼ି ନିକଟରୁ ରସ ଆସ୍ୱାଦନ କଲା । ଉକ୍ତ ଦୃଶ୍ୟ ନାୟିକାକୁ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଇଙ୍ଗିତ ଭଙ୍ଗିରୁ ନାୟକ ତାହାକୁ ଉପଭୋଗ କରୁ ଏହି ସୂଚନା ପ୍ରଦାନ କଲା । ପୁଣି ଏଥିରୁ ନାୟିକା ପଦ୍ମିନୀ ଜାତୀୟା ହୋଇଥିବା ଅର୍ଥକୁ ମଧ୍ୟ ଗ୍ରହଣ କରିହୁଏ । ଏହା ହିଁ ହେଉଛି ଧ୍ୱନି ।

**ବକ୍ରୋକ୍ତି**— ଆଚାର୍ଯ୍ୟ କୁନ୍ତକଙ୍କ ଅନୁଯାୟୀ ବକ୍ରୋକ୍ତି କାବ୍ୟର ମୁଖ୍ୟ ଉପଜୀବ୍ୟ (୩୩) । ଏହାର ବ୍ୟାଖ୍ୟା କରି କୁହାଯାଇଛି— ଏହା ଏକ ବିଚିତ୍ର ବିନ୍ୟାସକ୍ରମ । ଏକ ଅଥବା ବହୁ ଶାସ୍ତ୍ର ମଧ୍ୟରେ ଇତି ବୃତ୍ତମୂଳକ ଶବ୍ଦ ଏବଂ ଅର୍ଥଠାରୁ ପୃଥକ୍ ଅଥବା ବିଶିଷ୍ଟ ହୋଇ ଏହା ପ୍ରୟୋଗ କରାଯାଇଥାଏ ଓ ସାଧାରଣ ଭାଷାରେ ପ୍ରୟୋଗ କରାଯାଇଥିଲେ ମଧ୍ୟ ଏଥିରୁ ବୈଦଗ୍ଧ୍ୟ କାବ୍ୟଭଙ୍ଗୀ ପ୍ରକାଶ ପାଏ । ପୁନଶ୍ଚ ତାଙ୍କ ମତରେ ଏହା ହେଉଛି ଅତ୍ୟନ୍ତ ସ୍ପଷ୍ଟ ଓ ସରଳ ଶବ୍ଦରେ ପ୍ରକାଶିତ କାବ୍ୟ ଜୀବନ (୩୪) ।

ଉକ୍ତ ମୁକ୍ତାବଳୀରେ ଲକ୍ଷଣା ଓ ବ୍ୟଞ୍ଜନା ପ୍ରସଙ୍ଗରେ ଆଲୋଚିତ ହୋଇଥିବା ଉଦାହରଣକୁ ବିଶ୍ଳେଷଣ କଲେ ନାୟିକା ବକ୍ରୋକ୍ତି ପ୍ରୟୋଗ କରିଥିବା ଜଣାଯାଏ (ଲକ୍ଷଣା ଓ ବ୍ୟଞ୍ଜନା ଆଲୋଚନା ଦ୍ରଷ୍ଟବ୍ୟ) । ଲକ୍ଷଣା ପ୍ରସଙ୍ଗରେ ନାୟିକା ତା'ର ବକ୍ତବ୍ୟ ନାୟକକୁ କହିଥିଲେ ହେଁ ସିଧାସଳଖ ନାୟକକୁ ନ କହି ନାୟକକୁ ଶୁଣାଇ ଭ୍ରମରକୁ କହୁଛି । ପୁଣି ନାୟିକାର ବିରହ ବେଦନା ବିଚିତ୍ର ଅନୁଭୂତି ନେଇ ପ୍ରକାଶିତ । ବ୍ୟଞ୍ଜନା ପ୍ରସଙ୍ଗରେ ଯେଉଁ ଉଦାହରଣ ଆଲୋଚିତ ସେଥିରେ ନାୟିକା ତା'ର ବକ୍ତବ୍ୟକୁ ନାୟକ ଆଗରେ ସିଧା ସଳଖ ନ କହି ସଖୀ ସମ୍ମୁଖରେ କହୁଛି । ପୁଣି ତା'ର ବକ୍ତବ୍ୟ ଅନୁଯାୟୀ ସ୍ୱାମୀ ଏବଂ ଶାଶୁର ଅବର୍ତ୍ତମାନରେ ଯଦି ନାୟକ ତାକୁ ଗ୍ରହଣ ନ କରେ ସେ ପଶୁତୁଲ୍ୟ ଅରସିକ । ଅନ୍ୟ ଏକ ସ୍ଥଳରେ ନାୟିକା ଶିବଙ୍କୁ ଦେଖାଇ ନାୟକକୁ କହୁଛି ଯେ ଶିବଙ୍କର ଶତ୍ରୁ କାମ ଦେବର

---

୩୩) ବକ୍ରୋକ୍ତି କାବ୍ୟଂ ଜୀବିତଂ—କୁନ୍ତକ

୩୪) ଭାରତ କାବ୍ୟଙ୍କ ଭୂମିକା, ପୃ ୧୧୧



Digitized by srujanika@gmail.com

ତାଡ଼ନରେ ତାହାର ଶରୀର ଅସ୍ଥିର । ତାହାପରେ ଶିବଙ୍କ ବାଣରେ ଆଘାତ ପ୍ରାପ୍ତ ହୋଇ କାମ ଭାବରୁ ଫେରନ୍ତି । ଏଣୁ ଉପନାୟକର ଏହି ସୁଯୋଗକୁ ଉପ-ଯୋଗ କରିବା କର୍ତ୍ତବ୍ୟ । ଏହି ସୁଯୋଗକୁ ହାତ ଛଡ଼ା କଲେ ସେ (ନାୟକ) ଶିବଙ୍କର ବାହନ ଅର୍ଥାତ୍ ବୃଷଭରେ ପରିଣତ ହେବ—

ଏକ ଯୁବତୀ ଦେଖିଲି ମିତ ଶିବଙ୍କୁ କରେ ଗୁହର
ମୋହର ପତି ହୃଦୟ କମଳେ ବାଣ କଲେକ ଶଙ୍କର
ତୁମ୍ଭର ରିପୁ ସେ ବେଷ ବହି ପୀଡ଼ଇ ମୋହର ଦେହି
ଏହା ନ ବୁଝଇ ଯେବଣ ଗୁଆଁର ତୁମ୍ଭର ବାହକ ସେହି ।

(ଚତୁରା ପଞ୍ଚକ /୩)

ଏହିସବୁ ଉଦାହରଣରୁ ନାୟିକାର ବଚନ ଚାତୁରୀ ବା ବକ୍ରୋକ୍ତିକୁ ଲକ୍ଷ୍ୟ କରାଯାଇପାରେ ।

## ଅଲଙ୍କାର –

ରସବାଦୀ ଆଚାର୍ଯ୍ୟଙ୍କ ଅନୁଯାୟୀ କାବ୍ୟରେ ଅଳଙ୍କାର ଶରୀରରେ ଧାରଣ କରାଯାଉଥିବା ଆଭୂଷଣ ରୂପେ କାର୍ଯ୍ୟ କରିଥାଏ । ସେମାନଙ୍କ ମତରେ ଏହା କେବଳ ବାଣୀ ବା ଅଭିବ୍ୟକ୍ତିର ପ୍ରସାଧକ ଧର୍ମ (୩୫), ଭାବ ଅର୍ଥାତ୍ ଅନୁଭୂତିର ନୁହେଁ । ସେମାନେ ଭାଷା ବା ଅଭିବ୍ୟକ୍ତି ଠାରୁ ଭାବ ଅନୁଭୂତିକୁ ପୃଥକ ରୂପେ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ଦେଖିଲେ ଅନୁଭୂତି ସୂକ୍ଷ୍ମ ରୂପ ହୋଇଥିବା ବେଳେ ଅଭିବ୍ୟକ୍ତି ହେଉଛି ସ୍ଥୂଳ ରୂପ । ଉଭୟଙ୍କର ସମ୍ପର୍କ ଶରୀର ଓ ଆତ୍ମା ସଦୃଶ । ଏଣୁ ଉଭୟେ ଆଧେୟ ଓ ଆଧାର ପରି ପରସ୍ପର ନିର୍ଭରଶୀଳ । ଅଳଙ୍କାରବାଦୀ ଆଚାର୍ଯ୍ୟଗଣଙ୍କ ମତରେ ସତ୍କାବ୍ୟରେ ଅନୁଭୂତି ଦ୍ୱାରା ଅଭିବ୍ୟକ୍ତିର ପରିପ୍ରକାଶ ଘଟିଥାଏ । ପାଶ୍ଚାତ୍ୟ

---

(୩୫) ଶବ୍ଦାର୍ଥୟୋରସ୍ଥିରା ଯେ ଧର୍ମାଃ ଶୋଭାତିଶାୟିନଃ
ରସାଦୀନୁପକୁର୍ବନ୍ତୋ ଅଳଙ୍କାରାସ୍ତେଽଙ୍ଗଦାଦିବତ୍
— ସାହିତ୍ୟ ଦର୍ପଣ, ପୃ-୭୪୫

(୩୬) ମତିରାମ : କବି ଔର ଆଚାର୍ଯ୍ୟ, ପୃ-୧୯୩



Digitized by srujanika@gmail.com

ବିଦ୍ୱାନଗଣ ଉପରୋକ୍ତ ମତକୁ ସମର୍ଥନ କରିଛନ୍ତି । ସେମାନେ କହିଛନ୍ତି ଅଭିବ୍ୟକ୍ତି ହେଉଛି ମନର ସୂକ୍ଷ୍ମ ଅଭିବ୍ୟକ୍ତି ଅର୍ଥାତ୍ ଅନୁଭୂତିର ଅଭିବ୍ୟକ୍ତି (୩୭) ।

ରସ ମୁକୁତାବଳୀକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଏଥିରେ କବି ନିଜର ବକ୍ତବ୍ୟ କହିବାକୁ ଯାଇ ବହୁ ସାଦୃଶ୍ୟ ସ୍ଥାପନ କରିଛନ୍ତି । ଶାସ୍ତ୍ରରେ ସାଦୃଶ୍ୟ ସ୍ଥାପନକୁ ଉପମା ଅଳଙ୍କାର କୁହାଯାଏ । ରାଜ ଶେଖର କହିଛନ୍ତି ଉପମାସବୁ ଅଳଙ୍କାରମାନଙ୍କର ମସ୍ତକ ମଣି ଓ କଣ୍ଠର ମାଳା ସଦୃଶ (୩୮) । ଭାବ ପ୍ରକାଶକୁ ସହଜ ଭାବେ ଉପସ୍ଥାପନ କରିବା ପାଇଁ ଉପମା ଅଳଙ୍କାର ଏକ ବଳିଷ୍ଠ ମାଧ୍ୟମ । ଆଳଙ୍କାରିକ ଅପ୍ପୟ ଦୀକ୍ଷିତଙ୍କ ମତରେ – ଉପମା ସବୁ ଅଳଙ୍କାରର ମୂଳ (୩୯) ।

ରସ ମୁକୁତାବଳୀର ମୁଖ୍ୟ ଆଲୋଚ୍ୟ ବସ୍ତୁ ହେଉଛି ନାୟକ ନାୟିକାଙ୍କର ବିଭିନ୍ନ ହାବ ଭାବ ଅବସ୍ଥାର ବର୍ଣ୍ଣନ । କବି ଏହି ଅନୁଭୂତିର ସୂକ୍ଷ୍ମ ଦୃଷ୍ଟିକୋଣ ନିମନ୍ତେ ସାଦୃଶ୍ୟ ବା ଉପମା ଅଳଙ୍କାରର ସଂଯୋଜନା କରିଛନ୍ତି । କବିଙ୍କ ଉପମାଗୁଡ଼ିକ ଚିରାଚରିତ ନିତ୍ୟ ବ୍ୟବହାର୍ଯ୍ୟ ପ୍ରାକୃତିକ ଉପମାନରୁ ଗୃହୀତ । କବି ନିଜର ରସିକତାକୁ ପରିପୁଷ୍ଟ କରିବା ନିମନ୍ତେ ଲତା, ବାସଙ୍ଗ, କମଳ, କେତକୀ, ମାଳତୀ ଆଦି ଫୁଲ; ଆମ୍ବ ଫଳ, ସୂର୍ଯ୍ୟର ତୀକ୍ଷ୍ଣ କିରଣ, ଚନ୍ଦ୍ର କଳାର ବୃଦ୍ଧି, ଦକ୍ଷିଣା ପବନ, ଭୃଙ୍ଗ, ଗଙ୍ଗାଜଳ, ଅମ୍ଳ ଓ ମଧୁର ରସ, କ୍ଷୀର, ଶାକର ପ୍ରଭୃତି ବହୁ ପ୍ରଚଳିତ ବସ୍ତୁକୁ ନାୟକ ନାୟିକାଙ୍କ ନିମନ୍ତେ ଉପମାନ ରୂପେ ପ୍ରୟୋଗ କରିଛନ୍ତି । ସାମ୍ୟ ମୂଳକ ଅଳଙ୍କାରରେ ଯେଉଁ ସାଧାରଣ ବିଷୟ ଗୃହୀତ ହୋଇଥାଏ ଅଳଙ୍କାର ଶାସ୍ତ୍ରରେ ତାହାକୁ ଅପ୍ରସ୍ତୁତ କୁହାଯାଏ । କବି ନରସିଂହ ସେଣ ପ୍ରକୃତି ଓ ମନୁଷ୍ୟ ମଧ୍ୟରେ ଅପ୍ରସ୍ତୁତ ଯୋଜନାକୁ ସଫଳ ଭାବେ ପ୍ରୟୋଗ କରିପାରିଛନ୍ତି । ମୂର୍ତ୍ତ ପଦାର୍ଥ

---

(୩୭) **Aesthetic— Croce P. 11**

(୩୮) ସାହିତ୍ୟ ଦର୍ପଣ ୭୯୦ ପୃଷ୍ଠାରୁ ଗୃହୀତ

(୩୯) ରସ ମୀମାଂସା



Digitized by srujanika@gmail.com

ନିମନ୍ତେ ପ୍ରାକୃତିକ ପଦାର୍ଥର ଅପ୍ରସ୍ତୁତ ରୂପ, ଗୁଣ, କିମ୍ବା ଆଦି ଭିନ୍ନ ରୂପରେ ପ୍ରକାଶିତ ହୋଇଥାଏ । ନିମ୍ନରେ ଉକ୍ତ ମୁକୁତାବଳୀରୁ କେତେକ ଅପ୍ରସ୍ତୁତଙ୍କୁ ଉଦାହରଣ ରୂପେ ଗ୍ରହଣ କରାଯାଇଛି ।

ଫୁଲକୁ ଦୂରରୁ ଦେଖି ଆନନ୍ଦ ହେବା (ନାୟିକା ନାୟକ ମୁଖ ଦର୍ଶନରେ ଆଶାୟୀ ହେବା— ବିରହ ପଞ୍ଚକ/୪), ଫୁଲ ଗନ୍ଧ ଦ୍ୱାରା ଜଣ୍ଣାସ ନ ହେବା (ଗୁଆଂଶୁ ନାରୀର ରୂପରେ ମନ ଶାନ୍ତ ନ ହେବା-ଗୁଆଂଶୁ ପଞ୍ଚକ/୫), ବାସଙ୍ଗ ଫୁଲ ପ୍ରତି ଭ୍ରମର ଆସକ୍ତ ହେବା— (ସୁବୋଧ ପୁରୁଷ ଅନୁରାଗ କୃପଣା ନାରୀ ପ୍ରତି ଆସକ୍ତ ହେବା—ନାଏକ ପଞ୍ଚକ/୧), ନୀରସ କେତକୀ ନଗରରେ ଓ ସରସ ମାଳତୀ ବନରେ ଜାତ ହେବା (ନାୟିକାର ରସ ଜନ୍ମସ୍ଥାନ ଉପରେ ନିର୍ଭର ନ କରିବା—ପ୍ରକୃତି ପଞ୍ଚକ/୩), କମଳ ଫୁଲ ଚନ୍ଦ୍ର ଦେଖି ମୁଦ୍ରିତ ହେଲେ ମଧ୍ୟ ସୂର୍ଯ୍ୟ କିରଣରେ ଉଲ୍ଲସିତ ହେବା (ନାରୀ ସୁବୋଧ ପୁରୁଷଙ୍କୁ ପରିତ୍ୟାଗ କରି ଗୁଆଂର ପ୍ରତି ଆସକ୍ତ ହେବା— ପ୍ରକୃତି ପଞ୍ଚକ/୨), ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣରେ ଜଗତ ଦଗ୍ଧୀଭୂତ ହେଲାବେଳେ ପଦ୍ମ ବିକଶିତ ହେବା (ନାୟକର ପୌରୁଷ ସମସ୍ତଙ୍କ ପ୍ରତି କଠୋର ହେବାବେଳେ ନାୟିକା ପ୍ରତି କୋମଳ ଭାବ ପ୍ରକାଶ କରିବା— ନାଏକ ପଞ୍ଚକ/୪), କମଳ ଫୁଲ ଓ ଭ୍ରମରର ବିହାର (ପଦ୍ମିନୀ ନାୟିକା ଓ ନାୟକର ମିଳନ— ପ୍ରକୃତି ପଞ୍ଚକ/୧), ଜଳଜାତ କୁସୁମ କଳିର ବୃଦ୍ଧି (ନବ ବୟଃପ୍ରାପ୍ତା ନାୟିକାର ଉରଜ ବୃଦ୍ଧି— ବୟସ ସନ୍ଧି ପଞ୍ଚକ/୨), କମଳ କଳି ନିକଟରେ ଭ୍ରମର ବନ୍ଦୀ (ନବ ଯୌବନା ନାୟିକା ନିକଟରେ ନାୟକବନ୍ଦୀ-ବୟସ ସନ୍ଧି ପଞ୍ଚକ/୨),ଚନ୍ଦ୍ର କୁମୁଦକୁ ବିକାଶ କରୁଥିଲେ ମଧ୍ୟ ଭ୍ରମରର ଅନୁରାଗରେ କୁମୁଦ ଅନୁରକ୍ତ ପ୍ରକାଶ କରିବା (ନାୟକ ଦୂରରେ ଥିଲେ ଭଲମନ୍ଦ ବିଚାର ନ କରି ନାୟିକା ଅନ୍ୟ ନାୟକ ପ୍ରତି ଆସକ୍ତ ହେବା— ପ୍ରକୃତି ପଞ୍ଚକ/୪), ଭ୍ରମର ଅନ୍ୟ ଫୁଲ ପ୍ରତି ସନ୍ତୁଷ୍ଟ ନ ହୋଇ ମାଳତୀ ପ୍ରତି ଆସକ୍ତ ହେବା (ନାୟକ ସ୍ୱାଧୀନ ପତିକା ବା ପ୍ରେମ ଗର୍ବିତା ନାୟିକା ନିକଟରେ ବନ୍ଦୀହେବା— ନାଏକା ପଞ୍ଚକ/୪ ଏବଂ ପ୍ରୌଢ଼ା ନାୟିକା ନିକଟରେ ଗୁଆଂଶୁ ନାୟିକା ଲଜ୍ଜା ଲାଭ ନ କରିବା— ପ୍ରୌଢ଼ା ପଞ୍ଚକ/୨), ଅବିଶ୍ୱାସୀ ଭ୍ରମର ମାଳତୀ ଫୁଲନିକଟରୁ ରସ ଶେଷ ନ ହେଉଣୁ ଅନ୍ୟ ଫୁଲ ପ୍ରତି ଆଶାୟୀ ହେବା(ନାୟକ ଏକ ନାୟିକା ନିକଟରୁ ରସ ଶେଷ ନ ହେଉଣୁ ଅନ୍ୟ ନାୟିକା ନିକଟକୁ ଗମନ କରିବା—



Digitized by srujanika@gmail.com

ଅନୁରାଗ ପଞ୍ଚକ/୪), ଦକ୍ଷିଣା ପବନ ମାଳତୀ ଓ ଦୁଦୁରା ଫୁଲର ଗନ୍ଧକୁ ସମ ଭାବରେ ପ୍ରସାରିତ କରିବା (ଦକ୍ଷିଣ ନାୟକ ସମସ୍ତ ନାୟିକାଙ୍କୁ ସମ ଦୃଷ୍ଟିରେ ଦେଖିବା— ନାଏକ ପଞ୍ଚକ/୩), ଏକାବେଳକେ ସମସ୍ତ ଲତା ପୁଷ୍ପବତୀ ହେଲେ ଭ୍ରମର ତାହାକୁ ତ୍ୟାଗ କରିବା (ନାୟିକା ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ ହୃଦୟା ହେଲେ ନାୟକର ବିତୃଷ୍ଣା ଜାତ ହେବା— ଉପଦେଶ ପଞ୍ଚକ/୨), ଚନ୍ଦ୍ରର କଳା ବୃଦ୍ଧି (ନାୟିକାର ଲଜ୍ଜା ତ୍ୟାଗ— ନାଏକ ପଞ୍ଚକ/୫ ଓ ନାୟିକାର ଯୌବନ ବୃଦ୍ଧି—ବୟସ ସନ୍ଧି ପଞ୍ଚକ/୧ ପୁନର୍ବାର ନବବୟଃପ୍ରାପ୍ତା ନିକଟରେ ଲଜ୍ଜା ବୃଦ୍ଧି—ବୟସ ସନ୍ଧି ପଞ୍ଚକ/୪), ଚନ୍ଦ୍ରକଳା ବୃଦ୍ଧି ଓ ତାର ପାଖରେ ଚନ୍ଦ୍ରମା (କୁସୁମ ବନରେ ଫୁଲ ତୋଳୁଥିବା ନାୟିକା— ଉଦ୍ଦୀପନ ପଞ୍ଚକ/୪), ଅସ୍ତକାଳୀନ ଚନ୍ଦ୍ର ନିକଟରୁ ଭୃଙ୍ଗକ ବା ଚକୋର ଅମୃତ ରସ ଲାଭ କରିବା (ପ୍ରୌଢ଼ା ନାୟିକାର ନାଗରୀ ଭାବରେ ନାୟକ ସନ୍ତୁଷ୍ଟ ହେବା— ପ୍ରୌଢ଼ା ପଞ୍ଚକ/୧), ମଧୁର ରସ ଆସ୍ୱାଦନ ପରେ ଅମ୍ଳରସ ପ୍ରତି ଆଶାୟୀ ହେବା (ଏକ ନାୟିକାର ଭାବ ଅରୁଚିକର ହେଲେ ଅନ୍ୟ ନାୟିକାକୁ ଆଶା କରିବା—ସଖୀ ପ୍ରବୋଧ ପଞ୍ଚକ/୩), କେବଳ ମଧୁର ବା କେବଳ ଅମ୍ଳରସ ଜିହ୍ୱାକୁ ରୁଚିକର ନ ହୋଇ ଅମ୍ଳ ଓ ମଧୁରର ସମନ୍ୱୟ ଚୂତ-ଫଳ ଜିହ୍ୱାର ସନ୍ତୋଷ କଥା ନ କରିବା (ନାୟିକାର କେବଳ ରତିଭାବ ବା କେବଳ ଲଜ୍ଜା ଭାବ ନାୟକକୁ ସନ୍ତୋଷ ପ୍ରଦାନ ନ କରି ଲଜ୍ଜା ଓ ରତି ଭାବର ସମନ୍ୱିତ ଭାବ ମଧ୍ୟ ନାୟିକାଟି ନାୟକକୁ ଅପାର ଆନନ୍ଦ ପ୍ରଦାନ କରିବା— ନାଏକା ପଞ୍ଚକ/୨), ସ୍ନେହ ବା ଲବଣୀ କ୍ଷୀର ମନ୍ଥନରୁ ଉତ୍ପତ୍ତି ହେଲେ ମଧ୍ୟ ପୁନର୍ବାର କ୍ଷୀରରେ ନ ମିଶିବା- (ଏକାକାର ମନ ଫାଟିଲେ ପୁନର୍ବାର ଯୋଡ଼ ନ ହେବା— ସଖୀ ପ୍ରବୋଧ ପଞ୍ଚକ/୨); କ୍ଷୀର ଶର୍କରର ଅଭେଦତ୍ତ୍ୱ (ଏକୀଭୂତ ନାୟକ ନାୟିକା— ଶ୍ଳେଷ ପଞ୍ଚକ/୩), ଗଙ୍ଗା ଜଳକୁ ତ୍ୟାଗକରି ଲବଣ ଜଳ ପ୍ରତି ଆସକ୍ତ ହେବା (ଯୁବତୀ ନାୟିକା ଉତ୍ତମ ନାୟକର ଭାବକୁ ପରିତ୍ୟାଗ କରି ଅଧମ ନାୟକ ପ୍ରତି ଆସକ୍ତା ହେବା— ପ୍ରକୃତି ପଞ୍ଚକ/୨) ଇତ୍ୟାଦି । ଏହି ସମସ୍ତ ଅପ୍ରସ୍ତୁତଗୁଡ଼ିକରେ ନାୟକ ବା ନାୟିକାର ଅନ୍ତର୍ଗତ ଭାବ ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଭାବଗୁଡ଼ିକ ଅନୁଭୂତିରୁ ଉପଲବ୍ଧ । ଉପରେ ଅଙ୍କିତ ଉଦାହରଣଗୁଡ଼ିକରେ ଏକମାତ୍ର ଜଳଜାତ କୁସୁମ କଳିର ବୃଦ୍ଧି ନାୟିକାର ଅଙ୍ଗ ସମ୍ପର୍କରେ ସୂଚନା



Digitized by srujanika@gmail.com

ପ୍ରଦାନ କରେ । ଏତଦ୍‌ବ୍ୟତୀତ ପଦ୍ମ ଆମ୍ରରେ କବି ନାୟିକାର ଜଘନକୁ ସ୍ମରଣ କରିଛନ୍ତି । ତାଙ୍କ ଅନୁଯାୟୀ ଉଭୟେ ରସଜ୍ଞ ଦ୍ୱାରା ଆସ୍ୱାଦିତ ହୁଅନ୍ତି । କବି ତଗ ମୁକୁତାବଳୀରେ ଅଙ୍ଗପ୍ରତ୍ୟଙ୍ଗ ଅପେକ୍ଷା ଶୃଙ୍ଗାରରସ ଅଧିକ ଭାବରେ ବିଶ୍ଳେଷିତ । ରସବନ୍ତୀ ନାୟିକା କବିଙ୍କ ନିକଟରେ କାମଧେନୁ (ନାଏକା ପଞ୍ଚକ/୫) ।

ଏତଦ୍‌ବ୍ୟତୀତ ପାରମ୍ପରିକ ଭାବରେ ବିରହକୁ ଅଗ୍ନି, କନ୍ଦର୍ପକୁ ଶର, ମନକୁ କୁସୁମ ଏବଂ ଭାବକୁ ସମୁଦ୍ର ଭାବରେ ଉପମାନ ରୂପେ ଗୃହୀତ ହୋଇଛନ୍ତି ।

ଅଳଙ୍କାର କହିଲେ ଉପମା ଭଳି କେବଳ ଅର୍ଥାଳଙ୍କାରକୁ ବୁଝାଏ ନାହିଁ । ଶବ୍ଦାଳଙ୍କାର ମଧ୍ୟ ରଚନାରେ ଆଭୂଷଣର କାର୍ଯ୍ୟ କରେ । କବି ତଗ ମୁକୁତାବଳୀରେ ଅନୁପ୍ରାସକୁ ଶବ୍ଦାଳଙ୍କାର ରୂପେ ପ୍ରୟୋଗ କରିଛନ୍ତି । ନିମ୍ନରେ ଏକ ଉଦାହରଣ ପ୍ରଦତ୍ତ –

ନଗରେ ଥିଲେ ନାଗରୀ ନୁହଇ ଦେଶରେ ନୋହେ ଗୁଆଂରୀ
କାମର ପ୍ରଭାବେ ରସବନ୍ତୀ ହୋନ୍ତି ଜନ୍ମସ୍ଥାନ ନ ବିଚାରି
ନୀରସ କେତକୀ ନଗରେ ସ୍ଥିତ ସରସ ମାଳତୀ ବନେ
ପୁରୁଷ ଭ୍ରମର ପ୍ରବେଶ ଯେମନ୍ତ ସ୍ଥାନ ନ ବିଚାରି ମନେ
ରସିକମାନେ ଗରବ ନ କର ବଶ କରିଅଛୁ ନାରୀ
ଦୂରେ ଥିଲେ ରମା ଷାର ନ କରନ୍ତି ଜଳମଧ୍ୟକୁ ବିଚାରି ।
(ପ୍ରକୃତି ପଞ୍ଚକ)

**ଶବ୍ଦ-ଶକ୍ତି**— ଅର୍ଥ ହେଉଛି ଶବ୍ଦର ଶକ୍ତି (୪୦) । ପ୍ରତ୍ୟେକ ଶବ୍ଦର ଅର୍ଥ ଥିଲେ ମଧ୍ୟ କବିର କଥନଭଙ୍ଗୀ ଦୃଷ୍ଟିରୁ ଏହା ତିନି ରୂପ ଧାରଣ କରିଥାଏ । ସହଜ ରୂପରେ ଶବ୍ଦର ଯେଉଁ ପ୍ରସିଦ୍ଧ ଅର୍ଥ ଉପସ୍ଥିତ ହୁଏ ତାହାକୁ ବାଚ୍ୟାର୍ଥ ଏବଂ ଶବ୍ଦର ସେହି ଶକ୍ତିକୁ ଅଭିଧା ଶକ୍ତି; ଯେଉଁଥିରେ ଅର୍ଥ କିଛି ଭିନ୍ନ ରୂପରେ ଦ୍ୟୋତିତ ହୋଇ ଅଳଙ୍କୃତ ରୂପ ପରିଗ୍ରହ କରେ ତାହାକୁ ଲକ୍ଷ୍ୟାର୍ଥ

(୪୦) ସୂର୍ଯ୍ୟ ଙ୍କ କାବ୍ୟ କଳା, ପୃ-୧୧୨



Digitized by srujanika@gmail.com

ଏବଂ ଶବ୍ଦର ସେହି ଶକ୍ତିକୁ ଲକ୍ଷଣା ଏବଂ ଯେଉଁଥିରେ ଅର୍ଥ ଏହି ଦୁଇ ପ୍ରକାର ରୂପକୁ ଅତିକ୍ରମ କରି ଏକ ବିଶିଷ୍ଟ ରୂପ ପରିଗ୍ରହ କରେ ତାହାକୁ ବ୍ୟଙ୍ଗ୍ୟାର୍ଥ ଓ ଶବ୍ଦର ସେହି ଶକ୍ତିକୁ ବ୍ୟଞ୍ଜନା ଶକ୍ତି ବୁଝାଯାଏ । ରତ୍ନ ମୁକ୍ତାବଳୀରୁ ଶବ୍ଦର ଏହି ଶକ୍ତି ସମୂହକୁ ପରୀକ୍ଷା କରାଯାଇପାରେ ।

**ଅଭିଧା**— ଯେଉଁ ଶକ୍ତି ଦ୍ୱାରା ଶବ୍ଦର ସଙ୍କେତ ଅର୍ଥ ବୁଝାଯାଏ ତାହାକୁ ସାହିତ୍ୟ ଦର୍ପଣକାର ଅଭିଧା ଆଖ୍ୟା ପ୍ରଦାନ କରିଛନ୍ତି (୪୧) ।

ରତ୍ନ ମୁକ୍ତାବଳୀର କେତେଗୋଟି ପଦ ହେଲା—

୧. ବିନୟ ବଚନ ନ ଶୁଣଇ ତ୍ରାଳେ ଟାଣିଲେ ଗୃହଂଇ ନାହିଂ
ଚରଣେ ପଡ଼ିଲେ ଉପହାସ କରଇ କହେ ଜଗତ ବସାଇ

(ଗୁଆଂସି ପଞ୍ଚକ/୩)

୨. ଅଧମ ଉତ୍ତମ ଯେମନ୍ତ ହେଉ ରମା ରସବେଶ ସମାନ
ରସିକ ପୁରୁଷ ରସବେଶ ରସଇ ନ କରଇ ବଡ ସାନ

(ନାଏକ ପଞ୍ଚକ/୩)

୩. ଚଉଦ ଭୁବନେ ନୃପତି ହୋଇଲେ ତେବେ ନୋହେ ମନ ତୋଷ
ମନର ବନିତା ପାଶରେ ଥିଲେ ମନ ହୁଅଇ ସନ୍ତୋଷ

(ହେଷ ପଞ୍ଚକ/୪)

ଏହି ଉଦାହରଣ ସମୂହକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରଥମ ଉଦାହରଣରେ କବି ଗୁଆଂସି ବା ଅଧମା ନାୟିକାର ମାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ନାୟକ ମାନଭଙ୍ଗ ନିମନ୍ତେ ବିନୟ ବଚନ ଗୃହଂ ଆଦି ପ୍ରୟୋଗ କଲେ ମଧ୍ୟ ନାୟିକା ଅସନ୍ତୁଷ୍ଟା ହୋଇ ଉପହାସ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ଆଗରେ ନାୟକର ଅସହାୟତାକୁ ପ୍ରକାଶ କରିଛି । ଦ୍ୱିତୀୟ ଉଦାହରଣରୁ ରସିକ ପୁରୁଷ ନାୟିକା ଉତ୍ତମା ହେଉ ବା ଅଧମା ହେଉ ପ୍ରତ୍ୟେକ ନିକଟରେ ସମଭାବ ପୋଷଣ କରୁଥିବା ଜଣାଯାଏ । ଅଳଙ୍କାର ଶାସ୍ତ୍ରାନୁଯାୟୀ ଏପରି ନାୟକକୁ ଦକ୍ଷିଣ ନାୟକ କୁହାଯାଇଥାଏ ।

---

(୪୧) ତତ୍ର ସଙ୍କେତାର୍ଥସ୍ୟ ବୋଧନାଗ୍ରିମାଭିଧା— ସାହିତ୍ୟ ଦର୍ପଣ, ପୃ-୩୭



Digitized by srujanika@gmail.com

ଶେଷ ଉଦାହରଣରେ ପୁରୁଷ ବା ନାୟକ ନିଜମନ ମୂତାବକ ନାୟିକା ପାଇଥିଲେ ତାହା ନିକଟରେ ଚଉଦ ଭୁବନର ନୃପତି ପଦ ତୁଚ୍ଛ ହୋଇ-ଯାଉଥିବା କଥା ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ଏହି ଉଦାହରଣ ଗୁଡ଼ିକରୁ ଅନ୍ୟ କୌଣସି ଅର୍ଥ ଗ୍ରହଣ କରିହୁଏ ନାହିଁ ।

**ଲକ୍ଷଣା** – ବିଶ୍ୱନାଥ କବିରାଜଙ୍କ ଅନୁଯାୟୀ ବାଚ୍ୟାର୍ଥ ଦ୍ୱାରା ଅର୍ଥ ସଙ୍ଗତ ନ ହେଲେ ତଦ୍‌ଯୁକ୍ତ ସେହି ବାଚ୍ୟାର୍ଥର ସମ୍ବନ୍ଧ ରହି ରୂଢ଼ି (ପ୍ରୟୋଗ ପ୍ରବାହ ବା ପ୍ରସିଦ୍ଧି) ବା ପ୍ରୟୋଜନ (ଉଦ୍ଦେଶ୍ୟ ବିଶେଷ)କୁ ନେଇ ଯେଉଁ ଶକ୍ତି ଦ୍ୱାରା ଶବ୍ଦରୁ ଅନ୍ୟ ଅର୍ଥକୁ ଗ୍ରହଣ କରାଯାଏ, ଶବ୍ଦର ସେହି ଶକ୍ତିକୁ ଲକ୍ଷଣା କୁହାଯାଏ । (୪୨)

ଉକ୍ତ ମୁକୁତାବଳୀର ଏକ ସ୍ଥଳରେ ଉଲ୍ଲେଖ ଅଛି –

ମଧୁକର ଦେଖି ସେ ପୁଣ ବୋଲଇ ନାଏକକୁ ଶୁଣାଇ
ମଧୁପାନ ଯାଏ ସବୁ କହୁଥାଅ ତୁମ୍ଭଙ୍କୁ ବିଶ୍ୱାସ ନାହିଂ
ମାଳତୀ ମଧୁ ଶୁଖି ନ ଥାଇ ଯାଇଣ କେମେ କି ଖାଇ
ତୁମ୍ଭଙ୍କୁ ରମଇ ଯଉଂ କୁସୁମ ସେ ବେଗ ହୋଇ ମରଇ

— ଅନୁରାଗ ପଞ୍ଚକ/୪

ସଙ୍କେତାର୍ଥ ବା ଅଭିଧା ଶକ୍ତି ଦ୍ୱାରା ବିଚାର କଲେ ପଦଟିର ଅର୍ଥ ସମ୍ପୂର୍ଣ୍ଣ ହୁଏ ନାହିଁ । 'ମଧୁପାନ' ପ୍ରୟୋଗରୁ ସଙ୍କେତାର୍ଥ ମଧୁକର ବା ଭ୍ରମର ବ୍ୟତୀତ ନାୟକକୁ ଗ୍ରହଣ କରିବାକୁ ହୁଏ । ଭ୍ରମର ମଧୁପାନ କରୁଥିବା ଯାଏ ଫୁଲ ପ୍ରତି ଆସକ୍ତ ହେବାପରି ନାୟକ ନାୟିକା ନିକଟରୁ ରସ ଗ୍ରହଣ କରୁଥିବା ପର୍ଯ୍ୟନ୍ତ ଦୁଃଖ ସୁଖର ଅନୁଭୂତିକୁ ପ୍ରକାଶ କରିଥାଏ । ଭ୍ରମର ମାଳତୀ ନିକଟରୁ ରସ ଶେଷ ନ ହେଉଣୁ ଆଉ ଗୋଟିଏ ଫୁଲ ନିକଟକୁ ଉଡ଼ିଯିବା ପରି ନାୟକ ଗୋଟିଏ ନାୟିକା ନିକଟରୁ ସମ୍ପୂର୍ଣ୍ଣ ରୂପେ ରସ ଗ୍ରହଣ ନ କରି

---

(୪୨) ମୁଖ୍ୟାର୍ଥବାଧେ ତଦ୍ ଯୁକ୍ତୋ ଯାୟାରନ୍ୟୋଽର୍ଥ ପ୍ରତୀୟତେ
ରୂଢ଼େ ପ୍ରୟୋଜନାଦ୍‌ବାସୌ ଲକ୍ଷଣା ଶକ୍ତିରର୍ପିତା ।

—ସାହିତ୍ୟ ଦର୍ପଣ, ପୃ-୬୨



Digitized by srujanika@gmail.com

ଅପର ନାୟିକା ପ୍ରତି ଆସକ୍ତ ହୁଏ । ପୁଣି ଫୁଲ ଦେହରୁ ରସ ନିର୍ଗତ ହେବା ପରେ ଫୁଲ ଝାଉଁଳି ମଉଳିବା ପରି ନାୟକ ନାୟିକା ନିକଟରୁ ରସ ଗ୍ରହଣ କରିସାରିବା ପରେ ନାୟିକା ବିରହ ବେଦନାରେ ଶୁଖି ଶୁଖି ମୃତ ସଦୃଶ ଯନ୍ତ୍ରଣା ଲାଭ କରେ ।

**ବ୍ୟଞ୍ଜନା**—ଅଭିଧାଦି ବୃତ୍ତିମାନେ ନିଜ ନିଜ ଅର୍ଥକୁ ବୁଝାଇ ବିରତ ହୋଇଗଲା ପରେ ଯେଉଁ ବୃତ୍ତି ଦ୍ୱାରା ଅନ୍ୟ ଅର୍ଥ ବୁଝାଯାଏ ତାହା ହେଉଛି ବ୍ୟଞ୍ଜନା (୪୩) । ଚତୁର୍ଥ ପଞ୍ଚକର ଏକ ସ୍ଥଳରେ କବି ଲେଖିଛନ୍ତି—

ପଦେ ଏକ ରମା ଦେଖିଲି ମିତ ରୂପେଣ ଜଗତ ମୋହେ
ସଖୀର ଆଗେ ଏସନ କହ୍ନ ଭଙ୍ଗିତ ଅପାଙ୍ଗେ ଗୃହେ
ମୋହର ପତି ଚନ୍ଦ୍ର ଯେସନ ପଦ୍ମଲୋଚନୀ ମୋ ଶାଶୁ
ଏହା ନ ଜାଣଇ ଯେବଣ ଗୁଆଁଳୀ କେତେ ମଣାଇବ ପଶୁ

— ଚତୁର୍ଥ ପଞ୍ଚକ/୨

ଏଠାରେ ନାୟିକା ପତିକୁ ଚନ୍ଦ୍ର ଓ ଶାଶୁକୁ ପଦ୍ମଲୋଚନୀ କହିବାରେ ବିଶେଷତ୍ୱ ପରିଲକ୍ଷିତ ହୁଏ । ପତିକୁ ଚନ୍ଦ୍ର କହିବା ମୂଳରେ ରୂପ ସାମ୍ୟ ଥିବା ଜଣାଯାଏ ନାହିଁ ବରଂ ଗୁଣସାମ୍ୟ ଚନ୍ଦ୍ର ପରନାରୀ (ତାରା) ପ୍ରତି ଆସକ୍ତ ଥିବା ଗ୍ରହଣ କରିହୁଏ । ମାତ୍ର ଶାଶୁକୁ ପଦ୍ମଲୋଚନୀ କହିବା ମୂଳରେ ଅଭିଧା ଶକ୍ତି ଓ ଲକ୍ଷଣା ଶକ୍ତି ପରାହତ ହୁଏ । ପତି ପରନାରୀ ଆସକ୍ତ ହୋଇଥିବାରୁ ଅଭିଧା ଲକ୍ଷଣା ଦୁଇଶକ୍ତିକୁ ଅତିକ୍ରମ କରି 'ପଦ୍ମଲୋଚନୀ'ର ଅର୍ଥ ରୂପେ ଅନ୍ଧୁଣୀ ଗ୍ରହଣ କରିହୁଏ ଯାହା ଫଳରେ ଉପନାୟକ ବା ଉପପତି ନାୟିକା ନିକଟକୁ ଆଗମନ କଲେ ରସ ଗ୍ରହଣରେ ବାଧା ସୃଷ୍ଟି ହେବନାହିଁ ।

---

(୪୩) ବିରତା ସ୍ୱଭିଧାଦ୍ୟାସୁ ଯାୟାର୍ଥୋ ବୋଧ୍ୟତେ ପରଃ
ସାବୃତ୍ତି ବ୍ୟଞ୍ଜନା ନାମ ଶବ୍ଦସାର୍ଥାଦ୍ୟକସ୍ୟଚ

— ସାହିତ୍ୟ ଦର୍ପଣ, ପୃ-୬୨



Digitized by srujanika@gmail.com

## ଉପସଂହାର—

ରାଗ ମୁକ୍ତାବଳୀ ଗ୍ରନ୍ଥର ଏକ ନକଲ ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି ବିଭାଗର ତତ୍ତ୍ୱାବଧାରକ ପଣ୍ଡିତ ଶ୍ରୀନିବାସ ରଥଙ୍କ ଦ୍ୱାରା ସଂଗୃହୀତ ହୋଇ ଓଡ଼ିଆ ଗବେଷଣା ପରିଷଦ ପକ୍ଷରୁ "ଏଷଣା" ତ୍ରୟୋଦଶ ଖଣ୍ଡରେ (ଡିସେମ୍ବର, ୧୯୮୬)ରେ ପ୍ରକାଶିତ ହୋଇଛି । ଏଥିରେ ଆଲୋଚ୍ୟ ଗ୍ରନ୍ଥର ସପ୍ତଦଶ ତଥା ଶେଷ ପଞ୍ଚକ ସମ୍ଭୋଗ ପଞ୍ଚକର ଚତୁର୍ଥ ପଦ ସ୍ଥାନରେ ଅନ୍ୟ ଏକ ପଦ ପ୍ରକାଶିତ । ସେହି ପଦଟି ନିମ୍ନରେ ଉଦ୍ଧାର କରାଗଲା—

ସ୍ମରଙ୍କ ରମ ବିବିଧ କଳା କଳାଭିବ ହୋଏ ଜାତ
ଖଟିଏ ଭୂରି ଭାବ ବିଗ୍ରହ ଏତେକ ଏ ଅଦଭୁତ
ସୁରତ ଶେଷ ଜାଣିଣ ହାସ ରସ ନ ଚଳଇ କେଉଁଅଙ୍ଗ
କେଉଁ ନବୋଳ ପରିହରଣ ସହଜ ଅଙ୍ଗ ସୁରଙ୍ଗ

ଏଠାରେ ସୁରତ ରସର ବୈଶିଷ୍ଟ୍ୟ ଚଉଷଠି ଭାବଦ୍ୱାରା ଉପସ୍ଥାପିତ । ଚଉଷଠି ଭାବ କହିବା ଦ୍ୱାରା କବି ବାତ୍ସ୍ୟାୟନଙ୍କ ଚଉଷଠି ବନ୍ଧକୁ ସ୍ମରଣ କରାଇ ଦିଅନ୍ତି । କବିଙ୍କ ଅନୁସାରୀ ମିଳନରେ ପରିପୂର୍ଣ୍ଣତା ଲାଭକଲା ପରେ ନାୟିକା ନିକଟରେ ହାସ୍ୟଭାବ ପ୍ରକାଶ ପାଏ । "ଏଷଣା"ରେ ସମ୍ଭୋଗ ପଞ୍ଚକ ପରେ ଆଉ ଚାରିଗୋଟି ପଦ ପ୍ରକାଶ ପାଇଛି । ତାହାକୁ ଏକ ପଞ୍ଚକ ଭାବେ ଗ୍ରହଣ କରାଯାଇପାରେ । କିନ୍ତୁ ସେହି ପଞ୍ଚକର କୌଣସି ନାମକରଣ ପରିଦୃଷ୍ଟ ହୁଏନାହିଁ । ସେହି ପଞ୍ଚକର ଅନ୍ତିମ ପଦଟି ଆଲୋଚ୍ୟ ଗ୍ରନ୍ଥର ସମ୍ଭୋଗ ପଞ୍ଚକର ଚତୁର୍ଥ ପଦ ରୂପେ ଗୃହୀତ । ପୁଣି ଉପରେ ଆଲୋଚିତ ପଦ ସହ ଏହି ଅଧିକା ପଦଗୁଡ଼ିକର ଶାସ୍ତ୍ରଗତ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ନାହିଁ । ପ୍ରାଚୀନ କାଳରେ କବିଗଣ ଭଣିତାରେ ହିଁ ରଚନାର ପରିସମାପ୍ତି କରୁଥିଲେ । ଏଷଣାରେ ପ୍ରକାଶିତ ଶେଷ ପଞ୍ଚକର ଶେଷ ପଦକରେ ଭଣିତା ପରିଦୃଷ୍ଟ ହୁଏ ନାହିଁ । ଏଣୁ ଏହାର ଗୁରୁତ୍ୱ ଉପଲବ୍ଧ ହେଉ ନଥିବାରୁ ସେହି ପଦଗୁଡ଼ିକର ସବିଶେଷ ଆଲୋଚନା କରାଯାଇ ନାହିଁ । ତଥାପି ପରିପୂର୍ଣ୍ଣତା ନିମନ୍ତେ କିମ୍ବା ଭବିଷ୍ୟତରେ ଆଉ କୌଣସି ପ୍ରତିଲିପି ସଂଗୃହୀତ ହେଲେ ଏହାର ଉପଯୋଗିତା ଆଶାକରି ଏହାକୁ ଗ୍ରନ୍ଥ ଶେଷରେ ପରିଶିଷ୍ଟ ଭାବେ ସଂଯୋଗ କରାଯାଇଛି ।



Digitized by srujanika@gmail.com

ଢ଼ଗ ମୁକୁତାବଳୀର ପଞ୍ଚକ ବିଭାଜନ ପଦ୍ଧତିରେ ପ୍ରଭାବିତ ହୋଇ ଓଡ଼ିଆ ରୀତି ସାହିତ୍ୟର ଅନ୍ୟତମ ବିଶିଷ୍ଟ ପୁରୋଧା ଆଚାର୍ଯ୍ୟ ଉପେନ୍ଦ୍ର ସ୍ୱ-ଅଲଂକାର ଶାସ୍ତ୍ରର ନାମ ରଖିଥିଲେ 'ରସ ପଞ୍ଚକ'। ଅବଶ୍ୟ ବିଷୟବସ୍ତୁ ଉପସ୍ଥାପନା ଦୃଷ୍ଟିରୁ ଉଭୟ ଗ୍ରନ୍ଥ ମଧ୍ୟରେ ବହୁ ବୈସାଦୃଶ୍ୟ ପରିଲକ୍ଷିତ ହୁଏ। ସେହିପରି ଅନ୍ୟତମ ରୀତି କବି କେନ୍ଦୁଝର ନୃପତି ବଳଭଦ୍ର ଭଞ୍ଜ ଢ଼ଗ ମୁକୁତାବଳୀ ନାମକରଣରେ ପ୍ରଭାବିତ ହୋଇ ନିଜ ଅଳଙ୍କାର ଗ୍ରନ୍ଥକୁ 'ରସ ମୁକ୍ତାବଳୀ' ନାମରେ ନାମିତ କରିଥିଲେ। ଏତଦ୍ ବ୍ୟତୀତ ଏହାର ବର୍ଣ୍ଣିତ ପଂକ୍ତି ସବୁ ପରବର୍ତ୍ତୀ କାଳରେ ବହୁ ବିଶିଷ୍ଟ କବିଙ୍କୁ କାବ୍ୟ କବିତା କ୍ଷେତ୍ରରେ ପ୍ରଭାବିତ କରିଥିଲା।

ଆଲୋଚ୍ୟ ଗ୍ରନ୍ଥକୁ ପରୀକ୍ଷା କଲେ ଏଥିରେ ଅଳଙ୍କାର ଶାସ୍ତ୍ରର ବହୁ ବିଭାବ ପ୍ରକାଶିତ। ସଂସ୍କୃତ ସାହିତ୍ୟରେ କାବ୍ୟତତ୍ତ୍ୱ ତଥା ଅଳଙ୍କାର ଶାସ୍ତ୍ର ପ୍ରଣେତାଗଣ ଆଚାର୍ଯ୍ୟ ଭାବେ ସମ୍ମାନିତ। ଏଣୁ ଢ଼ଗ ମୁକୁତାବଳୀ ଗ୍ରନ୍ଥର ପ୍ରଣେତା ନରସିଂହ ସେଣ ଓଡ଼ିଆ ସାହିତ୍ୟର ପ୍ରଥମ ଆଚାର୍ଯ୍ୟ କବି।

—*—



Digitized by srujanika@gmail.com

# ଉପକ୍ରମ

ରୁଦ୍ରଭୂଅପତି ନଗର ଭିତରେ ନାଗର ନାଗରୀମାନେ
ସ୍ଥାନେ ସ୍ଥାନେ ବସି ଭାବ କରୁଥାନ୍ତି ପୀଡ଼ିତ ମଦନ ବାଣେ
ରତିଗ ମୁକୁତାବଳୀ କଣ୍ଠତଟେ ଧରି ଯଉଁ ନାଏକା ବୁଝିଲେ
ରସିକ ବନ୍ଧୁ ବୋଲେ ସେ ରମା ମଦନ ଗୁଣ ଶୁଝିଲେ

ରୁଦ୍ରଭୂଅପତି ଅର୍ଥାତ୍ ଗଜପତି ପ୍ରତାପରୁଦ୍ର ଦେବଙ୍କ ନଗର ଭିତରେ କାମବାଣ ପ୍ରପୀଡ଼ିତ ନାଗର ନାଗରୀମାନେ ଦଳ ଦଳ ହୋଇ ଭାବ ଅର୍ଥାତ୍ ରସିକ କଥାର ଆଲୋଚନା କରୁଥିଲେ ! ଏଠାରେ ଭାବ ହେଉଛି ରସିକତାର ଭାବ । କବି ନିଜକୁ ରସିକବନ୍ଧୁ ଆଖ୍ୟା ପ୍ରଦାନ କରିଥିବାରୁ ନାଗର ଓ ନାଗରୀମାନଙ୍କର ରସିକତା ଭାବ ବୃଦ୍ଧି କରିବା ପାଇଁ ରତିଗ ମୁକୁତାବଳୀ ଗ୍ରନ୍ଥ ରଚନା କଲେ । ତାଙ୍କ ମତରେ ରତିଗ ମୁକୁତାବଳୀ ଗ୍ରନ୍ଥରେ କାମ ଭାବ ସମ୍ପର୍କରେ ଏପରି ବହୁ ଉପାଦାନ ଅଛି ଯାହା ସାହାଯ୍ୟରେ ରସିକମାନେ କାମ ଭାବର ପ୍ରକୃତ ଆମୋଦ ଉପଭୋଗ କରିବା ପାଇଁ ସମର୍ଥ ହେବେ ।

ଉକ୍ତ ଅଂଶରୁ ପ୍ରତାପରୁଦ୍ର ଦେବଙ୍କ ସମ୍ପର୍କରେ ତିନିଗୋଟି ସୂଚନା ଉପଲବ୍ଧ ହୁଏ । ଗଜପତି ପ୍ରତାପରୁଦ୍ର ଦେବ ବୈଷ୍ଣବ ଧର୍ମ ଗ୍ରହଣ କରିବା ପୂର୍ବରୁ ଉକ୍ତ ଗ୍ରନ୍ଥ ରଚିତ ହୋଇଥିଲା କିମ୍ବା ବୈଷ୍ଣବ ଧର୍ମ ଗ୍ରହଣ କରି-ସାରିବା ପରେ ଅନ୍ତଃପୁର ମଧ୍ୟରେ ଯାହାସବୁ ଘଟୁଥିଲା ସେ ସମ୍ପୂର୍ଣ୍ଣ ରୂପେ ଉଦାସୀନ ରହୁଥିଲେ ଅଥବା ଗଜପତି ନିଜେ ବୈଷ୍ଣବ ଧର୍ମ ଗ୍ରହଣ କରି ଏପରି ରସାଶ୍ରିତ ଗ୍ରନ୍ଥ ରଚନା ନିମନ୍ତେ ପ୍ରୋତ୍ସାହନ ଦେଉ-ଥିଲେ ।



Digitized by srujanika@gmail.com

କବି ପ୍ରଥମ ପଂକ୍ତିରେ ନାଗର ନାଗରୀଙ୍କ କଥା କହିଥିଲେ ହେଁ ଦ୍ୱିତୀୟ ପଂକ୍ତିରେ କେବଳ ନାୟିକା ତଥା ମୁକ୍ତାବଳୀ କଣ୍ଠସ୍ଥ କରିବା ଉଲ୍ଲେଖରୁ ନାୟିକା ଉପରେ ଗୁରୁତ୍ୱାରୋପ କରିଥିବା ଜଣାଯାଏ । ଶୃଙ୍ଗାର ରସରେ ପୁରୁଷ ଓ ନାରୀ ଉଭୟେ ଉଭୟଙ୍କ ନିମନ୍ତେ ଆଲମ୍ବନ ହୋଇଥିବା ଅଳଙ୍କାର ଶାସ୍ତ୍ରରେ କୁହାଗଲେ ମଧ୍ୟ ଭାରତୀୟ କାବ୍ୟ ପରମ୍ପରାରେ ନାରୀର ପ୍ରାଧାନ୍ୟ ଦେଖିବାକୁ ମିଳେ (୧) । ପୁନଶ୍ଚ କୁହାଯାଇଛି—ପୁରୁଷମାନେ ରତି ଚାହାନ୍ତି, ସ୍ତ୍ରୀମାନେ ମଧ୍ୟ ରତି ଚାହାନ୍ତି । ସ୍ତ୍ରୀ ମାନଙ୍କୁ ବାଦ ଦେଲେ ରତି ସମ୍ଭବପର ନୁହେଁ । ଏଣୁ କାମଶାସ୍ତ୍ରରେ ସ୍ତ୍ରୀମାନଙ୍କ ବିଷୟ ବିଶେଷ ଭାବେ ବର୍ଣ୍ଣିତ (୨) ।

ପଦାବଳୀ ସାହିତ୍ୟକାରମାନେ ନିଜକୁ ବାରମ୍ବାର ରସିକ ଉଚ୍ଚାରଣ କରିଥିବା କବି ନରସିଂହ ସେଣ ନିଜକୁ ରସିକ ବନ୍ଧୁ ଘୋଷଣା କରିଛନ୍ତି । କେବଳ ନାଗର ବା ନାଗରୀଙ୍କ ନିମନ୍ତେ ଏହା ରଚିତ ହୋଇ-ଥିବାରୁ ସେ ରସିକ ବନ୍ଧୁ ନୁହନ୍ତି । ରସ ଶାସ୍ତ୍ର ଜାଣିଥିବାରୁ ସେ ନିଜକୁ ରସିକ ବନ୍ଧୁ ଆଖ୍ୟା ପ୍ରଦାନ କରିଛନ୍ତି । ପୁଣି କବି ନିଜର ଗ୍ରନ୍ଥ ନିର୍ବିଘ୍ନରେ ସମାପନ ହେବା ନିମନ୍ତେ ଭାରତୀୟ ପରମ୍ପରା ଅନୁଯାୟୀ ଆଶୀର୍ନମସ୍କ୍ରିୟା ପ୍ରଦାନ ନକରି ପ୍ରତାପରୁଦ୍ରଙ୍କ ନଗରର ପରିବେଶ ତଥା ତାଙ୍କ ଗ୍ରନ୍ଥରେ ଥିବା ବିଷୟବସ୍ତୁର ସଂକ୍ଷିପ୍ତ ସୂଚନା ଦେଇ ଏକ ନୂଆ ଧାରାର ପ୍ରବର୍ତ୍ତନ କରିଛନ୍ତି ।

ଏପରି ଭାବେ ଗ୍ରନ୍ଥ ଆରମ୍ଭ କରିବା ପଦ୍ଧତି କେବଳ ଓଡ଼ିଆ ସାହିତ୍ୟରେ ନୁହେଁ ହିନ୍ଦୀ ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ । ଭିସମାନ କହିଛନ୍ତି, ମୋର କାହାଣୀ ପିଲା ଶୁଣିଲେ ସେମାନଙ୍କ ମନରେ କାମ ଭାବ

---

(୧) ରୀତି କାବ୍ୟ ମେଁ ଶୃଙ୍ଗାର ପରମ୍ପରା ଔର ମହାକବି ବିହାରୀ
—ପୃ, ୧୨୮

(୨) ରତ୍ୟଥା ପୁରୁଷ ଯେନ ରତ୍ୟର୍ଥାଶ୍ଚୈବ ଯୋଷିତଃ
ଶାସ୍ତ୍ରସ୍ୟାଥ ପ୍ରଧାନତ୍ୱାତ୍ତେନ ଯୋଗୋଽତ୍ର ଯୋଷିତାମ୍
—କାମ ସୂତ୍ରମ୍, ଷଷ୍ଠମଧିକରଣ, ୬ଷ୍ଠ ଅଧ୍ୟାୟ/୧୨



Digitized by srujanika@gmail.com

ଜାଗ୍ରତ ହେବ, ଯୁବକ ଶୁଣିଲେ ସେମାନଙ୍କ ମନରେ କାମ ଭାବ ବୃଦ୍ଧି ପାଇବ ଏବଂ ଭୋଗୀମାନେ ସୁଖ ଭୋଗରେ ଏହାର ପ୍ରୟୋଗ କରିପାରିବେ (୩) ।

## ୧) ଗୁଆଂଗୀ ପଞ୍ଚକ

ଗୁଆଂଶୀ ନାରୀ କୃପଣ ଘନ ଏ ଦୁହେଂ ଶ୍ୟାମବରଣ (ସମାନ ରସ)
ମୃଦୁବାଣୀ ପରସନ ଦେଖା କେବେହେଂ ନ ଦେବ ଆଣ
ନାଗର ଲୀଳା ଭାବ କଳା ଦେଖାନ୍ତି ସେ ଛକ ଡ଼ାକୁ ଜୀବନ ବଧ
ପଣ୍ଡିତ ନାଏକ ବୁଝି ନ ପାର ଜାଣି ହୋଇଥାନ୍ତି ଅନ୍ଧ । ୧ ।

କବି ଗୁଆଂଶୀ ନାରୀକୁ କୃପଣ ଘନ ସହିତ ତୁଳନା କରିବାରେ ଏ ଦୁହେଁ ଶ୍ୟାମବର୍ଣ୍ଣ ବୋଲି କହିଛନ୍ତି । ଶ୍ୟାମ ବର୍ଣ୍ଣ ମେଘ ପକ୍ଷରେ କଳା ବର୍ଣ୍ଣ ଏବଂ ଗୁଆଂଶୀ ନାରୀ ନିମନ୍ତେ ଶୃଙ୍ଗାର ରସ ପରିପୂର୍ଣ୍ଣା ନାରୀ ପାଇଁ ପ୍ରଯୁକ୍ତ । ଗୁଆଂଶୀ ନାରୀ ମୃଦୁ ବଚନ ଓ ପ୍ରସନ୍ନ ବଦନ ବିଶିଷ୍ଟା ହେଲେ ମଧ୍ୟ ନାୟକର ଆଶା ପୂରଣରେ ଅତ୍ୟନ୍ତ କଠୋର । ସେ ନାଗରକୁ ବିଭିନ୍ନ ଲୀଳା ଓ କଳା ଦେଖାଇ ଛକ ସ୍ଥାନରେ ଡ଼ାକୁ ଲୋକଙ୍କର ଜୀବନ ବଧ କଲାପରି ସେ ଲୋକ (ନାଗର) ମାନଙ୍କୁ ବିପଦ ଆଡ଼କୁ ଟାଣିନିଏ । ପଣ୍ଡିତ ନାୟକମାନେ ମଧ୍ୟ ଗୁଆଂଶୀ ନାରୀର ଲୀଳାକୁ ବୁଝି ନ ପାରି ତାହାର ଲୀଳା ଓ କଳା ପ୍ରତି ଆକୃଷ୍ଟ ହୋଇଥାନ୍ତି । ଧନଞ୍ଜୟ ବିନୀତ, ପ୍ରିୟଦର୍ଶନ, ତ୍ୟାଗୀ, ଚତୁର, ପ୍ରିୟଭାଷୀ, ଲୋକମାନଙ୍କ ଆନନ୍ଦ ପ୍ରଦାନକାରୀ, ପବିତ୍ର ମନଯୁକ୍ତ, ବାଗ୍ମୀ, କୁଳୀନ ବଂଶଯୁକ୍ତ ଯୁବକକୁ ନାୟକ ଆଖ୍ୟା ପ୍ରଦାନ କରିଛନ୍ତି (୧) ।

---

(୩) ବାଳକ ସୁନତ କାମ ରସ ଲହୁ ।
ତରୁନହ୍ନ କେ ମନ କାମ ବଢ଼ାଉ ।।
× × ×
ଭୋଗୀ କହଁ ସୁଖ ଭୋଗ ବଢ଼ାଉ । (ରସାବଳୀ)

(୧) ନେତା ବିନୀତୋ ମଧୁରସ୍ତ୍ୟାଗୀ ଦକ୍ଷଃ ପ୍ରିୟଂବଦଃ
ରକ୍ତଲୋକଃ ଶୁଚିର୍ବାଗ୍ମୀ ରୂଢ଼ବଂଶଃ ସ୍ଥିରୋଯୁବା ।
—ଦଶରୂପକ, ୨/୧



Digitized by srujanika@gmail.com

ପଣ୍ଡିତ ନାୟକ ଗୁଆଂଗ୍ଧ ନାୟିକର ଆଚରଣରେ ବାଗ୍ଭ୍ରଷ୍ଟ ହୋଇଥିବାରୁ ବନ୍ଧ ସାଧାରଣ ବ୍ୟକ୍ତିର ପରିସ୍ଥିତି ସହଜରେ ଅନୁମେୟ ।

ରୁହିଁଲେ ରୁହିଁବ ହସିଲେ ହସିବ ବାଣୀକି ଝେକଇ କନ
ଜୀବନ ମୁକତି ଏତେକେ ଲଭଇ ନ ପାଇଲେ ରତିଦାନ
ମୋହର ଦୁଃଖ ମନେ ନ ଘେନଇ ଉଣ୍ଣାସି ପେଷିଲେ ଦୂତି
ସେହିହା ନ ଜାଣଇ ସେବକ ଗୁଆଂଗ୍ଧ ବଜ୍ର ସମାନ ତା ମତି । ୨ ।

ସାଧାରଣତଃ ରସବନ୍ତୀ ନାୟିକା ନାୟକର ମନକୁ ମୁଗ୍ଧ କରିବା ପାଇଁ ନାୟକ ରୁହିଁଲେ ସେ ରୁହେଁ, ନାୟକ ହସିଲେ ସେ ହସେ, ନାୟକର ବାଣୀ ଶୁଣିବା ନିମନ୍ତେ ଉଦ୍ଗ୍ରୀବ ଭାବ ପ୍ରକାଶ କରେ । କବି ନରସିଂହ ସେଣଙ୍କ ମତରେ ରତିଦାନ ବା ସମ୍ଭୋଗ ବଡ଼କଥା ନୁହେଁ । ନାୟିକାର ରୁହାଣୀ, ହାସ ଓ ବାଣୀ ନାୟକକୁ ମୁକ୍ତିଦାନ କରିବା ପାଇଁ ଯଥେଷ୍ଟ । ଯେଉଁ ନାୟିକା ନାୟକର ମନକଥା ନ ବୁଝେ ଏବଂ ବାରମ୍ବାର ଦୂତୀ ପ୍ରେରଣ କରେ ସେପରି ନାୟିକାକୁ ସେ ଗୁଆଂଗ୍ଧ ଏବଂ ସେମାନଙ୍କର ମତି ବଜ୍ର ସଦୃଶ କଠୋର ହୋଇଥିବା କବି କହିଛନ୍ତି । ତେଣୁ ପ୍ରଥମ ପର୍ଯ୍ୟାୟରେ ରସିକମୀ ନାୟିକାର ଚରିତ୍ରଦେଇ ଏବଂ ଏହାକୁ ଗୁଆଂଗ୍ଧ ନାୟିକାର ପ୍ରକୃତି ସହିତ ତୁଳନା କରି ଗୁଆଂଗ୍ଧ ନାୟିକାର ନିଷ୍ଠୁରତାକୁ ପ୍ରକାଶ କରିଛନ୍ତି ।

କବି ନରସିଂହ ସେଣ ରସବନ୍ତୀ ନାୟିକାର ଯେଉଁ ଲକ୍ଷଣ ପ୍ରଦାନ କରିଛନ୍ତି ଭାନୁଦତ୍ତ ସ୍ୱୀୟା ନାୟିକା ସମ୍ପର୍କରେ ଅନୁରୂପ ମତ ପ୍ରଦାନ କରିଥିବା ଜଣାଯାଏ । ତାଙ୍କ ଅନୁଯାୟୀ ସ୍ୱକୀୟା ନାୟିକା ହେଉଛି ଆଦର୍ଶ ସ୍ୱାମୀୟା । ସେ ପତି ନିକଟରେ ଆପଣାର ସର୍ବସ୍ୱ ଅର୍ପଣ କରିଥାଏ । ପତିର ଦୁଃଖରେ ଦୁଃଖୀ ଏବଂ ସୁଖରେ ସୁଖୀ ହୁଏ । ପତିର ମିତ୍ର ଏହାର ମିତ୍ର, ପତିର ଶତ୍ରୁ ଏହାର ଶତ୍ରୁ ଏବଂ ପତିର ସମ୍ବନ୍ଧୀ ଏହାର ସମ୍ବନ୍ଧୀ ରୂପେ ପରିଗଣିତ ହୁଅନ୍ତି । ଏହି ନାୟିକା ସ୍ୱପ୍ନରେ ସୁଦ୍ଧା ପତିର ପ୍ରତିକୂଳାଚରଣ କରେ ନାହିଁ । ସେ ଲୋକମାନଙ୍କ ମଧ୍ୟରେ ପତିବ୍ରତା ନାମ ଧାରଣ କରେ । ଏହି ନାୟିକା ପତି ସେବାକୁ ଆପଣାର କର୍ତ୍ତବ୍ୟ ଭାବେ ଗ୍ରହଣ କରେ (୨) ।

---

(୨) ରସମଞ୍ଜରୀ, ପୃ ୧୦ ।



Digitized by srujanika@gmail.com

ଅଳଙ୍କାର ଶାସ୍ତ୍ରରେ ନାୟିକାର ଦୂତୀ ପେଷଣକୁ ଅଭିସାରିକା ଆଖ୍ୟା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ କେତେକ ସ୍ଥଳରେ ଆପ୍ତ ଦୂତୀ ପ୍ରସଙ୍ଗ ରୂପେ ସ୍ୱୀକାର କରାଯାଇଛି । ଭାନୁଦତ୍ତ ଦୂତୀକୁ ପ୍ରେରଣ କରିଥିବା ନାୟିକାକୁ ଅଭିସାରିକା କହିଥିବା ବେଳେ (୩) କାମସୂତ୍ରରେ ଅଭିସାରିକା ଦୂତୀ ପଠାଇବା ଅଥବା ନିଜେ ଯିବା ବୁଝାଯାଇଛି । ଧନଞ୍ଜୟ କାମ ଦ୍ୱାରା ପୀଡ଼ା ପାଇଥିବା ନିଜେ ନାୟକ ପାଖକୁ ଗଲେ ଅଥବା ନାୟକକୁ ନିଜ ପାଖକୁ ଡାକିଲେ ଅଭିସାରିକା ଆଖ୍ୟା ପ୍ରଦାନ କରିଛନ୍ତି (୪) ।

'ବଜ୍ର ସମାନ ତା ମନ' ପ୍ରୟୋଗକୁ କବି ଭାନୁଦତ୍ତଙ୍କଠାରୁ ଗ୍ରହଣ କରିଥିବା ମନେହୁଏ । ରସମଞ୍ଜରୀରେ ମାନୀ ନାୟକ ଉଦାହରଣରେ ନାୟିକା କହୁଛି, ମାନୀ ନାୟକର ଅନୁନୟ ବିନୟ ବାହ୍ୟାଡମ୍ବର ମାତ୍ର ଏବଂ ତାହାର ମନ ବଜ୍ର ସଦୃଶ କଠୋର (୫) । କିନ୍ତୁ ପାର୍ଥକ୍ୟ ହେଉଛି ଭାନୁଦତ୍ତଙ୍କ ନାୟକର ମନ ବଜ୍ର ସଦୃଶ କଠୋର ହେବା ବେଳେ ନରସିଂହ ସେଣଙ୍କ ନାୟିକାର ମନ ବଜ୍ର ସଦୃଶ କଠୋର ।

କବି ତାଙ୍କର ଅନ୍ୟ ଏକ କାବ୍ୟ 'ପରିମଳା'ରେ ଗୁଆଁଙ୍ଗୀ ନାରୀକୁ ମାକରଡା ପଥର ଏବଂ ରସବତୀ ନାୟିକାକୁ ଚନ୍ଦ୍ରକାନ୍ତ ମଣି ସହ ତୁଳନା କରିଛନ୍ତି । ଚନ୍ଦ୍ରକାନ୍ତ ମଣି ଓ ମାକରଡା ପଥର ଉଭୟେ ଜାତିରେ ପଥର ହେଲେ ହେଁ ଉଭୟଙ୍କର କାର୍ଯ୍ୟ ପଦ୍ଧତି ଭିନ୍ନ । ଚନ୍ଦ୍ର ଦର୍ଶନରେ ଚନ୍ଦ୍ରକାନ୍ତ ମଣି ବିଗଳିତ ହେଉଥିବା ବେଳେ ମାକରଡା ପଥରର ଅବସ୍ଥାରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ସେହିପରି ସୁବୋଧ ନାରୀ ଓ ଗୁଆଁଙ୍ଗୀର ଭାବ—

ଚନ୍ଦ୍ରକୁ ଦେଖିଲେ ଯେସନେ ଦ୍ରବେ ଚନ୍ଦ୍ରମଣି
　　　　ମାଙ୍କଡ଼ା ପଥରରୁ ଝରଇ କି ପାଣି
ମାଙ୍କଡ଼ା ଗୁଆଁଙ୍ଗୀ ସେ ବାରି ହୁଅଇ ସେ
　　　　ଚନ୍ଦ୍ରକାନ୍ତ ଶୁଦ୍ଧମଣି ସୁପୁରୁଷ ରସେ ଯେ ।

—ପରିମଳା, ୬୫/୫୪,୫୫

---

(୩) ତତ୍ରୈବ, ପୃ-୨୨୫
(୪) ଦଶରୂପକ, ପୃ-୧୧୮
(୫) ରସମଞ୍ଜରୀ, ପୃ-୨୧୪



Digitized by srujanika@gmail.com

ପୁଣି କବି ଗୁଂଆସ୍ତ ନାୟକର ଆଚରଣକୁ ପଥରରେ ପାରଦର ସଂସ୍ପର୍ଶ ନ ହେବା ଏବଂ ଗୁଆଂସ୍ତ ନାୟ ସହିତ ପ୍ରୀତିକୁ ବସିଥିବା ଡ଼ାଳକୁ କାଟିବା ରୂପରେ ଗ୍ରହଣ କରିଛନ୍ତି—

ଶତେକ ବରଷ ବସି ପାରସେ ଘଷିଲେ
କେବେ ହେଁ ନ ଲଗଇ ସେ ପାଷାଣର ଭୂଲେ ଯେ
ଯେଉଁ ଡ଼ାଳେ ବସିଥିବ କାଟିବ ସେ ଡାଳ
ମୂଢ଼ ନାୟ ରସିବାକୁ ସ୍ନେହ କର୍ମ ଭଲ ଯେ

— ପ୍ରେମକଳା, ୭୫/୫୦,୫୧

ବିନୟ ବଚନ ନ ଶୁଣଇ ଡ଼ାକେ ଠାରିଲେ ଗୃହଂଇ ନାହିଁ
ଚରଣେ ପଡ଼ିଲେ ଉପହାସ କରଇ କହେ ଜଗତ ବସାଇ
ରସ ଭାବ କିଛି ନ ଜାଣଇ ଧନକୁ କରଇ ସଧ
ଏମନ୍ତ ସ୍ତିରୀକ ମୁଣ୍ଡ କାଟିଲେ ହେଁ ନ ଲାଗଇ ସ୍ତିରୀ ବଧ । ୩ ।

ଗୁଆଂସ୍ତ ନାୟିକା ରସିକର ବିନୟ ବଚନ ବା ଗୃହକୁ କର୍ଣ୍ଣପାତ କରେ ନାହିଁ କିମ୍ବା ନାୟକର ଠାର ପ୍ରତି ଲକ୍ଷ୍ୟ ପ୍ରକାଶ ନ କରି ନିରୁତ୍ତର ରହେ । ରସିକ ପୁରୁଷ ତା'ର ପାଦ ତଳେ ପଡ଼ିଲେ ସେ ଲୋକଙ୍କ ଆଗରେ ସେହି କଥାକୁ ପ୍ରଚାର କରି ଉପହାସ କରେ । ଧନ ପ୍ରତି ତାହାର ଅସୀମ ଶ୍ରଦ୍ଧା । ରସ ଭାବ ସେ କିଛି ଜାଣେ ନାହିଁ । ଏପରି ଗୁଂଆସ୍ତ ନାୟିର ମୁଣ୍ଡ କଟାଗଲେ ସ୍ତ୍ରୀ ହତ୍ୟା ଦୋଷରେ ଭାଗୀ ହେବାକୁ ହୁଏ ନାହିଁ ।

ଧ୍ୱନ୍ୟାଲୋକ ଗ୍ରନ୍ଥର ଏକ ସ୍ଥଳରେ ଶ୍ରୀକୃଷ୍ଣ ରାଧାଙ୍କୁ କହିଛନ୍ତି "ଆହେ ରାଧେ ତୁମେ ଅକାଳରେ କୁପିତା ହୋଇ ଯେତେ ଅନୁନୟ କଲେ ମଧ୍ୟ ପ୍ରସନ୍ନ ହେଉନାହିଁ, ଅତଏବ ତୁମେ ଦୁରାରାଧା ଅଟ, ଆଉ କାନ୍ଦ ନାହିଁ", ଏହା କହି ନିଜେ ପିନ୍ଧିଥିବା ଲୁଗା କାନିରେ ରାଧାଙ୍କ ଲୁହ ପୋଛି ଦେଇଛନ୍ତି । ଶ୍ରୀକୃଷ୍ଣଙ୍କ ନିଃସ୍ୱ କଳାପର ଉତ୍ତରରେ ରାଧା କହିଛନ୍ତି— 'ହେ ସୁଭଗ ! ମୋର ଲୁହଧାରକୁ ଏହି କଟିବସ୍ତ୍ରରେ ପୋଛୁଛ ଯେ ତୁମ୍ଭ ପକ୍ଷେ ରାଧା ପ୍ରକୃତରେ ଦୁରାରାଧା ଅଟେ' ଅର୍ଥାତ୍ ତୁମେ ଯେତେ ଅନୁନୟ



Digitized by srujanika@gmail.com

ବିନୟ ଦେଖାଇଲେ ମଧ୍ୟ ରାଧା ପ୍ରସନ୍ନା ହେବ ନାହିଁ (୬)। ଭାନୁଦତ୍ତ ପ୍ରଗଲ୍ଭା ଧୀରାଧୀରା ନାୟିକାର ଉଦାହରଣରେ କହିଛନ୍ତି—ଅପରାଧୀ ପ୍ରିୟତମ ଶଯ୍ୟା ନିକଟରେ ପହଞ୍ଚିବା ପରେ ପ୍ରିୟତମା ତାହାଙ୍କୁ ଦେଖି ନିଜ ମୁହଁ ମୋଡି ଦେଇଛି, ହାତ ଉପରେ ହାତ ରଖିବାରୁ ଆଖିକୁ ଲାଲ କରି-ଦେଇଛି, ପ୍ରିୟ ତାହାର କପାଳ ଶୋଭା ବର୍ଣ୍ଣନା କରିବାରୁ ଖୁବ୍ ଜୋର୍‌ରେ ହସି ଦେଇଛି (୭)। ହାଲୀ କବି ବିହାରୀଙ୍କ କବିତାର ଏକ ସ୍ଥଳରେ ନାୟିକା ନାୟକର ଠାରକୁ ଗ୍ରହଣ କରି ସଜଳ ଭ୍ରୂରେ ସମ୍ମୁଖକୁ ଦେଖୁ-ନ ଥିବା ବର୍ଣ୍ଣନା ଉପଲବ୍ଧ ହୁଏ (୮)। ଅମରୁ ଶତକର ଏକ ଛନ୍ଦରେ ନାୟକ ନାୟିକା ପ୍ରତି ଚାଟୁ ପ୍ରୟୋଗ କରି ତାହାର ପାଦ ତଳେ ଲୋଟିଥିଲେ ମୁଗ୍ଧା ନାୟିକା କଟୂ ବଚନ ପ୍ରୟୋଗ କରିଛି (୯)।

ଓଡ଼ିଆ ହରିବଂଶରେ ଏକ ସ୍ଥଳରେ ଶ୍ରୀକୃଷ୍ଣ ରାଧାଙ୍କୁ ବହୁ ଅନୁନୟ ବିନୟ କରି ଚାଟୁ ପ୍ରୟୋଗ କରିବା ସହ ପାଦତଳେ ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳେ। ଶ୍ରୀକୃଷ୍ଣଙ୍କ ଏତାଦୃଶ କର୍ମରେ ରାଧା ସନ୍ତୁଷ୍ଟା ନ ହୋଇ ବରଂ ଉତ୍କ୍ଷିପ୍ତା ହୋଇଛନ୍ତି—

ଅନେକ ପ୍ରତି ଆଶାରେ ଆସିଛି ତୋ ପାଶ
ଜୀବ ଥିବାଯାଏ ସଖୀ ହେବି ତୋର ଦାସ

---

(୬) ଦୁରାରାଧା ରାଧା ସୁଭଗ ! ଯଦନେନାପି ସ୍ଜତସ୍ତବୈତ
ପ୍ରାଣେଶାଜ ଜଘନ ବସନେ ନା ଶ୍ରୁ ପତିତମ୍—ଧ୍ୱନ୍ୟାଲୋକ, ପୃ-୩୫୩

(୭) ରସମଞ୍ଜରୀ, ପୃ-୬୯

(୮) ସୌଂ ହୈଂ ଗ୍ୟୁହୈ୍ୟା ନ ଠୈଂ କେଞ୍ଚ ଜ୍ୟାଇ ସୌଂହ
ଯ୍ୟୈ ହୋ ଏକ୍ୟାଂ ବୈଠୀ କହ୍ୟୈଂ ଅାଂଠୀ ଚୂଂଠୀ ଭୌଂହ
—ବିହାରୀ/୬୮୬

(୯) ଚରଣ ପତନ ପ୍ରତ୍ୟାଖ୍ୟାନ ପ୍ରସାଦ ପରାଙ୍ମୁଖେ
ନିଭୃତକିତ ବାକ୍ୟରେ ଭୂ୍ୟକ୍ତେ ରୁଷା ପରୁଷୀକୃତେ।
—ଅମରୁ ଶତକମ୍/୮୦



Digitized by srujanika@gmail.com

ସ୍ବକର ସବଏ ସେବା କରୁଥିବ ନିତ
ବଚନ ନ ଲଙ୍ଘି ତୋର ହେବ ବଶବର୍ତ୍ତୀ
×　　　×　　　×
ଏତେ ବୋଲଣ ଚରଣ ଧରନ୍ତେ ସେ ଯାଇ
କ୍ରୋଧ ଭରେ ଗୋପାଙ୍କୁଣି ଦେଲା ଫୋପଡ଼ାଇ
×　　　×　　　×
ଚନ୍ଦ୍ରବଦନୀ ବୋଲେ ତୁ ବଡ଼ଇ ନିର୍ଲଜ
ସ୍ତ୍ରୀଣ ଦେଖି ଏଥିଠାରୁ ପଳାରେ ବେହାଜ ।
ସ୍ବୈର ହୋଇ ଏତେ ବଡ ଗର୍ବ ମନେ ବହୁ
ନାସ୍ତି କରିଲେ ଯେ ପୁଣି ତାହିଁ ତାହିଁ କହୁ ।
(ହରିବଂଶ ୩ୟ ଖଣ୍ଡ, ପୃ-୩୩୦)

ପୂର୍ବରୁ ଦିଆଯାଇଥିବା ବିଭିନ୍ନ ବର୍ଣ୍ଣନାରୁ ଜଣାଯାଏ ନାୟିକାର ବିଭିନ୍ନ କ୍ରିୟା କଳାପ କେବଳ ନାୟକ ନିକଟରେ ସୀମାବଦ୍ଧ । କୌଣସି ଆଳଙ୍କାରିକ ନାୟିକାର ଭର୍ତ୍ସନାକୁ ଲୋକ ସମ୍ମୁଖରେ ପ୍ରକାଶ କରିନାହାନ୍ତି । କିନ୍ତୁ ଢ଼ଗ ମୁକ୍ତାବଳୀର ନାୟିକା ନାୟକ ତାହାର ପାଦତଳେ ପଡ଼ିଥିବା ବେଳେ ଉପହାସ କରି ହାଠ ବସାଇ ଦେଇଛି ।

ଗୁଆଂସୀ ନାୟିକାର ଅନ୍ୟ ଏକ ଲକ୍ଷଣ ହେଉଛି ସେ ଭାବ ରସ ପ୍ରତି ଗୁରୁତ୍ବ ନ ଦେଇ ଧନ କାମନା କରିଥାଏ । ସମାଜରେ ବେଶ୍ୟା ହିଁ କେବଳ ଧନ ପ୍ରତି ଆଶା ପୋଷଣ କରେ । ଆଚାର୍ଯ୍ୟ କ୍ଷେମେନ୍ଦ୍ର କହିଛନ୍ତି— ଧନ ଲୋଭରେ ବେଶ୍ୟା କୁଷ୍ଠରୋଗୀ ବା ବୃଦ୍ଧ ବ୍ୟକ୍ତିକୁ କାମଦେବ ସଦୃଶ ଜ୍ଞାନ କରିଥାଏ ଏବଂ ଧନ ବିନା କାମଦେବ ସଦୃଶ ଯୁବକକୁ କୋଢ଼ୀ ଏବଂ ଜରାଜୀର୍ଣ୍ଣ ମନେକରେ (୧୦) । ଶୃଙ୍ଗାର ମଞ୍ଜରୀକାର ସାହ ଆକବରଙ୍କ ଅନୁଯାୟୀ—ଯେଉଁଠାରେ ଧନ ପ୍ରତି ଉଦ୍ଦେଶ୍ୟ ଥାଏ ତାହାକୁ ଅନୁରାଗ କୁହାଯାଏ ନାହିଁ, ଅନୁରାଗର ଆଭାସ ମାତ୍ର (୧୧) ।

---

(୧୦) ବିତ୍ତେନ ବେତ୍ତି ବେଶ୍ୟା ସ୍ମର ସଦୃଶଂ କୁଷ୍ଠିନଂ ଜରାଜୀର୍ଣ୍ଣମ୍
ବିତ୍ତ ବିନାଽପି ବେତ୍ତି ସ୍ମର ସଦୃଶଂ କୁଷ୍ଠିନଂ ଜରାଜୀର୍ଣ୍ଣମ୍

(୧୧) ରସମଞ୍ଜରୀ ବ୍ୟାଖ୍ୟା, ପୃ-୧୧୨ ।



Digitized by srujanika@gmail.com

ହେଠ ମୁହଁ ଆସି ଦେଖା ସେ ଦିଅଇ କହେ ପରିହାସ କଥା
'ସୁରତ ମାଗିଲେ ନାହିଁ ନ କରଇ ହସିଣ ପୋତଇ ମଥା
ଆସି ଯାଇ ଚାରଇ ଆସଇ ନାହିଁ ନଡ୍ଡୋହେଁ ହେଖାଇ ଆଶ
ଏମନ୍ତ ଭାମାକୁ ଗଇ ମାଂସ କଲେ ନ ଲାଗଇ ହତ୍ୟାଦୋଷ । ୪ ।

ଆଉ ଏକ ପ୍ରକାର ଗୁଆଂଶ ନାୟିକା ନାୟକ ସମ୍ମୁଖରେ ହଠାତ୍ ଦେଖାଦେଇ ପରିହାସପୂର୍ଣ୍ଣ କଥାବାର୍ତ୍ତା କରେ । ନାୟକ ସମ୍ଭୋଗର ପ୍ରତିଶ୍ରୁତି ଋହିଁଲେ ନାହିଁ ନ କରି ହସି ମଥା ପୋତି ଦେଇ ନିଜର ମୌନ ସମ୍ମତି ଜଣାଏ । ସଙ୍କେତ ସ୍ଥଳକୁ ପ୍ରତ୍ୟହ ଯିବାର ଆଶା ଦେଇ ଯିବାର ସୁଯୋଗ ଥିଲେ ମଧ୍ୟ ଯାଏ ନାହିଁ । କବିଙ୍କ ଅନୁଯାୟୀ ଏପରି ନାୟିକାକୁ 'ଗଇ ମାଂସ' ଅର୍ଥାତ୍ ତିଳ ତିଳ କରି ହତ୍ୟା କଲେ ମଧ୍ୟ ହତ୍ୟା ଦୋଷରେ ଭାଗୀ ହେବାକୁ ହୁଏ ନାହିଁ ।

ଗୃଷ୍ଟୁ କହିଲେଣ ଅଧିକ ରୁଷଇ କାନ୍ତକୁ ଦିଅଇ ଗାଳି
ବାହିନା ସୁରତେ ରସଇ ନାହିଁ ହମ୍ଭବ ମଣଇ ଖଳୀ
ଫୁଲ ଗନ୍ଧ ଦେଖି ଉଶ୍ୱାସ ନୁହଇ ଲଭଇ ମନେ-ବିମୁଖ
ଏମନ୍ତ ସ୍ତ୍ରିୟାଙ୍କ ରମିବାର ତହୁଁ ଗ୍ରାଗଳ ରମିବା ସୁଖ । ୫ ।

ଗୁଆଂଶ ନାୟିକାର ଅନ୍ୟ ଏକ ଭେଦ ଦର୍ଶାଇ କବି କହିଛନ୍ତି ଯେ ନାୟକ ତାହା ପ୍ରତି ଗୃଷ୍ଟୁ ପ୍ରଦର୍ଶନ କଲେ ସେ ଅଧିକ ରୁଷିବା ସହ ନାୟକକୁ ଗାଳି ଦିଏ । ନାୟକ ଉପହାର ସ୍ୱରୂପ ଫୁଲ, ଗନ୍ଧ, ଚନ୍ଦନ ପ୍ରଭୃତି ଅର୍ପଣ କଲେ ବିମୁଖ ଭାବ ପ୍ରକାଶ କରିବା ସହ ବାହ୍ୟ ସୁରତ ପ୍ରତି ଘୃଣାଭାବ ପ୍ରଦର୍ଶନ କରେ । କବିଙ୍କ ଅନୁଯାୟୀ ଏଭଳି ସ୍ତ୍ରୀ ଉପଭୋଗଠାରୁ ଗ୍ରାଗଳ ରମଣ ଅଧିକ ସୁଖପ୍ରଦ ।

ଗୁଆଂଶ ନାୟିକାର ପ୍ରକୃତି କଳହ ପ୍ରିୟ । ନାୟକର ବିନା ଅପରାଧରେ ସେ କୁପିତା ହୋଇଥାଏ । ଭାନୁଦତ୍ତ ପ୍ରୌଢ଼ା କଳହାନ୍ତରିତା ସମ୍ପର୍କରେ ଅନୁରୂପ ଶବ୍ଦ ପ୍ରଦାନ କରିଛନ୍ତି—ନାୟିକା ଆପଣାର ନେତ୍ର, ଜିହ୍ୱା ଆଦିକୁ ଏପରି ଭାବେ ବଶୀଭୂତ କରିଥାଏ ଯେ ନାୟକ ଆତ୍ମୀୟ



Digitized by srujanika@gmail.com

ହୋଇଥିଲେ ମଧ୍ୟ ସେ ତାହା ପ୍ରତି ଶତ୍ରୁବତ୍ ଆଚରଣ କରିଥାଏ । ନାୟିକାର ମାନ ଭଞ୍ଜନ ପାଇଁ ନାୟକ ଅନୁନୟ କଲେ ଖୁଣ୍ଟେ ନାହିଁ ପରନ୍ତୁ ଏହି ସମୟରେ କ୍ରୋଧରେ ଆଖି ଲାଲ କରିଥାଏ । ନାୟକ ସହିତ ଜିଦ୍ଖୋର କଳହ କରେ । ତାହାପ୍ରତି ଉପାଲମ୍ଭ ବ୍ୟର୍ଥ ହୋଇଥାଏ । ନାୟିକା ନାୟକ ପ୍ରତି ତମ ତମ ହୋଇ ତର୍ଜନ କରିବା ସଙ୍ଗେ ସଙ୍ଗେ କଳି କରି ଆପଣାର କ୍ରୋଧ ପ୍ରକାଶ କରେ (୧୨)। କାମ ସୂତ୍ରରୁ ମଧ୍ୟ ଜଣାଯାଏ ଯେ ମାନ ସମୟରେ ନାୟିକା ସଜ୍ଜ ନପାରି ପାଟି କରି କଳି କରେ, କାନ୍ଦେ, ଦୁଃଖ ଅନୁଭବ କରି ଥରି ଉଠେ, ବାଳ ଆଙ୍ଗୁଳି ମାନଙ୍କରେ କୁଣ୍ଡାଏ, ନିଜକୁ ନିଜେ ମାରି ହୁଏ, ଆସନ ବା ଶଯ୍ୟାରୁ ଖସି ଆସି ଭୂତଳରେ ପଡେ ଶୁଏ ଏବଂ ମାଳା ଅଳଙ୍କାରମାନ କାଢ଼ି ଫିଙ୍ଗି ଦିଏ (୧୩)। ଏହାର ପ୍ରତିକାର ରୂପେ ବାତ୍ସ୍ୟାୟନ କହିଛନ୍ତି – ସେପରି ଅବସ୍ଥାରେ ନାୟକ ଆବଶ୍ୟକ ମତେ ଅନୁକୂଳ ଓ ପ୍ରିୟକଥା କହି ବା ପାଦତଳେ ପଡ଼ି ପ୍ରସନ୍ନତା ସହିତ ନାୟିକାକୁ ଅନୁନୟ କରିବ ଓ ଶେଯ ଉପରେ ବସାଇବ (୧୪)। ତଥାପି ନାୟିକା ସନ୍ତୁଷ୍ଟା ନ ହୋଇ ନାୟକ ବଚନର ସମୁଚିତ ଉତ୍ତର ଦେବା ସଙ୍ଗେ ସଙ୍ଗେ ବିଶେଷ କ୍ରୋଧ ପ୍ରକାଶ କରି ନାୟକର ଚୁଟି ଝିଙ୍କି ମୁହଁ ଟେକି ପାଦରେ ନାୟକର ବାହୁ ଶିର ବକ୍ଷ ବା ପିଠିରେ ଥରେ, ଦୁଇଥର ବା ତିନିଥର ପ୍ରହାର କରିଥାଏ (୧୫) । କାମସୂତ୍ରରେ କୋପାନ୍ୱିତା ନାୟିକା କଳହ କରିବା ସଙ୍ଗେ ସଙ୍ଗେ ପାଦ ପ୍ରହାର କଥା କୁହାଯାଇ ଥିଲେ ହେଁ ନରସିଂହ ସେଣଙ୍କ ଗୁଆଂଶ୍ରୀ ନାୟକକୁ କେବଳ ଗାଳି ଦେଇଛି ।

ନାୟକ ବାହ୍ୟ ସୁରତର ଇଙ୍ଗିତ ଦେବା ମାତ୍ରେ ଭାବବତୀ ନାୟିକା ପ୍ରସନ୍ନା ହୋଇ ଉଠେ । ଅପର ପକ୍ଷରେ ଗୁଆଂଶ୍ରୀ ନାୟିକା ଅମର୍ଷ ଭାବ ପ୍ରକାଶ କରେ । ଗାଥା ସପ୍ତଶତୀର ଏକ ସ୍ଥଳରେ ନାୟକ ଅପରାଧରେ

---

(୧୨) ରସମଞ୍ଜରୀ, ପୃ-୧୭୭

(୧୩) କାମସୂତ୍ରମ୍, ଦ୍ୱିତୀୟ ଅଧିକରଣ, ୧୦ମ ଅଧ୍ୟାୟ/୨୪

(୧୪) ତତ୍ରୈବ, ଦ୍ୱିତୀୟ ଅଧିକରଣ, ୧୦ମ ଅଧ୍ୟାୟ/୨୯

(୧୫) ତତ୍ରୈବ, ଦ୍ୱିତୀୟ ଅଧିକରଣ, ୧୦ମ ଅଧ୍ୟାୟ/୩୦



Digitized by srujanika@gmail.com

ନାୟିକା କୁପିତା ହୋଇ ପ୍ରିୟ ସହିତ କଳହ କରିବା ସଙ୍ଗେ ସଙ୍ଗେ ପ୍ରିୟଠାରୁ ନିଜକୁ ଦୂରେଇ ନେଇଛନ୍ତି (୧୬) ।

ସାଧାରଣତଃ ଫୁଲର ସୁଗନ୍ଧ ସମସ୍ତଙ୍କୁ ଆକୃଷ୍ଟ କରେ । କେବଳ ମନୁଷ୍ୟ ନୁହେଁ, ଭ୍ରମର, ମହୁମାଛି ଆଦି କୀଟ ପତଙ୍ଗଗଣ ସୁଗନ୍ଧ ଯୁକ୍ତ ଫୁଲ ପ୍ରତି ମୋହିତ ହୋଇଥାନ୍ତି । କିନ୍ତୁ ମନୁଷ୍ୟ ସମାଜ ମଧ୍ୟରେ କେତେକ ବ୍ୟକ୍ତିଙ୍କର (ବେରସିକ) ସୁଗନ୍ଧଯୁକ୍ତ ଫୁଲ ପ୍ରତି କୌଣସି ଆକର୍ଷଣ ନ ଥାଏ । ସେହିପରି ସୁବୋଧ ପୁରୁଷରେ ଭାବ । ସୁବୋଧ ପୁରୁଷ ନିଜର ଭାବ ରସ ବଳରେ ସାଧାରଣତଃ ନାୟିକାମାନଙ୍କୁ ଆକୃଷ୍ଟ କରିପାରୁ ଥିଲେ ହେଁ ଗୁଆଂଣ୍ଡି ନାୟିକା ନିକଟରେ ସମ୍ପୂର୍ଣ୍ଣ ପରାହତ ହୁଏ । ଭାବରସର ଉତ୍କର୍ଷ ଜଣାଇ କବି ପରିମଳାରେ କହିଛନ୍ତି—

କି କରିବା ସୁନାଫୁଲ ବାସ ନ ଥିବ
ବଣମଲ୍ଲୀ ଗନ୍ଧ ପାଇ ଶିରେ ଘେନିବ ।
(ପରିମଳା, ୫୯/୧୦୫)

ଅର୍ଥାତ୍ ଗୁଆଂଣ୍ଡି ଯେତେ ଐଶ୍ବର୍ଯ୍ୟଶାଳିନୀ ହେଲେ ମଧ୍ୟ ନାୟକକୁ ଆମୋଦିତ କରିପାରେ ନାହିଁ । ଅପର ପକ୍ଷରେ ନାୟିକା ଧନରେ ଦରିଦ୍ର ହେଲେ ମଧ୍ୟ ଭାବରସ ଯୋଗୁ ନାୟକକୁ ମୁଗ୍ଧ କରିପାରେ ।

ଗୁଆଂଣ୍ଡି ନାରୀ ସମ୍ଭୋଗ ସମ୍ପର୍କରେ କବିଙ୍କର ଅନ୍ୟ ଏକ ଉପମା ହେଉଛି ଛାଗ ରମଣ । କବି ପରିମଳାରେ ରତି ରସ ଜାଣିନଥିବା ନାରୀକୁ ଛେଳି ଭାବରେ ଗ୍ରହଣ କରିଛନ୍ତି—

ନାରୀ ହୋଇ ନ ଜାଣଇ ସେହୁ ରତି ରସ
ଛେଳିର ତାହାର ଗୁଣ ନାହିଁ ସେ ବିଶେଷ ।
(ପରିମଳା, ୭୦/୧୫୫)

କବିଙ୍କ ଅନୁଯାୟୀ ନାରୀ ସମ୍ଭୋଗ ବଡ଼ କଥା ନୁହେଁ । ହୃଦୟ ଦେଇ ପ୍ରକୃତ ହୃଦୟ ପାଇବା ବଡ଼ କଥା । ଏହି ହୃଦୟ ଲାଭ ହିଁ ଭାବରସ । ଗୁଆଂଣ୍ଡି ଏବଂ ଭାବରସ ସମ୍ପର୍କରେ ପରିମଳାରେ କବିଙ୍କର ଉକ୍ତି ହେଉଛି—

(୧୬) ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ), ପୃ-୫୯



Digitized by srujanika@gmail.com

ଚେତନଶ୍ରେଣିକ ଭାବରସ ସାର ହୁଅଂ ଲୋକଙ୍କେ
ନ ରସନ୍ତି ମୂଢ଼ ନାରୀ ଦୁଃଖ ହୁଅଂ ଦେଖିଲେ
ସୁବୋଧ ପୁରୁଷ ଯେହୁ ଜାଣଇ ସେ ରସ
ଗୁଆଂର ଯୁବତୀ କାହିଁ ଭାବେ ହେବେ ବଶ
(ଦଣ୍ଡମଳା, ୭୫/୫୨,୫୩)

## ୨. ନାଏକ ପଞ୍ଚକ—

କୃପଣ ଯୁବତୀ ଅନୁରାଗ ଭରେ ଉତ୍ତମ ପୁରୁଷ ଇଚ୍ଛଇ
ମନ ନ ଥିଲେ ହେଁ ସୁବୋଧ ପୁରୁଷ ତାହାର ମନ ତୋଷଇ
ବାସଙ୍ଗ ଫୁଲରେ ଭ୍ରମର ବସଇ ତହିଁଙ୍କ ନ କରେ ଲଜ୍ଜା
ବୟସ ଥିବାଯାଏ କାମିନୀ ପୁରୁଷ ଉପରେ ରାଜା । ୧ ।

କୃପଣ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଧନ ଥିଲେ ମଧ୍ୟ ଯେ ଖର୍ଚ୍ଚ କରିବାକୁ କୁଣ୍ଠା ପ୍ରକାଶ କରେ । ତାହାର ପ୍ରକୃତ ସମ୍ପର୍କରେ ଗାଥା 'ସପ୍ତଶତୀ'ରେ କୁହାଯାଇଛି – କୃପଣର ଧନ ଯେତେ ବଢ଼ିଲେ ମଧ୍ୟ ତାହା ପରର ବା ତା ନିଜର କାମରେ ଆସେ ନାହିଁ; ଅର୍ଥାତ୍ ସେ ନିଜେ ଭୋଗ କରେ ନାହିଁ କି ଅନ୍ୟକୁ ଭୋଗ କରିବାକୁ ଦିଏ ନାହିଁ (୧) । କୌଣସି କୌଣସି ଆଳଙ୍କାରିକଙ୍କ ମତରେ—ଅନୁରାଗ ସମ୍ଭୋଗର ଇଚ୍ଛା ମାତ୍ର (୨) । ଶୃଙ୍ଗାର ମଞ୍ଜରୀକାର ସାହ ଆକବରଙ୍କ ଅନୁଯାୟୀ—ପରକୀୟା ନାୟିକା ବିବାହିତ ପୁରୁଷ ପ୍ରତି ଯେଉଁ ଭାବ ପ୍ରଦର୍ଶନ କରେ ତାହା ଅନୁରାଗ ନୁହେଁ କିନ୍ତୁ ସେ ତାର ଜା'ର ପ୍ରତି ଯେଉଁ ଭାବ ପ୍ରଦର୍ଶନ କରେ ତାହା ଅନୁରାଗ (୩) ।

ଯୁବତୀ ପକ୍ଷରେ ଧନ ହେଉଛି ଯୌବନ ଓ କାମଭାବ । 'କୃପଣ ଯୁବତୀ' ପ୍ରୟୋଗରୁ ନାୟିକା ନିକଟରେ ଯୌବନ ଓ କାମଭାବ ଥାଇ

---

(୧) ହୋନ୍ତୁ ଣ ଣିଅ୍ ଫଲନ୍ତି ଅ ଧଣ—ରିଦ୍ଧୀ ହୋଇ କିବଣ-ପୁରିସସ୍ସ
—ଗାଥା ସପ୍ତଶତୀ, ୨/୩
(୨) ରସ ମଞ୍ଜରୀ, ପୃ-୧୦
(୩) ତତ୍ରୈବ, ପୃ-୧୧



Digitized by srujanika@gmail.com

ସମ୍ଭୋଗ ନିମନ୍ତେ ପ୍ରତିକୂଳାଚରଣ ପ୍ରଦର୍ଶନ କରିବାକୁ ତାହାର (ଧୀରାର) କୃପଣତା ବୋଲି ଗ୍ରହଣ କରାଯାଇପାରେ । ଯେଉଁ ଯୁବତୀ ରତିକ୍ରୀଡ଼ା ସମ୍ବନ୍ଧରେ ପ୍ରତିକୂଳାଚରଣୀ, ଅଭିମାନ ବିଷୟରେ ଅନଭିଜ୍ଞା ପୁଣି ପ୍ରତ୍ୟେକ ବିଷୟରେ ଅଧିକ ଲଜ୍ଜାଶୀଳା ତାହାକୁ ସାହିତ୍ୟ ଦର୍ପଣକାର ମୁଗ୍‌ଧା କହିଛନ୍ତି (୪) । ସେ ପ୍ରଥମାବତୀର୍ଣ୍ଣ ଯୌବନା ସମ୍ପର୍କରେ ପ୍ରଭାବତୀ ପରିଣୟରୁ ଯେଉଁ ଉଦାହରଣ ପ୍ରଦାନ କରିଛନ୍ତି ତହିଁରୁ ଏ ପ୍ରକାର ନାୟିକାର ବିଭିନ୍ନ ଲକ୍ଷଣ ଜାଣି ହୁଏ । ସେଥିରେ ଉଲ୍ଲେଖ ଅଛି—ସେହି ପ୍ରଭାବତୀ ନାୟିକା ପୃଥିବୀରେ ଧୀରେ ଧୀରେ ପାଦ ପକାଉଛି, ଅନ୍ତଃପୁରରୁ ନିର୍ଗତ ହେଉ ନାହିଁ, ଉଦ୍ଦାମ ହସ ହସୁନାହିଁ, ସବୁବେଳେ ଲଜ୍ଜାଭାବ ପ୍ରକାଶ କରୁଛି, ପୁଣି ସଖୀମାନେ ତା ସମ୍ମୁଖରେ ପ୍ରିୟର ପ୍ରସଙ୍ଗ ପ୍ରକାଶ କଲାମାତ୍ରେ ସେ ରାଗ କରି ଭ୍ରୂଭଙ୍ଗ ପ୍ରକାଶ କରୁଛି (୫) । ପୁନଶ୍ଚ ସେ କହିଛନ୍ତି—ଏହା ସତ୍ତ୍ୱେ ପ୍ରିୟ ପାଇଁ ସେହି ପ୍ରଭାବତୀ ନାୟିକା ହୃଦୟରେ ଅନୁରାଗ ସୃଷ୍ଟି ହୋଇଥିଲେ ମଧ୍ୟ ତାହାର କୃପଣତା ଭାବ ଯୋଗୁ ସେ ମନରେ ସେହି ଭାବନାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିପାରୁ ନାହିଁ (୬) । ଏଠାରେ ନାୟିକାର କୃପଣତା ସଙ୍ଗେ ଅନୁରାଗ ଅର୍ଥାତ୍ କାମଭାବ ପ୍ରକାଶିତ ହେଉଥିବା ଜଣାଯାଏ ।

ମୁଗ୍‌ଧା ନାୟିକା ନାୟକ ପ୍ରତି ଆସକ୍ତ ହେଉଥିବା ଏବଂ ତାହାର ମିଳନ ପ୍ରତି ଆକାଂକ୍ଷା ନ ଥିବା ବେଳେ ସୁବୋଧ ନାୟକ ତାହାକୁ ସନ୍ତୁଷ୍ଟ କରିବାକୁ ଇଚ୍ଛା କରେ । ନାୟିକାର ନାୟକ ପ୍ରତି ଅନୁରାଗ ଓ ପ୍ରତିକୂଳାଚରଣ ନିମନ୍ତେ ମିଳନ ଆଶା ବୃଦ୍ଧି କରେ । ଆଚାର୍ଯ୍ୟ ବିଶ୍ୱନାଥ ଏହାର

---

(୪) ପ୍ରଥମାବତୀର୍ଣ୍ଣ ଯୌବନା ମଦନ ବିକାର ରତୌବାମା
କଥିତାମୃଦୁଶ୍ଚମାନେ ସମଧିକ ଲଜ୍ଜାବତୀ ମୁଗ୍‌ଧା-ସାହିତ୍ୟ ଦର୍ପଣ, ୧୩୦

(୫) ଦତ୍ତେ ସାଳସମନ୍ଥରଂ ଭୁବି ପଦଂ ନିର୍ଯାତି ନାନ୍ତଃପୁରାନ୍ନୋଦ୍ଦାମଂ
ହସତି, କ୍ଷଣାତ୍‌କଳୟତେ ହ୍ରୀ ଯନ୍ତ୍ରଣାଂକାମପି
କିଞ୍ଚିଦ୍‌ଭାବ ଗଭୀର ବକ୍ରିମ ଲବ ସ୍ପୃଷ୍ଟଂ ମନାଗ୍‌ଭାଷତେ, ସଭ୍ରୂଭଙ୍ଗ
ମୁଦୀକ୍ଷତେ ପ୍ରିୟକଥା ମୁଲ୍ଲାପୟନ୍ତୀଂ ସଖୀମ୍ – ସାହିତ୍ୟ ଦର୍ପଣ, ପୃ-୧୩୧

(୬) ସାହିତ୍ୟ ଦର୍ପଣ, ପୃ-୧୩୦



Digitized by srujanika@gmail.com

ଉଦାହରଣ ଦେଇ କହିଛନ୍ତି—'ଭାଇ, ମୋ ଉତ୍ତମ ପ୍ରିୟା କଥା କ'ଣ ପଚାରୁଛ ? ମୁଁ ଚାହିଁଦେଲେ ସେ ମୁହଁ ତଳକୁ କରୁଛି, ପଚାରିଲେ ମୋଟେ ପାଟି ଫିଟାଉନି । ଶେଯରେ ପଛଆଡ଼ କରି ଶୋଉଛି, ବଳତ୍କାରରେ ଆଲିଙ୍ଗନ କଲେ ଖାଲି ଥରୁଛି, ସଖୀମାନେ ବାସଗୃହରେ ଛାଡ଼ିଦେଇ ଚାଲିଗଲେ ତାଙ୍କ ପଛେ ପଛେ ଚାଲିଯିବାକୁ ଇଚ୍ଛା କରୁଛି । ବର୍ତ୍ତମାନ ନୂତନ ସଙ୍ଗମ କାଳରେ ଏ ସବୁ ତାହାର ପ୍ରତିକୂଳାଚରଣ ମୋତେ ବଡ଼ ଆନନ୍ଦ ଦେଉଛି । ପ୍ରଥମ ସଙ୍ଗମ କାଳରେ ଏ ସବୁ ଆଚରଣ ନାୟିକାର ଭୂଷଣ (୭) । ସେହିପରି ଶିବ ପାର୍ବତୀଙ୍କର ମିଳନ ସମୟରେ ପାର୍ବତୀ ଶିବଙ୍କ କଥାର କୌଣସି ଉତ୍ତର ନ ଦେଇ ପଛକୁ ମୁହଁ କରି ଦେଇଛନ୍ତି । ପାର୍ବତୀଙ୍କର ଏହି ପ୍ରତିକୂଳାଚରଣ ଶିବଙ୍କୁ ଆନନ୍ଦ ପ୍ରଦାନ କରିଛି (୮) । ଗାଥା ସପ୍ତଶତୀର ଏକ ସ୍ଥଳରେ କୁହାଯାଇଛି—ନାଗରିକ ନାୟକ ନାୟିକା ନିକଟରେ ପ୍ରଚ୍ଛନ୍ନ ଭିତର ଅଭିଳାଷ ପ୍ରକଟ କରିଛି । ନାୟିକା ମଧ୍ୟ କୁଳୀନ ହୋଇ ପ୍ରଚ୍ଛନ୍ନ ସମାଗମକୁ ଭଲଭାବରେ ବୁଝି ପାରିଛି । ନାୟିକାର ହୃଦୟ କଥାକୁ ନାଗରିକ ନାୟକ ପ୍ରଥମେ କହି ଦେଇଛି । ନାୟକ ପ୍ରତି ପ୍ରସନ୍ନ ହୋଇ ନାୟିକା କହୁଛି ଯେ ତାହାର ନାୟକ ହୃଦୟାଭିଜ୍ଞ ଅଟେ । ଅର୍ଥାତ୍ ତାହାର (ନାୟିକାର) ହୃଦୟରେ ଯେଉଁ ବିଚାର ଉତ୍ପନ୍ନ ହୋଇଛି ତାହାକୁ ନାୟକ ପ୍ରଥମେ ପ୍ରକାଶ କରିଛି । ଯେଉଁ ବ୍ୟକ୍ତି ହୃଦୟର ଭାଷାକୁ ବୁଝିପାରେ ନାହିଁ ତାହା ସହିତ ସମାଗମ କଲେ କୌଣସି ଆନନ୍ଦ ମିଳେ ନାହିଁ (୯) ।

---

(୭) ଦୃଷ୍ଟା ଦୃଷ୍ଟିମେଧୋ ଦଦାତି କୁରୁତେ ନାଳାପମାଭାଷିତା
ଶଯ୍ୟାୟାଂ ପରିବୃତ୍ୟ ତିଷ୍ଠତି ବଳାଦାଲିଙ୍ଗିତା ବେପତେ
ନିର୍ଯାନ୍ତୀଷୁ ସଖୀଷୁ ବାସଭବନାନ୍ନିର୍ଗନ୍ତୁମେବେହତେ
ଜାତା ବାମତୟୈବ ସମ୍ପ୍ରତି ମମ ପ୍ରୀତ୍ୟୈ ନବୋଢ଼ା ପ୍ରିୟା

—ସାହିତ୍ୟ ଦର୍ପଣ, ପୃ-୧୩୧-୧୩୨

(୮) କୁମାର ସମ୍ଭବମ୍—ଅଷ୍ଟମ ସର୍ଗ

(୯) ହିଅଅଣ୍ଣଏହିଁ ସମଅଁ ଅସମତ୍ତାଇଂ ପି ଜହ ସୁହାବନ୍ତି
କଜ୍ଜାଇଁ ମଣ୍ଣେ ଣ ତହା ଇଅରେହିଁ ସମତ୍ତାଇଂ ପି ।

—ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ), ୧/୭୧



Digitized by srujanika@gmail.com

ସାଧାରଣତଃ କୃପଣ ବ୍ୟକ୍ତି ସହ ମିଳାମିଶା କରିବା ନିମନ୍ତେ କେହି ଆଗ୍ରହ ପ୍ରକାଶ କରି ନ ଥାନ୍ତି । ସେହି ଦୃଷ୍ଟିରୁ ରସିକ ପୁରୁଷ ମୁଗ୍ଧା ନାୟିକାକୁ ପ୍ରତ୍ୟାଖ୍ୟାନ କରିବା କଥା । କିନ୍ତୁ ସେ ତାହା ନ କରିବାରୁ କବି ଏହାର ଉପମା ଦେଇ କହିଛନ୍ତି, ଭ୍ରମର ସୁଗନ୍ଧହୀନ କିଂଶୁକଧରଣର ବାସଙ୍ଗ ଫୁଲ ପ୍ରତି ଆକୃଷ୍ଟ ହୋଇଥାଏ । ଭ୍ରମର ଜାଣେ ଯେ ବାସଙ୍ଗ ଫୁଲ ନିକଟରେ ସୁଗନ୍ଧ ବା ରସ ନାହିଁ ତଥାପି ସେ ନିଜର ପ୍ରକୃତି ବଶତଃ ନିର୍ଲଜ ଭାବରେ ବାସଙ୍ଗ ଫୁଲର ରଙ୍ଗ ପ୍ରତି ଆକୃଷ୍ଟ ହୋଇ ତାହା ନିକଟକୁ ଗମନ କରେ । ସେହିପରି ରସିକ ପୁରୁଷକୁ ମୁଗ୍ଧା ନାୟିକାର ନବ ଯୌବନ ଏପରି ଭାବରେ ଆକର୍ଷଣ କରେ ଯେ ସେ ମିଳନର ଆଶାକୁ ପରିତ୍ୟାଗ କରିପାରେ ନାହିଁ । କବି ନାରୀର ବୟସ ଉପରେ ଗୁରୁତ୍ୱାରୋପ କରିବା ଦୃଷ୍ଟିରୁ ସେ ଯୌବନ ପ୍ରତି ଗୁରୁତ୍ୱ ଦେବା ଏବଂ 'ପୁରୁଷ ଉପରେ ରାଜା' ପ୍ରୟୋଗ କରିଥିବାରୁ ପୁରୁଷ ଉପରେ ଆଧିପତ୍ୟକୁ ଗ୍ରହଣ କରିହୁଏ । ସାହିତ୍ୟ ଦର୍ପଣରେ ନାୟିକାର ଏପରି ଅବସ୍ଥାର ଚିତ୍ର ପ୍ରଦାନ କରି କୁହ ଯାଇଛି—ମଧୁର ବଚନ ଭ୍ରୂଲତା, ଆଙ୍ଗୁଳି ତର୍ଜନ, ହଠାତ୍ ବୁଲିପଡ଼ିବା ଭଳି ଅଙ୍ଗନ୍ୟାସ, ବାରମ୍ବାର ଅପାଙ୍ଗ ଦୃଷ୍ଟି ଦ୍ୱାରା ନାୟିକା କେବଳ ନାୟକକୁ ଜୟ କରେ ନାହିଁ, କନ୍ଦର୍ପକୁ ତ୍ରିଭୁବନ ଜୟ କରିବାରେ ସାହାଯ୍ୟ କରେ (୧୦) ।

ଅଧମ ହୀନ ଯୁବତୀ ମୋହଇ ଅପାଙ୍ଗ ତରଙ୍ଗେଣ ଗ୍ରହି
ରସିକ ହୃଦୟ ସୁରସ ସହି ତୁରନ୍ତେଣ ଭେଦ ମୋହି
ମରଇ ହାରେ ସମର୍ଥ ବାନ୍ଧିଲେ ଜୀବ କି ନୋହଇ ହତ
ତେସନ ଅଧମ ପଣ ନ ବଢ଼ିର କାମ ବଡ଼ ବଳବନ୍ତ । ୨ ।

ଭାବୋନ୍ମତ୍ତ ନାୟିକା ଉତ୍ତମା ହୋଇପାରେ, ଅଧମା ମଧ୍ୟ ହୋଇ-ପାରେ । ନାୟିକା ଅଧମା ହେଲେ ମଧ୍ୟ ତାହାର ଯୌବନାବସ୍ଥାର ବିଭିନ୍ନ

---

(୧୦) ମଧୁର ବଚନୈଃ ସଭ୍ରୂଭଙ୍ଗୈଃ କୃତାଙ୍ଗୁଳିତ ର୍ଜନୈ
ରଭସର ଚିତୈରଙ୍ଗନ୍ୟାସୈର୍ମହୋତ୍ସବ ବନ୍ଧୁଭିଃ
ଅସକୃଦ ସକୃତ୍ ସ୍ଫାର ସ୍ଫାରୈରପାଙ୍ଗ ବିଲୋକିତୈ
ସ୍ତ୍ରିଭୁବନ ଜୟେ ସା ପଞ୍ଚେଷୋଃ କରୋତି ସହାୟତାମ୍ ।
— ସାହିତ୍ୟ ଦର୍ପଣ, ପୃ-୧୩୭



Digitized by srujanika@gmail.com

ବିକାର ନାୟକକୁ ମୁଗ୍ଧ କରେ । ଏହି ବିଭିନ୍ନ ପ୍ରକାର ବିକାର ମଧ୍ୟରୁ ଅପାଙ୍ଗରେ ଚାହିଁବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଆଳଙ୍କାରିକ ମତିରାମ କହିଛନ୍ତି, ନାୟିକାର ତୀକ୍ଷ୍ଣ କଟାକ୍ଷ କାମଦେବର ତୀକ୍ଷ୍ଣ ଶର ଭଳି ନାୟକର ହୃଦୟକୁ ଭେଦ କରିଛି (୧୧) । ନରସିଂହ ସେଣଙ୍କ ନାୟିକାର ଅପାଙ୍ଗରେ ଚାହିଁବା ଏବଂ ରସିକ ହୃଦୟରେ ଭେଦ କରିବା ପ୍ରୟୋଗରୁ ଏହା ଯେ ତୀକ୍ଷ୍ଣ ବାଣ ଏହା ସ୍ପଷ୍ଟ ରୂପେ ଅନୁମାନ କରିହୁଏ । ଗାଥା ସପ୍ତଶତୀରେ ନାୟିକାର କଟାକ୍ଷକୁ ପ୍ରଶଂସା କରି ନାୟକ କହିଛି—ପ୍ରିୟେ ! ତୁମର ନୟନ ଅତି ନିଦାରୁଣ । ସେହି ବିଷମ ଚାପାକୃତି ବଙ୍କ ଭ୍ରୂଯୁଗ ମୋ ଭଳି କେତେ ନିର୍ଦ୍ଦୋଷଙ୍କ ଜୀବନ ନାଶ କରୁଛି । ପୁରୁଷକୁ ବିନାଶ କରି ତୁମ ନୟନର ପ୍ରାନ୍ତଭାଗ ରକ୍ତିମ ହୋଇ ଉଠୁଛି, ଆଖି ଅଧେ ବୁଜି ତୁମେ ଯେତେବେଳେ କୋଣ ଆଡ଼କୁ ଡୋଳା ଢ଼ାଳି ଦେଉଛ ତାହା ଭଲ୍ଲ ସଦୃଶ ମୋତେ ବିନାଶ କରୁଛି (୧୨) । ଭଲ୍ଲ ଏକପ୍ରକାର ଅର୍ଦ୍ଧଚନ୍ଦ୍ରାକୃତି ଅସ୍ତ୍ର । ଏଠାରେ ନାୟିକାର ଭ୍ରୂଲତାକୁ ଅର୍ଦ୍ଧଚନ୍ଦ୍ର ବାଣ ରୂପେ ପରିକଳ୍ପନା କରାଯାଇଛି । ଅସ୍ତ୍ର ହୃଦୟକୁ ବିଦ୍ଧ କଲେ ପ୍ରାଣ ନାଶ କରୁଥିବା ବେଳେ କାମଶର ହୃଦୟ ଭେଦ କଲେ ରତି ସମ୍ପାଦନ-କାରୀ ହୋଇ ମନରେ ଅପରିସୀମ ଆନନ୍ଦ ଜାତ କରେ (୧୩) ।

ପୂର୍ବରେ ନାୟିକାର ଚାହାଣୀକୁ ବାଣ ରୂପେ ଗ୍ରହଣ କରାଯାଇ ଥିବାରୁ ଏହି ବାଣରେ ଅଧିକାଂଶ ରୂପେ କାମଦେବଙ୍କୁ ଗ୍ରହଣ କରିହୁଏ ।

---

(୧୧) କବି 'ମତିରାମ' ଜୈସେ ତୀଛନ କଟାଛ ତେରେ
ଐସେ କହାଁ ସରହୈ ଅନଂଗ କେ ନିଷଂଗ ମେଂ,
—ରସରାଜ/୩୭୯

(୧୨) ମା ସେମ୍ଭିକଂ ଣ ମୁଦ୍ଧେ ଇମେଣ ତୋରନ୍ତ-ରତ୍ତ-ବସମେଣ
ଭୁ-ଲଆ-ଚ୍ଚବ-ଵଣିଗ୍ଗଅ-ତିକ୍ଖରଦ୍ଧଚ୍ଛି-ଭଲ୍ଲେଣ
—ଗାଥା ସପ୍ତଶତୀ, ୪/୬

(୧୩) ଉଦ୍ଦନ୍ତାବ ରଇଅରା କାମସ୍ସ ସରାବନ୍ତି—ବ ଅପ୍ପା
ଗାଥା ସପ୍ତଶତୀ, ୪/୭୬



Digitized by srujanika@gmail.com

ଏହି ସଂସାରରେ କାମଦେବଙ୍କ ଆଜ୍ଞା ପ୍ରସାରିତ । ପୁଣି ଯୌବନାବସ୍ଥା ଅତ୍ୟନ୍ତ ବିକାରଶୀଳ । ନାନା ରମଣୀୟ ଏବଂ ମଧୁର ଶୃଙ୍ଗାରସ୍ତବ ଯୁବକର ଧୈର୍ଯ୍ୟ ଲୋପ କରିଥାଏ (୧୪) । ଗାଥା ସପ୍ତଶତୀର ଏକ ସ୍ଥଳରେ ମଦନବାଣର ଅଦ୍ଭୁତ ଶକ୍ତି ସମ୍ପର୍କରେ ନାୟିକା ସଖୀକୁ କହୁଛି – ହେ ସଖୀ ଅତନୁର ଫୁଲ ଧନୁର ଗୁଣ କହିଲେ ନ ସରେ । ପ୍ରିୟର ଅନୁପସ୍ଥିତିରେ ତାହା ଦେହ ମନକୁ ପୋଡ଼ି ଦିଏ ପୁଣି ସଙ୍ଗମ କାଳରେ ଶାନ୍ତ ସଳିଳ ସିଞ୍ଚନ କରେ, ଅନୁରାଗ ବୃଦ୍ଧି କରେ ଓ ମନରେ ସୁଖ ଜାତ କରେ । ମଦନ ବାଣର ଏତେ-ଗୁଡ଼ିଏ ଗୁଣ – ବ୍ୟଥା ଦିଏ, ସୁଖ ଦିଏ, ଅନୁରାଗ ଜାତ କରେ ଓ ମନରେ ଆନନ୍ଦ ଦିଏ । ଏଣୁ ଅରତି ରତି ବାନ୍ଧବ ମଦନ ଦେବଙ୍କ ବାଣ ସମୂହକୁ ବାରମ୍ବାର ନମସ୍କାର । କାମ ବାଣର ଅଲୌକିକ ଗୁଣ ଦୃଷ୍ଟିରୁ ନାୟିକା ତାହାକୁ ଭକ୍ତି ସମ୍ଭ୍ରମରେ ଦ୍ୱିବାର ନମସ୍କାର କରିଛି (୧୫) । କେହି କେହି ସ୍ତ୍ରୀ ପୁରୁଷଙ୍କର ପରସ୍ପର ଇନ୍ଦ୍ରିୟ ସଂଯୋଗରେ ଜାୟମାନ ବିଶିଷ୍ଟ ସ୍ପର୍ଶରୁ ଚୁମ୍ବନାଦି ସଂଜାତ ଆଭିମାନିକ ସୁଖାନୁପ୍ରାଣିତ ସଫଳ ବିଷୟାନୁଭବର ପ୍ରାଧାନ୍ୟକୁ କାମ ଆଖ୍ୟା ଦେଇଛନ୍ତି (୧୬) । ତାଙ୍କ ମତରେ କାମ ପ୍ରମାଦ, ଲଘୁତା, ଅବିଶ୍ୱାସ ଓ ଅଶୁଚିତା କରେ (୧୭) ଏବଂ ଏହାର ବଶବର୍ତ୍ତୀ ହୋଇ ସପରିବାରରେ ବିନଷ୍ଟ ହେବା ଶୁଣାଯାଏ (୧୮) । କବି ବିଦ୍ୟାପତି ପ୍ରେମ ରସକୁ

---

(୧୪) ଦଶ ରୂପକ, ପୃ-୧୩୮

(୧୫) ଦୂମେନ୍ତି ଜେନ୍ତି ସୋକ୍‌ଖଂ କୁଣନ୍ତି ଅଣୁରାଅଂ ରମାବେନ୍ତି
ଅରଇ-ରଇ-ବନ୍ଧବାଣଂ ଣମୋ ଣମୋ ମଅଣ-ବାଣାଣଂ
—ଗାଥା ସପ୍ତଶତୀ, ୪/୨୫

(୧୬) ସ୍ପର୍ଶ ବିଶେଷବିଷୟାତ୍ତ୍ୱସ୍ୟାଭିମାନିକ ସୁଖାନୁବିଦ୍ଧା ଫଳ ବ୍ୟତର୍ଥ ପ୍ରତୀତିଃ ପ୍ରାଧାନ୍ୟାତ୍ କାମଃ-କାମସୂତ୍ରମ୍, ପ୍ରଥମମଧିକରଣ ୨ ଅଧ୍ୟାୟ/୧୨

(୧୭) ତଥା ପ୍ରମାଦଂ ଲଘବମପ୍ରତ୍ୟୟମ୍ ଶୌଚମାଦ୍ୟମତ
— ତତ୍ରୈବ, ୧-୨-୩୩

(୧୮) ବହବଶ୍ଚ କାମବଶଗାଃ ସଗଣା ଏବ ବିନଷ୍ଟାଃ ଶ୍ରୂୟନ୍ତେ
— ତତ୍ରୈବ, ୧-୨-୩୬



Digitized by srujanika@gmail.com

ଦୁରନ୍ତ ବା ଅତ୍ୟଧିକ ବଳଶାଳୀ ଭାବରେ ବର୍ଣ୍ଣନା କରିଛନ୍ତି (୧୯)। କବି ନରସିଂହ ସେଣ ପ୍ରେମ ପରିବର୍ତ୍ତେ କାମକୁ ଅତ୍ୟନ୍ତ ପସନ୍ଦମୀ ଭାବେ ଗ୍ରହଣ କରିଥିବା ଜଣାଯାଏ ।

ଅଧମ ଉତ୍ତମ ଯେମନ୍ତ ହେଉ ରାମା ଭାବେଣ ସମାନ
ରସିକ ପୁରୁଷ ଭାବେଣ ରସର ନ କରଇ ବଡ଼ ସାନ
ମାଳତୀ ଦୁଦୁର ଦ୍ୱିବିଧ କୁସୁମେ ତହୁଁ ଯେଉଁ ଗନ୍ଧ ଜାତ
ସମାନ ଭାବେ ପରିମଳ ବହଇ ପ୍ରଚଣ୍ଡ ଦକ୍ଷିଣ ବାତ । ୩ ।

ନାୟକ ଉତ୍ତମା ନାୟିକା ପ୍ରତି ଆକର୍ଷିତ ହେବା ସାଧାରଣ କଥା । କିନ୍ତୁ ରସିକ ନାୟକ ଅଧମା ନାୟିକା ପ୍ରତି ମଧ୍ୟ ଲୋଭ ପ୍ରକାଶ କରେ । କବିଙ୍କ ଦୃଷ୍ଟିରେ ସୁବୋଧ ନାୟକ ନିକଟରେ ଅଧମା ଓ ଉତ୍ତମାର କୌଣସି ତାରତମ୍ୟ ରହେ ନାହିଁ । ପୂର୍ବ ପଦରେ କବି ଭ୍ରମରର ବାସଙ୍ଗ ଫୁଲ ପ୍ରୀତି ସମ୍ପର୍କରେ ଏହାକୁ ପ୍ରାଞ୍ଜଳ କରି ପ୍ରକାଶ କଲା ପରେ ଏହି ପଦରେ ପୁଣି ଦକ୍ଷିଣା ପବନ ସହ ସାଦୃଶ୍ୟ ସ୍ଥାପନ କରିଛନ୍ତି । କବିଙ୍କ ଅନୁଯାୟୀ ମାଳତୀ ସୁଗନ୍ଧ ଯୁକ୍ତ ଓ ଦୁଦୁରା ସୁଗନ୍ଧହୀନ ପୁଷ୍ପ ହୋଇଥିଲେ ମଧ୍ୟ ଦକ୍ଷିଣା ପବନ ଉଭୟଙ୍କର ପରିମଳକୁ ସମାନ ଭାବେ ପ୍ରସାରିତ କରିଥାଏ । ନାୟକଙ୍କୁ ଭ୍ରମର ଏବଂ ବିଭିନ୍ନ ନାୟିକାଙ୍କୁ ବିଭିନ୍ନ ପୁଷ୍ପଭାବେ ଗ୍ରହଣ କରିବା ପରିକଳ୍ପନା ଗାଥା ସପ୍ତଶତୀରେ ପରିଦୃଷ୍ଟ ହୁଏ । ସେଥିରେ କୁହାଯାଇଛି—ଭ୍ରମର ନଳିନୀର ଗୃହ ପାଖରେ ଘୂରିବୁଲେ-ନବମାଳିକାକୁ ଦଳି ରସପାନ କରେ-ମାଳତୀକୁ ଭୋଗ କରେ ଅର୍ଥାତ୍ ଭ୍ରମରର ପ୍ରକୃତି ହେଉଛି ଚଞ୍ଚଳ । ସେ କୌଣସି ନିର୍ଦ୍ଦିଷ୍ଟ ପୁଷ୍ପ ନିକଟରେ ଆବଦ୍ଧ ରହେ ନାହିଁ । ଚଞ୍ଚଳଚିତ୍ତ ନାୟକ ସେହିଭଳି ବହୁ ନାରୀଙ୍କୁ ଭୋଗ କରିବା ନିମନ୍ତେ ପଶ୍ଚାତ୍‌ପଦ ହୁଏ ନାହିଁ (୨୦) । କବି

---

(୧୯) ଜଗନ୍ନ ପେମ ରସ ତନ୍ତ୍ର ଦୂରନ୍ତ
—ବିଦ୍ୟାପତି ପଦାବଳୀ, ବେମାପୃଷ୍ଠ ସମ୍ପାଦିତ, ପୃ ୨୫୮

(୨୦) ଣଳିଣୀସୁ ଭମସି ପରିମଲସି ସରଲଂ ମାଲଇଂ ପିଣୋ ମୁଅସି
—ଗାଥା ସପ୍ତଶତୀ, ୭/୧୯



Digitized by srujanika@gmail.com

ନରସିଂହ ସେଣ 'ସମ: ସାବେଣ ସମାନ' ବା ସବୁ ନାୟକ ନିକଟରେ ରସ ସମାନ କହିବା ଭଳି କବି ବିଦ୍ୟାପତି ମଧ୍ୟ ଜାଣି କେତକୀ ଆଦି ସମସ୍ତ ଫୁଲର ରସ ସମାନ କହିଛନ୍ତି (୨୧)। ଏଣୁ ନରସିଂହ ସେଣ ସବୁ ନାୟିକା ନିକଟରେ ରସ ସମାନ ଥିବା ପରିକଳ୍ପନା ବିଦ୍ୟାପତିଙ୍କଠାରୁ ଗ୍ରହଣ କରିଥିବା ମନେ ହୁଏ।

ଅଳଙ୍କାର ଶାସ୍ତ୍ରରେ ଯେଉଁ ନାୟକ ଅନେକ ଯୁବତୀ ପ୍ରତି ଏକ ପ୍ରକାର ପ୍ରୀତି ପ୍ରଦର୍ଶନ କରିଥାଏ ତାହାକୁ ଦକ୍ଷିଣ ନାୟକ କୁହାଯାଏ (୨୨)। ଧନଞ୍ଜୟ ଦକ୍ଷିଣ ନାୟକର ଉଦାହରଣ ଦେଇ କହିଛନ୍ତି—ନାୟିକା ନିଜ ପ୍ରିୟତମଙ୍କ ବିଷୟରେ କହୁଛନ୍ତି ହେ ସଖି ! ମୋତେ ଦେଖିବା ମାତ୍ରେ ସେ ପ୍ରସନ୍ନ ହୋଇଯାଆନ୍ତି। ଏହାଙ୍କ ରତିକ୍ରୀଡ଼ା କେମିତି କେମିତି ପ୍ରେମମୂର୍ତ୍ତି ଅଟେ, ପ୍ରତି-ବଦନ ବିନୟ କି ଅପୂର୍ବ ଅଟେ, କେତେକ ବିଶ୍ୱାସୀ ପାଖ ଲୋକ କ'ଣ କ'ଣ ଏହାଙ୍କ ଅନ୍ୟ ସହିତ ପ୍ରେମ ବିଷୟରେ କହନ୍ତି, ମୁଁ କିନ୍ତୁ ଏହାଙ୍କର କୌଣସି ବିକାର ବା ପରିବର୍ତ୍ତନ କଥାକୁ ବିଶ୍ୱାସ କରୁନାହିଁ (୨୩)। ପ୍ରାକୃତ ଗାଥା ସପ୍ତଶତୀର ଏକ ସ୍ଥଳରେ ଦେଖାଯାଏ ଯେ ନାୟକର ଦାକ୍ଷିଣ୍ୟପଣ ନାୟିକା

---

(୨୧) ଜାତକି କେତକି ନ ଅଛଏ ସବହି ରସ ସମାନ
—ବିଦ୍ୟାପତି ପଦାବଳୀ, ବେନିପୁରୀ ସମ୍ପାଦିତ, ପୃ ୧୭୩

(୨୨) କ) ସକଳ ନାୟିକା ବିଷୟକସମ ସହଜାନୁରାଗୋ ଦକ୍ଷିଣଃ
—ରସ ମଞ୍ଜରୀ

ଖ) ଏକ ଭାଁତି ସବ ତିୟନ ସୌଂ ଜାତକ ହୋୟ ସନେହ
ସୋ ଦଚ୍ଛିନ 'ମତିରାମ' କହି ବରନତ ହେଁ ମତି ଣେହ
—ରସରାଜ/୨୮୭

(୨୩) ପ୍ରସୀଦତ୍ୟାଲୋକେ କିମପି କିମପି ପ୍ରେମଗୁରବୋ
ରତିକ୍ରୀଡ଼ାଃ କୋଽପି ପ୍ରତିବଦନମ୍ ପ୍ରତ୍ୟେଽସ୍ୟ ବିନୟଃ
ସବିଶ୍ରମ୍ଭ କଶ୍ଚିତ୍ କଥୟତି ଚ କିଞ୍ଚିତ୍ ପରିଜନୋ
ନ ଚାହଂ ପ୍ରତ୍ୟେମି ପ୍ରିୟସଖି କିମପସ୍ୟ ବିକୃତମ୍
—ଦଶରୂପକ, ୨-୮



Digitized by srujanika@gmail.com

ନିମନ୍ତେ ସୁଖକର ହୋଇଛନ୍ତି କାରଣ ନାୟକର ବହୁ ବଲ୍ଲଭା ଥିଲେ ମଧ୍ୟ ସମସ୍ତଙ୍କ ପ୍ରତି ତାହାର ପକ୍ଷପାତ ସମାନ । ଯେଉଁ ନାରୀ ତାହାର (ନାୟକର) କୈତବହୀନ ଅନୁରାଗର ପାତ୍ରୀ ସେ ହେଉଛନ୍ତି ଧନ୍ୟ । କାରଣ ସମସ୍ତଙ୍କ ପ୍ରତି ତାହାର ଅନୁରାଗ ଉତ୍ତମ ଅଟେ (୨୪) । ବତ୍ସରାଜ ଉଦୟନଙ୍କର ବାସବଦତ୍ତା ଓ ସାଗରିକା ଉଭୟଙ୍କ ପ୍ରତି ପ୍ରୀତି ହେଉଛି ଦକ୍ଷିଣ ନାୟକଙ୍କ (୨୫) କାଳିଦାସ ଦାକ୍ଷିଣ୍ୟ ବା ଦକ୍ଷିଣ ନାୟକତ୍ୱକୁ ନାୟିକାମାନଙ୍କର କୁଳବ୍ରତ ବୋଲି କହିଛନ୍ତି (୨୬) । କବି ନରସିଂହ ସେନ ତାଙ୍କର ଅନ୍ୟ ଏକ କାବ୍ୟ 'ଗୋପକେଳି'ରେ କହିଛନ୍ତି—"ଦକ୍ଷିଣ ନାଏକ ସ୍ୱୟଂ ବନମାଳୀ ନାୟିକା ଗୋପିକା ଜନ" । ଆଳଙ୍କାରିକ ମତିରାମ ଶ୍ରୀକୃଷ୍ଣଙ୍କୁ ଦକ୍ଷିଣ ନାୟକର ଏକ ଶ୍ରେଷ୍ଠ ଉଦାହରଣ ରୂପେ ଗ୍ରହଣ କରି କହିଛନ୍ତି—ଛଳ ଛଳ ଗୃହରେ ବନ୍ଧୁରତ ଏକ ସନ୍ଧ୍ୟାରେ ଶ୍ରୀକୃଷ୍ଣ ଦଣ୍ଡାୟମାନ ହୋଇଥିବା ସ୍ଥଳରେ ସବୁ ଗୋପୀଗଣ ଲୀଳା ନିମନ୍ତେ ଆସି ପହଞ୍ଚିଲେ । ସବୁ ନାୟିକାଙ୍କର ଇଚ୍ଛା ଥିଲା ଯେ ଏକାନ୍ତ ଭାବେ ସେ ଶ୍ରୀକୃଷ୍ଣଙ୍କ ସହିତ ଲୀଳା କରି ଜ୍ୟୋତ୍ସ୍ନା ରଞ୍ଜିତ ରଜନୀକୁ ସୁହାଇଦେବେ । ତେଣୁ ପ୍ରତ୍ୟେକ ଗୋପୀ ଶ୍ରୀକୃଷ୍ଣଙ୍କୁ ଆପଣା ଗୃହକୁ ଯିବା ନିମନ୍ତେ ନିମନ୍ତ୍ରଣ କଲେ । କିନ୍ତୁ ଶ୍ରୀକୃଷ୍ଣ ଏକାକୀ ଓ ସବୁ ଗୋପାଙ୍ଗନାଙ୍କ ପ୍ରତି ଆସକ୍ତ ସମାନ ଥିବା ହେତୁ ଏବଂ ସେ କାହା ପୁରକୁ ଗଲେ ପକ୍ଷପାତିତା ପ୍ରକାଶ ପାଇବା ଓ ଦକ୍ଷିଣ ନାୟକତ୍ୱ ନଷ୍ଟ ହୋଇଯିବା ଭୟରେ ଏକ ସୁନ୍ଦର ଯୁକ୍ତି ଉପସ୍ଥାପିତ କରି ସମସ୍ତଙ୍କ ପ୍ରତି ଅକପଟ ସ୍ନେହ ପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜର ଗୋପୀନାଥ ନାମକୁ ସାର୍ଥକ କଲେ (୨୭) । ଅନ୍ୟ ଏକ

---

(୨୪) ଦକ୍‌ଖିଣ୍ଣେଣ ବ ଏନ୍ତୋ ସୁହଅସୁହାବାସ ଅମ୍‌ହ ହଅଆଇଂ
ଣିକ୍କଇ ଅବେଣ ଜାଣଂ ଗଓସିକା ଣିବବୁଦ୍ଧତାଣଂ
— ଗାଥା ସପ୍ତଶତୀ, ୧/୮୫

(୨୫) ରତ୍ନାବଳୀ

(୨୬) ଦାକ୍ଷିଣ୍ୟଂ ନାମ ବମ୍ବୋଷ୍ଠି ନାୟକାନାଂ କୁଳବ୍ରତମ୍
— ମାଳବିକାଗ୍ନିମିତ୍ରମ

(୨୭) ରସରାଜ, ପୃ ୧୪୦



Digitized by srujanika@gmail.com

ସ୍ଥଳରେ ସେ ପୁଣି ଶ୍ରୀକୃଷ୍ଣଙ୍କୁ ଚନ୍ଦ୍ର ସହିତ ତୁଳନା କରି କହିଛନ୍ତି ଚନ୍ଦ୍ର ଉଦମ୍ଭୂ ହୋଇ ଆପଣାର ପ୍ରୀତିଦ୍ୱାରା ସମସ୍ତ କୁମୁଦଗଣଙ୍କୁ ସମ ପରିମାଣରେ କିରଣ ପ୍ରଦାନ କଲା ପରି ଶ୍ରୀକୃଷ୍ଣ ବିନା ପକ୍ଷପାତରେ ନିଜର ବ୍ରଜଚନ୍ଦ୍ର ନାମକୁ ସାର୍ଥକ କଲେ (୨୮)। ନାଟ୍ୟାଗ୍ରହଂ ଭରତ ମୁନି ନାୟକଙ୍କୁ ମଧୁର ତ୍ୟାଗୀ ବିଶେଷ ରସରେ ଅନାସକ୍ତ ଓ କାମ ବିଜୟୀ ଭାବେ ପ୍ରକାଶ କରିଛନ୍ତି (୨୯)। ଅନାସକ୍ତ ଓ କାମ ବିଜୟୀ କହିବା ମୂଳରେ ରହିଛି ଯେ ଦକ୍ଷିଣ ନାୟକ କୌଣସି ନାୟିକା ବିଶେଷଙ୍କୁ ଅନୁରାଗରେ ବ୍ୟତିକ୍ରମ ଦେଖାଏ ନାହିଁ।

ଉପର ଆଲୋଚନାକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ, ଗ୍ରନ୍ଥକର୍ତ୍ତାଗଣ ଚନ୍ଦ୍ର ଓ ଭ୍ରମରକୁ ଦକ୍ଷିଣ ନାୟକ ଏବଂ ବିଭିନ୍ନ ପୁଷ୍ପକୁ ନାୟିକାମାନଙ୍କର ଉପମାନ ରୂପେ ପ୍ରକାଶ କରିଛନ୍ତି। କିନ୍ତୁ ନରସିଂହ ସେଣ ଦକ୍ଷିଣା ପବନକୁ ଦକ୍ଷିଣ ନାୟକର ଉପମାନ ରୂପେ ଗ୍ରହଣ କରିବା ଦ୍ୱାରା ନାମ ସାଦୃଶ୍ୟ ପରିଲକ୍ଷିତ ହୁଏ। ଅବଶ୍ୟ ଗୀତ ଗୋବିନ୍ଦରେ ରାଧା ଦକ୍ଷିଣା ପବନକୁ ବିରହ ବେଦନା ପ୍ରସାରିତ କରିବା ନିମନ୍ତେ ଅନୁରୋଧ କରିଥିବା ବେଳେ ଦକ୍ଷିଣ ନାୟକର ପ୍ରତିପାଦନ କରିବାର ପ୍ରଚେଷ୍ଟା ଦେଖାଯାଏ ନାହିଁ। ଗୀତ ଗୋବିନ୍ଦରେ କୁହାଯାଇଛି—

ମନେ ଭବ ନନ୍ଦନ ଚନ୍ଦନାନିଳ ପ୍ରସାଦରେ ଦକ୍ଷିଣ ସଞ୍ଜ ବାମତାଂ

× × ×

କ୍ଷଣ ଜଗତ ପ୍ରାଣ ବିଧାୟ ମାଧବଂ ପୁରୋମ ପ୍ରାଣ ହରୋ।

ଭବିଷ୍ୟାମି (୩୦)

---

(୨୮) ଦକ୍ଷିନ—ନାୟକ ଏକ ତୁମ ମନ ମୋହନ ବ୍ରଜଚଂଦ
ଫୁଲଏ ବ୍ରଜ ବନିତାନ ଏକ ଦୃଶ ଇଂଦୀବର ବୃନ୍ଦ
—ରସରାଜ/୨୪୯

(୨୯) ମଧୁର ସ୍ତ୍ୟାଗୀ ରାଗଂ ନ ଯାତି ମଦନସ୍ୟନାପିବଶମେତି
ଅବମାନିତଶ୍ଚ ନାର୍ଯ୍ୟା ବିରଜ୍ୟେତ ସତୁ ଭବେ ଜ୍ୟେଷ୍ଠଃ
—ନାଟ୍ୟଶାସ୍ତ୍ର

(୩୦) ଗୀତ ଗୋବିନ୍ଦ, ପୃ-୬୦



Digitized by srujanika@gmail.com

ଏହାର ଓଡ଼ିଆ ଅନୁବାଦରେ କୁହାଯାଇଛି—

ଶୁଣ ଚନ୍ଦନ ସମୀର ମୋର ଅତି ବିନୟ ବଚନ
　　　　ମତ୍ତସିଜର ଆନନ୍ଦକର ତୁ ଅଟି ପରସନ୍ନ
ଛୁଡସି ବନ୍ଧଭାବ ତୋହର ଚିତ୍ତେ ନ ଧର ଆନ
　　　　ଜଗତେ ଖ୍ୟାତ ଦକ୍ଷିଣ ବାତ ମୋହରେ କିକେ ବାମ
କ୍ଷଣ ମାତ୍ରକେ ମୋର ଅଗ୍ରତେ ମାଧବ ବେଗେ ଆଣ
　　　　ପଛେ ତୋହର ଯେମନ୍ତେ ହେନମି ମୋର ପ୍ରାଣ
ଜଗତ ଜୀବ ଜୀବନ ତୁ ଯେ ସବୁରି ହୃଦେ ଥାଉ
　　　　ଏ ମୋର ବିରହ ଗତି କୃଷ୍ଣେ କି କେ ନ କହୁ

ଯୁବତୀ ତନ୍ଵଂ କୋମଳ କହି କେବେ ନ କରିବ ରୋଷ
ପ୍ରେମ ବୃନ୍ତ କହି ବିନୟ ହୋଇ ମନ କରିଥିବ ତୋଷ
ସୂର୍ଯ୍ୟ ତୁଲେ ପୁଣି ପ୍ରଚଣ୍ଡ ଅଟି କିରଣ ଜଗତ ଦହେ
ଚନ୍ଦ୍ର ଗଲେକ ରସ ଭାବ ବିକାଶି ହୃଦୟ କାହାର ମୋହେ । ୪ ।

ଉକ୍ତ ପଦରେ କବି ନାୟକଙ୍କୁ ନାୟିକା ପ୍ରତି କଠୋର ନ ହେବା ନିମନ୍ତେ ଉପଦେଶ ଦେଇଛନ୍ତି । ତାଙ୍କ ମତରେ ନାୟକ ନାୟିକା ନିକଟରେ ରୋଷ ପ୍ରକାଶ ନ କରି ବିନୟୀ ହୋଇ କୋମଳ ବୃନ୍ତ ପ୍ରକାଶ କରିବା ଉଚିତ୍ । ବାତ୍ସ୍ୟାୟନ କହିଛନ୍ତି—'ସ୍ତ୍ରୀମାନେ ଫୁଲ ପରି କୋମଳାଙ୍ଗୀ ଓ ମୃଦୁ ସ୍ୱଭାବା' ଏହି ହେତୁ ସେମାନଙ୍କ ସହିତ ବିହାର କଲାବେଳେ ସୁକୁମାର ଓ ମୃଦୁ ମଧୁର ସ୍ପର୍ଶ ଆଦି କରିବ । ରୂଢ଼ ବା ପରୁଷ ବ୍ୟବହାର କଲେ ସେମାନେ ସମ୍ଭୋଗ ପ୍ରତି ଘୃଣା କରନ୍ତି । ଏହି ହେତୁ ସେମାନଙ୍କ ସହିତ ସବୁବେଳେ କେବଳ ଶାନ୍ତଶିଷ୍ଟ ବ୍ୟବହାର କରି ମନ ଆକର୍ଷଣ କରିବାକୁ ଚେଷ୍ଟା କରିବ (୩୧) । ବିଦ୍ୟାପତିଙ୍କ ଦୂତୀ ଶ୍ରୀକୃଷ୍ଣଙ୍କୁ ଉପଦେଶ ଦେଇଛି—

---

(୩୧) କୁସୁମ ସଧର୍ମାଣୋ ହି ଯୋଷିତଃ ସୁକୁମାରୋପକ୍ରମାଃ
ତାସ୍ୱନଧିଗତ ବିଶ୍ୱାସୈଃ ପ୍ରସଭମୁପକ୍ରମମାଣାଃ
ସଂପ୍ରୟୋଗ ଦ୍ୱେଷିଣ୍ୟୋ ଭବନ୍ତି
ତସ୍ମାଦ୍ ସାମ୍ନୈବୋପଚରେତ୍
—କାମସୂତ୍ରମ୍, ତୃତୀୟ ମଧିକରଣ, ୨/୭



Digitized by srujanika@gmail.com

ହେ କାହ୍ନୁ ! ତୁମେ ସୁରଭିର ଗିରି ଖାଡରେ ମଧୁପାନ କରିବ ଅର୍ଥାତ୍ ରାଧିକାଙ୍କୁ ଉପଭୋଗ କରିବ । ରାଧାଙ୍କୁ ପ୍ରବୋଧନା ଦେଇ ବା ବୁଝାଇ ମୁଖରେ ଆଶ୍ୱାସନା ପ୍ରଦାନ କରି ତାହାର ସ୍ତନ ଯୁଗଳକୁ ସ୍ପର୍ଶ କରିବ । ପଞ୍ଚବାଣର ତାଡନାରେ ଭୁଲିଯାଇ ତାହା ପ୍ରତି ହସ୍ତୀ କମଳ ପ୍ରତି ବ୍ୟବହାର କଲାପରି କଠୋର ବା ନିର୍ଦ୍ଦୟ ହେବ ନାହିଁ (୩୨) । ମତିରାମଙ୍କ ସଖୀ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଉପଦେଶ ଦେଇ କହୁଛି—ହେ କୃଷ୍ଣ ! କୋମଳ କୁଶଲତା ଯେପରି ସମୀରଣର ମୃଦୁ କମ୍ପନରେ ନଇଁପଡେ ସେହିପରି ତୁମର ମଧୁର-ବାଣୀ ରାଧାର ମନକୁ ମୁଗ୍‌ଧ କରିଦେଇଛି । ତେଣୁ ରୋଷ ପ୍ରକାଶ ନ କରି ପ୍ରେମ ନିର୍ବାହ କରିବା ଉଚିତ୍ । ନଚେତ୍ ନାୟିକା ତୁମର ଏପରି କଠୋର ବ୍ୟବହାରରେ ଆଘାତ ପାଇବ (୩୩) । ପୁନଶ୍ଚ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦୟତାକୁ ଲକ୍ଷ୍ୟ କରି ମତିରାମ କହୁଛନ୍ତି – ହେ କୃଷ୍ଣ ! ନିର୍ଦ୍ଦୟ ହୋଇ ତୁମେ ଭାବ ବିହ୍ୱଳା ବିରହୀ ରାଧିକା ପ୍ରତି ଯେପରି କଟାକ୍ଷ ଶର ନିକ୍ଷେପ କଲ, ସେପରି କୌଣସି ଶତ୍ରୁ ମଧ୍ୟ କରେ ନାହିଁ (୩୪) । ନାୟିକା ସହିତ ମିଳନ କାଳରେ ନାୟକ ଧୀର କୋମଳ ବ୍ୟବହାର ପ୍ରଦର୍ଶନ ନିମନ୍ତେ ବିଦ୍ୟାପତି ଓ ମତିରାମଙ୍କ ଦୂତୀ ବା ସଖୀ ଉପଦେଶ ଦେଇଥିବା ବେଳେ ନରସିଂହ ସେଣ ନିଜେ କହୁଛନ୍ତି ।

କବି ପୁନଶ୍ଚ ନାୟକକୁ ସୂର୍ଯ୍ୟଙ୍କ ସହିତ ତୁଳନା କରିଛନ୍ତି । ସୂର୍ଯ୍ୟ ତାଙ୍କର ପ୍ରଚଣ୍ଡ ଜ୍ୱାଳାମୟୀ ଅଗ୍ନିରୂପକ କିରଣ ଦ୍ୱାରା ସମଗ୍ର ଧରାକୁ ଉତ୍ତପ୍ତ କରିପାରନ୍ତି କିନ୍ତୁ ପ୍ରାଣପ୍ରିୟା କମଳିନୀ ପ୍ରତି ତାଙ୍କର ସ୍ନେହ ଅତୁଟ ରହିଥାଏ । ପୁରୁଷ ବା ନାୟକ ନିଜର ପୌରୁଷ ବଳରେ ସମସ୍ତଙ୍କ ପ୍ରତି କଠୋର ଭାବ ପ୍ରକାଶ କଲେ ମଧ୍ୟ ତାର ପ୍ରାଣପ୍ରିୟା ପ୍ରତି ସ୍ନେହସିଗ୍‌ଧ ହେବା ବାଞ୍ଛନୀୟ ।

---

(୩୨) ସହଜ କରକ ମଧୁପାନ । ଭୂଲ ହେ ଜନି ପଞ୍ଚବାନ
ପରବୋଧି ପୟୋଧର ପରସିହ । କୁଂଜର ଜନି ସରୋରୁହ
—ବିଦ୍ୟାପତି ପଦାବଳୀ, ପୃ-୪୭

(୩୩) ରସରାଜ, ପୃ-୧୭୭

(୩୪) ରସରାଜ, ପୃ-୧୭୫



Digitized by srujanika@gmail.com

ନାନା ଏକ ରୂପ ବିବିଧ ଲୀଳା ଭିବେଶ ବିବିଧ ବାଣୀ
ଉତ୍ତମ ବାଳାର ନାଜ ଛଡାଇଲେ ତାହାଂର ପରୀକ୍ଷା ଜାଣି
କଳାନିଧି ଯେସନ୍ତେ ନିଜ କଳାମାନ ଯେତେ ଅଧିକ ବଢ଼ାଇ
ତିମିର ଲାଜ ରଜନୀ ତାହୁଂ ଅମୃତ କରେ ଛଡାଇ । ୫ ।

ନାୟିକା ସହିତ ମିଳିତ ହେବାକୁ ହେଲେ ନାୟକକୁ ପ୍ରଥମେ ନାୟିକାର ଲଜ୍ଜାଭାବକୁ ଦୂର କରାଇବା ଆବଶ୍ୟକ । ମୁଗ୍ଧା ନାୟିକା ପ୍ରଥମେ ନାୟକ ନିକଟରେ ଅତିଶୟ ଲଜ୍ଜା ପ୍ରଦର୍ଶନ କରିଥାଏ । କିନ୍ତୁ ନାୟକର ରସିକ୍ର ବିଭିନ୍ନ ଅଙ୍ଗଭଙ୍ଗୀ, ମୃଦୁ ବଚନ, ଗୃଷ୍ଟୁ ନାୟିକାର ମନୋହରଣ କରିବାକୁ ଲାଗେ । ଫଳରେ ନାୟିକା ନାୟକ ଉପରେ ଭରସା ରଖିବାକୁ ଆରମ୍ଭ କରି ଲଜ୍ଜା କ୍ରମେ କ୍ରମେ ତ୍ୟାଗ କରେ । କବି ନାୟିକାର ଏହି ଲଜ୍ଜା ତ୍ୟାଗ ଦୃଶ୍ୟକୁ ଚନ୍ଦ୍ରକଳା ବୃଦ୍ଧି ସହିତ ତୁଳନା କରିଛନ୍ତି । ଶୁକ୍ଳ ପକ୍ଷରେ ଚନ୍ଦ୍ରକଳାର ବୃଦ୍ଧି ଘଟେ ଏବଂ ଏହି ଅଭିବୃଦ୍ଧି ଫଳରେ ରାତ୍ରି ଭାଗରୁ ଅନ୍ଧାରର ବିନାଶ ହୁଏ । ନାୟିକାର ଲଜ୍ଜା ରାତ୍ରିର ଅନ୍ଧାର ସହିତ ସାଦୃଶ୍ୟ ରକ୍ଷା କରେ । ରାତ୍ରି ପକ୍ଷରେ ଅନ୍ଧାରର କ୍ରମହ୍ରସିଷ୍ଣୁ ଅବସ୍ଥା ରଜନୀର ଶୋଭା ବୃଦ୍ଧି କରିବା ପରି ନାୟିକା ସ୍ୱଭାବ କ୍ରମେ ଲଜ୍ଜାକୁ ଧୀରେ ଧୀରେ ତ୍ୟାଗ କରିବାରୁ ତାହାର ଶୋଭା ନାୟକ ନିକଟରେ ବୃଦ୍ଧି ପାଏ । ଚନ୍ଦ୍ରକଳା ଘଡ଼ି ଘଡ଼ି ହୋଇ ବୃଦ୍ଧି ପାଇବା ପରି ନାୟିକାର ମୁଖଶୋଭା ବୃଦ୍ଧି ପାଇବାକୁ ନାୟକ କଳ୍ପନା କରିବା ଦୃଶ୍ୟ ଗାଥା ସପ୍ତଶତୀରେ ଉପଲବ୍ଧ ହୁଏ (୩୫) । ନରସିଂହ ସେଣ ସେହି ଦୃଶ୍ୟକୁ ପୁନର୍ବାର ଉପସ୍ଥାପନ କରୁଥିଲେ ମଧ୍ୟ ନାୟକର ବିଭିନ୍ନ କ୍ରିୟା ନାୟିକାର ଶୋଭା ବୃଦ୍ଧିରେ ସହାୟକ ହେଉଥିବା କହିଛନ୍ତି । କବି ବିଦ୍ୟାପତି ମଧ୍ୟ ପ୍ରତିପଦ ଚନ୍ଦ୍ରକଳା ବୃଦ୍ଧି ପାଇବା ପରି ନାୟିକାର ରତିଭାବ ଧୀରେ ଧୀରେ ବୃଦ୍ଧି ପାଇବା କହିଛନ୍ତି (୩୬) ।

---

(୩୫) ତୁହ ମୁହସାରିଚ୍ଛ ଣ ଲହଇ ତି ସଂପୁଣ୍ଣମଣ୍ଡଳୋ ବିହୁଣା
ଅଣ୍ଣମଅଂ ବ ଘଡିଉଂ ପୁଣୋ ବି ଖଣ୍ଡିଜ୍ଜଇ ମିଅଙ୍କୋ ।
— ଗାଥା ସପ୍ତଶତୀ, ୩/୭

(୩୬) ଅଲପ ଅଲପ ରତି ଯୁନି ଗୁହି ମୀତି
ପ୍ରତିପଦ ଚାଁଦ କଲା ସମ ରୀତି
— ବିଦ୍ୟାପତି ପଦାବଳୀ, ପୃ-୭୨



Digitized by srujanika@gmail.com

ଅନ୍ୟାନ୍ୟ ଗ୍ରନ୍ଥରେ ଚନ୍ଦ୍ର କୃଷ୍ଣ ପକ୍ଷରେ ଆସ୍ତେ ଆସ୍ତେ କ୍ଷୀଣ ହେଉଥିଲେ ମଧ୍ୟ ଶୁକ୍ଳ ପକ୍ଷରେ ସେହି କ୍ରମରେ ବଢ଼ୁଥିବା କୁହାଯାଇଛି (୩୭)। ନରସିଂହ ସେଣ ବିଦ୍ୟାପତିଙ୍କ ବର୍ଣ୍ଣିତ ନାୟିକାର ଉଡ଼ଭାବକୁ ଶୋଭାରେ ପରିବର୍ତ୍ତିତ କରିଛନ୍ତି।

## ୩. ନାଏକା ପଞ୍ଚକ—

କାନନେ ଗୀତ କୁରଙ୍ଗରେ ପାତ ପ୍ରେମ ବିଚକ୍ଷଣ ବାଣୀ
ପ୍ରଥମେ ଅନ୍ତର ଥିଲେଣ ସେହୁ ଶତ୍ରୁ ଚମକଇ ପୁଣି
ଅନ୍ତର ଥିଲେଣ ମନକୁ ହରଇ ଜାତ ହୋଏ ନାନା ରସ
ପ୍ରଥମ ଉଦ୍ଧତ ହୋଇଲେ ସେହୁ ହୃଦୟ ହୋଇବ ବଶ । ୧ ।

କବି ନାୟକର ପ୍ରୀତିପୂର୍ଣ୍ଣ ବାଣୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନାୟକର ମଧୁର ବାକ୍ୟ ନାୟିକା ହୃଦୟରେ ବିଭିନ୍ନ ରସ ସୃଷ୍ଟି କରି ହୃଦୟ ବଶୀଭୂତ କରିବାକୁ ସମର୍ଥ ହୋଇଥାଏ। ଉକ୍ତ ପ୍ରସଙ୍ଗରେ କାନନର ହରିଣୀକୁ ଉପମାନ ରୂପେ ଗ୍ରହଣ କରାଯାଇଛି। ବଣଜଙ୍ଗଲର ହରିଣୀ ସଙ୍ଗୀତ ଶୁଣି ମୁଗ୍ଧ ହୋଇଥାଏ। ବିଦ୍ୟାପତି ମଧ୍ୟ ହରିଣୀର ସଙ୍ଗୀତ ଶୁଣିବାକୁ ଉପମାନ ରୂପେ ଗ୍ରହଣ କରି କହିଛନ୍ତି— ହରିଣୀ ଯେପରି ନିବିଷ୍ଟ ଚିତ୍ତରେ ସଙ୍ଗୀତ ଶ୍ରବଣ କରେ, ସେହିପରି ଏହି ରମଣୀ ମଧ୍ୟ ଶୃଙ୍ଗାର ରସ କଥା ଶ୍ରବଣରେ ମନୋନିବେଶ କରୁଅଛି। ବର୍ତ୍ତମାନ ଶୈଶବ ଓ ଯୌବନ ମଧ୍ୟରେ ବିବାଦ ଉପୁଜିଛି। କେହି ହେଲେ ନିଜର ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି (୧)। ଅନ୍ୟ ଏକ ସ୍ଥଳରେ ବିଦ୍ୟାପତି ମଧ୍ୟ

---

(୩୭) କ୍ଷୀଣଃ କ୍ଷୀଣୋଽପି ଶଶୀ ଭୂୟୋଽଭିବର୍ଦ୍ଧତେ ସତ୍ୟମ୍
— କାବ୍ୟ ପ୍ରକାଶ, ପୃ-୬୬୯

(୧) ସୁନଇତ ରସ-କଥା ଥାପଏ ଚୀତ
ଜଇସେ କୁରଙ୍ଗିନି ସୁନଏ ସଙ୍ଗୀତ
ସୈଶବ ଯୌବନ ଉପଜଲ ବାଦ
କଓ ନ ମାନଏ ଜୟ ଅବସାଦ
— ବିଦ୍ୟାପତି ପଦାବଳୀ, ପୃ-୨୯



Digitized by srujanika@gmail.com

କବିଚନ୍ଦ୍ର — ହରିଣୀ ଭଳି ଭାବରେ ସୁଜନ ନିଗ୍ରହ କଥା ଜାଣି ମଧ୍ୟ ବ୍ୟାଧ ଗୀତ ଶୁଣିବାକୁ ଆଗ୍ରହ କରେ (୨) । ବିଦ୍ୟାପତିଙ୍କର ହରିଣୀ ଗୀତ ଶୁଣିବା ମୂଳରେ ଅଛି ନାୟିକାର ଶୃଙ୍ଗାର କଥା ଶ୍ରବଣ ତଥା ନିଜର ନିଧନ ଅର୍ଥାତ୍ ନିଜତ୍ୱ ଲୋପ । ସେହିପରି ନରସିଂହ ସେଣଙ୍କ ନାୟିକା ମନ୍ଦ ମୁଗ୍ଧ ହରିଣୀ ପରି ନିଜର ସତ୍ତା ବିଲୋପ କରି ନାୟକ ସହିତ ଏକାତ୍ମ ହୋଇଯାଏ ।

କବି କାଳିଦାସଙ୍କ ସୂତ୍ରଧର ନଟୀର ଗୀତ ଶୁଣି କହୁଛି— ତୁମର ଏ ଗୀତରେ ମୋର ମନ ବଳାତ୍କାରରେ ହୃତ ହୋଇଗଲା ଯେପରିକି ଅତି ବେଗଗାମୀ ଏହି ହରିଣ ଦୁଷ୍ମନ୍ତ ରାଜାଙ୍କୁ ବଳାତ୍କାରରେ ଆକୃଷ୍ଟ କରୁଛି (୩) ଏଠାରେ ନଟୀର ସଙ୍ଗୀତ ସୂତ୍ରଧରଙ୍କୁ ଆକୃଷ୍ଟ କଲାପରି ନାୟକର ସମ୍ମୋହନ ନାୟିକାକୁ ମୋହିତ କରୁଥିବା ଗ୍ରହଣ କରାଯାଇ ପାରେ ।

ଅତିହିଂ ନାଜକୁଳୀ ଆମ୍ବିଳ ଯେସନ ବହୁତ ମୁହଁଇ ଖାଇ
ଅତି ଭାବ ମତ ମଧୁର ଯେସନ ବେଗେ ଭୃଣ୍ଡ ମଧୁରାଇ
ନାଜ ଭାବ ମିଶି ଯେବଣ ସୁରତି ସେହିସେ ହରଇ ମନ ।
ଆମ୍ବିଳ ମଧୁର ମିଶି ଚୂତଫଳ ମୋହଇ ସର୍ବ ଭୁବନ ।୨।

ଅଳଙ୍କାର ଶାସ୍ତ୍ର ଅନୁଯାୟୀ ମୁଗ୍ଧା ନାୟିକା ଠାରେ ଲଜ୍ଜା ଭାବ ଅତ୍ୟଧିକ ପ୍ରକାଶ ପାଇଥାଏ । ଭାନୁଦତ୍ତଙ୍କ ଅନୁଯାୟୀ ମୁଗ୍ଧା ନାୟିକା ଅଜ୍ଞାତ ଯୌବନା ଓ ଜ୍ଞାତ ଯୌବନା ଭେଦରେ ଦ୍ୱିବିଧ (୪) । ଅଜ୍ଞାତ

---

(୨) ହରିନୀ ଜାନୟେ ଭଲ କୁଟୁମ୍ବ ବିବାଦ
ତବହୁ ବ୍ୟାଧକ ଗୀତ ସୁନତେ କରୁ ସାଥ — ତତ୍ରୈବ, ପୃ-୮୮

(୩) ତବାସ୍ମି ଗୀତ— ରାଗେଣ ହାରିଣା ପ୍ରସଭଂ ହୃତଃ
ଏଷ ରାଜେବ ଦୁଷ୍ୟନ୍ତଃ ସାରଙ୍ଗେଣା ତିରଂହସା
—ଅଭିଜ୍ଞାନ ଶାକୁନ୍ତଳମ୍ ପ୍ରଥମ ଅଙ୍କ

(୪) ସାଚ ଅଜ୍ଞାତ ଯୌବନା, ଜ୍ଞାତ ଯୌବନାଚ —ରସ ମଞ୍ଜରୀ, ପୃ-୧୨



Digitized by srujanika@gmail.com

ଯୌବନା ନାୟିକା ନିକଟରେ ଲଜ୍ଜା ଭାବ ପ୍ରକାଶ ପାଏ— ତାହାର ଗତି ମନ୍ଦ ହୁଏ, ସେ ଆସ୍ତେ ଆସ୍ତେ ହସେ ଏବଂ ଖୁବ୍ କମ କଥାବାର୍ତ୍ତା କରେ । ସେ ଅଜ୍ଞାତ ଯୌବନା ହୋଇଥିବା ହେତୁ ନାୟକ ସହିତ ମିଳିତ ହେବା ସମ୍ଭବନୁହେଁ । ପୁନଶ୍ଚ ଜ୍ଞାତଯୌବନା ନବୋଢ଼ା ଏବଂ ବିଶ୍ରବ୍ଧ ଦୁଇଭେଦରେ ବିଭକ୍ତ (୫) । ବିଶ୍ରବ୍ଧ ନାୟିକା ନିକଟରେ ଲଜ୍ଜା ଭାବ ଥିଲେ ବି ପତି ପ୍ରତି ଆକର୍ଷଣ ସୃଷ୍ଟି ହୋଇଥାଏ । ତାହା ନିକଟରେ ଅତ୍ୟଧିକ ଲଜ୍ଜାଭାବ ନଥାଏ । ନରସିଂହ ସେଣଙ୍କ 'ଅତି ନାଜକୁଳୀ' ପ୍ରୟୋଗରୁ ନାୟିକାକୁ 'ନବୋଢ଼ା' ରୂପେ ଗ୍ରହଣ କରିହୁଏ । ଭାନୁଦତ୍ତଙ୍କ ଅନୁଯାୟୀ ଯେଉଁ ବିବାହିତା ନବବଧୂ ଲଜ୍ଜା ଏବଂ ଭୟ ହେତୁ ପତି ସଙ୍ଗମ ଚାହେଁ ନାହିଁ ତାହାକୁ ନବୋଢ଼ା କୁହାଯାଏ (୬) । ଆଳଙ୍କାରିକ ମତିରାମ ମଧ୍ୟ 'ନବୋଢ଼ା' ନାୟିକାର ଅନୁରୂପ ସଂଜ୍ଞା ନିରୂପଣ କରିଛନ୍ତି (୭) । 'ନବୋଢ଼ା' ଶବ୍ଦର ଅର୍ଥ ହେଉଛି ପ୍ରଥମ ଥର ପାଇଁ ପ୍ରିୟ ସମାଗମକୁ ପ୍ରାପ୍ତ ହେଉଥିବା ନବ ବିବାହିତା ନାୟିକା(୮) । ଯାହାକୁ ଦେଖିବାକ୍ଷଣି ନାୟିକାର ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇଯାଏ, ସେ କିଛି କହିପାରେ ନାହିଁ ଏବଂ ଦୁଇ ହାତରେ ସଖୀର ଅଞ୍ଚଳକୁ ଜାବୁଡ଼ି ଧରେ । ଏହି ନାୟିକାର ନାୟକ ପ୍ରତି ବିଶ୍ୱାସ ଆସି ନ ଥାଏ ପୁଣି ନାୟକ ନିକଟରୁ କ୍ରୂର ବ୍ୟବହାରର ଆଶଙ୍କା ଥାଏ । ଅମରୁକ ନାୟିକାର ଏପରି ଅବସ୍ଥାର ସୁନ୍ଦର ଚିତ୍ରଦେଇ କହିଛନ୍ତି— ଲଜ୍ଜା ଯୋଗୁ ନାୟିକା ମୁଖ ଅବନତ କରିଦିଏ, ଧୀରେ ଧୀରେ ନାୟକ ନିକଟରୁ ଦୂରକୁ ଚାଲିଯାଏ, ନଇଁ ପଡ଼େ ଏବଂ

---

(୫) ତତ୍ରୈବ, ପୃ-୧୩

(୬) ସୈବ କ୍ରମଶୋ ଲଜ୍ଜାଭୟ ପରାଧୀନରତି ର୍ନବୋଢ଼ା

—ତତ୍ରୈବ, ପୃ-୧୬

(୭ ମୁଗ୍‌ଧା ଜୋ ଲଜ ଭୟ ଯୁତ ରତି ନ ଚହୈ ପତି ସଙ୍ଗ
ତାହି ନବୋଢ଼ା କହତ-ହୈଁ ଜେ ପ୍ରବୀନ ରତି ରଙ୍ଗ

—ରସରାଜ/୨୨

(୮) ରସ ମଞ୍ଜରୀ, ପୃ-୧୭



Digitized by srujanika@gmail.com

ଲଜ୍ଜା ଯୋଗୁ କହି କହିପାରେ ନାହିଁ (୯) । କେବଳ  ସେତିକି ନୁହେଁ  ଶିବ ପାର୍ବତୀଙ୍କର ମିଳନ ସମୟରେ ମଧ୍ୟ  ଶିବଙ୍କୁ  ସମ୍ମୁଖରେ  ଦେଖି  ପାର୍ବତୀ କମ୍ପିବାକୁ ଲାଗିଛନ୍ତି (୧୦) । କବି 'ବହୁତ ନୁହେଁ ଖାଇ' ପ୍ରୟୋଗ କରିଥିବା ହେତୁ ନାୟିକା ସହ ମିଳନ ହୋଇଥିବା ଏବଂ ଏହି  ମିଳନ  ଆନନ୍ଦ  ପ୍ରଦ ହୋଇ ନଥିବା ଜଣାଯାଏ । ନାୟିକାର ଏପରି ଅବସ୍ଥାର ଚିତ୍ର ପ୍ରଦାନ  କରି ମତିରାମ କହନ୍ତି— ନାୟକ ନାୟିକାର ଯେଉଁ ଯେଉଁ ଅଙ୍ଗକୁ ସ୍ପର୍ଶ କରିଯାଏ ନାୟିକା ସେହି ସେହି ଅଙ୍ଗକୁ ଲୁଚାଇ ଦିଏ (୧୧) । କିନ୍ତୁ  ନାୟିକା  ଏପରି ଆଚରଣକୁ ସ୍ଥିର ରଖିପାରେ ନାହିଁ । ଯେତେବେଳେ ତାହାର ନାୟକ ସହିତ ସମ୍ପର୍କ ବୃଦ୍ଧିପାଏ ଏବଂ ନାୟକଉପରେ ବିଶ୍ୱାସ ସୃଷ୍ଟି ହୁଏ ସେତେବେଳେ ସେ ସ୍ୱୟଂ ନାୟକ ନିକଟକୁ ଯିବାକୁ ଆରମ୍ଭକରେ । ବିଦ୍ୟାପତିଙ୍କ ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କୁ ପ୍ରଥମେ  କଳାରାହୁ ରୂପେ ଗ୍ରହଣ କରି ପ୍ରଥମେ କମ୍ପିବାକୁ  ଆରମ୍ଭ କରିଥିଲେ ହେଁ  (୧୨)  ଧୀରେ  ଧୀରେ  ତା'ର ଭୟ ଭ୍ରାନ୍ତି ଦୂର ହୋଇଥିଲା ଏବଂ ଶ୍ରୀକୃଷ୍ଣଙ୍କ ସହ ମିଳନ ନିମନ୍ତେ ଗମନ କରିଥିଲା ।  ପତି  ପ୍ରତି  ସ୍ୱାଭାବିକ ଆକର୍ଷଣରେ ନାୟକ ନିକଟକୁ ନାୟିକା ନିଜେ ଗମନ କଲେ ତାହାକୁ 'ବିଶ୍ରବ୍ଧ ନବୋଢ଼ା' ଆଖ୍ୟା ଦିଆଯାଏ (୧୩) ।

---

(୯) ପଟାଳଗ୍ନେପାଣୋନମୟତି ସୁଖଂଜାତ ବିନୟା
ହଠାଶ୍ଲେଷଂ ବାଞ୍ଛତ୍ୟପହରତି ଗାତ୍ରାଣି ନିଭୃତମ୍
ନ ଶକ୍ନୋତ୍ୟାଖ୍ୟାତୁଂ ସ୍ମିତ ମୁଖ  ସଖୀ ଦତ୍ତନୟନା
ହ୍ରିୟାତାମ୍ୟତ୍ୟନ୍ତଃ ପ୍ରଥମ ପରିହାସେ ନବବଧୂଃ
—ଅମରୁଶତକମ୍/୨୭

(୧୦) ତଂ ବୀକ୍ଷ୍ୟ ବେପଥୁମତୀ ସରସାଙ୍ଗଯଷ୍ଟି
ନିକ୍ଷେପଣାୟ ପଦମୁଦ୍ଧୃତ ମୁଦ୍ୱହନ୍ତୀ—କୁମାରସମ୍ଭବମ୍

(୧୧ ଜ୍ୟୋଂ ଜ୍ୟୋଂ ପରସତ ଲାଲତନ
ତ୍ୟୋ ତ୍ୟୋ ରାଖୈ ଗୋୟ—ରସରାଜ/୨୭

(୧୨) ଜଇତହୁ ଲାଗୁ ପରମ ଡରନା
ଜଇସେ ସସି କାଁପ ରାହୁ ଡରନା
— ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୧୫୫

(୧୩) ରସ ମଞ୍ଜୁଷା, ପୃ-୩୨



Digitized by srujanika@gmail.com

ଦ୍ୱିତୀୟ ପଂକ୍ତିରେ 'ଭାବ'କୁ କବି କାମଭାବ ଅର୍ଥରେ ପ୍ରୟୋଗ କରିଛନ୍ତି । ଅଳଙ୍କାର ଗ୍ରନ୍ଥ ରସମଞ୍ଜରୀ ବ୍ୟାଖ୍ୟାରେ 'ଭାବ'କୁ କାମଭାବ ରୂପେ ବର୍ଣ୍ଣନା କରାଯାଇଛି (୧୪) । ତେଣୁ 'ଅତି ଭାବ' ପ୍ରୟୋଗର ଅର୍ଥ ହେଉଛି କାମ ଭାବରେ ପ୍ରବଳା ହେବା । କେବଳ ପ୍ରଗଲ୍‌ଭା ନାୟିକା ହିଁ କାମ ଭାବରେ ପ୍ରବଳା ହୋଇଥାଏ । ଭାନୁଦତ୍ତଙ୍କ ଅନୁଯାୟୀ ଯେଉଁ ନାୟିକା ଆପଣାର ପତିକୁ ସମସ୍ତ ପ୍ରକାର କେଳି କଳା ଦ୍ୱାରା ମୁଗ୍‌ଧ କରିଥାଏ ତାହାକୁ ପ୍ରଗଲ୍‌ଭା କୁହାଯାଏ (୧୫) । ମତିରାମ ମଧ ସମସ୍ତ କଳାରେ ପରିପୂର୍ଣ୍ଣା ହୋଇ ନିଜ ପତି ସହ କେଳି କରୁଥିବା ନାୟିକାକୁ ପ୍ରୌଢ଼ା ରୂପେ ଗ୍ରହଣ କରିଛନ୍ତି (୧୬) । ଏଠାରେ ପ୍ରଗଲ୍‌ଭା ଓ ପ୍ରୌଢ଼ା ଏକାର୍ଥବାଚକ । ଧନଞ୍ଜୟ କହିଛନ୍ତି ଯେ ପ୍ରଗଲ୍‌ଭା ନାୟିକା ଯୌବନରେ ଅନ୍ଧ ହୋଇ କାମ ଭାବରେ ଉନ୍ମତ୍ତତା ପ୍ରକାଶ କରିଥାଏ (୧୭) । କାମ ଭାବରେ ଉନ୍ମତ୍ତ ହେଲେ ଲଜ୍ଜା ତ୍ୟାଗ କରିବା ସ୍ୱାଭାବିକ କଥା । ଏହିପରି ଏକ ନାୟିକା ସାରାରାତି ନାୟକ ସହିତ କାମ କ୍ରୀଡ଼ାରେ ମତ୍ତହୋଇ ଲୀଳାବିଳାସ ଆଦିକୁ ପ୍ରକାଶ କରିଛି । ପ୍ରତ୍ୟୁଷ ହେବାରୁ ନାୟକକୁ ତ୍ୟାଗ କରିଯିବା ତା' ପକ୍ଷରେ ହୋଇଛି ଦୁଃଖପ୍ରଦ (୧୮) ।

---

(୧୪) ତତ୍ରୈବ, ପୃ-୩୩

(୧୫) ପତିମାତ୍ର ବିଷୟକ କେଳିକଳାପ କୋବିଦା ପ୍ରଗଲ୍‌ଭା
— ତତ୍ରୈବ, ପୃ-୩୮

(୧୬) ନିଜ ପତି ସୌଂ ରତି-କେଲିମ ସକଳ କଳାନି ପ୍ରବୀନ
ତାସୌଂ ପ୍ରୌଢ଼ା କହତ ହୈଂ ଜେ କବିତା ରସଲୀନ
— ରସରାଜ/୩୩

(୧୭) ଯୌବନାନ୍ଧା ସ୍ମରୋନ୍ମତ୍ତା ପ୍ରଗଲ୍‌ଭା ଦୟିତାଙ୍ଗକେ
— ଦଶ ରୂପକ, ୨/୧୮

(୧୮) ରସ ରାଜ, ପୃ-୧୮



Digitized by srujanika@gmail.com

ଉକ୍ତ ପଦର ତୃତୀୟ ପଂକ୍ତିକୁ ଅନୁଧାନ କଲେ ଜଣାଯାଏ ଯେ 'ଭାବ' ହେଉଛନ୍ତି କାମର ପ୍ରବର୍ତ୍ତକ ଏବଂ ଲଜ୍ଜା ହେଉଛି ତାହାର ନିବର୍ତ୍ତକ (୧୯)। ରସ ମଞ୍ଜରୀକାର ମଧ୍ୟା ନାୟିକାର ଲକ୍ଷଣରେ କହିଛନ୍ତି— ନାୟିକାର ଏହି ଅବସ୍ଥାରେ ମୁଗ୍ଧାଭାବ ବ୍ୟକ୍ତ ହେବା ନିମନ୍ତେ ଲଜ୍ଜାଭାବ ଏବଂ ପ୍ରଗଲ୍‌ଭାତ୍ୱ ସୂଚିତ ହେବା ନିମନ୍ତେ କାମଭାବ ସମାନ ପରିମାଣରେ ପ୍ରକାଶିତ ହୁଏ (୨୦)। ମଧ୍ୟା ନାୟିକାର ଅନ୍ତରରେ ଲଜ୍ଜା ଏବଂ କାମ ଉଭୟ ଭାବର ପରସ୍ପର ସଂଘର୍ଷ ହୋଇଥାଏ। କାମ ତାହାକୁ ପ୍ରିୟତମ ପ୍ରତି ପ୍ରବୃତ୍ତ କରାଇଥାଏ, ସେହିକ୍ଷଣି ଲଜ୍ଜା ଉତ୍ପନ୍ନ ହୋଇ ନିବୃତ୍ତ କରାଏ। ମଧ୍ୟା ନାୟିକା କାମ ଏବଂ ଲଜ୍ଜା ଉଭୟ ଭାବ ଉତ୍ପନ୍ନର ମଧ୍ୟବର୍ତ୍ତୀ ଅବସ୍ଥାରେ ରହିଥାଏ। ମତିରାମ ମଧ୍ୟ କାମଭାବ ଓ ଲଜ୍ଜାଭାବ ସମାନ ରୂପରେ ଅବସ୍ଥାନ କରିଥିବା ନାୟିକାକୁ ମଧ୍ୟା ନାୟିକା ରୂପେ ଗ୍ରହଣ କରିଥିବା ଜଣାଯାଏ (୨୧)। ଏହି ନାୟିକା ନିକଟରେ ଯୌବନ ଓ କାମବାସନା ସମ୍ପୂର୍ଣ୍ଣ ରୂପେ ପ୍ରକାଶ ପାଉଥିବା (୨୨) ଧନଞ୍ଜୟ କହିଥିଲେ ମଧ୍ୟ ଲଜ୍ଜାଭାବ ସମ୍ପର୍କରେ କହିଥିବା ଜଣାଯାଏ ନାହିଁ। ନାୟିକାର କାମଭାବ ଓ ଲଜ୍ଜାଭାବର ସମନ୍ୱିତ ରୂପ ନାୟକକୁ କିପରି ମୁଗ୍‌ଧ କରେ ତାହା ନିମ୍ନୋକ୍ତ ଉଦାହରଣ ମାନଙ୍କରୁ ଜଣାଯାଏ—

ପ୍ରିୟତମ ଶିବଙ୍କ ସହ ନୂତନ ମିଳନ ପାଇଁ ଉତ୍କଣ୍ଠାମୂଳକ ଶୀଘ୍ର ଯାଉଥିବା ଅଥଚ ସ୍ତ୍ରୀ ସୁଲଭ ଲଜ୍ଜା ହେତୁ ଫେରି ଆସୁଥିବା ପୁଣି ନିଜର

---

(୧୯) ରସ ମଞ୍ଜରୀ, ପୃ-୩୩

(୨୦) ସମାନ-ଲଜ୍ଜା ମଦନା ମଧ୍ୟା — ତତ୍ରୈବ, ପୃ-୩୩

(୨୧) ଜାକେ ତନ ମେଁ ହୋତ ହୈ ଲଜ-ମନୋଜ ସମାନ
ତାକୌ ମଧ୍ୟା କହତ ହୈ କବି ମତିରାମ ସୁଜାନ
— ରସରାଜ/୩୦

(୨୨) ମଧ୍ୟୋଦ୍ୟ ଯୌବନାନଙ୍ଗା ମୋହାନ୍ତ ସୁରତକ୍ଷମା
— ଦଶରୂପକ, ୨/୧୭



Digitized by srujanika@gmail.com

ପ୍ରିୟସଖୀ ଜୟାବିଜୟାଙ୍କ ଷଡ଼ଯନ୍ତ୍ରରେ କୌଣସି ପ୍ରକାରେ କେଳି ଗୃହରେ ପାର୍ବତୀ ଆଗରେ ନିଜର ବର ଶିବଙ୍କୁ ଦେଖି ଭୟଭିହ୍ୱଳା ଅଥଚ ଶିବଙ୍କ ଦ୍ୱାରା ଆଲିଙ୍ଗିତା ପାର୍ବତୀଙ୍କର କଳେବର ରୋମାଞ୍ଚିତ ହୋଇଗଲା (୨୩) ।

ସହଚରଙ୍କୁ ଶଠଦଗ୍ଧ ନାୟକ କହୁଛି— ପ୍ରଥମ ଦିନ ସମ୍ଭୋଗ ରସରେ ପ୍ରିୟାଠାରୁ ଯେଉଁ ମହାଧନ ମୁଁ ପାଇପାରି ନଥିଲି, ଦ୍ୱିତୀୟ ଦିନ ତାହାର ସଲ୍ଲଜ ମୁଖରେ ସେଇ ସନ୍ତୋଷର ଆଭା ଦେଖି ମନ ଫୁଲି ଉଠିଥିଲା (୨୪) । ଅର୍ଥାତ୍ ପ୍ରଥମ ସମାଗମରେ ନାୟିକା ମନର ଲଜ୍ଜା ଓ ଶଙ୍କା ତାହାର ସ୍ୱଚ୍ଛନ୍ଦ ବ୍ୟବହାରରେ ବାଧା ଜନ୍ମାଇଥିଲା । ରତିସୁଖ ଅନୁଭବ କରିବା ପରେ ଦ୍ୱିତୀୟ ଦିନ ସେ ଅଧିକ ଅନୁକୂଳା ଓ ଉତ୍ସୁକା ହୋଇ ଲଜ୍ଜା ନମ୍ରସପ୍ରେମ ଦୃଷ୍ଟିପାତରେ ନାୟକର ମନହରଣ କଲା । ପୁନଶ୍ଚ କୁହାଯାଇଛି ଯେ 'ନବୋଢ଼ା' ଲଜ୍ଜାରେ ନିଜ ସ୍ୱାମୀ ମୁଖ ଚାହିଁପାରେ ନାହିଁ ନିଜକୁ ସ୍ପର୍ଶ କରିବାକୁ ମଧ୍ୟ ଦିଏ ନାହିଁ କି ଆଳାପ ସୁଖଦାନ କରି ସ୍ୱାମୀର ମନହରଣ କରେ ନାହିଁ । ତଥାପି ନବ ବଧୂର ସଙ୍ଗଲାଭରେ ଏକ ଅଲୌକିକ ସୁଖ ଅନୁଭୂତ ହୁଏ । ତା'ର ସାନ୍ନିଧ୍ୟ ଲାଭରେ ପ୍ରାଣରେ ଯେଉଁ ସୁଖର ଧାରା ପ୍ରବାହିତ ହୁଏ ତା'ର ରହସ୍ୟ ଫେଡ଼ିବା କଷ୍ଟକର । ତଥାପି ସେ ପ୍ରାଣର ବନ୍ଧନ ମୁକ୍ତ ଘଟେ (୨୫) ।

ସମଗ୍ର ପଦକୁ ଅନୁଶୀଳନ କଲେ ଜଣାଯାଏ କବିପୂର୍ବବର୍ତ୍ତୀ ଆଚାର୍ଯ୍ୟମାନଙ୍କର 'ମଦନ ବା କାମ' ଶବ୍ଦ ପ୍ରୟୋଗ ନ କରି 'ଶିବ' ଶବ୍ଦ ପ୍ରୟୋଗ କରିଛନ୍ତି । ଏଥିରୁ ଏହି ଶବ୍ଦ କବିଙ୍କର ଅତି ପ୍ରିୟ ଥିବା ମନେ ହୁଏ । ପୁନଶ୍ଚ

---

(୨୩) ସାହିତ୍ୟ ଦର୍ପଣ, ପୃ-୭୦୫

(୨୪) ଣବ ତହ ପଢ଼ମ-ସମାଗମ-ଧୁରଅ-ସୁହେ-ପାବିଏ ଵ ପଇଓସୋ
ଜହ ଵଅ-ଵିଅହ-ସଵଲକ୍ଖ-ଲକ୍ଖିଏ ଵଅଣ-କମଲମ୍ମି
-ଗାଥା ସପ୍ତଶତୀ (ଡଃ ବୈରାଗୀ ଚରଣ ଜେନା ଅନୁଦିତ) ୩/୯

(୨୫) ଣଅ ଵିଅଠ୍ଠିଂ ଦେଇ ମୁହଂ ଣଅ ଛିଵଅଂ ଦେଇ ଣାଲଵଇ କିଂପି
ତହ ଵି ହୁ କିଂ ପି ରହସ୍ସଂ ଣବ-ବହୁ-ସଙ୍ଗୋ- ପିଓ ହୋଇ
-ଗାଥା ସପ୍ତଶତୀ (ଡଃ ବୈରାଗୀ ଚରଣ ଜେନା ଅନୁଦିତ) ୭/୨୫



Digitized by srujanika@gmail.com

ତାଙ୍କ ଅନୁଯାୟୀ ମିଳନ ସମୟରେ ନାୟିକା ଅତିଶୟ ଲଜ୍ଜାବତୀ କିମ୍ବା ପ୍ରଗଳ୍‌ଭା ହେଲେ ନାୟକଙ୍କୁ ଆନନ୍ଦ ଦାନ କରିପାରେ ନାହିଁ । ତେଣୁ ଅତିଶୟ ଲଜ୍ଜାବତୀ ହେବା ଦୋଷାବହ ଏବଂ ଅତ୍ୟଧିକ ପ୍ରଗଳ୍‌ଭା ହେବା ଆପତ୍ତି ଜନକ । ସେ 'ଲାଜ' ଓ 'ଭାବ' ଶବ୍ଦ ନିମନ୍ତେ ଆମ୍ଳିକ ଓ ମଧୁର ଉପମା ଗ୍ରହଣ କରିଛନ୍ତି । ରୁଚିକର ହେଉ ବା ନ ହେଉ ଅମ୍ଳ ପଦାର୍ଥ ଏବଂ ମଧୁର ଖାଦ୍ୟ ସାମଗ୍ରୀ ବହୁ ପରିମାଣରେ ଖାଇ ହୁଏ ନାହିଁ, ଉଭୟ ପଦାର୍ଥର ବହୁ ପରିମାଣ ଅମ୍ଳତା ଓ ମଧୁରତା ଦ୍ୱାରା ଅରୁଚିକର ବୋଧ ହୁଏ । ଠିକ୍ ସେହିପରି ନାରୀର ଅତ୍ୟଧିକ ଲଜ୍ଜା ବା କାମଭାବ ପ୍ରକାଶ ପାଇଲେ ନାୟକ ବୀତସ୍ପୃହ ହୁଏ । ଅପର ପକ୍ଷରେ ଆମ୍ଳିକ ଓ ମଧୁର ରସଯୁକ୍ତ ଫଳ ଚୂତ ବା ଆମ୍ବ ସ୍ୱାଦ ବଳରେ ସମସ୍ତଙ୍କୁ ମୁଗ୍‌ଧ କରିଥାଏ । ଠିକ୍ ସେହିପରି ଲଜ୍ଜା ଓ କାମ ଭାବ ଯୁକ୍ତା ମଧ୍ୟା ନାୟିକା ନିଜର ଗୁଣ ବା ରସରେ ନାୟକଙ୍କୁ ପରିତୃପ୍ତି ପ୍ରଦାନ କରେ ।

କବି ତାଙ୍କର ଅନ୍ୟ ଏକ କାବ୍ୟ 'ଗୋପକେଳି'ରେ ରାଧା ଓ ଶ୍ରୀକୃଷ୍ଣଙ୍କ କେଳିର ପରିମାପକ ରୂପେ ଚୂତ ଫଳକୁ ଗ୍ରହଣ କରିଛନ୍ତି । ଚୂତ ଫଳ ପ୍ରଥମେ ଅର୍ଥାତ୍ ଅଙ୍କୁର ସମୟରେ କଷାସ୍ୱାଦ, ମଧ୍ୟମ ଅର୍ଥାତ୍ କଞ୍ଚା ଅବସ୍ଥାରେ ଅମ୍ଳସ୍ୱାଦ ପ୍ରଦାନ କରିଥିଲେହେଁ ଅନ୍ତିମ ବା ସୁପକ୍ୱ ସମୟରେ ଅମୃତ ସଦୃଶ ସ୍ୱାଦ ପ୍ରଦାନ କରେ । ନାରୀ ସେହିପରି 'ନବୋଢା' ସମୟରେ କଷାୟଯୁକ୍ତ, ବିଶ୍ରବ୍‌ଧ ନବୋଢ଼ା ସମୟରେ ଅମ୍ଳଯୁକ୍ତ ଏବଂ ମଧ୍ୟା ଅବସ୍ଥାରେ ଅମୃତ ସଦୃଶ ରସଦାନ କରେ । ଅର୍ଥାତ୍ ଯେଉଁ ଲଜ୍ଜାଭାବ ନବୋଢ଼ା ସମୟରେ ଥାଏ, ବିଶ୍ରବ୍‌ଧ ନବୋଢ଼ା ସମୟରେ ତାହା ହ୍ରାସ ପାଇଥାଏ, ମଧ୍ୟା ଅବସ୍ଥାରେ ସେ ନାୟକର ହୃଦୟ ଜୟ କରିବାକୁ ସମର୍ଥ ହୁଏ । ଚୂତ ଫଳ ଅଙ୍କୁର ଅବସ୍ଥାରୁ ସୁପକ୍ୱ ଅବସ୍ଥାରେ ଉପନୀତ ହେବା ପର୍ଯ୍ୟନ୍ତ ଦର୍ଶକର ଉତ୍କଣ୍ଠାକୁ ବଢ଼ାଇ ଥାଏ ଏବଂ ଦର୍ଶକକୁ ସୁପକ୍ୱ ଚୂତଫଳ ଆସ୍ୱାଦନ ନିମନ୍ତେ ଲୋଳ ସହ ଅପେକ୍ଷା କରିବାକୁ ପଡେ । ନାରୀ ସେହିପରି ମୁଗ୍‌ଧା ଅବସ୍ଥାରୁ ମଧ୍ୟା ଅବସ୍ଥାରେ ଉପନୀତ ହେବା ପର୍ଯ୍ୟନ୍ତ ନାୟକର ଉତ୍କଣ୍ଠା ବା ଉଦ୍‌ବେଗ ବଢ଼ାଇଥାଏ ଏବଂ ନାୟିକା ଅମୃତ ସଦୃଶ ରସଦାନ କରିବା ଅବସ୍ଥାରେ ଉପନୀତ ହେବା ପର୍ଯ୍ୟନ୍ତ ନାୟକର ଧୈର୍ଯ୍ୟ ଧରିବା ଆବଶ୍ୟକ—



Digitized by srujanika@gmail.com

ଅଙ୍କୁର ରସ ଯେ ଭୋଗ କରି କଷାଯ୍ୟେ ଅରୁଚି କରେ
ମଧ୍ୟମ ରମ କଷା ଚୂତ ଯେଉଁ ତେଣେ କ ହୃଦୟ ମୁଦ୍ଧେ
ଉତ୍କଣ୍ଠା ରସ ଯେ ପୁଣ ବଢ଼ାଇ ଯେମନ୍ତେ ସୁପକ୍ୱ ଚୂତ
ଲୋଭ ସହ୍ନଂ ପଛେ ଯେ ଭୋଗ କରଇ ସେ ଭୁଞ୍ଜେ ରସ ଅମୃତ
(ଗୋପକେଳି, ବୋଲି/୮,୯)

ଠାରିଲେ ହସଇ ଅପାଙ୍ଗେ ଗୃହ୍ନାଂଇ ଶରୀରେ ପ୍ରେମ ଦେଖାଇ
ଗୁଣେ ଓଠାରିଲେ କଲେଟାଣେ କରି ମଦନ ବାଣେ ଭଖାଇ
ଆମି ନ ପାରଲେ ଦୂତୀକ ପେଡଇ ମନେ ନଭ୍ରୁଥାଇ ତାପ
ଏମନ୍ତ ରମାର ସଙ୍ଗ ନ ପାଇଲେ କୋଟିଏ ଜନ୍ମର ପାପ ।୩।

ନାୟିକା ନିକଟରୁ ଲଜ୍ଜାଭାବ କିଛି ପରିମାଣରେ କଟିଯିବା ପରେ ସେ ନାୟକର ଇଙ୍ଗିତ ଗ୍ରହଣ କରିବାକୁ ଚେଷ୍ଟା କରେ । ନାୟକ ଠାରିଲେ ସେ ହସି ଅପାଙ୍ଗ ଦ୍ୱାରା ଗୃହ୍ନି ନିଜର ସମ୍ମତି ଜଣାଏ । ତାହାର ଶରୀରରେ ଭାବର ପ୍ରତିକ୍ରିୟା ଦେଖାଯାଏ । ଧନଞ୍ଜୟଙ୍କ ଅନୁଯାୟୀ ଅନୁକୂଳ ପରିସ୍ଥିତିରେ ବିଳାସୀ ନାୟକ ନାୟିକା ପରସ୍ପରକୁ ଦର୍ଶନ, ସ୍ପର୍ଶ ଇତ୍ୟାଦି ଦ୍ୱାରା ଉପଭୋଗ କଲେ ସେହି ଆନନ୍ଦମୂର୍ତ୍ତି ଅବସ୍ଥାକୁ ସମ୍ଭୋଗ ଶୃଙ୍ଗାର କୁହାଯାଏ (୨୬) । ଏଠାରେ କବିଙ୍କ ଠାରିବା ଓ ଅପାଙ୍ଗରେ ଗୃହ୍ନିବାକୁ ଧନଞ୍ଜୟଙ୍କ ସ୍ପର୍ଶ ଓ ଦର୍ଶନ ଭାବେ ଗ୍ରହଣ କରାଯାଇପାରେ । ନାୟିକା ତା'ର ଗୃହ୍ନାଣୀ ବଳରେ ନାୟକକୁ ଆକୃଷ୍ଟ କରେ । କେହି କେହି କହନ୍ତି— ନାୟିକା କାମଦେବର ବାଣସଦୃଶ ନେତ୍ର କଟାକ୍ଷପାତରେ ଆଘାତ କରିଥାଏ (୨୭) । ନାୟିକାର ନୟନ ଶୋଭା କବିଙ୍କୁ ଆକୃଷ୍ଟ କରିବାସହ କବିଙ୍କ ସୂକ୍ଷ୍ମ ରସବୋଧ ଜ୍ଞାନର ପରିଚୟ ପ୍ରଦାନ କରେ ।

---

(୨୬) ଅନୁକୂଲୌ ନିଷେବେତେ ଯତ୍ରାନ୍ୟୋନ୍ୟଂ ବିଳାସିନୌ
ଦର୍ଶନ ସ୍ପର୍ଶନାଦୀନି ସ ସଂଭୋଗୋ ମୁଦାନ୍ୱିତଃ
— ଦଶରୂପକ, ପୃ-୨୮୫

(୨୭) ରସମଞ୍ଜରୀ, ବ୍ୟାଖ୍ୟା, ପୃ-୨୫୯



Digitized by srujanika@gmail.com

ନାୟିକା ଭାବମୁଗ୍ଧା ହେବା ପରେ ପ୍ରିୟ ପାଖକୁ ଏକା ଏକା ଯିବାକୁ ଆରମ୍ଭ କରେ । ଯଦି କୌଣସି ଅସୁବିଧାବଶତଃ ନିଜେ ଯାଇ ନ ପାରେ ତେବେ ଦୂତୀ ପ୍ରେରଣ କରେ । ଅଳଙ୍କାର ଶାସ୍ତ୍ରମାନଙ୍କରେ କାମାସକ୍ତା ହୋଇ ଦୂତୀ ଦ୍ୱାରା ନାୟକଙ୍କୁ ନିଜ ପାଖକୁ ଡକାଉଥିବା ଅଥବା ନିଜେ ନାୟକ ନିକଟକୁ ଗମନ କରୁଥିବା ନାୟିକାକୁ ଅଭିସାରିକା ନାୟିକା କୁହାଯାଇଛି (୨୮) । ଏହାର ଉଦାହରଣ ଦେଇ ମତିରାମ କହିଛନ୍ତି – ଦୂତୀ ନାୟକ ନିକଟରେ ପହଞ୍ଚି କହୁଛି ହେ କୃଷ୍ଣ ! ନବଯୌବନାର ହୃଦୟରେ ପ୍ରଥମ ନବୀନ ପ୍ରେମ (କାମ)ର ଉତ୍ପତ୍ତି ହୋଇଅଛି । ତେଣୁ ଶୀଘ୍ର ତାହା ନିକଟକୁ ଚାଲ । ଏପରି ସମୟରେ ବିଳମ୍ବ କରିବା ଉଚିତ ନୁହେଁ (୨୯) । ଅଭିସାରିକା ନାୟିକା ଦୂତୀକୁ ପ୍ରେରଣ କରିବା ପରେ ପ୍ରତୀକ୍ଷା ଜନିତ ବିଳମ୍ବରେ ଦୁଃଖିତ ହୁଏ । କବିଙ୍କର 'ମନେ ନଭୁଥାଇ ତାପ' ଉକ୍ତିରୁ ଏହା ସ୍ପଷ୍ଟ ଜଣାଯାଏ । ଏଣୁ ମତିରାମଙ୍କ ଦୂତୀର ଉକ୍ତିରେ ନାୟିକାର ବିଳମ୍ବଜନିତ କ୍ଳେଶ ଏବଂ ନରସିଂହ ସେଣଙ୍କ 'ମନେ ନଭୁଥାଇ ତାପ'ର ସାଦୃଶ୍ୟ ଅନୁଭବ କରିହୁଏ । ଏପରି ନାୟିକା ସହ ମିଳନ ଘଟିବା ସ୍ୱାଭାବିକ ଥାଏ । କାରଣ ନାୟକ ନାୟିକାଙ୍କ ମିଳନରେ ନାୟିକା ହିଁ ବ୍ୟାଘାତ ସୃଷ୍ଟି କରେ । ନାୟିକାର ସମ୍ମତିରୁ ତାହାର ଭାବସ୍ନିଗ୍ଧ ଅବସ୍ଥା ସ୍ପଷ୍ଟ ହୁଏ । ନାୟିକା ରାଜିଥାଇ କମ୍ପା ଦୂତୀ ପ୍ରେରଣ କରି ଯଦି ନାୟକ ସହ ମିଳନ ନ ହୁଏ, ତା' ହେଲେ ତାଙ୍କୁ ଦୁର୍ଭାଗ୍ୟ ଅନୁସରଣ କରେ । କବିଙ୍କ ଅନୁଯାୟୀ କୋଟିଏ ଜନ୍ମର ପାପର ଫଳ ହେତୁ ନାୟକ ଏପରି ରସମୟୀ ନାୟିକାକୁ ଲାଭ କରିବାକୁ ସମର୍ଥ ହୁଏ ନାହିଁ ।

---

(୨୮) କ) କାମାର୍ତ୍ତାଽଭିସରେ କାନ୍ତଂ ସାରୟେଦ୍ୱାଭିସାରିକା

ଖ) ଅଭିସାରୟେତେ କାନ୍ତଂ ଯା ମନ୍ମଥ ବଶଂବଦା
ସ୍ୱୟଂ ବାଭିସରତ୍ୟେଷା ଧୀରୈ ରୁକ୍ତାଭିସାରିକା
— ସାହିତ୍ୟ ଦର୍ପଣ, ପୃ-୧୫୦

ଗ) ରସମଞ୍ଜରୀ, ପୃ-୨୨୫

(୨୯) ରସରାଜ, ପୃ-୧୦୭



Digitized by srujanika@gmail.com

'ଭମିଳ ଭ୍ରମା ନାଏକ ଯେବେ ଆନ ଯୁବତୀ ଇଛଇ
ଆକଟ ବେଷ ଦୁଇ ନ କରଇ ମନେ ଗରବ ଧରଇ
ଆନ ଫୁଲ ଭମି ତୋଷ ନ ପାଇ ଭୃଙ୍ଗୀ ମାଳତୀରେ ରହଇ
ଅମୃତ ପାଇଲା ଜନକୁ କାହିଁ ଆନ ମଧୁର ତୋଷଇ । ୪ ।

ଉକ୍ତ ପଦର ପ୍ରଥମ ପଂକ୍ତି ଦ୍ୱୟରେ କବି ଦୁଇଟି କଥା କହିବାକୁ ଚାହିଁଛନ୍ତି । ପ୍ରଥମତଃ ନାୟକ ଅନ୍ୟ ନାରୀ ପ୍ରତି ଆସକ୍ତି ପ୍ରକାଶ କଲେ ନାୟିକା ଆକଟ ବା ବେଷ ପ୍ରକାଶ କରେ ନାହିଁ । ଦ୍ୱିତୀୟତଃ ନାୟକ ଯେତେ ନାୟିକାଙ୍କ ସହ ସମ୍ପର୍କ ସ୍ଥାପନ କଲେ ମଧ୍ୟ ତା' ନିକଟକୁ ଫେରି ଆସିବେ । ବହୁ ନାରୀଙ୍କ ସହ ବିଳାସ କରିବା ପୁରୁଷର ସାଧାରଣ ପ୍ରକୃତି । ସାଧାରଣତଃ ନାୟକ ଅନ୍ୟ ସ୍ତ୍ରୀ ଆସକ୍ତ ହେଲେ ନାୟିକାର ମାନ ପ୍ରକାଶ ପାଏ । ଯେଉଁଠାରେ ନାୟିକା ନାୟକର ଦୋଷ ଗୁଣ ବିଚାର କରି ନ ଥାଏ ତାହାକୁ ରସାର୍ଣ୍ଣବକାର ଉତ୍ତମା ନାୟିକାର ଲକ୍ଷଣ କହିଛନ୍ତି (୩୦) । ତାହାର ସବୁ ପ୍ରକାର ଚେଷ୍ଟା ଉତ୍ତମ ହୁଏ ଅର୍ଥାତ୍ ପ୍ରିୟ ଦ୍ୱାରା ଅପ୍ରିୟକାର୍ଯ୍ୟ କରାଯାଉଥିଲେ ବି ସେ ନିଜର ଉତ୍ତମ ଗୁଣକୁ ତ୍ୟାଗ କରେ ନାହିଁ ବରଂ ଶ୍ରେଷ୍ଠ ଆଚରଣ ପ୍ରଦର୍ଶନପୂର୍ବକ ପ୍ରିୟ ନିମନ୍ତେ ମଙ୍ଗଳ କାର୍ଯ୍ୟ କରିଥାଏ । ଏହାର ଉଦାହରଣ ପ୍ରଦାନ କରି ମଣ୍ଡଳରାମ କହିଛନ୍ତି— ସଖୀ କହୁଛି ନାୟକ ସାରାରାତି ଅନ୍ୟ ସ୍ତ୍ରୀ ସହିତ କେଳିକରି ପ୍ରାତଃକାଳରେ ନିଜ ଘରେ ପହଞ୍ଚିବା ପରେ ସେହି ପତିକୁ ଦେଖି ଉତ୍ତମା ନାୟିକା ହସ ହସ ବଦନରେ ଅତ୍ୟନ୍ତ ଆଦରରେ ତାହାର ସ୍ୱାଗତ କରନ୍ତି । ସେତେବେଳେ ନାୟକ ଶ୍ରୀକୃଷ୍ଣଙ୍କ ଶରୀର ଉପରେ ତାହାଙ୍କ ସ୍ୱଭାବ ବିରୁଦ୍ଧ ନାୟିକାର ନୀଳବର୍ଣ୍ଣ ଉତ୍ତରୀୟ ଶୋଭା ପାଉଥିଲା । ନାୟିକା ସେହି ନୀଳ ଉତ୍ତରୀୟକୁ ନେଇ କେଶର ରଙ୍ଗରେ ରଞ୍ଜିତ କଲା । ନାୟିକା ଶ୍ରୀକୃଷ୍ଣଙ୍କ କୁକୀର୍ତ୍ତିକୁ ଜାଣିଶୁଣି ନ ଜାଣିବା ପରି ବ୍ୟବହାର କଲା । ସେ ଆଦୌ କୋପ ପ୍ରକାଶ କଲା ନାହିଁ, ଈର୍ଷାରେ ତାହାର ଚକ୍ଷୁ କଷାୟିତ ହେଲାନାହିଁ, ଧୀର ନାୟିକା ପରି ବଚନ ବା ନିଶ୍ୱାସ

---

(୩୦) ବିଦଧ୍ୟତାପ୍ରିୟଂ ପତ୍ୟୌ ସ୍ୱୟମାଚରତି ପ୍ରିୟମ୍
ବଲ୍ଲଭେ ସାପରାଧେଽପି ତୁଷ୍ଟାଂ ତସ୍ମିନ୍ତ ସୋତ୍ତମା
— ରସାର୍ଣ୍ଣବ ସୁଧାକର



Digitized by srujanika@gmail.com

ବ୍ୟଙ୍ଗ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ଆହତ କରିବା ପାଇଁ ଚେଷ୍ଟା କଲା ନାହିଁ; ବରଂ କିଛି ଘଟଣା ନ ଘଟିବା ପରି ସେ ମାଲ୍ୟବରେ ମାଳାପଟକୁ ପୀତାମ୍ବରରେ ପରିଣତ କରିଦେଲା (୩୧)। ସେ ପୁଣି କହିଛନ୍ତି ଯେ ପ୍ରିୟର ଏକ ଦୁଇ ନୁହେଁ ଅନେକ ଅପରାଧ ପ୍ରତ୍ୟକ୍ଷ ଦର୍ଶନ କରି ମଧ୍ୟ ନାୟିକା ମାନ କରିବାକୁ ଲଜ୍ଜିତା ହେଲେ ତାହାକୁ ଉତ୍ତମା ନାୟିକା କୁହାଯାଏ (୩୨)। ନାୟକ ନିକଟରେ ମାନ ପ୍ରକାଶ କରିବା ପାଇଁ ନାୟିକା ସୁଯୋଗର ଅନୁସନ୍ଧାନ କରୁଥିବାବେଳେ ଅନେକ ଦୋଷଯୁକ୍ତ ନାୟକ ପ୍ରତି ବାଣୀ ବା କର୍ମରେ ରୁଷ୍ଟ ନ ହେବା ଉତ୍ତମା ନାୟିକାର ଲକ୍ଷଣ। ନାୟକ ଅନେକ ଅପରାଧ କରିଥିଲେ ମଧ୍ୟ ଉଦ୍ଧବମଙ୍କର ଉତ୍ତମା ନାୟିକା ପ୍ରିୟଙ୍କୁ ଆସନ ପ୍ରଦାନ କରି ଆନନ୍ଦିତ କରିଛି (୩୩)। କବିଙ୍କର ଦ୍ୱିତୀୟ ବକ୍ତବ୍ୟ ହେଉଛି 'ମନେ ଗରବ ଧରଇ' ଅର୍ଥାତ୍ ନାୟକ ଅନ୍ୟ ନାରୀ ସହ ମିଳିତ ହେଲେ ନାୟିକା ନିଜକୁ ନିଜେ ଗର୍ବ କରିଥାଏ। ଅଳଙ୍କାର ଗ୍ରନ୍ଥରେ ଆପଣା ପ୍ରିୟତମ ପ୍ରତି ପ୍ରେମ ଓ ଆପଣାର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରୁଥିବା ନାୟିକାକୁ ବକ୍ରୋକ୍ତି ଗର୍ବିତା ନାୟିକା କୁହାଯାଇଛି (୩୪)। ଅନ୍ୟ ଆଚାର୍ଯ୍ୟମାନେ ମଧ୍ୟ ବକ୍ରୋକ୍ତି ଗର୍ବିତାକୁ ଗର୍ବିତା ନାୟିକା କହିଥାନ୍ତି (୩୫)। ମତିରାମ ଙ୍କ ଯେଉଁ ନାୟିକା ନିଜ ପ୍ରିୟର ପ୍ରେମକୁ ସଖୀ ତଥା ସପତ୍ନୀଙ୍କ ସମ୍ମୁଖରେ

---

(୩୧) ରସରାଜ, ପୃ-୧୨୮

(୩୨) ପ୍ରିୟ ଅପରାଧ ଅନେକ ହୂଂ ଆଁଖିନ ହୂଂ ଲଖିଜାୟ
ତିୟ ଇକଂତ ହୂଂ କଂତ ସୌଂ ମାନୋ କରତ ଲଜାୟ
— ରସରାଜ/୨୩୨

(୩୩) ଲଖି ଅପରାଧ ପିୟରବା ନହିଂ ରସଜାନ
ବହିଂସତ ଚଂଦନ ଚଉକସ୍ମା, ବୌଠକ ପାନ
— ବରଭୈ ନାୟିକା ଭେଦ

(୩୪) ରସମଞ୍ଜରୀ, ପୃ-୧୨୨

(୩୫) ତତ୍ରୈବ, ପୃ-୧୨୨



Digitized by srujanika@gmail.com

ଗର୍ବର ସହିତ ପ୍ରକାଶ କରିପାରେ ତାହାକୁ ପ୍ରେମ ଗର୍ବିତା ନାମ ଦେଇଛନ୍ତି (୩୬) । କାହାର କାହାର ମତରେ ପ୍ରେମ ଗର୍ବିତା ହିଁ ସ୍ୱାଧୀନ ପତିକା (୩୭) । ଗାଥା ସପ୍ତଶତୀ ଗ୍ରନ୍ଥରେ ପ୍ରେମ ଗର୍ବିତାର ସୁନ୍ଦର ଉଦାହରଣ ଦେଖିବାକୁ ମିଳେ । ସେଥିରେ କୁହାଯାଇଛି— ନାୟିକା ସଖୀକୁ କହୁଛି, ମୋର ପ୍ରିୟତମ ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟ ନୁହନ୍ତି । ବହୁ କାମିନୀଙ୍କୁ ଅନୁରାଗ ମଧୁ ବିତରଣ କରିବାରେ ତାଙ୍କର ସୁଖ । ସୁଖ ଭ୍ରମଣରେ କାମିନୀମାନଙ୍କର ବଙ୍କ ଚାହାଣୀ ତାଙ୍କୁ ମୁଗ୍ଧ କରୁଛି । ମାତ୍ର କାମ କ୍ଷୁଧା ଜର୍ଜର କଟାକ୍ଷ ବିକ୍ଷେପର ସୌଭାଗ୍ୟ କେତେଦିନ ରହିବ ? ମୁଁ ତାଙ୍କୁ ବଶରେ ରଖିବା ପାଇଁ କୃତ୍ରିମ ପ୍ରେମ ନିବେଦନ କରେନାହିଁ । କାମ ଚେଷ୍ଟାରେ ପ୍ରୟୋଜନ କ'ଣ ? ମୋର ପ୍ରେମ ଶୁଦ୍ଧ ନିକଷିତ ପ୍ରେମ । ସେ ତ ମୋ ହୃଦୟରେ ଅଙ୍କିତ ହୋଇ ରହିଛନ୍ତି । ନିଶା କଟିଗଲେ ଦିନେ ନା ଦିନେ ପୁଣି ମୋ ପାଖକୁ ସେ ଫେରି ଆସିବେ (୩୮) । ମତିରାମଙ୍କ ନାୟିକା ଏକ ସ୍ଥଳରେ କହୁଛି— ହେ ସଖୀ ମୋର ପ୍ରାଣପ୍ରିୟ ମୁଁ ହସିଲେ ହସନ୍ତି, ମୁଁ କହିଲେ କହନ୍ତି ଏବଂ ମୋତେ ତାଙ୍କ ଶରୀର ମନ ପ୍ରାଣ ରୂପେ ଜ୍ଞାନକରି ମୋତେ ସର୍ବୋତ୍ତମ ଧନ ରୂପେ ଗ୍ରହଣ କରନ୍ତି । ଯଦି କେତେବେଳେ ପରିହାସରେ ମୁଁ ମୋର ଭ୍ରୂଲତା

---

(୩୬) ନିଜ ନାୟକ କେ ପ୍ରେମ କୌଂ ଗରବ ଜନାବୈ ବାଲ
ପ୍ରେମ ଗରବିତା କହତ ହୈଁ ତାସୌ ସୁମତି ରସାଲ
— ରସରାଜ/୧୦୧

(୩୭) ତତ୍ରୈବ, ପୃ-୪୯

(୩୮) କେଉିଅ-ମେତ୍ତଂ ହୋହିଇ ସୋହଗ୍‌ଗଂ
ପିଅଅମସ୍‌ସ ଭମିରସ୍‌ସ
ମହିଲ — ମଅଣ ଛୁହିଉଲ-କଡକଖ-
ବିକ୍‌ଖେବ-ଘେପ୍‌ପନ୍ତଂ
— ଗାଥା ସପ୍ତଶତୀ, ୬/୮୧



Digitized by srujanika@gmail.com

କୁଞ୍ଚିତ କରେ ସେତେବେଳେ ସେ ଶଙ୍କିତ ହୋଇ ଆଭୂଷଣ, ବସ୍ତ୍ର, ଖାଦ୍ୟ ଓ ପାନୀୟ ସମସ୍ତ ତ୍ୟାଗ କରିଥାନ୍ତି । ମୋ ବ୍ୟତୀତ ତାଙ୍କ ପ୍ରାଣର ପ୍ରିୟ ରୂପେ ଆଉ କୌଣସି ପଦାର୍ଥ ନାହିଁ (୩୯) ଅନ୍ୟ ଏକ ସ୍ଥଳରେ ନାୟିକା ସଖୀକୁ କହୁଛି ଯେ ନାୟକ ତାହାର (ନାୟିକାର) ବଶୀଭୂତ ହୋଇ ତାହା ସହିତ ଶୃଙ୍ଗାର କରନ୍ତି, ତାହାକୁ ଚନ୍ଦନ ସୁଗନ୍ଧିତ ଦ୍ରବ୍ୟରେ ସଜ୍ଜିତ କରନ୍ତି, ତାହାର ଗୌରବର୍ଣ୍ଣ ଅଙ୍ଗରେ ମୋତିମାଳା ଓ ପାଦରେ ଅଳତା ପିନ୍ଧାଇ ଦିଅନ୍ତି ଓ ବେଣୀ ବନ୍ଧନ କରି ଆପଣା ପ୍ରୀତିକୁ ପ୍ରକାଶ କରିଥାନ୍ତି । ସେହି ନାୟିକା ସହିତ ଶୃଙ୍ଗାର ସମୟରେ ଏପରି ରସପ୍ରାପ୍ତ ହୋଇଥାନ୍ତି ଯେ ଅନ୍ୟ କୌଣସି ତରୁଣୀ ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ (୪୦) ।

କବି ପ୍ରେମ ଗର୍ବିତାର ଏହି ଭାବକୁ ଦୁଇଟି ଉପମାନ ସହ ସମ୍ପୃକ୍ତ କରିଛନ୍ତି ! ଗୋଟିଏ ହେଲା ଯେଉଁ ବ୍ୟକ୍ତି ଅମୃତକୁ ଆସ୍ୱାଦନ କରିଥାଏ ସେହି ବ୍ୟକ୍ତିକୁ ଅନ୍ୟ କୌଣସି ମଧୁର ପଦାର୍ଥ ସନ୍ତୋଷ ପ୍ରଦାନ କରିପାରେ ନାହିଁ । ଦ୍ୱିତୀୟଟି ହେଲା ଭୃଙ୍ଗୀ ଯେତେ ଫୁଲ ନିକଟରେ ବିହାର କଲେ ମଧ୍ୟ ମାଳତୀ ସଦୃଶ ଅନ୍ୟ କୌଣସି ପୁଷ୍ପ ତାକୁ ଆକୃଷ୍ଟ କରିପାରନ୍ତି ନାହିଁ । ଭ୍ରମର ଅନ୍ୟ ପୁଷ୍ପକୁ ତ୍ୟାଗକରି ମାଳତୀ ପ୍ରତି ଆସକ୍ତ ହେବା ଏକ ଚିରାଚରିତ କବି ପରମ୍ପରା । ଏକ ପ୍ରାକୃତ ଗାଥାରେ ନାୟିକା ନିଜର ସୌଭାଗ୍ୟ ପ୍ରକଟନ

---

(୩୯) ରସରାଜ, ପୃ-୫୫

(୪୦) ବାରନ ବାର ସଁବାରି ସିଂଗାରତ, ମୋତିନ-ହାର
ଧରେଁ ତନ ଗୌରେଁ
ପାଁଇ ମହାବର ଦେତି ବନାୟ, ପ୍ୟୌଂବୈସୋ ବନାବତ
ନେହ ନିହୋରେଁ
ଜ୍ୟୋଂ ରସ ଲୀନ ରହେଁ ନିତ ହ୍ୱା ବସ ଔରନ ସୋଂ
ଦୃଗ ନାହିନ ଜୋରେଁ
—ରସରାଜ/୨୮୭



Digitized by srujanika@gmail.com

ମୂର୍ଖକ ପାଖରେ ଥିବା ପ୍ରିୟକୁ ଲକ୍ଷ୍ୟକରି ଭ୍ରମରକୁ କହୁଛନ୍ତି, ହେ ଭ୍ରମର ! ତୁ ଝୁଣ୍ ଝୁଣ୍ ଶବ୍ଦ କରି କେତକୀ ବନରେ ବୁଲିଲେ ମଧ୍ୟ କେଉଁଠାରେ ହେଲେ ମାଳତୀ କୁସୁମ ସଦୃଶ ପାଇବୁ ନାହିଁ ଅର୍ଥାତ୍ ମାଳତୀ ଫୁଲରୁ ଯେପରି ମନଇଚ୍ଛା ମଧୁପାନ କରେ ଅନ୍ୟ ଫୁଲରୁ ସେପରି ପାଇବ ନାହିଁ (୪୧) । ଗାଥା ସପ୍ତଶତୀର ଏକ ସ୍ଥଳରେ ମାଳତୀ ପୁଷ୍ପ ଓ ଭ୍ରମରର ରମଣ ଦୃଶ୍ୟ ପରିଲକ୍ଷିତ ହୁଏ (୪୨)। ନରସିଂହ ତପଣ ମାଳତୀ ପୁଷ୍ପକୁ ଉଚ୍ଚସ୍ଥାନ ଦେଇଥିବା ବେଳେ ଗାଥା ସପ୍ତଶତୀକାର ଭ୍ରମରର ମହତ୍ତ୍ୱ ଉପସ୍ଥାପନ କରିଛନ୍ତି । ବିଦ୍ୟାପତି ମଧ୍ୟ କହୁଛନ୍ତି — ଭ୍ରମର ପ୍ରତ୍ୟେକ ସ୍ଥାନରେ ଘୂରୁଛି, ହେ ମାଳତୀ ତୁମ ବିନା ତାକୁ ବିଶ୍ରାମ ମିଳୁନାହିଁ । ସେହି ଭ୍ରମର ଘୂରି ଘୂରି ରସମୂର୍ତ୍ତି ମାଳତୀକୁ ଅବଲୋକନ କରୁଅଛି ଓ ନିଜ ଜୀବନକୁ ଉତ୍ସର୍ଗ କରି ତାର ରସପାନ ପାଇଁ ଇଚ୍ଛୁକ (୪୩)।

---

(୪୧) ଝୁଣ୍ଟ ଝୁଣ୍ଟନ୍ତୋ ମରିହସି କଣ୍ଟଅକଳି ଆଳିଁ ଏକଅଇ ବଣାଇଂ
ମାଳଇ କୁସୁମ ସରିଚ୍ଛଂ ଭ୍ରମର ଭମନ୍ତଣ ପାବସିହି
କାବ୍ୟ ପ୍ରକାଶ, ପୃ-୫୯୮ରୁ ଗୃହୀତ

(୪୨) ଣିଅ-ବକ୍‌ଖ୍‌ଣେବ୍‌ବଅ-ଦେହ-ଘର-ଣିରନ୍ତରସଂ ଣିଭଣ୍ଟଂ ଲହିଓଣ
ବଅଥାବଙ୍ଗଣ ପିଜ୍ଜଇ ମାଳଇ-କଳଆ ମହୁଅରେଣ
ଗାଥା ସପ୍ତଶତୀ-୫/୪୨

(୪୩) ଭ୍ରମର ଭେଲ ଘୂର୍ଣ୍ଣଏ ସବଠାମ
ତୋହେ ବିନୁ ମାଲତୀ ନହି ବିସରାମ
ରସମତୀ ମାଲତୀ ପୁନ ପୁନ ଦେଖି
ପିବଏ ଚାହ ମଧୁ ଜୀବ ଉପେଖି
—ବିଦ୍ୟାପତି ପଦାବଳୀ, ପୃ-୧୬



Digitized by srujanika@gmail.com

ହସି ଭଷି ଗୃହ୍ନଂ  ଜାଣଇ ରମା କରଇ ବିବିଧ ଲୀଳା
ମାନ ଲଭି ବେଗେପ୍ରବୋଧ ହେନଇ ନାନା ଭାବ ହାବ ଲୀଳା
ଯଉଂ ଯଉଂ ଇଚ୍ଛେ ନାଏକ ରଖଇ ରତି ସୁରା ନାଗି ବେଳେ
କାମଧେନୁ ହୋଇ ହୃଦୟୁ ତୋଷଇ ରସବନ୍ତ କାମ ଖେଳେ । ୫ ।

ନାୟିକା 'ହସି, ଭଷି, ଗୃହ୍ନଂ ଜାଣଇ' ପ୍ରୟୋଗରୁ ଏସବୁ ଅଙ୍ଗଭଙ୍ଗୀ ବା ଲୀଳା ନାୟକକୁ ଆନନ୍ଦ ଦାନ କରୁଥିବା ଜଣାଯାଏ । କବି ଏହି ବିଭିନ୍ନ ଭଙ୍ଗୀକୁ 'ଲୀଳା' କହିଥିଲେ ହେଁ ଅଳଙ୍କାର ଶାସ୍ତ୍ରର ନିୟମାନୁଯାୟୀ ଏ ସବୁ ଲୀଳା ନୁହେଁ (ଲୀଳା ସମ୍ପର୍କରେ ବିସ୍ତୃତ ଆଲୋଚନା ଲୀଳା ପଞ୍ଚକରେ ଦ୍ରଷ୍ଟବ୍ୟ) । ଭାବ, ହାବ ଓ ଲୀଳା ଏକତ୍ର ପ୍ରୟୋଗ ହୋଇଥିବାରୁ 'ଲୀଳା' ହାବ ସମ୍ପର୍କରେ କୁହାଯାଇ ପାରେ । ଲୀଳା ଦଶହାବ ମଧ୍ୟରୁ ଅନ୍ୟତମ । ପ୍ରିୟକୁ ଦର୍ଶନ କରିବା ପରେ ନାୟିକାର ତାତ୍କାଳିକ ଅଙ୍ଗଚେଷ୍ଟା ଓ ବାଣୀ ବିଳାସକୁ ଆଚାର୍ଯ୍ୟ ଧନଞ୍ଜୟ ବିଳାସ ହାବର ଲକ୍ଷଣ ରୂପେ ଗ୍ରହଣ କରିଛନ୍ତି (୪୪) । ଆଳଙ୍କାରିକ ମତିରାମ ଗତି, ନେତ୍ର ଏବଂ ବଚନ ଆଦିରେ ପ୍ରକାଶିତ ହେଉଥିବା ବୈଶିଷ୍ଟ୍ୟକୁ 'ବିଳାସ ଭାବରେ ପ୍ରକାଶ କରିଛନ୍ତି (୪୫) ତେଣୁ କବି କହିଥିବା ହସିବା, କଥା କହିବା ଓ ଗୃହ୍ନିବା ଆଦି ଭଙ୍ଗୀକୁ ବିଳାସ ଭାବେ ଗ୍ରହଣ କରାଯାଇ ପାରେ । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କବି ଅନ୍ୟ ଏକ କାବ୍ୟ 'ଗୋପକେଳି'ରେ ହସିବା, କଥା କହିବା ଓ ତୋଷି ଜାଣିବା ଆଦିକୁ ନାଗରର ଲକ୍ଷଣ ରୂପେ ସୂଚାଇଛନ୍ତି (୪୬) । ମୂଳରୁ

---

(୪୪) ତାତ୍କାଳିକ ବିଶେଷସ୍ତୁ ବିଳା ସୋଽଙ୍ଗ କ୍ରିୟୋକ୍ତିଷୁ
—ଦଶ ରୂପକ, ୨/୩୪

(୪୫) ଗବନ, ନୟନ, ବଚନାଦିକେ ହୋତଜୁ କଛୁକ ବିସେଷ
ବରନତ ତାହି ବିଳାସ କହି ରସମୟ ସୁକବି ଅଶେଷ
—ରସରାଜ ୩୫୩

(୪୬) ହସି ଭଷି ତୋଷି ଯେ ପୁଣ ଜାଣଇ ସେହି ସେ ନାଗର ବର
କୋଟିଏ ଗୋଟିଏ ଅଛି କି ନାହିଁ ଆବର ଜନ ଗୁଆଁର
—ଗୋପକେଳି, ବୋଲି ୨୬



Digitized by srujanika@gmail.com

ନାୟିକାର ହସିବା, ଭର୍ତ୍ସିବା ପ୍ରୟୋଗ ଥିବା ସଙ୍ଗେ ସଙ୍ଗେ ଗୂଢ଼ଂ ଜାଣିବାକୁ ତୋଷିବା ଭାବରେ ଗ୍ରହଣ କରିବା ନିମନ୍ତେ କୌଣସି ଅସୁବିଧା ହୁଏ ନାହିଁ । ଏଣୁ ହସିବା କଥା କହିବା ଓ ଗୂଢ଼ଂ ଜାଣିବାକୁ ନାଗରୀ ନାରୀର ଲକ୍ଷଣ ଭାବେ ବୁଝାଯାଇ ପାରେ । ନାୟିକା ବିଭିନ୍ନ ହାବ ଭାବଦ୍ୱାରା ନାୟକକୁ ଯେ କେବଳ ସନ୍ତୁଷ୍ଟ କରେ ତାହା ନୁହେଁ, ମାନିନୀ ଅବସ୍ଥାରେ ସହଜରେ ପ୍ରସନ୍ନ ହୁଏ । ନାୟିକାର ମାନ ଶୀଘ୍ର ଭଗ୍ନ ହେବାରୁ ନାୟକକୁ ତାହା ଆନନ୍ଦ ପ୍ରଦାନ କରେ । ନାୟିକା ଆପଣା ପ୍ରିୟ ଅନ୍ୟ ନାୟିକା ପ୍ରତି ଆସକ୍ତ ହେବା ଜାଣି ମାନ ପ୍ରକାଶ କରେ ଅଥଚ ନାୟକର ହାସ ପରିହାସ ଓ ଗୂଢ଼ ପ୍ରୟୋଗ ଦ୍ୱାରା ମାନ ତ୍ୟାଗ କରିବାକୁ ଲଘୁମାନ ବୁଝାଏ(୪୭) । ଏହାର ଉଦାହରଣ ଦେଇ ମତିରାମ କହିଛନ୍ତି— ଶ୍ରୀକୃଷ୍ଣଙ୍କୁ ଅନ୍ୟ ଗୋପୀ ସହିତ ଦେଖି ରାଧାଙ୍କର ଈର୍ଷା ଜନିତ ମାନ ଜାତ ହୋଇଛି, ରାଧାଙ୍କର ମାନ ଭଗ୍ନ କରିବା ନିମନ୍ତେ ଶ୍ରୀକୃଷ୍ଣ କୌଶଳ କ୍ରମେ ପରିହାସ, ପ୍ରୀତିମୂର୍ତ୍ତି ଏବଂ ବିପରୀତ ରତି କ୍ରୀଡ଼ା ସମ୍ବଳିତ ଏକ ଲଳିତ କବିତା ରଚନା କରି ଶୁଣାଇଛନ୍ତି । ଏହାକୁ ଶୁଣିବା କ୍ଷଣି ରାଧା ଆପଣା କୋପକୁ ଭୁଲି ଲଜ୍ଜିତା ହୋଇ ଶିରନତ କରିଛନ୍ତି (୪୮) । ଆଳଙ୍କାରିକ ଧନଞ୍ଜୟଙ୍କ ଅନୁଯାୟୀ ମୁଗ୍ଧା ନାୟିକା ବୟୋମୁଗ୍ଧା ଓ କାମ ମୁଗ୍ଧା ଭେଦରେ ଦ୍ୱିବିଧ (୪୯) । ତାଙ୍କ ମତରେ କାମମୁଗ୍ଧା ନାୟିକା ନାୟକର ସମ୍ଭୋଗକୁ ଭୟ କରିବା ସଙ୍ଗେ ସଙ୍ଗେ ମାନ ଅବସ୍ଥାରେ ସହଜରେ ପ୍ରସନ୍ନ ହୋଇଥାଏ (୫୦) ।

---

(୪୭) ଔର ବାଲ କୌ । ଲଖିତ ଜହଁ, ଲଖୈ କଂତୁ କୌଂ ବାଲ
ବିରଚତି ହୈ ଲଘୁମାନ ସୋ ଛୁଟତ ତନକାହିଁ ଖ୍ୟାଲ
— ରସରାଜ ୩୮୬

(୪୮) ରସରାଜ, ପୃ-୨୧୩

(୪୯) ଦଶ ରୂପକ, ପୃ-୧୦୦

(୫୦) ତତ୍ରୈବ, ପୃ-୧୦୦



Digitized by srujanika@gmail.com

ନାଗରୀ ନାରୀ ସୁବୋଧ ନାୟକକୁ ସନ୍ତୁଷ୍ଟ କରିବା ନିମନ୍ତେ ସମର୍ଥା ହୁଏ । ସେ ସୁବୋଧ ନାୟକ ନିକଟରେ ଥରେ ନିଜକୁ ସମର୍ପଣ କରିଦେଲେ ଆଉ ତାହାକୁ ଛାଡ଼ି ପାରେ ନାହିଁ (୫୧) । ତେଣୁ ମିଳନ ସମୟରେ ନାୟକ ତାହା ନିକଟରୁ ଯେଉଁ ପ୍ରକାର ଆଚରଣ ଇଚ୍ଛାକରେ ସେ କାମଧେନୁ ସଦୃଶ ସେହି ପ୍ରକାର ରସଦାନ କରି ସନ୍ତୁଷ୍ଟ କରେ ।

## (୪) କାମ ପଞ୍ଚକ

ପାଚିଲା ଆମ୍ବ ଜଘନ ସ୍ତନ ଏ ଦୁହେଂ ଏକା ଆକାର
ବହନ୍ତି ସରସ ସୁବର୍ଣ୍ଣ ବର୍ଣ୍ଣେ ତେବେ ହୋଏ ମନୋହର
ରସନା ତାକୁ ସେବା କରିବ ଏଣୁ ଯେ କରଇ ଭୋଗ
ଅମୃତ ସୁଖ ସେ ଲଭି ନ ପାଏ ଏସନ ଦେବତା ଯୋଗ । ୧ ।

କାମ ସଦନ ମୁକୁତା ଫଳ ଦୁହିଂଙ୍କର ଏକ ରୀତି
ବଡ଼ ଯେବେ ନୋହିବ ତେବେ ସେ ହରଇ ମତି
... ଣୀ ମୂହିଥାଇ ଯେବେ ତେବେ ସେ ମୂଜା ପାଇ
ରଚିଥିଲି ପୁରୁଷମାନଙ୍କୁ ହୃଦୟୁ ଶୂଳ ପାଇଁ । ୨ ।

ଋତର ଯେବେ ଫଳ ଥାଆନ୍ତା କୋକିଳ କଥା କହନ୍ତା
କାମ ସଦନରେ ଜିହ୍ୱା ଥାଆନ୍ତା ସେ ପୁଣି କଥା କହନ୍ତା
ତିନ କଥା ଯେବେ ଥାଆନ୍ତା ସ୍ୱର୍ଗକୁ ନିନ୍ଦା କରନ୍ତା
ଏହା ନ କଲା ତେଣୁ ଜାଣିଲି ପିଶୁନ (ଖଳ, ଚୁଗୁଲିଆ)
ନିଶ୍ଚେ ବିଧାତା । ୩ ।

ସ୍ତ୍ରୀର ମଳ ଚନ୍ଦ୍ରକୁ କାଳି କାମ ସଦନର କେଶ
ଏ ତିନି ହେଂ ଯେବେ ନ ଥାନ୍ତା ମନ କରନ୍ତା ଅତି ଉଲ୍ଲାସ
ଯେତେ ଉଜ୍ଜ୍ୱଳ ହୁଅଇ ସ୍ନେହ ତେତେ ମନକୁ ହରଇ
... ନ ଏ ତିନି ପାପ ଛଡ଼ାଇଲେ ତେବେ ସେ ଭୋଗ କରଇ । ୪ ।

---

(୫୧) ନାଗରେ ନାଗରୀ ଯଉବନ ଦେଇ ଯେସନେ ହୃଦୟୁ ତୋଷେ
ଆଉ କେଭେ ସେ ନିକଟରେ ନାହିଂ ଯନ୍ତ୍ରେ ଯାହା ମନ ରସେ
—ଗୋପକେଳି, ଯମୁନା ବର୍ଣ୍ଣନା ବୋଲି ୭



Digitized by srujanika@gmail.com

ଶରଦ ଜହ୍ନ କାମ ସଦନ କୁମୁଦ ସୁନ୍ଦର ବର୍ଣ୍ଣି
ଏ ତିନ ହେଁ ଚନ୍ଦ୍ର କିରଣେ ବିଶନ୍ତ ଅତି ଶୋଭନ
ବିଶେଷେ ଯେତେ ଚତୁର ହୁଅଇ ତେତେ ମନକୁ ହରଇ
ଯୁବା ପୁରୁଷ ଭ୍ରମର ଯେସନ ତେସନ ଭୋଗ କରଇ । ୫ ।

ଉକ୍ତ ପଞ୍ଚକରେ ଶୃଙ୍ଗାର ରସକୁ ଅତି ଲୌକିକ ସ୍ତରରୁ ବିଚାର କରାଯାଇଛି । ଏଥିରେ ପାରମ୍ପରିକ ସାହିତ୍ୟର ଶାରଦୀୟ ଜହ୍ନ, ଚନ୍ଦ୍ର କିରଣ, କୋକିଳ, ମୁକ୍ତାଫଳ, ପକ୍ୱ ରସାଳ ପ୍ରଭୃତି ଉପମାନ ଗ୍ରହଣ କରାଯାଇଥିଲେ ହେଁ ଏହା ସ୍ଥୂଳ ସୌନ୍ଦର୍ଯ୍ୟ ବା ନାରୀର ଗୋପନୀୟ ଅଙ୍ଗ ନିମନ୍ତେ ପ୍ରଯୁକ୍ତ । ଉକ୍ତ ପଞ୍ଚକରେ କାବ୍ୟ ଶାସ୍ତ୍ର, ରସ ଶାସ୍ତ୍ର ବା କାମ ଶାସ୍ତ୍ର ଅନୁଯାୟୀ ବିଚାର ବିଶ୍ଲେଷଣ ପରିଲକ୍ଷିତ ହେଉ ନ ଥିବାରୁ ଏହାର ବିଶଦ ଆଲୋଚନା କରାଯାଇ ନାହିଁ ।

## (୬) ଚତୁରୀ ପଞ୍ଚକ

ଅନ୍ତଃପୁରେ ରାମା ମୋତେ ସେ ଦେଖିଣ ବିବେଶ ଆକୁଳ ହୋଇ
ନିଶ୍ୱାସ ତେଜି ନିଜ କରସ୍ଥଳ କପାଳେ ଦେଲାକ ନେଇ
ଲୋଚନେ ଘନ ଅଙ୍ଗୁଳି (ଆଙ୍ଗୁଳି) କରି ବୃଦ୍ଧ ଅଙ୍ଗୁଳି ସନ୍ଧରେ ଚେଉଁ
ପୁଣ ପୁଣ ବୁହ୍ନି ଭିତରକୁ ଗଲା ଅନୁରାଗ ସିନ୍ଧୁ ମଜ୍ଜି । ୧ ।

ଅନ୍ତଃପୁର ମଧ୍ୟରେ ଆଇ ନାୟକକୁ ଦେଖି ନାୟିକା ଭାବରେ ବ୍ୟାକୁଳିତା ହୋଇ ଉଠିଛି । କିନ୍ତୁ ସେ ଉଲ୍ଲସିତା ନ ହୋଇ ଦୀର୍ଘଶ୍ୱାସ ତ୍ୟାଗ କରିବା ସଙ୍ଗେ ସଙ୍ଗେ କପାଳରେ ନିଜ କରକୁ ନିବେଶ କରିଛି । ସେତିକିରେ ଦୁଃଖ ତାର ପ୍ରଶମିତ ହୋଇନାହିଁ ଅପର ପକ୍ଷରେ ଆଖିର ଲୁହକୁ ଲୁଚାଇବାକୁ ଯାଇ ଆଙ୍ଗୁଳିଗୁଡ଼ିକୁ ଏକତ୍ର କରି ଆଖିକୁ ଲୁଚାଇ ଦେଇଛି ଏବଂ ବୁଢ଼ା ଆଙ୍ଗୁଠି ମଧ୍ୟ ଦେଇ ଲୁହ ଝରି ପଡ଼ୁଛି । ନାୟିକା ନାୟକକୁ ବାରମ୍ବାର ଚାହିଁ ଅନ୍ତଃପୁର ମଧ୍ୟରେ ପ୍ରବେଶ କରିଛି । ଏଥିରୁ ନାୟିକାର ନାୟକ ପ୍ରତି ଅନୁରାଗ ଥିବା ଏବଂ ସେ ନାୟକ ସହ ମିଳିତ ହୋଇ ନ ପାରି ନିଜ ବୁକୁର



Digitized by srujanika@gmail.com

କୋହକୁ ପ୍ରକାଶ କରୁଥିବା ଜଣାଯାଏ । ନିଶ୍ୱାସ ତ୍ୟାଗ, କପାଳରେ କରତଳ ସ୍ଥାପନ, ଲୋଚକ ବିସର୍ଜନ ଏବଂ ବାରମ୍ବାର ପ୍ରିୟଙ୍କୁ ଚୁମ୍ବିବା ପ୍ରଭୃତି ଆଙ୍ଗିକ ଚେଷ୍ଟା ମଧ୍ୟରେ ମାନସିକ ବିକାର ତଥା ଭାବ ସ୍ପଷ୍ଟ ରୂପେ ପ୍ରକାଶ ପାଏ । ଏହି ସବୁ ଆଙ୍ଗିକ ଚେଷ୍ଟା ସତ୍ତ୍ୱେ ସେ ନିଜର ଅସହାୟତାକୁ ପ୍ରକାଶ କରିଛି । ତାର ମୁଖରେ ଅଛି ଅନୁରାଗ ଓ ପ୍ରସନ୍ନତା ଅଥଚ ତାର ଆଙ୍ଗିକ ଚେଷ୍ଟାରେ ପ୍ରକାଶ ପାଇଛି ଅସହାୟତା । ମତିରାମ ଏହିପରି ଦୃଶ୍ୟର ବର୍ଣ୍ଣନା ପ୍ରଦାନକରି କହିଛନ୍ତି—ରାଧା ଏକଦା ନିଜର ସଖୀମାନଙ୍କ ହାତରେ ହାତ ରଖି ଆସିଥିବା ବେଳେ ତାଙ୍କ ଅଙ୍ଗବାସରେ ଆକୃଷ୍ଟ ହୋଇ ତାଙ୍କୁ ବାରମ୍ବାର ଆଘ୍ରାଣ କରୁଥିବା ଭ୍ରମରମାନଙ୍କୁ ଦୂରକୁ ତଡ଼ୁଥିବା ବେଳେ ହଠାତ୍ ତାଙ୍କର ମନମୋହନ ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ ହୋଇଯାଇଛି । ସେତେବେଳେ ସେ ସଙ୍କୁଚିତ ହୋଇ ଲଜ୍ଜାବଶତଃ ସଖୀଙ୍କୁ ଆଡ଼ୁଆଳ କରି ଲୁଚି ଯାଇଛନ୍ତି ଅଥଚ ଶ୍ରୀକୃଷ୍ଣଙ୍କ ଆଖି ସହିତ ଆଖି ମିଳାଇ ତାଙ୍କର ଚିତ୍ତ ହରଣ କରିବାରେ ପଶ୍ଚାତ୍‌ପଦ ହୋଇନାହାନ୍ତି ! ଶ୍ରୀକୃଷ୍ଣଙ୍କ ହୃଦୟ ହରଣ କରି ସେ ମୁହଁ ବଙ୍କେଇ ହସି ହସି ସେଠାରୁ ଚାଲି ଯାଇଛନ୍ତି (୧) । କବି ନରସିଂହ ସେଣ ନାୟିକା ଅନ୍ତଃପୁର ମଧ୍ୟରୁ ନାୟକଙ୍କୁ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିବା ଚିତ୍ର ଉପସ୍ଥାପନ କରିଥିବାବେଳେ ମତିରାମଙ୍କ ନାୟିକା ସଖୀମେଳରୁ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରକାଶ କରିଛି । ବିହାରୀଙ୍କ ନାୟିକାର ମଧ୍ୟ ନାୟକ ଦର୍ଶନରେ ଭ୍ରୂଲତା ଉପରକୁ ଉଠି ଯାଇଛି । ସେ ଅଞ୍ଚଳକୁ ଆବରଣ କରି ମୁହଁକୁ ବଙ୍କେଇ ଦେଇଛି । ନାୟକଙ୍କୁ ନିରୀକ୍ଷଣ କରୁ କରୁ ତା'ର ଆଖି ସଙ୍ଗରେ ଆଖି ମିଳାଇ ଅନ୍ତଃପୁରକୁ ପ୍ରବେଶ କରିଯାଇଛି (୨) । ପୁଣି ନରସିଂହ ସେଣଙ୍କ ବର୍ଣ୍ଣନାରୁ ନାୟିକାର ହୃଦୟରେ ରତିଭାବର ପ୍ରକାଶ ସ୍ପଷ୍ଟ ହୋଇଥାଏ । ମନୋବୈଜ୍ଞାନିକଙ୍କ ଅନୁଯାୟୀ ଯୌନ ଜୀବନ ବ୍ୟତୀତ କରିବା

---

(୧) ରସରାଜ/୫୧୩

(୨) ଭୌଁହ ଉଚୌଁ, ଆଁଚର ଉଲଟି, ମୌର ମୋରି ମୁଁହ ମୋରି
ନଠି-ନଠି ଭିତର ଗଈ ଚିତି ଚିତି ସୋଂ ଜୋରି
— ବିହାରୀ/୪୯୪



Digitized by srujanika@gmail.com

ମୂଳରୁ ପ୍ରାକ୍‌କ୍ରୀଡ଼ା କରୁଛି । ସ୍ପର୍ଶ, ଗନ୍ଧ, ଶ୍ରବଣ ଏବଂ ଦର୍ଶନ ଆଦି ପ୍ରାକ୍ କ୍ରୀଡ଼ାର ଅନ୍ତର୍ଗତ (୩) ।

ପନ୍ଥେ ଏକ ରମା ଦେଖିଲି ମିତ ରୂପେଣ ଜଗତ ମୋହେ
ସଖୀର ଆଗେ ଏସନ କହି ଈଷିତ ଅପାଙ୍ଗେ ଚାହେଁ
ମୋହର ପତି ଚନ୍ଦ୍ର ଯେସନ ପଦ୍ମଲୋଚନୀ ମୋ ଶାଶୁ
ଏହା ନ ଜାଣଇ ଯେବଣ ଗୁଆଂଶ୍ରି କେତେ ମଣାଇବ ପଶୁ । ୨ ।

ନାୟକ ପଥ ମଧ୍ୟରେ ଯାଉଥିବାବେଳେ ସଖୀ ପରିବେଷ୍ଟିତା ଏକ ଅନିନ୍ଦ୍ୟ ସୁନ୍ଦରୀ ନାୟିକାକୁ ସେହି ପଥ ମଧ୍ୟରେ ଦର୍ଶନ କରିଛି । ସେହି ଅପୂର୍ବ ରୂପବତୀ ନାୟିକା ତା'ର ସଖୀକୁ କହୁଛି ଯେ ତା'ର ପତି ହେଉଛନ୍ତି ଚନ୍ଦ୍ର ପରି ଏବଂ ଶାଶୁ ହେଉଛନ୍ତି ପଦ୍ମଲୋଚନୀ । ଅର୍ଥାତ୍ ତାହାର ପତି ହେଉଛନ୍ତି ଚନ୍ଦ୍ରଙ୍କପରି ପରଦାରାସକ୍ତ କିମ୍ବା ଚନ୍ଦ୍ର ସର୍ବଦା ଦୃଶ୍ୟ ନ ହେବାପରି ତାହାର ପତି ସର୍ବଦା ବିରାଜମାନ ନ ଥାନ୍ତି । ଏଥିରୁ ତାହାର ପତି ପ୍ରବାସୀ ହୋଇଥିବା ଅନୁମାନ କରିହୁଏ । ଶାଶୁକୁ ପଦ୍ମଲୋଚନୀ କହିବା ପ୍ରୟୋଗରୁ ଶାଶୁ ଯେ ବାସ୍ତବରେ ଅନ୍ଧୁଣୀ ଏହି ଧ୍ୱନ୍ୟାତ୍ମକ ଅର୍ଥ ବା କବିଙ୍କର ବ୍ୟଞ୍ଜନା ପ୍ରୟୋଗକୁ ଜାଣିହୁଏ । ପୁଣି ନାୟିକା ଈଷିତ ଅପାଙ୍ଗରେ ଚାହିଁବା ଦ୍ୱାରା ନାୟକ ପ୍ରତି ତାହାର ଅନୁରାଗ ସ୍ପଷ୍ଟ । ନାୟିକାର ଈଷିତ ଅପାଙ୍ଗରେ ଚାହିଁବାକୁ ଅଳଙ୍କାର ଶାସ୍ତ୍ରାନୁଯାୟୀ 'ବିଳାସ' ଭାବେ ଗ୍ରହଣ କରାଯାଇପାରେ । ନାୟିକାର ଚାହାଣି ଓ ବଚନ ହୋଇଛି ତାହାର ଚତୁରତାର ପରିଚାୟକ । ଏହାଦ୍ୱାରା ସେ ନାୟକକୁ ଆଗ୍ରହର ସହିତ ନିଜ ଗୃହକୁ ଆମନ୍ତ୍ରଣ କରିଥିବା ଜଣାଯାଏ । ପୁଣି ତାର ଉକ୍ତି ଅନୁଯାୟୀ ଯେଉଁ ବ୍ୟକ୍ତି ଏପରି ସୁବିଧା ସୁଯୋଗର ଉପଯୋଗ କରିପାରେ ନାହିଁ ସେ କେବଳ ଅରସିକ ବା ଗୁଆଂର ନୁହେଁ— ସେ ବାସ୍ତବରେ ପଶୁ ।

ଧନଞ୍ଜୟ ସ୍ୱୟଂ ଦୂତୀର ଉଦାହରଣ ଦେଇ କହିଛନ୍ତି— କୌଣସି ନାୟିକା କୌଣସି ପଥିକ ସହିତ ଉପଭୋଗ ପାଇଁ ଇଚ୍ଛା ପ୍ରକାଶ କରି ସେହି

(୩) Studies in the psychology of sex, vol-iv

ପଥିକକୁ ଶୁଣାଇ କହୁଛି, ହେ ଘନବାୟୁ ! ତୁମେ ବାରମ୍ବାର କାହିଁକି ଆସି ମୋର ବସ୍ତ୍ରକୁ ଅପହରଣ କରୁଛ ! ସେ ତାହାର ଅଞ୍ଚଳକୁ ହଲାଇ କହୁଛି ହେ ସୁନ୍ଦର ! ଗାଁ ତ ଦୂର ଅଟେ ମୁଁ ପୁଣି ଏକାକୀ (୪) । ଏଠାରେ ନାୟିକା ନିଜ ଅଭିସାର ଉଦ୍ଦେଶ୍ୟରେ ଗମନ କରିଥିବାରୁ ସ୍ୱୟଂଦୂତୀ ପୁଣି ବାୟୁକୁ ଶୁଣାଇ କହିବା ଓ ଅଞ୍ଚଳ ହଲାଇବା ଆଙ୍ଗିକ ଚେଷ୍ଟାରୁ ପଥିକକୁ ଆମନ୍ତ୍ରିତ କରିବା ଜଣାଯାଏ । ମାତ୍ର ନରସିଂହ ସେଣଙ୍କ ନାୟିକା ସଖୀ ମେଳରେ କହୁଥିବାବେଳେ ଧନଞ୍ଜୟଙ୍କ ନାୟିକା ପଥ ମଧ୍ୟରେ ଏକାକିନୀ ଥାଇ ପଥିକକୁ ଆମନ୍ତ୍ରଣ କରୁଛି ।

ରସମଞ୍ଜରୀକାର ବାକ୍‌ବିଦଗ୍ଧା (ପରକୀୟା) ନାୟିକାର ଉଦାହରଣ ଦେଇ କହୁଛନ୍ତି— ମଧ୍ୟାହ୍ନରେ ବିଶ୍ରାମ ନିମନ୍ତେ ସ୍ଥାନ ଖୋଜୁଥିବା ପଥିକକୁ ନାୟିକା ଆମନ୍ତ୍ରଣ ଜଣାଇ କହୁଛି, ହେ ପଥିକ ! ମଧ୍ୟାହ୍ନରେ ସୂର୍ଯ୍ୟତାପ ପ୍ରଖର ହୋଇଯାଇଛି, ତୁମେ ନିପାତଟ ଦେଶକୁ ଗୃହଁ, ତାହା ତମାଳ ବନ ଓ ମଲ୍ଲୀ ଲତା ଦ୍ୱାରା ବେଷ୍ଟିତ ହୋଇ କପରି ଶୋଭା ପାଉଛି (୫) । ନାୟିକାର ଏହି ଉକ୍ତିରୁ ସମ୍ଭୋଗ ଔତ୍ସୁକ୍ୟ ବଡ ବିଦଗ୍ଧ ଭାବେ ପ୍ରକାଶ ପାଇଥିବା ଜଣାଯାଏ । ସେ ନାୟକକୁ ନିପାକଳ କୁଞ୍ଜବନରେ ଅଭିସାର ପାଇଁ ଆମନ୍ତ୍ରଣ ଜଣାଇଛି । ଏଠାରେ କବି ନରସିଂହ ସେଣଙ୍କ ନାୟିକା ଓ ଭାନୁଦତ୍ତଙ୍କ ନାୟିକା ଉଭୟେ ନାୟକକୁ ଆମନ୍ତ୍ରଣ କରିବାରେ ସାଦୃଶ୍ୟ ଉପଲବ୍ଧ ।

ସାହିତ୍ୟ ଦର୍ପଣ ଗ୍ରନ୍ଥରେ ସ୍ୱୟଂଦୂତୀର ଉଦାହରଣ ପ୍ରସଙ୍ଗରେ କୁହାଯାଇଛି – ଘରେ ସ୍ତ୍ରୀ ଏକାକିନୀ ଥିବାବେଳେ ପଥିକକୁ ଦେଖି କହୁଛି, ହେ ପଥିକ ! ମୋତେ ଦେଖି ତୁମର ରସପିପାସା ଜାତ ହେଲପରି ଜଣାଯାଉଛି । ତେବେ ଅନ୍ୟଆଡେ କାହିଁକି ଯାଉଛ ? ଏହି ଘର ଭିତରେ

---

(୪) ମୁହୁରହୋ କଂ ନିବାରକ ହର୍ଷି ନିଜ ବାସ୍ତ୍ରୋ ଯଦ୍ୟାପି ମେ ସିଚୟମ୍
ସାଧସ୍ଥାମି କସ୍ୟ ସୁନ୍ଦର ଦୂରେ ଗ୍ରାମୋଽହମେକା
— ଦଶରୂପକ, ପୃ-୧୨୯

(୫) ରସମଞ୍ଜରୀ, ପୃ-୯୩



Digitized by srujanika@gmail.com

ଘନରସ ପାନ କଲେ ବି ତୁମକୁ ଠିକଏ ଦେଲେ ବି ବାରଣ କରିବାକୁ କେହି ନାହାନ୍ତି (୬) । କବି ନରସିଂହ ସେଣଙ୍କ ଉକ୍ତିରେ ଶାଶୁ ଅନ୍ଧୁଣୀ ହୋଇଥିବା ହେତୁ ତାର ଥିବା ଓ ନ ଥିବା ଏବଂ ପତି ଚନ୍ଦ୍ରଙ୍କ ପରି ହୋଇଥିବା ହେତୁ ନାୟିକାର ପତି ଓ ଶାଶୁ ଉଭୟେ ନଥିବା ସହ ସମାନ । ଏହା ସାହିତ୍ୟ ଦର୍ପଣକାରଙ୍କ ନାୟିକାର ଘରେ କେହି ନଥିବା ସହ ସାଦୃଶ୍ୟ ରକ୍ଷା କରେ । ସେହି ଗ୍ରନ୍ଥରେ ପୁଣି ଅନ୍ୟ ଏକ ସ୍ଥଳରେ ନାୟିକା କହୁଛି – ଶାଶୁଙ୍କୁ ଦିଶୁନାହିଁ, ସ୍ୱାମୀ ଅତି ଦୂରଦେଶକୁ ଯାଇଛନ୍ତି, ମୁଁ ଘରେ ଏକୁଟିଆ ପୁଣି ନବଯୌବନା, ତୁମେ ଏଠାରେ ରହିବାର ଚିନ୍ତା କାହିଁ ? (୭) । ଏଥିରୁ ନାୟିକା ଯେ ପଥିକକୁ ଉପଭୋଗ ପାଇଁ ଇଙ୍ଗିତ ପ୍ରଦାନ କରିଛି ତାହା ଧ୍ୱନିତ ହୁଏ ।

ଆଚାର୍ଯ୍ୟଗଣଙ୍କ ଉଦାହରଣରେ ନାୟିକା ବିଭିନ୍ନ ପ୍ରକାର ବିଦଗ୍ଧ ବଚନରେ ନାୟକକୁ ଆମନ୍ତ୍ରଣ ଜଣାଉଥିବା ବେଳେ ସୁଯୋଗକୁ ଉପଯୋଗ କରି ନ ପାରିଲେ ପଶୁ ରୂପେ ଆଖ୍ୟାତ କରିଥିବା ପରିଦୃଷ୍ଟ ହୁଏ ନାହିଁ । କିନ୍ତୁ କବି ବିଦ୍ୟାପତି ପ୍ରକୃତ ରତିରଙ୍ଗ ବୁଝି ନ ପାରୁଥିବା ବ୍ୟକ୍ତିକୁ ପଶୁ ରୂପେ ଆଖ୍ୟାତ କରିଛନ୍ତି (୮) । ଆଳଙ୍କାରିକଗଣ ବଚନ ଭଙ୍ଗିମା ଦ୍ୱାରା

---

(୬) ପନ୍ଥି ଓ ପିଆସିଓ ବଅ ଲଚ୍ଛୀଅସି ଜାସି ତା କମଣ୍ଡ୍ୟଣ୍ଣେ
ଣ ମଣା ପି ବାରଓ ଇଧ ଅତ୍ଥି ଘରେ ଘଣରସଂ ପିଅନ୍ତାଣଂ
— ସାହିତ୍ୟ ଦର୍ପଣ, ପୃ-୧୮୩

(୭) ଦ୍ରଷ୍ଟୁଂ ନ କ୍ଷମା ଶ୍ୱଶ୍ରୂଃ ସ୍ୱାମୀ ଦୂରତରଂ ଗତଃ
ଅହମେକାକିନୀ ବାଳା ତବେହ ବସତିଃ କୁତଃ
ଅନେନ ପଥିକସ୍ୟ ବସତି ଯାଚନଂ ପ୍ରତିଷିଦ୍ଧେ
— ସାହିତ୍ୟ ଦର୍ପଣ, ପୃ-୯୯୦

(୮) ପସୁକ ସଗ କେ ଜନମ ଗମାଲ
ସେ କି ବୁଝିବ ରତି ରଙ୍ଗ
ମଧୁ ଜାମିନ ମୋର ଆଜ ବିଫଲ ଗେଲ
ଗୋପ ଗମାରକ ସଙ୍ଗ
— ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୨୪୨



Digitized by srujanika@gmail.com

ସମ୍ଭୋଗ ଆମନ୍ତ୍ରଣ ଜଣାଉ ନ ଥିବା ନାୟିକାକୁ ବଚନ ବିଦଗ୍ଧା ଆଖ୍ୟା ପ୍ରଦାନ କରିଛନ୍ତି ।

ଏକ ଯୁବତୀ ଦେଖିଲି ମିତ ସେ ଶିବଙ୍କ କରେ ଗୃତର
ମୋହର ଚିତ୍ତ ହୃଦୟ କମଳେ ବାଣ କଲେକ ଶଙ୍କର
ଭ୍ରମର ହୋଇ ସେ ବେଢ ବନ୍ଧ ପୀଡଇ ମୋହର ଦେହ
ଏହା ନ ବୁଝଇ ଯେବଣ ଗୁଆଂଙ୍କ ଭ୍ରମର ବାହକ ସେହି । ୩ ।

ପୁରୁଷ ଶିବଙ୍କ ଗୃତର ପ୍ରଦର୍ଶନ କରୁଥିବା ଏକ ନାରୀକୁ ଦର୍ଶନ କରିଛି । 'ଶିବଙ୍କ କରେ ଗୃତର' ପ୍ରୟୋଗରୁ ଶିବଙ୍କର ତିନି ନେତ୍ରକୁ ସ୍ମରଣ କରିହୁଏ । ଶିବଙ୍କର ତ୍ରିନେତ୍ର ମଧ୍ୟରୁ ଗୋଟିଏ ସୂର୍ଯ୍ୟାତ୍ମକ ନେତ୍ର; ଧ୍ୟାନରେ ନିମୀଳିତ ହେତୁ ମୁକୁଳ ପ୍ରାୟ; ଦ୍ୱିତୀୟ ଚନ୍ଦ୍ରାତ୍ମକ ନେତ୍ର ପାର୍ବତୀଙ୍କ ମୁଖପଦ୍ମ ଓ ସ୍ତନ ପ୍ରତି ଆସକ୍ତ ହୋଇ ସମ୍ଭୋଗାକାଙ୍କ୍ଷୀ; ତୃତୀୟ ଲଲାଟସ୍ଥ ବହ୍ନିନେତ୍ର ଦୂରରୁ ଧନୁର୍ଗୁଣକୁ ଆକର୍ଷଣ କରୁଥିବା କାମଦେବ ପ୍ରତି କ୍ରୋଧାଗ୍ନିରେ ଉଦ୍ଦୀପିତ (୯) । ଏଥିରୁ ଶିବଙ୍କର ସମ୍ଭୋଗାତ୍ମକ ତଥା ଧ୍ୱଂସାତ୍ମକ ଦୁଇ ରୂପକୁ ଗ୍ରହଣ କରିହୁଏ । ଅନ୍ୟ ଏକ ଗ୍ରନ୍ଥରେ ଶିବ ପ୍ରଣୟୀ ଯୁଗଳ ମଧ୍ୟରେ ଧ୍ୱଂସକର୍ତ୍ତା ନ ହୋଇ ମଙ୍ଗଳକର ରୂପରେ ଦେଖାଯାଇଛନ୍ତି (୧୦) । ଗାଥା ସପ୍ତଶତୀରେ କୁହାଯାଇଛି— ଶିବ ସନ୍ଧ୍ୟା ଉପାସନା କାଳରେ ଅଞ୍ଜଳିରେ ଧରିଥିବା ଜଳରେ ଗୌରୀଙ୍କ ମୁଖ ପ୍ରତିବିମ୍ବିତ ହୋଇଗଲା । ଗୌରୀଙ୍କ ମୁଖ କମଳର ପ୍ରତିବିମ୍ବ ଦେଖି ଶିବ ମନ୍ତ୍ର ଭୁଲିଯାଇ କେବଳ

(୯) ସାହିତ୍ୟ ଦର୍ପଣ, ପୃ-୭୦୮

(୧୦) Siba has a third eye in the middle of fore head the flame from which reduced to ashes Kama the God of love who with the help of his friend and ally the God of spring had endeavowered with flower arrows :

Thus Hara or Siva the destroyer of love became the best of lovers.

(River of Kings, P 2. foot note)



Digitized by srujanika@gmail.com

ମିଛରେ ଓଠ ଥରାଇବାକୁ ଲାଗିଲେ (୧୧)। ଏ ଉକ୍ତିର ତାତ୍ପର୍ଯ୍ୟ ହେଲା ପ୍ରିୟା ମୁଖର ପ୍ରତିବିମ୍ବ ସନ୍ଦର୍ଶନ କରି ଶିବଙ୍କ ପରି ସଂଯମୀ ପୁରୁଷଙ୍କର ମଧ୍ୟ ଏପରି ଦଶା ହୁଏ।

ପରବର୍ତ୍ତୀ ଗାଦଦ୍ୱୟରୁ ନାୟିକାର ପତି ଶଙ୍କରଙ୍କ ବାଣ ଦ୍ୱାରା ଆହତ ହୋଇ ଶଙ୍କରଙ୍କ ପରି କାମିନୀ ସମ୍ଭୋଗରେ ଅତ୍ୟନ୍ତ ବିରକ୍ତ ଭାବ ପ୍ରକାଶ କରୁଥିବା ଏବଂ ଶଙ୍କରଙ୍କ ଶତ୍ରୁ କାମଦେବ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ନାୟିକାର ହୃଦୟକୁ ବିଦ୍ଧ କରିବା ଫଳରେ ସେ ଅତ୍ୟନ୍ତ କାମାତୁର ହୋଇଥିବା ଜଣାଯାଏ। ଅର୍ଥାତ୍ ନାୟିକାର ପତି ଅନ୍ୟ ନାରୀ ପ୍ରତି ଆସକ୍ତ ହୋଇଥିବାରୁ ନାୟିକା ଉପପତି ସହ ମିଳନ ନିମନ୍ତେ ଉତ୍କଣ୍ଠିତା ହୋଇଥିବା ଗ୍ରହଣ କରାଯାଇପାରେ। ନାୟିକା ଉପପତି ସହ ମିଳନର କାରଣ ରୂପେ କାମଦେବର ଶର ନିକ୍ଷେପକୁ ଗ୍ରହଣ କରିଛି ଏବଂ ସେ ଉପପତିକୁ କହିଛି ଯେ ଯଦି ଉପପତି ନାୟିକାର ହୃଦୟକୁ ବୁଝି ନ ପାରେ ତେବେ ସେ ଶିବଙ୍କର ବାହକ ଅର୍ଥାତ୍ ବୃଷଭ ବା ପଶୁ ସଦୃଶ।

ଶିବଙ୍କର ଶର ତ୍ରିପୁରାସୁରଙ୍କୁ ମାରି ତାଙ୍କ ଯୁବତୀମାନଙ୍କୁ ବ୍ୟତିବ୍ୟସ୍ତ କରୁଥିବା ଜଣାଯାଏ (୧୨)। ସାହିତ୍ୟ ଦର୍ପଣରେ ପ୍ରଣୟାପରାଧୀ ପ୍ରଣୟୀ ପ୍ରତି ମାନିନୀ ନାୟିକାର ବ୍ୟବହାର ସମ୍ପର୍କରେ କୁହାଯାଇଛି— ସଦ୍ୟାପରାଧୀ କାମୁକ ପରି ହୋଇଥିବା ସେହି ଶିବଙ୍କର ଶରବହ୍ନି ଆପଣମାନଙ୍କର ଦୁରିତକୁ ଖଣ୍ଡନ କରୁ ଯାହାକୁ କି ତ୍ରିପୁରାସୁର ବିରହ ବିହ୍ୱଳ ସୁନ୍ଦରୀମାନେ

---

(୧୧) ସଂଝା-ରହିଅ-ଜଲଞ୍ଜଲି-ପଡ଼ମା-ସଂକନ୍ତ-ଗୋରି-ମୁହ-କମଲଂ
ଅଲିଅଂ ଚିଅ ଫୁରି ଓଟ୍ଟଂ ବିଅଲିଅ-ମନ୍ତୁଂ-ହରଂ-ଣମହ।
— ଗାଥା ସପ୍ତଶତୀ, ୭/୧୦୦

(୧୨) କ୍ଷିପ୍ତୋ ହସ୍ତାବଲଗ୍ନ ପ୍ରସଭମଭିହତୋଽପ୍ୟାଦଦାନୋଽଂଶୁକାନ୍ତଂ
ଗୃହ୍ଣନ୍ କେଶେଷ୍ୱପାସ୍ତଶ୍ଚରଣ ନିପତିତୋ ନେକ୍ଷିତଃ ସମ୍ଭ୍ରମେଣ
ଆଲିଙ୍ଗନ୍ ଯୋଽବଧୂତସ୍ତ୍ରିପୁର ଯୁବତିଭିଃ ସାଶ୍ରୁନେତ୍ରୋତ୍ପଳାଭିଃ
କାମୀବାର୍ଦ୍ରାପରାଧଃ ସଦହତୁ ଦୁରିତଂ ଶାଂଭବୋ ବଶରାଗ୍ନିଃ
(କାବ୍ୟ ପ୍ରକାଶ ୪୮୨ ପୃଷ୍ଠାରୁ ଗୃହୀତ)

Digitized by srujanika@gmail.com

ହାତରେ ଲଗନ୍ତେ ଫୋପାଡ଼ି ଦେଉଥିଲେ, ପାଦତଳେ ପଡନ୍ତେ ଭୟରେ ବା ଆଦରରେ ଗ୍ରହଣ ନ ଥିଲେ, ଆଲିଙ୍ଗନ କରନ୍ତେ ହାତରେ ଠେଲି ଦେଉଥିଲେ (୧୩) । ସେହି ଗ୍ରନ୍ଥରେ ଅନ୍ୟତ୍ର କୁହାଯାଇଛି – ବିରହୀ ନାୟକ କନ୍ଦର୍ପ ଉପରେ ବିରକ୍ତ ହୋଇ କହୁଛି, ପ୍ରିୟା ବିରହରେ କ୍ଷୀଣ ହୋଇ କଣ୍ଠାଗତ ପ୍ରାଣ ମୋର ହୃଦୟ ଉପରେ ନିର୍ଦ୍ଦୟତା ପୂର୍ବକ ନିଷ୍ଠୁର କାମଦେବ ତୀକ୍ଷ୍ଣ ଶର ପ୍ରୟୋଗ କରୁଛି, ହଉ ଜୀବନ୍ତ ଦୟାଳୁ ଭଗବାନ୍ ଶଙ୍କର ସେମାନଙ୍କୁ ଆଉଥରେ ନେତ୍ର ଜ୍ୱାଳାରେ ମୂର୍ତ୍ତିହୀନ ଭସ୍ମ କରି ଦିଅନ୍ତୁ (୧୪) ।

ବିଭିନ୍ନ ଗ୍ରନ୍ଥମାନଙ୍କରୁ କାମଦେବଙ୍କ ବାଣର ଅଦ୍ଭୁତ ପ୍ରଭାବ ସମ୍ପର୍କରେ ବହୁ ଉଲ୍ଲେଖ ମିଳେ । ଗାଥା ସପ୍ତଶତୀରେ କୁହାଯାଇଛି ମଦନର ବାଣ କଷ୍ଟ, ସୁଖ ପ୍ରଦାନ କରେ, ଅନୁରାଗ ସୃଷ୍ଟି କରେ, ତଥା ମନକୁ ରମଣ (ଆନନ୍ଦ) କରାଇଥାଏ । ଅରତି ଓ ରତିର ବାନ୍ଧବ ମଦନ ବାଣକୁ ନମସ୍କାର (୧୫) । ରସରାଜ ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କୁ ଦୂତୀ କହୁଛି—ହେ ଲାଲ କାମଦେବ ନିଜ ବୀରତ୍ୱ ପ୍ରଦର୍ଶନ କରିବା ନିମନ୍ତେ ସେହି ଅବଳାର ହୃଦୟ ଭେଦନ ପାଇଁ ଶ୍ରୀକୃଷ୍ଣଙ୍କୁ ବଶ କରିବାକୁ ବଶୀକରଣ ଆଦି ଶର ମଧ୍ୟରୁ କୌଣସି ଶର ଆଉ ରହିଲା ନାହିଁ । ଅର୍ଥାତ୍ କାମଦେବର ଗୋଟିଏ ବାଣ ଯୋଗୀମାନଙ୍କର ଧୈର୍ଯ୍ୟକୁ ଲୁପ୍ତ କରି ଦେଉଥିଲା ବେଳେ କାମଦେବର ପାଞ୍ଚବାଣ ଦ୍ୱାରା ବିଦ୍ଧ ବିରହିଣୀର ଦଶା କିପରି ବର୍ଣ୍ଣନା କରାଯାଇପାରେ ? (୧୬) । ଅନ୍ୟ ଏକ

---

(୧୩) ସାହିତ୍ୟ ଦର୍ପଣ, ପୃ-୭୦୯

(୧୪) ତତ୍ରୈବ, ପୃ-୭୮୫

(୧୫) ଦୁକ୍ଖୋନ୍ତି ଦେନ୍ତି ସୋକ୍ଖଂ କୁଣନ୍ତି ଅଣୁରାଅଅଂ ରମାବେନ୍ତି
ଅରଇ-ରଇ-ବନ୍ଧବାଣଂ ଣମୋ ଣମୋ ମଅଣବାଣାଣ
—ଗାଥା ସପ୍ତଶତୀ, ୪/୨୫

(୧୬) ତପୂ କେ ହିୟବେ ହନନ କୌଂ ଭୟୋ ପଞ୍ଚସର ବୀର
ଲାଲ ତୁମେ ବେବସ କରନ କୌଂ ରହେ ନ ତରକସ ତୀର
—ରସରାଜ/୩୦୨



Digitized by srujanika@gmail.com

ପ୍ରାକୃତ ଗାଥାରେ ମଧ୍ୟ କୁହାଯାଇଛି—କାମଦେବ ତୁମ୍ଭେ ତୁମ୍ଭ ତୂଣୀରର ସବୁ ଶର ମୋ ଉପରେ ପ୍ରୟୋଗ କରିନେଲ ପରେ ଅନ୍ୟ ଯୁବତୀମାନଙ୍କୁ କ'ଣ କେବଳ ଧନୁର ଯଷ୍ଟି ଦ୍ୱାରା ପ୍ରହାର କରିବ (୧୭) । ବତ୍ସରାଜ ଉଦୟନ ନିଜ ସଖା ବସନ୍ତଙ୍କୁ କହିଛନ୍ତି—ସେ ଉଜ୍ଜୟିନୀକୁ ଯାଇଥିବା ସମୟରେ ଅବନ୍ତୀ ରାଜପୁତ୍ରୀ ବାସବଦତ୍ତାଙ୍କୁ ଦେଖି ଏକ ଅନିର୍ବଚନୀୟ ଅବସ୍ଥା ପ୍ରାପ୍ତ ହୋଇଥିବାବେଳେ କାମଦେବଙ୍କ ଦ୍ୱାରା ପଞ୍ଚଶର ପତିତ ହୋଇଥିଲା । ଆଜି ମଧ୍ୟ ସେ ଶରମାନଙ୍କ ଦ୍ୱାରା ବିଦ୍ଧ ମୋର ହୃଦୟ ଶଲ୍ୟଯୁକ୍ତ ହୋଇ ରହିଛି ଓ ପୁନର୍ବାର ଅଧୁନା ମୁଁ କାମ ବାଣରେ ବିଦ୍ଧ । ମଦନର ପାଞ୍ଚୋଟି ବାଣ ଯେତେବେଳେ ଏହି ଷଷ୍ଠ ବାଣ ପତିତ ହେଲା କପରି ? (୧୮) ।

ଏଣୁ କନ୍ଦର୍ପ ଶର ନାୟିକା ନିକଟରେ ଦୁର୍ବିସହ ହୋଇଥିବା ହେତୁ ଉପପତିର କାମନା କରିବା ତା' ନିକଟରେ ଅପୌକ୍ତିକ ନୁହେଁ ଏବଂ ଉପପତି ସେହି ନାୟିକାକୁ ରମଣ କରିବା ନିମନ୍ତେ ନାୟିକା କାମନା କରିଛି ।

ଶୁଣ ସହଚରୀ ଏକ ଚତୁରୀ ଥିଲା ସଖୀଙ୍କ ମେଳେ
କଞ୍ଚିତ ହସି ଇଙ୍ଗିତ ଅପାଙ୍ଗେ ମୋତେ ସେ ଗ୍ରହିଂଲା ହେଳେ
ନିଜ କେଶ ଫେଡ଼ି ବଦନ ମହିଲା ବାତ ଭରେ ପୁଣି ତୋଳି
ଖୋଷିଲା । ୪ ।

---

(୧୭) ଭବଉ ମହାଁ ଶଅ ବମ୍ମହ ପଂଚ ବି ବାଣା ନିସଂସରେ ମୁକ୍କା
ଅହଂ ଭଣ ତରୁଣିଜଣଂ କିଂ ହଣିହସି ଗୁବ ଲଣ୍ଠୀଏ

(୧୮) କାମେନୋଜ୍ଜୟିନୀଂ ଗତେ ମୟି ତଦା କାମପ୍ୟବସ୍ଥାଂଗତେ
ଦୃଷ୍ଟ୍ୱା ସ୍ୱୈରମବନ୍ତି ରାଜତନୟାଂ ପଞ୍ଚେଷବଃ ପାତିତାଃ
ତୈରଦ୍ୟାପି ସଶଲ୍ୟମେବ ହୃଦୟଂ ଭୂୟଶ୍ଚ ବିଦ୍ଧା ବୟଂ
ପଞ୍ଚେଷୁର୍ମଦନୋ ଯଦା କଥମୟଂ ଷଷ୍ଠଶର ପାତିତଃ
—ସ୍ୱପ୍ନବାସବଦତ୍ତମ୍, ପୃ-୨୩୫



Digitized by srujanika@gmail.com

ଉକ୍ତ ପଦର ପ୍ରଥମ ଦୁଇ ପଂକ୍ତିରୁ ନାୟିକା ସଖୀ ମେଳରେ ଥାଇ ନାୟକଙ୍କୁ ଦେଖିବା କ୍ଷଣି ଆଖି କୋଣରେ ଗୃହଁ ସ୍ମିତ ହାସ୍ୟ ପ୍ରକାଶ କରିଛି। ପରବର୍ତ୍ତୀ ପଂକ୍ତିରୁ ନାୟିକାର ନିର୍ଦ୍ଦିଷ୍ଟ ପ୍ରାକଳାପ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ ନିଜର ବନ୍ଧନ ହୋଇଥିବା କେଶ ଗୁଚ୍ଛକୁ ଉନ୍ମୁକ୍ତ କରି ଓ ତହିଁରେ ନାୟିକା ଫୁଲ ଖୋଷିବାକୁ ଅନୁମାନ କରାଯାଇ ପାରେ। ନାୟକଙ୍କୁ ଦେଖି ଏହି ପ୍ରକାର ଆଚରଣରୁ ନାୟକ ପ୍ରତି ତାହାର ଅନୁରାଗ ଥିବା ପ୍ରମାଣ ମିଳେ। ନାୟିକା ବଚନରେ କିଛି ପ୍ରକାଶ କରି ନ ଥିଲେ ମଧ୍ୟ କ୍ରିୟା କୁଶଳତାରୁ ତାହାର ଚତୁର ପଣିଆଁର ପରିଚୟ ମିଳେ।

ଉକ୍ତ ପଦଟି ପୋଥି ମଧ୍ୟରେ ମାତ୍ର ତିନି ପାଦ ଥିବା ଜଣାଯାଏ।

ବାମା ... ... ... ... ... ... ... ... ... ... ...
କର୍ଣ୍ଣ ଅବତଂସ କମଳ କଢ଼ି ସେ ପାଣିକି ପକାଇ ଦେଲା
ମଧୁରେ ଆତୁର ହୋଇଥିଲା ଭୃଙ୍ଗ ତହିଂରେ ଚୁମ୍ବିଲା ଯାଇ
ଈଷିତ କରି କଅଁଳେ ହସିଲା ମୋହୋ ମୁଖକୁ ଗୃହିଂ। ୫।

ଉକ୍ତ ପଦର ପ୍ରଥମ ପଂକ୍ତି ଲୁପ୍ତ। ଦ୍ୱିତୀୟ ପଂକ୍ତିରେ ଥିବା କର୍ଣ୍ଣାବତଂସ କମଳ କଢ଼ିକୁ ପାଣିରେ ପକାଇ ଦେବା ପ୍ରୟୋଗରୁ ନାୟିକା ସରୋବର ତଟ ଦେଶରେ ଉପସ୍ଥିତ ଥିବା ଅନୁମାନ କରାହୁଏ। ରସ ମଞ୍ଜରୀ ଗ୍ରନ୍ଥରେ ନାୟିକା ଜଳ କ୍ରୀଡ଼ା ଉଦ୍ଦେଶ୍ୟରେ ସରୋବରକୁ ଯାଉଥିବା ବେଳେ ପଥ ମଧ୍ୟରେ ନାୟକଙ୍କୁ ଦେଖି ଠିଆ ହେବା ସଙ୍ଗେ ସଙ୍ଗେ ସ୍ମିତ ହାସ୍ୟ ଓ ତରଙ୍ଗାୟିତ ଗ୍ରୀବା ଦ୍ୱାରା ନାୟକଙ୍କୁ ସ୍ୱୀକୃତି ପ୍ରଦାନ କରିଥିବା ଦୃଶ୍ୟ ଉପଲବ୍ଧ ହୁଏ (୧୯)। ଏଠାରେ ନରସିଂହ ସେଣ ଓ ଭାନୁଦତ୍ତଙ୍କ ନାୟିକା ଉଭୟେ ସରୋବର ନିକଟବର୍ତ୍ତୀ ହେବା ଏବଂ ସ୍ମିତ ହାସ୍ୟ ପ୍ରକାଶ କରିବା ଦ୍ୱାରା ନାୟକଙ୍କୁ ନିଜ ସମ୍ମତି ପ୍ରଦାନ କରିଥିବା ଦୃଶ୍ୟ ମଧ୍ୟରେ ସାମ୍ୟ ପରିଲକ୍ଷିତ ହୋଇଥାଏ। ସରୋବର ତଟଦେଶରେ ସଙ୍କେତ ସ୍ଥଳରେ

(୧୯) ରସ ମଞ୍ଜରୀ, ପୃ-୩୦୪



Digitized by srujanika@gmail.com

ଉତ୍କଣ୍ଠିତା ହୋଇ ନାୟିକା ଦଣ୍ଡାୟମାନା ହୋଇଥିବା ଦୃଶ୍ୟ ଗାଥା ସପ୍ତଶତୀରେ ମଧ୍ୟ ପରିଦୃଷ୍ଟ (୨୦)। କିନ୍ତୁ ନରସିଂହ ସେଣ କମଳ କଢ଼ି ଟାଣିକି ପକାଇଦେବା ଓ ଭୃଙ୍ଗ ତାହାକୁ ଚୁମ୍ବନ କରିବାର ଯେଉଁ ଦୃଶ୍ୟ ଉପସ୍ଥାପନ କରିଛନ୍ତି ତାହା ଅନନ୍ୟ। ଏଥିରୁ ନାୟିକା ପଦ୍ମିନୀ ଜାତୀୟା ଏବଂ ନାୟକ ପରପୁରୁଷ ହୋଇଥିବା ସୂଚନା ମିଳେ। ପୁଣି ଭୃଙ୍ଗର କମଳ କଢ଼ି ଚୁମ୍ବନ ଦୃଶ୍ୟରେ ନାୟିକା ଈଷିତ ଅପାଙ୍ଗ ଓ ସ୍ମିତ ହାସ୍ୟ ପ୍ରକାଶ କରିଥିବାରୁ ନାୟକକୁ ଆମନ୍ତ୍ରଣ କରିବା ଜଣାଯାଏ।

ଉକ୍ତ ପଞ୍ଚକକୁ ଅନୁଶୀଳନ କଲେ ଜଣାଯାଏ, କବି ବାରମ୍ବାର ଈଷିତ ଅପାଙ୍ଗ ଓ କଞ୍ଚିତ ବା ସ୍ମିତ ହାସ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମାନଙ୍କ ଈଷିତ ଅପାଙ୍ଗର ଦୃଶ୍ୟ ଦ୍ୱିତୀୟ, ଚତୁର୍ଥ ଓ ଅନ୍ତିମ ପଦରେ ଏବଂ କଞ୍ଚିତ ହାସ୍ୟର-ଦୃଶ୍ୟ ଚତୁର୍ଥ ଓ ଶେଷ ପଦରେ ଉପଲବ୍ଧ ହୁଏ। ନାୟିକାଗଣ ଭିନ୍ନ ଭିନ୍ନ ସ୍ଥାନରେ ଉପସ୍ଥିତ ରହି ନାୟକର ଚିତ୍ତ ହରଣ କରିବା ପାଇଁ ଚେଷ୍ଟା କରିଛନ୍ତି। ନାୟିକା ପ୍ରଥମ ପଦରେ ଅନ୍ତଃପୁରରେ, ଦ୍ୱିତୀୟ ପଦରେ ପଥ ମଧ୍ୟରେ, ତୃତୀୟ ପଦରେ ଶିବାଳୟରେ, ଚତୁର୍ଥ ପଦରେ ସଖୀମେଳରେ ଏବଂ ଅନ୍ତିମ ପଦରେ ସରୋବର ତଟଦେଶରେ ଉପସ୍ଥିତ। ଏଥିମଧ୍ୟରୁ ପ୍ରଥମ, ଚତୁର୍ଥ ଓ ଅନ୍ତିମ ପଦର ନାୟିକା କେବଳ କ୍ରିୟାକୁଶଳତାରେ ତୃତୀୟ ପଦର ନାୟିକା ବଚନ ବିଦଗ୍ଧତାରେ ଏବଂ ଦ୍ୱିତୀୟ ପଦର ନାୟିକା ଉଭୟ ବଚନ ଓ କ୍ରିୟାରେ ନିଜର ଚତୁରତା ପ୍ରକାଶ କରି ନାୟକକୁ ଆକୃଷ୍ଟ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ ସମସ୍ତ ନାୟିକା ପରକୀୟା। ଭାରତୀୟ କାବ୍ୟତତ୍ତ୍ୱ-କାରଙ୍କ ଅନୁଯାୟୀ ବିବାହିତ ପତି ପତ୍ନୀ ମଧ୍ୟରେ ପ୍ରୀତି ହିଁ ଶୃଙ୍ଗାର ରସର ପରିପୋଷକ। ବିବାହିତା ପତ୍ନୀ ବିନା ପ୍ରୀତି ହେଉଛି ଶୃଙ୍ଗାର ରସର ରସାଭାସ (୨୧)।

---

(୨୦) ତଉ ବଣହ ଅଗ୍‌ଗହତ୍‌ଥା ବାଳ ତରଙ୍ଗେ ହିଁ ଘୋଳର ଣିଅମ୍ବା

— ଗାଥା ସପ୍ତଶତୀ, ୪/୯୧

(୨୧) A study on Srikrishna Lilamritam — P-48



Digitized by srujanika@gmail.com

## ୭. ଶ୍ଳେଷ ପଞ୍ଚକ—

ରସିକ ସୁବୋଧ ଯୁବଣୀ ହୃଦୟେ ମଦନ ରାଏ ବସଇ
ଏ ପରସନେ କାମ ପରସନ ସେ ରୁଷିଲେ କାମ ରୁଷଇ
ସେବା କରି ତା' ଚରଣେ ପଡ଼ିଲେ ସେ ସେବା କାମ ଘେନଇ
କାମର ସେବକ ରସିକ ସହଂ ସ୍ତ୍ରୀଙ୍କ ପ୍ରଭୁ କରି ମାନଇ ।୧।

ଉକ୍ତ ପଦର ପ୍ରଥମ ଦୁଇ ପଂକ୍ତିରେ କବିଙ୍କ ଅନୁଯାୟୀ ରସିକନାରୀ ବା ସୁବୋଧ ନାରୀ ହୃଦୟରେ କାମ ଦେବତା ବାସ କରିଥିବା ଏବଂ ନାରୀ ପ୍ରସନ୍ନ ହେଲେ କାମ ଦେବତା ପ୍ରସନ୍ନ ହେବା ଓ ନାରୀ ରୁଷିଲେ କାମ ଦେବତା ରୁଷିବା ବର୍ଣ୍ଣିତ । ଅର୍ଥାତ୍ ନାରୀ ଓ କାମ ଦେବତା ଅଭିନ୍ନ ବା ନାରୀ ହେଉଛି କାମ ଦେବତାଙ୍କର ଅବତାର । ନାରୀର ଶରୀରକୁ କାମଦେବର ବାସସ୍ଥଳ ରୂପେ ଗ୍ରହଣ କରି ଭାନୁଦତ୍ତ କୁହନ୍ତି—କାମଦେବ ରୂପୀ ରାଜା ଶୂନ୍ୟ ମୁହୂର୍ତ୍ତ ଦେଖି ନିଜର ନିବାସ ସ୍ଥାନ ରୂପେ ମୃଗାକ୍ଷୀର ଶରୀରରେ ଯୌବନ ରୂପୀ ଗୃହ ନିର୍ମାଣ ଆରମ୍ଭ କରିଦେଇଛି ଏବଂ ଏହି ନାରୀର ଦୃଷ୍ଟି ଥିଲା ଗୃହର ସୌନ୍ଦର୍ଯ୍ୟ ସଦୃଶ । ମୁଖର କାନ୍ତି ଥିଲା ଚନ୍ଦ୍ରମାର ସରସତାତୁଲ୍ୟ ଏବଂ ବାଣୀ ଥିଲା ଅମୃତ ସମୁଦ୍ରର ଲବଣ୍ୟଯୁକ୍ତ ଲହରୀମାଳା ପରି (୧) । ପୁନଶ୍ଚ ସେ କୁହନ୍ତି— କାମଧନୁ ଯାହାର ଧନୁ ଏବଂ ବାଣ କାମୀଜନ ଚିତ୍ତରେ ବାସ କରିବା ନିମନ୍ତେ ପ୍ରସିଦ୍ଧ । ନାୟିକା ତାହାର ଧନୁ ସଦୃଶ ଭ୍ରୂଲତା ଓ ବାଣ ସଦୃଶ ନେତ୍ରାଞ୍ଚଳ କଟାକ୍ଷ ଦ୍ୱାରା କାମୀଜନ ଚିତ୍ତରେ ବାସ କରେ । ତେଣୁ କାମଦେବ ଓ ନାରୀ ମଧ୍ୟରେ ସମତା ପରିଲକ୍ଷିତ ହୁଏ । କାମଦେବ ଅତନୁ ହୋଇଥିବା ପରି ନାୟିକା ନାୟକ ପ୍ରତି ଅନୁରାଗ ପ୍ରଦର୍ଶନ କରି କ୍ଷୀଣା ହୋଇ ଅତନୁତ୍ୱକୁ ପ୍ରାପ୍ତକରି କାମଦେବ ସହ ସାଦୃଶ୍ୟ ରକ୍ଷା କରେ (୨) ।

ପରବର୍ତ୍ତୀ ପଂକ୍ତି ଦ୍ୱୟକୁ ପରୀକ୍ଷା କଲେ ଜଣାଯାଏ ଯେ ନାରୀକୁ ସେବା କଲେ ସେ ସେବାକୁ କାମଦେବ ଗ୍ରହଣ କରନ୍ତି ଏବଂ ପ୍ରକୃତ ରସିକ ନାୟକ ସ୍ତ୍ରୀକୁ ପ୍ରଭୁ ରୂପେ ଗ୍ରହଣ କରି ଆପଣାକୁ ଦାସ ରୂପେ ସ୍ୱୀକାର

(୧) ରସମଞ୍ଜରୀ, ପୃ-୨୨
(୨) ତତ୍ରୈବ, ପୃ-୩୪୦



Digitized by srujanika@gmail.com

କରିଥାଏ । କାମ ହେଉଛି ପ୍ରେମର ଏକ ସୁନ୍ଦର ମାର୍ଗ ଯାହା କେବଳ ସୁଖରେ ନିବୃତ୍ତ ହୋଇଥାଏ । ଏହା ମାନସିକ କ୍ଲେଶ ରହିତ ମନରୁ ଉତ୍ପନ୍ନ ହୁଏ(୩) । ଶୃଙ୍ଗାର ରସ ବ୍ୟାପାରରେ ନାରୀର ପ୍ରଭୁତ୍ୱ ପ୍ରଦର୍ଶନ କରିବା ବହୁ ଗ୍ରନ୍ଥରେ ପରିଦୃଷ୍ଟ ହୁଏ । କବି ବହ୍ଲଣ ନାୟକଙ୍କୁ ଦାସ ରୂପେ ପରିକଳ୍ପନା କରି ନାୟିକାଙ୍କୁ ଭଜନା କରିବା ଏବଂ ନାୟିକାର ପାଦତଳେ ପଡ଼ିଥିବା ଦୃଶ୍ୟ ଉପସ୍ଥାପିତ କରିଛନ୍ତି (୪) । ଗାଥା ସପ୍ତଶତୀର ଏକ ସ୍ଥଳରେ ଦୂତୀ ନାୟକଙ୍କୁ ସାନ୍ତ୍ୱନା ଦେଇ କହୁଛି—ନାୟିକା କୁପିତା ହୋଇଥିଲେ ତାହାର ପ୍ରେମା-କାଂକ୍ଷୀ ନାୟକ ସେବକ ପରି ନାୟିକାକୁ ମନାଇବା ଉଚିତ୍ । ଏହି ସମୟରେ ନାୟକ ତାହାର ସ୍ୱାମିତ୍ୱକୁ ଭୁଲି ସେବକ ପରି ଆଚରଣ କରିବା କଥା । ଏହି ସେବକ ଆଚରଣରେ ହିଁ ପ୍ରେମର ସଫଳତା ମିଳେ । ନାୟିକା କୋପକୁ ଭୁଲି ନାୟକ ପ୍ରତି ପ୍ରସନ୍ନ ହୁଏ (୫) । ଅନ୍ୟ ଏକ ସ୍ଥଳରେ ନାୟିକା ସଖୀକୁ କହୁଛି – ଯେଉଁଦିନ ନାୟକ ମୋର (ନାୟିକାର) ପାଦତଳେ ମୁଣ୍ଡରଖି

---

(୩) ବନ୍ଧମୋକ୍ଷଣୀୟମ୍

(୪) ଚୁମ୍ୱାମି ରୋଦିତଂ ଭୃଙ୍ଗ ପତିତୋସ୍ମି ପାଦେ ଦାସସ୍ତବ ଭଜଂ
ମାଂ ସ୍ମରାମି — ଚୌର ପଞ୍ଚାଶିକା/୩୭

ଏହି ଶ୍ଳୋକକୁ ବ୍ୟାଖ୍ୟାକରି S. N. Tadpatrikar କହିଛନ୍ତି –
I kissed her (drawing her towards myself) and when she began to cry in earnest, I (afraid of her real anger and pain) fell at her feet and said "Dearest, I am your slave ! Love me"
— Cauraparcasika, p. 13

(୫) ଣ୍ଣମେନ୍ତୁ ଜେ ପହୁତ୍ତଂ କୁବିଅଂ ଦାସାବ୍ୱ ଜେ ପସାଅନ୍ତି
ତେ ଚ୍ୱିଅ ମହିଲାଣଂ ପିଆ ସେସା ସାମି ବ୍ୱିଅ ବରାଆ
— ଗାଥା ସପ୍ତଶତୀ, ୧/୯୧



Digitized by srujanika@gmail.com

ଏବଂ ତାଙ୍କର ବାଳକୁ ମୋର ପାଦର ଅଙ୍ଗୁଳି ଦ୍ୱାରା ଖେଳାଇଥିଲେ ସେ ଦିନର ସୁଖକୁ ମୁଁ ଆଜି ପର୍ଯ୍ୟନ୍ତ ଭୁଲି ପାରି ନାହିଁ (୬) । ଅନ୍ୟ ଏକ ସ୍ଥଳରେ କଠୋରମନା ନାୟିକା ସଖୀ ନିକଟରେ ଗତ ସୁଖ ସ୍ମରଣ କରି କହୁଛି— ହେ ସଖୀ ! ଥରେ ମୁଁ ଗୁରୁକୋପ କରିଥିବା ବେଳେ ପ୍ରିୟ ମୋର ଚରଣ ତଳେ ମୁଣ୍ଡରଖି ମରବରେ ଲୋଟି ପଡ଼ିଥିଲେ ଓ ମୁଁ ତାଙ୍କର କେଶଗୁଚ୍ଛକୁ ପାଦ ଅଙ୍ଗୁଳିରେ ଗୁଡାଇ ଜୋରରେ ଟାଣି ନେଇଥିଲି । ତାଙ୍କ ଗୃହିଣୀର ଭାଷା ଥିଲି ହେ ଦେବୀ ଏ ଦାସାନୁଦାସ ପ୍ରତି ପ୍ରସନ୍ନ ହୁଅ । ପାଦ ଅଙ୍ଗୁଳିରେ ଗୁଡାଇ କେଶ ପୀଡନ କରିଥିବା ସତ୍ତ୍ୱେ ସେ କୃପା ପାତ୍ର ପରି କାକୁସ୍ଥ ହୋଇ ପଡ଼ି ରହିଥିଲେ (୭) । ଗୀତ ଗୋବିନ୍ଦରେ ଶ୍ରୀକୃଷ୍ଣ ସ୍ମର ଗରଳ ଖଣ୍ଡନଂ, ମମ ଶିରସି ମଣ୍ଡନଂ, ଦେହି ପଦପଲ୍ଲବ ମୁଦାରଂ (୮) କହି ପୁରୁଷ ଉପରେ ନାରୀର ପ୍ରଭୁତ୍ୱକୁ ସ୍ୱୀକାର କରିଥିବା ଜଣାଯାଏ । ଏହି ଗ୍ରନ୍ଥର ଅନୁବାଦକ ନାରୀ ଯେ କେବଳ ପୁରୁଷର ପ୍ରଭୁ ତାହା ନ କହି ନାରୀକୁ କାମଦେବର ପ୍ରଭୁ ରୂପେ ଗ୍ରହଣ କରିଛନ୍ତି—

କାଳେ ତୋର ବଚନକୁ ଆଶ୍ରେକରି ବିଶ୍ୱ ଝଣିଲି ମଦନ
ପୁନରପି ଥୋଇ ପୁଷ୍ପ ପାଞ୍ଚବାଣ ପାଶେ କରେ ଭୃତ୍ୟ ପଣ (୯) ।

ବିଦ୍ୟାପତିଙ୍କ ଶ୍ରୀକୃଷ୍ଣ ରାଧାଙ୍କର ପ୍ରଭୁତାକୁ ସ୍ୱୀକାର କରିବାକୁ ଯାଇ ତାଙ୍କର ଅଳକ୍ତାକୁ ହୃଦପୁର ଭୂଷଣ କରିବା ସଙ୍ଗେ ସଙ୍ଗେ ନାମକୁ ଜପ କରିଛନ୍ତି (୧୦) ।

---

(୬) ଚଲଣୋ ଆସ-ଣିସଣ୍ଣସ୍ସ ତସ୍ସ ଭରିମୋ ଅଣାଲବନ୍ତସ୍ସ
ପାଅଙ୍ଗୁଟ୍ଠା ପାବେଟ୍ଟିଠିଅ କେସଦିଢ଼ା ଅଡ଼୍ଢ଼ଣ ସୁହେଲ୍ଲି
—ଗାଥା ସପ୍ତଶତୀ, ୨/୮

(୭) ଗାଥା ସପ୍ତଶତୀ-ଡ଼ଃ ବୈରାଗୀ ଜେନା ଅନୁବାଦ, ପୃ-୫୮

(୮) ଗୀତ ଗୋବିନ୍ଦ, ପୃ-୭୨

(୯) ତତ୍ରୈବ, ପୃ-୭୩

(୧୦) ଜମ୍ବୁମଦ—ଜାବକ ହୃଦୟୁକ ଭୂଷନ
ଅବହୁ ଜପହି ତସୁନାମ
—ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୨୩୪



Digitized by srujanika@gmail.com

ରମା ରୂପକାନ୍ତି ଲୋଚନେ କଣଇ ବଚନ କଣଇ କାନ
ଆଲିଙ୍ଗନ ଦେଇ ସୁନ୍ଦର (ଶରୀର) କଣଇ ଜିହ୍ୱାକୁ ଅଧର ପାନ
ପ୍ରେମ ଧନ ଦେଇ ଜୀବନ କଣଇ ଅଧିକେ କୋଟିଏ ଗୁଣେ
ଭୁଞ୍ଜ ମୂଲିଆକୁ ମୂଲ ଅପାର ଦିଅଇ ଅଜ୍ଞାନ ପଣେ ।୨।

ନାୟକ ତାହାର ନୟନ, ବଚନ, ଆଲିଙ୍ଗନ, ଅଧରପାନ ଦ୍ୱାରା ଯଥାକ୍ରମେ ପ୍ରିୟାର ରୂପକାନ୍ତି, କାନ, ଶରୀର ଜିହ୍ୱା ଆଦିକୁ କିଣିନିଏ । ପ୍ରିୟାର ଜୀବନ ନିମନ୍ତେ ନିଜ ପ୍ରେମ ଧନର ବିନିମୟ କରେ । କିନ୍ତୁ କବିଙ୍କ ମତରେ ନାୟିକା ନାୟକ ଦାନର କୋଟିଏ ଗୁଣ ପ୍ରତିଦାନ ରୂପେ ପରିଶୋଧ କରେ । ସେ ଯେଉଁ ପ୍ରେମଧନ ଦାନ କରେ ତାହାର ମୂଲ୍ୟ ନାୟକ ନିକଟରେ ଅପାର । ନାରୀର ଦାନ ନିକଟରେ ପୁରୁଷ ପ୍ରେମର କୌଣସି ମୂଲ୍ୟ ନାହିଁ । କବିଙ୍କ ଅନୁଯାୟୀ ନାୟକ ହେଉଛି ଭୁଞ୍ଜ ମୂଲିଆ । ପ୍ରେମ ଧନ ନିମନ୍ତେ ସେ ଯେତିକ କାମ କରେ ତା' ଠାରୁ ଅଧିକ ମୂଲ ଯୁବତୀ ନିକଟରୁ ପାଏ । ତେଣୁ ନାରୀ ହେଉଛି ଅପାର ଦାନଶୀଳା । ରସମଞ୍ଜରୀ-କାର ସ୍ୱୀୟା ଲକ୍ଷଣ ନିର୍ଦ୍ଦେଶ କଲାବେଳେ ଏକ ଶ୍ଳୋକରେ କହିଛନ୍ତି — କୁଳାଙ୍ଗନାମାନଙ୍କର ନେତ୍ର ଚଳନର କୌତୂହଳ କେବଳ ଅପାଙ୍ଗ ପର୍ଯ୍ୟନ୍ତ ସୀମିତ ଥାଏ, ସ୍ମିତ କେବଳ ଅଧରରେ ବାସ କରେ, ବାଣୀ କେବଳ ପ୍ରିୟତମର ଅତିଥି ରୂପେ ବିରାଜିତ ହୁଏ ଏବଂ ଯଦିବା କେତେବେଳେ ଏହି ସ୍ୱୀୟା ନାୟିକା କୋପ ବା ମାନ କରିବାକୁ ଆରମ୍ଭ କରେ ତାହାହେଲେ ଏହା ତାହାର ମନ ମଧ୍ୟରେ ବିଲୀନ ହୋଇଯାଏ (୧୧) । ଏଥିରେ ନାୟିକାର ନମ୍ର ତାହାର ଲଜ୍ଜାର ଶାଳୀନତାକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସ୍ମିତ ଅଧରାମୃତ ଅଧର ପର୍ଯ୍ୟନ୍ତ ବିଶ୍ରାମ କରିବା ଏବଂ ବାଣୀ ପ୍ରିୟତମର କାନ ପର୍ଯ୍ୟନ୍ତ ପହଞ୍ଚିବା ରୁଚିଶୀଳତାକୁ ପ୍ରକଟ କରେ ।

---

(୧୧) ଗତାଗତ କୁତୂହଳଂ ନୟନ ୟୋରପାଙ୍ଗା ବଧି
ସ୍ମିତ କୁଳ ନତଭ୍ରୁ-ବାମଧର ଏବ ବିଶ୍ରାମ୍ୟତି
ବଚଃ ପ୍ରିୟତମଃ ଶ୍ରୁତେ ରତିଥିରେବ କୋପକ୍ରମଃ
କଦାଚିଦପି ଚେତ୍ତଦା ମନସି କେବଳଂ ମଜ୍ଜତଃ
— ରସମଞ୍ଜରୀ, ପୃ-୧୩



Digitized by srujanika@gmail.com

ଅର୍ଥାତ୍ ନାୟିକାର ବିଭିନ୍ନ ଆଚରଣ ବା ବ୍ୟବହାର ନାୟକଙ୍କୁ ମୁଗ୍ଧ କରିଥାଏ । ଉଭୟ ଆଶ୍ଚର୍ଯ୍ୟ ନାରୀ ଯେ ତାହାର ଲୀଳା ବା ବିଳାସ ଦ୍ୱାରା ନାୟକଙ୍କୁ ବଶୀଭୂତ କରିବା ପାଇଁ ସମର୍ଥ—ଏହା କହିବାକୁ ତତ୍ପର ଥିବା ପରି ଜଣାଯାଏ ।

ଆଲିଙ୍ଗନ ଚୁମ୍ବ ସୁରତ ରସେ ସନ୍ତୋଷ ନୁହଇ ମନ
କେ କି କରିବେ କି କି ନ କରିବେ ଦୁହେଁ ହେଲେ ଛନ୍ନଛନ୍ନ
କ୍ଷୀର ଶାକର ଦୁହେଁ ମିଶିଲେ ଯେସନେ ହୁଅଇ ଅଭେଦ
ଉମା ଶିବ ଦ୍ୱୟେ ଦେହ ନ ଧରଇ ତହିଁକି ଲଭନ୍ତି ଖେଦ ।୩।

ନାୟକ ନାୟିକା ସମ୍ଭୋଗରେ ବ୍ୟାପୃତ ହେଲେ ଉଭୟଙ୍କର ସ୍ଥିତିକୁ ଭୁଲିଯାଆନ୍ତି । ଆଲିଙ୍ଗନ ଓ ଚୁମ୍ବନ ଆଦି ବିଭିନ୍ନ କ୍ରିୟା ସେମାନଙ୍କର ସନ୍ତୋଷ ବିଧାନ କରିବା ପରିବର୍ତ୍ତେ ମିଳନ ପିପାସାକୁ ବୃଦ୍ଧି କରିଥାଏ । ସେମାନେ ଏପରି ଅବସ୍ଥାରେ ଉପନୀତ ହୁଅନ୍ତି ଯେ କଅଣ କରିବେ ଓ କଅଣ ନ କରିବେ ତାହା ସ୍ଥିର କରିପାରନ୍ତି ନାହିଁ । କାଳିଦାସ ନାୟକ ନାୟିକାଙ୍କର ଏପରି ଅବସ୍ଥାର ବର୍ଣ୍ଣନା ଦେଇ କହିଛନ୍ତି କାମ ରୋଗରେ ପୀଡ଼ିତ ହେଲେ ଚେତନ ଓ ଅଚେତନ ସ୍ଥିତିକୁ ଜାଣିହୁଏ ନାହିଁ (୧୨) । ଅମରୁକଙ୍କ ନାୟିକା ସଖୀକି କହୁଛି ଯେ ପ୍ରିୟ ଅଙ୍ଗସଙ୍ଗ ହେବାକ୍ଷଣି ତା'ର ସମସ୍ତ ଜ୍ଞାନ ଓ ସ୍ମୃତି ଲୋପ ପାଇଯାଇଛି । ତାହାର କିଛି ସ୍ମରଣ ନାହିଁ ସେ କିଏ ବା ତା'ର ପତି କିଏ (୧୩) । ନାୟକ ନାୟିକାଙ୍କୁ ଆଲିଙ୍ଗନ କରିବା ସମୟରେ ପରସ୍ପର ଏକାକାର ହୋଇଯାଉଥିବା ଏବଂ ଉଭୟଙ୍କ ମଧ୍ୟରେ ଭିନ୍ନବୋଧ ଜ୍ଞାନ କରି ନ ପାରୁଥିବା ଦୃଶ୍ୟ ଭର୍ତ୍ତୃହରିଙ୍କ ଶୃଙ୍ଗାର ଶତକରେ ମଧ୍ୟ ଉପଲବ୍ଧ

---

(୧୨) କାମାର୍ତ୍ତା ହି ପ୍ରକୃତି କୃପଣା ଶ୍ଚେତନାଚେତନେଷୁ
— ମେଘଦୂତ

(୧୩) ଏତବଦ୍ଦଶ୍ୟ ! ବେଦ୍ମି ସାମ୍ପ୍ରତମେହଂ ତସ୍ୟାଙ୍ଗ ସଙ୍ଗେ ପୁନଃ
କୋଽୟଂ କସ୍ମି ରତଂ ନୁ ବା ସ୍ୱଳ୍ପାପି ମେନଃ ସ୍ମୃତି
— ଅମରୁ ଶତକମ୍/୭୨



Digitized by srujanika@gmail.com

ହୁଏ (୧୪)। ଭାନୁଦତ୍ତଙ୍କ ଅନୁଯାୟୀ ପ୍ରଗଲ୍‌ଭ ନାୟିକା ରତି ପ୍ରୀତିମତି ଚେଷ୍ଟାପରେ ଆନନ୍ଦ ସମ୍ମୋହବତୀ ଅବସ୍ଥାରେ ଉପନୀତ ହୁଏ। ରତି ପ୍ରୀତିମତି ଅବସ୍ଥାରେ ସେ କେବଳ ଆନନ୍ଦ ଲାଭକରେ କିନ୍ତୁ ତାର ଭେଦାଭେଦ ଆଦି ବାହ୍ୟ ଜ୍ଞାନ ଥାଏ। ସମ୍ଭୋଗ ସମୟରେ କେବଳ ଆଲିଙ୍ଗନ ଚୁମ୍ବନାଦି କ୍ରିୟା ନାୟକ ନାୟିକାକୁ ସନ୍ତୁଷ୍ଟ କରିପାରେ ନାହିଁ। ଏହାପରେ ଆନନ୍ଦ ସମ୍ମୋହବତୀ ଅବସ୍ଥାରେ ଉପନୀତ ହୁଏ। ଏହି ଅବସ୍ଥାର ଉଦାହରଣରେ କୁହାଯାଇଛି— ସମ୍ଭୋଗ ସମାପ୍ତି ହେବାପରେ ନାୟିକା ତାହାର ବକ୍ଷସ୍ଥଳରେ ପ୍ରିୟର ନଖକ୍ଷତ, ଅଧରରେ ଦନ୍ତକ୍ଷତ ରତ୍ନମାଳା ଛିଣ୍ଡିଯିବା, ମୁକ୍ତାମାଳର ମୁକ୍ତାଗୁଡ଼ିକ ତରଳିଯିବା ଦର୍ଶନ କରିଛି। ସେ କହୁଛି ପ୍ରିୟ ସହିତ ମିଳନ ବେଳେ ଏସବୁ ସ୍ମୃତିରେ କେଉଁଠି ରହେ ? ସଖୀ ଯେଉଁ ମାନ ଆଦି ଶିକ୍ଷା ଦେଇଥାଏ ସେ ବା କେଉଁଠି ରହେ ? (୧୫)। ସେ ସମସ୍ତଙ୍କୁ ଭୁଲି ହୋଇଯାଏ। ସମ୍ଭୋଗ ସମୟରେ ଆତ୍ମବିଭୋର ହୋଇଥିବା ନାୟିକା ହିଁ ଆନନ୍ଦ ସମ୍ମୋହବତୀ ବା ରତ୍ୟାନନ୍ଦ ପରବଶା। ସମ୍ଭୋଗାନ୍ତରରେ ହିଁ ରତି କାଳରେ ହୋଇଥିବା ଅସ୍ତବ୍ୟସ୍ତତା ଜ୍ଞାନ ହୋଇଥାଏ। ଭାନୁଦତ୍ତ କେବଳ ନାୟିକା ଆତ୍ମବିସ୍ମୃତା ହେଉଥିବା କହୁଥିବାବେଳେ ନରସିଂହ ସେଣ ନାୟକ ନାୟିକା ଉଭୟେ ଏକାକାର ହୋଇଯାଉଥିବା କହିଛନ୍ତି।

ନାୟକ ନାୟିକାଙ୍କର ଏପରି ଏକାତ୍ମ ଅବସ୍ଥାକୁ କବି କ୍ଷୀର-ଶର୍କର ଏବଂ ଉମା-ଶିବଙ୍କ ମିଳନ ରୂପେ ଉପମା ପ୍ରୟୋଗ କରିଛନ୍ତି। କ୍ଷୀର ଓ ଶର୍କରକୁ ମିଶାଇଦେବା ପରେ ଆଉ ସେମାନଙ୍କୁ ପୃଥକ୍ କରିହୁଏ ନାହିଁ। ଉମା ଓ ଶିବଙ୍କ ମିଳନରେ ସେମାନଙ୍କୁ ଅର୍ଦ୍ଧନାରୀଶ୍ୱର ରୂପରେ ପରିକଳ୍ପନା କରାଯାଇଛି ଅର୍ଥାତ୍ ସେମାନେ ହେଉଛନ୍ତି ଅବିଚ୍ଛିନ୍ନ। ଶିବ ପାର୍ବତୀ ଅଭେଦ ପ୍ରୀତି ସେମାନଙ୍କ ପ୍ରେମ ବଳରୁ ସଂଘଟିତ (୧୬)। ଶିବ ପାର୍ବତୀଙ୍କ ଏକୀଭୂତ

---

(୧୪) ଆଲିଙ୍ଗିତାୟାଂ ପୁନରାୟତାକ୍ଷ୍ୟାମାଶାସ୍ମହେ ବିଗ୍ରହୟୋରଭେଦମ୍
— ଶୃଙ୍ଗାର ଶତକମ୍/୨୨

(୧୫) ରସମଞ୍ଜରୀ, ପୃ-୪୬

(୧୬) ପ୍ରେମଣା ଶରୀରାର୍ଦ୍ଧ ହରାଂ ହରସ୍ୟ — କୁମାର ସମ୍ଭବମ୍



Digitized by srujanika@gmail.com

ଶରୀରରେ ସାତ୍ତ୍ୱିକ ପ୍ରେମର ଆଦର୍ଶ ରୂପ ଦେଖିବାକୁ ମିଳେ (୧୭)। ରସ ମଞ୍ଜରୀ ଗ୍ରନ୍ଥରେ ପ୍ରଗଲ୍‌ଭା ବାସକସଜ୍ଜା ନାୟିକା ପ୍ରସଙ୍ଗରେ କୁହାଯାଇଛି— ନାୟିକା ମନରେ ଅର୍ଦ୍ଧନାରୀଶ୍ୱର ପ୍ରିୟ ଓ ତାହାର ସମ୍ବନ୍ଧକୁ ଭେଦ ଓ ଅଭେଦ ଦୁଇ ରୂପରେ କଳ୍ପନା କରିଛି। ଏହି ଭେଦରେ ରହିଛି ବିରହ କଷ୍ଟ ସହିବା ଏବଂ ଅଭେଦରେ ରହିଛି ଜଣେ ଅନ୍ୟ ଜଣକୁ ଦେଖି ନ ପାରିବା (୧୮)। ତେଣୁ କବି ସମ୍ଭୋଗର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି ତାହା ଦୀର୍ଘଦିନର ବିରହ ପରେ ମିଳନର ଚିତ୍ରପରି ମନେହୁଏ ସେହି ଅବସ୍ଥାରେ ସେମାନେ ମିଳନାନନ୍ଦରେ ଅଭିଭୂତ ହୋଇ ଏକାକାର ହୋଇଯାଉଥିଲେ. ମଧ୍ୟ ବିରହର ସ୍ମୃତି ତାଙ୍କୁ ବ୍ୟାଥାତୁର କରୁଥିବା ଅନୁମାନ କରାଯାଇପାରେ।

'ତହିଂ କି ଲଭନ୍ତି ଖେଦ' ପ୍ରୟୋଗରୁ ନାୟକ ନାୟିକାଙ୍କୁ ମିଳନ ଯେ ଆନନ୍ଦପ୍ରଦ ହେଉ ନ ଥିଲା ଏହା ଜଣାଯାଏ। ଭାନୁଦତ୍ତ ପ୍ରଗଲ୍‌ଭା ଧୀରା ନାୟିକାର ଲକ୍ଷଣ ନିରୂପଣ କରି କହିଛନ୍ତି ଯେ ଏହି ନାୟିକା ନାୟକ ଅପରାଧରେ କୁପିତା ହୋଇ ସୁରତ କ୍ରୀଡ଼ାରେ ଉଦାସୀନ ଭାବପ୍ରକାଶ କରିଥାଏ (୧୯)। ଧନଞ୍ଜୟ ଏହାର ଉଦାହରଣରେ କହିଛନ୍ତି— ହାଲଆ ହେଲାପରେ ଲୁଗା ଟାଣିଲେ ଆଉ କଳହ କରୁନାହିଁ, ରତି କାଳରେ କେଶ ଧରିଲେ ଭ୍ରୂଲତା ବକ୍ର କରି ଆଉ ଅଧର ଖଣ୍ଡନ କରୁନାହିଁ, ଆପେ ଶରୀରକୁ ସମର୍ପଣ କରିଦେଉଛି ଏବଂ ବଳପୂର୍ବକ ଆଲିଙ୍ଗନ କଲେ ବାଧା ଦେଉନାହିଁ, ଏହିପରି କୋପ କରିବା କୃଶାଙ୍ଗୀ ନାୟିକା ଏବେ କେଉଁଠାରୁ ଶିଖିଛି ! ତାଙ୍କ ଅନୁଯାୟୀ ରତାବୁଦାସୀନା (ରତିରେ ଉଦାସୀନ-ପ୍ରଗଲ୍‌ଭାର

---

(୧୭) ରସ ମଞ୍ଜରୀ ଗ୍ରନ୍ଥର ବ୍ୟାଖ୍ୟା, ପୃ-୪

(୧୮) ତତ୍ରୈବ, ପୃ-୨୧୧

(୧୯) ତତ୍ରୈବ, ପୃ-୫୧



Digitized by srujanika@gmail.com

ଏକ ଭେଦ) ନାୟିକା ଏପରି ହୋଇଥାଏ (୨୦)। ମାନିନୀ ନାୟିକାକୁ ନାୟକ ଆଲିଙ୍ଗନ କଲେ ସେ ବିନା ପ୍ରତିବାଦରେ ଅଙ୍ଗ ସମର୍ପଣ କରୁଥିବାର ଏକ ଦୃଶ୍ୟ ଅମରୁଶତକରେ ଉପଲବ୍ଧ ହୁଏ (୨୧)। ଏହି ଗ୍ରନ୍ଥର ଅନୁବାଦକ ଏହାକୁ 'ନୂଆ ଶଇଳୀ' ଭାବେ ଆଖ୍ୟାତ କରିଛନ୍ତି (୨୨)।

ଚଉଦ ଭୁବନେ ନୃପତି ହୋଇଲେ ତେବେ ନୋହେ ମନ ତୋଷ
ମନର ବନିତା ପାଶରେ ଥିଲେ ମନ ହୁଅଇ ସନ୍ତୋଷ
ରତି ରସରେ ଶତ୍ରୁ ଥିର ହୋଏ ପରମ ଆନନ୍ଦ ଜାତ
ଏ ଦୁଇ ରସକୁ ସେ ଦୁଇ ସାକ୍ଷୀ ମଦନ ମଦନ ସଂଜାତ। ୪।

କବିଙ୍କ ଅନୁଯାୟୀ ସୁବୋଧ ନାୟକ ନିକଟରେ ମନପସନ୍ଦ ନାୟିକା ଥିବା ସମୟରେ ଚଉଦ ଭୁବନର ନୃପତି ପଣ ତୁଚ୍ଛ। ଅର୍ଥାତ୍ ସୁବୋଧ ନାୟିକା କେବଳ ମର୍ତ୍ତ୍ୟ ଭୁବନର ସର୍ବଶ୍ରେଷ୍ଠ ସମ୍ପତ୍ତି ନୁହେଁ— ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଆଦି ଚଉଦ ଭୁବନର ସର୍ବଶ୍ରେଷ୍ଠ କାମ୍ୟବସ୍ତୁ। ବିଦ୍ୟାପତି ନାୟିକାର ମହତ୍ତ୍ୱ ପ୍ରତିପାଦନ କରି କହିଛନ୍ତି— ସକଳ ପ୍ରକାର ସୁଖସମ୍ପଦ

---

(୨୦) ଆଯୁସ୍ତା କଳହଂ ପୁରେବ କୁରୁତେ ନ ସ୍ରଂସନେ ବାସସୋ
ଭଗ୍ନ ଭ୍ରୂଗତି ଖଣ୍ଡ୍ୟମାନ ମଧରଂ ଧତ୍ତେ ନ କେଶଗ୍ରହେ
ଅଙ୍ଗାନ୍ୟର୍ପୟତି ସ୍ୱୟଂ ଭବତି ଯେ ବାମା ହଠାଲିଙ୍ଗନେ
ତନ୍ୟାଃ ଶିକ୍ଷିତା ଏଷ ସମ୍ପ୍ରତି କୁତଃ କୋପ ପ୍ରକାରୋଽପରଃ
— ଦଶ ରୂପକ, ପୃ-୧୦୯

(୨୧) ଅଙ୍ଗାନ୍ୟର୍ପୟତି ସ୍ୱୟଂ ଭବତି ନୋ ବାମା ହଠାଲିଙ୍ଗନେ
— ଅମରୁ ଶତକମ୍/୬୮

(୨୨) ହଠେ ଆଶ୍ଳେଷ କଲେ ଅଙ୍ଗ ନୋହି ତଳେ
ସହଜେ ଅରପଇ ତନୁ ଛଇଳି
ମାନିନୀ ସୁଚତୁରୀ ଶିଖିଲ୍ ସତେ ଏବେ
କୋପ ପ୍ରକାଶ ପାଇଁ ନୂଆ ଶଇଳୀ।
— ପ୍ରୀତି ଶତକ, ପୃ-୬୮



Digitized by srujanika@gmail.com

ବିରହୀକୁ କ୍ଷଣେ କ୍ଷଣେ ବିଦଗ୍ଧ କରୁଥାଏ, ବୈଭବ ତାକୁ ଆନନ୍ଦ ପ୍ରଦାନ କରିପାରେ ନାହିଁ, କିନ୍ତୁ ନାୟିକାର ସାନ୍ନିଧ ତା' ପାଇଁ ଅନୁକୂଳ (୨୩)। ଓଡ଼ିଆ ସାହିତ୍ୟରେ କବି ଉପେନ୍ଦ୍ର ନାୟକର ସ୍ୱକୀୟା ନାୟିକା ସହ ସମ୍ପର୍କକୁ ଇନ୍ଦ୍ର ପଦଠାରୁ ଶ୍ରେଷ୍ଠ ରୂପେ ଗ୍ରହଣ କରିଛନ୍ତି (୨୪)।

କବିଙ୍କ ଅନୁଯାୟୀ ରତି ରସରେ ଚିତ୍ତ ସ୍ଥିରହେବା ସଙ୍ଗେ ସଙ୍ଗେ ପରମ ଆନନ୍ଦ ଜାତ ହୋଇଥାଏ। ସାହିତ୍ୟ ଦର୍ପଣରେ 'ରତି'ର ସଂଜ୍ଞା ନିରୂପଣ କରି କହିଛନ୍ତି— ମନର ଅନୁକୂଳ ଅର୍ଥରେ ମନ ତନ୍ମୟ ହୋଇଯିବାକୁ ରତି କୁହାଯାଏ (୨୫)। ଧନଞ୍ଜୟଙ୍କ ଅନୁଯାୟୀ ରମଣୀୟ ଦେଶ, କଳା, କାଳ, ବେଶ ଓ ଭୋଗ ପ୍ରଭୃତି ଉପଭୋଗରେ ପରସ୍ପର ପ୍ରତି ଅନୁରକ୍ତ ଯୁବକ ଯୁବତୀଙ୍କର ଯେଉଁ ପ୍ରମୋଦ ହୁଏ ତାକୁ ରତି କୁହାଯାଏ ଏବଂ ସେହି ରତି ମଧୁର ଅଙ୍ଗଭଙ୍ଗୀ ମାଧ୍ୟମରେ ପୁଷ୍ଟ ହୋଇ ଶୃଙ୍ଗାର ରସରେ ପରିଣତ ହୁଏ (୨୬)। କବି ନରସିଂହ ସେଣଙ୍କ 'ପରମ ଆନନ୍ଦ ଜାତ'କୁ ଶୃଙ୍ଗାର ରସ ଭାବରେ ଗ୍ରହଣ କରାଯାଇପାରେ। ତାଙ୍କ ରଚିତ ଦୁଇ ରସକୁ ଶୃଙ୍ଗାର ରସ ଓ ଆନନ୍ଦ ରସ ରୂପେ ଗ୍ରହଣ କରିହୁଏ ଏବଂ ଦୁଇ ସାକ୍ଷୀ ହେଉଛନ୍ତି ନାୟକ ନାୟିକା।

---

(୨୩) ନାହି ସମୀର ସୁଖଦ ଜତ ନବୈଭବ
ଅନୁକୂଳ ହୋଏତ କୋଇ
ତହିଁକର ବିରହ ସକଳ ସୁଖ ସମ୍ପଦ
ଖନ ଖନ ଦଗଧଏ ସୋଇ-(ବିଦ୍ୟାପତି ପଦାବଳୀ,
ବେଣୀପୁରୀ ସମ୍ପାଦିତ, ପୃ-୨୪୬)

(୨୪) କି ହେବ ହେଲେ ନୃପତି କି ହେବ ଇନ୍ଦ୍ର ସମ୍ପତ୍ତି
ସବୁ ସୁଖ ମୂଳ ସ୍ଥାନ ଦମ୍ପତି

(୨୫) ରତିର୍ମନୋନୁକୂଲେଽର୍ଥେ ମନସଃ ପ୍ରବଣାୟିତମ୍
— ସାହିତ୍ୟ ଦର୍ପଣ, ପୃ-୨୧୫

(୨୬) ରମ୍ୟ ଦେଶ କଳାକାଳବେଷ ଭୋଗାଦି ସେବନୈଃ
ପ୍ରମୋଦାତ୍ମା ରତି ସୈବ ଯୂନୋରନ୍ୟୋନ୍ୟରକ୍ତୟୋଃ
ପ୍ରହୃଷ୍ୟମାଣଃ ଶୃଙ୍ଗାରୋ ମଧୁରାଙ୍ଗ ବିଚେଷ୍ଟିତୈଃ।
— ଦଶରୂପକ, ପୃ-୨୬୨



Digitized by srujanika@gmail.com

କନ୍ଦର୍ପ ଶର ଦେହରେ ରସଇ କ୍ଷଣକେ ଦେହ ଘାରଇ
ଅଧରୁ ଅମୃତ ଦେଇଣ ଗମା ସବ ଦୁଃଖରୁ ତାରଇ
ଜୀବନ ଉପରେ ଯୁବତୀ ଚୁମ୍ବ ସହ୍ୟଂ ବଦ୍ୟେ ଜୀବଦାନ
କାମେନ୍ଦ୍ର ଚରଣେ ଶରଣ ପଶ ନ ସେବ ଦେବତାମାନ । ୫ ।

କାମଦେବର ଶର ଶରୀରରେ ବିଷ ସଦୃଶ ଜ୍ୱାଳା ସୃଷ୍ଟି କରେ । ବିଦ୍ୟାପତି କହିଛନ୍ତି— କନ୍ଦର୍ପର ପୁଷ୍ପଶର କାହାକୁ ସ୍ପର୍ଶ କରେନାହିଁ ? ଅର୍ଥାତ୍ ସମସ୍ତଙ୍କୁ ସ୍ପର୍ଶ କରେ (୨୭) । ଗୀତଗୋବିନ୍ଦ ଗ୍ରନ୍ଥର ଅନୁବାଦକ ମଦନ ଶର ଦୁଃସହ ହୋଇଥିବା ଏବଂ ଏହି ଶରଘାତରେ ବୁଦ୍ଧି ବୃତ୍ତି ଲୋପ ପାଉଥିବା କହିଛନ୍ତି (୨୮) । ସଙ୍କେତ ସ୍ଥଳରେ ନାୟକକୁ ନ ଦେଖିବାରୁ ନାୟିକା ତ୍ରିଭି କାମଦେବ କାଣ୍ଡ (ଧନୁ) ସଜାଉଥିବା ବର୍ଣ୍ଣନା କରାଯାଇଛି (୨୯) । ଏଠାରେ କାଣ୍ଡ ସଜାଡ଼ିବା ଓ ଶରବିଦ୍ଧ କରିବାକୁ ଏକ ପର୍ଯ୍ୟାୟଭୁକ୍ତ ଗ୍ରହଣ କରାଯାଇପାରେ । ସେହିପରି ଲୁଚି ରହିଥିବା କନ୍ଦର୍ପ ଶରବିଦ୍ଧ କରିବାରୁ ନାୟିକା ଶୂନ୍ୟ ହୃଦୟରେ ଏପରି କଣ୍ଟା ସଦୃଶ ବା କ୍ଷୀଣ ହେଉଥିବା ଦଶରୂପକରେ କୁହାଯାଇଛି (୩୦) । ଏହି ଉଭୟ ଉଦାହରଣରେ ନାୟିକା ବେଦନା ପାଇଥିବା ଶନ୍ଦ ଉପଲବ୍ଧ ହୁଏ । କିନ୍ତୁ ନରସିଂହ ସେଣ କାମଶର ଶରୀର ବିଦ୍ଧ କରୁଥିବା କହୁଥିବା ବେଳେ ପୁରୁଷ ବା ନାରୀକୁ ଲକ୍ଷ୍ୟ ନ କରି

---

(୨୭) କ) ଭନଇ ବିଦ୍ୟାପତି ଧୁହମନ ଜାନୁ
ବିଷମ କୁସୁମ ସର କାହ୍ନେ ଜନୁ ଲାଗୁ
— ବିଦ୍ୟାପତି ପଦାବଳୀ, ପୃ-୧୬

ଖ) ତୋହର କୁସୁମ ସର କତହୁ ନ ସଂଚଇ
ହମରେ ହୃଦୟ ପାଁଚେ ବାନ
— ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୧୦୫

(୨୮) ବୋଲଇ ମଦନ ଶର ଦୁଃସହ ଅଟଇ
କ୍ଷଣିକ ମୋହରେ କିଛି ନ ଜାଣଇ କେହି ।
—ଗୀତଗୋବିନ୍ଦ, ପୃ-୮୯

(୨୯) ରସ ମଞ୍ଜରୀ, ପୃ-୧୮୮

(୩୦) ଦଶ ରୂପକ, ପୃ-୧୩୦

Digitized by srujanika@gmail.com

ସାଧାରଣ ବିବୃତି ଦେଇଥିବା ପରି ଜଣାଯାଏ । କିନ୍ତୁ ପରପାଦରେ 'ବାମା ସର୍ବ ଦୁଃଖରୁ ତାରଇ' ଉକ୍ତିରୁ ନାୟକ ବିରହ କଷ୍ଟଲାଭ କରୁଥିବା ଗ୍ରହଣ କରିହୁଏ । ନାୟିକାର ଅଧରାମୃତ ଦାନ ନାୟକର ସବୁ ପ୍ରକାର ଦୁଃଖକଷ୍ଟକୁ ମୋଚନ କରିପାରୁଥିବା ବିଦ୍ଧ ସ୍ଥଳରେ ପରିଦୃଷ୍ଟ ହୁଏ । କବି ଅମରୁକ କହିଛନ୍ତି— ନାୟିକାର ଅଧର ରସ ନାୟକର ପିପାସାକୁ କେବଳ ଚରିତାର୍ଥ କରେନାହିଁ ବରଂ ପ୍ରାଣର ପିପାସାକୁ ବୃଦ୍ଧି କରେ । ଏହି ରସକୁ ଯେତେ ଆକଣ୍ଠ ପାନ କଲେ ମଧ୍ୟ କାମତୃଷ୍ଣା ନିବାରିତ ନ ହୋଇ ବୃଦ୍ଧି ପାଏ (୩୧) । ଅନ୍ୟ ସ୍ଥଳରେ କୁହାଯାଇଛି, ପ୍ରେୟସୀର ଅଧରରେ ସୁଧା ଥାଏ ଏବଂ ମହୋଦଧି ସୁଧା ଅଧରାମୃତ ସମକକ୍ଷ ହୋଇପାରିବ ନାହିଁ । ସାଗରାମୃତକୁ ଲାଭ କରିବା ପାଇଁ ଦେବତାମାନେ ଶ୍ରମ କରିଥିବାରୁ ମୂଢ଼ ଅଟନ୍ତି (୩୨) । ଗାଥା ସପ୍ତଶତୀରେ ନାୟିକା ଅଧରାମୃତର ପ୍ରଶଂସା କରି ନାୟକ ଗୂଢ଼ ପ୍ରକାଶ କରି କହିଛି— ଦେବତାମାନେ ପାର୍ଥୀଙ୍କ ପ୍ରିୟାର ଅଧର ସୁଧା ଲାଭ ନ କରିଥିବାରୁ ଅମୃତ ଲାଭ କରିବା ନିମନ୍ତେ ସମୁଦ୍ର ମନ୍ଥନ ରୂପ କ୍ଲାନ୍ତିକର କର୍ମରେ ବୃଥା ଶ୍ରମ କରିଥିଲେ (୩୩) । ସେହି ଗ୍ରନ୍ଥର ଅନ୍ୟ ସ୍ଥଳରେ ବିଦଗ୍ଧ ନାୟକ ସହଚରକୁ କହିଛି ଯେ ତା' ପ୍ରିୟାର ମୁଖ ଚନ୍ଦ୍ର ଭଳି, ଅଧର ରସ ଅମୃତ ଭଳି, ମାନ କେଶାକର୍ଷଣ ପୂର୍ବକ ଆବେଗ ସହକାରେ ସେ ଯେଉଁ ବେଗୋଜ୍ଜ୍ୱଳ ଚୁମ୍ବନ ପ୍ରିୟାର ଅଧରରେ ଅଙ୍କନ କରେ ତା'

---

(୩୧) ପୀତୋ ଯତଃ ପ୍ରଭୃତି କାମ ପିପାସିତେ ନ
ତସ୍ୟା ମୟାଧର ରସଃ ପ୍ରଚୁରଃ ପ୍ରିୟାୟାଃ
ତୃଷ୍ଣା ତେ ପ୍ରଭୃତି ମେ ଦ୍ୱିଗୁଣତ୍ୱି ମେତି
— ଅମରୁ ଶତକମ୍/୫୩

(୩୨) ଧ୍ରୁବଂ ତୈରମୃତଂ ଶ୍ରମାୟ ମଥିତୋ ମୂଢୈଃ ସୁରୈଃ ସାଗରଃ
— ଅମରୁ ଶତକମ୍/୨

(୩୩) ମହ୍ଣେ ଆସାଓ କିଅ ମଣ ପାବଓ ପିଅଅମାହର ରସସ୍ସ
ତିଅସେ ହିଁ ଜେଣ ରଅଣା ଅବହି ଅମଅଂସମୁଦ୍ଧରିଅଂ
— ଗାଥା ସପ୍ତଶତୀ, ୭/୯୩



Digitized by srujanika@gmail.com

ସହିତ କେଉଁ ବସ୍ତୁ ସମାନ ? (୩୪)। ଅର୍ଥାତ୍ ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ତା'ର ଉପମା ନାହିଁ। ନାୟକ ପ୍ରଥମ ଦୁଇଟି ପାଇଁ ପାଇଥିଲା ତାହା ପୁଣି ଦ୍ରବ୍ୟ ବସ୍ତୁ ସହ ସାଦୃଶ୍ୟ ବିଧାନ କରି, ପରବର୍ତ୍ତୀ କାର୍ଯ୍ୟ ବା ଅବସ୍ଥା ପାଇଁ, ଉପମା ଅଭାବ ଅନୁଭବ କଲା। ଏଠାରେ ପ୍ରିୟାର ଅଧରାମୃତ ନାୟକଙ୍କୁ ମୋକ୍ଷ ସଦୃଶ ଆନନ୍ଦ ପ୍ରଦାନ କରିଥିବା ଉପଲବ୍ଧ ହୁଏ। ମନୁଷ୍ୟର ମୋକ୍ଷପ୍ରାପ୍ତି ଘଟିଲେ ସେ ସର୍ବପ୍ରକାର ଦୁଃଖ ଭୋଗରୁ ମୁକ୍ତି ଲାଭ କରେ। ବିଦ୍ୟାପତିଙ୍କ ସଖୀ ରାଧାଙ୍କ ସମ୍ମୁଖରେ କହୁଛି— ଯେବେ ସେ ଅଧର ସୁଧା ରସକୁ ପିଇପାରିବ ତେବେ ସେ ଜୀବନ ଲାଭ କରିବ ଅର୍ଥାତ୍ ଶ୍ରୀରାଧାଙ୍କ ଅଧରାମୃତ ହିଁ ଶ୍ରୀକୃଷ୍ଣଙ୍କୁ ପୁନର୍ଜନ୍ମ ଦାନ କରିପାରିବ (୩୫)। କବି ନରସିଂହ ସେଣ ନାରୀର ଅଧରାମୃତ ପୁରୁଷକୁ ପୁନର୍ଜୀବନ ଦାନ କରିବା ପରିବର୍ତ୍ତେ ସବୁ ପ୍ରକାର ଦୁଃଖରୁ ମୁକ୍ତିଦେବା ପ୍ରକାଶ କରିଛନ୍ତି।

ନାରୀ ପୁରୁଷକୁ ଜୀବଦାନ କରୁଥିବା ପଦର ପରବର୍ତ୍ତୀ ଅଂଶରେ କୁହାଯାଇଛି। କାରଣ ନାରୀ ହିଁ ପୁରୁଷକୁ ବିରହ ଜନିତ ଦୁଃଖରୁ ଉଦ୍ଧାର କରିପାରେ। ପ୍ରଭୁ ନିଜ ସେବକକୁ ରକ୍ଷା କରିବା ପରି ନାରୀ ପୁରୁଷକୁ ଦାରୁଣ ବେଦନାରୁ ରକ୍ଷା କରେ। ସାଧାରଣ ନାରୀ ଅପେକ୍ଷା ଯୁବତୀ ହିଁ ଅଧିକ ଆକୃଷ୍ଟ କରିପାରେ। ଭଗବାନ ନିଜର ଅହେତୁକ କୃପା ବଳରେ ଭକ୍ତକୁ ଆକୃଷ୍ଟ କଲାପରି ଯୁବତୀ ପୁରୁଷକୁ ଗ୍ରହଣ କରି ତାହାର ଜୀବନ ରକ୍ଷା କରୁଥିବାରୁ ସେ ପ୍ରଭୁ ସ୍ୱରୂପ। ତେଣୁ କବିଙ୍କର ରସିକମାନଙ୍କ ପ୍ରତି ଆହ୍ୱାନ ଥିଲା ଯେ ସେମାନେ ବ୍ରହ୍ମାଦି ଦେବତାମାନଙ୍କୁ ସେବା ନ କରି ନାରୀର ଶରଣାଗତ ହୁଅନ୍ତୁ। କବି ଅମରୁକ କହିଛନ୍ତି ଯେ କାମିନୀ ହରିଣୀଙ୍କ ପରି

---

(୩୪) ଚନ୍ଦ-ସରିସଂ ମୁହଂ ସେ ସରିସୋ ଅମଅସସ ମୁହରସୋ ତସ୍ସା
ସକଅ-ଗଗହ-ରହସୁଜ୍ଜଲ-ଚୁମ୍ବଏଅଂ କସ୍ସ ସରିସଂ ସେ
— ଛନ୍ଦୈବ, ୩/୧୩

(୩୫) ଭଣହି ବିଦ୍ୟାପତି ତଓଁ ପଏ ଜୀବ
ଅଧର ସୁଧାରସ ଜଓଁ ପାଏ ପୀବ
— ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୧୨୨



Digitized by srujanika@gmail.com

ମୋକ୍ଷ ଦାୟିନୀ ଏବଂ ଦେବତାଙ୍କ ସଦୃଶ (୩୬)। ଓଡ଼ିଆ ସାହିତ୍ୟରେ କବି ଉପେନ୍ଦ୍ର ମଧ୍ୟ ନାରୀକୁ ମୋକ୍ଷଦାୟିନୀ ରୂପେ ଗ୍ରହଣ କରିଥିବା ଜଣାଯାଏ (୩୭)। କେବଳ ସେତିକି ନୁହେଁ ଉପେନ୍ଦ୍ରଙ୍କ ଅନୁଯାୟୀ ଶ୍ରୀକୃଷ୍ଣ ନିଜେ ସ୍ୱୟଂ ପରଂବ୍ରହ୍ମ ବା ଦେବତା ହେଲେ ମଧ୍ୟ ନାରୀର ପ୍ରଭୁତ୍ୱକୁ ସ୍ୱୀକାର କରିବା ନିମନ୍ତେ ରାଧାଙ୍କ ପାଦରେ ଅଳତା ଲଗାଇ ଦେଇଛନ୍ତି (୩୮)।

ସାଧାରଣତଃ ରୋଷ କହିଲେ ନାୟିକାର ମାନକୁ ବୁଝାଇଥାଏ। ନାୟିକାର ମାନକୁ ପ୍ରଶମିତ କରିବାକୁ ହେଲେ ନାୟକକୁ ବିବିଧ ଉପାୟ ଅବଲମ୍ବନ କରିବାକୁ ପଡେ। ସେଥିମଧ୍ୟରୁ ନାୟିକାର ପାଦତଳେ ପଡ଼ିବା ଅନ୍ୟତମ। କିନ୍ତୁ 'ରୋଷ ପଞ୍ଚକ'ରେ କବି ଯେଉଁ ଚିତ୍ର ପ୍ରଦାନ କରିଛନ୍ତି ତାହା ନାୟିକାର ମାନ ଅବସ୍ଥାକୁ ପ୍ରକାଶ କରେନାହିଁ। ଅପର ପକ୍ଷରେ ପୁରୁଷ ନିଜର ସ୍ୱଭାବ ସୁଲଭ ଭଙ୍ଗୀରେ ନାୟିକାକୁ ନିଜର ପ୍ରଭୁ ରୂପେ ଗ୍ରହଣ କରି ତା'ର ଦାସତ୍ୱ ସ୍ୱୀକାର କରେ। ଏଥିରେ ନାୟକର କିଛି କ୍ଷତି ହୁଏ ନାହିଁ ବରଂ ତାହାର ମହତ୍ତ୍ୱ ବୃଦ୍ଧି ପାଏ। କାରଣ ନିଜକୁ ସମ୍ପୂର୍ଣ୍ଣ ରୂପେ ଦାନ କରିପାରିଲେ ହିଁ ପ୍ରେମର ମହତ୍ତ୍ୱ ହୋଇଥାଏ।

---

(୩୬) ତନ୍ୱ୍ୟା ଯତ୍ର ସୁରତାନ୍ତ ତାନ୍ତ ନୟନ ବକ୍ତ୍ରଂ ରତି ବ୍ୟତ୍ୟୟେ
ତତ୍ତ୍ୱାଂ ପାତୁ ଚିରାୟ କ ହରିହର ସ୍କନ୍ଦାଦିଭିର୍ଦେବତୈ
— ଅମରୁ ଶତକମ୍/୧

ଏହାର ଓଡ଼ିଆ ଅନୁବାଦରେ କୁହାଯାଇଛି—
କ୍ଳାନ୍ତ କାମଶ୍ରାନ୍ତ ନୟନ, ଏ ଶିରୀ ଭରି ଯେଉଁ ଲପନ
ସେ ସାହା ହେଉ ସଦା ତୁମରେ
ଲଭିବା ବୃଥା ହରି ଶିବରେ
— ପ୍ରୀତି ଶତକ, ପୃ-୧

(୩୭) ଜବାଧରୀ ଦେହ ଇତର ନୁହଇ ମୁବା ବଇକୁଣ୍ଠପୁର –

(୩୮) ରାଧା ମାନ ଭଞ୍ଜନେ ତା ଚରଣ ଅଳତା
ବନଯୁ ରଚନେ କଲେ ଅଳକେ ରଞ୍ଜିତା
— ରସମଞ୍ଜରୀ, ପ୍ରଥମ ଗୁଚ୍ଛ, ପ୍ରଥମ ପୁଷ୍ପ/୧୨



Digitized by srujanika@gmail.com

## ୬. ପ୍ରକୃତି ପଞ୍ଚକ

କମଳ ଫୁଲ ଅତି ନିର୍ମଳ ସର୍ବଭୂତେ ମନୋହର
ଜନ୍ମଟା ଜୀବନ ବିଫଳ ହୋଏ ଯଦି ନ ଚୁମ୍ବେ ଭ୍ରମର
ମନ-କୁସୁମ ଅତି ସୁଷମ ତହିଁ ଭ୍ରମର ବୁଲଇ
ପଦ୍ମିନୀ ଯୁବତୀ ନ ପାଇବା ଯାକେ ରସିକେ କାତର ହୋଇ ।୧।

କମଳ ଫୁଲ ତାହାର ରୂପ ଓ ଗନ୍ଧ ବଳରେ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । କବିଙ୍କ ଅନୁଯାୟୀ ଯଦି ଭ୍ରମର ପଦ୍ମଫୁଲକୁ ଉପଭୋଗ ନ କରେ ତେବେ ସେହି ଫୁଲର ଜନ୍ମ ବୃଥା ହୁଏ କାରଣ ସେ ଉପଯୁକ୍ତ ପାତ୍ରରେ ନିଜକୁ ଦାନ କରିପାରେ ନାହିଁ । କବି ପ୍ରକୃତିର ଏହି ଦୃଶ୍ୟକୁ ନାୟକ ନାୟିକାଙ୍କ ସହ ସମ୍ପର୍କିତ କରିଛନ୍ତି । ପୁରୁଷର ମନ ଭ୍ରମର ପରି । ଭ୍ରମର ପଦ୍ମଫୁଲକୁ ନ ପାଇବା ପର୍ଯ୍ୟନ୍ତ ସନ୍ତୁଷ୍ଟ ନ ହେବାପରି ନାୟକ ପଦ୍ମିନୀ ଜାତୀୟା ନାରୀ ବା ନିଜ ପସନ୍ଦ ମୁତାବକ ରସବତୀ ନାରୀକୁ ନ ପାଇବା ପର୍ଯ୍ୟନ୍ତ ଉତ୍କଣ୍ଠିତ ହୋଇ ରହିଥାଏ ।

କବି ବିଦ୍ୟାପତିଙ୍କ ଅନୁଯାୟୀ ଲକ୍ଷେ ପ୍ରକାର ତରୁବର (ବୃକ୍ଷ ଶ୍ରେଷ୍ଠ) କୋଟି କୋଟି ଲତା ଏବଂ ଅଗଣିତ ଯୁବତୀ ରହିଛନ୍ତି । ସବୁ ଫୁଲରେ ମଧୁ ନ ଥାଏ, ବିଶେଷ ଫୁଲରେ ମଧୁ ଥାଏ । ଭ୍ରମର କୌଣସି ଫୁଲକୁ ନିନ୍ଦାକରି ତ୍ୟାଗ କରିଥାଏ ପୁଣି କେଉଁ ଫୁଲରେ ବସିକରି ସେହି ଫୁଲକୁ ଭୁଲିପାରେ ନାହିଁ । ଯେଉଁ ଫୁଲରେ ଉଡି ଉଡ଼ି କରି ବସେ ସେହି ଫୁଲର ଜୀବନଧାରଣ ସାର୍ଥକ (୧) । ସେ ପୁଣି ଅନ୍ୟ ସ୍ଥଳରେ କହିଛନ୍ତି ଯେ

---

(୧) ଲଖେ ତରୁଅର କୋଟି ହି ଲତା
ଜୁବତୀ କତ ନ ଲେଖ
ସବ ଫୂଲ ମଧୁ ମଧୁକର ନହି
ଫୂଲହୁ ଫୂଲ ବିସେଖ
କୋ ଫୂଲ ଉମତ ନିନ୍ଦହୁ ଭୂମର
ବାସି ନ ବିସାରୈ ପାର
ଜାହି ମଧୁକର ଉଡ଼ି ଉଡ଼ି ପଡ
ସେହେ ସସାରକ ସାର
— ବିଦ୍ୟାପତି ପଦାବଳୀ



Digitized by srujanika@gmail.com

ଶରଦରେ ଭ୍ରମରକୁ ବ୍ୟାକୁଳିତ କରିପାରୁଥିବାରୁ ମାଳତୀ ଫୁଲର ଜନ୍ମ ସଫଳ (୨)। କବି ନରସିଂହ ସେନ ଚତୁରତାର ସହିତ ବିଦ୍ୟାପତିଙ୍କର ଭାବକୁ ଗ୍ରହଣ କରିଥିଲେ ମଧ୍ୟ ମାଳତୀ ଫୁଲକୁ ପଦ୍ମଫୁଲରେ ପରିବର୍ତ୍ତିତ କରିଛନ୍ତି ।

ସ୍ତ୍ରୀମାନଙ୍କର ଅଜ୍ଞାନପଣ ବିଚାର ନ ଜାଣନ୍ତି ନାହିଁ
ସୁବୋଧ ସୁଜାଣ ପୁରୁଷେ ଥାଉ ରମନ୍ତି ଗୁଆଁର ତହିଂ
ବେଦକୁ ମୋହଇ ଝୁରୁ ରସବତୀ ସୁରଙ୍ଗ କମଳ ଫୁଲ
କଳାନିଧି ଦେଖି ମୁଦିତ ହୁଅଇ ଚଣ୍ଡ କିରଣେ ସେ ମେଳ ।୨।

କବିଙ୍କ ଅନୁଯାୟୀ ସ୍ତ୍ରୀମାନେ ହୋଇଛନ୍ତି ପ୍ରକୃତରେ ଅବୋଧ । ସେମାନେ ଭଲମନ୍ଦ ବିଚାର କରିପାରନ୍ତି ନାହିଁ । ପୁରୁଷର ସ୍ୱଭାବକୁ ଅନୁଶୀଳନ ନ କରି ସୁବୋଧ ପୁରୁଷକୁ ତ୍ୟାଗକରି ଗୁଆଁର ପ୍ରତି ଆକୃଷ୍ଟ ହୁଅନ୍ତି । କବି ନାରୀର ଏହି ପ୍ରକୃତିକୁ ପ୍ରକୃତର କମଳ ଫୁଲ ଦୃଶ୍ୟ ମଧ୍ୟରେ ଦେଖିଛନ୍ତି । ପଦ୍ମଫୁଲ ଉତ୍ତମ ସୌନ୍ଦର୍ଯ୍ୟ ଓ ରସଯୁକ୍ତା ହେଲେହେଁ ଶାନ୍ତ ସ୍ନିଗ୍ଧ ସର୍ବକଳାକର ଚନ୍ଦ୍ରଙ୍କୁ ପରିତ୍ୟାଗ କରି କଠୋର, ରୁକ୍ଷ, ଚଣ୍ଡ କିରଣଯୁକ୍ତ ସବିତା ପ୍ରତି ନିଜର ଅନୁରାଗ ପ୍ରକାଶ କରିଥାଏ । କବିଙ୍କର କମଳ ଫୁଲର ପ୍ରକୃତି ସଙ୍ଗରେ 'ବେଦକୁ ମୋହଇ' ପ୍ରୟୋଗ ସ୍ପଷ୍ଟ ରୂପେ ବୁଝିହୁଏ ନାହିଁ ।

ସ୍ତ୍ରୀମାନଙ୍କର ଅବିଚାର ସମ୍ପର୍କରେ ଏକ ଦୃଶ୍ୟ ଗାଥା ସପ୍ତଶତୀରେ ଉପଲବ୍ଧ ହୁଏ— କୌଣସି ଏକ ନାଗରିକ ତାହାର ମିତ୍ରକୁ କହୁଛି ଯେ ଗୌରବଶାଳୀ ବ୍ୟକ୍ତି ମଧ୍ୟ ସ୍ତ୍ରୀମାନଙ୍କ ହୃଦୟରେ ଚିରକାଳ ବାସ କରିପାରନ୍ତି ନାହିଁ । ଏପରି ସ୍ଥଳେ ସାଧାରଣ ଲୋକଙ୍କ ସମ୍ପର୍କରେ କ'ଣ ଚର୍ଚ୍ଚା

---

(୨) ମାଲତି ! ସଫଲ ଜୀବନ ତୋର
ତୋର ବିରହେ ଭୁବନ ଭମଏ
ଭେଲ ମଧୁକର ଭୋର
— ବିଦ୍ୟାପତି ପଦାବଳୀ, ବେଣୀପୁରୀ ସମ୍ପାଦିତ, ପୃ-୧୩୩



Digitized by srujanika@gmail.com

କରାଯାଇପାରେ ? (୩)। ଏଠାରେ ନରସିଂହ ସେଣଙ୍କ ଉକ୍ତିର ସାଦୃଶ୍ୟ ପରିଲକ୍ଷିତ ହେଉ ନ ଥିଲେ ହେଁ ନାରୀର ସ୍ୱଭାବ ଯେ ପରିବର୍ତ୍ତନଶୀଳ ତାହା ହୃଦୟଙ୍ଗମ କରିହୁଏ।

ନଗରେ ଥିଲେ ନାଗରୀ ମୁହାଇ ଦେଶରେ ନୋହେ ଗୁଆଂଣ୍ଡି
କାମର ପ୍ରଭାବେ ରସବତୀ ହୋନ୍ତି ଜନ୍ମଥାନ ନ ବିଚାରି
ନୀରସ କେତକୀ ନଗରେ ସ୍ଥିତ ସରସ ମାଳତୀ ବନେ
ପୁରୁଷ ଭ୍ରମର ପ୍ରବେଶ ଯେମନ୍ତ ସ୍ଥାନ ନ ବିଚାରି ମନେ।୩।

ନାରୀର ସ୍ୱଭାବ ଜନ୍ମସ୍ଥାନ ଉପରେ ନିର୍ଭର କରେନାହିଁ, ବରଂ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ। ଏହି ପାରିପାର୍ଶ୍ୱିକ ପରିସ୍ଥିତିକୁ 'କାମ' ଭାବେ ଗ୍ରହଣ କରାଯାଇପାରେ। ଆଲୋଚ୍ୟ ଗ୍ରନ୍ଥର ପ୍ରଥମ ପାଦରେ ନାଗର ଓ ନାଗରୀଙ୍କ ସମ୍ପର୍କରେ ଏହା ରଚିତ— ପ୍ରଦତ୍ତ ଏହି ସୂଚନାରୁ ନାରୀ ରସିକ ରସିକାଙ୍କ ସଂସ୍ପର୍ଶରେ ଆସିଲେ ପ୍ରକୃତ ଭାବରସ ଜାଣିବାକୁ ବା ବୁଝିବାକୁ ସମର୍ଥ ହେଉଥିବା ଜଣାଯାଏ। କବି ନାରୀର ଏହି ପ୍ରକୃତିକୁ କେତକୀ ଓ ମାଳତୀ ଫୁଲ ସହ ତୁଳନା କରିଛନ୍ତି। କେତକୀ ଫୁଲ ନଗର ବା ଜନପଦରେ ପ୍ରତିଷ୍ଠିତ ହେଲେ ହେଁ ରସହୀନ ହେତୁ ଭ୍ରମରକୁ ଆକୃଷ୍ଟ କରିପାରେ ନାହିଁ କିନ୍ତୁ ଅପର ପକ୍ଷରେ ବନମାଳତୀ ଜନମାନସର ଅଗୋଚରରେ ବଣ ଜଙ୍ଗଲରେ ଫୁଟି ତାହାର ସୁବାସକୁ ଚତୁର୍ଦ୍ଦିଗରେ ପ୍ରସାରଣ କରେ। ମାଳତୀ ରସଯୁକ୍ତା ହୋଇଥିବାରୁ ଭ୍ରମର ତାହା ପ୍ରତି ଆକୃଷ୍ଟ ହୋଇ ରସପାନ କରିବା ନିମନ୍ତେ ବହୁ ଦୂର ହୋଇଥିଲେ ହେଁ ବନ ମଧ୍ୟକୁ ଗତି କରେ। ରସିକ ପୁରୁଷ ସେହିପରି ପାଖରେ ଥିବା ରସହୀନା ଗୁଆଂଣ୍ଡି ନାରୀକୁ ପରିତ୍ୟାଗ କରି ରସବତୀ ନାୟିକା ଦୂରରେ ଥିଲେ ହେଁ ତାହାକୁ ଲାଭ କରିବା ନିମନ୍ତେ ବ୍ୟାକୁଳ ହୁଏ।

ଗ୍ରାମ୍ୟା ନାୟିକାକୁ ଗୁଆଂଣ୍ଡି ଭାବେ ପରିକଳ୍ପନା ଗାଥା ସପ୍ତଶତୀରେ ପରିଦୃଷ୍ଟ ହୁଏ। ସେଥିର ଏକ ସ୍ଥଳରେ ନାୟିକା କହୁଛି ସେ ହେଉଛି ଗ୍ରାମ୍ୟ

---

(୩) କହିଁ ଣାମ ତୀଅ ତହ ସୋ ସହାବ ଗୁରୁଓ ବ ଥଣହରେ ପଡ଼ିଓ
ଅହବା ମହୁଲାଣଁ ଚିର କୋ ଭଣ ହୁଅଅମ୍ଭି ଫଟାଇ
— ଗାଥା ସପ୍ତଶତୀ, ୩/୭୮



Digitized by srujanika@gmail.com

ବାସିମା,ତେଣୁ ଗୁଆସ । ନଗରର ସ୍ୱଭାବ ତାଙ୍କୁ ଜଣାନାହିଁ । ତେଣୁ ନଗରସ୍ଥିତ ପୁରୁଷରମନଙ୍କୁ ଯେ ଆକର୍ଷିତ କରିବ ସେ ନେଇ (୪) । 'ଚନ୍ଦ୍ରାଲୋକ'ଗ୍ରନ୍ଥରେ ଗାଗାଭଟ୍ଟଙ୍କ ସ୍ୱକାଗମଙ୍କ ବ୍ୟାଖ୍ୟାରେ ଅନୁରୂପ ବର୍ଣ୍ଣନା ଦେଖାଯାଏ (୫) ।

ନାଗର ଓ ନାଗରୀ ପ୍ରୟୋଗ ନିମନ୍ତେ 'ନଗର'ର ଗୁରୁତ୍ୱ ଯଥେଷ୍ଟ । ବାତ୍ସ୍ୟାୟନ କାମସୂତ୍ର ଗ୍ରନ୍ଥର ପ୍ରଥମ ଅଧିକରଣରେ ଚତୁର୍ଥ ଅଧ୍ୟାୟ ଏବଂ ଚତୁର୍ଥ ପ୍ରକରଣର ନାମ ରଖିଛନ୍ତି— 'ନାଗରକ ବୃତ୍ତ ପ୍ରକରଣମ୍' । ଏହାର ଆରମ୍ଭରେ କୁହାଯାଇଛି ପୁରୁଷ ବିଦ୍ୟାଧ୍ୟୟନ ଶେଷକରି ପ୍ରତିଗ୍ରହ, ଜୟ, ବାଣିଜ୍ୟ ଓ ସେବାରୁ ଲବ୍ଧ ବା କୁଳକ୍ରମାଗତ ଅଥବା ଉଭୟଲବ୍ଧ ସମ୍ପତ୍ତିରେ ପୂର୍ଣ୍ଣ ହୋଇ ଗୃହସ୍ଥାଶ୍ରମରେ ପ୍ରବେଶ କରି ନାଗରକ ଆଚରଣ କରିବ (୬) । ନାଗରକର ବାସସ୍ଥାନ ସମ୍ପର୍କରେ ସେ ସୂଚନା ଦେଇ କହନ୍ତି, ସଜ୍ଜନମାନଙ୍କରେ ପୂର୍ଣ୍ଣ ନଗର, ପତ୍ତନ, ଖର୍ବଟ ବା ତଦ୍ରୂପ ବଡ଼ ସ୍ଥାନ (ସହର) ମାନଙ୍କରେ ନାଗରକ ବାସ କରିଥାଏ (୭) । ଉକ୍ତ ଗ୍ରନ୍ଥର ବ୍ୟାଖ୍ୟାକାରଙ୍କ ଅନୁଯାୟୀ ଆଠଶହ ଗ୍ରାମର କାରବାରକୁ ନଗର

---

(୪) ଗାମାରୁହ ମିହ, ଗାମେ ବସାମି ଣଅରଟ୍ଠିଇ ଣ ଆଣାମି
ଣା ଆଣଆଣଂ ପଇଣୋ ହରେମି ଜା ହୋମି ସା ହୋମି
— ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ/୭୦୨)

(୫) ଗ୍ରାମ୍ୟାଽସି ନାଗରିବୃତ୍ତେରନଭିଜ୍ଞାଽସି ତା ଦୂତୀ
ରମଣୀନାଂ ମାନସ ନ ନାଗରିଣାଂ ହରମ୍ୟହମ୍
— ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ) ଉତ୍ତରାର୍ଦ୍ଧ ପୃ-୧ରୁ ଗୃହୀତ

(୬) ଗୃହୀତବିଦ୍ୟଃ ପ୍ରତିଗ୍ରହଜୟକ୍ରୟନିର୍ବେଶାଧିଗତୈରର୍ଥୈରନ୍ୱୟାଗତୈ-
ରୁଭୟୈର୍ବା ଗାର୍ହସ୍ଥ୍ୟମଧିଗମ୍ୟ ନାଗରକ ବୃତ୍ତିତେ
—କାମସୂତ୍ରମ ପ୍ରଥମ-ମଧିକରଣ, ୪ର୍ଥ ଅଧ୍ୟାୟ/୧

(୭) ନଗରେ ପତ୍ତନେ ଖର୍ବଟେ ମହତି ବା ସଜ୍ଜନାଶ୍ରୟେ ସ୍ଥାନମ୍
— ତତ୍ରୈବ, ପ୍ରଥମ ପ୍ରକରଣ, ୪ର୍ଥ ଅଧ୍ୟାୟ/୨



Digitized by srujanika@gmail.com

କୁହାଯାଏ (୮) । ବାତ୍ସ୍ୟାୟନ ଗ୍ରାମବାସୀଙ୍କ କର୍ତ୍ତବ୍ୟ ନିରୂପଣ କରି କହିଛନ୍ତି ପଲ୍ଲୀରେ ରହିବା ଲୋକ ମଧ୍ୟ ସମାନ ଜାତୀୟ କଳାବିଦ୍ କୁତୂହଳୀ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରି ନାଗରକ ଚରିତ ବର୍ଣ୍ଣନା କରି ସେମାନଙ୍କ ଶ୍ରଦ୍ଧାଜାତ କରି ନିଜେ ନାଗରକ ଚରିତ ଅନୁକରଣ କରିବ, ନାନା ପ୍ରକାର ଗୋଷ୍ଠୀ କରିବ, ନାଗରକମାନଙ୍କ ସହିତ ମିଶି ଜନମାନଙ୍କର ମନୋରଞ୍ଜନ କରିବ, ସେମାନଙ୍କ କାମରେ ସାହାଯ୍ୟ କରିବ ଓ ସେମାନଙ୍କ ସାହାଯ୍ୟରେ ନିଜର ଉପକାର କରିବ (୯)। ପୁଣି ନାଗରକର କର୍ତ୍ତବ୍ୟ ହେଲ — ନିଜର ନିତ୍ୟକୃତ୍ୟ ସମାପନ କରିବା, ବସ୍ତ୍ର ଭୂଷଣ ଅଙ୍ଗରାଗରେ ନିଜକୁ ସଜ୍ଜିତ କରିବା, ଅବସର ବିନୋଦନରେ ଶୁଆଶାରୀ ପଢ଼ାଇବା, କୁକ୍କୁଟ ମେଷଯୁଦ୍ଧ ଦେଖିବା, କଳାକ୍ରୀଡା, ରାତିରେ ସଙ୍ଗୀତାଦି, ଘଟାନିବନ୍ଧନ, ଗୋଷ୍ଠୀବିହାର, ପାନଗୋଷ୍ଠୀ, ଉଦ୍ୟାନ ବିହାର, ଜଳକେଳି ଓ ବହୁଜନ ସହିତ କ୍ରୀଡା ଇତ୍ୟାଦି (୧୦)। କାମସୂତ୍ରକାର ନାଗରୀକର କର୍ତ୍ତବ୍ୟ ସୂଚନା ପ୍ରଦାନ କରିଥିଲେ ହେଁ ଗ୍ରାମବାସୀ ଯେ ସେଥିରୁ ବଞ୍ଚିତ ନୁହେଁ ତାହା ନିର୍ଦ୍ଧାରଣ କରିଛନ୍ତି। ନରସିଂହ ସେଣ ତେଣୁ ନାରୀ ଚରିତ୍ରକୁ ବିଶ୍ଳେଷଣ କରି କହିଛନ୍ତି ଯେ ଗୁଆଁରୀ ବା ରସବତୀ ହେବା ଗ୍ରାମ ବା ନଗର ଆଦି ସ୍ଥାନ ଉପରେ ନିର୍ଭର କରେ ନାହିଁ। ବିଦ୍ୟାପତି ନଗର ନିବାସିନୀ ସୁଚତୁରା ନାରୀକୁ ନାଗରୀ ରୂପେ ପରିକଳ୍ପନା କରିଛନ୍ତି (୧୧)।

କେତନି ପୁଷ୍ପ ନିକଟରେ ରୂପ ଓ ସୁଗନ୍ଧ ଥିଲେ ମଧ୍ୟ ଭ୍ରମର ତାହା ନିକଟକୁ ଯାଏ ନାହିଁ । ଏଥିନିମନ୍ତେ ବାଧକ ହୋଇଥାଏ ତାହାର

---

(୮) ତତ୍ରୈବ, ପୃ-୫୧

(୯) ନାଗରିକ ଜନସ୍ୟ ବୃତ୍ତିଂ ବର୍ଣ୍ଣୟନ୍ ଶ୍ରଦ୍ଧାଂଚ ଜନୟନ୍ତଂ ଦେବାନୁକୁର୍ବୀତ । ଗୋଷ୍ଠୀଚ ପ୍ରବର୍ତ୍ତୟେତ୍ । ସଙ୍ଗତ୍ୟା ଜନମନୁରଞ୍ଜୟେତ୍ । କର୍ମସୁ ସାହାଯ୍ୟେନ ଚାନୁଗୃହ୍ଣୀୟାତ୍, ଉପକାର ୟେଚ୍ଚ ।
— ତତ୍ରୈବ, ପ୍ରଥମ ମଧିକରଣ ୪ର୍ଥ ଅଧ୍ୟାୟ/୩୭

(୧୦) ତତ୍ରୈବ, ପ୍ରଥମ ମଧିକରଣ ଚତୁର୍ଥ ଅଧ୍ୟାୟ

(୧୧) ବିଦ୍ୟାପତି ପଦାବଳୀ, (ବେଣୀପୁରୀ ସମ୍ପାଦିତ), ପୃ-୭୮



Digitized by srujanika@gmail.com

ରସଶୂନ୍ୟତା । କିନ୍ତୁ ମାଳତୀ ପୁଷ୍ପ ରସ ପରିପୂର୍ଣ୍ଣା ହୋଇଥିବାରୁ ଭ୍ରମରର ଆକର୍ଷଣୀୟ ହୋଇଥାଏ । କବି ବିଦ୍ୟାପତି ମାଳତୀକୁ ରସପୂର୍ଣ୍ଣା ହୋଇଥିବା କହିଥିଲେ ହେଁ କେତକୀ ରସହୀନା ହୋଇଥିବା ନ କହି ଭ୍ରମର ତାହା ନିକଟକୁ କଣ୍ଟକ ବାଧା ସୃଷ୍ଟି କରିଥିବା ପ୍ରକାଶ କରିଛନ୍ତି (୧୨) । ସେହିପରି ଗାଥା ସପ୍ତଶତୀରେ କେତକୀ ପୁଷ୍ପ ଗନ୍ଧଯୁକ୍ତ ହେଲେହେଁ ରସହୀନ ହୋଇଥିବା ପ୍ରକାଶିତ (୧୩) ।

ରସିକ ନାୟକ ପ୍ରକୃତରେ ରସବତୀ ନାରୀର କାମନା କରିଥାଏ । ରସବତୀ ନାରୀର ସାନ୍ନିଧ୍ୟ ଲାଭ କଲେ ତାହାର ବାସସ୍ଥଳୀ ସମ୍ପର୍କରେ ବିସ୍ମୃତ ହୋଇ ସେ ତାହାକୁ ଉପଭୋଗ କରିବା ନିମନ୍ତେ ବ୍ୟାକୁଳ ହୁଏ । ଅର୍ଥାତ୍ ନାୟକର ହିତାହିତ ଜ୍ଞାନ ରହେନାହିଁ । କବି ଉପରୋକ୍ତ ଦୃଶ୍ୟରେ ଭ୍ରମରର ମାଳତୀ ପୁଷ୍ପ ରମଣକୁ ସ୍ମରଣ କରିଛନ୍ତି । ଗାଥା ସପ୍ତଶତୀରେ ସଖୀ ଅନ୍ୟ ଜଣେ ସଖୀକୁ କହୁଛି— ଅନିପୁଣ ଭ୍ରମର ପ୍ରେମ ରସପାନ ନିମନ୍ତେ ପ୍ରମତ୍ତ ହୋଇଛି । ପୁଷ୍ପର ସନ୍ଧିବନ୍ଧ ଖୋଲି ଜାଣେନାହିଁ କି କଳିକାର ମୁଖ ଫୁଟାଇ ଜାଣେନାହିଁ । ମତ୍ତତା ହେତୁ କେବଳ ପାଖୁଡ଼ାଗୁଡ଼ିକୁ କାଟି ପକାଇ ରସପାନ କରୁଛି । ନାୟକ ପକ୍ଷେ ଅବିଦଗ୍ଧ ନାୟକ ମୁଗ୍ଧା 'ନ ବୋଢ଼ା'କୁ ବିକଶିତ ନ କରି କ୍ଲେଶପ୍ରଦ ଉପାୟରେ ରସଭୋଗ କରୁଛି (୧୪) । ଉଭୟ

---

(୧୨) କଣ୍ଟକେ ମାଝ କୁସୁମ ପରଗାସ
ଭମର ବିକଲ ନହିଁ ପାବଏ ବାସ
ରସମତି ମାଲତି ପୁନ ପୁନ ଦେଖି
ପିବଏ ଚାହ ମଧୁ ଜୀବ ଉପେଖି
— ବିଦ୍ୟାପତି ପଦାବଳୀ, ପୃ-୧୬

(୧୩) କେଅଇଗନ୍ଧହଗବ୍‌ଙ୍କର ଅରଂଜଆଦ୍‌ଦଣୋହ୍ନି
କଂଠଅସବଲଣୁନବ ଛଜ୍‌ଡଅଭବଳାଣଂ
— ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ) / ୭୧୨

(୧୪) ଅବିହତ୍ତ-ସନ୍ଧି-ବନ୍ଧଂ ପଢ଼ମ-ରସୁବ୍‌ଭେଅ-ପାଣ-ଲେହିଲ୍ଲୋ
ଉବ୍ ବେଲଉଂ ଣ ଆଣଇ ଖଣ୍ଡଇ କଲିଆ-ମୁହଂ ଭମରେ ।
— ଗାଥା ସପ୍ତଶତୀ, ୬/୧୩



Digitized by srujanika@gmail.com

କବି ନାୟକର ବ୍ୟଗ୍ରତା ବର୍ଣ୍ଣନା କରିଥିଲେ ହେଁ ଗାଥା ସପ୍ତଶତୀରେ ମୁଗ୍‌ଧା ନାୟିକା ଉପଭୋଗ ସମ୍ପର୍କରେ କୁହାଯାଇ ଥିବାବେଳେ ନରସିଂହ ସେଣ ନାୟିକାର ବାସସ୍ଥାନ ସମ୍ପର୍କରେ ସୂଚନା ଦେଇଛନ୍ତି ।

ରସିକମାନେ ଗରବ ନ କର ବଶ କରିଅଛୁ ନାରୀ
ଦୂରେ ଥିଲେ ରମା ଝାର ନ କରନ୍ତି ଭଲମନ୍ଦକୁ ବିଚାରି
ଚନ୍ଦ୍ରକୁ ରମଇ କୁମୁଦ କୁସୁମ ତା ବିନୁ ବିକାଶ ନୋହେ
ଅନୁରାଗ ଯେବେ ଭ୍ରମର ହୁଅଇ ତାକୁ ଅନୁରାଗ ବହେ ।୭।

ନାରୀର ପ୍ରକୃତି ଅତି ବିଚିତ୍ର । ରସିକ ସୁବୋଧ ପୁରୁଷ ତାହା ନିକଟରେ ଥିଲେ ମଧ୍ୟ ସେ ତାହାଙ୍କୁ ପରିତ୍ୟାଗ କରି ଦୂରରେ ଥିବା ଜା'ର ପୁରୁଷ ପ୍ରତି ହଠାତ୍‌ ଆକୃଷ୍ଟ ହୁଏ । ସେତେବେଳେ ସେ ଭାବର ଭଲମନ୍ଦ ବା ରସିକ ଓ ଗୁଆଂର ମଧ୍ୟରେ ପାର୍ଥକ୍ୟକୁ ଅନୁଶୀଳନ କରେ ନାହିଁ । ଦୂରତ୍ୱ ପ୍ରୀତିର ପରିମାପକ ନୁହେଁ । କାହିଁ କେତେ ଦୂରରେ ଚନ୍ଦ୍ର ଓ କେତେ ଦୂରରେ କୁମୁଦିନୀ ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରୀତି ସଙ୍ଘଟିତ ହୋଇଥାଏ । ଚନ୍ଦ୍ର ହିଁ କୁମୁଦିନୀକୁ ବିକାଶ କରିଥାଏ କିନ୍ତୁ ଯେତେବେଳେ ଭ୍ରମର କୁମୁଦିନୀ ପ୍ରତି ଆସକ୍ତ ହୁଏ ସେତେବେଳେ କୁମୁଦିନୀ ଚନ୍ଦ୍ର କଥା ଭୁଲିଯାଇ ଭ୍ରମର ପ୍ରତି ଅନୁରାଗ ପ୍ରକାଶ କରେ । ନାରୀ ସେହିପରି ରସିକ ପୁରୁଷକୁ ପାଇ ମଧ୍ୟ ଗୁଆଂରକୁ ପାଖରେ ପାଇଲେ ଗୁଆଂର ପ୍ରତି ଆସକ୍ତ ହୁଏ । ତେଣୁ ରସିକ ପୁରୁଷ ଯେ ନାରୀକୁ ସମ୍ପୂର୍ଣ୍ଣ ଭାବେ ବଶୀଭୂତ କରିପାରନ୍ତି ଏହା ଭାବିବା ନିରର୍ଥକ ।

ଅନୁରାଗ ଇ ହି ସାର
ରାଗେଣୀ ହୋଇଲେ ହୃଦୟ ମୋହଇ ଭଲମନ୍ଦ ନ ବିଚାର
ସ୍ୟଷ୍ଟିକ ମାନେ ସୁରଙ୍ଗ ହୋଇଲେ ସେ ନୋହେ ମାଣିକ୍ୟ ମାଳ
ଦେବତାମାନେ ମୁକୁଟ ବନ୍ଧନ୍ତି କାମେଣୀ ତେସନ ଜାଣି ।୫।

କବିଙ୍କ ଅନୁଯାୟୀ ଅନୁରାଗ ହିଁ ପ୍ରୀତି ପ୍ରକାଶର ଶ୍ରେଷ୍ଠ ପରିମାପକ । ନାୟିକା ଅନୁରାଗବତୀ ହେଲେ ନାୟକ ଭଲମନ୍ଦ ବିଚାର ପରିତ୍ୟାଗ ପୂର୍ବକ



Digitized by srujanika@gmail.com

ସ୍ୱତଃ ତାହା ପ୍ରତି ଆକୃଷ୍ଟ ହୁଏ । ନାୟିକାର ରୂପ ଓ ଅନୁରାଗକୁ କବି ରଙ୍ଗ ସ୍ଫଟିକ ଓ ମାଣିକ୍ୟମାଳା ଏବଂ ମୁକୁଟ ପରିଧାନ କରିଥିବା ଦେବତା ଓ ଶ୍ରେଷ୍ଠ ଦେବତା ସହ ତୁଳନା କରିଛନ୍ତି । ବାସ୍ତବ ଜଗତରେ ମାଣିକ୍ୟ ମହାର୍ଘ ବସ୍ତୁ ଏବଂ ଯେ ଶ୍ରେଷ୍ଠ ଦେବତା ସେ ପ୍ରକୃତରେ ଗରିଷ୍ଠ । ସ୍ଫଟିକକୁ ଯେତେ ଲାଲ ରଙ୍ଗରେ ରଞ୍ଜିତ କଲେ ଏବଂ ଗୌଣ ଦେବତା ଯେତେ ମୂଲ୍ୟବାନ୍ ମୁକୁଟ ପରିଧାନ କଲେ ମଧ୍ୟ ତାହା କୌଣସି ମତେ ମାଣିକ୍ୟରେ ବା ଶ୍ରେଷ୍ଠ ଦେବତାରେ ପରିଣତ ହୋଇପାରିବେ ନାହିଁ । ସେହିପରି ନାରୀ ଯେତେ ମୂଲ୍ୟବାନ୍ ବେଶଭୂଷାରେ ସଜ୍ଜିତ ହେଲେ ମଧ୍ୟ ଭାବ ଦୃଷ୍ଟିରୁ ରସବତୀ ବା ଅନୁରାଗବତୀ ନାୟିକା ସହ ସମକକ୍ଷ ନୁହେଁ । ଅନୁରାଗ ହିଁ ପୁରୁଷ ହୃଦୟକୁ ଜୟ କରିବାକୁ ସମର୍ଥ ହୋଇଥାଏ ।

ଉତ୍ତମ ଜନ ଭାବ ନ ଜାଣି ଅଧମ ଜନେ ରତଇ
ଯୁବତୀ ମନସେ ବଶ ନୁହଇ ମୂଢ଼ ରସି ଭଲ ଦିଶଇ
ଯେଉଂ ସ୍ୱର୍ଗପୁର ଦେବଙ୍କୁ ଦୁର୍ଲ୍ଲଭ ଜାଣଇ ତହିଂର ରଙ୍ଗ
ତାହା ତେଜି ଗଙ୍ଗାଜଳେ ପଶି ଲବଣ ଜଳରେ ସଙ୍ଗ ।୭।

ନାରୀ ମନରେ ଅନୁରାଗ ସୃଷ୍ଟି ହେଲେ ତାହାର ଭଲ ମନ୍ଦ ଜ୍ଞାନ ରହେନାହିଁ । ସେ ଉତ୍ତମ ବା ସୁବୋଧ ପୁରୁଷକୁ ପରିତ୍ୟାଗ କରି ଅଧମ ବା ଗୁଆଁର ପ୍ରତି ଆକୃଷ୍ଟ ହୁଏ । ମୂଢ଼ ପୁରୁଷର ସଙ୍ଗ ତାକୁ ସ୍ୱର୍ଗ ସୁଖ ପରି ପ୍ରତୀୟମାନ ହୁଏ । କବିଙ୍କ ଅନୁଯାୟୀ ଏହା ଗଙ୍ଗା ଜଳକୁ ପରିତ୍ୟାଗ କରି ସମୁଦ୍ର ଜଳ ପ୍ରତି ଆକୃଷ୍ଟ ହେବା ସଦୃଶ । ଗଙ୍ଗା ଦେବଙ୍କ ଦୁର୍ଲ୍ଲଭ ସ୍ୱର୍ଗରୁ ପ୍ରବାହିତ । ଏହାର ଶୀତଳ ଜଳ ସ୍ୱଚ୍ଛ ପବିତ୍ର ଓ ଶାନ୍ତି ପ୍ରଦାୟିନୀ । ତୃଷାର୍ତ୍ତ ଲୋକକୁ ଏହି ଜଳ ପରମ ପରିତୃପ୍ତି ପ୍ରଦାନ କରିଥାଏ । ଅପର ପକ୍ଷରେ ସମୁଦ୍ର ଜଳ ଲବଣ ବା କ୍ଷାରଯୁକ୍ତ । ଏହା ତୃଷାର୍ତ୍ତର ତୃଷାକୁ ବୃଦ୍ଧି କରାଏ ପିନା ତୃଷା ନିବାରଣ କରିପାରେ ନାହିଁ । ନାରୀ ସେହିପରି ସୁବୋଧ ପୁରୁଷକୁ ପରିତ୍ୟାଗ କରି ଅଧମ ପୁରୁଷ ପ୍ରତି ଆକୃଷ୍ଟ ହେବା ଫଳରେ ପ୍ରକୃତ ଭାବ-ରସକୁ ଆସ୍ୱାଦନ କରିପାରେ ନାହିଁ ।



Digitized by srujanika@gmail.com

ଉଚ୍ଚ ମୁକ୍ତାବଳୀର ଅନ୍ୟାନ୍ୟ ପଞ୍ଚକ ପାଞ୍ଚଗୋଟି ପଦ ବିଶିଷ୍ଟ ହୋଇଥିବାବେଳେ ପ୍ରକୃତି ପଞ୍ଚକରେ ଛଅଗୋଟି ପଦ ପରିଦୃଷ୍ଟ ହୁଏ । ଏଥିରେ କବି ପ୍ରକୃତିର କେତେକ ରମଣୀୟ ବସ୍ତୁ ଯଥା କମଳ, କେତକୀ, ମାଳତୀ, ଭ୍ରମର, ଚନ୍ଦ୍ର, ଗଙ୍ଗାଜଳ ପ୍ରଭୃତି ସହ ଯୁବା ହୃଦୟର ଅନ୍ତଃପ୍ରକୃତି ତଥା ଅନୁରାଗ ସମ୍ବନ୍ଧିତ ଆତ୍ମୀୟତା ସ୍ଥାପନ କରିଥିବା ଜଣାଯାଏ । ହିନ୍ଦୀ ସାହିତ୍ୟରେ କବି ମତିରାମ ମଧ୍ୟ ମଳୟ ପବନ, ମକରନ୍ଦ ଢାଳୁଥିବା କୁସୁମିତ ବୃକ୍ଷ, ଚୈତ୍ର ମାସର ଚନ୍ଦ୍ର ଏବଂ ଭ୍ରମରମାଳାକୁ ପ୍ରକୃତିର ଶୃଙ୍ଗାର ରସ ନିମନ୍ତେ ଦାନ ରୂପେ ବର୍ଣ୍ଣନା କରିଛନ୍ତି (୧୫) । ରସ ମଞ୍ଜରୀ ଗ୍ରନ୍ଥରେ କୁଞ୍ଜ, ପୁଷ୍ପ, ରସାଳ ଓ ଅନ୍ଧକାର ସହ ନାରୀର ଆତ୍ମୀୟତା ପ୍ରତିଷ୍ଠା କରିଯାଇଛି (୧୬) ।

ଅଳଙ୍କାର ଶାସ୍ତ୍ରରେ ସାଧାରଣତଃ ନାୟକ ନାୟିକାଙ୍କୁ ବୟସ ବା ଅବସ୍ଥା ଭେଦରେ ବିଚାର କରାଯାଇଥାଏ । ଏହି ଦୃଷ୍ଟିରୁ ପ୍ରକୃତି ପଞ୍ଚକକୁ ପରୀକ୍ଷା କଲେ ନିରାଶ ହେବାକୁ ହୁଏ । ତଥାପି କବି କମଳ, କୁମୁଦିନୀ, କେତକୀ, ମାଳତୀ, ଭ୍ରମର, ଚନ୍ଦ୍ର ପ୍ରଭୃତି ପ୍ରକୃତିର ବିଭିନ୍ନ ଉପାଦାନ ସହ ମାନବ ପ୍ରକୃତିର ଯେଉଁ ଐକାତ୍ମିକ ଆତ୍ମୀୟତା ଏକାଧାରରେ ପ୍ରତିଷ୍ଠା କରିଛନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । କବି ନରସିଂହ ସେଣଙ୍କ ପ୍ରକୃତି ବିଶ୍ଳେଷଣ ଏକ ସ୍ୱତନ୍ତ୍ର ଶୈଳୀରେ ପ୍ରକାଶିତ ।

---

(୧୫) ମଳୟ ପବନ ମଂଦ ମଂଦ କୈଂ ଗମନ ଲଗ୍ୟୋ
ଫୁଲନ କେ ବୃଂଦାନି ଢାରନେ
କବି ମତିରାମ ଚିତଚୈର ଗୁରୌ ଔର ଗୁହି
ଲଗ୍ୟୋ ଚୈତ ଚନ୍ଦ ଗୁରୁ ଗୁନନି ପସାରନେ
ଅଲିନ କୀ ଆଲି ଆଲି ମୈନ କୈସେ ମନ୍ତ୍ର ପଢ଼ି
ଲଗୀ ସବ ମାନିନୀ କେ ମାନମଦ ଝାରନେ
—ରସ ରାଜ/୨୯୨

(୧୬) ରସ ମଞ୍ଜରୀ, ପୃ-୧୯୯



Digitized by srujanika@gmail.com

## ୮. ବିରହ ପଞ୍ଚକ

ବିରହ ଦୁଃଖ ସହି ନୁହଇ ଦହଇ ଜୀବନ ଦେଖି
କାହାକୁ ପୁଚ୍ଛିବି ଏଥିର ବିଧାନ କେହିସେ ଜାଣଇ ସଖୀ
ଯେ ଅଛୁ ସେ ଅଛୁ ଆନ ଅବଗୁଣ କିଛି ନ ଜାଣଇ କହି
ଅନଙ୍ଗ ହୋଇ ଅନଙ୍ଗକୁ ପୁଚ୍ଛିବି ସେ ସବ କହ ମଣାଇ ।୧।

ଯେଉଁଠାରେ ନାୟକ ନାୟିକା ମଧ୍ୟରେ ରତିଭାବ ଅତି ମାତ୍ରାରେ ବଢ଼ି ଯାଇଥାଏ କିନ୍ତୁ ସ୍ତ୍ରୀ ବା ପୁରୁଷ ନିଜର ପ୍ରୀତି ବା ଅନୁରାଗ ପ୍ରଦର୍ଶନ କରିବା ନିମନ୍ତେ ନିଜର ଅଭିଷ୍ଟ (ନାୟକ ବା ନାୟିକା)କୁ ଲାଭ କରିପାରନ୍ତି ନାହିଁ ତାକୁ ଅଳଙ୍କାର ଶାସ୍ତ୍ରରେ ବିପ୍ରଲମ୍ଭ କୁହାଯାଏ (୧) । ବିପ୍ରଲମ୍ଭ ହେଉଛି ନାୟକ ନାୟିକାଙ୍କର ବିରହ ଅବସ୍ଥା । ଏହି ବିରହ ଅବସ୍ଥାର ଦୁଃଖ ନାୟକ ନାୟିକାଙ୍କୁ ଅତିଶୟ ଜ୍ୱାଳା ପ୍ରଦାନ କରିଥାଏ । ପ୍ରଥମ ପଂକ୍ତିରେ କୁହାଯାଇଛି—ପ୍ରିୟ ବିରହ ଜନିତ ସନ୍ତାପ ବା ମାନସିକ ପୀଡା କଦାପି ସହ୍ୟ କରି ହୁଏ ନାହିଁ (୨) । ପରବର୍ତ୍ତୀ ପଂକ୍ତିରେ ବିରହ ଦୁଃଖକୁ ସହ୍ୟ କରିବା ନିମନ୍ତେ ସଖୀର ପରାମର୍ଶକୁ ଅପେକ୍ଷା କରାଯାଇଛି । କବି ଅମରୁକ ଏକ ସ୍ଥଳରେ ନାୟିକା ପ୍ରିୟ ବିରହରେ ଦୁଃସହ ଯନ୍ତ୍ରଣା ଭୋଗ କରୁଥିବା ଚିତ୍ର ଉପସ୍ଥାପିତ କରିଛନ୍ତି (୩) । ଗାଥା ସପ୍ତଶତୀରେ ମଧ୍ୟ କୁହାଯାଇଛି—ଏହି ମନୁଷ୍ୟଲୋକରେ ନିଷ୍କଳ ପ୍ରେମ କୌଣସି ସ୍ଥଳରେ ନାହିଁ । କୌଣସି ନା

---

୧ ଯତ୍ର ତୁ ରତିଃ ପ୍ରକୃଷ୍ଟା ନାଭିଷ୍ଟମୁପୈତି ବିପ୍ରଲମ୍ଭୋଽସୌ ଅଭୀଷ୍ଟଂ
ନାୟକଂ ନାୟିକାଂ ବା
— ସାହିତ୍ୟ ଦର୍ପଣ, ପୃ-୨୧୯

୨ କ) ରସ ମଞ୍ଜୁଷା, ପୃ-୧୯୧
ଖ) ରସରାଜ, ପୃ-୧୬୫

୩ ନୈବାଦଦ୍ୟ କଳଭମେବ କୃତବାନସ୍ୟା ନବଂ ବିପ୍ରିୟମ୍
ମନ୍ୟୁ ଦୁଃସହ ଏବ ଯାତୁ ପଣ୍ୟମ × × × ଅମରୁ ଶତକମ୍ ୩୩
ଏହାର ଓଡ଼ିଆ ଅନୁବାଦରେ କୁହାଯାଇଛି—
ଏବେ ଭୋଗେ ବାଳା, ପ୍ରାଣେ ପ୍ରୀତି ଜ୍ୱାଳା
ଅସହଣି ତାର ବ୍ୟଥା —ପ୍ରୀତି ଶତକ, ପୃ ୩୩



Digitized by srujanika@gmail.com

କୌଣସି ସ୍ଥଳରେ ବିରହ ହୋଇଥାଏ । ଏହି ବିରହ ଅବସ୍ଥାରେ କିଏ ଜୀବିତ ରହିପାରିବ (୪) । ମୁଗ୍‌ଧା ନାୟିକା ଆପଣାର ମନ କଥାକୁ କୌଣସି ପ୍ରକାରେ ପ୍ରକଟ କରିପାରେ ନାହିଁ (୫) । ଏଠାରେ ନାୟିକା ସ୍ୱୟଂ ବିରହ ବ୍ୟଥା ବର୍ଣ୍ଣନା କରିଥିବାରୁ ତାହାକୁ ପ୍ରଗଲ୍‌ଭ ବା ପ୍ରୌଢ଼ା ନାୟିକା ଭାବେ ଗ୍ରହଣ କରାଯାଇ ପାରେ ।

ଦ୍ୱିତୀୟ ପଂକ୍ତିରେ ନାୟିକା ବିରହ ଯନ୍ତ୍ରଣାରୁ ମୁକ୍ତି ପାଇବା ନିମନ୍ତେ ଉପାୟ ବିଧାନ କରିବା ନିମନ୍ତେ ସଖୀ ନିକଟରେ ଅନୁନୟ କରିଛି । ଶୃଙ୍ଗାର ରସ ବ୍ୟାପାରରେ ନାୟିକା ବିଦ୍ଧନ୍ତ ତଥ୍ୟ ଅନ୍ୟମାନଙ୍କ ନିକଟରେ ଗୋପନ ରଖିଥିଲେ ମଧ୍ୟ ସଖୀ ତାହାର ଅତ୍ୟନ୍ତ ଆପଣାର । ଭାନୁଦତ୍ତଙ୍କ ଅନୁଯାୟୀ ନାୟିକାକୁ ବିଶ୍ୱାସ ତଥା ବିଶ୍ରାମ କରାଉଥିବା ସ୍ତ୍ରୀ ସହଚରୀକୁ ସଖୀ କୁହାଯାଇଥାଏ (୬) । ଗାଥା ସପ୍ତଶତୀର ଏକ ସ୍ଥଳରେ ଭୀରୁ ପଥିକ ବନିତା ପ୍ରଥମ ବିରହର ଭାବୀ ବେଦନା କିପରି ସହିବ ତାହା ଶିକ୍ଷା କରିବା ପାଇଁ ମୂଳରୁ ବିରହ ବେଦନା ସହ୍ୟ କରିବାର ଉପାୟ ଜାଣିଥିବା ନାରୀମାନଙ୍କ ନିକଟକୁ ଧାଇଁ ଯାଇଛି । ନାୟିକାର ଏହି ଆଚରଣରୁ ଜଣାଯାଏ, ସେ କେବଳ ସରଳା ଓ ମୁଗ୍‌ଧା ନୁହେଁ ବିରହ ଅନଭିଜ୍ଞା ମଧ୍ୟ । ଭାବୀ ବିରହର ଅଜ୍ଞାତ ବେଦନାରେ ସେ ଆକୁଳତା ପ୍ରକାଶ କରିଛି । ତା'ର ଆଶଙ୍କା ପ୍ରକୃତ ବିରହ ମୁହୂର୍ତ୍ତ ଉପସ୍ଥିତ ହେଲେ ସେ ଦ୍ୱିଏ ତ ଜୀବନ ଧାରଣ କରିପାରିବ ନାହିଁ । ତେଣୁ ସେ ପ୍ରିୟ ବିରହ ସହ୍ୟ କରିବାରେ ସାମର୍ଥ୍ୟ ଅର୍ଜନ କରିଥିବା ବିରହିଣୀମାନଙ୍କ ଘରକୁ ଯାଇ ପଚାରୁଛି ଯେ ପ୍ରିୟ ବିଦାୟ ନେବା ବେଳାରେ

---

(୪) କଇଅବ-ରହିଅଂ ପେମ୍ମଂଣରିଥି ବ୍ଭିଅମାମି ମ ଣୁସେ ଲୋଏ
ଅଇ ହୋଇ କସ୍‌ସ ବିରହୋ ବିରହେ ହୋନ୍ତମି କୋ ଜିଅଇ
—ଗାଥା ସପ୍ତଶତୀ, ୨/୨୪

(୫) ରସରାଜ, ପୃ-୬୧

(୬) ବିଶ୍ୱାସ ବିଶ୍ରାମକାରିଣୀ ପରି ବୃଢ଼ଣୀ ସଖୀ
—ରସ ମଞ୍ଜରୀ, ପୃ-୨୬୨



Digitized by srujanika@gmail.com

ପ୍ରାଣ ଧାରଣ କରିବାର ରହସ୍ୟ କ'ଣ ହୋଇପାରେ ? ତାହା ଜାଣିଲେ ସେହି ପଥାବଲମ୍ବନ କରି ସେ ବିରହ ବେଦନାକୁ ସହ୍ୟ କରିବ । ଅନ୍ୟମାନଙ୍କୁ ପଚାରିବାର ଉଦ୍ଦେଶ୍ୟ ହେଉଛି ସେମାନେ ବଞ୍ଚି ରହିଛନ୍ତି ଏବଂ ସେହି ଉପାୟ ସେମାନେ ତାକୁ ଶିଖାଇ ଦେବେ (୭) । ଗାଥା ସପ୍ତଶତୀର ନାୟିକା ଯେବେ ବିରହ ଦୁଃଖରେ ବ୍ୟାକୁଳିତ ହେଉଥିବା ବେଳେ ନରସିଂହ ସେଣଙ୍କ ନାୟିକା ବିରହ ଯନ୍ତ୍ରଣାକୁ ଭୋଗ କରୁଛି ଏବଂ ଗାଥା ସପ୍ତଶତୀ ନାୟିକା ନିଜେ ଅଭିଜ୍ଞା ନିକଟକୁ ଧାଇଁ ଯିବାବେଳେ ନରସିଂହ ସେଣଙ୍କ ନାୟିକା କପରି ଉପାୟ ଲାଭ କରିବ ସଖୀକୁ ପରାମର୍ଶ ମାଗିଛି ।

ବିରହ ଯନ୍ତ୍ରଣା ହେତୁ ନାୟିକା ନିଜର ସମ୍ଭ୍ରମକୁ ଭୁଲିଯାଏ । ତା' ନିକଟରେ ଆଚରଣୀୟ ଓ ଅନାଚରଣୀୟ ବୋଧ ରହେ ନାହିଁ । ସେ ବିରହ ବେଦନାରୁ ମୁକ୍ତି ପାଇବା ପାଇଁ ଅନଙ୍ଗ ଅର୍ଥାତ୍ କନ୍ଦର୍ପକୁ ପଥ ପଚାରେ ଅଥଚ ଏହି ପ୍ରଶ୍ନ ପଚାରିବା ବେଳକୁ ସେ ହୁଏତ ଅନଙ୍ଗତ୍ୱ ଲାଭ କରିସାରିଥିବ ବା ତାହାର ଶରୀର ଲୋପ ପାଇଯାଇଥିବ । ରସମଞ୍ଜରୀ ଗ୍ରନ୍ଥରେ ଏପରି ଏକ ଅବସ୍ଥାର ଚିତ୍ର ମିଳେ — ନାୟିକା ନାୟକ ପ୍ରତି ଅନୁରାଗ ପ୍ରକାଶ କରି କ୍ରମେ କ୍ରମେ କ୍ଷୀଣ ହୁଏ । ନାୟକର ସଙ୍ଗ ବିନା ତାହାର ଜୀବନଧାରଣ ସମ୍ଭବ ହୁଏ ନାହିଁ । କୃଶତାରୁ ତାହାର ଶରୀର ବିନାଶ ହେଲେ କାମଦେବ ଅନଙ୍ଗ (ଅଙ୍ଗହୀନ) ହେଲପରି ନାୟିକା ଅତନୁତ୍ୱ ଲାଭ କରେ । ଏଠାରେ ନାୟିକା ଓ କାମଦେବ ପରସ୍ପର ଏକାକାର ହୋଇଯାନ୍ତି (୮) । ଗାଥା ସପ୍ତଶତୀର ଏକ ସ୍ଥଳରେ ଦୂତୀ ନାୟକକୁ କହୁଛି ବିରହ ହେତୁ ନାୟିକାର ସ୍ଥିତି ଦୟନୀୟ । ପ୍ରିୟ ବିରହରେ ନାୟିକା ନିଜର ଅନୁରାଗକୁ ପ୍ରଦର୍ଶିତ କରିବାକୁ ଯାଇ କୁଣ୍ଠିତ ହୋଇ କେବଳ ମିଳନ ଆଶାରେ

---

(୭) ହୋନ୍ତି-ପହିଅସ୍ସ ଜାଆ ଆଉଚ୍ଛଣ-ଜୀଅ-ଧାରଣ-ରହସ୍ସଂ
ପୁଚ୍ଛନ୍ତୀ ଭମଇ ଘରଂ ଘରେଣ ପିଅ-ବିରହ-ସହଣୀଓ
— ଗାଥା ସପ୍ତଶତୀ, ୧/୪୭

(୮) ରସ ମଞ୍ଜରୀ, ପୃ—୩୪୦



Digitized by srujanika@gmail.com

ହିଁ ବନ୍ଧ ରହିଛି (୯) । ସେହି ଗ୍ରନ୍ଥର ଅନ୍ୟ ଏକ ସ୍ଥଳରେ କୃଶା ପତ୍ନୀର ଅବସ୍ଥାକୁ ସଖୀ ନାୟକ ସମ୍ମୁଖରେ କହୁଛି— ହେ ସୌଭାଗ୍ୟଶାଳୀନ୍ ! ତୁମର ସେହି ପ୍ରିୟା ପତ୍ନୀ ସହସ୍ର ସ୍ତ୍ରୀ ପରିପୂର୍ଣ୍ଣ ତୁମ ହୃଦୟରେ ରହିବାକୁ ସ୍ଥାନ ନ ପାଇ ତାର କ୍ଷୀଣ ଶରୀରକୁ ଆହୁରି କ୍ଷୀଣ କରୁଛି (୧୦) । ରାଜ ତରଙ୍ଗିଣୀ ଗ୍ରନ୍ଥରେ କାମଦେବ ଅନଙ୍ଗ ହୋଇ ପ୍ରାଣୀ ହୃଦୟରେ ବାସ କରୁଥିବା ପରିଦୃଷ୍ଟ ହୁଏ (୧୧) ।

ହିନ୍ଦୀ ସାହିତ୍ୟରେ ମତିରାମଙ୍କ ବର୍ଣ୍ଣନାରେ ମଧ୍ୟ ଏପରି ଏକ ଦୃଶ୍ୟ ଉପଲବ୍ଧ ହୁଏ । ସେଠାରେ ବିରହିଣୀ କୃଷ୍ଣଙ୍କ ନିକଟକୁ ସଖୀକୁ ପ୍ରେରଣ କରି କହୁଛି— ସେହି କୃଷ୍ଣଙ୍କ ନିମନ୍ତେ ସେ ଲାଜ ତ୍ୟାଗ କରିଥିଲି, ପରିବାରର ବିରୁଦ୍ଧାଚରଣ କରି ଶ୍ରୀକୃଷ୍ଣଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିଥିଲି, ଶ୍ରୀକୃଷ୍ଣ ତାହା ପ୍ରତି ସ୍ନେହ ତ୍ୟାଗ କରିବାରୁ ତାହାର ଶରୀର କେବଳ ବିସର୍ଜନ ନିମନ୍ତେ ବାକି ଅଛି (୧୨) । ନରସିଂହ ସେନଙ୍କ ନାୟିକାର 'ନିଜକୁ

---

୯) ତୁଜ୍ଝ ବସଇ ଚ୍ଚି ହିଅଅଂ ଇମେହିଁ ଦଇ୍ଠୋ ତୁମଂ ଚି ଅଚ୍ଛୀ ହିଂ
ତୁହ ବିରହେ କସିଆଲିଂ ତ ଣବଁ ଅଙ୍ଗାଲିଂ ବିପିଆଲିଂ
—ଗାଥା ସପ୍ତଶତୀ, ୧/୪୦

୧୦) ମହିଲା ସହସସ ଭରିଏ ତୁହ ହିଅଏ ସୁହଅମ୍ମା ଆମାଅନ୍ତୀ
ଅଣୁ ଦିଣମଣ୍ଣକମ୍ମା ଅଙ୍ଗଂ ତଣୁଅଂ ପି ତଣୁ ଏଇ
—ତତ୍ରୈବ, ୪୨ ଶତକ

୧୧) Kama the immortal God did not perish but consumed in the mighty flame, he has since been without a body (Ananga) and continues to live in the minds of created beings.
—Rajatarangini, River of Kings, P-2

୧୨) ଲାଜ ଛୁଟୀ ଗେହୌ, ସୁଖ ସୌ ଛୁଟଯୋ ସନେହ
ସଖି କହିୟୋ ବା ନିଠୁର ସୌଂ ରହି ଛୁଟିବୋ ଦେହ
—ରସରାଜ, ୧୧୯



Digitized by srujanika@gmail.com

ଅନଙ୍ଗ ହୋଇ' ଓ ମଣ୍ଡଗମଙ୍କ ନାୟିକାର 'ରହୀ ଛୁଟିବୋ ଦେହ' ଉକ୍ତି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କିନ୍ତୁ ମଣ୍ଡଗମଙ୍କ ନାୟିକା ନାୟକ ନିକଟକୁ ସଖୀକୁ ପ୍ରେରଣ କରିଥିବାବେଳେ ନରସିଂହ ସେଣଙ୍କ ନାୟିକା ସଖୀ ନିକଟରେ ନିଜର ଖେଦୋକ୍ତି ପ୍ରକାଶ କରିଛି ।

ଖଳ ପୁରୁଷ ଦେଖିଲି ମିତ ଜାତ କରାଇଲି ଖେଦ
ମୋହର ମନ ଜୀବନକୁ ସେହି କି କଲା ଭାବ ଭେଦ
ଏକକୁ ରଖିଲେ ଆରେକ ନ ଥାଇ କେବେହେଁ ଦୁହେଁ ନ ଥାଇ
କାହା ରଖିବା କାହା ଛାଡ଼ିବା ବିଚାର କରଗୋ ସହି । ୨ ।

ନାୟିକା ବିରହ ଦୁଃଖ ଅନୁଭବ କରୁଥିବା ସମୟରେ ଏକ ଖଳ ପୁରୁଷର ଦର୍ଶନ ପାଇଛି । ସେହି ପୁରୁଷ ତା'ର ସ୍ୱଭାବ ବଳରେ ନାୟିକାକୁ ଆକୃଷ୍ଟ କରିପାରିଛି । ପ୍ରଣୟ କ୍ଷେତ୍ରରେ ଖଳପଣ ହେଉଛି ଶଠତା । ଅଳଙ୍କାର ଶାସ୍ତ୍ର ଅନୁଯାୟୀ ଶଠ ନାୟକର ଗୁଣ ହେଉଛି ଯେ ସେ ବଚନ ବିନ୍ୟାସ ଦ୍ୱାରା ଆପଣାର ସ୍ୱାର୍ଥ ସାଧନ କ୍ରିୟାକୁ ଅତୀବ ପଟୁତା ସହକାରେ ସମ୍ପାଦନ କରିଥାଏ । ସେ ସର୍ବଦା କପଟ ପ୍ରୀତି କରିବା ସଙ୍ଗେ ସଙ୍ଗେ ତାହାର ଅପରାଧ କ୍ରିୟା ପ୍ରତି ଆଦୌ ଭୟ ନ ଥାଏ (୧୩) । ନାୟିକାର ସଂଶୟ ହୋଇଛି ଯେ ସେ ତାହାର ବିଗତ ପ୍ରିୟ ପ୍ରତି ଅନୁରକ୍ତିକୁ ଜାଗ୍ରତ କରି ରଖିବ କିମ୍ବା ନବାଗତ ଶଠ ନାୟକ ପ୍ରତି ଆକୃଷ୍ଟ ହେବ । ବିଗତ ପ୍ରିୟ ଓ ନବାଗତ ନାୟକ ଉଭୟେ ଏକ ସମୟରେ ହୃଦୟରେ ବାସ କରିପାରିବେ ନାହିଁ । ତେଣୁ ସେ କାହାକୁ ହୃଦୟରେ ଧାରଣ କରିବ ବା କାହାପ୍ରତି ଅନୁରକ୍ତ ହେବା ଉଚିତ ସେ ସମ୍ପର୍କରେ ସଖୀର ପରାମର୍ଶ ଗୃହିଁଛି ।

* * * ଭାବ ସମୁଦ୍ରେ ପିଆଇଲି ମୋର ମନ
* * * ଅଟି ଯେ ଦହିଲି ତାହା ବହନ
* * * ଭାବ ନ ସ ବିକଳ କେବେହେଁ ନୁହଇ ଶାନ୍ତ
ହୃଦୟ ଆକୁଳ କରାଇ ସଖୀ ଏ କେବଣ ଭ୍ରାନ୍ତି । ୩ ।

---

(୧୩) ଉଚରେ କରତ ଅପରାଧ ନହିଂ କରେ କପଟ କୀ ରୀତ
ବଚନ କ୍ରିୟାମେଂ ଅତି ଚତୁର ସଠ ନାୟକ କୀ ରୀତ
— ରସରାଜ/୨୫୦



Digitized by srujanika@gmail.com

ଶଠ ନାୟକ ନାୟିକା ନିକଟରେ ଏପରି ହାବ, ଭାବ, ଲୀଳା ପ୍ରକାଶ କରିଥିଲା ଯେ ନାୟିକା ତାହାର ଭାବରେ ତନ୍ମୟ ହୋଇ ଯାଇଥିଲା। କବି ଏହାକୁ 'ଭାବ ସମୁଦ୍ରେ ପିଆଇଲା' ଉଲ୍ଲେଖ କରିଛନ୍ତି। ସମୁଦ୍ର ଏପରି ବିଶାଳ ତାକୁ ପିଇବା ସମ୍ଭବ ନୁହେଁ। କିନ୍ତୁ କବିଙ୍କ ପ୍ରୟୋଗରୁ ଏହା ସମୁଦ୍ରରେ ନିମଜ୍ଜିତ ହେଉଥିବା ଜଣାଯାଏ। 'ରସରାଜ' ଗ୍ରନ୍ଥର ଏକ ସ୍ଥଳରେ କୁହାଯାଇଛି— କୌଣସି ସୁନ୍ଦରୀ ତରୁଣୀ ତାହାର ରସପୂର୍ଣ୍ଣ ଅଙ୍ଗକୁ ବିବିଧ ଭାବେ ସଜ୍ଜିତ କରି ରାତ୍ରିକାଳରେ ପ୍ରେମିକ ପାଖକୁ ଆସି ଯାଦୁ ସୃଷ୍ଟି କରି ଚାଲିଯାଇଛି। ତାହାର ସୁନ୍ଦର ଗୋଲାପୀ ଚିବୁକ ଓ ଅଧରରୁ ନିସୃତ ଦରହାସପୂର୍ଣ୍ଣ ମଧୁମୟୀ ବାଣୀ ନାୟକକୁ ମୋହିତ କରିପାରିଛି। ସେହି କ୍ରିୟାକୁଶଳା ଲଜ୍ଜାବତୀ ନାୟିକା କଟାକ୍ଷ ଦ୍ୱାରା ନାୟକକୁ ମୁଗ୍‌ଧ କରିଛି (୧୪)। ସେହି ଗ୍ରନ୍ଥରେ ଉପପତିର ଉଦାହରଣ ପ୍ରସଙ୍ଗରେ କୁହାଯାଇଛି— ନାୟକକୁ ନାୟିକା ଯେପରି ଭ୍ରାନ୍ତ କରିଥାଏ ସେହିପରି ଶଠ ନାୟକ ମଧ୍ୟ ନାୟିକାକୁ ନିଜର ମଧୁର ବାଣୀ ଓ କ୍ରିୟା କୁଶଳତା ଦ୍ୱାରା ମୁଗ୍‌ଧ କରେ (୧୫)। ଠିକ୍ ସେହି ସମୟରେ ପୂର୍ବ ପ୍ରେମିକର ସ୍ମୃତି ତାକୁ ଅଗ୍ନି ଜ୍ୱାଳାସମ ଦଗ୍‌ଧ କରେ। ରତ୍ନାବଳୀ ନାଟକରେ ପ୍ରିୟାର ବିରହ କାଳୀନ ଦୁଃଖ ଅଗ୍ନି ଭାବରେ ଗୃହୀତ(୧୬)। ରତ୍ନାବଳୀର ନାୟକକୁ ପ୍ରିୟା ବିରହ ଅଗ୍ନି ସଦୃଶ ଜ୍ୱାଳା ପ୍ରଦାନ କରିଥିବା ବେଳେ ନରସିଂହ ସେଣଙ୍କ ନାୟିକା ବିରହକୁ ଅଗ୍ନି ଭାବରେ ଗ୍ରହଣ କରିଛି। ରସରାଜ ଗ୍ରନ୍ଥରେ ନାୟକ କହୁଛି— ଆଖି ସହିତ ଆଖି ମିଳାଇ ମୁଖ ବଙ୍କିମ କରି ଅଳ୍ପ ହସି ସେ ଯେଉଁ ପ୍ରେମର ପ୍ରଦର୍ଶନ କଲା ସତେ ଯେପରି ସେହି ନାୟିକା

---

(୧୪) ରସରାଜ, ପୃ-୧୪୫

(୧୫) ତତ୍ରୈବ, ପୃ-୧୪୫

(୧୬) କରମ କରମ ବନ୍ଧେ ମୁକ୍ତ ଧୂମାକୁଳତ୍ୱଂ
ଗ୍ରସରତ୍ୟାପି କମ୍ପୁଚ୍ଚୈ ରଚିଷାଂ ଚକ୍ରାବଳମ୍
ବିରହ ହୁତ ଭୁଜାହଂ ଯୋନ ଦଗ୍‌ଧ ପ୍ରିୟାସ୍ୟା
ପ୍ରଳୟ-ଦହନ ଭାସା ତସ୍ୟ କିଂ ତ୍ୱଂ କରୋଷି-ରତ୍ନାବଳୀ


Digitized by srujanika@gmail.com

ହାତରେ ନଆଁ ଆଣି ମୋ ହୃଦୟରେ ଅଗ୍ନି ସଂଯୋଗ କରିଦେଇ ଗୃଳଗଲା (୧୭) । 'ରସରାଜ'ରେ ନାୟକ ପ୍ରିୟା ବିରହକୁ ଅଗ୍ନି ରୂପେ ପ୍ରକଟ କଲା ବେଳେ ନରସିଂହ ସେଣଙ୍କ ନାୟିକା ପ୍ରିୟ ବିରହ ନିମନ୍ତେ ସନ୍ତାପିତ ହୋଇଛି । ଉଭୟ ନାୟକଙ୍କ ବିରହ ତା' ପାଇଁ ହୋଇଛି ଦୁଃଖପ୍ରଦ । ନାୟକ ଦୟିଙ୍କର ଅନୁପସ୍ଥିତି ଫଳରେ ତା'ର ମାନସିକ ଦ୍ୱନ୍ଦ ଦେଖା ଦେଇଛି । ଫଳରେ ସେ ବିକଳ ଆକୁଳ ହୋଇ ଅଶାନ୍ତଗ୍ରସ୍ତା ହୋଇପଡ଼ିଛି । ଏହି ମାନସିକ ଦ୍ୱନ୍ଦ୍ୱ ଫଳରେ କେଉଁ ଭ୍ରାନ୍ତ ବଳରୁ ଏପରି ଦୁଃଖ ଲାଭ କଲା ଏବଂ ଏହି ଦୁଃଖରୁ ମୁକ୍ତି ପାଇବା ନିମନ୍ତେ କ ଉପାୟ ଆବଶ୍ୟକ ସେ ସମ୍ପର୍କରେ ସେ ସଖୀର ପରାମର୍ଶ ଗୃହିଁଛି ।

ନାୟିକାର ଏହି ଅବସ୍ଥାରେ କୌଣସି ବିଚିତ୍ରତା ନାହିଁ । କୁମାର ସମ୍ଭବ ଗ୍ରନ୍ଥ ଅନୁଯାୟୀ ଇତି ଏପରି ବିଷୟ ଯାହା ମହାଦେବଙ୍କ ପରି ପରମ ସମର୍ଥ ଦେବତାଙ୍କୁ ଚଞ୍ଚଳ କରିପାରେ ତାହା ସାଧାରଣ ମନୁଷ୍ୟକୁ ଚଞ୍ଚଳ ଏବଂ ବିବଶ କରିବାରେ ବିଚିତ୍ରତା କ'ଣ ଅଛି (୧୮) ।

ଚୁମ୍ବନ ଆଲିଙ୍ଗନ ସଖି କଛି ହିଂ କଛି ହିଂ ନାହିଂ
ସୁରତ ସୁଖ ମୁଁ ପାପିମା ଖାଇବ କାହିଂ
ବନ୍ଧୁ ମୁଖ ଗୃହିଁ ଥିବ ଏହି ମୋ ମୋହର ମନ
ଫୁଲ ଦୁରେ ଦେଖି ସଖି ତୋଷ ହୁଅଇ ଯେସନ ।୪।

---

୧୭) ନୈନ କୋର ମୁଖ ମୋର ହାଁସି ନୈସୁକ ନେହ ଜନାୟ
ଆଗି ଲେନ ଆଇ, ହିୟେମେରେ ଫଙ୍କ ଲଗାୟ

—ରସରାଜ/୨୫୮

୧୮) ପଶୁପତିରପି ତାନ୍ୟହାନ କୃଚ୍ଛ୍ରାଦଗମୟ୍ୟ ଦର୍ଦ୍ଧି ସୁତାସମାଗମୋକ୍ତଃ
କମ ପରବଶଂ ନ ବିପ୍ରକୁର୍ଯ୍ୟୁ ବିଭୁମାପି ତଂ ଯଦମୀ ସ୍ପୃଶନ୍ତି ଭାବାଃ

—କୁମାର ସମ୍ଭବମ୍



Digitized by srujanika@gmail.com

ନାୟିକା କହୁଛି ଯେ ବିରହ ବା ନାୟକର ଅନୁପସ୍ଥିତି ହେତୁ ସୁରତର ବାହ୍ୟ ଆଚରଣ ଚୁମ୍ବନ ଆଲିଙ୍ଗନାଦି ସମ୍ଭବ ହେଉନାହିଁ । ସେପରି ସ୍ଥଳରେ ସୁରତ ସୁଖ ଆଶା କରିବା ବୃଥା । ସମ୍ଭୋଗର ବିଭିନ୍ନ ଅବସ୍ଥାକୁ ଭୋଗ କରି ନ ପାରିବାରୁ ନାୟିକା ନିଜକୁ ପାପିନୀ ମନେ କରି ଖେଦ ପ୍ରକାଶ କରୁଛି । ଭାନୁଦତ୍ତଙ୍କ ନାୟିକା ନିଜକୁ ପାପିନୀ ରୂପେ ସ୍ୱୀକାର ଖେଦ କରି ଥିବା ପରିଦୃଷ୍ଟ – ତା' ଅନୁରାଗୀ ନାୟକ ତାକୁ ତ୍ୟାଗ କରି ପ୍ରବାସୀ ହେବା ତାହାର ପାପର ଫଳ (୧୯) । କିନ୍ତୁ ଭାନୁଦତ୍ତଙ୍କ ନାୟିକା ଜା'ର ପ୍ରତି ଅନୁରାଗିଣୀ ହୋଇ ସଙ୍କେତ ସ୍ଥଳରେ ପ୍ରିୟ (ଜା'ର) ପୁରୁଷ ନ ପାଇ ନିଜ ଦୁଃଖର ଅନୁଚିନ୍ତା କରୁଛି । କିନ୍ତୁ ଉକ୍ତ ପଦର ଉକ୍ତ ଅଂଶରୁ ନାୟିକା ସ୍ୱକୀୟା କିମ୍ବା ପରକୀୟା ଜାଣି ଜାଣି ହୁଏ ନାହିଁ । ପରବର୍ତ୍ତୀ ପଂକ୍ତି ଦ୍ୱୟରୁ ଜଣା ଯାଏ, ନାୟିକା ବିରହରେ ଏପରି ବ୍ୟଥିତା ହୋଇଛି ଯେ ସେ ନାୟକ ସହିତ ମିଳିତ ନ ହେଲେ ମଧ୍ୟ କେବଳ ଦେଖିକରି ତା' ଆଖିର ତୃଷାକୁ ମେଣ୍ଟାଇବାକୁ ଚାହେଁ । ସେତେବେଳେ ଚୁମ୍ବନ, ଆଲିଙ୍ଗନ ଓ ସୁରତ ଆଦି ତା' ନିକଟରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ ନାହିଁ । କେବଳ ପ୍ରିୟ ଦର୍ଶନର ମୂଲ୍ୟ ତା' ନିକଟରେ ଅତ୍ୟଧିକ । କବି ଏହି ପ୍ରସଙ୍ଗକୁ ଫୁଲ ଦର୍ଶନ ସହ ତୁଳନା କରିଛନ୍ତି । ଫୁଲ ଏକ ସ୍ୱଭାବ ସୁନ୍ଦର ବସ୍ତୁ । ଏହା ସମସ୍ତଙ୍କୁ ରୂପ ସୌନ୍ଦର୍ଯ୍ୟ ବଳରେ ଆକୃଷ୍ଟ କରେ । ଏହାକୁ ଉପଭୋଗ କରିବାର ସୁଯୋଗ ନ ଥିଲେ ମଧ୍ୟ ଏହା ଦୂରରୁ ଦର୍ଶକର ଚକ୍ଷୁକୁ ଆନନ୍ଦ ପ୍ରଦାନ କରେ । ଫଳରେ ଦର୍ଶକ ଫୁଲକୁ ଦେଖି ସନ୍ତୁଷ୍ଟ ହୁଏ । ଅଳଙ୍କାର ଗ୍ରନ୍ଥରେ କୁହାଯାଇଛି–– ପ୍ରିୟର ଦର୍ଶନ ବିରହିଣୀର ବିରହ ଜ୍ୱାଳା ଶାନ୍ତ କରିଥାଏ (୨୦) । ପ୍ରିୟର ସହ ଚକ୍ଷୁ ମିଳାଇ ପରମ ଆନନ୍ଦିତା ହୁଏ ଓ ସେ ମଞ୍ଜିଷ୍ଠା ରାଗକୁ ପ୍ରାପ୍ତ ହୁଏ (୨୧) । ଭାନୁଦତ୍ତ କହିଛନ୍ତି, ମଧ୍ୟା ନାୟିକା ଆପଣା ପ୍ରିୟମୁଖ ଦର୍ଶନ କରିବାକୁ ଚାହୁଁଥାଏ (୨୨) ।

---

(୧୯) ରସ ମଞ୍ଜରୀ, ପୃ-୨୫୩

(୨୦) ରସବିନ୍ଦୁ, ପୃ-୧୨୩

(୨୧) ତତ୍ରୈବ, ପୃ-୧୨୪

(୨୨) ରସ ମଞ୍ଜରୀ, ପୃ-୩୪



Digitized by srujanika@gmail.com

ପ୍ରିୟ ଦର୍ଶନ ନିମନ୍ତେ ଉତ୍ସୁକା ହୋଇ ଗାଥା ସପ୍ତଶତୀରେ ପ୍ରିୟା କହୁଛି — ଯାହାକୁ ନିରନ୍ତର ଦେଖିଲେ ମଧ୍ୟ ଉତ୍କଣ୍ଠା କମେ ନାହିଁ। ଯେଉଁ ବ୍ୟକ୍ତିକୁ ସେ ବରାବର ସୁଖ ଦୁଃଖରେ ସାଥି କରିଥାଏ ଏବଂ ଯାହା ସହିତ ସେ ହୃଦୟକୁ ମିଳାଇ ଦେଇଥାଏ, ସେହି ବ୍ୟକ୍ତିଙ୍କୁ ବହୁତ ପୁଣ୍ୟ କରିଥିବା ବାଳା ହିଁ ପ୍ରାପ୍ତ ହୋଇଥାଏ (୨୩)।

ଭିତରେ ମନକୁ ନେଇ କର୍ମା ବିଧାତା ଗଢ଼ିଲା
ମନର ସଙ୍ଗତେ ଦେହ ନ ଯାଇ ଏ ପାପ କର୍ମା ପାଇଲା

ମନ ଯହିଂ ଯାଇ ସୁଖ ଲଭୁଥାଇ ଦେହ ଲଭୁଥାଇ ଦୁଃଖ
ଏହା ଭାବନେ ଖିନ୍ନିଣି ହୋଇବାରୁ ମରଣ ପରମ ସୁଖ ।୭।

ଶରୀର ଓ ମନ ଦୁଇଟି ଭିନ୍ନ ପଦାର୍ଥ। ମନର ଅବସ୍ଥିତି ଶରୀର ମଧ୍ୟରେ ଏବଂ ଶରୀର ମନର ବାହ୍ୟ ଆବରଣ। ଶରୀର ସ୍ଥୂଳ ଓ ମନ ହେଉଛି ସୂକ୍ଷ୍ମ। ତେଣୁ ମନ ଯେତେବେଳେ ଯେଉଁ ସ୍ଥାନକୁ ଯିବାକୁ ଇଚ୍ଛାକରେ ତତ୍‌କ୍ଷଣାତ୍ ସେହି ସ୍ଥଳରେ ପହଞ୍ଚିଯାଏ। ଅପର ପକ୍ଷରେ ଶରୀର ସ୍ଥୂଳ ହୋଇଥିବାରୁ ଯିବାପାଇଁ ପ୍ରତିବନ୍ଧକ ଦେଖାଦିଏ। ନାୟକ ନାୟିକା ବିରହ ଯନ୍ତ୍ରଣା ଭୋଗୁଥିବା ସମୟରେ ଉଭୟଙ୍କର ଶାରୀରିକ ବିଚ୍ଛେଦ ଘଟିଥାଏ କିନ୍ତୁ ମାନସିକ ସ୍ତରରେ ଜଣେ ଅପରକୁ ଚିନ୍ତାକରି ବିଚ୍ଛିନ୍ନ ହେବାକୁ ଦିଅନ୍ତି ନାହିଁ। ତେଣୁ ବାସ୍ତବରେ ମାନସିକ ସ୍ତରରେ ବିରହ ଘଟେ ନାହିଁ। ଶରୀର ଓ ମନର ଏପରି ସ୍ଥିତିର ଚିତ୍ର ଗାଥା ସପ୍ତଶତୀର ବହୁ ସ୍ଥଳରେ ଦେଖାଯାଏ। ଏକ ସ୍ଥଳରେ ଦୂତୀ କହୁଛି ନାୟିକା ନାୟକ ପ୍ରତି ପ୍ରଣୟାସକ୍ତା ହୋଇ ନାୟକର ପ୍ରତ୍ୟେକ ଆଚରଣକୁ ଅନୁକରଣ କରି ଶିଖୁଛି। ସେ ସାରା ସଂସାର ଭୁଲିକରି ତାହା (ନାୟକ) ପ୍ରତି ଏକାଗ୍ରଚିତ୍ତ ହୋଇ ତନ୍ମୟତାର ପରାକାଷ୍ଠାରେ

---

(୨୩) ଅବଇଣ୍ହପେଚ୍ଛଣିଜ୍ଜଂ ସମସୁହ ଦୁଃଖଂ ବଇଣ୍ଣସବ୍ଭାବଂ
ଅଣ୍ଣୋଣ୍ଣାହ ଅଅଲଗ୍ଗଂ ପୁଣ୍ଣେହିଁ ଜଣୋଜଣଂ ଲହଇ
— ଗାଥା ସପ୍ତଶତୀ, ୧/୯୯



Digitized by srujanika@gmail.com

ପହଞ୍ଚିଗଲାଣି (୨୪) । ଅନ୍ୟ ସ୍ଥଳରେ ଦୃଢ଼ ପ୍ରେମରେ **ଆବଦ୍ଧ** ହୋଇଥିବା ନାୟକ ନାୟିକାଙ୍କୁ କହୁଛି— ଆଜି ଆମେ ପ୍ରେମିକ **ପ୍ରେମିକା** ରୂପରେ ପରସ୍ପରକୁ ଯେପରି ପ୍ରେମ କରୁଛୁ, ଦାମ୍ପତ୍ୟ ଜୀବନରେ ମଧ୍ୟ **ସେହିପରି** ଦୃଢ଼ ପ୍ରେମରେ ଆବଦ୍ଧ ରହିବା । ଆମ ଦୁହିଁଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ସୁଖ ଦୁଃଖରେ ଆମେ ଅନ୍ୟୋନ୍ୟର ସମଭାଗୀ ହେବା— ଏକାସାଙ୍ଗରେ ହସିବା, ଏକାସାଙ୍ଗରେ କାନ୍ଦିବା । ଏହିପରି ଦୃଢ଼ପ୍ରେମୀ ହୋଇ ଆମ ଦାମ୍ପତ୍ୟ ଜୀବନର ବିଜୟ ବୈଜୟନ୍ତୀ ଉଡ଼ାଇବା । କେବଳ ଏତିକି ଭୟ, ଆମ ଭିତରୁ ଯିଏ ପ୍ରଥମେ ମରିଯିବ ସେ ଅନ୍ୟର ସ୍ମୃତିରେ ଜୀବିତ ରହିବ । ମାତ୍ର ଯେ ବଞ୍ଚି ରହିବ ତା ବଞ୍ଚିବା ମରିବା ସମାନ ହେବ । ସେ କାହାର ହେବ ନାହିଁ (୨୫) । ପୁନଶ୍ଚ ନାୟିକା ନିଜର ଅନନ୍ୟ ଅନୁରାଗର ପରିଚୟ ଦେଇ କହୁଛି— ସେ ପାଖରେ ନ ଥିଲେ ମଧ୍ୟ ତାଙ୍କର ରୂପ ମୋ ଆଖିରେ ଭାସୁଛି, ଅଙ୍ଗରେ ତାଙ୍କର ପରଶ ଜାଗୁଛି, କାନରେ ତାଙ୍କର ବାଣୀ ଶୁଣିପାରୁଛି ଓ ମୋ ହୃଦୟରେ ତାଙ୍କ ହୃଦୟ ମିଳିତହେବାପରି ଲାଗୁଛି । ବିଧାତା ଆମ ଦୁହିଁଙ୍କୁ ସଙ୍ଗ ସୁଖରୁ ବିଚ୍ୟୁତ କରି କ'ଣ କଲା ? ମୁଁ ତ ବିରହ ମଧ୍ୟରେ ମିଳନ ରସ ଅହରହ ଲାଭ କରୁଛି । ଦୈହିକ ବିଚ୍ଛେଦ ସାଧନ କଲେ ମଧ୍ୟ ମାନସିକ ବିଚ୍ଛେଦ ଘଟାଇବାକୁ ଦୈବ ସମର୍ଥ ନୁହେଁ । ଦୈବ କ'ଣ ମୋର ଭାବନାରୁ ପ୍ରିୟତମଙ୍କୁ ଛଡ଼ାଇ ନେଇପାରିବ ? **ବରଂ ସୂକ୍ଷ୍ମ** ମାନସିକ ଜଗତରେ ମୁଁ ତାଙ୍କୁ ଅଧିକ ନିବିଡ଼ ଭାବେ ପାଇପାରୁଛି (୨୬) ।

---

(୨୪) ଜଂ ଜଂ କରେସି ଜଂ ଜଂ ଜଂପସି ଜହ ତୁମ ଣିଅଚ୍ଛେସି
ତଂ ତମଣୁସିକ୍ଖିରୀଏ ଦୀହୋ ଧାଅହୋଣ ସମ୍ପଡଇ
— ଗାଥା ସପ୍ତଶତୀ, ୪/୭୮

(୨୫) ସମ-ସୋକ୍ଖ-ଦୁକ୍ଖ-ପରିବଡ଼୍ଢିଆଣଂ କାଲେଣ ରୂଢ଼ପେମ୍ମାଣଂ
ମିହୁଣାଣଂ ମରଇ ଜଂ ତଂ ଖୁ ଜିଅଇ ଇଅରଂ ମୂଅଂ ହୋଇ
ତତ୍ରୈବ, ୨/୪୨

(୨୬) ରୂଅଂ ଅଚ୍ଛୀସୁ ଠିଅଂ ଫରିସୋ ଅଙ୍ଗେସୁ ଜମ୍ପିଅଂ କଣ୍ଣେ
ହିଅଅଂ ହିଅଏ ଣିହିଅଂ ବିଓଇଅଂ କିଂ ଥ ଦେବ୍ବେଣ
ଗାଥା ସପ୍ତଶତୀ, ୨/୩୨



Digitized by srujanika@gmail.com

ଉଜ୍ଜ୍ୱଳ ନୀଳମଣିକାର ରୂପ ଗୋସ୍ୱାମୀଙ୍କ ମତରେ—ସମ୍ଭୋଗ ଓ ବିପ୍ରଲମ୍ଭ ମଧ୍ୟରେ ବିପ୍ରଲମ୍ଭ ଶ୍ରେଷ୍ଠ ଓ ଅଧିକ ସୁଖ ଦାୟକ । ପୁନଶ୍ଚ ବିପ୍ରଲମ୍ଭ ହିଁ ସମ୍ଭୋଗର ସୁଖକୁ ପ୍ରସ୍ତୁତ କରିଥାଏ (୨୭) । ଅନ୍ୟ ଜଣେ କବି କହିଛନ୍ତି—ସଙ୍ଗମ ଓ ବିରହ ମଧ୍ୟରେ ସଙ୍ଗମ ଅପେକ୍ଷା ବିରହ ଶ୍ରେଷ୍ଠ । ସମ୍ଭୋଗ ସମୟରେ ପ୍ରିୟ ଓ ପ୍ରିୟାର ସ୍ଥିତି ଏକ ରୂପରେ ହୋଇଥିବା ବେଳେ ବିରହ ଅବସ୍ଥାରେ ଏହି ସ୍ଥିତି ତିନି ଲୋକରେ ପରିବ୍ୟାପ୍ତ ହୋଇଥାଏ । ନାୟକ ନାୟିକା ପରସ୍ପର ଚିନ୍ତାରେ ତନ୍ମୟ ହୋଇଥାନ୍ତି । ଏଣୁ ବିରହ ଅବସ୍ଥାରେ ଶାରୀରିକ କଷ୍ଟଭୋଗ କରୁଥିଲେ ହେଁ ମାନସିକ ଅବସ୍ଥାରେ ତଲ୍ଲୀନ ହୋଇଯାନ୍ତି (୨୮) ।

ଏଣୁ ରୀତିକାଳୀନ ସାହିତ୍ୟରେ ବିୟୋଗର ମହତ୍ତ୍ୱ ପ୍ରାୟ ସବୁ କବି ସ୍ୱୀକାର କରିଛନ୍ତି । ଏହା କେବଳ ନାୟକ ଓ ନାୟିକାର ଜୀବନକୁ ଜ୍ୱାଳା, କମ୍ପନ ଓ ଅଶ୍ରୁ ଦ୍ୱାରା ପରିପୂର୍ଣ୍ଣ କରେ ନାହିଁ, ଏହା ତାଙ୍କୁ ଏପରି ଏକ ଅବସ୍ଥାରେ ଉପନୀତ କରାଏ ଯାହାଦ୍ୱାରାକି ସେ ନିଜର ପ୍ରେମକୁ ଅନ୍ୟର ସମ୍ମୁଖରେ ପ୍ରକାଶ କରିପାରେ ନାହିଁ ଏବଂ ଏହା କୁମ୍ଭୀପାକ ପରି ତା' ହୃଦୟରେ ଘନୀଭୂତ ପୀଡାର ଅନୁଭୂତି ସୃଷ୍ଟି କରେ (୨୯) ।

## ୯. ଅନୁରାଗ ପଞ୍ଚକ

ନାମ ଧରିଲେ କାତର ହୁଅଇ ଦେଖିଲେ ହୁଅଇ ଛନ୍ନ
ନିକଟକୁ ଗଲେ ମାତ୍ର ଉଶ୍ୱାସଇ ଛୁଇଁଲେ ପୁଲକ ମନ

---

(୨୭) ନ ବିନା ବିପ୍ରଲମ୍ଭେନ ସମ୍ଭୋଗଃ ପୁଷ୍ଟିମଶ୍ନୁତେ
କଷାୟିତେ ହି ବସ୍ତ୍ରାଦୌ ଭୂୟାନ୍ ରାଗୋ ବିବର୍ଦ୍ଧତେ
—ଉଜ୍ଜ୍ୱଳ ନୀଳମଣି

(୨୮) ସଙ୍ଗମ-ବିରହ-ବିକଳ୍ପେ ବରମିହ ବିରହୋ ନ ସଙ୍ଗମ ସ୍ତସ୍ୟା
ସଙ୍ଗେ ସୈବ ତଥୈକା ତ୍ରିଭୁବନମପି ତନ୍ମୟଂ ବିରହେ

(୨୯) 'ରସରାଜ'ର ଭୂମିକା, ପୃ-୨୯



Digitized by srujanika@gmail.com

ଅଣ୍ଟାବ ଅଧୀର ଧରୁ ଧରୁ କମ୍ପେ ସଙ୍କୋଚେ ନୟନ ବେନ
ସୁରତ କାଳେ ମୋହ ସେ ଯାଇ ବଗେଣୀ ଯେଣ୍ଡଂ କାମେନୀ ।୧।

ନାୟିକାର ନାମକୁ ଉଚ୍ଚାରଣ କରିବା ମାତ୍ରେ ନାୟିକା କାତର ହେବା ଓ ନାୟକ ଦର୍ଶନରେ ନାୟକ ଛନ୍ନ ଛନ୍ନ ହେବା ବର୍ଣ୍ଣନାରୁ ନାୟକର ଉପସ୍ଥିତି ନାୟିକା ମନରେ ଭୟ ସଞ୍ଚାର କରୁଥିବା ଜଣାଯାଏ । ଭାନୁଦତ୍ତଙ୍କ ଅନୁଯାୟୀ—ଯେଉଁ ନବାଙ୍କିତା ନବବଧୂ ଲଜ୍ଜା ଏବଂ ଭୟ ହେତୁ ପତିର ସଙ୍ଗ ଚାହେଁ ନାହିଁ ତାକୁ 'ନବୋଢା' କୁହାଯାଏ (୧) । ପ୍ରଥମ ପ୍ରଥମ ପ୍ରିୟ ସମାଗମରେ ନାୟିକା ଏପରି ଭୟଭୀତା ହୁଏ ଯେ ତା'ର କାନ୍ତକୁ କୃତାନ୍ତ ରୂପେ ସନ୍ଦେହ କରେ (୨)। କିନ୍ତୁ ପରେ ପ୍ରିୟର ସ୍ପର୍ଶ ନାୟିକାକୁ ଆନନ୍ଦଦାନ କରେ । ଆନନ୍ଦ ତିଶଯ୍ୟ ହେତୁ ନାୟିକାର ନୀବି ଉନ୍ମୋଚନ ହୁଏ, ଶରୀରରେ ପୁଲକ ଜାତହୁଏ । କବି ଅମରୁକ ତାଙ୍କ କବିତାରେ କାନ୍ତ ଶେଯ ଉପରକୁ ଆସିବା ମାତ୍ରେ ନାୟିକାର ନୀବି ବନ୍ଧନ ଖସି ପଡିବା ଏବଂ ଶିଥିଳ ମେଖଳା ରଜ୍ଜୁରେ ବନ୍ଧା ବସନ ନିତମ୍ବ ଦେଶରେ ସାମାନ୍ୟ ମାତ୍ର ରହିଥିବାର ଏକ ଚିତ୍ର ପ୍ରଦାନ କରି ଅଛନ୍ତି (୩) । ବିଦ୍ୟାପତି ପଦାବଳୀରେ ରାଧାଙ୍କ ଶରୀର ପୁଲକିତ ଓ ନୀବିବନ୍ଧ ଉନ୍ମୁକ୍ତ ହୋଇଯାଉଥିବା ଦୃଶ୍ୟ ଉପଲବ୍ଧ ହୁଏ (୪) । ବିଦ୍ୟାପତି

---

(୧) ସୈବ କ୍ରମଶୋ ଲଜ୍ଜାଭୟ ପରାଧୀନ ରତି ନବୋଢା
—ରସ ମଞ୍ଜରୀ, ପୃ-୧୭

(୨) ତତ୍ରୈବ, ପୃ-୧୮

(୩) କାନ୍ତେ ତଳ୍ପମୁପାଗତେ ବିଗଳିତା ନୀବି ସ୍ୱୟଂ ବନ୍ଧନାତ୍
ବାସଃ ପ୍ରଶ୍ଳଥମେଖଳା ଗୁଣଧୃତଂ କିଞ୍ଚିନ୍ନିତମ୍ବେ ସ୍ଥିତମ୍
—ଅମରୁ ଶତକମ୍/୭୨

(୪) ବିପୁଲ ପୁଲକ ପରିପୂର ଏ ଦେହ
× × ×
ତନୁ ମନ ବିବସ ଖସଏ ନୀବିବନ୍ଧ
ବିଦ୍ୟାପତି ପଦାବଳୀ, ପୃ-୩୪



Digitized by srujanika@gmail.com

ପଦାବଳୀରେ ଏହି ଅଂଶ ଥିବା କବିତା ଗୁଚ୍ଛର ନାମ— ଶ୍ରୀରାଧାଙ୍କ ପୂର୍ବରାଗ । କବି ନରସିଂହ ସେଣ ନିଜ ପଞ୍ଚକର ନାମ ରଖିଛନ୍ତି ଅନୁରାଗ ପଞ୍ଚକ । ଗାଥା ସପ୍ତଶତୀରେ ମଧ୍ୟ ନାୟିକା କହୁଛି ଯେ ପ୍ରିୟର କର ସ୍ପର୍ଶ ହେଉ ହେଉ ତାହାର ବସ୍ତ୍ର ଗଣ୍ଠି ଶିଥିଳ ତଥା ସ୍ଖଳିତ ହୋଇଯାଇଛି । ଏହି ସ୍ଥିତିରେ ନୀବିଗ୍ରନ୍ଥି ଉନ୍ମୋଚିତ ହୋଇଥିବାରୁ ସେ ଲଜ୍ଜିତା ହୋଇଛି । ଅର୍ଥାତ୍ ସେ ଯେଉଁ କାର୍ଯ୍ୟକୁ ପ୍ରଯତ୍ନ ପୂର୍ବକ ନିର୍ବାହ କରିବାକୁ ଚାହିଁଛି, ଅତିଶୟ ଅନୁରାଗ ହେତୁ ତାହା ଆପେ ଆପେ ସମ୍ପନ୍ନ ହୋଇଛି । ନାୟିକା ଲଜ୍ଜାରୁ ନିବର୍ତ୍ତିବା ନିମନ୍ତେ ହସିଦେଇ ନାୟକର କଣ୍ଠ ସଂଲଗ୍ନ ହୋଇ ଯାଇଛି (୫) ।

ଅତିଶୟ ଆନନ୍ଦିତ ହେବା ଫଳରେ ନାୟକର ସ୍ପର୍ଶରେ ନାୟିକା ଶରୀରରେ କମ୍ପ (ଅଷ୍ଟ ସାତ୍ତ୍ୱିକ ବିକାର ମଧ୍ୟରୁ ଅନ୍ୟତମ) ଦେଖା ଦେବା ସଙ୍ଗେ ସଙ୍ଗେ ସେ (ନାୟିକା) ଆଖିବୁଜି ଦିଏ । ଶୀତ୍କାର ହେତୁ ନାୟିକାର ଶରୀରରେ କମ୍ପନ ଜାତ ହେଉଥିବା ଏବଂ ନୟନ ଯୁଗଳ ମୁଦ୍ରିତ ହେଉଥିବା ଦୃଶ୍ୟ ଅମରୁ ଶତକରେ ଉପଲବ୍ଧ ହୁଏ (୬) । ଭାନୁଦତ୍ତ ମଧ୍ୟ ଅଭିସାରିକା ନାୟିକା ପ୍ରିୟ କରସ୍ପର୍ଶରେ କମ୍ପିତ ଏବଂ ବାଣୀକୁ ଶୁଣିବା କ୍ଷଣି ଆଖିକୁ ବୁଜି ଦେଉଥିବାର ଏକ ଉଦାହରଣ ପ୍ରଦାନ କରିଛନ୍ତି (୭) ।

କବିଙ୍କ ଅନୁଯାୟୀ ସୁରତ କାଳରେ ମୋହ ପ୍ରାପ୍ତ ହେଉଥିବା ନାୟିକାହିଁ 'ରତେଣୀ' ବା ଅନୁରାଗବତୀ । ଏଠାରେ ମୋହ ଅବସ୍ଥା ହେଉଛି ଜ୍ଞାନ ବା ଚେତନା ଶୂନ୍ୟ ଅବସ୍ଥା । ସୁରତ କାଳରେ ଅଚେତନ ନାୟିକାକୁ ଆଳଙ୍କାରିକ ଗଣ ପ୍ରଗଲ୍ଭା ନାମ ପ୍ରଦାନ କରିଥାନ୍ତି । ଯୌବନରେ

---

(୫) ଜାଓସୋ କଲକ୍ଖୋ ମଏ ବି ହସିଊଣ ଗାଢ଼ ମୁବ ଗୂଢ଼ା
ପଡ଼ ମୋ ସରଅସ୍ସ ଣିଅଂସଣସ୍ସ ଗଣ୍ଠିଂ ବିମଗଗନ୍ତୋ

—ଗାଥା ସପ୍ତଶତୀ ୪/୫୧

(୬) ସୀତ୍କାରାଞ୍ଚିତ ଲୋଚନା ସରଭସଂ ଯୈଶ୍ଚୁମ୍ବିତା ମାନିନୀ

—ଅମରୁ ଶତକ/୨

(୭) ରସ ମଞ୍ଜରୀ, ପୃ-୨୩୦



Digitized by srujanika@gmail.com

ଅନ୍ଧହେବା ଭଳି, କାମରେ ଉନ୍ମତ୍ତ ହେବା ପରି,ଆନନ୍ଦର କାରଣ ପ୍ରିୟତମାଙ୍କ ଅଙ୍ଗରେ ପ୍ରବେଶ କଲପରି, ସୁରତ ଆରମ୍ଭରେ ଚେତନା ହରାଇ ବସୁଥିବା ନାୟିକାକୁ ଧନଞ୍ଜୟ ପ୍ରଗଳ୍ଭା ରୂପେ ଗ୍ରହଣ କରିଛନ୍ତି (୮) । ଭାନୁଦତ୍ତ ସୁରତି କାଳରେ ମୋହ ପ୍ରାପ୍ତା ନାୟିକାକୁ ଆନନ୍ଦ ସମ୍ମୋହବତୀ (ପ୍ରଗଳ୍ଭାର ଏକ ଭେଦ) ଆଖ୍ୟା ପ୍ରଦାନ କରିଛନ୍ତି (୯) ।

ନୟନର ବାଣେ ହୃଦୟ ଖୋଳଇ ଭାବ ବୀଜ ତହିଁ ରୋଇ
ପ୍ରେମ ଜଳ ସିଞ୍ଚି ବୃକ୍ଷ ରୂପକେ ନାନା ଅଳଙ୍କାରେ ବେସ ଦେଇ
ଅନୁରାଗ ଲତା ତହିଂ ବଢ଼ାନ୍ତେ ଫୁଲଇ ସୁରତି ଫୁଲ
ନାଏକ ନାଏକା ଭୋଗ ସେ କରନ୍ତି ସେ ଅମୃତ ଫୁଲ ।୨।

ଉକ୍ତ ଅଂଶରେ ଅନୁରାଗକୁ ଏକ ଲତା ସହ ତୁଳନା କରାଯାଇଛି । ଲତା ଯେପରି ମୃତ୍ତିକା କର୍ଷଣ, ବୀଜବପନ,ଜଳ ସିଞ୍ଚନ, ବୃକ୍ଷ ରୋପଣ,ଲତା ବୃଦ୍ଧି, ଫୁଲ ଫୁଟିବା ଓ ଫଳ ଫଳିବା ଆଦି ବିଭିନ୍ନ ବିକାଶ କ୍ରମ ନେଇ ଗତି କରିଥାଏ, ସେହିପରି ଅନୁରାଗ ନାୟକ ବାଣ-ହୃଦୟ କର୍ଷଣ, ଭାବ-ବୀଜ ରୋପଣ, ପ୍ରେମ-ଜଳ ସିଞ୍ଚନ, ସୁରତି-ଫୁଲ ଓ ଅମୃତ ଫଳ ଆଦି ବିଭିନ୍ନ କ୍ରମ ରକ୍ଷା କରେ । ଏହି ଅମୃତ ସଦୃଶ ଫଳକୁ ଆସ୍ୱାଦନ କରିଥାନ୍ତି ନାୟକ ଓ ନାୟିକା । ରସ ମଞ୍ଜରୀ ଗ୍ରନ୍ଥରେ କୁହାଯାଇଛି, ରତି ଏକ ପୁଷ୍ପ ସଦୃଶ ହୃଦୟ ଦେଶରେ ଉତ୍ପନ୍ନ ହେଉଥିବା ଚିତ୍ତବୃତ୍ତି । ଏହା ପ୍ରେମରେ ଅଙ୍କୁରିତ, ମାନରେ ପଲ୍ଲବିତ, ପ୍ରଣୟରେ କୁଡ୍‌ମଳିତ ଓ ସ୍ନେହରେ କୁସୁମିତ ହୁଏ । ରତିର ଏହି କୁସୁମିତାବସ୍ଥା ହିଁ ଶୃଙ୍ଗାର (୧୦) । ଅନ୍ୟ ଏକ ଆଚାର୍ଯ୍ୟଙ୍କ ଅନୁଯାୟୀ

---

(୮) ଯୌବନାନ୍ଧା ସ୍ମରୋନ୍ମତ୍ତା ପ୍ରଗଲ୍‌ଭା ଦୟିତାଙ୍ଗକେ
ବିଲୀୟ ମାନେ ବାନନ୍ଦା ଦ୍ରୁତା ରମ୍ଭେଽପ୍ୟ ଚେତନା
—ଦଶରୂପକ ପୃ-୧୦୬

(୯) ରସ ମଞ୍ଜରୀ, ପୃ-୪୦

(୧୦) ଇୟମଙ୍କୁରିତା ପ୍ରେମତେ ମାନାତ୍ ପଲ୍ଲବିତା ତଥା
ସକୋରକା ପ୍ରଣୟତଃ ସ୍ନେହାତ୍ କୁସୁମିତା ଭବେତ୍
—ଶାରଦା ତନୟ



Digitized by srujanika@gmail.com

ପ୍ରେମ ଭାବ ଶୃଙ୍ଗାରରେ ପରିଣତ ହେବାପାଇଁ ସାତଗୋଟି ସୋପାନଙ୍କ ଆବଶ୍ୟକ ହୁଏ । ଏହାର ପ୍ରଥମ ସୋପାନ ହେଉଛି ପ୍ରେମାରମ୍ୟ ବସ୍ତୁକୁ ପ୍ରଥମ ଥର ପାଇଁ ଦେଖିବା ଇଚ୍ଛା ; ଦ୍ୱିତୀୟ ସୋପାନ ଅଭିଳାଷ— ସେହି ବସ୍ତୁ ପାଇଁ ଚିନ୍ତା; ତୃତୀୟ ସୋପାନ ରାଗ— ସେହି ବସ୍ତୁ ପ୍ରତି ଆସକ୍ତି; ଚତୁର୍ଥ ସୋପାନ ପ୍ରଣୟ—ଆସକ୍ତିର ଆଧିକ୍ୟ; ପଞ୍ଚମ ସୋପାନ ପ୍ରେମ ଏଥିରେ ବିୟୋଗ ସହ୍ୟ କରିହୁଏ ନାହିଁ; ଷଷ୍ଠ ସୋପାନ ରତି – ଏଥିରେ ରମ୍ୟ ବସ୍ତୁର ସାନ୍ନିଧ୍ୟ ମିଳେ; ସପ୍ତମ ସୋପାନ ହେଉଛି ଶୃଙ୍ଗାର—ଏଥିରେ ସେହି ବସ୍ତୁ ସହ କ୍ରୀଡ଼ା କରିବାର ସୌଭାଗ୍ୟ ପ୍ରାପ୍ତି ହୁଏ (୧୧) । ଯେପରି ଇକ୍ଷୁ ବୀଜ ଇକ୍ଷୁ ଗୁଡ଼ ଖଣ୍ଡ ଶର୍କରା ଓ ସିତା ଆଦି ବିଭିନ୍ନ ରୂପରେ ପରିବର୍ତ୍ତିତ ହୋଇ ଶେଷରେ ସିତୋପଳା ବା ଶିଳା ହୁଏ ସେହିପରି ରତି, ପ୍ରେମ, ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ ଆଦି କ୍ରମରେ ପୁଷ୍ଟ ହୋଇ ଶୃଙ୍ଗାର ଅବସ୍ଥାକୁ ପ୍ରାପ୍ତ ହୋଇଥାଏ (୧୨) । ଅନ୍ୟ ଏକ ଆଳଙ୍କାରିକ 'ସୁଧାକର' ରତିର ପ୍ରେମ, ମାନ, ପ୍ରଣୟ, ସ୍ନେହ, ରାଗ ଓ ଅନୁରାଗ ଆଦି ଛଅ ଅବସ୍ଥା ମଧ୍ୟରୁ ଅନୁରାଗକୁ ଅନ୍ତିମ ଅବସ୍ଥା ରୂପେ ଗ୍ରହଣ କରିଥିବା ଜଣାଯାଏ (୧୩) । ଭର୍ତ୍ତୃହରିଙ୍କ ଅନୁଯାୟୀ ଶୃଙ୍ଗାର ବୃକ୍ଷରେ ନାୟକ ନାୟିକାଙ୍କ କ୍ରୀଡ଼ାରସ ହେଉଛି ଜଳ ଦାନ (୧୪) । ରତ୍ନାବଳୀ ନାଟକରେ ବିଦୂଷକ, ରାଜା,

---

(୧୧) ପ୍ରେମା ଦିଦୃକ୍ଷା ରମ୍ୟେଷୁ, ତଚ୍ଚିନ୍ତାତ୍ୱଭିଲାଷକଃ
ରାଗ ସ୍ତତ୍ସଙ୍ଗ ବୁଦ୍ଧିଃ ସ୍ୟାତ ସ୍ନେହତ୍ ପ୍ରବଣ-କ୍ରିୟା
ତଦ୍ ବିୟୋଗାସହଂ ପ୍ରେମ ରତିସ୍ତତ୍ସହ ବର୍ତ୍ତନମ୍
ଶୃଙ୍ଗାରସ୍ତତ୍ସମଃ କ୍ରୀଡ଼ାଂ ସଂଯୋଗ ସପ୍ତଧା କ୍ରମାତ୍
—ରସ ମଞ୍ଜରୀ ୩୨୩ ପୃଷ୍ଠାରୁ ଗୃହୀତ

(୧୨) ରସ ମଞ୍ଜରୀ, ପୃ-୩୨୪

(୧୩) ଅଙ୍କୁର ପଲ୍ଲବ କଳିକା ପ୍ରସୂନ ଫଳ ଭୋଗ ଭାଗିୟଂ କ୍ରମଶଃ
ପ୍ରେମା ମାନଃ ପ୍ରଣୟଃ ସ୍ନେହୋ ରାଗୋଽନୁରାଗ ଇତ୍ୟୁକ୍ତଃ
—ଅଭିଜ୍ଞାନ ଶାକୁନ୍ତଳମ୍‌ର ଟୀକା, ପୃ-୨୩୨

(୧୪) ଶୃଙ୍ଗାର ଦ୍ରୁମ ନୀରଦେ ପ୍ରସୃମର କ୍ରୀଡ଼ାରସ ସ୍ରୋତସି
— ଶୃଙ୍ଗାର ଶତକମ୍/୩୦



Digitized by srujanika@gmail.com

ସାଗରିକା ଓ ସୁସଙ୍ଗତାଙ୍କ ମଧ୍ୟରେ ଉତ୍ତରୋତ୍ତର କଥୋପକଥନ ଅନୁରାଗର ପ୍ରକାଶ କରିଥାଏ । ତହିଁରେ ବତ୍ସରାଜଙ୍କର ସାଗରିକା ପ୍ରତି ଅନୁରକ୍ତି ହେଉଛି ଅନୁରାଗ ବୀଜ ଏବଂ ସାଗରିକାଙ୍କର ଆସକ୍ତି ହେଉଛି ଅଙ୍କୁର (୧୫) । ବୀଜରୁ ଫଳ ପର୍ଯ୍ୟନ୍ତ ବିକାଶ କ୍ରମକୁ ଭିନ୍ନ ଭାବରେ ଉପମାନ ରୂପେ ପ୍ରୟୋଗ କରିଥିବା ଦୃଶ୍ୟ 'ବେଣୀ ସଂହାର'ରେ ଉପଲବ୍ଧ ହୁଏ । ସେଥିରେ କୁହାଯାଇଛି—ଅଥବା ଏ ବିଷୟରେ ଭାଗ୍ୟକୁ ଦୋଷ ଦେବ କାହିଁକି ? ଏହା ହେଉଛି ସେହି କପଟ ବିଷ ବୃକ୍ଷର ଫଳ – ତିରସ୍କୃତ ହୋଇଥିବା ବିଦୁରର ବଚନ ଯାହାର ବୀଜ, ଅବହେଳିତ ପିତାମହଙ୍କର ହିତୋପଦେଶ ଯାହାର ଅଙ୍କୁର, ଶକୁନିର ପ୍ରୋତ୍ସାହନ ଯାହାର ଦୃଢ଼ମୂଳ ଏବଂ ଦ୍ରୌପଦୀ କେଶାକର୍ଷଣ ହେଉଛି ଯାହାର ପୁଷ୍ପ (୧୬) ।

ପ୍ରାକୃତ ଗ୍ରନ୍ଥରେ କୁହାଯାଇଛି ଚିର ପ୍ରଣୟ ରୂପକ ଦୃଢ଼ ମୂଳରେ ସ୍ଥିତ ପ୍ରେମ ବୃକ୍ଷମାନରେ ପରିବର୍ଦ୍ଧିତ ହୋଇଥାଏ (୧୭) । ଅନ୍ୟ ଏକ ସ୍ଥଳରେ ନାୟିକା ସଖୀଙ୍କ କହନ୍ତି— ମୋତେ ଅନୁନୟ କରିବା ପାଇଁ ପ୍ରିୟତମ ଯେତେବେଳେ ମୋ ଅଙ୍କକୁ ଆସନ୍ତି, ସେତେବେଳେ ତାଙ୍କର ବିକଚ ନେତ୍ର ସୋହାଗରେ ହସି ଉଠୁଥାଏ । ତାଙ୍କ ଅନୁନୟକୁ ପ୍ରତ୍ୟାଖ୍ୟାନ କଲେ ବିଷମ ଆଘାତରେ କ୍ଷୀଣ ନୟନରେ ଅଶ୍ରୁ ଟଳ ଟଳ ହୁଏ, ଫେରିଯିବା ବେଳେ

---

(୧୫) ରତ୍ନାବଳୀ, ଦ୍ୱିତୀୟ ଅଙ୍କ

(୧୬) ଅଥବା କମତ୍ର ଦୈବମୁପାଳଭାମି ତସ୍ୟ ଲେନ୍ତ ତର୍ଜିତସ୍ୟ ବିଦୁର ବଚନ ବୀଜସ୍ୟ ପରିଭୂତ ପିତାମହ ହିତୋପଦେଶାଙ୍କୁରସ୍ୟ ଶକୁନି ପ୍ରୋତ୍ସାହନା ରୂଢ଼ମୂଳସ୍ୟ କୂଟ ବିଷ ଶାଖିନଃ ପାଞ୍ଚାଳୀ କେଶ ଗ୍ରହଣ କୁସୁମସ୍ୟ ଫଳଂ ପରିଣମିତ

—ବେଣୀ ସଂହାରମ୍/୪ର୍ଥ ଅଙ୍କ

(୧୭) ତହ ତସ୍ସମାଣ ପରିବଡ଼୍ଢି ଅସ୍ସ ଚିର-ପଣଅ-ବଦ୍ଧମୂଲସ୍ସ ମାମି ପଡନ୍ତସ୍ସ ସୁଓ ସନ୍ଦୋ‌ଵଣ ପେମ୍ମ-ରୁକ୍ଖସ୍ସ

— ଗାଥା ସପ୍ତଶତୀ, ୫/୩୧



Digitized by srujanika@gmail.com

ମୋ ଆଡକୁ ହସ ଯେଉଁ କରୁଣ ନୟନ ଦୃଷ୍ଟିରେ ଦୃଷ୍ଟାନ୍ତ, ସେ ଦୃଷ୍ଟିରେ ମୋର ମନରେ ଯେଉଁ ମନ୍ଥନ ବା କ୍ଷୋଭ ଜାତ ତାହା ମୋ ପାଇଁ ମନ୍ମଥର ବାଣ ଭଳ ହୋଇଯାଏ (୧୮) ।

ଅଦ୍ଭନଣି ତାର ଗୁଣ ଯେ କହଇ ଦୟା ଗୁଡ଼ଇଲ କ ମୋତେ
ପର ଆପଣା କେବେ ହେଁ ନୁହଇ ଫେଡ଼ଣ କହୁବ କେତେ ।୩।

ଉକ୍ତ ପଂକ୍ତିଦ୍ୱୟରୁ ନାୟକ ମୁଖରେ ଅନ୍ୟ ନାୟିକାର ଗୁଣ ଶ୍ରବଣ କର ନାୟକ ପ୍ରଥମା ପ୍ରତି ନର୍ଦ୍ଦୟ ଭାବ ପ୍ରକାଶ କରଥିବା ଜଣାଯାଇଛି । ନାୟିକାର ପୁନର୍ବାର ଉକ୍ତି ହେଉଛି ଯେତେ ଚେଷ୍ଟା କଲେ ପର କଦାପି ଆପଣାର ହୁଏ ନାହିଁ । ଏହ ଉକ୍ତିରୁ ନାୟିକା ନାୟକକୁ ସତର୍କ କରାଇବା ଜଣାଯାଏ । ନାୟିକାର ବକ୍ତବ୍ୟ—ନାୟକ ତାହାପ୍ରତି ଦୟା ତ୍ୟାଗ କରଛି ଅର୍ଥାତ୍ ନାୟକ ଅନ୍ୟ ନାରୀ ପ୍ରତି ଆସକ୍ତ ହୋଇଛି ଏବଂ ସେ ଯେଉଁ ପର ନାରୀ ପ୍ରତି ଆସକ୍ତ ହୋଇଛି ସେ କଦାପି ତା' ପକ୍ଷ ଆପଣାର ହୋଇପାରିବ ନାହିଁ । ଏହ ଉକ୍ତିରୁ ନାୟିକା ବକ୍ରୋକ୍ତି ପ୍ରୟୋଗ କରଥିବା ଜଣାଯାଏ । ଭାନୁଦତ୍ତ ମଧ୍ୟାଧୀରା ନାୟିକାର ଉଦାହରଣରେ କହୁଛନ୍ତି, ପର ସ୍ତ୍ରୀ ସହିତ ମିଳିତ ହୋଇ ସାରବା ପରେ ତତ୍ପର ହୋଇ ନାୟକ ଗୃହରେ ପଶିବା ପରେ ନାୟିକା ଧୀର ସ୍ୱଭାବରେ ନିଜର କୋପକୁ ବକ୍ରୋକ୍ତି ଭାବରେ ପ୍ରକାଶ କରଛି (୧୯) । ଧନଞ୍ଜୟ ମଧ ମଧ୍ୟାଧୀରା ନାୟିକାର ଅଭିମାନ ସମ୍ପର୍କରେ କହୁଛନ୍ତି ଯେ ଉକ୍ତ ନାୟିକା ଉପହାସର ସହିତ ବକ୍ରୋକ୍ତି ଦ୍ୱାରା ଅପରାଧୀ ପ୍ରିୟତମକୁ କଷ୍ଟ ଦେଇଥାଏ (୨୦) । କନ୍ତୁ ନରସିଂହ ସେଣଙ୍କ ନାୟିକା ବକ୍ରୋକ୍ତି ପ୍ରକାଶ କରଥିଲେ ମଧ ଉପହାସ କରନାହିଁ । ଏଥିରୁ ତା'ର

---

(୧୮) ଜେ ସଁ ମୁହାଗଅ-ବୋଲନ୍ତ-ବଲଅ-ପିଅ-ପେମ୍ମିଅଛ-ବଚ୍ଛାହା
ଅମ ହଂ ତେ ମଅଣ-ସର-ଜସେ୍ସ ଜେ ହୋନ୍ତ ତେ ହୋନ୍ତୁ
—ଗାଥା ସପ୍ତଶତୀ, ୩/୧୦

(୧୯) ରସ ମଞ୍ଜରୀ, ପୃ-୫୬

(୨୦) ଧୀରା ସୋ ତ୍ପାସବକ୍ରୋକ୍ତ୍ୟା ମଧ୍ୟା —ଦଶରୂପକ ପୃ-୧୦୪



Digitized by srujanika@gmail.com

ମହାମାପୂତା ଲକ୍ଷ୍ୟ କରହୁଏ । ମତ୍ତଗ୍ରାମ ମଧ୍ୟ କହନ୍ତୁ ବଚନ ଭଙ୍ଗିମା ଦ୍ୱାରା ଯେଉଁ ନାୟିକା ଆପଣା କୋପ ବା ମାନକୁ ଅପରାଧୀ ନାୟକ ପ୍ରତି ପ୍ରକାଶ କରିଥାଏ ସେ ହେଉଛି ମଧ୍ୟା ଧୀରା ନାୟିକା (୨୧) । ସେ ଏହାର ଉଦାହରଣରେ କହିଛନ୍ତି ଯେ ନାୟିକା ଆପଣା ପତି ଅଙ୍ଗରେ ସମ୍ଭୋଗ ଲକ୍ଷଣମାନ ଦେଖି ତାହାକୁ ପଚାରୁଛି, ଭ୍ରମରମାନେ ଉଡ଼ୁ ନଥିବା ବେଳେ କିଏ ତାହାର (ନାୟକର) ଅଧର ପଲ୍ଲବକୁ କ୍ଷତ ବିକ୍ଷତ କରିଛି । ପୁଣି ନାୟକର ନେତ୍ରରେ କିପରି ବିପର୍ଯ୍ୟସ୍ତ କଜ୍ଜ୍ୱଳ ଦାଗ ଦେଖାଦେଉଛି ସେ ପ୍ରଶ୍ନ ମଧ୍ୟ କରିଛି (୨୨) । କିନ୍ତୁ ନରସିଂହ ସେଣଙ୍କ ନାୟିକା ବକ୍ରୋକ୍ତି ପ୍ରକାଶ କରିଛି ସତ ନାୟକ ନିକଟରେ ଅପର ସ୍ତ୍ରୀ ସମ୍ଭୋଗ ଚିହ୍ନକୁ ଦର୍ଶାଇ ନାହିଁ ।

ଭବ ଅନ୍ୟାନ୍ୟ ପଞ୍ଚକରେ ପଦଗୁଡ଼ିକୁ ଚାରିଗୋଟି ପାଦରେ ବିଭକ୍ତ କରିଥିବା ବେଳେ ଉକ୍ତ ପଦରୁ କେବଳ ଦୁଇଗୋଟି ପଦ ମିଳିଥାଏ ।

ମଧୁକର ଦେଖି ସେ ପୁଣ ବୋଲଇ ନାଏକକୁ ସେ ଶୁଣାଇ
ମଧୁପାନ ଯାସ୍ତେ ସବୁ କହୁଥାଅ ତୁମ୍ଭଙ୍କୁ ବିଶ୍ୱାସ ନାହିଁ
ମାଳତୀ ମଧୁ ଶୁଖି ନ ଥାଇ ଯାଇଣ ରମେ କି ଖାଇ
ଭୁମ୍ଭଙ୍କୁ ରମଇ ଯର୍ଭ୍ଵ କୁସୁମ ସେ ବେଗ ହୋଇ ମରଇ ।୮।

ନାୟିକା ବକ୍ରୋକ୍ତିରେ ନାୟକକୁ ଭ୍ରମର ରୂପେ ଗ୍ରହଣ କରିଛି । ଭ୍ରମର ଯେପରି ଫୁଲରୁ ମଧୁପାନ କରୁଥିବା ପର୍ଯ୍ୟନ୍ତ ଫୁଲପ୍ରତି ଆସକ୍ତ ଥାଏ ଏବଂ ସେ ଫୁଲରୁ ମଧୁରସ ଶେଷ ନ ହେଉଣୁ ଅନ୍ୟ ଫୁଲ ପ୍ରତି ଆସକ୍ତ ହୁଏ, ସେହିପରି ନାୟକ ଭାବ । ସାଧାରଣତଃ ଶଠନାୟକ କୌଣସି ନାୟିକା ନିକଟରେ ଆବଦ୍ଧ ହୋଇପାରେ ନାହିଁ । ନାୟକକୁ ଭ୍ରମର ଓ ନାୟିକାକୁ

---

(୨୧) ବଚନାରେ ଜୋ ସୌଂ ପିୟ୍ରାହଂ ଜନାବତ କୋପ
ମଧ୍ୟା ଧୀରା କହତ ହେଂ ତାହି ସୁମତି ରସ ରୋପ

ରସରାଜ/୩୭

(୨୨) ତତ୍ରୈବ, ପୃ-୨୦



Digitized by srujanika@gmail.com

ଫୁଲ ରୂପେ ଉପମାନ ଗ୍ରହଣ କରିବା ବହୁ ଗ୍ରନ୍ଥରେ ଉପଲବ୍ଧ ହୁଏ । ରସ ମଞ୍ଜରୀରେ କୁହାଯାଇଛି ନାୟକ ମଧୁପାନ ପରି ପରକୀୟା ସହିତ ମିଳିତ ହୋଇଥାଏ [୨୩] । ସଖୀ ନାୟକର ମଧୁପ ସ୍ୱଭାବ ପ୍ରତି ଆକ୍ଷେପ କରିବାରୁ ନିଜର ଅପରନ୍ତ ରୂପ ରସ ଉପରେ ବିଶ୍ୱାସ ରଖିଥିବା ନାୟିକା ସଖୀକୁ କହୁଛି—ତୁ ଯେ କହୁଲୁ ଏହି ଭ୍ରମର କୌଣସି ଗୋଟିଏ ଫୁଲରେ ରସୁନାହିଁ, ନିତ୍ୟ ନବ ନବ ପୁଷ୍ପର ମଧୁପାନ ପାଇଁ ପୁଷ୍ପ ବଧୂର ଅନ୍ୱେଷଣ କରୁଛି । ତାହାର କାରଣ ଅନୁସନ୍ଧାନ ନ କରି ଭ୍ରମରକୁ ଦୋଷ ଦେବା ନିରର୍ଥକ । ଭ୍ରମରର ସ୍ୱଭାବ ସେ ମଧୁ ଖୋଜି ବୁଲିବ । ସେ ଯଦି ଗୋଟିଏ ଫୁଲରେ ସ୍ଥିର ରହୁଛି ତାର କାରଣ ମକରନ୍ଦରିକ୍ତ କୁସୁମମାନେ ତାକୁ ନିରାଶ କରୁଛନ୍ତି । ଭ୍ରମରର ସେଥିରେ କି ଦୋଷ ? ମଧୁଭରା ଫୁଲ ପାଇଲେ ତହିଁରେ ସେ ବସିବ, ଶୂନ୍ୟ କୁସୁମରେ ତାର ରସତୃଷ୍ଣା ମେଣ୍ଟିବ କିପରି ? ରସଶୂନ୍ୟ ପୁଷ୍ପମାନଙ୍କଠାରୁ ନିରାଶ ହୋଇ ସେ ସିନା ଅନ୍ୟ ଫୁଲ ନିକଟକୁ ଯାଉଛି (୨୪) । ଏଠାରେ ନାୟିକା ପରୋକ୍ଷରେ ନାୟକକୁ ଦୋଷ ଦେଉନାହିଁ ଅର୍ଥାତ୍ ସେ ନାୟକ ପ୍ରତି ଆସ୍ଥାଶୀଳ । କିନ୍ତୁ 'ରୂପ ମୁକୁତାବଳୀ'ର ନାୟିକା ନାୟକକୁ ଅବିଶ୍ୱାସୀ ଭାବେ ପରିକଳ୍ପନା କରିଛି । ଗାଥା ସପ୍ତଶତୀର ଅନ୍ୟ ସ୍ଥଳରେ ଦୂତୀ ନାୟକକୁ କହୁଛି ରେ ଭଅଁର ! ଯେତେବେଳେ ମାଳତୀ କରନ୍ଦରେ ପୂର୍ଣ୍ଣ ଥିଲା ସେତେବେଳେ ତୁ ଅନ୍ୟ ସମସ୍ତ ଫୁଲକୁ ଆଗକରି ତା' ନିକଟକୁ ବୁଲି ଆସିଥିଲୁ – ଅର୍ଥାତ୍ ଯେତେବେଳେ ନାୟିକା ଆପଣାର ସମସ୍ତ ଗୁଣରେ ପରିପୂର୍ଣ୍ଣ ଥିଲା ସେତେବେଳେ ଅନ୍ୟ ନାରୀଙ୍କୁ ପରିତ୍ୟାଗ କରି ନାୟକ ନାୟିକା ନିକଟରେ ତଲ୍ଲୀନ ଥିଲା । କିନ୍ତୁ ବର୍ତ୍ତମାନ ମାଳତୀ ନିକଟରୁ ମକରନ୍ଦ ସମାପ୍ତ ହୋଇ ସେ ଫଳ ଭାରରେ ଅବନତ ହୋଇଯାଇଛି । ଅର୍ଥାତ୍ ତୋର ପ୍ରିୟା ଗର୍ଭବତୀ ହୋଇଥିବାରୁ ତୁ ଆଜି

---

(୨୩) ରସ ମଞ୍ଜରୀ, ପୃ-୫୯

(୨୪) ଅଣ୍ଣାସଣ୍ଣେ କୁସୁମ-ରସଂ ଜଂ କିର ସୋ ମହଇ ମହୁଅରୋ ପାଉଂ ତଂ ଣୀରସାଣ ଦୋସୋ କୁସୁମାଣଂ ଣେଅ ଭମରସ୍ସ

—ଗାଥା ସପ୍ତଶତୀ, ୨/୩୯



Digitized by srujanika@gmail.com

ପ୍ରିୟାକୁ ତ୍ୟାଗ କରି ଗୃହ ଯାଉଛନ୍ତି (୨୫) । ନରସିଂହ ସେଣଙ୍କ ବର୍ଣ୍ଣନାରେ ନାୟକକୁ ନ କହି ନାୟିକା ନିଜେ ନାୟକକୁ କହୁଛି ।

ନାୟିକାଙ୍କୁ କୁସୁମ ସହ ତୁଳନା କରିବାରେ କବିଙ୍କ ଭାଷାରେ ବ୍ୟଞ୍ଜନା ଶକ୍ତି ଅଧିକ ବୃଦ୍ଧି ପାଇଛି । କାରଣ କୁସୁମରେ ଥାଏ ଗନ୍ଧ, ସ୍ପର୍ଶ, ରୂପ ଓ ରସ । ଏହି ସବୁ ଗୁଣ ଯୁକ୍ତା ହୋଇ ନାୟିକା ନାୟକକୁ ଆକୃଷ୍ଟ କରେ । ମତିରାମ ମଧ୍ୟ ନାୟିକାକୁ କୁସୁମିତ ଲତା ଓ ନାୟକକୁ ରତିରସ ଲୋଭୀ ଭ୍ରମର ସହ ତୁଳନା କରିଛନ୍ତି (୨୬) ।

ଅଳଙ୍କାର ଶାସ୍ତ୍ରରେ ଧୃଷ୍ଟ ନାୟକ ନିର୍ଭୟ ହୋଇ ଅପରାଧ କରୁଥିବା ଏବଂ ପତ୍ନୀର ମାନ ପ୍ରତି ଭ୍ରୂକ୍ଷେପ କରୁ ନଥିବା କୁହାଯାଇଛି (୨୭) । ରସ ମଞ୍ଜରୀକାର ନାୟକ ପୁନଃ ପୁନଃ ଅପରାଧ କରି ଏବଂ ନାୟିକାର ବାରମ୍ବାର ନିଷେଧ ସତ୍ତ୍ୱେ କୌଣସି ସଙ୍କୋଚ ନ କରି ତାହାର ସମ୍ମୁଖରେ ନିଜର ଧୃଷ୍ଟତା ପ୍ରତିପାଦନ କରୁଥିବା ନାୟକକୁ ଧୃଷ୍ଟ ଆଖ୍ୟା ପ୍ରଦାନ କରିଛନ୍ତି (୨୮) ।

ଆପଣା ଜା'ର ପରକୁ ରସିଲ ତାହା ଶୁଣୁଥିଲ ବାଳା
ତାହାର କଥା ସଖୀ ଆଗରେ କହୁ ସେ ଆସି ମିଳିଲ,

---

(୨୫) ବଦ୍ଧ·ଫଳ–ଘର ଘୂରୁଣ୍ଡଂ ମାଳଲିଁ ଏଣ୍ଡହିଂ ପରିଚଅମ୍ମି
—ଗାଥା ସପ୍ତଶତୀ, ୧/୯୨

(୨୬) ରସରାଜ, ପୃ-୯୮

(୨୭) କରେ ଦୋଷ ନିରସଂକ ଜୋଡରେ ନ ଡରୁକେ ମାନ
ଲାଜ ଧରେ ମନ ସେଁ ନହିଁ, ନାୟକ ଧୃଷ୍ଟ ନିଦାନ
— ରସରାଜ/୨୫୩

୨୮ ଭୂୟୋ ନିଶଙ୍କ କୃତ ଦୋଷୋଽପି ଭୂୟୋ ନିବାରିତୋଽପି ଭୂୟୋ
ପ୍ରଶ୍ରୟ ପରାୟଣୋ ଧୃଷ୍ଟଃ
—ରସ ମଞ୍ଜରୀ, ପୃ-୨୮୫



Digitized by srujanika@gmail.com

ତାହାକୁ ଦେଖି ବିରସ ବାମା ବେଗେଣ ଶେଯ ପକାଇ
ଘନ ଘନ କରି ନିଶ୍ୱାସ ଛାଡ଼ଇ ଚକ୍ଷୁରେ ଲୁହ ମୁଗେଇ ।୫।

ଏଠାରେ ଜା'ଇ ଶବ୍ଦ ପ୍ରୟୋଗ ହୋଇଥିବା ହେତୁ ନାୟିକା ବିବାହିତା । ଯେଉଁ ବିବାହିତା ସ୍ତ୍ରୀ ବା ପରିଣୀତା ଆପଣା ପତିକୁ ତ୍ୟାଗ କରି ଅପର ପୁରୁଷ ପ୍ରତି ଆସକ୍ତା ହୁଏ ତାହାକୁ ପରକୀୟା କୁହାଯାଏ (୨୯) । ନାୟିକା ପରକୀୟା ହେଲେ ମଧ୍ୟ ତାହାର ଜା'ର ଅପର ନାୟିକା ପ୍ରତି ଆସକ୍ତ ହେଲେ ତା' ପକ୍ଷରେ ଏହାଠାରୁ ଆଉକିଛି ଦୁଃଖଦ ବିଷୟ ନ ଥାଏ । ଜା'ର ନିକଟରେ ଅନ୍ୟ ନାରୀର ଉପସ୍ଥିତି ତା' ପକ୍ଷରେ ହୁଏ ଅସହ୍ୟ । ସେ ସଖୀ ନିକଟରେ ତାର ଦୁଃଖଦ ପରିସ୍ଥିତି ବର୍ଣ୍ଣନା କରିବା ସମୟରେ ଜା'ର ପୁରୁଷ ଉପଗତ ହୋଇଛି ଓ ତା'କୁ ଦେଖିବାକ୍ଷଣି ନାୟିକାର ବେଦନା ବୃଦ୍ଧି ପାଇଛି । ନାୟିକାର ବେଦନା, ଘନ ଘନ ନିଶ୍ୱାସ ଓ ଲୁହ ମାଧ୍ୟମରେ ପ୍ରକାଶିତ । ନାୟକ ଜା'ର ହୋଇ ଅନ୍ୟ ପ୍ରତି ଆସକ୍ତ ହୋଇଥିବା ହେତୁ ତାହାକୁ ଦକ୍ଷିଣ କିମ୍ବା ଶଠ ଭାବରେ ଗ୍ରହଣ କରାଯାଇ-ପାରେ । ପୂର୍ବ ନାୟିକା ପ୍ରତି ପ୍ରୀତି ଯୁକ୍ତ ନାୟକକୁ ଦକ୍ଷିଣ, ଗୁପ୍ତ ଭାବରେ ପୂର୍ବ ନାୟିକାର ଅପ୍ରିୟକାରୀକୁ ଶଠ ନାୟକ କୁହାଯାଇଥାଏ (୩୦) । ଏଠାରେ ନାୟକ ସମ୍ପର୍କରେ ଆଉ ଅଧିକ ବିଶେଷ କିଛି ଜଣାପଡ଼େ ନାହିଁ ।

ଭାନୁଦତ୍ତଙ୍କ ଅନୁଯାୟୀ ଯେଉଁ ନାୟିକା ପ୍ରଥମେ କୋପିତା ହୋଇ ପତିକୁ କଟୂକ୍ତି ପ୍ରକାଶ କରେ ଓ ଏହି କଟୂକ୍ତି ପରେ ଆପଣା କୋପକୁ ଶାନ୍ତକରି ନିନ୍ଦନ କରେ ସେ ହେଉଛି ମଧ୍ୟା ଧୀରାଧୀରା ନାୟିକା (୩୧) । ଆଚାର୍ଯ୍ୟ ମତିରାମ ଅନୁରୂପ ମତପ୍ରକାଶକରି ଅର୍ଥାତ୍ ପ୍ରିୟକୁ କୌଣସି ସବୋଧ ବଚନ କହି ଏବଂ ରୋଦନ କରି ଆପଣା କୋପ ବା ମାନକୁ ପ୍ରକାଶ କରୁଥିବା

(୨୯) ରସ ମଞ୍ଜରୀ, ପୃ-୧୨

(୩୦) ଦଶ ରୂପକ, ପୃ ୮୮-୮୯

(୩୧) ଧୀରାଧୀରାସ୍ତୁ ବଚନ ରୁଦିତେ କୋପସ୍ୟ ପ୍ରକାଶକେ
—ରସମଞ୍ଜରୀ, ପୃ-୫୦



Digitized by srujanika@gmail.com

ନାୟିକା ମଧ୍ୟା ଧୀରା ଧୀରା ନାୟିକା (୩୨)। ନରସିଂହ ସେଣଙ୍କ ନାୟିକା କଟୂକ୍ତି ପ୍ରକାଶ ନ କରି କେବଳ ବେଦନ ପ୍ରକାଶ କରିଛନ୍ତି। ତେଣୁ ପୂର୍ବବର୍ତ୍ତୀ ପଦରେ ଥିବା ବ୍ୟଙ୍ଗୋକ୍ତି ସହ ଏହି ବେଦନକୁ ସଂଯୁକ୍ତ କଲେ ନାୟିକା ମଧ୍ୟା ଧୀରା ଧୀରା ହୋଇଥିବା ଅନୁମାନ କରିବାରେ କୌଣସି ଅସୁବିଧା ହୁଏ ନାହିଁ।

ମତିରାମ ଅନ୍ୟ ଏକ ଉଦାହରଣରେ କହିଛନ୍ତି—ନାୟକ ସାରାରାତି ଅନ୍ୟ ସ୍ତ୍ରୀ ସହିତ କଟାଇ ପ୍ରାତଃ କାଳରେ ଘରକୁ ଫେରିଛନ୍ତି। ନାୟିକା ଉତ୍ତମା ହୋଇଥିବାରୁ ସେ ନିଜର ଦୁଃଖକୁ ଗୋପନ ରଖି ସେହି ନାୟକକୁ ଆଦର ପୂର୍ବକ ସ୍ୱାଗତ କରିଛନ୍ତି (୩୩)। ରହିମଙ୍କ ନାୟିକା ପ୍ରିୟଙ୍କୁ ଆସନ ପ୍ରଦାନ କରିଥିବା ବେଳେ (୩୪) ନରସିଂହ ସେଣଙ୍କ ନାୟିକା ଶେଜ ପକାଇ ଦେଇଛି।

ଉକ୍ତ ପଦରେ ନାୟିକାର ମୌନଭାବ ଉତ୍ତମ ଲକ୍ଷଣ ହୋଇ-ପାରେ। ଘନ ଘନ ନିଶ୍ୱାସ ଏବଂ ଚକ୍ଷୁରୁ ଲୋତକ ଝରିବା ଦୃଶ୍ୟରୁ ନାୟିକା ଆପଣା କୋପ ବା ମାନକୁ ପ୍ରଚ୍ଛନ୍ନ କରିବା ନିମନ୍ତେ ସମର୍ଥ ହେବା ଜଣାଯାଏ ନାହିଁ। ଏଣୁ ବିଷାଦ ସ୍ୱତଃ ପ୍ରକାଶ ପାଇଥାଏ। ମତିରାମ ମଧ୍ୟମ ମାନର ଲକ୍ଷଣ ପ୍ରକାଶ କଲାବେଳେ କହିଛନ୍ତି ଯେ ରସାବେଶରେ ଆସି ଶ୍ରୀକୃଷ୍ଣ ରାଧାଙ୍କ ସମ୍ମୁଖରେ ପହଞ୍ଚିଥିବାରୁ ରାଧାଙ୍କ ମନରେ ଦୁଇ ପ୍ରକାର ଭାବନା

---

(୩୨) ମଧ୍ୟା ଧୀରା ଧୀରା ଭୟ ତାହି କହତ ସବ କୋୟ
ପିୟ-ସୋଂ କହିକେ ବଚନ କଛୁ, ରୋସ ଜତାବୈ ରୋୟ
—ରସରାଜ/୪୩

(୩୩) ରାତି କହୂଂ ରମି କୈ ମନଭାବନ ଆବନ ପ୍ରାତ ପ୍ରିୟା-ଘର ଜାନୌଂ
ଦେଖତ ହି ମୁସକାୟ ଉଠି ଚଲି ଆଗେ ହ୍ୱୈ ଆଦର କୈଂପ୍ରନ ଲ୍ୟାନୌଂ
—ତତ୍ରୈବ/୨୨୯

(୩୪) ବରୱୈ ନାୟିକା ଭେଦ



Digitized by srujanika@gmail.com

ଜାତ ହୋଇଛୁ । ସେ ନର୍ଣ୍ଣିତ ଶବରେ ହସି ଦେଇଛନ୍ତି କିନ୍ତୁ ପରକ୍ଷଣରେ ଯେତେବେଳେ ତାଙ୍କର ଈର୍ଷା ଜନିତ କୋପ ପ୍ରକାଶ ପାଇଛି ସେତେବେଳେ ଲଲାଟ କୁଞ୍ଚିତ ହୋଇଯାଇଛି, ଭ୍ରୂଲତା ଧନୁ ଆକାର ଧାରଣ କରିଛି, ନେତ୍ର ଅଶ୍ରୁବିନ୍ଦୁରେ ପରିପୂର୍ଣ୍ଣ ହୋଇଛି ଏବଂ ମୁଖର ହସ କିଛିକ୍ଷଣ ପରେ ସ୍ୱତଃ ଉଭେଇ ଯାଇଛି (୩୫) ।

ସେ ପୁନଶ୍ଚ ମଧ୍ୟା ନାୟିକାର ଉଦାହରଣରେ କହିଛନ୍ତି—ନାୟକ ଅନ୍ୟ ଯୁବତୀ ପାଖରେ ରହିବା ପରେ ତାହାର ଅପରାଧ ହେତୁ ନାୟିକାର ଚକ୍ଷୁରେ ଅଶ୍ରୁ ଭରି ଯାଇଛି (୩୬) । ଏହାର ବ୍ୟାଖ୍ୟାକାରଙ୍କ ଅନୁଯାୟୀ ଅପରାଧୀ ନାୟକ ପ୍ରତି ମାନ ଓ ପ୍ରଣୟ ଯାଚନା କରି ପ୍ରେମ କରୁଥିବା ନାୟିକା ମଧ୍ୟମା ହୋଇଥାଏ (୩୭) । ନରସିଂହ ସେଠଙ୍କ 'ଶେଜ ପକାଇ' ପ୍ରୟୋଗକୁ ପ୍ରଣୟ ଏବଂ 'ଚକ୍ଷୁରେ ଲୁହ ମୁନ୍ଦାଇ' ପ୍ରୟୋଗକୁ ମାନ ଭାବେ ଗ୍ରହଣ କରାଯାଇପାରେ । ଏହି ଦୃଷ୍ଟିରୁ ନାୟିକା ମଧ୍ୟମା ହୋଇପାରେ ।

## ୧୦. ଉପଦେଶ ପଞ୍ଚକ

ଏକାବେଳେ ସବୁ ସୁରତ ନ ହେଲେ ନ ରସେ ନାୟକ ମନ
ସେହି ସିନା ବୋଲି ଚିନ୍ତାସେ ହୁଅଇ ରତେ ମଦନ ଦହନ
କ୍ଷୀର ଶାକର ମିଶାଇ ଖାଇଲେ ଖାଇ ନୁହଇ ବହୁତ
ଏ ଦୁଇ ନାନା ପ୍ରକାରେ ଖାଇଲେ ଖାଇ ତେଷ ହୋଇ ଚିତ୍ତ ।୧।

---

(୩୫) ରସରାଜ, ପୃ-୧୧୪, ୨୧୫

(୩୬) ରସ ଗ୍ଧାକେ ଆଁସୁ ରସ ଆଁସୁ ଭଏ ଆଁଖିନ ମେ
ରୋଷ କା ଲଲାଇ ସୋ ଲଲକି ଅନୁରାଗକୀ
— ରସରାଜ/୨୩୨

(୩୭) ତତୈବ, ପୃ-୧୩୦



Digitized by srujanika@gmail.com

ସଖୀ ନାୟିକାକୁ ଉପଦେଶ ଦେଇ ସୁରତ ଦାନ କାଳରେ ସମ୍ପୂର୍ଣ୍ଣ ସମର୍ପଣକୁ ବାରଣ କରନ୍ତି । ତା' ମତରେ ନାୟିକା ନାୟକ ନିକଟରେ ସମ୍ପୂର୍ଣ୍ଣ ଭାବରେ ପ୍ରଗଳ୍ଭା ହୋଇ ନିଜକୁ ଉନ୍ମୁକ୍ତ କରିଦେଲେ ନାୟକ ନାୟିକା ପ୍ରତି ହେୟଜ୍ଞାନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟାଖ୍ୟାନ ମଧ୍ୟ କରିଥାଏ । ଫଳରେ ନାୟିକାକୁ ଦୁଃସହ କାମ ଯନ୍ତ୍ରଣା ଭୋଗ କରିବାକୁ ହୁଏ । କବି ନାରୀର ଭାବକୁ କ୍ଷୀର ଓ ଶାକର ସହ ତୁଳନା କରିଛନ୍ତି । କ୍ଷୀର ଓ ଶାକର ଉଭୟେ ସ୍ୱାଦଯୁକ୍ତ । ଏ ଉଭୟଙ୍କୁ ପୃଥକ୍ ଭାବରେ ଭୋଜନ କଲେ ମନ ସନ୍ତୋଷ ହେବା ସଙ୍ଗେ ସଙ୍ଗେ ବହୁତ ଖାଇହୁଏ । ଅପର ପକ୍ଷରେ କ୍ଷୀର ଓ ଶାକର ଏକତ୍ର କରି ଭୋଜନ କଲେ ତାହା ସ୍ୱଳ୍ପ ସମୟ ପାଇଁ ଆନନ୍ଦ ପ୍ରଦାନ କରେ । କିଛିକ୍ଷଣ ପରେ ଅତିରିକ୍ତ ମଧୁରତା ଫଳରେ ଅରୁଚିକର ବୋଧହୁଏ । ବ୍ୟକ୍ତି ଖାଇବାପାଇଁ ଇଚ୍ଛା କଲେ ମଧ୍ୟ ଖାଇପାରେ ନାହିଁ । କବି ମାନକୃଷ୍ଣ କହିଛନ୍ତି, କେବଳ ଅମୃତ ଯଦି ଦୀର୍ଘ ସମୟ ପାଇ ଭୋଜନ କରଯାଏ, ତେବେ ତାହା ମଧ୍ୟ ଅରୁଚିକର ବୋଧହୁଏ (୧) ।

ମିଳନ ସମୟରେ ପୁରୁଷର ପ୍ରକୃତିକୁ ବିଶ୍ଳେଷଣ କରି କାମ ସୂତ୍ରକାର ଉପଦେଶ ଦେଇ କହିଛନ୍ତି— ନାୟକ ଦ୍ୱାରା ଆମନ୍ତ୍ରିତା ହେଲେ ମଧ୍ୟ ହଠାତ୍ ନାୟକ ସହିତ ମିଳିବ ନାହିଁ କାରଣ ପୁରୁଷ ମାନେ ସହଜ ଲଭ୍ୟ ବସ୍ତୁ ପ୍ରତି ଅନାଦର ବା ଅପମାନ କରନ୍ତି (୨) । ଏ ହେତୁ ବାରମ୍ବାର ପ୍ରାର୍ଥିତା ହେଲା ପରେ ମିଳାମିଶା କରିବ । ମତିରାମଙ୍କ ସଖୀ ମୁଗ୍ଧା ନାୟିକାକୁ କାମକଳା ସମ୍ପର୍କରେ ଶିକ୍ଷା ଦେଇ କହିଛି— ହେ ପ୍ରିୟ ସଖି !

---

(୧) କେବଳ ଅମୃତ ଖାଇଲେ ବହୁତ ମନକୁ ନୁହେଁ ସୁଖକର

—ରସ କଲ୍ଲୋଳ, ପୃ-୭୫

(୨) ଉପମନ୍ତ୍ରିତାଽପି ଗମ୍ୟେନ ସହସା ନ ପ୍ରତିକାମୀୟାତ୍ ପୁରୁଷାଣାଂ ସୁଲଭାବମାନିତ୍ୱାତ୍

—କାମ ସୂତ୍ରମ୍, ଷଷ୍ଠମଧିକରଣ, ୧/୨୧



Digitized by srujanika@gmail.com

ବର୍ତ୍ତମାନ ତୁ ଯୁବତୀ ଅଛୁ । ତେଣୁ ତୁ ତାରୁଣ୍ୟ ଏବଂ ପ୍ରୀତିକୁ ପ୍ରଦର୍ଶନ କର । ପତି ପ୍ରତି ଭୟ ନଷ୍ଟ ହୋଇଯାଇଛି ଏଣୁ ଲଜ୍ଜାକୁ ମନ ମଧ୍ୟରୁ ଦୂର କରିଦେ । କାମ ଲୀଳାର ଅନେକ ସୁନ୍ଦର ଚେଷ୍ଟା କରି କୃଷ୍ଣଙ୍କୁ ଆପଣା ବଶ କରିବା ନିମନ୍ତେ ପୂର୍ଣ୍ଣ ପ୍ରଯତ୍ନ କର । ତୁ ନିର୍ଭୟରେ ଶଯ୍ୟା ଉପରେ ପ୍ରିୟତମର ଗାଢ଼ ଆଲିଙ୍ଗନ ମଧ୍ୟରୁ ଅଧରପାନ କର ଏବଂ ନୂପୁର ଧ୍ୱନିରେ କେଳି ଭବନକୁ ଝଙ୍କୃତ କରିବା ସହ ଅଳାପ ଚେଷ୍ଟା ଦ୍ୱାରା ରତି ସୁଖର ଆନନ୍ଦ ଗ୍ରହଣ କର (୩) । ଏଠାରେ ଅନୁଧ୍ୟାନ କଲେ ଜଣାଯାଏ କାମ ସୂତ୍ରକାର ନିଜେ ନାୟିକାକୁ ଉପଦେଶ ଦେଇଥିବା ବେଳେ ନରସିଂହ ସେଣଙ୍କ ସଖୀ ନାୟିକାକୁ ଉପଦେଶ ଦେଇଛି । ପୁନଶ୍ଚ ମତିରାମଙ୍କ ସଖୀ ପ୍ରିୟ ବଶ ହେବା ନିମନ୍ତେ ଲଜ୍ଜାକୁ ପରିତ୍ୟାଗ କରିବା ନିମନ୍ତେ ପରାମର୍ଶ ଦେଇଥିବା ବେଳେ ନରସିଂହ ସେଣଙ୍କ ସଖୀ ଭାବ କୃପଣା ହେବା ଉଚିତ୍ ବୋଲି ମତ ପ୍ରଦାନ କରିଛି ।

ପ୍ରିୟ ସହ ମିଳନକୁ ଉତ୍ତମ ରୂପେ ଉପଭୋଗ କରିବା ପାଇଁ ସଖୀ-ମାନେ ରତିଶାସ୍ତ୍ର ଅନୁଯାୟୀ କେତେକ ଉପଦେଶ ପ୍ରଦାନ କରିଥାନ୍ତି । ସଖୀ ନାୟିକାକୁ ହିତ କର୍ମରେ ପ୍ରବୃତ୍ତ କରିବା ସଙ୍ଗେ ସଙ୍ଗେ ଅହିତ କର୍ମରୁ ନିବୃତ୍ତ କରିଥାଏ (୪) । ଏହା ଅଳଙ୍କାର ଶାସ୍ତ୍ର ଅନୁଯାୟୀ 'ସଖୀ-ଶିକ୍ଷା' ଭାବେ ପ୍ରସିଦ୍ଧ ।

ଏକାବେଳେ ସବୁ ଭାବ ତୁ ନ ଦେବୁ ଦେବୁ ମନ୍ଦ ମନ୍ଦ କରି
ଏକାବେଳେ ସବୁ ଭାବକୁ ପାଇଲେ ଇଚ୍ଛନ୍ତି ଆନ କୁମାରୀ
ଏକାବେଳେ ସବୁ କୁସୁମ ଫୁଟିଲେ ଲତାକୁ ଭୃଙ୍ଗ ଛାଡ଼ଇ
ଅଳପ ଅଳପ ହୋଇ ଫୁଟୁଥିଲେ ଶରକାଳ ଯାଏଁ ଥାଇ ।୨।

---

(୩) ଭଣ୍ଟେୟା ସମ୍ପ୍ରାମି ତରୁନାଈ ସରସାମି ପ୍ରୀତି
ପ୍ରୀତମ ପଚ୍ଛାମି ଦୂରି ଲଜ ଭରି ନାଖିୟୋ

—ରସରାଜ/୧୬୮

(୪) ରସ ମଞ୍ଜରୀ, ପୃ-୨୬୩



Digitized by srujanika@gmail.com

ଏଠାରେ ସଖୀ ନାୟିକାକୁ ନାୟକ ସହ ମିଳନ ସମୟରେ ସମ୍ପୂର୍ଣ୍ଣ ଭାବୋନ୍ମୁକ୍ତା ହେବା ନିମନ୍ତେ ମନା କରୁଛି । ସେ କହୁଛି ପୁରୁଷର ମନ ବିଚିତ୍ର । ସେ ଗୋଟିଏ ନାୟିକା ନିକଟରୁ ସମସ୍ତ ଭାବ ରସକୁ ଗ୍ରହଣ କରିବା ପରେ ସେହି ନାୟିକା ପ୍ରତି ବିମୁଖ ହୋଇ ଅନ୍ୟ ନାୟିକା ପ୍ରତି ଆସକ୍ତ ହୁଏ । ତେଣୁ ନାୟିକା ଭାବ କୃପଣା ହୋଇ ତାହାର ଭାବକୁ ନାୟକ ନିକଟରେ ଧୀରେ ଧୀରେ ପ୍ରକାଶ କରିବା ଉଚିତ୍ । ବିଦ୍ୟାପତିଙ୍କ ସଖୀ ମଧ୍ୟ ରାଧାଙ୍କୁ ଶିକ୍ଷା ଦେଇ କହୁଛି— କିଞ୍ଚିତ ଅଭିମାନ ପୂର୍ବକ ଅଳ୍ପ ଅନୁରାଗ ପ୍ରଦର୍ଶନ ମଧ୍ୟ କରିବୁ । ଏପରି ଶୃଙ୍ଗାର ରସକୁ ରକ୍ଷା କରିବୁ ଯେପରି ସେ ବାରମ୍ବାର ଆସିବେ (୫) । କେବଳ କୁଟିଳ କଟାକ୍ଷପାତ ପୂର୍ବକ ତାଙ୍କର ମଦନ ଭାବକୁ ଜାଗ୍ରତ କରିବୁ (୬) ।

କବି ନାୟକକୁ ଭୃଙ୍ଗ ନାୟିକାକୁ ଲତା ଓ ନାୟିକାର ଭାବକୁ ଫୁଲ ସହ ତୁଳନା କରି କହିଛନ୍ତି ଯେ ଲତାଟି ଏକ ସମୟରେ ସମ୍ପୂର୍ଣ୍ଣ ପୁଷ୍ପବତୀ ହେଲେ ଭ୍ରମର ଲତାର କେଉଁ ଅଂଶରେ ବସିବ ସ୍ଥିର କରି ନ ପାରି ଲତାକୁ ତ୍ୟାଗକରି ଚାଲିଯିବା ପରି ନାୟିକା ଅନ୍ତରଙ୍ଗ ପ୍ରଗଳ୍‌ଭା ହେଲେ ନାୟକ ଅନ୍ୟ ନାୟିକା ପ୍ରତି ଆସକ୍ତ ହୁଏ । ଅପର ପକ୍ଷରେ ଲତାର କିଛି କିଛି ଅଂଶରେ ଯଦି କିଛି କିଛି ଫୁଲ ଫୁଟେ ତେବେ ଭ୍ରମରକୁ ସେ ଲତା ପରିତ୍ୟାଗ କରିଯିବା ସମ୍ଭବପର ହୁଏ ନାହିଁ । ସେହିପରି ନାୟକ ଯଦି ନାୟିକା ନିକଟରୁ କିଛି ଭାବ ଧୀରେ ଗତିରେ ଲାଭ କରୁଥାଏ ତେବେ ସମ୍ପୂର୍ଣ୍ଣ ରସ ପାଇବା ପର୍ଯ୍ୟନ୍ତ ସେହି ନାୟିକାକୁ ପରିତ୍ୟାଗ କରି ପାରେ ନାହିଁ । 'ରତ୍ନାବଳୀ' ନାଟକରେ ନାୟକ ବତ୍ସରାଜ ନାୟିକା ରତ୍ନାବଳୀଙ୍କୁ ଲତା

---

(୫) ମାନ କରିକ କିଛୁ ରାଖବ ଭାବ, ରାଖବ ରସ ପୁନ ପୁନ ଆବ

—ବିଦ୍ୟାପତି ପଦାବଳୀ, ପୃ-୪୩

(୬) କୁଟିଳ ନୟନେ ଧନି ମଦନ ଜଗାବ

—ତତ୍ରୈବ, ପୃ-୪୨



Digitized by srujanika@gmail.com

ରୂପେ ପରିକଳ୍ପନା କରିଛନ୍ତି (୭)। ପୁନଶ୍ଚ ସେଥିରେ କୁହାଯାଇଛି– ଅଭିସାରିକା ନାୟିକା ସଙ୍କେତ ସ୍ଥଳରେ ଶଙ୍କିତ ହୋଇ ନାୟକର ମୁଖକୁ ପ୍ରେମ ପୂର୍ଣ୍ଣ ଦୃଷ୍ଟିରେ ଦେଖିପାରେ ନାହିଁ, କଣ୍ଠରେ ଆଲିଙ୍ଗନ କଲାବେଳେ ପ୍ରେମ ବଶତଃ ସ୍ତନ ଦ୍ୱୟକୁ ନିବିଡ ଭାବରେ ଜଡାଇ ଦିଏ ନାହିଁ, ବହୁତ ସମୟର ସହିତ ଅଟକାଇଲେ ମଧ୍ୟ 'ମୁଁ ଯାଉଛି' ବୋଲି ବହୁବାର କହିଥାଏ ତଥାପି କେତେ ଆନନ୍ଦ ଦେଇଥାଏ (୮)। ଏଠାରେ ନାୟିକା ଭାବ ପ୍ରଦାନର ଧୀର ମନ୍ଥର ଗତି ନାୟକକୁ ବଶୀଭୂତ କରି ପାରିଛି । ଗାଥା ସପ୍ତଶତୀ ଗ୍ରନ୍ଥରେ ନାୟିକା ଜା'ର ପୁତ୍ରକୁ ମହୁଲ ଗଛ ରୂପେ ସମ୍ବୋଧନ କରି କହିଛି— ହେ ଗୋଦାବରୀ ତଟର ମହୁଲ ଗଛ ! ତୁ ଫୁଲ ଭାରରେ ଭୂମି ପର୍ଯ୍ୟନ୍ତ ଅବନତ ହୋଇଯାଇଛୁ, ମୋର ନିବେଦନ ତୁ ଶୁଣ । ଟିକା ଫୁଲ ଗୁଡକୁ ଟିକିଏ ରହି ରହି ତଳକୁ ପକା । ଅତି ଶୀଘ୍ର ଝଡାଇ ଦେଲେ ମୋର କାମନା ପୂରଣ ହୋଇପାରିବ ନାହିଁ (୯)। ନରସିଂହ ସେଣ ଏହି ଭାବକୁ ଗ୍ରହଣ କଲେ ମଧ୍ୟ ଚତୁରତାର ସହିତ ବହୁ ଅର୍ଥ ପରିବର୍ତ୍ତନ କରିଛନ୍ତି । ସେଥିରେ ନାୟିକା ନାୟକକୁ କହିଥିବା ବେଳେ ତାଙ୍କର ସଖୀ ନାୟିକାକୁ କହିଛି ପୁଣି ସେଥିରେ ମହୁଲ ଗଛ ସବୁ ଫୁଲ ଝଡାଇଥିବା କୁହାଯାଇଥିବା ବେଳେ ଏଥିରେ କୁସୁମିତ ଲତା କଥା କୁହାଯାଇଛି ।

---

(୭) ଉଦ୍ୟାନମଜ୍ଜନ ବିଶେଷ କଷିକ୍ତ ମୂର୍ତ୍ତିଃ
କୌସୁମ୍ଭରାଗ ରୁଚିର ସ୍ଫୁରଦଂଶୁକାନ୍ତା
ବିଭ୍ରାଜ ସେ ମକରକେତନ ମର୍ଚ୍ଚୟନ୍ତୀ
ବାଳ ପ୍ରବାଳ ବିଟପ ପ୍ରଭବା ଲତେଃ

—ରତ୍ନାବଳୀ, ପ୍ରଥମ ଅଙ୍କ

(୮) ପ୍ରିୟେ ବିଶଦାଂ ଦୃଷ୍ଟିଂ ବକ୍ତ୍ରେ ଜଜାତି ନ ଶଙ୍କିତା
ଘଟୟତି ଘନଂ କଣ୍ଠାଶ୍ଳେଷେ ରସାନ୍ନ ପୟୋଧରୌ

—ରତ୍ନାବଳୀ, ତୃତୀୟ ଅଙ୍କ

(୯) ବହୁ-ପୁପ୍ଫ-ଭରୋଣାମିଅ-ଭୂମୀଗଅ-ସାହ ସୁଣେସୁ ବିଣ୍ଣତ୍ତିଂ
ଗୋଲ୍ଲ-ତଡ-ବିଅଡ-କୁଡଙ୍ଗ-ମହୁଅ ସଣିଅଂ ଗଳାନ୍ତାସୁ

— ଗାଥା ସପ୍ତଶତୀ, ୨/୩



Digitized by srujanika@gmail.com

ସେଥିରେ ନାୟିକାର ଆଶା ପୂରଣ ହୋଇ ନ ପାରୁଥିବା ବେଳେ ଏଥିରେ ନାୟକ ସନ୍ତୁଷ୍ଟ ହେବା ପରେ ବୀତସ୍ପୃହ ହେବାର ଆଶଙ୍କା କରାଯାଇଛି । ସେହି ଗ୍ରନ୍ଥର ଅନ୍ୟ ସ୍ଥଳରେ ପ୍ରିୟ ସଖୀମାନେ ନାୟିକାକୁ ମାନ ଧାରଣ ନିମନ୍ତେ ଉପଦେଶ ଦେଇଛନ୍ତି । ନାୟିକା ତାହାକୁ ହୃଦୟରେ ଗ୍ରହଣ କରୁଛି ମାତ୍ର ପର ମୁହୂର୍ତ୍ତରେ ପ୍ରିୟକୁ ଦେଖି କନ୍ଦର୍ପ ବାଣାହତା ହୋଇ ସେହି ଉପଦେଶକୁ ଭୁଲିଯାଉଛି । ସଖୀମାନେ ପରିହାସ କରି କହୁଛନ୍ତି—ନାୟିକାର ହୃଦୟ କାମଦେବଙ୍କ ବାଣ ପ୍ରହାରରେ ଛିଦ୍ରଯୁକ୍ତ ଗୃଲୁଣି ଭଳି ହୋଇ ଗଲାଣି । ଗୃଲୁଣିରେ ଜଳ ସ୍ଥିର ନ ରହି ତଳକୁ ଗଡ଼ିପଡ଼େ । ନାୟିକାର ହୃଦୟ ଗୃଲ୍ଣି ଭଳି କଣା ହୋଇ ଯାଉଥିବାରୁ ମାନ ଜଳ ଝରି ଯାଉଛି (୧୦) । ଏଠାରେ ସଖୀମାନଙ୍କର ଆଶଙ୍କା ହୋଇଛି ଯେ ନାୟକ ନାୟିକାଠାରୁ ସମସ୍ତ ରସ ଗ୍ରହଣ କଲା ପରେ ହୁଏତ ପରିତ୍ୟାଗ କରିବ । ମତିରାମ ମଧ୍ୟ ନାୟିକାକୁ କୁସୁମିତ ଲତା ଏବଂ ନାୟକକୁ ଭ୍ରମର ସହ ତୁଳନା କରିଛନ୍ତି । ତାଙ୍କ ମତରେ ଗନ୍ଧ, ସ୍ପର୍ଶ, ରୂପ, ରସ ଆଦି ଗୁଣ ଯୁକ୍ତା ନାୟିକା ହିଁ ରତି ରସ ଲୋଭୀ ପୁରୁଷ ଭ୍ରମରକୁ ଆକୃଷ୍ଟ କରିବା ନିମନ୍ତେ ପୂର୍ଣ୍ଣ ସମର୍ଥ (୧୧) ।

ପ୍ରଥମେ କାନ୍ତ ସୁରତି ମାଗିଲେ କରୁଥିବ ନାହିଁ ନାହିଁ
ପୁରୁଷ ମନ ଯେତେ ଭୁଲାଇଲେ ତେତେ ରହେ ଥିର ହୋଇ
ନଦୀ ଭିତରେ ଖମ୍ବ ପୋତିଲେ ହଲାଇ ଦେଲେ ଯେତେ
ଅଧିକ ହୋଇ ବୁଡ଼ି ବସଇ ଥିର ହୋଇ ରହେ ତେତେ ।୩।

ସଖି ନାୟିକାକୁ ପ୍ରିୟ ସୁରତି ମାଗିବା ସମୟରେ ମୁହଁରେ ନାସ୍ତି ଭାବ ପ୍ରକାଶ କରିବାକୁ ଉପଦେଶ ଦେଇଛି । ତା'ର ବକ୍ତବ୍ୟ ହେଲା ପୁରୁଷକୁ ନାହିଁ କରିବା ଫଳରେ ନାୟକ ସେହି ନାୟିକାକୁ ଲାଭ କରିବା ନିମନ୍ତେ

---

(୧୦) ଧରିଓ ଧରିଓ ବିଅଲଇ ଉଅଏସୋ ପିଅ-ସହୀହିଁ ଦିଜ୍ଜନ୍ତୋ
ମଅରଦ୍ଧଅ-ବାଣ-ପହାର-ଜଜ୍ଜରେ ତୀଏଁ ହିଅଅମ୍ମି
—ଗାଥା ସପ୍ତଶତୀ, ୨/୧

(୧୧) ରସରାଜ, ପୃ-୯୮



Digitized by srujanika@gmail.com

ଅଧିକ ଆକୃଷ୍ଟ ହୁଏ । କବି ପୁରୁଷର ମନକୁ ନଦୀ ଭିତରର ଖମ୍ବ ରୂପେ ଉପମାନ ଗ୍ରହଣ କରିଛନ୍ତି । ତାଙ୍କ ଅନୁସାରୀ ନଦୀ ଭିତରେ ଖମ୍ବ ପୋତିବାକୁ ହେଲେ ସତର୍କତା ଅବଲମ୍ବନ କରିବାକୁ ହୁଏ । ନଦୀ ଗର୍ଭରେ ବାଲି ଓ ଜଳ ଥାଏ । ତେଣୁ ଖମ୍ବକୁ ଦୃଢ଼ ଭାବରେ ପୋତିବାକୁ ହେଲେ ପ୍ରଥମେ ଖମ୍ବକୁ ପୋଡ଼ି ବଳ ପ୍ରୟୋଗ କରି ହଲାଇବାକୁ ହୁଏ । ଜଳ ଭିତରର ବାଲି ଆର୍ଦ୍ର ହୋଇଥିବାରୁ ସେ ନିଜର ଗର୍ଭକୁ ପ୍ରସାରିତ କରିଦିଏ । ଫଳରେ ଖମ୍ବଟି ଆହୁରି ଗଭୀର ଦେଶକୁ ଚାଲିଯାଏ ଏବଂ ଦୃଢ଼ ହୁଏ । ସେହିପରି ନାୟିକା ନାୟକକୁ ଆକୃଷ୍ଟ କରିବା ଦ୍ୱାରା ନାୟକର ହୃଦୟରେ ଗର୍ତ୍ତ ସୃଷ୍ଟି ହୁଏ । ଅନୁରାଗ ରୂପ ଖମ୍ବକୁ ସେହି ଗର୍ତ୍ତ ମଧ୍ୟରେ ପ୍ରବେଶ କରାଇ ନାୟିକା ଦୃଢ଼ କରିବା ନିମନ୍ତେ ଚେଷ୍ଟିତ ହେବା ଉଚିତ୍ । ଭର୍ତ୍ତୃହରି ଶୃଙ୍ଗାର ଶତକମ୍‌ରେ କହିଛନ୍ତି—ନାୟିକା ପ୍ରଥମେ କ୍ରୋଧଭାବ ପ୍ରକାଶ କରି 'ନାହିଁ' 'ଛୁଅଁ' ଇତ୍ୟାଦି ନାସ୍ତି ସୂଚକ ବାଣୀ ପ୍ରକାଶ କରିଥାଏ । ପୁନଶ୍ଚ ମନରେ ଅଭିଳାଷ ଜାତ ହେବା ପରେ ମୌନ ଏବଂ ଲଜ୍ଜିତ ହୋଇ ନିଜର ବସନ ଶିଥିଳ କରିଦିଏ । ଏଥିରୁ ତା'ର ଅଧୈର୍ଯ୍ୟ ଭାବ ପ୍ରକାଶ ପାଏ । ପରେ ପ୍ରେମାର୍ଦ୍ର ଯୁକ୍ତ ହୋଇ ନାୟକ ସହିତ ନିର୍ଭୟରେ ଏକାନ୍ତ କ୍ରୀଡ଼ାରେ ମତ୍ତ ହୁଏ । ତାହାର ଏହି ନିସଙ୍କୋଚ ଭାବରେ ଆତ୍ମାର୍ପଣ ଏବଂ କ୍ରୀଡ଼ାରେ ଚତୁରତା ନାୟକକୁ ଅପାର ଆନନ୍ଦ ପ୍ରଦାନ କରେ । ଏହିପରି କୁଳ ସ୍ତ୍ରୀର ରମଣ ଅଧିକ ସୁଖପ୍ରଦ (୧୨) । ଭର୍ତ୍ତୃହରି ନାୟିକା ନିକଟରେ ପ୍ରଥମେ ନାହିଁ କରାଇ ପରେ ଅଧୈର୍ଯ୍ୟ ଭାବ ପ୍ରକାଶ କରିବାକୁ ପରାମର୍ଶ ଦେଇଥିବା ବେଳେ ନରସିଂହ ସେଣଙ୍କ ସଖୀ ପ୍ରଥମେ ନାହିଁ କରାଇ ଧୈର୍ଯ୍ୟ ଧରିବାକୁ ଉପଦେଶ ଦେଇଛି । ବିଦ୍ୟାପତିଙ୍କ ସଖୀ ମଧ୍ୟ ରାଧାଙ୍କୁ ସ୍ତନ ଯୁଗ୍ମକୁ ଆବୃତ୍ତ କରି ସ୍କନ୍ଧ ଭାଗକୁ ପ୍ରଦର୍ଶନ କରିବା ଏବଂ ନୀବିବନ୍ଧକୁ ଦୃଢ଼ କରି ବାନ୍ଧି ରଖିବା ନିମନ୍ତେ

---

(୧୨) ପ୍ରାଙ୍ ମାମେତି ମନାଗନାଗତ ରସଂ ଜାତାଭିଳାଷଂ ତତଃ
ସବ୍ରୀଡଂ ତଦନୁ ଶ୍ଲଥୋଦ୍ୟମମଥ ପ୍ରଧ୍ୱସ୍ତ-ଧୈର୍ଯ୍ୟ-ପୁନଃ
ପ୍ରେମାର୍ଦ୍ର ସ୍ପୃହଣୀୟ ନିର୍ଭର ରହଃ କ୍ରୀଡା ପ୍ରଗଳ୍ଭଂ ତତେ
ନିଃଶଙ୍କାଙ୍ଗ ବିକର୍ଷଣାଧିକ ସୁଖ ରମ୍ୟ କୁଳସ୍ତ୍ରୀ ରତମ୍
—ଶୃଙ୍ଗାର ଶତକମ୍/୨୪



Digitized by srujanika@gmail.com

ଉପଦେଶ ପ୍ରଦାନ କରିଛି (୧୩)। ଏଥିରୁ ନାୟିକା ଅନ୍ତରରେ ସମ୍ମତି ଜଣାଇଲେ ହେଁ ବାହ୍ୟତଃ ସୁରତ ଭାବ ପ୍ରକାଶ ପାଇଁ ଅନିଚ୍ଛା ସୂଚିତ ହେବ। ମତିରାମ ମୁଗ୍ଧା ଅଭିସାରିକାର ଏକ ମନୋବୈଜ୍ଞାନିକ ଚିତ୍ର ଉପସ୍ଥାପିତ କରି କହିଛନ୍ତି, ପ୍ରିୟ ମିଳନ କାଳରେ ନାୟିକା ଲଜ୍ଜାର ଆଧିକ୍ୟ ଯୋଗୁଁ ସଖୀର ପ୍ରସ୍ତାବକୁ ମନେ ମନେ ସ୍ୱାଗତ କରୁଥିଲେ ହେଁ ବାହ୍ୟତଃ ବିରୋଧ ଭାବ ପ୍ରକଟ କରିଥାନ୍ତି। ଏହାକୁ ନକାରାତ୍ମକ ସ୍ୱୀକୃତି ଭାବେ ଗ୍ରହଣ କରାଯାଇ ପାରେ (୧୪)। ନାୟିକାର ଏପରି ଅବସ୍ଥାର ସାଦୃଶ୍ୟ ପ୍ରତିପାଦନ କରି ଇଂରାଜୀରେ ଗୋଟିଏ ପ୍ରବଚନ ଅଛି—Women are shy of nothing so much as the little word yes (୧୫)।

> କୁଚ ଦେଖାଇ ଭାବ ବଢ଼ାଇ କାନ୍ତ ମନ ହରୁଥିବୁ
> ମିଛେ ହେଁ ରୁଷି ଯାଅଯା ବୋଲି ଭବ ଦୂର କରୁଥିବୁ
> ହାଥ ଭିତରେ ଥାଇ ଯେସନେ ତାହା କରୁଥିବୁ ଜାଣି
> ଫିଙ୍ଗି ଦେଇ ପୁଣ ଓଟାରି ଆଣଇ ସୂତାରେ ଯେହ୍ନେ ସାରେଣୀ।୫।

ସଖୀର ନାୟିକା ପ୍ରତି ଅନ୍ୟ ଏକ ଉପଦେଶ ହେଉଛି ନାୟିକା ତାହାର କୁଚ ପ୍ରଦର୍ଶନ କରି ନାୟକକୁ ବଶୀଭୂତ କରିବ। କାରଣ ନାୟିକାର କୁଚ ଶୋଭା ନାୟକକୁ ଆକୃଷ୍ଟ କରେ। ବିଦ୍ୟାପତି କହିଛନ୍ତି, ରାଧା ଚଞ୍ଚଳ ହୋଇ ନିଜର କୁଚ ମଣ୍ଡଳକୁ ବସ୍ତ୍ରାବୃତ କରିବା ସମୟରେ ଅର୍ଦ୍ଧାବୃତ ସ୍ତନ ଶ୍ରୀକୃଷ୍ଣଙ୍କୁ ଦୃଷ୍ଟ ହୋଇଛି (୧୬)। ଫଳରେ ତାଙ୍କର ଶ୍ରୀରାଧାଙ୍କ ପ୍ରତି ନୂତନାନୁରାଗ

---

(୧୩) ଝାଁପବ କୁଚ ଦର ସାୟକ ବନ୍ଧ
ଦୃଢ଼କରି ବାନ୍ଧବ ନୀବହୁକ ବନ୍ଧ
ବିଦ୍ୟାପତି ପଦାବଳୀ, ପୃ-୫୩

(୧୪) ରସରାଜ, ପୃ-୧୦୬

(୧୫) ତତ୍ରୈବ, ପୃ-୧୦୬ (ପାଦଟୀକା)

(୧୬) ଭରହୁ ଅଞ୍ଚଳ ଝାମ୍ପି ଚଞ୍ଚଳ ଆଧ ପୟୋଧର ହେରୁ
—ବିଦ୍ୟାପତି ପଦାବଳୀ, ପୃ-୧



Digitized by srujanika@gmail.com

ପ୍ରକାଶ ପାଇଛି । ପୁଣି ଶ୍ରୀରାଧାଙ୍କ କୁଚ ଦର୍ଶନରେ ମନ ଆକୃଷ୍ଟ ହେବାରୁ ଅନ୍ତରରେ କନ୍ଦର୍ପ ଜାଗି ଉଠିଛି (୧୭) । ଶ୍ରୀକୃଷ୍ଣ ନିଜେ କହୁଛନ୍ତି ଯେ ଅର୍ଦ୍ଧସ୍ଖଳିତ ବସନ୍ତ ମୁଖରେ ଈଷତ୍ ହାସ୍ୟଯୁକ୍ତା ନୟନରେ ଅର୍ଦ୍ଧକଟାକ୍ଷ (ନୟନ ତରଙ୍ଗ) ଦେଖିଲି ଓ ଅର୍ଦ୍ଧଭାଗ ବସନାବୃତ୍ତ ଥିଲା, ସେହି ସମୟରୁ ଅନଙ୍ଗ ମୋତେ ଦଗଧ କରୁଛି (୧୮) । ଏଠାରେ ବିଦ୍ୟାପତି ଈଷତ୍ ହାସ୍ୟ, ନୟନର ଗତି ସମ୍ପର୍କରେ ଯେଉଁ ସୂଚନା ପ୍ରଦାନ କରିଛନ୍ତି, ତହିଁରୁ ନରସିଂହ ସେଣଙ୍କ 'ଭାବ ବଢ଼ାଇ' ପ୍ରୟୋଗର ଅନୁସନ୍ଧାନ କରାଯାଇପାରେ । ନାୟିକା ବିଭିନ୍ନ ଅଙ୍ଗଭଙ୍ଗୀ ବା ବଚନ ବିଳାସ ମାଧ୍ୟମରେ ଇଙ୍ଗିତ ପ୍ରଦାନ ନ କରି କେବଳ କୁଚ ପ୍ରଦର୍ଶନ କଲେ ତାହା ନାୟକ ପକ୍ଷରେ ଅରୁଚିକର ବୋଧ ହେବ ।

ସଖୀର ପରବର୍ତ୍ତୀ ପରାମର୍ଶ ହେଉଛି, ନାୟିକା ଭାବ ଦୂର କରି-ବାର ଅଭିନୟ କରି ମିଛରେ ରୁଷି ଗୃହକୁ ଯାଅ ବୋଲି କହିବ । ନାୟିକାର ଏହି ଭାବ ଭଙ୍ଗୀ ହେଉଛି 'କପଟ ମାନ' ପ୍ରଦର୍ଶନ । ଅମରୁ ଶତକରେ ସଖୀ ନାୟିକାକୁ କଠିନ ମାନ ଧୃତ ସରଳତା ତ୍ୟାଗ ଏବଂ କପଟ କୋପ ଦ୍ୱାରା ନାନା ବଚନ କହି ପ୍ରାଣର ପ୍ରିୟତମକୁ ବଶ କରିବା ନିମନ୍ତେ ଶିକ୍ଷା ପ୍ରଦାନ

---

(୧୭) ମାନସ ରହଲ ପୟୋଧର ଲାଗ
ଅନ୍ତରେ ରହଲ ମନୋଭବ ଜାଗ

—ତତ୍ରୈବ, ପୃ-୭

(୧୮) ଆଧ ଆଁଚର ଖସି ଆଧ ବଦନ ହସି
ଆଧହି ନୟନ ତରଙ୍ଗ
ଆଧ ଉରଜ ହେରି ଆଧ ଆଁଚର ଭରି
ତବ ଧରି ଦଗଧେ ଅନଙ୍ଗ

—ତତ୍ରୈବ, ପୃ-୧୦



Digitized by srujanika@gmail.com

କରିଛନ୍ତି (୧୯) । ଗାଥା ସପ୍ତଶତୀରେ ସଖୀ ନାୟିକାକୁ ପ୍ରବାସରୁ ଆଗମନ କରିଥିବା ନାୟକ ନିମନ୍ତେ ମାନ କରିବାକୁ ଶିକ୍ଷା ଦେଇଛନ୍ତି (୨୦) । ଏହି ଗ୍ରନ୍ଥର ବ୍ୟାଖ୍ୟାକାରଙ୍କ ଅନୁଯାୟୀ ପତି ଆଲିଙ୍ଗନ କଲେ ନାୟିକା ଉତ୍ତର ଦେବ ନାହିଁ, ମାନ କରି ବସିବ, କୁପିତା ହୋଇ ଉତ୍ତର ଦାନ କରିବ (୨୧) । ସଞ୍ଚିତ ରତ୍ନର ମୂଲ୍ୟ ଅଧିକ ହେଲାପରି ରୋଷ ପ୍ରକାଶ କରି ପ୍ରେମକୁ ଲୁଚାଇ ରଖିବାକୁ ବିଦ୍ୟାପତିଙ୍କ ସଖୀ ରାଧାଙ୍କୁ ପରାମର୍ଶ ଦେଇଛନ୍ତି (୨୨) । କବିଙ୍କ ଅନୁଯାୟୀ ନାୟିକା ଏପରି ଆଚରଣ ପ୍ରଦର୍ଶନ କଲେ ନାୟକକୁ ସମ୍ପୂର୍ଣ୍ଣଭାବେ ବଶୀଭୂତ ବା କରଗତ କରିପାରିବ । କବି ଏହାକୁ ସୂତାରେ ସାରେଣୀ ଓଟାରିବା ସହିତ ତୁଳନା କରିଛନ୍ତି । ସୂତାରେ ସାରେଣୀ ଟାଣିବାକୁ ଦୁଇଟି ଦୃଷ୍ଟି କୋଣରୁ ବିଚାର କରାଯାଇପାରେ । ପ୍ରଥମତଃ ସାରେଣୀ ସୂତାରେ

---

(୧୯) ମାନଂ ଧତ୍ସ୍ୱ ଧୃତିଂ ବଧାନଂ ଋଜୁତାଂ ଦୂରେ କୁରୁ ପ୍ରେୟସି
ସଖ୍ୟୈବ ପ୍ରତିବୋଧିତା × × ×

ଅମରୁ ଶତକମ୍/୧୪

ଏହାର ଓଡ଼ିଆ ଅନୁବାଦରେ କୁହାଯାଇଛି—
ହୃଦୟେ ଧର ସହି କଠିନ ମାନ
ପରାଣେ ଭର ଧୃତି ମୋ କଥା ମାନ
ଏସନ ସରଳତା ବରଜ ଏହି
ପରାଣ ପ୍ରିୟତମେ ବଶ ତୁ କରି ଶିଖ
କପଟ କୋପେ ନାନା ବଚନ କହି

—ପ୍ରୀତି ଶତକ, ପୃ–୧୪

(୨୦) ଏହିଇ ସୋ ବି ପଉତ୍‌ଥୋ ଅହଂ ଅ କୁପ୍ପେ ଜ୍ଜ ସୋ ବି ଅଣୁଣେଜ୍ଜ
—ଗାଥା ସପ୍ତଶତୀ, ୧/୧୭

(୨୧) ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ), ପୃ–୧୭

(୨୨) ରୋସ ଦରସି ରଖ ରାଖବ ଗୋଏ
ଧଏଲେଁ ରତନ ଅଧିକ ମୂଲ ହୋଏ
—ବିଦ୍ୟାପତି ପଦାବଳୀ (ବେନୀ ପୁରୀ ସମ୍ପାଦିତ), ପୃ–୧୪୪



Digitized by srujanika@gmail.com

ଲାଗିଥିଲେ ତାହାକୁ ଧୀରେ ଧୀରେ ଟାଣି ନିଜ ପାଖକୁ ଆଣିବାକୁ ହୁଏ । ଅନ୍ୟ ଦୃଷ୍ଟିରୁ ବିଚାର କଲେ କେଉଁ କେହି ସୂତାରେ ବନ୍ଧା ନୃତ୍ୟ କରୁଥିବା କଣ୍ଢେଇକୁ ସାରେଣୀ ଭାବରେ ଗ୍ରହଣ କରିଥାନ୍ତି । ସୂତାରେ ବନ୍ଧା ହୋଇଥିବା କଣ୍ଢେଇ ନିର୍ଦ୍ଦେଶକର ସମ୍ପୂର୍ଣ୍ଣ ଅନୁଗତ । ନିର୍ଦ୍ଦେଶକ ତାହାକୁ ଯେପରି ଭାବରେ ନଚାଏ ସେ ସେହିପରି ନାଚେ । ସେହିପରି ଭାବରେ ନାୟିକା ନାୟକ ଉପରେ ସମ୍ପୂର୍ଣ୍ଣ ଭାବେ ନିଜର ଅଧିକାର ସାବ୍ୟସ୍ତ କରେ ।

ସର୍ବଦା ଉତ୍ତମ ଯୁବତୀ ପାଇଲେ ପୁରୁଷ ହେଳା କରନ୍ତି
ଅଧମ ନାରୀ ନ ପାଇଲେ ତାହିଂ ପାଇଂ ଝୁରୁଥାନ୍ତି
ସର୍ବଦା ଉତ୍ତମ ଗଙ୍ଗାର ନୀର ଚାତକ ତାହା ତେଜଇ
ଦୂରେଣ ଦେଖି ସେ ମେଘର ଜଳ ତହିଂ ତା ଚିତ୍ତ ମଜ୍ଜଇ ।୫।

ଉକ୍ତ ପଦ୍ୟକରେ ସଖୀର ସର୍ବଶେଷ ଉପଦେଶ ହେଉଛି, ପୁରୁଷର ଚରିତ୍ର ଅତି ବିଚିତ୍ର । ସମୟ ସମୟରେ ସେ ଉତ୍ତମ ନାରୀର ଭାବରସକୁ ତ୍ୟାଗ କରି ଅଧମା ନାୟିକା ପ୍ରତି ଆକୃଷ୍ଟ ହୋଇଥାଏ । କବି ଏହାକୁ ଚାତକ ବୃଷ୍ଟି ଜଳ ପ୍ରତି ଆଗ୍ରହୀ ହୋଇଥିବା ସହ ତୁଳନା କରିଛନ୍ତି । ଗଙ୍ଗାଜଳ ପବିତ୍ର ହେଲେ ହେଁ ଚାତକର ତାହା ପ୍ରତି ଆକର୍ଷଣ ନ ଥାଏ । ବୃଷ୍ଟିଜଳ ନିର୍ଦ୍ଦିଷ୍ଟ ସମୟରେ ଧରଣୀକୁ ସିକ୍ତ କରୁଥିଲେ ହେଁ ଚାତକ ତାହାକୁ ଅନାଇ ବସେ । ସମୟ ଜନିତ ବିଳମ୍ବ ବା ଦୂର ତାହା ପ୍ରତି ବାଧା ବିଘ୍ନ ସୃଷ୍ଟି କରିପାରେ ନାହିଁ । ଦୂରତା ପ୍ରୀତିର ପରିମାପକ ନୁହେଁ । ବିଦ୍ୟାପତିଙ୍କ ଅନୁଯାୟୀ ଚାତକ ଓ ଚକୋର ମର୍ତ୍ତ୍ୟର ପକ୍ଷୀ ହେଲେ ମଧ୍ୟ ପ୍ରୀତିବଶତଃ ଯଥାକ୍ରମେ ବୃଷ୍ଟିଜଳ ଓ ଚନ୍ଦ୍ରକୁ ଚାହିଁ ରହିଥାନ୍ତି । ଏମାନଙ୍କ ପ୍ରୀତିରେ ବଶ ହୋଇ ମେଘ ଚାତକକୁ ଜଳ ପ୍ରଦାନ କରେ ଓ ଚକୋର ଅମୃତ ପାନ କରି ବଞ୍ଚି ରହେ । ପ୍ରକୃଷ୍ଟ ପ୍ରୀତିର ମହତ୍ତ୍ୱ ଦର୍ଶାଇବା ପାଇଁ ମେଘ ଚାତକ ପାଇଁ ଏବଂ ଚନ୍ଦ୍ର ଚକୋରକୁ ପାଇବା ପାଇଁ ବ୍ୟାକୁଳତା ପ୍ରଦର୍ଶନ କରିଛନ୍ତି (୨୩) ।

---

(୨୩) ଚାତକ ଚାହ ପିଆସଲ ଅମ୍ବୁଜ
ଚକୋର ଚାହିଁ ରହୁ ଚନ୍ଦା
—ବିଦ୍ୟାପତି ପଦାବଳୀ (ବେଣୀପୁରୀ ସମ୍ପାଦିତ), ପୃ-୧୧୯



Digitized by srujanika@gmail.com

ବିଦ୍ୟାପତିଙ୍କ ଶ୍ରୀକୃଷ୍ଣ ରାଧାଙ୍କୁ ପାଇବା ପାଇଁ ବ୍ୟାକୁଳିତ ହୋଇଛନ୍ତି । ବିଦ୍ୟାପତି ପଦାବଳୀର ଅନ୍ୟ ଏକ ସ୍ଥଳରେ କୁହାଯାଇଛି ଚାତକ ମେଘ-ଜଳକୁ ତ୍ୟାଗକରି ନଦୀ ଜଳ ପ୍ରତି ଆକୃଷ୍ଟ ହୁଏ ନାହିଁ (୨୪) ।

## ୧୧. ସଖୀ ପ୍ରବୋଧ ପଞ୍ଚକ

ସଖୀ ! ତୋର ପିହୁ ଯେବେ ଆନକୁ ରସିଲା ତହିଁକି ନ କର ରୋଷ
ସୁଧାପାନ ଯେଉଂ ଦେବତା ସେ ଦୋଷେ ଏ ହୋଏ କି ତୋଷ
କୁଚ କୁମ୍ଭ ଭୋଗ ଚିରକାଳ ରଙ୍କ ତାହାର ଚରମ ଦେଶ
ତାହାର କୁଚ କୁମ୍ଭ ସମ୍ଭୋଗେ ପୂରିଲା ତାହାର ଆଶ ।୧।

ନାୟକ ଅନ୍ୟ ନାରୀ ପ୍ରତି ଆସକ୍ତ ହେବାରୁ ନାୟିକା ଦୁଃଖିତା ହୋଇ ରୋଷ ପ୍ରକାଶ କରିଛି । ସଖୀ ନାୟିକାକୁ ସାନ୍ତ୍ୱନା ଦେଇ କହୁଛି ଯେ ନାୟିକାର ଏପରି ଆଚରଣ ପ୍ରଦର୍ଶନ କରିବା ଅନୁଚିତ୍ । ସଖୀର ଉକ୍ତି ହେଉଛି, ଯେଉଁ ଦେବତା ସୁଧାପାନ କରିଥାଏ ସେ ଅନ୍ୟ ରସ ପ୍ରତି ଆସକ୍ତ ହୁଏ ନାହିଁ । କାରଣ ଅମୃତର ସ୍ୱାଦ ପାଇଥିବାରୁ ଅନ୍ୟ ରସ ତାହାକୁ ସନ୍ତୋଷ ପ୍ରଦାନ କରିପାରେ ନାହିଁ । ନାୟକ ସେହିପରି ଅନ୍ୟ ପ୍ରତି ଆସକ୍ତ ହେଲେ ବି ନାୟିକା ବ୍ୟତୀତ ଅନ୍ୟ କୌଣସି ନାରୀ ନିକଟରେ ପରିତୃପ୍ତ ହେବନାହିଁ । ଏଠାରେ ସୁଧାପାନ ହେଉଛି ରତି । ରଙ୍କ ଖାଦ୍ୟ ପଦାର୍ଥ ନିକଟରେ ପାଇଲେ ଆଗପଛ ବିଚାର ନ କରି କେବଳ ଖାଦ୍ୟ ସବୁକୁ ଖାଇ ଦେବାକୁ ଚାହେଁ । ନାୟକ ସେହିପରି ନାରୀର କୁଚକୁ ଉପଭୋଗ କରିବା ନିମନ୍ତେ ଆଶାୟୀ ହୁଏ । ଚିରକାଳ ରଙ୍କ ଯେପରି ଖାଦ୍ୟ ପଦାର୍ଥ ଦ୍ୱାରା ଉଦରପୂର୍ତ୍ତି କରାଇ ନିଜର ଆଶାକୁ ମେଣ୍ଟାଇ ଦିଏ ନାୟକ ସେହିପରି ଅପର ନାରୀ ସମ୍ଭୋଗ ଦ୍ୱାରା ନିଜର କାମ ଲାଳସା ଚରିତାର୍ଥ କରେ ।

---

(୨୪) ସହଜ ଚାତକ ଛାଡ଼ ନ ବରତ
ବୈସଲ ନଦୀ ତୀର
ନବ ନହି ଜଳଧର ବାରି ବିନୁ
ପିବଏ ତକର ନୀର —ତତ୍ରୈବ, ପୃ-୨୯୧



Digitized by srujanika@gmail.com

ଏଠାରେ ରୋଷ ମାନ ଅର୍ଥରେ ବ୍ୟବହୃତ । ପୁଣି ନାୟକର ଅନ୍ୟ ନାୟୀ ସହ ମିଳନ ଘଟିବା ପରେ ନାୟିକା ମାନ ପ୍ରକାଶ କରୁ ଥିବାରୁ ତାହା ଈର୍ଷା ମାନ(୧) । ପୁଣି ଯେଉଁ ନାୟିକା ଆପଣା ପ୍ରିୟ ଅନ୍ୟ ସ୍ତ୍ରୀ ପ୍ରତି ଆସକ୍ତ ହେବା ଜାଣି ଈର୍ଷା ମୂଳକ ମାନ କରିଥାଏ ତାହାକୁ ମାନବତୀ କୁହାଯାଇଥାଏ (୨) । ମତିରାମ ମଧ୍ୟ ଅପରାଧୀ ପ୍ରିୟ ପ୍ରତି ଈର୍ଷା ମାନ ପ୍ରକାଶ କରୁଥିବା ନାୟିକାକୁ ମାନବତୀ ଆଖ୍ୟା ଦେଇଛନ୍ତି (୩) । ଅଳଙ୍କାର ଶାସ୍ତ୍ରରେ କୁହାଯାଇଛି— ଆପଣା ପତି ଅଙ୍ଗରେ ଅନ୍ୟ ନାୟିକାର ରତିଚିହ୍ନ ଦେଖି ସଖୀ ଦୂତୀ ଆଦି ଅନ୍ୟ ନାରୀଙ୍କ ସମ୍ମୁଖରେ ଦୁଃଖିତା ହେଉଥିବା ନାୟିକା ହେଉଛି ଅନ୍ୟ ସମ୍ଭୋଗ ଦୁଃଖିତା (୪) । ନରସିଂହ ସେଣଙ୍କ ସଖୀ ନାୟିକାକୁ ଆଶ୍ୱାସନା ଦେଉଥିବାରୁ ଏହା ମୂଳରୁ ନାୟିକା ସଖୀ ସମ୍ମୁଖରେ ନିଜର ବେଦନା ବ୍ୟକ୍ତ କରିଥିବା ଜଣାପାଏ । ଏଣୁ ତାଙ୍କ ନାୟିକା ହେଉଛି ଅନ୍ୟ ସମ୍ଭୋଗ ଦୁଃଖିତା ।

ଉପାଳମ୍ଭ ସଖୀର ଷଡ଼୍‌ବିଧ କର୍ମ ମଧ୍ୟରୁ ଅନ୍ୟତମ (୫) । ନାୟକ ନାୟିକାଙ୍କର ଅନୁଚିତ ଆଚରଣକୁ ନିନ୍ଦା ଏବଂ ହିତ କର୍ମରେ ପ୍ରବୃତ୍ତ ଓ ଅହିତ କର୍ମରେ ନିବୃତ୍ତ କରିବା ହେଉଛି ଉପାଳମ୍ଭ (୬) । ନରସିଂହ

---

(୧) ଦଶ ରୂପକ, ପୃ-୨୬୩

(୨) ରସ ମଞ୍ଜରୀ, ପୃ-୧୨୨

(୩) କରୈ ଇରଷା ସୋ ଜୁ ତିୟ ମନ ଭାବନ ସୋଂ ମାନ
ମାନ ବତୀ ତାସୋଂ କହତ କବି ମତିରାମ ସୁଜାନ

—ରସରାଜ/ ୧୦୯

(୪) ନିଜ ପତିକେ ରତି ଚିହ୍ନ ଜୋ ଲଖେ ଔର ତିୟ ଦେହ
ଅନ୍ୟ ସୁରତି ଦୁଖିତା କହୌ, କରୈ ପେଚ-ରସ-ନେହ,

—ରସରାଜ/୯୮

(୫) ଅସ୍ୟା ମନ୍ତ୍ରନୋପାଳମ୍ଭ-ଶିକ୍ଷା-ପରିହାସ-ପ୍ରଭୃତି ନି କର୍ମାଣି

—ରସମଞ୍ଜରୀ, ପୃ-୨୬୨

(୬) ତତ୍ରୈବ, ପୃ-୨୬୨



Digitized by srujanika@gmail.com

ସେମାନଙ୍କ ସଖୀ ନାୟିକାକୁ ବୁଝାଇବା ପରି ମତିରାମଙ୍କ ସଖୀ ନାୟିକାକୁ ମଧ୍ୟ କହୁଛି — ହେ ପ୍ରାଣର ସଖି ! ତୋର ପ୍ରାଣପ୍ରିୟ ତାର ସ୍ୱାଭାବିକ ଦୁର୍ବଳତା ଯୋଗୁଁ ଯଦି କୌଣସି ଉତ୍କଣ୍ଠିତା ଗୋପୀ ସହ ପ୍ରେମାଳାପ କରନ୍ତି ତାହାହେଲେ ସେଥିରେ ଦୋଷ କେଉଁଠି ? କେବଳ ଏତିକ ପାଇଁ ଏତେ କୋପ ପ୍ରକାଶ କରିବା ଅନ୍ୟାୟ । ଅବିଦଗ୍ଧା ନାରୀ ମାନେହିଁ ଏପରି କୋପ କରିଥାନ୍ତି । ତୋ ପରି ନାଗରୀ ନାରୀଠାରେ ଏପରି ଦୋଷ ସ୍ପୃହଣୀୟ ନୁହେଁ । ପୁଣି ଏହା ହେଉଛି ତୋର ଯୌବନର ସମୟ । ଯୌବନର ଜ୍ୟୋତି ଦୀପକର ପ୍ରଭା ପରି ତୋର ଅଙ୍ଗ ପ୍ରତ୍ୟଙ୍ଗରେ ବିକଶିତ । ଅର୍ଥାତ୍ ତୋର ଶୋଭା ଓ କାନ୍ତ ଯୌବନ ଯୋଗୁ ଏତେ ଆକର୍ଷକ ଯେ ନାୟକ ତୋତେ ଉପେକ୍ଷା କରି ଅନ୍ୟ କୌଣସି ସୁନ୍ଦରୀ ପ୍ରତି ଅନୁରକ୍ତ ହେବା ସମ୍ଭବ ନୁହେଁ । ସେଥିପାଇଁ ତୋର ଶଙ୍କା ପରିତ୍ୟାଗ କରିବା ଉଚିତ୍ (୭) । ଗାଥା ସପ୍ତଶତୀରେ କୁହାଯାଇଛି ଯେ କଠୋର ପବନ ଆଘାତରେ ବୃକ୍ଷ ସ୍ଥିର ନ ରହି ଉପୁଡ଼ି ପଡ଼ିଲା ପରି ନାୟିକାର ମାନ ଆଲିଙ୍ଗନ (ରତି ନାଟକର ପୂର୍ବ ରଙ୍ଗ)ରେ ଭୂଲୁଣ୍ଠିତ ପଡେ (୮) । ସଖୀର ଉପଦେଶ ଦ୍ୱାରା ନାୟିକାର ମାନ ସ୍ଥିର ହେବ ନାହିଁ । ତେଣୁ ନାୟକ ପ୍ରତି ମାନ ପ୍ରକାଶ କରିବା ଉଚିତ୍ ନୁହେଁ । କବି ମାନ ବଦଳରେ ରୋଷ ପ୍ରୟୋଗ କରିଛନ୍ତି ।

ବହୁତ କରି ମାନ (କରୁ) ତୁରେ କେତେ ଦୁଃଖ ଦେଉ ପିହୁ
ହୃଦୟ ତାର ଅତହେଂ ମନ୍ଦିଲେ ସେନେହ ଗୁଡ଼ିବ ସେହୁ
କ୍ଷୀର ମନ୍ଥି ସ୍ନେହ ବାହାର କଲେ କ୍ଷୀରେ ନ ମିଶଇ ପୁଣି
ତେମନ୍ତ ମନ ବାହାର କଲେ ଯୋଡ଼ି ନୁହଇଟି ପୁଣି ।୨।

ସଖୀ କହୁଛି ଯେ ନାୟିକାର ବହୁତ ମାନ ନାୟକ ପକ୍ଷରେ ଅତ୍ୟନ୍ତ ଦୁଃଖପ୍ରଦ । ନାୟକ ମାନ ଭଙ୍ଗର ବିଭିନ୍ନ ଉପାୟ ଦ୍ୱାରା ନାୟିକାର କୋପ

---

(୭) ରସରାଜ, ପୃ-୨୧୭
(୮) ମାଣ-ଦୁମ-ପରୁସ-ପବଣସ୍ସ ମାମି ସବ୍ବଙ୍ଗ-ଣିବ୍ବୁଇଅରସ୍ସ
ଅବଊହଣସ୍ସ ଭଦ୍ଦଂ ରଇ-ଣାଡଅ-ପୁବ୍ବରଙ୍ଗସ୍ସ
— ଗାଥା ସପ୍ତଶତୀ, ୪/୪୪



Digitized by srujanika@gmail.com

ଶାନ୍ତ କରି ନ ପାରିଲେ ନାୟକ ହୃଦୟରୁ ସ୍ନେହ ବା ଅନୁରାଗ କମିଯାଏ । ଫଳରେ ନାୟକ ନାୟିକା ନିକଟରୁ ଦୂରେଇ ଯାଏ । ଏଠାରେ ନାୟିକାର ମାନ ନାୟକ ହୃଦୟକୁ ମନ୍ଥନ କରୁଥିବା କୁହାଯାଇଛି ।

ଅଳଙ୍କାର ଶାସ୍ତ୍ରରେ ନାୟିକାର ଅନ୍ତଃସ୍ଥ ମାନର ପର୍ଯ୍ୟାୟବାଚୀ ଶବ୍ଦ ରୂପେ ଗୁରୁମାନ ଗୃହୀତ । ନାୟିକାର ଗୁରୁମାନ ବେଳେ ଅପରାଧୀ ନାୟକ ନାୟିକାର ପାଦତଳେ ପଡି କ୍ଷମା ଯାଚନା କରିବା ମାନ ଭଗ୍ନ ନିମନ୍ତେ ଚରମ ପ୍ରଚେଷ୍ଟା । ଏହାଦ୍ୱାରା ମାନ ଦୂର ନ ହେଲେ ବା ମାନ ଭଗ୍ନ ଅସାଧ୍ୟ ହେଲେ ରସାଭାସ ହୁଏ ଏବଂ ନାୟକ ନାୟିକାଙ୍କ ମଧ୍ୟରେ ସମ୍ପର୍କ ଛିନ୍ନ ହୁଏ (୯) । ଅନ୍ୟ ସ୍ଥଳରେ କୁହାଯାଇଛି ଗୁରୁମାନରେ ସାଧାରଣତଃ ରସାଭାସ ହୁଏ । କାରଣ ଏହା ପ୍ରଣୟର ସୀମାକୁ ଅତିକ୍ରମ କରି ନାୟକ ନାୟିକାର ବିଚ୍ଛେଦ ଭାବନାକୁ ପ୍ରୋତ୍ସାହିତ କରେ (୧୦) । ଈର୍ଷା ମାନ ଦୀର୍ଘ ହୋଇଥାଏ ଏବଂ ଏଥିରେ ନାୟିକାର ନାୟକ ପ୍ରତି ଈର୍ଷା ବ୍ୟକ୍ତ ହୋଇଥାଏ । ସଖୀଗଣ ନାୟିକାକୁ ବୁଝାଇ ନାୟକର ଅନୁକୂଳ କରିଥାନ୍ତି । ଯୌବନ କାଳ ଅସ୍ଥିର ହେତୁ ମାନ ଦୀର୍ଘ ହେଲେ ପ୍ରେମର ବିନାଶ ଘଟେ (୧୧) । ପୁଣି ମତିରାମଙ୍କ ସଖୀ ଗୁରୁମାନକୁ ପଥର ସହିତ ତୁଳନା କରିଛି (୧୨) । ଅମରୁ ଶତକରେ ମଦିରା ମଧୁର ଅଧର ରସ ଘନ ଘନ ନିଶ୍ୱାସରେ ଶୁଖି ଯାଉଥିବା, କଣ୍ଠ ବାଷ୍ପରୁଦ୍ଧ ହୋଇ କୁଚ କମ୍ପୁଥିବା ଏବଂ ଏଇ କପୋଳ ତିଳକକୁ ପୋଛି କରତଳେ ମୁଖ ରଖୁଥିବା ବର୍ଣ୍ଣନାରୁ ନାୟିକା କୋପିତା ହୋଇଥିବା ଅନୁମାନ କରାଯାଇ ପାରେ । ସେତେବେଳେ ନାୟକ କହିଛି— ହେ ପ୍ରିୟେ ! କୋପ ତୋର ଏତେ ପ୍ରିୟ ହୋଇ ପାରିଲା ଅଥଚ ମୁଁ ହୋଇପାରିଲି ନାହିଁ (୧୩) । ପୁନଶ୍ଚ ଅନ୍ୟ ଏକ ସ୍ଥଳରେ ନାୟକ

(୯) ରସ ମଞ୍ଜରୀ, ପୃ–୧୩୨

(୧୦) ରସରାଜ, ପୃ-୧୩୧

(୧୧) ରସରାଜ, ପୃ-୨୧୭

(୧୨) ତତ୍ରୈବ, ପୃ-୨୧୮

(୧୩) ପ୍ରିୟେ ମନ୍ୟୁର୍ଜାତସ୍ତବ ନିରନୁରୋଧେ ନତୁ ବୟମ୍

—ଅମରୁ ଶତକମ୍/୨୫



Digitized by srujanika@gmail.com

ନାୟିକାକୁ କୋପିତା ହେବାପାଇଁ ମନା କରନାହିଁ ଅଥଚ କହୁଛି, ନାୟିକା ନାୟକ ନିକଟରୁ ଯେଉଁ ଶାତ ଘନ ଆଶ୍ଳେଷ, ପୁଲକିତ ଚୁମ୍ବନମାନ ଗ୍ରହଣ କରିଛି ତାହା ଫେରାଇ ଦେଉ (୧୪)। ଅନ୍ୟ ଏକ ସ୍ଥଳରେ ନାୟିକାର ମାନ କଠୋର ହୋଇଥିବାରୁ ନାୟକ କଠିନ ହୃଦୟ ଧାରଣ କରି ଶଯ୍ୟା ତ୍ୟାଗ କରି ଚାଲି ଯାଇଛି । ନାୟକ ହୃଦୟରେ ନାୟିକା ପ୍ରତି ଆଉ ପୂର୍ବ ପରି ପ୍ରୀତି ସୋହାଗ ନାହିଁ । ନାୟକ ଚାଲିଯିବା ପରେ ନାୟିକା କିଂକର୍ତ୍ତବ୍ୟ ବିମୂଢ଼ା (୧୫)। ଉଭୟ ଅମରୁକ ଓ ନରସିଂହ ସେଣ କଠୋର ମାନର ଅପକାରିତା ସମ୍ପର୍କରେ ନାୟିକାକୁ ସତର୍କ କରି ଦେଇଛନ୍ତି । ସଖୀ ସୁସଙ୍ଗତା ନାୟିକା ରତ୍ନାବଳୀକୁ କହୁଛି— ସଖି ! ତୁମେ ଏତେ ବଡ କଠୋର ହୋଇ ଗଲଣି ସ୍ୱାମୀ ହାତ ଧରିଲେ ବି କୋପ ଛାଡୁ ନାହଁ (୧୬)। ଯୌବନାବସ୍ଥାରେ ଦୀର୍ଘ ମାନର ନିନ୍ଦା ରଘୁବଂଶରେ କରାଯାଇଛି (୧୭)। ଗାଥାସପ୍ତଶତୀର ଗୋଟିଏ ଦୃଶ୍ୟରେ ପ୍ରିୟ ମିଳନର ମୁହୂର୍ତ୍ତ ବିତିଗଲେ ମଧ୍ୟ ନାୟିକା ଗରିଷ୍ଠ ମାନ ଧାରଣ କରି ବସିଛି । କୌଣସି ବୟସ୍କା ସଂସାର ଅଭିଜ୍ଞା ନାରୀ ମାନବତୀ ନାୟିକାକୁ ପ୍ରିୟ ମିଳନ ପାଇଁ ପ୍ରବର୍ତ୍ତନା ଦେଇ କହୁଛି—

---

(୧୪) ଆଶ୍ଳେଷମର୍ପୟ ମଦର୍ପିତ ପୂର୍ବ ମୁଚ୍ଚୈ
ର୍ମୈହ୍ୟଂ ସମର୍ପୟ ମଦର୍ପିତ ଚୁମ୍ବନଂ ଚ
—ତତ୍ରୈବ/୬

(୧୫) କଥମପି ସଖୀ ! କ୍ରୀଡା କୋପାଦ୍ ବ୍ରଜେତି ମୟୋଦିତେ
କଠିନ ହୃଦୟଃ ଶଯ୍ୟାଂ ତ୍ୟକ୍ତ୍ୱା ବଳାଦ୍ ଗତ ଏବ ସଃ
ଇତି ସରଭସଂ ଧ୍ୱସ୍ତ ପ୍ରେମଣି ବ୍ୟପେତ ଘୃଣେ ସ୍ପୃହାଂ
ପୁନରପି ହତ ବ୍ରୀଡଂ ଚେତଃ କରୋତି କରୋମି କିମ୍
—ତତ୍ରୈବ/୩୫

(୧୬) ସନ୍ଧି ଅନ୍ତର୍ନିଷ୍ଠୁରେ ଦାମା ମସି ତ୍ୱଂ ଯୌବନମପି ଭର୍ତ୍ତା ହସ୍ତାବଲ-
ମ୍ବିତା କୋପଂ ନ ମୁଞ୍ଚସି
— ରତ୍ନାବଳୀ, ଦ୍ୱିତୀୟ ଅଙ୍କ

(୧୭) ତ୍ୟଜତ ମାନ ମଲଂ ବତ ବିଗ୍ରହୈ ନ ପୁନରେତି ଗତଂ ଚତୁର ବୟଃ
—ରଘୁବଂଶମ୍, ୯/୪୭



Digitized by srujanika@gmail.com

ଝିଅ, ନଦୀରେ ଯେଉଁ ଜଳ ପ୍ରବାହ ବହିଯାଏ, ତାହା ଆଉ ଫେରେ ନାହିଁ କିମ୍ବା ନଦୀରେ ଜୁଆର ଆସିଥାଏ ତାହା ଭଟ୍ଟାର ଆକର୍ଷଣରେ ସ୍ଥିର ରହେ ନାହିଁ; ଦିବସର ଆଲୋକ ଅସ୍ତ ସାଗରରେ ମିଶିଗଲେ, ତାହା ଆଉ ଫେରି ପାରେ ନାହିଁ; ଏଇ ଯେ ରାତ୍ରି ବୃଦ୍ଧିପ୍ରାପ୍ତ ହେବାକୁ ଲାଗିଛି ତାହା ମଧ୍ୟ ନିବୃତ୍ତ ହେବ ନାହିଁ— କେଉଁଥି ପାଇଁ ତୋର ଏତେ ଗୁରୁମାନ ? ଏ ରୂପର ବଡ଼େଇ ରହିବ ନାହିଁ, ଅନିତ୍ୟ ଯୌବନ ଗର୍ବରେ ତୁ ଆଜି ଯେଉଁ ପ୍ରିୟଙ୍କୁ ଉପେକ୍ଷା କରୁଛୁ, ଯେତେବେଳେ ତୋର ଯୌବନ ବିଦାୟ ନେବ ସେତେବେଳେ ତୋତେ କିଏ ପଚାରିବ ? ଯୌବନ ଥାଉଁ ଥାଉଁ ପ୍ରିୟ ଯେତେବେଳେ ଅନୁକୂଳ, ତାଙ୍କୁ ଭୋଗ କରିବା ଉଚିତ୍ । ଯାଉଛି ଏ ଦିନ ଓ ଏ ରାତ୍ରି ଫେରି ଆସିବ ? ତୋ ମାନ ଗର୍ବ ମୁହଁରେ ନିଆଁ — ପାଉଁଶ । ମୁଁ ଜୀବନରେ ବହୁ ଅଭିଜ୍ଞତା ଲାଭ କରିଛି । ତେଣୁ ତୋତେ କହୁଛି— ଅନିତ୍ୟ ଯୌବନ ମନରେ ଆଉ ସୁଖର ମୁହୂର୍ତ୍ତ ଗୁଡ଼ିକୁ ହାତଛଡ଼ା କରନାହିଁ (୧୮) ପୁନଶ୍ଚ ଗାଥା ସପ୍ତଶତୀରେ ସଖୀ ନାୟିକାକୁ ଉପଦେଶ ଦେଇ କହୁଛି— ଗୁଡ ମାନ ଧାରଣୀ ନାୟିକା ପତିର କଥନ ଅନୁନୟ ପରେ ତାହାପ୍ରତି ଶୀଘ୍ର ଅନୁକୂଳ ହୋଇଥାଏ । ଯଦି ପ୍ରିୟ ସହିତ ଏକାନ୍ତ ହେବା ପରେ ନାୟିକା ନିକଟରେ କିଛି ମାନ ଅବଶିଷ୍ଟ ରହିଥାଏ, ସେହି ଧୃଷ୍ଟତା ନିମନ୍ତେ ନାୟକ ଅନୁନୟ ବିନୟ କରିଥାଏ । ପୁନଶ୍ଚ ନାୟିକା ନିକଟରେ ମାନ ଦେଖାଦେଲେ ପ୍ରିୟ ଆଉ ବିଶେଷ ଉଦ୍‌ବେଗ ହୁଏ ନାହିଁ (୧୯) ସାହିତ୍ୟ ଦର୍ପଣରେ ଗୃହକୁ କରୁଥିବା ପ୍ରାଣପ୍ରିୟଙ୍କୁ କ୍ରୋଧରେ ତଡ଼ିଦେଇ ପଶ୍ଚାତ୍ତାପ କରୁଥିବା ନାୟିକାକୁ

---

(୧୮) ଣଇ-ଉର-ସଚ୍ଛହେ ଜୋବ୍‌ବଣେମ୍ମି-ଅଇ-ପବସିଏସୁ ଦିଅସେସୁ
ଅଣିଅତ୍ତସୁ ଅ ରଇସୁ ପୁଡି କଂ ଦଉ୍‌ଉମାଣେଣ

—ଗାଥା ସପ୍ତଶତୀ ୧/୪୫

(୧୯) ଜାଣଇ ଜାଣାବେଉଂ ଅଣୁଣାଅ ବିଢବିଅମାଣ ପରେସେସଂ
ଅଇରିକ୍ତାମ୍ପି ବିଣ ଆବଲମ୍ୱଣଂ ସବ୍ଧିଅ କୁଣନ୍ତି

—ତତ୍ରୈବ, ୧/୮୮



Digitized by srujanika@gmail.com

କଳହାନ୍ତରିତା କୁହାଯାଇଛି (୨୦) । ଆଳଙ୍କାରିକ ବିଶ୍ୱନାଥ ଏହାର ଉଦାହରଣରେ କହିଛନ୍ତି, କାନ୍ତକୁ ତଡ଼ିଦେଇ ନାୟିକା ପଛରେ ଦୁଃଖ କରୁଛି—କେତେ ଖୋସାମତ କଲେ ତେବେ ବି ତାଙ୍କ କଥା ଶୁଣିଲିନି, ନୂଆ ହାର ଆଣି ମୋ ଆଗରେ ଥୋଇଦେଲେ ସୁଦ୍ଧା ତାକୁ ଗ୍ରହିଲି ନାହିଁ, ମୋର ହିତ ପାଇଁ ସଖୀମାନେ କାନ୍ତଙ୍କର ନିରପରାଧ ସମ୍ପର୍କରେ ଯେତେ ବୁଝେଇଲେ ବି ଖାତିର କଲିନି, ଶେଷରେ ମୋ ଗୋଡ ତଳେ ପଡି କାନ୍ତ ଯେତେବେଳେ ଦୁଃଖରେ ଫେରିଗଲେ ସେତେବେଳେ ବି ମୂଢ଼ା (ନିଆଁଲଗା) ମୋର ଟିକିଏ ବୁଦ୍ଧି ହେଲା ନାହିଁ ଯେ ମୁଁ ହଠାତ୍ ଧାଇଁଯାଇ ହସିହସି ତାଙ୍କୁ ଧରି ପକାଇଲି ନାହିଁ (୨୧) । ସାହିତ୍ୟ ଦର୍ପଣକାରଙ୍କ ନାୟକ ଫେରିଯିବା ଓ ନରସିଂହ ସେନଙ୍କ ନାୟକର ସ୍ନେହ ତ୍ୟାଗ କରିବା ସମାନ ଭାବେ ପ୍ରୟୋଗ ହୋଇଥିବା ମନେହୁଏ । ପୁନଶ୍ଚ ସାହିତ୍ୟ ଦର୍ପଣରେ ନାୟକର ଆଚରଣ ନରସିଂହଙ୍କ ନାୟକର ହୃଦୟ ମନ୍ଥନ ପରି ଜଣାଯାଏ । ବିଦ୍ୟାପତିଙ୍କ ରାଧା ମାନ କରିଥିବାରୁ ସଖୀ ମାନ ତ୍ୟାଗ କରିବା ନିମନ୍ତେ ତାଙ୍କୁ ଅନୁରୋଧ କରି କହନ୍ତି ହେ ରମଣୀ ! ତୁ ବଡ଼ କଠିନ ହୃଦୟା, ଗୁଣ ଓ ଅବଗୁଣକୁ ନ ବୁଝି ଜଗତର ଦୁର୍ଲ୍ଲଭ ସ୍ନେହକୁ ତ୍ୟାଗ କରୁଛୁ (୨୨) ।

---

(୨୦) ଚାଟୁକାରମପି ପ୍ରାଣନାଥଂ ରୋଷାଦପାସ୍ୟଯା
ପଶ୍ଚାତ୍ତାପ ମବାପ୍ନୋତି କଳହାନ୍ତରିତା ତୁ ସା

—ସାହିତ୍ୟ ଦର୍ପଣ, ପୃ-୧୫୩

(୨୧) ନୋ ଚାଟୁ ଶ୍ରବଣଂ କୃତଂ ନଚ ଦୃଶା ହାରୋଽନ୍ତିକେ ବୀକ୍ଷିତଃ
କାନ୍ତସ୍ୟ ପ୍ରିୟହେତବୋ ନିଜ ସଖୀ ବାଚୋଽପି ଦୂରୀକୃତାଃ
ପାଦାନ୍ତେ ବିନିପତ୍ୟ ତତ୍ କ୍ଷଣମସୌ ଗଚ୍ଛନ୍ ମୟା ମୂଢ଼ୟା
ପାଣିଭ୍ୟାମ ବରୁଦ୍ଧ୍ୟ ହନ୍ତ ସହସା କଣ୍ଠେ କଥଂ ନାର୍ପିତଃ

--ତତ୍ରୈବ, ପୃ-୧୫୩

(୨୨) ରାମା ହେ ! ତୋ ବଡ଼ କଠିନ ଦେହ
ଗୁଣ ଅବଗୁଣ ନା ବୁଝି ତେଜବି
ଜଗତ ଦୁଲହ ନେହ

— ବିଦ୍ୟାପତି ପଦାବଳୀ, ପୃ-୮୩



Digitized by srujanika@gmail.com

ସଖୀ ରାଧାଙ୍କୁ ଶିକ୍ଷା ଦେଇ କହୁଛନ୍ତି ଯେ ଦୀର୍ଘ ମାନ ଦ୍ୱାରା କୃଷ୍ଣଙ୍କ ପ୍ରେମର ବିନାଶ ଘଟିବ । ପୁଣି ସଖୀ ନାୟିକାକୁ କ୍ରୋଧରେ ତପ୍ତ ହୋଇ ଗୁରୁ ମାନ ତ୍ୟାଗ କରିବାକୁ ପରାମର୍ଶ ଦେଇଛନ୍ତି । ତାଙ୍କ ମତରେ ପ୍ରେମ ପାରଦ ପରି ଚଞ୍ଚଳ । ଏଦ୍ୱାରା ପୃଷ୍ଟି ଯତ୍ନ ସହିତ କରିବାକୁ ପଡ଼ିଥାଏ । ପ୍ରତିକୂଳ ବାୟୁ ଆଘାତରେ ଏହା ଉଡ଼ିଯାଏ (୨୩) । କିନ୍ତୁ କବିସିଂହ ସେଣ ଏହି ପ୍ରେମକୁ ସ୍ନେହ ବା ଲବଣୀ ସହିତ ତୁଳନା କରିଛନ୍ତି ।

ନାୟକ ନାୟିକା ମଧ୍ୟରେ ମନ ଅମେଳ ଦେଖା ଦେଲେ ନାୟକ ନାୟିକାକୁ ପରିତ୍ୟାଗ କରେ । କବି ନରସିଂହ ସେଣ ଏହାକୁ କ୍ଷୀର ମନ୍ଥନରୁ ଜାତ ସ୍ନେହ ବା ଲବଣୀ ସହିତ ତୁଳନା କରିଛନ୍ତି । ଲବଣୀ କ୍ଷୀର ମନ୍ଥନରୁ ଜାତ ହୋଇଥିଲେ ହେଁ ତାହା ଆଉ ପୁନର୍ବାର କ୍ଷୀରରେ ମିଶି ନ ପାରି ସ୍ୱତନ୍ତ୍ର ହୋଇ ରହିଯାଏ । ସେହିପରି ନାୟକର ମନ ଥରେ ନାୟିକା ନିକଟରୁ ପ୍ରତ୍ୟାଖ୍ୟାତ ହେଲେ ଆଉ ଯୋଡ଼ା ଯାଇପାରେ ନାହିଁ । ଫଟା ଡାଳକୁ ସିନା କାଦୁଅ ନେସି ଯୋଡ଼ି ହୁଏ ହେଲେ ଫଟା ମନକୁ ନୁହେଁ । ଗାଥା ସପ୍ତଶତୀର ଏକ ସ୍ଥଳରେ ବିରୋଧ ବା କଳହ ହେତୁ ନାୟକକୁ ପ୍ରତ୍ୟାଖ୍ୟାନ କରିଥିବା ନାୟିକା ପୁନଃ ପ୍ରଣୟ ସମ୍ପର୍କ ସ୍ଥାପନ କରିବାକୁ ସଖୀ ପରାମର୍ଶର ଉତ୍ତରରେ କହୁଛି—ମୁଁ ତ କଳକଳ ଅପମାନ ଦେଇ ତାଙ୍କୁ ତଡ଼ି ଦେଇଛି । ଏବେ ପୁଣି ତାଙ୍କ ସହିତ ପ୍ରୀତି ସଂଯୋଗ ପାଇଁ ଚେଷ୍ଟା କଲେ ସଫଳ ହୋଇ ପାରିବ ନାହିଁ । କାରଣ ମୋର ଅପରାଧ ଅତି ସ୍ପଷ୍ଟଭାବେ ତାଙ୍କର ଅନୁଭବରେ ଥିବ । ସେ କଦାପି ତାହା ଭୁଲି ନ ଥିବେ । ମନ ଭାଙ୍ଗିଗଲେ ତାକୁ ଯୋଡ଼ିବାକୁ ଚେଷ୍ଟା କଲେ ତାହା ଯୋଡ଼ି ହୁଏ ନାହିଁ । ଯଦି କୃତ୍ରିମ ଉପାୟରେ ଯୋଡାଯାଏ, ତେବେ ସେଥିରେ କାମ ଚଳିପାରେ, ମାତ୍ର ଆନ୍ତରିକତା ନ ଥାଏ । ସେପରି ପ୍ରେମ ରସ କଦାପି ସରସ ହେବ ନାହିଁ । ତାହା ସେହି ଜଳ ଭଳି, ଯାହାକୁ ଗରମ କରି ଥଣ୍ଡା କଲେ

---

(୨୩) କହାଲପ୍ପୋ ଗୁରୁମାନ କୋ ଅତିତାଷ୍ଟ ହୈନେମ
ପାରଦ ସୋ ଉଡ଼ି ଜାୟଗୋ ଚଞ୍ଚଳ ଯହ ପ୍ରେମ

—ରସରାଜ/୨୩୬



Digitized by srujanika@gmail.com

ଯଦିଓ ସେଥି ଜଳ ଥାଏ, ସେଥିରେ ରସ ନ ଥାଏ । ତାହା କେବଳ ବିରସ ରସର ସାଧନା (୨୪) । ଅନ୍ୟ ଏକ ସ୍ଥଳରେ ମାନିନୀ ନାୟିକାକୁ ସଖୀ ଉପଦେଶ ଦେଇ କହୁଛି— ପାଦତଳକୁ ଆସିଥିବା ଗୁଣଶାଳୀ ପ୍ରାଣପ୍ରିୟକୁ କାହିଁକି ଗ୍ରହୁ ନାହୁଁ ? ମୋ କଥା ଶୁଣ, ଏଙ୍କୁ ଆଲିଙ୍ଗନ କର, ମନରୁ ତମୋ-ଗୁଣ ତ୍ୟାଗ କର । ମୋ କଥା ନ ଶୁଣି ଏପରି ଗୁଣଶାଳୀ ହୃଦୟବଲ୍ଲଭକୁ ପାଖରୁ ଗଲେ ପଶ୍ଚାତାପ ହିଁ ସାର ହେବ (୨୫) ।

ତୋହର ଭାବ ଅତି ମଧୁର ମଧୁରାଇଲା ତା ମନ
ଆନ ଯୁବତୀ ତେଣୁ ସେ ରମିଲା ତାହାଂକ ନ କର ମାନ
ମଧୁର ଖାଇ ଜିଭ ମଧୁରାଇଲେ ଆମ୍ଳିକ ଖାଇଲେ ଯେହ୍ନେ
ରସାନ୍ତ ହୋଇ ପୁଣ ପୁଣ ନ ଯିବ ତୋହର ସଙ୍ଗରେ ତେହ୍ନେ ।୩।

ସଖୀ ନାୟିକାକୁ କହୁଛି ଯେ ନାୟିକା ପ୍ରଥମେ ଅତିରକ୍ତ ମଧୁର ଭାବ ବା ଭାବ ପ୍ରବଣତା ପ୍ରକାଶ କଲା । ନାୟକ ରସାସ୍ୱାଦ ପାଇବା ପରେ ସେହି ରସ ଆଶାରେ ଅନ୍ୟ ନାରୀ ନିକଟକୁ ଗମନ କଲା । କବି ନାୟକର ଏହି ଆଚରଣକୁ ଆମ୍ଳିକ ଓ ମଧୁର ରସ ସହ ତୁଳନା କରିଛନ୍ତି । ମନୁଷ୍ୟ ବହୁ ପରିମାଣରେ ମଧୁର ପଦାର୍ଥ ଖାଇଦେବା ପରେ ଜିହ୍ୱାର ସ୍ଥିତି ଏପରି ଅବସ୍ଥାରେ ଆସି ପହଞ୍ଚେ ଯେ ସେ ଅମ୍ଳ ପଦାର୍ଥ ଖାଇବାକୁ ଇଚ୍ଛାକରେ । ଏହାର ଅର୍ଥ ନୁହେଁ ଯେ ଅମ୍ଳ ପଦାର୍ଥ ମଧୁର ପଦାର୍ଥଠାରୁ ଶ୍ରେଷ୍ଠ । ସେହିପରି ନାୟକ ଅନ୍ୟ ନାରୀ ପ୍ରତି ଆସକ୍ତ ହେଲେ ସେ ନାୟିକା ପତ୍ନୀ ଅଥବା ପ୍ରଥମାଠାରୁ ଶ୍ରେଷ୍ଠ ନୁହେଁ । ରସ ସ୍ୱାଦର ବାସନା ଅସୀମ । ଏହି ରସକୁ ଥରେ ପାନ

---

(୨୪) ଜମ୍ମସ୍ସ ବିରେହିଅ-ସଧିଅସ୍ସ ପଡକ୍ଖ-ଦିଟ୍ଠ-ବଲଅସ୍ସ
ଭଣଅସ୍ସ ବି ତାବଅ-ସୀଅଲସ୍ସ ବିରସୋ ଉସୋ ହୋଇ
—ଗାଥା ସପ୍ତଶତୀ, ୧/୫୩

(୨୫) କମିତି ନ ଚଣ୍ୟସି କୋପଂ ପାଦଗତଂ ବହୁଗୁଣଂ ଗୃହାଣେମମ୍
ନନୁ ମୁଞ୍ଚ ହୃଦୟନାଥଂ କଣ୍ଠେ ମନସସ୍ତମୋରୂପମ୍
—କାବ୍ୟ ପ୍ରକାଶ, ପୃ-୩୮୧



Digitized by srujanika@gmail.com

କଲେ ବାରମ୍ବାର ପାନ କରିବାକୁ ମନ ହୁଏ । ନାୟକର ଏପରି ଇଚ୍ଛାପ୍ରତି ଈର୍ଷା କରିବା ଅନୁଚିତ୍ । ରସ ମଞ୍ଜରୀ ଗ୍ରନ୍ଥରେ ଏକ ସାମାନ୍ୟା ନିଜକୁ ନିଜେ ଚିନ୍ତା କରନ୍ତି —ପ୍ରତ୍ୟେକ ଗୃହରେ ଏପରି ଯୁବତୀ ଥାନ୍ତି ଯେ ଯାହାଙ୍କର ଦୃଷ୍ଟିପାତ ବିଳାସରେ ଅମୃତ ସମୁଦ୍ରର ପ୍ରଭାବକୁ ଲକ୍ଷ୍ୟ କରିହୁଏ । ଯେଉଁ-ମାନେ କମଳ ସଦୃଶ ଅତ୍ୟନ୍ତ ସୁନ୍ଦରୀ ଏବଂ ଚମତ୍କାରମୂର୍ତ୍ତି କାମ କେଳି କଳାକୁ ସ୍ପଷ୍ଟ ବ୍ୟଞ୍ଜିତ କରିବାକୁ ସମର୍ଥ ଅଥଚ ଆଶ୍ଚର୍ଯ୍ୟର କଥା ଯୁବକ ନିଜ ମନୋହରଣ କରିବାପାଇଁ ନିଜକୁ ସାମାନ୍ୟା ବା ବେଶ୍ୟା ନିକଟରେ ଅର୍ପଣ କରିଥାନ୍ତି । ଏହାର କାରଣ କ'ଣ (୨୬) ? ଏହାର ଉତ୍ତରରେ କୁହାଯାଇଛି ଯେ ଏହି ସଂସାରରେ ଅତି ସୁନ୍ଦରୀ ନାରୀ ଥିବା ବ୍ୟକ୍ତି ବେଶ୍ୟାସକ୍ତ ହେବା ସ୍ୱାଭାବିକ । ବେଶ୍ୟା ନାରୀ କାମୁକକୁ ଯେପରି ସ୍ୱାଧୀନ ମନରେ କାମକଳାରେ ପରିତୃପ୍ତ କରିଥାଏ କୌଣସି ଗୃହରେ ତାହା ସମ୍ଭବ ହୁଏ ନାହିଁ । ବିବାହିତା ନାରୀ ବିଭ୍ରମ ମୂର୍ତ୍ତି ଦୃଷ୍ଟିପାତ ଆଦି ଦ୍ୱାରା ନାୟକର ମନ ହରଣ କରିବାକୁ ଚାହିଁଥାଏ । ସ୍ୱୀୟାନାରୀ ନିକଟରେ ଏହି ବିଳାସ ବିନା ଦ୍ରବ୍ୟ ଦାନରେ ସମ୍ଭବ ହୋଇଥାଏ । ଏହି ଉଦାହରଣରୁ ବେଶ୍ୟା ଅନ୍ୟ କୁଳ କାମିନୀର ଗୁଣୋତ୍କର୍ଷ ବ୍ୟକ୍ତ କରିଥିବା ଜଣାଯାଏ । କୁଳ କାମିନୀର ଶ୍ରେଷ୍ଠତ୍ୱ ଭାନୁଦତ୍ତ ବେଶ୍ୟା ମୁଖରେ କହିଥିବା ବେଳେ ନରସିଂହ ସେଣ ସଖୀ ମୁଖରେ ପ୍ରକାଶ କରିଛନ୍ତି । କିନ୍ତୁ ନରସିଂହ ସେଣ ବେଶ୍ୟା ପରିବର୍ତ୍ତେ 'ଆନ ଯୁବତୀ' ପ୍ରୟୋଗ କରିଛନ୍ତି । ଏହି ଆନ ଯୁବତୀ ପରକୀୟା ଅର୍ଥରେ ପ୍ରଯୁକ୍ତ । ତେଣୁ କବି ନରସିଂହ ସେଣ ପରକୀୟା ନାରୀ ଭୋଗକୁ ପ୍ରୋତ୍ସାହନ ଦେଇଥିବା ପରି ମନେହୁଏ ।

ଲଜେଣ ସଖୀରୁ ସେନେହ ବଢ଼ାଇ ତୁହିସେ ଭାବରେ ବନ୍ଧି
ଯେ ତୋର ହୃଦୟ ମନ୍ଥନ କଏ ରସିକ ଜୀବନ ବନ୍ଧୁ
ମିଛେହେଂ ଧଇର୍ଯ୍ୟ କରିଅଛି ମନେ ଅନୁରାଗ କରେ ଚିତ୍ତ
କ୍ଷୀର ସମୋଦ୍ର ମନ୍ଥିଲେ ଦେବେ ତେବେ ପାଇଲେ ଅମୃତ ।୪।

---

(୨୬) ରସମଞ୍ଜରୀ, ପୃ-୨୨୪



Digitized by srujanika@gmail.com

ସଖୀ ନାୟିକାକୁ କହୁଛି, ନାୟକର ଲଜ୍ଜା ଭାବ ହିଁ ନାୟକ ହୃଦୟରେ ସ୍ନେହ ଭାବକୁ ବୃଦ୍ଧି କରୁଛି, ଏବଂ ନାୟିକା ନାୟକ ହୃଦୟରେ ଭାବ ବୃଦ୍ଧି ଘଟାଉଥିବାରୁ ସେ ବାସ୍ତବରେ ନାୟକର ବନ୍ଧୁ । ନାୟକର ଅନୁପସ୍ଥିତିରେ ନାୟିକା ଯେଉଁ ଦୁଃସହ ଯାତନା ଭୋଗ କରେ କବି ଏହାକୁ ହୃଦୟ ମନ୍ଥନ ରୂପେ ଗ୍ରହଣ କରିଛନ୍ତି । ନାୟକର ବିଚ୍ଛେଦ ମୃତ୍ୟୁ ସଦୃଶ ଯନ୍ତ୍ରଣା ପ୍ରଦାନ କରେ । ନାୟକ ବୃଥା ଧୈର୍ଯ୍ୟ ପ୍ରଦର୍ଶନ କରୁଥିଲେହେଁ ବାସ୍ତବରେ ନାୟିକାର ଭାବ ତାଙ୍କୁ ଅସ୍ଥିର କରୁଥାଏ । ତେଣୁ ସେ ନାୟିକା ପ୍ରତି ଅନୁରାଗ ପ୍ରଦର୍ଶନ କରିବାକୁ ବାଧ ହୁଏ । କବି ନାୟିକାର ଏହି ଅନୁରାଗ ଲାଭକୁ ସମୁଦ୍ର ମନ୍ଥନରୁ ଦେବତାମାନଙ୍କ ଅମୃତ ଲାଭ ସହ ତୁଳନା କରିଛନ୍ତି । କ୍ଷୀର ସମୁଦ୍ର ମନ୍ଥନରୁ ବିଭିନ୍ନ ଦ୍ରବ୍ୟ ଲାଭ ହୋଇଥିଲେ ମଧ୍ୟ ଦେବତାଙ୍କ ପକ୍ଷରେ ଅମୃତ ଲାଭ ଥିଲା ଚରମ ଆକାଂକ୍ଷିତ ବସ୍ତୁ । ଅମୃତ ଲାଭ କରିବା ବ୍ୟକ୍ତି ଅମର ହୋଇଯାଏ । ତେଣୁ ନାୟିକାର ହୃଦୟ ମନ୍ଥନରୁ ଜାତ ହୋଇଥିବା ନାୟକର ଅନୁରାଗ ନାୟିକାକୁ ପୁନର୍ଜୀବନ ଦାନ କରିଥାଏ ।

ପିହୁ ଯେବେ ତୋର ଆନକୁ ରଖିଲା ତହିଁଂକ ନୁହ ତୁ ଦୁଃଖୀ
ତୋହର କଳା ସାମାନ୍ୟ ନୁହଇ ଏବେ ସେ ଜାଣିଲା ସଖୀ
ଦିନେ ଦିନେ ଆନ ପାଶରେ ନ ଥାଇ ଦଇବ ଯୋଗେଣ ଇନ୍ଦୁ
କଇଂକ ନତ୍ୟେ ବିକାଶି ରମଇ ବୋଲଇ କୁମୁଦ ବନ୍ଧୁ ।୫।

ସଖୀ ନାୟିକାକୁ ବାରମ୍ବାର ସାନ୍ତ୍ୱନା ଦେଇ କହୁଛି ଯେ ନାୟକ ଯଦି ଅନ୍ୟ କୌଣସି ନାରୀ ପ୍ରତି ଆସକ୍ତ ହୋଇ ତାହାକୁ ଉପଭୋଗ କରେ ନାୟିକା ସେଥିନିମନ୍ତେ ଦୁଃଖ ପ୍ରକାଶ କରିବା ଉଚିତ୍ ନୁହେଁ । ନାୟିକାର ଅନୁପସ୍ଥିତି ହିଁ ନାୟିକାର ମହତ୍ତ୍ୱକୁ ବୃଦ୍ଧି କରେ । ସେତେବେଳେ ସେ ହୃଦୟଙ୍ଗମ କରେ ଯେ ତା'ର ନାୟିକା ବାସ୍ତବରେ ଅସାମାନ୍ୟା । କବି ଏହି ପ୍ରସଙ୍ଗରେ ଚନ୍ଦ୍ର ଏବଂ କଇଁ ଫୁଲର ପ୍ରୀତିକୁ ବିଶ୍ଳେଷଣ କରିଛନ୍ତି । ଦୂରତା ପ୍ରୀତିର ପରିମାପକ ନୁହେଁ । ଚନ୍ଦ୍ର ଆକାଶରେ ଉଦିତ ହେଲେ ପୃଥିବୀ ପୃଷ୍ଠରେ କଇଁଫୁଲ ବିକଶି ଉଠେ । ଏହି ଦୃଷ୍ଟିରୁ ଚନ୍ଦ୍ରର କୁମୁଦ ବନ୍ଧୁ ନାମ



Digitized by srujanika@gmail.com

ସାର୍ଥକ । କୁମୁଦ ବ୍ୟତୀତ ଅନ୍ୟକୁ ଆନନ୍ଦ ଦାନ କରୁଥିଲେହେଁ ସେ ହେଉଛି କୁମୁଦ ବନ୍ଧୁ । ସେହିପରି ନାୟକ ଶେଷରେ ଅପର ନାରୀକୁ ତ୍ୟାଗକରି ନାୟିକା ନିକଟକୁ ଫେରିଆସେ । ପତି ପତ୍ନୀର ପ୍ରେମକୁ ବିଦ୍ୟାପତି ମଧ୍ୟ ଚନ୍ଦ୍ର ଓ କୁମୁଦିନୀର ପ୍ରୀତି ସହିତ ତୁଳନା କରିଛନ୍ତି (୨୭) । କିନ୍ତୁ ପାର୍ଥକ୍ୟ ହେଉଛି ବିଦ୍ୟାପତି ଅପର ନାରୀ ପ୍ରୀତି କଥା କହିନାହାନ୍ତି ।

## ୧୨- ବୟସ ସନ୍ଧି ପଞ୍ଚକ

ଶିଶୁ ଭାବ ସେ ଦିନୁ ଦିନ କ୍ଷୀଣ ଯଉବନ ତୋ ବଢ଼ଇ
ଚନ୍ଦ୍ରକଳା ଯେହ୍ନେ ଦିନୁ ଦିନୁ ବଢ଼ି ଅନ୍ଧାର କଳା ଛଡ଼ାଇ
ରାତିର ଶରଧା ହୃଦୟର ବାଧା ଦୁହେଁ ହୋନ୍ତି ମିଶାମିଶି
ଏକକୁ ଆରେକ ଆବୋରଣ ଥାନ୍ତି ବାଳାର ହୃଦରେ ପଶି ।୧।

ନାୟିକାର ବୟଃସନ୍ଧି ଅବସ୍ଥା ଶୈଶବ ଓ ଯୌବନର ସନ୍ଧିକାଳ । ଏହି ସମୟରୁ ତାହାର ଶିଶୁଭାବ ଧୀରେ ଧୀରେ ଲୋପପାଇ ଯୌବନର ଆବିର୍ଭାବ ଘଟେ । ଆଳଙ୍କାରିକଗଣ ନାୟିକାର ଶିଶୁଭାବ ଶେଷ ଓ ଯୌବନର ପ୍ରାରମ୍ଭ ଅବସ୍ଥାକୁ ମୁଗ୍‌ଧା ଆଖ୍ୟା ପ୍ରଦାନ କରିଛନ୍ତି । ଧନଞ୍ଜୟଙ୍କ ଅନୁଯାୟୀ ବୟସ ଓ କାମ ଭାବନାରେ ନବୀନ, ରତିକ୍ରୀଡାରେ ବାମୁଖୀ ଏବଂ କ୍ରୋଧରେ କୋମଳ ନାୟିକା ହେଉଛି ମୁଗ୍‌ଧା (୧) । ପୁନଶ୍ଚ ତାଙ୍କ ଅନୁଯାୟୀ ବୟସ ଓ କାମ ଭାବନାରେ ନବୀନର ଅର୍ଥ ହେଉଛି ଯୌବନ ଓ କାମଭାବ ଯାହାଠାରେ ଅବତୀର୍ଣ୍ଣ ହୋଇଛି (୨) । ଶରୀରରେ ଯୌବନ ସଞ୍ଚାରିତ ହୋଇଥିବା ନାୟିକାକୁ ଭାନୁଦତ୍ତ ମୁଗ୍‌ଧା ରୂପେ ଗ୍ରହଣ

---

(୨୭) ସାମି ସମାଜ ପେମ ଅନୁରଂଜଅ
କୁମୁଦିନୀ ସନ୍ନିଧି ଚନ୍ଦା
— ବିଦ୍ୟାପତି ପଦାବଳୀ (ବେଣୀପୁରୀ ସମ୍ପାଦିତ) ପୃ-୨୫୯

(୧) ମୁଗ୍‌ଧା ନବ ବୟଃକାମା ରତୌବାମା ମୃଦୁଃ କ୍ରୁଧି
— ଦଶରୂପକ, ପୃ-୯୯

(୨) ପ୍ରଥମାବତୀର୍ଣ୍ଣ ତାରୁଣ୍ୟ ମନ୍ମଥା — ତତ୍ରୈବ, ପୃ-୯୯



Digitized by srujanika@gmail.com

କରିଛନ୍ତି (୩)। କେବଳ ଯୌବନର ବିକଶିତ ଅବସ୍ଥା ନୁହେଁ ଯୌବନର ଆରମ୍ଭ ଅବସ୍ଥାକୁ ମଧ୍ୟ ମୁଗ୍‌ଧା କୁହାଯାଇଥାଏ (୪)। ବିଶ୍ୱନାଥ ମୁଗ୍‌ଧା ନାୟିକାର ବିଭିନ୍ନ ଲକ୍ଷଣ ମଧ୍ୟରୁ 'ପ୍ରଥମାବତୀର୍ଣ୍ଣ ଯୌବନ ମଦନ ବିକାର'କୁ ଏକ ରୂପେ ଉଲ୍ଲେଖ କରିଛନ୍ତି (୫)। ଏହାର ଉଦାହରଣରେ କୁହାଯାଇଛି— ସୁନ୍ଦରୀର ମନୋରାଜ୍ୟରେ କନ୍ଦର୍ପ ନୂତନ ଅଭିଷିକ୍ତ ହେବାର ଦେଖି ତାର ଅଙ୍ଗମାନେ ରାଜ୍ୟ ଅଭିଷେକରେ ପ୍ରଜାମାନଙ୍କ ପରି ପରସ୍ପର ଦ୍ରବ୍ୟ ଲୁଣ୍ଠନ କରିବାରେ ଲାଗିଗଲେ। ଜଘନ କଟିର ପୃଥୁଳତାକୁ ଲୁଟିନେଲା ଅର୍ଥାତ୍ ଜଘନ ପୃଥୁଳ ଓ କଟି ସରୁ ହେଲା, ସ୍ତନର ଅଳ୍ପତା ଉଦରକୁ ଗଲା ଅର୍ଥାତ୍ ସ୍ତନ କ୍ରମଶଃ ପୃଥୁଳ ହେଲା, ଉଦର କ୍ଷୀଣ ହେଲା, ନେତ୍ର ବକ୍ରତାକୁ ଗ୍ରହଣ କଲା (୬)। ନାୟିକାର ଶରୀରରେ ଶିଶୁଭାବ ଓ ଯୌବନର ଏକତ୍ର ସମାବେଶ ଘଟିଲେ ସେ ଅପୂର୍ବ ଅନିର୍ବଚନୀୟ ଶୋଭା ଧାରଣ କରୁଥିବା ଦୃଶ୍ୟ ବିଦ୍ୟାପତିଙ୍କ ରଚନାରେ ଉପଲବ୍‌ଧ ହୁଏ (୭)। ଧନଞ୍ଜୟ ମୁଗ୍‌ଧା

(୩) ଚଟାଙ୍କୁରିତ ଯୌବନା ମୁଗ୍‌ଧା — ରସମଞ୍ଜରୀ, ପୃ-୧୫

(୪) ତତ୍ରୈବ, ପୃ-୧୫

(୫) ପ୍ରଥମାବତୀର୍ଣ୍ଣ ଯୌବନ ମଦନ ବିକାର ରତୌବାମା।
କଥିତା ମୃଦୁଶ୍ଚ ମାନେ ସମଧିକ ଲଜ୍ଜାବତୀ ମୁଗ୍‌ଧା।
— ସାହିତ୍ୟ ଦର୍ପଣ, ପୃ-୧୩୦

(୬) ମଧ୍ୟସ୍ୟ ପ୍ରଥିମାନମେତି ଜଘନଂ ବକ୍ଷୋଜୟୋର୍ମନ୍ଦତାଂ
ଦୂରଂ ଯାତ୍ୟୁଦରଂଚ, ରୋମ ଲତିକାଂ ନେତ୍ରାର୍ଜବଂ ଧାବତି।
କନ୍ଦର୍ପ ପରିବୀକ୍ଷ୍ୟ ନୂତନ ମନୋରାଜ୍ୟାଭିଷିକ୍ତଂ କ୍ଷଣାତ୍-
ଦଙ୍ଗାନୀବ ପରସ୍ପରଂ ବିଦଧତେ ନିର୍ଲୁଣ୍ଠନଂ ସୁଭ୍ରୁବଃ
— ସାହିତ୍ୟ ଦର୍ପଣ, ପୃ-୧୩୦

(୭) ସୈସବ ଜୌବନ ଦୁହୁ ମିଲିଗେଲ
× × ×
ମାଧବ ପେଖଲ ଅପୂରବ ବାଲା
ସୈସବ ଜୌବନ ଦୁହୁ ଏକ ଭେଲା
— ବିଦ୍ୟାପତି ପଦାବଳୀ, ପୃ-୨୧



Digitized by srujanika@gmail.com

ନାୟିକାକୁ ବୟୋମୁଗ୍ଧା ଓ କାମମୁଗ୍ଧା ଭେଦରେ ବିଭକ୍ତ କରିଛନ୍ତି (୮)। ତାଙ୍କ ଅନୁଯାୟୀ ନାୟିକାର ବୟଃସନ୍ଧି ଅବସ୍ଥା ହେଉଛି ବୟୋମୁଗ୍ଧା ଅବସ୍ଥା। ଏହି ନାୟିକା ଶୈଶବ ଓ ଯୌବନର ମିଶ୍ରଣରୁ ଅତ୍ୟଧିକ ସୁନ୍ଦର ଦେଖାଯାଏ (୯)। ସେ ଏହାର ଉଦାହରଣ ଦେଇ କହିଛନ୍ତି, ଏହି ବୟସରେ ସ୍ତନଭାର ଏ ପର୍ଯ୍ୟନ୍ତ ସମୁନ୍ନତ ହୋଇନାହିଁ, ଏହି ତ୍ରିବଳୀ ରେଖା ଉଦ୍ଭାସିତ ହୋଇଛି ସତ କିନ୍ତୁ ଉଦ୍ଗମିତ ହୋଇନାହିଁ। ଏହାର ମଧ୍ୟରେ ସରଳ ଦୀର୍ଘ ତଥା ଅର୍ଦ୍ଧ କପିଶ ବର୍ଣ୍ଣର ରୋମାବଳୀ ଜାତହୋଇ ଯୌବନ ଓ ଶୈଶବର ମିଶ୍ରଣ ଜନିତ ସୁନ୍ଦର ବୟସକୁ ସୃଷ୍ଟି କରୁଛି (୧୦)।

ଯୌବନ ନାୟିକାର ଶରୀରକୁ ଆଗମନ କଲାପରେ ତାହା ଧୀରେ ଧୀରେ ବିସ୍ତାର କରିବାକୁ ଆରମ୍ଭ କରେ। ଫଳରେ ତାହାର ଶିଶୁଭାବ ଲୋପ ପାଏ। କବି ନାୟିକାର ଏପରି ଶାରୀରିକ ସ୍ଥିତିକୁ ପ୍ରକୃତିର ଚନ୍ଦ୍ରକଳାର କ୍ରମବୃଦ୍ଧି ବା ରାତ୍ରି ଅନ୍ଧାରର କ୍ରମକ୍ଷୟ ଅବସ୍ଥା ସହ ତୁଳନା କରିଛନ୍ତି। ଏଠାରେ ନାରୀର ଯୌବନ ଓ ଚନ୍ଦ୍ରକଳାର ବୃଦ୍ଧି ପରସ୍ପରର ଆପେକ୍ଷିକ। ଗୋଟିକର ବୃଦ୍ଧି ଘଟିଲେ ଅପରର ନିଶ୍ଚିତ ଭାବରେ କ୍ଷୟ ହୁଏ। ଅର୍ଥାତ୍ ଯୌବନର ବୃଦ୍ଧି ଘଟୁଥିବା ସମୟରେ ଶିଶୁଭାବର କିମ୍ବା ଚନ୍ଦ୍ରକଳାର ବୃଦ୍ଧି ଘଟୁଥିବା ସମୟରେ ଅନ୍ଧାରର କ୍ଷୟ ଘଟିଥାଏ। ବିଦ୍ୟାପତି ମଧ୍ୟ ରାଧାଙ୍କର ଯୌବନ ଶୋଭା ଚନ୍ଦ୍ରକଳା ପରି ବଢ଼ିଥିବା କଥା ଉପସ୍ଥାପିତ କରିଛନ୍ତି (୧୧)।

ଦିନୁ ଦିନେ ସେ କୁଚ କଳସ ଦିଶୁ ଆସୁଥାଇ ବଢ଼ି
ଜଳକୁ ବଢ଼ି ଦିନେ ଦିନେ ଯେହ୍ନେ ବଢ଼ଇ କୁସୁମ କଢ଼ି
କେତେ ହେଁ ଭ୍ରମର ଅନୁସରିଥାଇ ତହିଁ ବାନ୍ଧିଥାଇ ମନ
ନାୟେକ ହୃଦୟ ତେସନେ ଜାଣିବା ବାଳା ପରେ ତା ଜୀବନ ।୨।

---

(୮) ଦଶରୂପକ, ପୃ-୧୦୦
(୯) ତଦୈବ, ପୃ-୧୦୦
(୧୦) ତଦୈବ, ପୃ-୧୦୦
(୧୧) ଦିନ ଦିନ ଚାନ୍ଦ କଳା ସମ ବାଢ଼ଲ
ଜଉବନ ସୋଭା ତୋର
-- ବିଦ୍ୟାପତି ପଦାବଳୀ (ବେଣୀପୁରୀ ସମ୍ପାଦିତ) ପୃ-୧୬୬



Digitized by srujanika@gmail.com

ଉକ୍ତ ଅଂଶରେ କବି ନାୟିକା ବୟସ ବୃଦ୍ଧିର ସୂଚନା ପ୍ରଦାନ କରିଛନ୍ତି । ନାୟିକାର ବୟସରେ ବୃଦ୍ଧି ଦେଖାଦେଲେ ତାହାର କୁଚର ଆକାର ବୃଦ୍ଧି ପାଏ । ଧନଞ୍ଜୟ ବୟୋମୁଗ୍‌ଧା ପ୍ରସଙ୍ଗରେ ନାୟିକାର ସ୍ତନଦ୍ୱୟର ସମୁନ୍ନତ ହୋଇ ନଥିବା କହିବାବେଳେ (୧୨) କାମମୁଗ୍‌ଧା ପ୍ରସଙ୍ଗରେ ନାୟିକା ସ୍ତନଦ୍ୱୟର ପରିଧି ରେଖା ଫୁଟି ଦେଖାଯାଉଥିବା ଏବଂ କଟି ଅବସ୍ଥା (ବାନ୍ଧ) ହୋଇଯାଇଥିବା କହିଛନ୍ତି (୧୩) । ସ୍ୱୟମ୍ଭୂ ଶିବଲିଙ୍ଗ କ୍ରମେ ଉଧୃନ୍ନ ହୋଇ କ୍ରମେ କ୍ରମେ ଆପେ ବଢ଼ୁଥିବା ପରି ନାରୀର ପୟୋଧର ବୃଦ୍ଧି ପାଉଥିବା ଦୃଶ୍ୟ ରସମଞ୍ଜରୀରେ ଉପଲବ୍‌ଧ ହୁଏ (୧୪) । କବି ବିଦ୍ୟାପତି ମଧ ରାଧାଙ୍କର କୁଚ ବଦରିଫଳ ବା ବରକୋଳି ଠାରୁ ଶ୍ରୀଫଳ ବା ନଡ଼ିଆ ପର୍ଯ୍ୟନ୍ତ ବଭିନ୍ନ ଆକାର ଧାରଣ କରିଥିବା , ବର୍ଣ୍ଣନା କରିଛନ୍ତି (୧୫) । ଗାଥା ସପ୍ତଶତୀରେ ନାୟକ ସହଚରଙ୍କୁ କହୁଛି— ମଧୁସୂଦନ ବିଷ୍ଣୁଙ୍କ ଲୀଳା ଓ ସ୍ତନ ଲୀଳା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ବିଷ୍ଣୁ ଯେପରି ପ୍ରଥମେ ବାମନ ରୂପ ଧାରଣ କରି ପରେ ବିସ୍ତାରିତ ହୋଇ ବଳୀକୁ ଯୋଧ କରିଥିଲେ ଏହି ନାୟିକାର ସ୍ତନ ଯୁଗଳ ସେହିପରି ପ୍ରଥମ ବୟସରେ ବାମନାକାର ଧାରଣ କରିଥିଲେହେଁ ପରେ ଧୀରେ ଧୀରେ ବିସ୍ତାରିତ ହୋଇ ବଳୀ (ତ୍ରିବଳୀ) ବନ୍ଧନ ଲାଭ କରିଛନ୍ତି (୧୬) ।

---

(୧୨) ଦଶରୂପକ, ପୃ-୧୦୦

(୧୩) ତତ୍ରୈବ, ପୃ-୧୦୦

(୧୪) ରସମଞ୍ଜରୀ, ପୃ-୨୬

(୧୫) ପହିଲ ବଦରି କୁଚ ପୁନ ନବରଙ୍ଗ
ଦିନ ଦିନ ବାଢ଼ଏ ପିଡ଼ଏ ଅନଙ୍ଗ
ସେ ପୁନ ଭଏ ଗେଲ ବୀଜ କପୋର
ଅବ କୁଚ ବାଢ଼ଲ ସିରିଫଲ ଜୋର
— ବିଦ୍ୟାପତି ପଦାବଳୀ, ପୃ-୨୩

(୧୬) ପଢମଂ ବାମଣ-ବିହିଣା ପଚ୍ଛା ହୁ କଓ ବିଅମ୍ଭମାଣେଣ
ଥଣ-ଜୁଅଲେଣ ଇମୀଏ ମହୁ-ମହଣେଣ ବ୍‌ବ ବଲି-ବନ୍ଧୋ
— ଗାଥା ସପ୍ତଶତୀ, ୫/୨୫



Digitized by srujanika@gmail.com

ନାୟିକାର କ୍ରମବର୍ଦ୍ଧିଷ୍ଣୁ କୁଚ ଜଳଜାତ କୁସୁମ କଳି ଜଳକୁ ଅତିକ୍ରମ କରି ପୁଷ୍ପିତ ହେବାପରେ ଉତ୍ତୁଙ୍ଗ ଅବସ୍ଥା ଲାଭ କରିଥାଏ । ମତିରାମ ମଧ୍ୟ ନାୟିକା ରୂପୀ ସରୋବରରେ ଉତ୍ତୁଙ୍ଗ ବକ୍ଷୋଜ କଳି ରୂପରେ ଶୋଭା ପାଉଥିବା ଦେଖିଛନ୍ତି (୧୭) ।

ଭ୍ରମର ଜଳଜାତ କୁସୁମ କଳି ପ୍ରତି ଆକର୍ଷିତ ହୁଏ କିନ୍ତୁ କଳି ସମ୍ପୂର୍ଣ୍ଣ ରୂପେ ପ୍ରସ୍ଫୁଟିତ ହୋଇ ନ ଥିବାରୁ ତାହାର ଚତୁର୍ଦ୍ଦିଗରେ ଗୁଞ୍ଜନ କରି ବୁଲେ । ତା'ର ଲକ୍ଷ୍ୟ ଥାଏ କେବେ କଳି ପୂର୍ଣ୍ଣରୂପେ ପ୍ରସ୍ଫୁଟିତ ହେଲେ ତାହାର ରସପାନ କରିବ । ବୟଃସନ୍ଧି ନାୟିକାର ରୂପ ଯୌବନ ସେହିପରି ରସିକ ନାୟକକୁ ଆକୃଷ୍ଟ କରିଥାଏ । ନାୟକ ମଧ୍ୟ ନାୟିକା ଉପଭୋଗ ପାଇଁ ଉପଯୁକ୍ତ ହେବା ନିମନ୍ତେ ଅପେକ୍ଷା କରେ । କବିଙ୍କ ଅନୁପାୟୀ ନାୟକର ଜୀବନକୁ ନାୟିକା ଅଧିକାର କରି ନେଇଥାଏ । ବୟଃସନ୍ଧି ପ୍ରାପ୍ତା ନାୟିକାର ଶୋଭା ସମ୍ପର୍କରେ କବି 'ଗୋପକେଳି'ରେ କହିଛନ୍ତି—

୧. ଶିଶୁଭାବ ଶେଷେ ଯୌବନ ପ୍ରବେଶେ ଯେହ୍ନେ ଶୋଭାପାଇ ବାଳା

୨. ଶିଶୁ ଭାବ ଶେଷ ଯୌବନ ଆଦ୍ୟ ବେଳ ଭାବରସ ମଣ୍ଡି ।

ନାୟକ ବୟଃସନ୍ଧି ନାୟିକାକୁ ଉପଭୋଗ କରି ନ ପାରି ଯେଉଁ ବ୍ୟର୍ଥତା ପ୍ରକାଶ କରେ ସେହି ଦୃଶ୍ୟ ମଧ୍ୟ 'ଗୋପକେଳି'ରେ ଉପଲବ୍ଧ ହୁଏ—

ଦଇ ବଦଳିତ କୁସୁମ କୁଳ ରସ ମୃଦୁନାହିଂ ଢଳେ
ଲୋଭେ ଭ୍ରମର (ପୁଣି) ପୁଣି ଦେଖଇ ଭ୍ରମଇ ଅତି ଆକୁଳେ

ବୟଃସନ୍ଧି ନାୟିକାକୁ ଉପଭୋଗ କରିବା ପୂର୍ବରୁ ନାୟକ କେବଳ ଦର୍ଶନ ଦ୍ୱାରା ନିଜର ଲାଳସା ମେଣ୍ଟାଇଥାଏ । ନାୟିକାର ରୂପ ହିଁ ତା'ର ଚକ୍ଷୁ ସମକ୍ଷରେ ଥାଏ । ଧନଞ୍ଜୟ କହିଛନ୍ତି— କାମଦେବଙ୍କ ନବୀନ ନଗରୀ

---

(୧୭) 'ମତିରାମ' ଜୋବନ ପବନ ଜା ଇକୋର ଆୟୁ
ବଢ଼ି କୈ ସରସ ରସ ତରଲ ତରଙ୍ଗତେ
ପାନପ ଅମଲ ଜା ଝଲକ ଝଲକନ ଲାଗୀ
କାଈ ସୀ ଗଈ ହୈ ଲରିକାଈ କଢି ଅଙ୍ଗତେ
— ରସରାଜ/୨୨



Digitized by srujanika@gmail.com

ପ୍ରବାହରେ ସମ୍ପମାନ ପ୍ରିୟ ଯଦ୍ୟପି ଗୁରୁଜନ ରୂପକ ସେତୁ ଦ୍ୱାରା ଅଟକି ଯିବା ଫଳରେ ଅପୂର୍ଣ୍ଣ ମନୋରଥ ହୋଇଛନ୍ତି। ତଥାପି ଶରୀରପ୍ରାପ୍ତ ଅଙ୍ଗ ମାନଙ୍କ ଦ୍ୱାରା ପରସ୍ପର ପ୍ରତି ଆକୃଷ୍ଟ ପ୍ରେମିକଗଣ ନେତ୍ର ରୂପକ କମଳ ନାଳ ଦ୍ୱାରା ରସପାନ କରୁଥାନ୍ତି (୧୮)।

କବି ନରସିଂହ ସେଣ ନାୟିକା ବୟଃସନ୍ଧି କାଳର ଯେଉଁ ଶୋଭା ବର୍ଣ୍ଣନା କରିଛନ୍ତି ତହିଁରୁ ନାୟିକା ନିଜ ଶରୀରରେ ଯୌବନାଗମ ହୋଇଥିବା ଜାଣି ନ ପାରିବା ନିଃସନ୍ଦେହ। ଆଳଙ୍କାରିକଗଣ ମୁଗ୍‌ଧା ନାୟିକାକୁ ଅଜ୍ଞାତ ଯୌବନା ଓ ଜ୍ଞାତ ଯୌବନା ଭେଦରେ ବିଭକ୍ତ କରିଛନ୍ତି (୧୯)। ଅଜ୍ଞାତ ଯୌବନା ନାୟିକା ନିଜ ଶରୀରରେ ଯୌବନାଗମ ହୋଇଥିବା ଜାଣିପାରେ ନାହିଁ (୨୦)। ଏଣୁ ନରସିଂହ ସେଣଙ୍କ ନାୟିକା ଅଜ୍ଞାତ ଯୌବନା ହୋଇଥିବା ଜଣାଯାଏ।

ସଖୀର ତନୁଂ ନଖଘାତ ଦେଖିଣ ମନରେ ଉଲ୍ଲାସ ପାଇ
କଂସ ରେଖ ବୋଲି ପୁଛଇ ବାଳୀ ଜାଣି ନ ଜାଣିଲ ହୋଇ

---

(୧୮) ସ୍ମରନବ ନଦୀ ପୂରେଣୋଢ଼ାଃ ପୁନର୍ଗୁରୁ ସେତୁଭି
ଯଦପି ବିଧୃତା ସ୍ତିଷ୍ଠନ୍ତ୍ୟାରାଦ ପୂର୍ଣ୍ଣ ମନୋରଥାଃ
ତଦପି ଲିଖିତ ପ୍ରଖ୍ୟୈ ରଙ୍ଗୈଃ ପରସ୍ପର ମୁନ୍ମୁଖା
ନୟନ-ନଳିନୀ ନାଳାକୃଷ୍ଟଂ ପିବନ୍ତି ରସଂ ପ୍ରିୟାଃ
—ଦଶରୂପକ, ପୃ-୧୦୩

(୧୯) ସାଚ ଅଜ୍ଞାତ ଯୌବନା ଜ୍ଞାତ ଯୌବନାଚ
—ରସ ମଞ୍ଜରୀ, ପୃ-୧୬

(୨୦) ନିଜ ତନୁ ଯୌବନ ଆଗମନ ଜୋ ନାହିଂ ଜାନତ ନାରୀ
ସୋ ଅଜ୍ଞାତ ସୁଯୌବନା ବର୍ନତ କବି ନିରଧାରୀ
—ରସରାଜ/୧୮



Digitized by srujanika@gmail.com

ସଖୀ ଭଣ୍ଡି କରି କହୁ ତୁ ମୋତେ ବସନ ଧରଇ ବଳେ
ନିଜ ଋତୁକାଳ ବେଗେଣ ଇଛଇ କୁଚକୁ ଗୃହାଂଇ ହେଳେ ।୩।

ଉକ୍ତ ଅଂଶରେ କବି ନାୟିକାର ଶରୀରରେ ନଖଘାତର ପ୍ରସଙ୍ଗ ପ୍ରଦାନ କରିଛନ୍ତି । ନଖଘାତ ଚିହ୍ନ ଦର୍ଶନରେ ନାୟିକା ଉଲ୍ଲସିତା ହୁଏ ଏବଂ ସଖୀ ନ ଜାଣିଲା ପରି ନାୟିକାକୁ ନଖକ୍ଷତ ସମ୍ପର୍କରେ ପ୍ରଶ୍ନ କରେ । ଭାନୁଦତ୍ତଙ୍କ ମତରେ ନାରୀର ପୟୋଧର ଶିବ ହୋଇଥିବାରୁ ଏହା ନିଶ୍ଚୟ ଭାବରେ ଚନ୍ଦ୍ରଚୂଡ଼ ହେବା ଉଚିତ୍ । ପୁନ ଚନ୍ଦ୍ରଚୂଡରେ ପରିଣତ ହେବା କୌଣସି ଧନ୍ୟ ପୁରୁଷର ନଖକ୍ଷତ ଦ୍ୱାରା ହେବା ସମ୍ଭବ (୨୧) । ନରସିଂହ ସେଣଙ୍କ ସଖୀ ନାୟିକାକୁ ନଖକ୍ଷତ ସମ୍ପର୍କରେ ପ୍ରଶ୍ନ କରିବା ପରି ଭାନୁଦତ୍ତଙ୍କ ସଖୀ ମଧ୍ୟ ନାୟିକାର କୁଚ ଓ ନଖକ୍ଷତ ସମ୍ପର୍କରେ କହୁଛି । ସଖୀର ଏହି ପ୍ରଶ୍ନରୁ ନାୟିକା ଜ୍ଞାତ ଯୌବନା ହୋଇଥିବା ଜାଣିହୁଏ । ନଚେତ୍ ନାୟିକା ଉପବେକ୍ଷା ହୁଅନ୍ତା କିପରି ?

'ସଖୀ ଭଣ୍ଡି କରି କହୁ ମୋତେ' ପ୍ରୟୋଗରୁ କବିଙ୍କର ବକ୍ତବ୍ୟ ସ୍ପଷ୍ଟ ହୁଏ ନାହିଁ । ତଥାପି ସଖୀର ନଖଘାତ ସମ୍ପର୍କରେ ନାୟିକା କିଛି କହୁଥିବା ଅନୁମେୟ । ପୁଣି ସଖୀର ଲୁଗାକୁ ବଳାତ୍କାରରେ ଟାଣିବା ବର୍ଣ୍ଣନାରୁ ତାହାର ରତି ପ୍ରସଙ୍ଗ ଶ୍ରବଣରେ ସ୍ୱାଭାବିକ ଲଜ୍ଜା ଭାବନା ପ୍ରକାଶିତ ହୁଏ । ପୁଣି ନାୟିକା ନିଜର ଋତୁକାଳକୁ ଶୀଘ୍ର ପାଇବା ପାଇଁ ଇଚ୍ଛା ପ୍ରକାଶ କରୁଥିବାରୁ ନାୟକକୁ ପାଇବା ପାଇଁ ତା' ମନରେ ଜାଗି ଉଠୁଥିବା ପ୍ରବଳ ବାସନାର ମନରେ ଆଙ୍କି ହୋଇଯାଏ ।

'କୁଚକୁ ଗୃହାଂଇ ହେଳେ' ପ୍ରୟୋଗ ବନ୍ଦ୍ୟାପଣ୍ଡଙ୍କର ରାଧା ବୟଃସନ୍ଧି ଅବସ୍ଥାରେ ବାରମ୍ବାର ନିଜର ଉରଜ ଦର୍ଶନ କରି ହର୍ଷ ଭାବ ପ୍ରକାଶ

(୨୧) × × × × ଭୂ ପୟୋଧରଃ
ନଖେନ କସ୍ୟ ଧନ୍ୟସ୍ୟ ଚନ୍ଦ୍ରଚୂଡୋ ଭବିଷ୍ୟତି
—ରସ ମଞ୍ଜରୀ, ପୃ-୨୬



Digitized by srujanika@gmail.com

କରଥିବାର ଚିତ୍ର (୨୨) ଏବଂ କୌଣସି ସୁଯୋଗ ପାଇଲେ ସଖୀର ଆଖିବୁଜା ଚିତ୍ରଶାଳାରେ ବସ୍ତ୍ରବିଛିନ୍ନ ନାୟିକା ବକ୍ଷୋଜ ଦର୍ଶନ କରିବା ଦୃଶ୍ୟ ମଣ୍ଡଳୀମାନଙ୍କ ରଚନାରେ ମଧ୍ୟ ଉପଲବ୍ଧ ହୁଏ। (୨୩)।

ପୁରୁଷ ଦେଖି ବହୁତ ମନ ଲୁଚିକରି ଦେଖୁଥାଇ
ଗୁରିଆଖି ଭେଟ ପଡ଼ିଲେ ବାଳା ପଳାଇ ସେ ଲାଜ ପାଇ
କାମ ଗମନ ଚନ୍ଦ୍ରକଳା ମାନ ପ୍ରକାଶ କରି ଲୋଡ଼ଇ
ବାଳା ହୃଦୟ ଲାଜ ମେଘମାଳା ପୁଣି ପୁଣି ସେ ଘୋଡ଼ାଇ ।୪।

ମୁଗ୍ଧା ନାୟିକା ନବୋଢ଼ା ହେବା ପରେ ତାହା ମନରେ କାମଭାବନା ଧୀରେ ଧୀରେ ବୃଦ୍ଧି ପାଏ। ତେଣୁ ସେ ପୁରୁଷ ସଙ୍ଗ ଇଚ୍ଛାକରେ। କିନ୍ତୁ ଏଥିରେ ବାଧକ ହୁଏ ତାହାର ଲଜ୍ଜା। ତେଣୁ ସେ ନାୟକକୁ ସମ୍ମୁଖରୁ ଦର୍ଶନ ନ କରି ଲୁଚିକରି ଦୂରରୁ ଦର୍ଶନ କରେ। କିନ୍ତୁ ନାୟକର ଆଖି ସହ ତାହା ଆଖିର ମିଳନ ଘଟିଲେ ନାୟିକା ଲଜ୍ଜାପାଇ ସେ ସ୍ଥାନରୁ ପଳାଇଯାଏ। କାମସୂତ୍ରରେ କୁହାଯାଇଛି—ନାୟିକା ନାୟକ ପ୍ରତି ଅନୁରକ୍ତା ହେଲେ ନାୟକକୁ ବାରମ୍ବାର ଅଲକ୍ଷିତରେ ଦେଖେ, ଆଗରେ ଦେଖିପାରେ ନାହିଁ। ହଠାତ୍ ନାୟକର ଦୃଷ୍ଟିରେ ପଡ଼ିଲେ ମୁହଁ ଲୁଚାଇଦିଏ।

---

(୨୨) ନିରଜନ ଉରଜ ହେରଇ କତବେରି
ହଁସଇ ସେ ଅପନ ପୟୋଧର ହେରି
—ବିଦ୍ୟାପତି ପଦାବଳୀ, ପୃ-୨୧

(୨୩) ପାଟି ବସ୍ତ୍ରର ସଖୀନ୍‌ଙ୍କ ଛନ୍ଦକ୍ ନିହାରନ୍ତି ବାନ୍ଧି
—ରସରାଜ/୨୩



Digitized by srujanika@gmail.com

ନାୟକଙ୍କୁ ଏକାନ୍ତରେ ଦୂରରେ ବା ଅସାବଧାନ ଥିଲାବେଳେ ଦେଖିବାକୁ ଭଲ ପାଏ (୨୪) ।

ନାୟିକା ନିକଟରେ ଲଜ୍ଜା ଭାବର ପ୍ରାଧାନ୍ୟ ପ୍ରକାଶ କରିବାକୁ ଯାଇ କବି ତାହାର କାମ ଭାବକୁ ଚନ୍ଦ୍ରକଳା ଏବଂ ଲଜ୍ଜାଭାବକୁ ମେଘମାଳା ସହ ତୁଳନା କରିଛନ୍ତି । ଆକାଶରେ ଷୋଳକଳାପୂର୍ଣ୍ଣ ଚନ୍ଦ୍ର ଉଦିତ ହୋଇ-ଥିଲେ ମଧ୍ୟ ମେଘର ଆଗମନରେ ସେ ସବୁ ବ୍ୟର୍ଥ ହୁଏ । ଆଉ ପୂର୍ଣ୍ଣିମାର ଚନ୍ଦ୍ର ଶୋଭାକୁ କେହି ଉପଲବ୍‌ଧି କରିପାରନ୍ତି ନାହିଁ । ଷୋଳକଳା ପୂର୍ଣ୍ଣଚନ୍ଦ୍ର ବା ପୂର୍ଣ୍ଣିମାର ଚନ୍ଦ୍ର ସବୁଦିନ ଆକାଶରେ ନ ଥାଏ । ସେହିପରି ବୟଃସନ୍ଧି ନାୟିକା ନିକଟରେ କାମଭାବ ସର୍ବଦା ବିରାଜିତ ନ ଥାଇ ସମୟ ସମୟରେ ଉତ୍ପତ୍ତି ହୋଇଥାଏ । ପୁଣି ସଙ୍ଗେ ସଙ୍ଗେ ଲଜ୍ଜାଭାବ ସେହି କାମଭାବକୁ ଆଚ୍ଛାଦନ କରି ପକାଏ । ଫଳରେ ନାୟିକା ନିକଟରେ ଲଜ୍ଜାଭାବ ହିଁ ପ୍ରକାଶ ହୁଏ । ଯୌବନର ଆଗମନ କାଳରେ ଲଜ୍ଜାର ଆବିର୍ଭାବ ସ୍ୱାଭାବିକ । ପ୍ରତାପ-ରୁଦ୍ରୀୟକାରଙ୍କ ଅନୁଯାୟୀ ମୁଗ୍‌ଧା ନାୟିକା ଆପଣାର ଲଜ୍ଜାଦ୍ୱାରା କାମ ଉପରେ ବିଜୟଲାଭ କରିଥାଏ (୨୫) । ଭାନୁଦତ୍ତ ଲଜ୍ଜାଭାବ ପ୍ରକାଶର ଉଦାହରଣରେ କହିଛନ୍ତି—ତାହାର ଚଞ୍ଚଳ ପାଦଗତି ଧୀର ହୋଇଯାଏ, ଉଚ୍ଛଳ ହସ ସ୍ମିତରେ ପରିଣତ ହୁଏ, ଯାହାଦ୍ୱାରା ଅସୁମାରୀ କଥା କହୁଥିବା ମୁଖରୁ କମ୍ ବାଣୀ ନିସୃତ ହୋଇ ଏକ ବିଚିତ୍ର ପ୍ରକାର ପରିବର୍ତ୍ତନ ଦେଖାଦିଏ (୨୬) ।

---

(୨୪) ସମ୍ମୁଖଂ ତଂ ତୁ ନ ବୀକ୍ଷତେ । କାଂକ୍ଷିତା ବ୍ରୀଡ଼ା ଦର୍ଶୟନ୍ତି
ଗୁହ୍ୟମାତ୍ମନୋଽଙ୍ଗ ମପି ଦେଶେନ ପ୍ରକାଶୟନ୍ତି ।
ସୁପ୍ତଂ ପ୍ରଚ୍ଛନ୍ନଂ ନାୟକମତିକ୍ରାନ୍ତଂ ଚ ବୀକ୍ଷତେ
—କାମ ସୂତ୍ରମ୍, ଭୃତ୍ୟାୟୁମଧିକରଣ, ୩/୨୬

(୨୫) ରସମଞ୍ଜରୀ ୧୭ ପୃଷ୍ଠାରୁ ଗୃହୀତ

(୨୬) ରସମଞ୍ଜରୀ ପୃ–୧୭



Digitized by srujanika@gmail.com

ସାହିତ୍ୟ ଦର୍ପଣକାର ମୁଗ୍ଧା ନାୟିକାର ବିଭିନ୍ନ ଲକ୍ଷଣ ମଧ୍ୟରୁ ସମଧିକ ଲଜ୍ଜାବତୀକୁ ଏକ ଲକ୍ଷଣ ରୂପେ ପ୍ରକାଶ କରିଛନ୍ତି (୨୭) । ଏହାର ଉଦାହରଣ ପ୍ରଭାବତୀ ପରିଣୟରୁ ପ୍ରଦାନ କରି ସେ କହିଛନ୍ତି—ସେହି ପ୍ରଭାବତୀ ନାୟିକା ପୃଥିବୀରେ ଧୀରେ ଧୀରେ ପାଦ ପକାଉଛନ୍ତି, ଅନ୍ତଃପୁରରୁ ବାହାରୁ ନାହିଁ, ହିଁ ହିଁ ହୋଇ ପିଲ୍ଦନ ପରି ହସୁନାହିଁ, ପ୍ରତି କାର୍ଯ୍ୟରେ ଅନବରତମାତ୍ର ଲଜ୍ଜା ପ୍ରକାଶ କରୁଛି, ସଖୀମାନେ ପ୍ରିୟ କଥା ପକାଇଲେ ତାଙ୍କୁ ରାଗକରି ଭ୍ରୂଭଙ୍ଗ ପୂର୍ବକ ଚାହୁଁଛି (୨୮) । ବିଦ୍ୟାପତିଙ୍କ ରାଧା ସ୍ୱାଭାବିକ ଲଜ୍ଜାବତୀ ହୋଇ ନିଜର ବିକଶିତ ଅଙ୍ଗପ୍ରତ୍ୟଙ୍ଗକୁ ଅନାବୃତ କରି ଗୁରୁଜନ-ମାନଙ୍କ ମଧ୍ୟରେ ରହିନାହାନ୍ତି ଅର୍ଥାତ୍ ସର୍ବଦା ନିଜର ଅଙ୍ଗପ୍ରତ୍ୟଙ୍ଗକୁ ଆବୃତ କରି ରଖିଛନ୍ତି (୨୯) । ପୁଣି ସେ ଖେଳ ମଧ୍ୟ ଖେଳି ନାହାନ୍ତି, ଲୋକଙ୍କୁ ସମ୍ମୁଖରେ ଦେଖି ଲଜ୍ଜିତା ହୋଇଛନ୍ତି । ସହଚରୀମାନଙ୍କ ମେଳରେ ରହି ଲୋକଙ୍କୁ ଦେଖି ସୁଦ୍ଧା ଦେଖି ନାହାନ୍ତି (୩୦) । କବି ରହିମ ମୁଗ୍ଧା ନାୟିକାର ଲଜ୍ଜାକୁ ଏକ ନୂଆ ରୋଗ ଭାବରେ ଗ୍ରହଣ କରିଛନ୍ତି (୩୧) ।

---

(୨୭) ସାହିତ୍ୟ ଦର୍ପଣ, ପୃ-୧୩୦

(୨୮) ଦତ୍ତେ ସାଳସ ମନ୍ଥର ଭୁବି ପଦଂ ନିର୍ଯାତି ନାନ୍ତଃପୁରାନ୍
ନୋଦ୍ଦାମଂ ହସତି, କ୍ଷଣାତ୍ କଳୟତେ ହ୍ରୀ ଯନ୍ତ୍ରଣାଂ କାମପି
କିଞ୍ଚିଦ୍ଭାବ ଗଭୀର ବକ୍ରିମ ଲବସ୍ପୃଷ୍ଟଂ ମନାଗ୍ଭାଷତେ
ସଭ୍ରୂଭଙ୍ଗ ମୁଦୀକ୍ଷତେ ପ୍ରିୟକଥା ମୁଲ୍ଲାପୟନ୍ତୀଂ ସଖୀମ୍
—ତତ୍ରୈବ, ପୃ-୧୩୧

(୨୯) ନା ରହେ ଗୁରୁଜନ ମାଝେ, ବେକତ ଅଙ୍ଗନା ଝାଁପଯେ ଲାଜେ
—ବିଦ୍ୟାପତି ପଦାବଳୀ, ପୃ-୨୮

(୩୦) ଖେଲତ ନା ଖେଲତ ଲୋକ ଦେଖି ଲାଜ
ହେରତ ନା ହେରତ ସହଚରୀ ମାଝ —ତତ୍ରୈବ, ପୃ-୨୭

(୩୧) କବନ ରୋଗ ଦୁହୁ ଛତିୟା, ଉପଜେଉ ଆୟ
ଦୁଖି ଦୁଖି ଉଠେ କରେ ଜବା ଲଗି ଜନୁ ଜାୟ
—ବରଭୈ ନାୟିକା ଭେଦ



Digitized by srujanika@gmail.com

(କାନ୍ତ)କୁ ଗୃହିଂବା ନାସା ଫୁଲାଇବା ସଖୀ ତହୁଂ ଶିଖିଥାଇ
......ଏବେ ଏକାନ୍ତେ ବସାଇ ଦରପଣେ ମୁଖ ଗୃହିଂ
......ଭେଦ୍ଧ ବଏସ ସନ୍ଧ, ଏ ଗୃର ସନ୍ଧର ସାର
......ର ପାଇଂ ହୋଇଲେ, ବିଶେଷ କାମ ଅଧୀର ।୫।

ଉକ୍ତ ଅଂଶରେ କବି ନାୟିକାର ଗୃହାଣୀ, ନାସା ଫୁଲାଇବା ଏବଂ ଦର୍ପଣରେ ନିଜର ମୁଖ ଦର୍ଶନ କରିବା ଆଦି ବିଭିନ୍ନ କ୍ରିୟା କଳାପର ସୂଚନା ପ୍ରଦାନ କରିଛନ୍ତି । ଅଳଙ୍କାର ଶାସ୍ତ୍ରାନୁଯାୟୀ ଉପରୋକ୍ତ ପ୍ରକାର କାର୍ଯ୍ୟକଳାପ 'ବିଳାସ' ଭାବର ଅନ୍ତର୍ଭୁକ୍ତ । ଆଚାର୍ଯ୍ୟ ଧନିକ ହେଳାର ଉଦାହରଣ ପ୍ରସଙ୍ଗରେ ତାର ସକଳ ଅଙ୍ଗରେ ବିଳାସ ଉତ୍ପନ୍ନ ହେଉଥିବା ଓ ତାର ବାଳ ସ୍ୱଭାବ ସମ୍ପର୍କରେ ସନ୍ଦେହ ଜାତ ହେଉଥିବା ବର୍ଣ୍ଣନା କରିଛନ୍ତି (୩୨) । ପୁଣି ଧନଞ୍ଜୟ 'ଯୌବନବର୍ଣ୍ଣ'ର ଉଦାହରଣରେ ନାୟିକା ତା'ର ଭ୍ରୂବିଳାସ, ବାର୍ତ୍ତାଳାପ ଆଦି କମାଇ ଦେଇଥିବା ସୂଚନା ପ୍ରଦାନ କରିଛନ୍ତି (୩୩) । ଧନଞ୍ଜୟଙ୍କ ଅନୁଯାୟୀ 'ଯୌବନ ବର୍ଣ୍ଣ' ମଧ୍ୟାର ଏକ ଭେଦ (୩୪) । ଅର୍ଥାତ୍ ନାୟିକା ମଧ୍ୟା ପୂର୍ବରୁ ଅର୍ଥାତ୍ ମୁଗ୍ଧା ଅବସ୍ଥାରେ ବିଶେଷ ଭାବରେ ଭ୍ରୂବିଳାସ ଆଦି ପ୍ରଦର୍ଶନ କରୁଥିଲା । ବିଦ୍ୟାପତିଙ୍କ ରାଧା ମଧ୍ୟ ସଖୀଗଣଙ୍କୁ ସୁରତି ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି

---

(୩୨) ତଦ୍ଧ ଝଟିତ୍ୟସ୍ୟାଃ ପ୍ରବୃତ୍ତବ ସର୍ବାଙ୍ଗ ବିଭ୍ରମାଃ ସ୍ତନୋଦ୍ଭେବେ
ଶଙ୍କିତ ବାଲଭାବା ଭବିତ ଚରଂ ଯଥା ସଖୀନାମପି
—ଦଶ ରୂପକ, ପୃ-୧୨୪

(୩୩) ତତ୍ରୈବ, ପୃ-୧୦୨

(୩୪) ତତ୍ରୈବ, ପୃ-୧୦୨



Digitized by srujanika@gmail.com

ଏବଂ ବାରମ୍ବାର ଦର୍ପଣରେ ନିଜ ମୁହଁ ଦେଖି ଆନନ୍ଦିତ ହୋଇଛି (୩୫)। କିନ୍ତୁ ନରସିଂହ ସେଣଙ୍କ ନାୟିକା ସଖୀ ନିକଟରୁ ନାସା ଫୁଲାଇବା ଓ ଗୁହିଁବା ଆଦି ଶାରୀରିକ କ୍ରିୟା ଶିକ୍ଷା କରିଥିବା ବେଳେ ବିଦ୍ୟାପତିଙ୍କ ରାଧା ସଖୀଙ୍କ ନିକଟରୁ ସୁରତ ବିଷୟରେ ବିଭିନ୍ନ ଉପଦେଶ ଗ୍ରହଣ କରିଛି।

ଉକ୍ତ ପଞ୍ଚକର ଶେଷ ପଙ୍କ୍ତି ଦ୍ୱୟରୁ କବି ନାୟିକାର ବୟଃସନ୍ଧି ଅବସ୍ଥାକୁ ଷୋଡ଼ଶସନ୍ଧି ମଧ୍ୟରୁ ଶ୍ରେଷ୍ଠ ଅବସ୍ଥା ରୂପେ ଗ୍ରହଣ କରିଥିବା ଜଣାଯାଏ। ସାଧାରଣତଃ ମନୁଷ୍ୟ ଶୈଶବ, ଯୌବନ, ପ୍ରୌଢ଼ ଓ ବାର୍ଦ୍ଧକ୍ୟ ଅବସ୍ଥା ମଧ୍ୟ ଦେଇ ଗତି କରିଥାଏ। ଗୋଟିଏ ଅବସ୍ଥାରୁ ଅତିକ୍ରମ କରି ଅନ୍ୟ ଏକ ଅବସ୍ଥାରେ ଉପନୀତ ହେବାର ମଧ୍ୟବର୍ତ୍ତୀ ସମୟକୁ ସନ୍ଧି ଅବସ୍ଥା କୁହାଯାଏ। ନାୟିକାର ବୟଃସନ୍ଧି ଅବସ୍ଥା ହେଉଛି ଶିଶୁ ଓ ଯୌବନର ମଧ୍ୟବର୍ତ୍ତୀ ଅବସ୍ଥା। କବି ଏହି ଅବସ୍ଥାକୁ ଶ୍ରେଷ୍ଠତ୍ୱ ଆରୋପ କରିବାର କାରଣ ହେଉଛି ଏହି ଅବସ୍ଥା ପରେ ହିଁ ନାୟିକା କାମ ଭାବରେ ଅଧୀରା ହୋଇ ପୁରୁଷର ସଙ୍ଗଲାଭ ନିମନ୍ତେ ଉତ୍ସୁକା ହୁଏ।

ଉକ୍ତ ପଞ୍ଚକକୁ ବିଶ୍ଳେଷଣ କଲେ ଜଣାଯାଏ, ଧନଞ୍ଜୟ, ବିଶ୍ୱନାଥ ଭାନୁଦତ୍ତ ଆଦି ପୂର୍ବ ଆଚାର୍ଯ୍ୟଗଣ ମୁଗ୍ଧା ନାୟିକା କୋପରେ ମୃଦୁ ହେବା ଏକ ଲକ୍ଷଣ ରୂପେ ପ୍ରକାଶ କରିଛନ୍ତି। କିନ୍ତୁ ବୟଃସନ୍ଧି ପଞ୍ଚକରେ ନାୟିକାର ମାନ ପ୍ରସଙ୍ଗରେ କିଛି କୁହାଯାଇ ନାହିଁ। ଏହା ହେଉଛି ନରସିଂହ ସେଣଙ୍କ ସ୍ୱାତନ୍ତ୍ର୍ୟ।

---

(୩୫) ମୁକୁର ଲବର ଅବ କରଇ ସିଂଗାର
ସଖି ପୁଛ କରଇ ସେ ସୁରତ ବିହାର
— ବିଦ୍ୟାପତି ପଦାବଳୀ, ପୃ-୨୧



Digitized by srujanika@gmail.com

## ୧୩. ବାଳା ପଞ୍ଚକ

'ବ' ବାମେ ଆକୁଳ ବାଳା ନୀବ ମୁକ୍ଷଣର କାଳେ
ନୟନ ଯୁଗଳ କର ଧରଇ ସେ କରସ୍ଥଳେ
... ..ମୁଖ ଗୃହେଂ ରସିକ ଡ଼ାକଇ କୁଚ କଳସେ
ଏ ଦୁଇ କ୍ରମ ଜୟେ ଗଲା ନାୟେକର ଜ୍ଞାନ ଧ୍ୱଂସେ ।୧।

ନାୟକ ନାୟିକାଙ୍କର ମିଳନ ସମୟରେ ଅର୍ଥାତ୍ ନୀବ ମୋକ୍ଷଣ କାଳରେ ନାୟିକାଠାରେ ଉଭୟ କାମଭାବ ଓ ଲଜ୍ଜା ଭାବର ଉଦୟ ହୋଇ-ଥାଏ । 'କାମେ ଆକୁଳ ବାଳା' ପ୍ରୟୋଗରୁ କାମ ଭାବର ଆଧିକ୍ୟ ଏବଂ ନାୟିକା ନାୟକର ଆଖି ଦୁଇକୁ ବୁଜ ଦେଉଥିବାରୁ ଲଜ୍ଜାଭାବ ତାହାକୁ ଆଚ୍ଛନ୍ନ କରୁଥିବା ଜଣାଯାଏ । ଲଜ୍ଜାଶୀଳା ନାୟିକା ମଧ୍ୟ ନିଜର କୁଚକୁ ବସ୍ତ୍ର ଦ୍ୱାରା ଆଚ୍ଛାଦନ କରିଦିଏ । କବିଙ୍କ ଅନୁଯାୟୀ ନାୟକ ଏହି ଦୁଇ ଅବସ୍ଥାକୁ ଅତିକ୍ରମ କଲାପରେ ତାହାର ଜ୍ଞାନ ଧ୍ୱଂସ ପାଏ ।

ଭାନୁଦତ୍ତ ନବୋଢ଼ା ନାୟିକାର ମନରୁ ଭୟ ଏବଂ ଲଜ୍ଜା ଭାବ କିଛି ପରିମାଣରେ କମିଯାଇ ପତି ପ୍ରତି ଆକର୍ଷିତ ହେଲେ ସେହି ନାୟିକା ବିଶ୍ରବ୍ଧ ନବୋଢ଼ାରେ ପରିଣତ ହେଉଥିବା କହିଛନ୍ତି (୧) । ଏହାର ଉଦାହରଣରେ ସେ କହିଛନ୍ତି— ନାୟିକା ନିଜେ ଆପଣା ଯୁବକ ସମ୍ମୁଖରେ ପହଞ୍ଚିଲେ 'ବିଶ୍ରବ୍ଧ ନବୋଢ଼ା' ସ୍ଥିତିରେ ପହଞ୍ଚିବା ଜଣାଯାଏ । ଯଦ୍ୟପି ଭୟ ଏବଂ ଲଜ୍ଜା ହେତୁ କିଛି ପରିମାଣରେ ଆଖିକୁ ମୁକୁଳିତ କରେ ନୀବ ପରେ ଏକ ହାତକୁ ରଖେ, ଆଖିକୁ ରକ୍ଷା କରେ ତଥାପି ପତି ପ୍ରତି ତାହାର ମନରେ ସ୍ୱାଭାବିକ ଆକର୍ଷଣ ଉତ୍ପନ୍ନ ହେଉଥିବାରୁ ପତି ନିକଟକୁ ସେ ନିଜେ

---

୧) ସୈବ କ୍ରମଶଃ ସପ୍ରଶ୍ରୟା ବିଶ୍ରବ୍ଧ ନବୋଢ଼ା

—ରସ ମଞ୍ଜରୀ, ପୃ-୧୭



Digitized by srujanika@gmail.com

ଯାଇଥିବାରୁ ବିଶ୍ରବ୍ଧତା ସୂଚିତ ହୋଇଥାଏ (୨) । ରସ ମଞ୍ଜରୀ ଗ୍ରନ୍ଥର ବ୍ୟାଖ୍ୟାକାରଙ୍କ ଅନୁଯାୟୀ ବିଶ୍ରବ୍ଧ ନବୋଢ଼ା ନାୟିକା **ପତି** ସମ୍ମୁଖରେ ଉପସ୍ଥିତ ହେଲେ ତାହାର ବିଶ୍ରବ୍ଧ ନବୋଢ଼ାତ୍ୱ ରକ୍ଷିତ ହୋଇପାରେ ନାହିଁ । ଏହାର ସୁରକ୍ଷା ନିମନ୍ତେ ଭାନୁଦତ୍ତ ଏହି ଅବସ୍ଥାରେ ଲଜ୍ଜା ଏବଂ ଭୟ ବ୍ୟାପାରର ଉଲ୍ଲେଖ କରିଛନ୍ତି (୩) । କବି ନରସିଂହ ସେଣଙ୍କ ନାୟିକା ନିଜର ବିଶ୍ରବ୍ଧ ନବୋଢ଼ାତ୍ୱ ପ୍ରମାଣିତ କରିବା ପାଇଁ କାନ୍ତ ନିକଟରେ ନିଜର ଲଜ୍ଜା ଭାବକୁ ପ୍ରକାଶ କରିଛି । ସାହିତ୍ୟ ଦର୍ପଣକାର କିଳକିଞ୍ଚିତର ଉଦାହରଣ ପ୍ରସଙ୍ଗରେ କହିଛନ୍ତି, କବି ଭୀରୁ ରମଣୀ ରମଣ କାଳରେ ବିରୋଧ କରିବାକୁ ଇଚ୍ଛା ନ ଥାଇ ବି ନୀବି ମୋକ୍ଷଣ କାଳରେ ହସ୍ତରେ ବାରଣ କରି, ମଧୁର ହାସ ପୂର୍ବକ ତିରସ୍କାର କରି, କାମୀ ପାଖରେ ଅତ୍ୟନ୍ତ ଆନନ୍ଦ ମନେ ମନେ ଅନୁଭବ କରି ମଧ୍ୟ ମନୋହର ଶୁଖିଲା କାନ୍ଦଣା ପ୍ରକାଶ କରିଥାଏ (୪) । ସାହିତ୍ୟ ଦର୍ପଣକାରଙ୍କ ଅନୁଯାୟୀ 'କିଳକିଞ୍ଚିତ' ନାୟିକାର ସ୍ୱାଭାବିକ ଅଳଙ୍କାର ମଧ୍ୟରୁ ଅନ୍ୟତମ (୫) । ସେହିପରି ବିଦ୍ୟାପତିଙ୍କ ରାଧା ଆଲିଙ୍ଗନ ସମୟରେ ଲଜ୍ଜା ବଶତଃ ନିଜର ଅଞ୍ଚଳ ଦ୍ୱାରା

---

(୨) ଦର-ମୁକୁଳିତ-ନେତ୍ର ପାଳି ନୀବିନିୟମିତ ବାହୁ କୃତୋରୁ ଯୁଗ୍ମ ବନ୍ଧମ୍
କର କଳିତ କୁଚସ୍ଥଳଂ ନାବୋଢ଼ା ସ୍ୱପିତି ସମୀପମୁପେତ୍ୟ କସ୍ୟ ଯୂନଃ
—ତତ୍ରୈବ, ପୃ-୩୦

(୩) ରସ ମଞ୍ଜରୀ, ପୃ-୩୩

(୪) ପାଣିରୋଧମ ବି ରୋଧିତ ବାଞ୍ଛଂ
ଭର୍ତ୍ସନାଶ୍ଚ ମଧୁର ସ୍ମିତ ଗର୍ଭାଃ
କାମିନଃ ସ୍ମ କୁରୁତେ କରଭୋରୁ-
ର୍ହାରି ଶୁଷ୍କରୁଦିତଂ ଚ ସୁଖେଽପି —ସାହିତ୍ୟ ଦର୍ପଣ, ପୃ-୧୬୧

(୫) ତତ୍ରୈବ, ପୃ-୧୬୧



Digitized by srujanika@gmail.com

ମୁହଁକୁ ଘୋଡାଇ ପକାଇଛି (୭) । ଏଠାରେ ଉଭୟ ନାୟିକା ମୁହଁ ଘୋଡାଇଥିଲେ ମଧ୍ୟ ନରସିଂହ ସେଣଙ୍କ ନାୟିକା ହାତରେ ମୁହଁ ଲୁଗ୍ଲଇଥିବା ବେଳେ ବିଦ୍ୟାପତିଙ୍କ ରାଧା ବସ୍ତ୍ର ଦ୍ୱାରା ମୁହଁକୁ ଢାଙ୍କି ପକାଇଛି ।

ଓଷ୍ଠ ସ୍ପୃଷ୍ଟ କରେ ଚୁମ୍ବନ ଲଜେଣ ଚମ୍ବଇ ନାହିଂ
କଞ୍ଚିତ ହସି କାତର ହୃଦରେ ବଦନ ଘୋଡ଼ାଇ ଦେଇ
ଗୃଢ଼ ବଚନେ କ୍ଷଣେ ଲାଜ ଛୁଡଇ ପୁଣି ପୁଣି ବୁଡଇ ଲଜେ
ଆଲିଙ୍ଗନ ଦେବାକୁ ମନ ଭିଡଇ ନାହିଂ ତା ଭୁଜେ ।୨।

ଉକ୍ତ ଅଂଶରେ ନାୟିକାର ଲଜ୍ଜା ଭାବର ଆଧିକ୍ୟ ପ୍ରକାଶିତ । ନାୟିକା ଅଧିକା ଲଜ୍ଜାଶୀଳା ହୋଇଥିବା ହେତୁ ନାୟକଙ୍କୁ ଚୁମ୍ବଦାନ କରିବାକୁ ଇଚ୍ଛା ଥିଲେ ମଧ୍ୟ ଦେଇ ପାରେ ନାହିଁ, ଆଲିଙ୍ଗନ କରିବାକୁ ଇଚ୍ଛା ଥିଲେ ମଧ୍ୟ କରିପାରେ ନାହିଁ ଅପର ପକ୍ଷରେ କଞ୍ଚିତ ହସି ଦେଇ ଭୟଭୀତା ହୋଇ ନିଜର ମୁହଁକୁ ଲୁଗ୍ଲଇ ଦିଏ । ନାୟକ ଗୂଢ଼ ବଚନ ପ୍ରକାଶ କରିବା ସମୟରେ ଲଜ୍ଜା ଭାବକୁ ତ୍ୟାଗ କରେ ସତ କିନ୍ତୁ ପର ମୁହୂର୍ତ୍ତରେ ପୁଣି ଲଜ୍ଜିତାକୁ ଆକର୍ଷଣ କରେ ।

ପ୍ରତାପରୁଦ୍ର ଯଶୋଭୂଷଣକାର ବିଦ୍ୟାନାଥଙ୍କ ଅନୁଯାୟୀ ମୁଗ୍ଧା ନାୟିକା ନିକଟରେ ଲଜ୍ଜା କାମ ଉପରେ ବିଜୟ ଲାଭ କରିଥାଏ (୭) । ଅମରୁ ଶତକର ଏକ ସ୍ଥଳରେ ନାୟକ ନାୟିକା କପୋଳରେ ଚୁମ୍ବନ ଦେଉଥିବା ବେଳେ ଲଜ୍ଜା ବଶତଃ ନାୟିକା ପ୍ରିୟତମର କଣ୍ଠକୁ ଆଲିଙ୍ଗନ

---

(୭) ଆଁଚର ଲେଇ ବଦନ ପର ଝାଁପ
— ବିଦ୍ୟାପତି ପଦ ବଳୀ, ବେଣୀପୁରୀ ସମ୍ପାଦିତ, ପୃ-୧୬୦

(୭) ରସ ମଞ୍ଜୁଷା, ପୃ-୧୫୩



Digitized by srujanika@gmail.com

ନ କରି ମଥା ପୋତି ତଳକୁ ଚାହିଁ ରହିଥିବାରୁ ନିଜକୁ ମୂଢ଼ା ମନେ କରି ପଶ୍ଚାତ୍ତାପ କରିଛି (୮) ।

କଞ୍ଚିତ ହାସ ପ୍ରସଙ୍ଗରେ ସାହିତ୍ୟ ଦର୍ପଣରେ କୁହାଯାଇଛି ଯୌବନର ଆବିର୍ଭାବରେ ନାୟିକା ନିକଟରେ ବୃଥା ହାସ୍ୟ ଉତ୍ପନ୍ନ ହୁଏ (୯) ଓ ଏହା ନାୟିକାର ସ୍ୱାଭାବିକ ଅଳଙ୍କାର ମଧ୍ୟରୁ ଅନ୍ୟତମ (୧୦)। ଏହାର ଉଦାହରଣରେ ବିଶ୍ୱନାଥ କବିରାଜ କହିଛନ୍ତି କୌଣସି କାରଣ ନଥାଇ ଯେଣୁ ଏ ନାୟିକା ହସୁଛି, ଏଥିରୁ ଜଣାଯାଉଛି କନ୍ଦର୍ପ ସ୍ୱା'ର ହୃଦୟ ରାଜ୍ୟକୁ ଅଧିକାର କଲଣି (୧୧) । ତେଣୁ ନରସିଂହ ସେଣଙ୍କ ନାୟିକା ନିକଟରେ ଲଜ୍ଜା ଭାବ ପ୍ରକାଶ ପାଇଥିଲେ ମଧ୍ୟ କଞ୍ଚିତ ହାସ୍ୟ ବା ସ୍ମିତ ଭାବ ପ୍ରକାଶ ପାଇଛି ।

ଉକ୍ତ ପଦରେ 'କାତର ହୃଦ' ଓ 'ବଦନ ଘୋଡାଇ ଦେଇ' ପ୍ରୟୋଗରୁ ନାୟିକା ନିକଟରେ ଲଜ୍ଜା ଏବଂ ଭୟ ଉଭୟ ଭାବ ପ୍ରକାଶ

---

(୮) ଶ୍ଳିଷ୍ଟ କଣ୍ଠେ କମିତି ନ ମୟା ମୂଢ଼ୟା ପ୍ରାଣନାଥ
ଶ୍ଚୁମ୍ବତ୍ୟସ୍ମିନ୍ ବଦନ ବିନତି କା କୃତା କିଂ ନ ଦୃଷ୍ଟଃ-ଅମରୁ ଶତକମ୍
ଏହାର ଓଡ଼ିଆ ଅନୁବାଦରେ କୁହାଯାଇଛି —
ଭାବଇ ଆଜ ମନେ, ଏଡ଼ିକ ଅବିବେକୀ କାହିଁକି ହେଲି
ମୋ ପ୍ରିୟତମ ଗଳେ, ନିବିଡ ଆଶ୍ଳେଷ କଆଁ ନ ଦେଲି
ଚୁମ୍ବ ମୋ କପୋଳେ, ଯେବେ ତ ଦେଉଥିଲେ ମୁହିଁ କି ପାଇଁ
ଲାଜ ମରମେ ମରି, ରହିଲି ମଥା ପୋତି ତଳକୁ ଚାହିଁ ?

—ପ୍ରୀତି ଶତକ ପୃ-୯

(୯) ହସିତଂ ତୁ ବୃଥା ହାସ୍ୟେ ଯୌବନୋଦ୍‌ଭେଦସମ୍ଭବଃ

—ସାହିତ୍ୟ ଦର୍ପଣ, ପୃ-୧୭୭

(୧୦) ତତ୍ରୈବ, ପୃ-୧୭୧

(୧୧) ଅକସ୍ମାଦେବ ତନ୍ୱଙ୍ଗୀ ଜହାସ ଯଦୟଂ ପୁନଃ
ନୂନଂ ପ୍ରସୂନବାଣୋଽସ୍ୟାଂ ସ୍ୱାରାଜ୍ୟମଧିତିଷ୍ଠତି

—ତତ୍ରୈବ, ପୃ-୧୭୭



Digitized by srujanika@gmail.com

ପାଇଥିବା ଦୃଷ୍ଟ ହୁଏ । ରସ ମଞ୍ଜରୀକାରଙ୍କ ଅନୁଯାୟୀ ଯେଉଁ ନବ ବିବାହିତା ବଧୂ ଲଜ୍ଜା ଓ ଭୟ ହେତୁ ପତି ସଙ୍ଗମ ଚାହେଁ ନାହିଁ ତାହାକୁ 'ନବୋଢ଼ା' କୁହାଯାଇଥାଏ (୧୨) । ନରସିଂହ ସେଣଙ୍କ 'ଗୃହୁ ବଚନେ କ୍ଷଣେ ଲାଜ ଛୁଡ଼ଇ' ପ୍ରୟୋଗରୁ ନାୟିକା ସହଜରେ ପ୍ରସନ୍ନ ହେଉଥିବା ଅନୁମାନ କରାଯାଇ ପାରେ । ଧନଞ୍ଜୟଙ୍କ ଅନୁଯାୟୀ ମୁଗ୍‌ଧା ନାୟିକା ଶରୀରରେ ଯୌବନର ନୂତନ ଆଗମନ ହୋଇଥିବାରୁ ଲାଜଭାବର ଆଧିକ୍ୟ ଓ କାମଭାବର ନ୍ୟୁନତା ପ୍ରକାଶ ପାଇଥାଏ । ଏହି ଅବସ୍ଥାରେ ନାୟିକା ନାୟକ ସହିତ ସମ୍ଭୋଗକୁ ଭୟ କରିବା ସଙ୍ଗେ ସଙ୍ଗେ ମାନ ଅବସ୍ଥାରେ ସହଜରେ ପ୍ରସନ୍ନ ହୋଇଥାଏ (୧୩) । ମୁଗ୍‌ଧା ନାୟିକାର ପ୍ରତ୍ୟେକ କ୍ରିୟାରେ ଲଜ୍ଜା ଓତପ୍ରୋତ ଭାବରେ ଜଡ଼ିତ ରହିବା ସଙ୍ଗେ ସଙ୍ଗେ ଏକ ଅଦ୍ଭୁତ ଭୂଷଣ ରୂପେ କାର୍ଯ୍ୟ କରିଥାଏ । ପୁଣି ଏହାର କୋପ ହେଉଛି ମୃଦୁ (୧୪) । ଏହି ହେତୁ ନରସିଂହ ସେଣଙ୍କ ନାୟିକା ସହଜରେ ପ୍ରସନ୍ନ ହେବା ସଙ୍ଗେ ସଙ୍ଗେ ଲଜ୍ଜା ହେତୁ ନାୟକକୁ ଆଲିଙ୍ଗନ କରିପାରି ନାହିଁ ।

ସୁରତି ରସ ନାଜେ କେଳିରସ ଦେବାକୁ (ବାଳାର) ବହୁତ ମନ
ଲାଜ ବେଗ ବେଗେ ବାଧା ଯେ କରଇ ତହିଁକି ବନ୍ଧ ମଦନ
ଆତୁର ଜନ ସକଳ ରସଇ ତ୍ଳେଭେଣି ସେହୁ ସେସନ
ଲାଜ ଭୟେ ଭୋଗ କରି ନ ପାରି ହୋଉଥାଇ ଛନ୍ନ ଛନ୍ନ ।୩।

ଉକ୍ତ ଅଂଶରେ ନାୟିକାର ମାନସିକ ଅବସ୍ଥାର ଚିତ୍ର ପ୍ରଦତ୍ତ । ନାୟିକାର ଅନ୍ତରରେ ପ୍ରିୟତମ ସହିତ ଲୀଳା ବିଳାସ ଆଦି ସମ୍ଭୋଗ ଲୀଳାରେ ମତ୍ତ ହେବା ଇଚ୍ଛା ଥାଏ କିନ୍ତୁ ପ୍ରିୟତମ ସହିତ ମିଳନ ସମୟରେ ବାଧକ ହୁଏ ତାହାର ଲଜ୍ଜା । ଆଳଙ୍କାରିକ ଭାନୁଦତ୍ତ 'ଈଶ୍ରବ୍‌ଧ ନବୋଢ଼ା' ଲକ୍ଷଣରେ କହିଛନ୍ତି, ଯଦିଓ ମୁଗ୍‌ଧା ନାୟିକା ଭୟ ଓ ଲଜ୍ଜାର ବଶବର୍ତ୍ତୀ

(୧୨) ରସ ମଞ୍ଜରୀ, ପୃ-୧୭

(୧୩) ଦଶ ରୂପକ, ପୃ-୯୯

(୧୪) ରସ ମଞ୍ଜରୀ, ପୃ-୧୯



Digitized by srujanika@gmail.com

ହୋଇଥାଏ ତଥାପି ତାହାର ମନରେ ପତି ପ୍ରତି ସ୍ୱାଭାବିକ ଆକର୍ଷଣ ଥାଏ ଏବଂ ସେ ପତି ନିକଟରେ ଆପଣାର ବିଶ୍ରବ୍ଧତା ପ୍ରକାଶ କରେ(୧୫) । ତାହା ଅନ୍ତରରେ କାମ ଭାବ ବୃଦ୍ଧି ପାଇଥିବା ହେତୁ ସେ ପତି ନିକଟକୁ ଗମନ କରେ କିନ୍ତୁ ପତି ସହ ସାକ୍ଷାତ ହେବା ପରେ ଲଜ୍ଜା କାମ ଭାବକୁ ଆଚ୍ଛାଦନ କରେ । କବି ନରସିଂହ ସେଣଙ୍କ ଅନୁଯାୟୀ ଏହି ଲଜ୍ଜା ଭାବ ହେଉଛି 'ଲାଜ ବେଗ' । ଉତ୍ତମ ମୁଗ୍ଧା ନାୟିକାର ଲଜ୍ଜା ଭାବକୁ ଏକ ନୂଆ ବେଗ ଭାବରେ ପ୍ରକାଶ କରିଛନ୍ତି (୧୬) ।

ଉକ୍ତ ପଦରେ ନାୟିକାକୁ ଆତୁର ଜନ ସହ ତୁଳନା କରାଯାଇଛି । ଆତୁର ବ୍ୟକ୍ତି ଲୋଭାସକ୍ତ ହୋଇ ସକଳ ଭୋଗ୍ୟ ବସ୍ତୁକୁ ଏକାବେଳକେ ଭୋଗ କରିବାକୁ ଇଚ୍ଛା ପ୍ରକାଶ କଲା ପରି 'ବିଶ୍ରବ୍ଧ ନବୋଢ଼ା' ନାୟିକା ସୁରତି ରସକୁ ଉପଭୋଗ କରିବା ନିମନ୍ତେ ବ୍ୟାକୁଳତା ହୁଏ । କିନ୍ତୁ ଏହି ଉପଭୋଗ ନିମନ୍ତେ ପ୍ରତି ବନ୍ଧକ ରୂପେ ଦେଖାଦିଏ ତାହାର ଲାଜ ଓ ଭୟ । ତେଣୁ ସେ ପ୍ରୀତି ରସକୁ ଉତ୍ତମ ରୂପେ ଆସ୍ୱାଦନ କରି ନ ପାରି ଛନ୍ନ ଛନ୍ନ ହୁଏ ।

ବିବିଧ କେଳି ନାନା ରଙ୍ଗକୁ ବୀକାର ବହୁତ ମନ
ଲାଜକୁ ପୁଣ ପୁଣି ପୁଣି ବାରଇ ବିଆଇ ଲେଖେ ମଦନ
ଦାନ ଦେଉଂ ଦେଉଂ ଯେ ପୁଣ ବାରଇ ବେଗରେ ହୁଅଇ ନାଶ
କାରେ ନୁହଇ କେ ଦାତା ସୁଜନ ଖଳ ଲଭଇ ଦୋଷ ।୩

ନାୟିକା ମନ ମଧ୍ୟରେ ବିବିଧ କେଳିରେ ନିମଜ୍ଜିତ ହେବାକୁ ଇଚ୍ଛୁଥାଏ କିନ୍ତୁ ବାସ୍ତବରେ ନାୟକ ସମ୍ମୁଖରେ ଉପସ୍ଥିତ ହେଲେ ଲଜ୍ଜା ତାହାକୁ କିଂ କର୍ତ୍ତବ୍ୟବିମୂଢ଼ କରି ଦିଏ । ପତି ସହ ସୁରତ ଲୀଳାକୁ ସାହିତ୍ୟ ଦର୍ପଣକାର 'କେଳି' ଆଖ୍ୟା ପ୍ରଦାନ କରିଛନ୍ତି (୧୭) ।

---

(୧୬) କବନ ବେଗ ଦୁହ୍ନ ତ୍ରିତପ୍ୟା ଉପଦେଉ ଆସୁ
ଦୁଖି ଦୁଖି ଉଠି କରେ ଜବାଲଜ ଜନୁ ଜାସୁ-ବରଭେ ନାୟିକା ଭେଦ

(୧୭) ସାହିତ୍ୟ ଦର୍ପଣ, ପୃ-୧୨୮



Digitized by srujanika@gmail.com

କବି ନାୟିକାର ଏହି କୁଣ୍ଠିତ ଭାବକୁ ଦାତା ସହ ତୁଳନା କରିଛନ୍ତି । ଦାତା ଦାନ ଦିଏ ଏବଂ ଗ୍ରହୀତା ତାହାକୁ ଗ୍ରହଣ କରେ । ପ୍ରୀତି ବ୍ୟାପାରରେ ନାୟିକା ରସ ଦାନ କଲା ସମୟରେ ନାୟକ ତାହାକୁ ଗ୍ରହଣ କରିଥାଏ । ଗ୍ରହୀତା ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ଦାତା ଦାନ ଦେବା ଆବଶ୍ୟକ । ନଚେତ୍ ଦାନ ନିଷ୍ଫଳ ହୋଇଥାଏ । ମୁଗ୍‌ଧା ବା ବିଶ୍ରବ୍‌ଧ ନବୋଢ଼ା ନାୟିକା ରସଦାନ କରି ନାୟକକୁ ସନ୍ତୁଷ୍ଟ କରିବା ପୂର୍ବରୁ ଲଜ୍ଜା ହେତୁ ରସଦାନରୁ ବିରତ ହୁଏ, କବିଙ୍କର ଦାତା ଓ ସୁଜନ ବାରି ନୋହିବା ଉଲ୍ଲେଖରୁ ଦାତା ଓ ସୁଜନ କମ୍ବା ଦାତା ଓ ଗ୍ରହୀତା ସ୍ପଷ୍ଟ ରୂପେ ବାରି ନୋହୁଥିବା ଜଣାଯାଏ । ଅର୍ଥାତ୍ ନାୟିକା ଦାତା ସାଜେ ନାହିଁ କମ୍ବା ନାୟକ ଠାରୁ ଗ୍ରହୀତା ବା ସୁଜନ ରୂପେ ରସ ଗ୍ରହଣ କରେ ନାହିଁ । କବିଙ୍କ ଅନୁଯାୟୀ ଏହି ଦୋଷ ନାୟକ ବା ନାୟିକାର ନୁହେଁ । ଖଳ ବ୍ୟକ୍ତିର କାର୍ଯ୍ୟ କଳାପହିଁ ନାୟକ ନାୟିକା ମିଳନରେ ବ୍ୟାଘାତ ସୃଷ୍ଟି କରିଥାଏ ।

ଆଜର କେଳି ନାନା ରଙ୍ଗେ କରିବ ବିସ୍ମରୁ ଥାଇ ତା ଚିତ୍ତେ
କାନ୍ତର ମୁଖକୁ ଗୃହିଂଇ ଯେବେ ଲାଜ ବାଧିଲା ତୁରିତେ
ପଛ କତି ପୁଣ ଭାଳଇ ବାଳା ଦୁଃଖ ଲଭୁଥାଇ ମନେ
ଭୁରି ଭୋଜନ ଖାଇ ନ ପାରି ରଙ୍କ ଭାଳଇ ଯେସନେ ।୫।

ନାୟକର ଅନୁପସ୍ଥିତିରେ ନାୟିକା କେଳି ଚିନ୍ତାରେ ମଗ୍ନଥାଏ । ସୁରତ ସମୟରେ ବିଭିନ୍ନ ଉପାୟ ଦ୍ୱାରା ନାୟକର ମନ ହରଣ କରିବା ଥାଏ ତାହାର ଏକମାତ୍ର ଚିନ୍ତା । ଗୀତ ଗୋବିନ୍ଦରେ ରାଧା କେଳିର ବିବିଧ ସୋପାନ— ଉରରେ ଶୟନ, ଚୁମ୍ବନ ଦାନ, ଅଧର ପାନ ଆଦି ଦ୍ୱାରା ଶ୍ରୀକୃଷ୍ଣଙ୍କ ମନୋରଞ୍ଜନ କରିବାର ଚିନ୍ତା କରିଛନ୍ତି (୧୮) । ପୁଣି ନାୟିକା ବିଶ୍ରବ୍‌ଧ ନବୋଢ଼ା ହୋଇଥିବା ହେତୁ ତାହାର ହୃଦୟରେ କାମ ଭାବର ପ୍ରକାଶ କଷ୍ଟ ଅଧିକ ପରିମାଣରେ ଘଟିଥାଏ କିନ୍ତୁ ମିଳନ ସମୟରେ କାନ୍ତ ବା

(୧୮) ବିବିଧ ପ୍ରକାରେ ଯେତେ ଶୃଙ୍ଗାରେ
ଶୁଣ ପ୍ରାଣ ସହି
ଯେମନ୍ତ ଭାବେ କେଳି କରିବେଇଁ —ଗୀତ ଗୋବିନ୍ଦ, ପୃ-୨୭



Digitized by srujanika@gmail.com

ନାୟକର ମୁଖକୁ ଦର୍ଶନ କରିବା କ୍ଷଣି କାମ ଭାବ ଦୂରେଇଯାଇ ଲଜ୍ଜା ଭାବ ପ୍ରକାଶ ପାଏ । ଅବସର ପାଇଲେ ମଧ୍ୟ ନାୟିକା ଲଜ୍ଜା ଯୋଗୁ କିଛି ନ କହିବାକୁ ଧନଞ୍ଜୟ 'ବହୃତ' ଆଖ୍ୟା ପ୍ରଦାନ କରିଛନ୍ତି (୧୯) । କିନ୍ତୁ କବି ନରସିଂହ ସେଣ ଆଗୁଏଁକର ଅବସର ସମୟକୁ କେଳିରେ ରୂପାନ୍ତରିତ କରିଥିବାରୁ ନାୟିକାର ଲଜ୍ଜା ଭାବକୁ ଅଧିକ ପରିସ୍ଫୁଟ କରିଥିବା ଜଣାଯାଏ । କାରଣ ଅବସର ସମୟରେ ହୁଏତ ଅନ୍ୟ କାହାର ଆଗମନ ଘଟିପାରେ କିନ୍ତୁ କେଳି ସମୟରେ ନାୟିକା ସମ୍ପୂର୍ଣ୍ଣ ସ୍ୱାଧୀନା । ବିଦ୍ୟାପତିଙ୍କ ରାଧା କାମ ଭାବରେ ପ୍ରବଳା ହେତୁ ଅତ୍ୟନ୍ତ ସାହସିନୀ ହୋଇ ମିଳନ ନିମନ୍ତେ ଶ୍ରୀକୃଷ୍ଣଙ୍କ ନିକଟକୁ ଯାଇଛନ୍ତି କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ପହଞ୍ଚିବାପରେ ଭୟାତୁର ହୋଇ କହିଛନ୍ତି— ହେ କାହ୍ନୁ ! ଆତୁରତା ପ୍ରକାଶ କର- ନାହିଁ ଓ ମୋରବସନକୁ ମଧ୍ୟ ଗ୍ରହଣ କର ନାହିଁ । ମୁଁ ଅତଏବ ରତିରଣ ଭୀତା ଅବଳାଅଟେ । ମୋର ପ୍ରଥମ (ନବୀନ) ବୟସ । ତେଣୁ ତୁମର ଲେଶ ମାତ୍ର ଅଭିଳାଷ ପୂର୍ତ୍ତି ହେବ ନାହିଁ ଯେପରି ଅଳ୍ପ ଧନରେ ଦରିଦ୍ରର ତୃଷ୍ଣା ମେଣ୍ଟେ ନାହିଁ (୨୦) ।

ମିଳନ ସମୟରେ ନାୟିକା ନିକଟରେ ଲଜ୍ଜାର ଆବିର୍ଭାବ ହେତୁ ତାହା କାହାର ପକ୍ଷରେ ସୁଖପ୍ରଦ ହୁଏ ନାହିଁ । ମିଳନ ପରେ ନାୟିକା ଅତ୍ୟନ୍ତ ବ୍ୟଥିତା ବା ଦୁଃଖିତା ହୁଏ । କବି ନାୟିକାର ଏହି ଅବସ୍ଥାକୁ ରଙ୍କ ସହିତ ତୁଳନା କରିଛନ୍ତି । ରଙ୍କ ସର୍ବଦା ଭୋଜନ ପ୍ରିୟ । ଭୋଜ୍ୟ ବସ୍ତୁ ଦର୍ଶନ ମାତ୍ରେ ସେ ତାହା ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୁଏ । କୌଣସି କାରଣରୁ ରଙ୍କ

---

(୧୯) ପ୍ରାପ୍ତକାଳଂ ନ ଯଦ୍ ବ୍ରୂୟାଦ୍‌ବ୍ରୀଡୟା ବହୃତଂ ହିତତ୍
—ଦଶ ରୂପକ, ପୃ-୧୩୧

(୨୦) ଆରତି ନାକର କାନୁ ନା ଧର ଚୀର
ହାମ ଅବଲ ରତି ରଣ ଭୀର
ପ୍ରଥମ ବୟସ ଲେଖ ନା ପୂରବ ଆସ
ନା ପୂରେ ଅଳପ ଧନେ ଦରିଦ ପିୟାସ
— ବିଦ୍ୟାପତି ପଦାବଳୀ, ପୃ-୬୭



Digitized by srujanika@gmail.com

ଭୂରି ଭୋଜନକୁ ଲାଭ କରି ଖାଇ ନ ପାରିଲେ ଅତ୍ୟନ୍ତ ପଶ୍ଚାତ୍ତାପ କରେ । ବିଭିନ୍ନ ଗ୍ରନ୍ଥ ମାନଙ୍କରେ ନାରୀ ଜାତିକୁ ରତି ଲାଳସୀ ଭାବେ ଚିତ୍ରଣ କରାଯାଇଛି । ତେଣୁ ନାୟିକା ମିଳନ ସମୟରେ ଉପଯୁକ୍ତ ଉପଭୋଗ କରି ନ ପାରିଲେ ବ୍ୟଥିତା ହୁଏ ।

ବାଳା ପଞ୍ଚକକୁ ଅନୁଧ୍ୟାନ କଲେ ଜଣାଯାଏ, କବି ଉକ୍ତ ପଞ୍ଚକରେ 'ନବୋଢ଼ା' ଓ 'ବିଶ୍ରବ୍ଧ ନବୋଢ଼ା' ନାୟିକାର ମାନସିକ ଚିତ୍ରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଳଙ୍କାରିକ ଭାନୁଦତ୍ତ ମୁଗ୍ଧା ନାୟିକାର ଅଜ୍ଞାତ ଯୌବନା ଓ ଜ୍ଞାତ ଯୌବନା ଭେଦରେ ବିଭକ୍ତ କରିଛନ୍ତି ଏବଂ ତାଙ୍କ ଅନୁଯାୟୀ 'ନବୋଢ଼ା' ଓ 'ବିଶ୍ରବ୍ଧ ନବୋଢ଼ା' ଜ୍ଞାତ ଯୌବନାର ଅନ୍ତର୍ଭୁକ୍ତ ।

## ୧୪. ଲୀଳା ପଞ୍ଚକ

ନାୟକ ଦେଖିବା ସ୍ଥାନେ ଉଭା ହୋଇ ଚରଣେ ଲିହଇ ଭୂଇଂ
ଅକାରଣେ ତୃଣ ଗୃହରୁ କାଢ଼ଇ କପଟେ କୁଚ ଦେଖାଇ
ନିଜ କରସ୍ଥଳ ସଖୀର ପିଠିରେ ସଧୀରେ ମାରଇ ମତ୍ତେ
ଦୋଷ କଲି ବୋଲି ଆଲିଙ୍ଗନ ଦେଇ ଚୁମ୍ବଇ ଆନନ୍ଦ ଚିତ୍ତେ ।୧।

ଉକ୍ତ ଅଂଶରେ ନାୟିକାର କେତେକ ଭଙ୍ଗୀ ବିଶେଷର ବର୍ଣ୍ଣନା କରାଯାଇଛି । ନାୟିକା ନାୟକକୁ ଦେଖାଯାଉଥିବା ସ୍ଥାନରେ ଠିଆହୋଇ ନଖ ଦ୍ୱାରା ଭୂମିରେ ଲେଖିବା, ଗୃହରୁ ତୃଣ କାଢ଼ିବା, ସଖୀର ପୃଷ୍ଠ ଦେଶରେ ମୃଦୁ ଚପେଟାଘାତ ଆଦି ବିଭିନ୍ନ କ୍ରିୟା ପ୍ରକାଶ କରେ । ଗୃହରୁ ତୃଣ କାଢ଼ିବା ମୂଳରେ ତାହାର କପଟରେ କୁଚ ପ୍ରଦର୍ଶନ କରିବା ଉଦ୍ଦେଶ୍ୟ ନିହିତ । ସଖୀର ପିଠିରେ ମୃଦୁ ବିଧା ମାରି ସେ ସ୍ଥିର ହୋଇ ରହେ ନାହିଁ ବରଂ ଦୋଷ କଲି ବୋଲି କହି ସଖୀକୁ ଆନନ୍ଦ ଚିତ୍ତରେ ଆଲିଙ୍ଗନ ଓ ଚୁମ୍ବନାଦି ଦାନ କରିଥାଏ । ସଖୀକୁ ଆଲିଙ୍ଗନ ଓ ଚୁମ୍ବନ ଦାନ ନାୟକ ମନରେ କାମ ଭାବର ଉଦ୍ରେକ କରେ ।

ଧନଞ୍ଜୟଙ୍କ ଅନୁଯାୟୀ ପ୍ରିୟଙ୍କର ଦର୍ଶନ ପ୍ରଭୃତି ସମୟରେ ନାୟିକାର ଅଙ୍ଗ ଚେଷ୍ଟା ତଥା ବଚନରେ ଯେଉଁ ଗୋଟିଏ ବିଶେଷତା ଲକ୍ଷିତ



Digitized by srujanika@gmail.com

ହୁଏ ତାକୁ ବିଳାସ କୁହାଯାଏ (୧) । ତାଙ୍କ ନାୟିକା କଣକରୁ କାନ୍ତ ପାଦର ଆଙ୍ଗୁଠି ଦ୍ୱାରା ଭୂଇଁ ଉପରେ କିଛି ଲେଖୁଥିବା ନାୟକ ଦର୍ଶନ କରନ୍ତି (୨) । ସଖୀମାନେ ପ୍ରିୟ କଥା ପକାନ୍ତେ ନାୟିକା ତଦେକାନ୍ତ ଚିତ୍ତ ହୋଇ କାନ କୁଣ୍ଡାଇବା, ହାଇ ମାରିବା, ନଖରେ ଭୂଇଁକୁ ଲେଖିବା ଆଦି ବିକାରକୁ ଆଚାର୍ଯ୍ୟ ବିଶ୍ୱନାଥ 'ମୋଟ୍ଟାୟିତ'ର ଲକ୍ଷଣ ରୂପେ ନିର୍ଦ୍ଦେଶିତ କରିଛନ୍ତି (୩) । ତାଙ୍କ ଅନୁଯାୟୀ 'ମୋଟ୍ଟାୟିତ' ନାୟିକାର ସ୍ୱାଭାବିକ ଅଳଙ୍କାର ମଧ୍ୟରୁ ଅନ୍ୟତମ (୪) । ନାୟିକାର ନଖଦ୍ୱାରା ଭୂଇଁରେ ଲେଖିବାର ଦୃଶ୍ୟ ଗୀତ ଗୋବିନ୍ଦ (୫), ବିଦ୍ୟାପତି ପଦାବଳୀ (୬), ଅମରୁ ଶତକ (୭) ଓ କବିତାମୃତକୂପ (୮) ଗ୍ରନ୍ଥ ଆଦିରେ ଉପଲବ୍ଧ ହୋଇଥାଏ ।

---

(୧) ତତ୍କାଳିକୋ ବିଶେଷସ୍ତୁ ବିଳାସୋଽଙ୍ଗ କ୍ରିୟୋକ୍ତିଷୁ

— ଦଶ ରୂପକ, ପୃ-୧୨୮

(୨) ପାଦାଙ୍ଗୁଷ୍ଠେନ ଭୂମିଂ କଣକୟୁ ରୁଚିରାଂ ଶାପଦେଶା ଲିଖନ୍ତି

— ତତ୍ରୈବ, ପୃ-୧୩୧

(୩) ତଦ୍ଭାବ ଭାବିତେ ଚିତ୍ତେ ବଲ୍ଲଭସ୍ୟ କଥାଦିଷୁ
ମୋଟ୍ଟାୟିତ ମିତି ପ୍ରାହୁଃ କର୍ଣ୍ଣ କଣ୍ଡୂୟନାଦି କମ୍

— ସାହିତ୍ୟ ଦର୍ପଣ, ପୃ-୧୭୨

(୪) ତତ୍ରୈବ, ପୃ-୧୬୧

(୫) ଭଜନ୍ତ୍ୟାସ୍ତଲ୍ପଂ କୃତ କପଟ କଣ୍ଡୂ ପିହିତ

— ଗୀତ ଗୋବିନ୍ଦ, ପୃ-୮୩

(୬) ଅବନତ-ବୟନୀ ଧରଣି ନଖେ ଲେଖି

— ବିଦ୍ୟାପତି ପଦାବଳୀ, ପୃ-୯୦

(୭) ମମ ପଟମବଲମ୍ବ୍ୟ ପ୍ରୋଲିଖନ୍ତି ଧରିତ୍ରୀଂ

— ଅମରୁ ଶତକମ୍ /୨୭

(୮) ନ କଞ୍ଚ ହରେ ଚରଣେନ କେବଳମ୍
ଲିଲେଖ ବାଷ୍ପାକୁଳ ଲୋଚନା ଭୁବମ୍

— କବିତାମୃତକୂପମ୍



Digitized by srujanika@gmail.com

ଜୟଦେବ ଓ ବିଦ୍ୟାପତିଙ୍କ ରାଧା ଶ୍ରୀକୃଷ୍ଣଙ୍କ ଅନୁରାଗ ବୃଦ୍ଧି ନିମନ୍ତେ ପାଦ ନଖରେ ଭୂମିକୁ ଖୋଳିଥିବା ବେଳେ ଅମରୁକଙ୍କ ନାୟିକା ନାୟକର ପ୍ରବାସ ଗମନରେ ଆତଙ୍କିତା ହୋଇ ଏବଂ ଭାରବୀଙ୍କ ନାୟିକା ସପତ୍ନୀ ଅଭିମାନରେ ଭୂମିରେ ଗାର କାଟିଛନ୍ତି ।

ନାୟକର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ନାୟିକାର ବିଶିଷ୍ଟ ଉପାଦାନ ହେଲା କପଟରେ କୁଚ ପ୍ରଦର୍ଶନ । ଭାନୁଦତ୍ତ ରସ ମଞ୍ଜରୀ ଗ୍ରନ୍ଥରେ ଅପରିଣୀତା ନାୟିକା ଯୁବକକୁ ଦେଖି ନିଜ ଅଙ୍ଗୁଳିରେ ଆପଣା କପୋଳ ଦେଶରେ ଅଙ୍ଗୁଳି ଚାଳନା କରିବା, ବକ୍ଷସ୍ଥିତ ହାର ପ୍ରତି ଦୃଷ୍ଟି ନିକ୍ଷେପ କରିବା, ଭ୍ରୂଲତା ନଚାଇ ବା କୁଞ୍ଚିତ କରି ଆଖିକୁ ଇତସ୍ତତଃ ବୁଲାଇବା, କର୍ଣ୍ଣସ୍ଥିତ ଉତ୍ପଳକୁ ବାହାରେ ଧାରଣ କରିଥିବା ନେଇ ଉପସ୍ଥାପିତ କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି, ସେ ନାୟିକା (ରାଜକନ୍ୟା) ଗଣ୍ଡଦେଶକୁ କଣ୍ଡାଇବା ଛଳରେ ପୁରୁଷର ଦୃଷ୍ଟି ଆକର୍ଷଣ କରିବାର ଉଦ୍ଦେଶ୍ୟ ନିହିତ (୯) । ପୁଣି ଅନ୍ୟ ଏକ ସ୍ଥଳରେ ନାୟିକା ନାୟକ ସହ ଏକାନ୍ତରେ ବିହାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ଚେଷ୍ଟା ପ୍ରଦର୍ଶନ ଛଳରେ ଘରୁ ପାନ ଦେବା ବାହାନାରେ କୁଚଦ୍ୱୟକୁ ପ୍ରଦର୍ଶନ କରିଛି (୧୦) । ସାହିତ୍ୟ ଦର୍ପଣ-କାର ସମସ୍ତ ସ୍ତ୍ରୀମାନଙ୍କର ଅନୁରାଗ ଚେଷ୍ଟା ବର୍ଣ୍ଣନା କଲାବେଳେ ବିଭିନ୍ନ ଅଙ୍ଗଭଙ୍ଗୀ କଥା କହିଛନ୍ତି । ତାଙ୍କ ଅନୁଯାୟୀ କୌଣସି କୌଣସି ସ୍ଥଳରେ ତରୁଣୀ ନିଜ ମୁଣ୍ଡବାଳ କୁଣ୍ଡାଇବା ବା ବାନ୍ଧିବା ଛଳରେ ନିଜର ବାହୁମୂଳ, ସ୍ତନ-ନାଭିକୁ ପ୍ରିୟ ପାଖରେ ଦର୍ଶାଏ ପୁନଶ୍ଚ ପ୍ରିୟ ଗୃହରେ ଥିଲେ ତାଙ୍କ ଦୃଷ୍ଟି ପଥରେ ଠିଆହୋଇ ବିନା କାରଣରେ କାନ କୁଣ୍ଡାଇବା, ମୁଣ୍ଡବାଳକୁ ଫିଟାଇ ବାନ୍ଧିବା, ହାଇ ମାରିବା, ଅଳସ ଭାଙ୍ଗିବା, ବାଳକକୁ ଚୁମ୍ବନ ଦେବା ଆଦି କାର୍ଯ୍ୟ କରିଥାଏ (୧୧) । କବି ନରସିଂହ ସେଣ ନାୟିକାର କୁଚ ପ୍ରଦର୍ଶନକୁ ମୂଳ ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ ହେଁ ଭାନୁଦତ୍ତଙ୍କ ଗଣ୍ଡ ଦେଶକୁ

---

(୯) ରସ ମଞ୍ଜରୀ, ପୃ-୧୦୯

(୧୦) ତତୈବ, ପୃ-୩୦୬

(୧୧) ସାହିତ୍ୟ ଦର୍ପଣ, ପୃ-୧୭୯, ୧୮୦



Digitized by srujanika@gmail.com

•

କୁଣ୍ଡାଇବା ବା ବିଶ୍ୱନାଥଙ୍କର ମୁଣ୍ଡ କୁଣ୍ଡାଇବା ବା ବାନ୍ଧିବାକୁ ଗୃହରୁ ତୃଣ କାଢ଼ିବାରେ ରୂପାନ୍ତରିତ କରିଛନ୍ତି ।

ଆଚାର୍ଯ୍ୟ ଭାନୁଦତ୍ତ ଗମନ, ନୟନ, ବଚନ, ଭ୍ରୂ ଆଦି ଦ୍ୱାରା ପ୍ରକାଶ ବୈଶିଷ୍ଟ୍ୟକୁ 'ବିଳାସ' ଆଖ୍ୟା ପ୍ରଦାନ କରିଛନ୍ତି (୧୨) । ଆଳଙ୍କାରିକ ମତିରାମ ମଧ୍ୟ ବିଳାସ ସମ୍ପର୍କରେ ଅନୁରୂପ ମତ ପୋଷଣ କରିଥିବା ଜଣାଯାଏ (୧୩) । ନରସିଂହ ସେଣଙ୍କ ନାୟିକାର 'ଦୋଷ କଳି' ଉକ୍ତିକୁ ବଚନ ବୈଶିଷ୍ଟ୍ୟ ଭାବେ ଗ୍ରହଣ କରାଯାଇପାରେ । ପୁଣି ବିଦ୍ୟାପତିଙ୍କର ସଖୀ ନାୟିକାକୁ କହୁଛି— ତୁ କେଉଁଦିନ ହସି ହସି ନିଜର ଦଶନ ପ୍ରଦର୍ଶନ କରିଥିଲୁ, ପୁଣି କେବେ ନେବନ ହସ୍ତକୁ ଏକତ୍ରିତ କରି ପଛକୁ ମୁହଁ ବୁଲାଇ ତାଙ୍କୁ ଚୁହିଁଥିଲୁ ଓ ତାଙ୍କୁ ଦେଖି ସଖୀକୁ ଆଲିଙ୍ଗନ କରିଥିଲୁ (୧୪) । କବି ନରସିଂହ ସେଣ ବିଦ୍ୟାପତିଙ୍କ ଭଳି ଦଶନ ପ୍ରଦର୍ଶନ (ଉପହାସ) ଆଲିଙ୍ଗନ ଆଦି ବିଳାସ ବର୍ଣ୍ଣନା କରିବା ସହିତ ସଖୀର ପୃଷ୍ଠ ଦେଶରେ ନାୟିକାର କପଟ ଚପେଟାଘାତ ଏବଂ ଦୋଷକଳି କହିବା ଅଧିକ ସଯୋଜନା କରିଛନ୍ତି ।

ଅକାରଣେ ବମା ଉପହାସ କରଇ କାନ୍ତକୁ ଦିଅଇ ଦୋଷ
ନାହିଂ ନାହିଂ ବୋଲି ଦେହ ଛୁଆଂଇ ମିଛେହିଂ କରଇ ରୋଷ

---

(୧୨) ଗମନ ନୟନ ବଦନ ଭ୍ରୂ ପ୍ରଭୃତିନାଂ କର୍ଣ୍ଣିଦ୍ୟୁପୃଦ୍ୟତେ ବିଶେଷଃ
ସ ବିଳାସଃ —ରସ ତରଙ୍ଗିଣୀ, ଷଷ୍ଠ ତରଙ୍ଗ

(୧୩) ଗବନ ନୟନ ବଚନାଦି ମେଂ ହୋତ ଜୁ ବିସେଷ
ବରନତ ତାହି ବିଳାସ କହି ରସମୟ ସୁକବି ଅଶେଷ
—ରସରାଜ/୩୫୩

(୧୪) ହଁସଇତ କବ ତୁହୁ ବସନ ଦେଖାଏହି
କରେ କର ଜୋରହି ମୋର
ଅଲଖିତ ଦିଠି କବ ହୃଦୟ ପସରଲ
ପୁନ ହେରି ସଖି କୋର
— ବିଦ୍ୟାପତି ପଦାବଳୀ, ପୃ-୩୭



Digitized by srujanika@gmail.com

ଚରଣ ଧରି ତହୁଁ କରି କହିଲେ ପିହ୍ନ ହୃଆରେ ପଡ଼ଇ
ମୁଖେ ମୁଖ ସେ ମେଳ କରଣ ଦୃଢ଼ କରଣ ଭିଡ଼ଇ ।୨।

କେବଳ ବିଭିନ୍ନ ଶାରୀରିକ କ୍ରିୟା ନୁହେଁ, ଛଳନା ମୂର୍ତ୍ତି ବିଭିନ୍ନ ବାଚିକ କ୍ରିୟା ଦ୍ୱାରା ନାୟିକା ବିଭିନ୍ନ ଭାବ ପ୍ରକାଶ କରିଥାଏ । ବିନା କାରଣରେ ନାୟକକୁ ଉପହାସ କରିବା ସଙ୍ଗେ ସଙ୍ଗେ ନାହିଁ ନାହିଁ କରି ନାୟକ ଦ୍ୱାରା ତାର ଦେହ ଛୁଆଁଇ ଶପଥ କରେ । ସେ ମଧ୍ୟ ନାୟକକୁ ବିଭିନ୍ନ ଦୋଷରେ ଅଭିଯୁକ୍ତ କରେ । ନାୟିକାର ଏ ସବୁ କ୍ରିୟା ଯେ ବାସ୍ତବରେ ସତ୍ୟ ନୁହେଁ, କେବଳ ଅଭିନୟ – ତାହା 'ସିଚ୍ଛେଦ୍ଦେଂ କରଇ ବେଷ' ପ୍ରୟୋଗରୁ ସ୍ପଷ୍ଟ ରୂପେ ପ୍ରତିପନ୍ନ ହୁଏ । ନାୟିକା କପଟ ଅଭିମାନ କରିଥିବା ହେତୁ ନାୟକ ଚରଣ ଧରି ମାନଭଙ୍ଗ କଲେ ସେ ସହଜରେ ପ୍ରସନ୍ନା ହୋଇ ନାୟକ ହୃଦୟରେ ଜଡ଼ିତ ହୋଇଯାଏ । କେବଳ ସେତିକି ନୁହେଁ । ନାୟିକା ନାୟକକୁ ଦୃଢ଼ ଭାବରେ ଆଲିଙ୍ଗନ କରି ମୁଖ ଲଗାଇ ଅଧର ପାନ କରେ । ନାୟିକାର ଏହିସବୁ ଆଚରଣ ନାୟକକୁ ଅପାର ଆନନ୍ଦ ପ୍ରଦାନ କରିଥାଏ ।

ଗାଥା ସପ୍ତଶତୀର ଏକ ସ୍ଥଳରେ ଅଭିମାନିନୀ ନାୟିକା ମାନ କରିଥିବା ବେଳେ ନାୟକ ଉତ୍କଣ୍ଠା ପରବଶ ହୋଇ ତାହାର ପାଦ ତଳେ ପଡ଼ିବାରୁ ସେ ଖୁବ୍ ଜୋରରେ ହସି ଦେଇଥିବା ଦୃଶ୍ୟ ପରିଦୃଷ୍ଟ ହୁଏ (୧୫)। ନାୟିକା ହସିବାରୁ ତାହାର ମାନ ଭଙ୍ଗର ସୂଚନା ମିଳେ । ନରସିଂହ ସେଣ ସେହି ହସକୁ ପରିବର୍ତ୍ତନ କରିଦେଇ ପ୍ରିୟ ହୃଦୟରେ ଜଡ଼ିତ ହୋଇଥିବା ବର୍ଣ୍ଣନା କରିଛନ୍ତି ।

କାନ୍ତର କୁଟିଳ ବେଣୀ ରଚିଣ ଯୁବତୀ କରଇ ବେଶ
କାମେମଣି ଯେବେ ଭ୍ରୂମ୍ଭେଦେଂ ହୁଅନ୍ତି ଜଗତ କରନ୍ତି ବଶ

(୧୫) ଅକ୍କ ଏ୍ହ ହାସିଅ ମାମି ତେଣ ପାଏସୁ ତହ ପଡନ୍ତେଣ
ଢଏ ବ ଜଲନ୍ତୀଂ ଧାବ-ବତ୍ତିମବ୍ ଭୁଷଣ୍ ଣ ଅନ୍ନୀଏ
—ଗାଥା ସପ୍ତଶତୀ, ୩/୭୪



Digitized by srujanika@gmail.com

ଯୁବତୀ ଜନଙ୍କ ହୃଦୟ ଖେଦ ତେବେ ସେ ଜାଣନ୍ତ ଭଲେ
ଭୁକ୍ତି ବଚନ ନିଜ ଦୁଃଖ ସମା କରଇ ଘଟବ ନିଷ୍ଟକେ ।୩।

ନାୟିକା ନାୟକର କୁଟିଳ କେଶରେ ବେଣୀ ରଚନା କରି ତାଙ୍କୁ ନାରୀ ବେଶରେ ସଜାଇ ଦେଉଛନ୍ତି । ସେ କହନ୍ତି— ନାୟକ ଯଦି ନାରୀ ହୋଇଥାନ୍ତା ତେବେ ସେ ରୂପ ବଳରେ ସମଗ୍ର ଜଗତକୁ ମୋହିତ କରି-ପାରନ୍ତା ବା କାମିନୀମାନଙ୍କର ହୃଦୟକୁ ବଶୀଭୂତ କରିପାରନ୍ତା । ନାରୀ ହୋଇଥିଲେ ଯୁବତୀ ଜନଙ୍କର ହୃଦୟ ବେଦନାକୁ ଅନୁଭବ କରିପାରନ୍ତା । ଏହା କହିବା ପରେ ସେହି ନାରୀ ରୂପକ ପୁରୁଷକୁ ନିଜ ଦୁଃଖରୁ ଉଦ୍ଧାର ପାଇଁ ସ୍ତୁତି କରନ୍ତି ।

ବିଦ୍ୟାପତିଙ୍କ ଶ୍ରୀକୃଷ୍ଣ କୁଞ୍ଚିତ କେଶରେ ବେଣୀ ରଚି, କୃତ୍ରିମ କୁଚରେ ହାର ଧାରଣ କରି ଏବଂ ପାଦରେ ନୂପୁର ବାନ୍ଧି ନାଗରୀ ବେଶ ଧାରଣ କରିଛନ୍ତି (୧୬) । କିନ୍ତୁ ନରସିଂହ ସେଣଙ୍କ ନାୟିକା ନାୟକକୁ ନାରୀ ରୂପରେ ସଜାଇ ଦେଇଥିବା ବେଳେ ବିଦ୍ୟାପତିଙ୍କ ଶ୍ରୀକୃଷ୍ଣ ନିଜେ ନାରୀ ବେଶ ଧାରଣ କରିଛନ୍ତି ।

କାନ୍ତର ଜୀବନ ହରିଲା ଯଦ୍ୟଂ ପୁରୁଷ ହୃଦୟ ପାଇ
ବିପରୀତ ରତି କରଇ କାମିନୀ ପୁରୁଷ ବେଶ ସେ ହୋଇ
କାନ୍ତର ଜୀବନ ହରିଲା ଯଦ୍ୟଂ ସ୍ତ୍ରୀ ପତି ହରି ବୋଇଲେ
ସ୍ତ୍ରୀ ପଣ କରି ରତି ଦେଇ ପ୍ରିୟ ଜୀବନ ପାଳନ୍ତି କରେ ।୬।

ନାୟିକା ପୁରୁଷ ବେଶ ଓ ପୁରୁଷରେ ହୃଦୟକୁ ଧାରଣକରି ବିପରୀତ ରତି ସମ୍ପାଦନ କରନ୍ତି । ସାଧାରଣତଃ ନାୟକ ନାୟିକାର ହୃଦୟକୁ ଆକର୍ଷଣ

---

(୧୬) ବେଣୀ ବିନାୟଲ ଓଁଚର କେସେ
ନାଗର ଶେଖର ନାଗରୀ ବେସେ
ପହିରଲ ହାର ଉରଜ କରିଭରେ
ଚରନ ହିଁ ନେପୁଲ ରତନ ନୂପୁରେ
—ବିଦ୍ୟାପତି ପଦାବଳୀ ପୃ-୧୧୦



Digitized by srujanika@gmail.com

କରି ହରଣ କରିଥାଏ । କିନ୍ତୁ କବିଙ୍କ ଅନୁଯାୟୀ ନାୟିକାର ବେଶ ପରିବର୍ତ୍ତନ ସଙ୍ଗେ ସଙ୍ଗେ ତାହାର ଆଚରଣରେ ମଧ୍ୟ ପରିବର୍ତ୍ତନ ଘଟିଛି । ବେଶ, ହୃଦୟ ଓ ବ୍ରୀଡାରେ ନାରୀର ପୁରୁଷୋଚିତ ଆଚରଣ । ମିଳନ ସମୟରେ ନାୟକ ନାୟିକାର ଜୀବନ ରକ୍ଷା କରିବା ପରି ବିପରୀତ ସମୟରେ ନାୟିକା ନାୟକର ଜୀବନକୁ ରକ୍ଷା କରିଥାଏ ।

ଆଚାର୍ଯ୍ୟ ଧନଞ୍ଜୟ ମଧୁର ଅଙ୍ଗଚେଷ୍ଟା ଦ୍ୱାରା ପ୍ରିୟତମଙ୍କର ଅନୁକରଣ କରିବାକୁ 'ଲୀଳା' ଆଖ୍ୟା ପ୍ରଦାନ କରିଛନ୍ତି (୧୭) । ଏହାର ଉଦାହରଣରେ ଧନିକ କହିଛନ୍ତି, ସେହି ନାୟିକା ନାୟକ ପରି କଥା କହିଲି ଏବଂ ଅଭିନୟ କଲା । ସେ ନାୟକ ପରି ଦେଖାଗଲି । (୧୮) । ଭାନୁଦତ୍ତ ପ୍ରିୟ ଜନର ବସ୍ତ୍ର ଭୂଷଣ ଏବଂ ବଚନ ଆଦିର ଅନୁକରଣକୁ 'ଲୀଳା' ଭାବରେ ଗ୍ରହଣ କରିଛନ୍ତି (୧୯) । କିନ୍ତୁ ବିଶ୍ୱନାଥଙ୍କ ଅନୁଯାୟୀ ପ୍ରୀତି ଉତ୍ପାଦକ ଅଙ୍ଗଭଙ୍ଗୀ, ବେଶ, ଅଳଙ୍କାର ଓ ବଚନରେ ପ୍ରିୟକୁ ଅନୁକରଣ କରିବା ହେଉଛି ଲୀଳା (୨୦) । ଲୀଳା ସମ୍ପର୍କରେ ହିନ୍ଦୀ ସାହିତ୍ୟର ମତିରାମ ଭାନୁଦତ୍ତଙ୍କୁ ସମର୍ଥନ କରିଛନ୍ତି (୨୧) ।

---

(୧୭) ପ୍ରିୟାନୁକରଣଂ ଲୀଳା ମଧୁରାଙ୍ଗ ବିଚେଷ୍ଟିତୈଃ

—ଦଶ ରୂପକ, ପୃ-୧୨୭

(୧୮) ତଥା ଦୃଷ୍ଟଂ ଭଣିତଂ ତଥା ନୟତଂ ତଥା ତଥାସୀନମ୍

– ତତ୍ରୈବ, ପୃ-୧୨୭

(୧୯) ପ୍ରିୟ ଭୂଷଣ ବଚନାଦ୍ୟନୁକୃତି ଲୀଳା

—ରସ ତରଙ୍ଗିଣୀ, ଷଷ୍ଠ ତରଙ୍ଗ

(୨୦) ଅଙ୍ଗେ ବେଶୈରଳଂକାରୈଃ ପ୍ରେମିଭିର୍ବଚନୈରପି
ପ୍ରୀତି ପ୍ରୟୋଜିତୈ ଲୀଳାଂ ପ୍ରିୟସ୍ୟାନୁକୃତିଂ ବିଦୁଃ

—ସାହିତ୍ୟ ଦର୍ପଣ, ପୃ-୧୭୮

(୨୧) ପିୟ ଭୂଷନ ବଚନାଦିକୀ ଲୀଳା କରୈ ଜୋ ବାଲ
ତାସୌଂ ଲୀଳା! ହାବକହି ବରନତ ସୁକବି ରସାଲ

—ରସରାଜ/୩୫୦



Digitized by srujanika@gmail.com

କବି ଅମରୁକ ଏକ ସ୍ଥଳରେ କହିଛନ୍ତି— କେଳି ସମାପନ ଉତ୍ତାରୁ ନାୟିକା ଭ୍ରମବଶତଃ ନାୟକର ବସନ ପିନ୍ଧି ପକାଇଲା । ନାୟକ ମଧ୍ୟ ନାୟିକାର ଶାଢ଼ୀକୁ ପରିଧାନ କରି ଗୃହ୍ଠୁ କରିବାକୁ ଲାଗିଲା ଏବଂ ପ୍ରୀତି ଭରି କଣ୍ଠରେ କହିଲା ନାୟିକାର ଏହିବେଶ ଏପରି ମନୋହର ତାହା ଭୁଲିବାର ନୁହେଁ (୨୨) । ବିଦ୍ୟାପତିଙ୍କ ନାୟିକା ଅଭିସରଣ ପାଇଁ ଅନେକ ଉପାୟ ଅବଲମ୍ବନ କଲା— ସେ ପୁରୁଷ ବେଶକୁ ଗ୍ରହଣ କଲା । ଚଞ୍ଚଳ କେଶ ଗୁଚ୍ଛକୁ ସାଧୁମାନଙ୍କ ଜୁଡ଼ା ଭଳି ବାନ୍ଧିଲା, ବସ୍ତ୍ରକୁ ମଧ୍ୟ ଅନ୍ୟ ପ୍ରକାରେ ପିନ୍ଧିଲା । ବସନ ଦ୍ୱାରା ଉଚ୍ଚ କୁଚର ସମ୍ବରଣ ନ ହେବାରୁ ଗୋଟିଏ ବାଦ୍ୟଯନ୍ତ୍ରକୁ ହୃଦୟ ଦେଶରେ ଧାରଣ କଲା । ଏପରି ବେଶରେ ନାୟିକା କୁଞ୍ଜ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଦେଖା କରିବାରୁ ନାଗର ରାଜ ଶ୍ରୀକୃଷ୍ଣ ଚିହ୍ନି ପାରିଲେ ନାହିଁ (୨୩) । ମତିରାମଙ୍କ ଅନୁରାଗ ରଞ୍ଜିତା ନାୟିକା ପ୍ରିୟର ଅନୁପସ୍ଥିତିରେ ପରଗଜ

---

(୨୨) ନୈ ସ୍ତ୍ୟେଚ୍ଛାଙ୍କ ଭିରଙ୍ଗକ୍ଷୟା କଳ ତସ୍ମା ବୃତ୍ତେ ରତିବ୍ୟତିସେ
ଲଜ୍ଜା ମନ୍ଥରୟା ତୟା ନିବସିତେ ଭ୍ରାନ୍ତ୍ୟା ମଦୀୟାଂ ଶୁକେ
ତତ୍ପୃଷ୍ଠାଂ ଶୁକମୁଦ୍ ବହନ୍ନହମପି ସ୍ମିତା ଯଦୃଚ୍ଛୋଽଧୁନା
ରେରେଷା ଯୁଜ୍ୟତ ଏଷ ଏବହ୍ନ ତବେ ତୋତନ୍ନ ବିସୃଜ୍ୟତେ

—ଅମରୁ ଶତକମ୍/୭୫

(୨୩) କାମିନୀ କଏଲ କତହୁ ପରକାର
ପୁରୁଷକ ବେସ କଏଲ ଅଭିସାର
ଧମ୍ମିଲ୍ଲ ଲୋଲ ଝୋଁଟ କଏବନ୍ଧ
ପହିରଲ ବସନ ଆନ କରି ଛନ୍ଦ
ଅମ୍ବର କୁଚ ନହି ସମ୍ବରୁ ଭେଲ
ବାଜନ ଜୟ ହୃଦୟକରି ଲେଲ
ଅଇସଏ ମିଲଲ ଧନ କୁଞ୍ଜକ ମାଝ
ହେରି ନ ଚିହ୍ନଇ ନାଗର ରାଜ

—ବିଦ୍ୟାପତି ପଦାବଳୀ



Digitized by srujanika@gmail.com

ବାନ୍ଧୁଥିବା ସମୟରେ ଶ୍ରୀକୃଷ୍ଣ ଆସି ପହଞ୍ଚନ୍ତି । ଶ୍ରୀକୃଷ୍ଣଙ୍କୁ ଦେଖି ନାୟିକା ଲଜ୍ଜିତା ହୋଇ ବ୍ୟସ୍ତଭାବରେ ଶୀଘ୍ର ପଗଡ଼ି ଖୋଲିବାକୁ ଆରମ୍ଭ କରନ୍ତେ ଶ୍ରୀକୃଷ୍ଣ ପ୍ରିୟାଙ୍କୁ ନ ଖୋଲିବା ପାଇଁ ଅନୁରୋଧ କରିଛନ୍ତି (୨୪) ।

ଏହିସବୁ ଉଦାହରଣକୁ ଅନୁଶୀଳନ କଲେ ଏହାକୁ ବେଶଜନ୍ୟ ଲୀଳାଭାବେ ଗ୍ରହଣ କରାଯାଇପାରେ । ନାୟକ ନାୟିକା ଉଭୟେ ବେଶ ପରିବର୍ତ୍ତନ କରିଛନ୍ତି । ଅଳଙ୍କାର ଶାସ୍ତ୍ରଗୁଡ଼ିକରେ ପ୍ରିୟା ପ୍ରିୟକୁ ଅନୁକରଣ କରୁଥିବା କୁହାଯାଇଛି କିନ୍ତୁ ପ୍ରିୟ ବେଶ ପରିବର୍ତ୍ତନର ସୂଚନା ମିଳେ ନାହିଁ । ଧନଞ୍ଜୟ ଓ ମତିରାମଙ୍କ ନାୟିକା ନାୟକର ବେଶ ପରିଗ୍ରହ କରି ଥିବାବେଳେ ଅମରୁକ, ବିଦ୍ୟାପତି ଏବଂ ନରସିଂହ ସେଣଙ୍କ ବର୍ଣ୍ଣନାରେ ନାୟକ ନାୟିକା ପରସ୍ପରର ବେଶ ପରିବର୍ତ୍ତନ କରିଛନ୍ତି ଯାହା ଅଳଙ୍କାର ଶାସ୍ତ୍ରଦ୍ୱାରା ସମର୍ଥିତ ନୁହେଁ ।

କେବଳ ବେଶ ନୁହେଁ, 'ବିପରୀତ' ଦ୍ୱାରା ଲୀଳାଭାବକୁ ଅନୁଶୀଳନ କରାଯାଇପାରେ । କବି ନରସିଂହ ସେଣଙ୍କ ପରି କବି ଅମରୁକ ନାୟିକାର ପୁରୁଷାୟିତ ଭାବ ପ୍ରକାଶ କରିଛନ୍ତି । ସେଥିରେ କୁହାଯାଇଛି—ବିପରୀତ ରତି ସମୟରେ ନାୟିକା ନିଜକୁ ବିସ୍ମୃତା ହୋଇ ପୁରୁଷାୟିତ ଭାବ ପ୍ରକାଶ କରିଥିଲା । କେଳି ସମାପ୍ତ ହେବାପରେ ସେ ନିଜର ସ୍ୱାଭାବିକ ଲଜ୍ଜା କପଟ ତ୍ୟାଗ କଲା ବୋଲି ଚିନ୍ତା କରି ବିସ୍ମିତ ହେଲା । ଶେଷରେ ସ୍ଥିର କଲା ଯେ କାମ

---

(୨୪) ପ୍ୟାର ପଗୀ ପଗରୀ ପିୟକୀ ଘର ଭିତର ଆପନେ ସୀସ ସଁବାରୀ
ଏତ ମୈଂ ଆଁଗନ ତୈଂ ଉଠି କୈଂ ହୌଂ ଆୟଗୟେ।
ମତିରାମ ବିହାରୀ
—ରସରାଜ/୩୫୧

ମୋହିତ ନରନାରୀ ନିଜ ଜାତିର ଲକ୍ଷଣ ବିସ୍ମୃତ ହୋଇ ନିଜ ନିଜର ସନ୍ତ୍ରାକୁ ଭୁଲି ଯାଇଥାନ୍ତି (୨୫)। ନାୟିକାର ଶୋଭା ନାୟକକୁ ବିମୁଗ୍ଧ କରେ। ଏହି ଭାବଦ୍ୱାରା ନାୟିକା ନାୟକର ହୃଦୟ ଜୟ କରେ। ଏ ସମ୍ପର୍କରେ ଗାଥା ସପ୍ତଶତୀରେ କୁହାଯାଇଛି—ବିପରୀତ ବିହାରରେ ମଗ୍ନ ହେଉଥିବା କାମିନୀ-ମାନଙ୍କ ଶୋଭା ଅବର୍ଣ୍ଣନୀୟ। ସେତେବେଳେ ସେମାନଙ୍କ ଉରୁଦେଶ କମ୍ପିତ ହେଉଥାଏ, ରତି ଆନନ୍ଦରେ ନେତ୍ର ବୁଜି ହୋଇଆସେ, ଚିକୁର ଭାର ଲଳିତ ଓ ଅଧରରେ ହାସ ଫୁଟି ଉଠୁଥାଏ। ଏପରି ପ୍ରିୟତମା ପୁରୁଷକୁ ସ୍ୱତଃ ମୋହିତ କରେ। ସଜ୍ଜିତ ଧନୁ କାମଦେବ ସାକ୍ଷାତ୍ ତା' ଠାରେ ବାସ କରେ (୨୬)। ରସରାଜ ଗ୍ରନ୍ଥର ଏକ ସ୍ଥଳରେ ନାୟିକା ଆପଣା ଶିରରେ ପ୍ରିୟର ପାଗ ବାନ୍ଧି କପରି ଦେଖା ଯାଉଛି ପ୍ରଶ୍ନ କରିଥିବା ବେଳେ ନାୟକ ଏଥିରେ 'ବିପରୀତ'ର ସଙ୍କେତ ଲାଭକରି ମୁଗ୍ଧ ହୋଇଛି (୨୭)। ପୁଣି ବିହାରୀଙ୍କ କବିତାରେ ରାଧାକୃଷ୍ଣ ଏପରି ଲୀଳା ଭାବରେ ମଜ୍ଜି ଯାଇଛନ୍ତି ଯେ ସେଥିରୁ କିଏ ରାଧା କିଏ କୃଷ୍ଣ ଜାଣିବା କଷ୍ଟକର ହୋଇ ପଡ଼ୁଛି (୨୮)।

---

(୨୫) ସୈବାହଂ ପ୍ରମଦା ନ୍ତୃଣାଂ ମଧ୍ୟଗତା ବେଣୌ ରଣୌ ନୂପୁର
ବେଷାସ୍ୱାକମ କୃତିରେବ ସହଜ କ୍ରୀଡାଧନଃ ସ୍ତ୍ରୀ ଜନଃ
ଇତ୍ଥଂ ଲକ୍ଷିତୟା ସୁତେ ରୂପଗମେ ମତ୍ୱା ତନ୍ତୁ ସମ୍ଭ୍ରମା
ପୁଂଭାବ ପ୍ରଥମଂ ରତି ବ୍ୟତିକରେ ମୁକ୍ତ୍ୱସ୍ୱଣେ ବଲ୍ଲଭଃ
—ଅମରୁ ଶତକମ୍ ୬୭

(୨୬) ଦର ବେବିର ଚୋରୁ-ଜୁଅଲୟୁ ମଉଳ ଅଚ୍ଛୀସୁ-ଲୁଲିଅ-ଚିହୁରଛ ସୁ
ହ୍ୱରି ପାଇରୀସୁ କାମୋ ପିଆସୁ ସଜ୍ଜାଉହୋ ବସଇ
—ଗାଥା ସପ୍ତଶତୀ, ୬/୧୫

(୨୭) ମେରର ସିର କୈସୀ ଲଗୈ ମୋ କହି ବାଁଧୀ ପାଗ
ସୁନ୍ଦରୀ ରତି ବିପରୀତ ମେଂ ପ୍ରଗଟ କୟୋ ଅନୁରାଗ
—ରସରାଜ/୩୫୨

(୨୮) ରାଧା ହରି ହରି ରାଧିକା ବନିଆଏ ସଙ୍କେତ
ଦମ୍ପତି ରତି-ବିପରୀତ ସୁଖ ସହଜ ସୁରତ ହୁଂ ଲେତ
—ବିହାରୀ/୫୮୩



Digitized by srujanika@gmail.com

ବିଦ୍ୱାଂସଙ୍କ ଅନୁଯାୟୀ ରାଧା ହେଉଛନ୍ତି ଶ୍ରୀକୃଷ୍ଣ ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ରାଧା । ଏଠାରେ ନରସିଂହ ସେଣଙ୍କ ନାୟକର ନାରୀଭାବ ଓ ନାୟିକାର ପୁରୁଷଭାବ ଏବଂ ବିଦ୍ୱାଂସ ରାଧା-କୃଷ୍ଣଙ୍କ ସମ୍ପର୍କରେ ସାଦୃଶ୍ୟ ଉପଲବ୍ଧ ହୁଏ ।

ଆଲିଙ୍ଗନ କାଳେ ପୁଲକ ଆକୁଳେ ସକଳ ପଦ୍ମଲୋଚନ
ନାହିଂ ନାହିଂ ରଖ ସେ ଭାଷଇ ଭାବେମା ମୃଦୁ ବଚନ
ମଦନ ଆଳସ ଭାବେଣ ସରସ କୁଚ କଳସର ସ୍ୱେଦ
ବଢ଼ଇ ଜ୍ଞାନ ଲୟେ ତା ଧ୍ୟାନ ବେନି ମନ ସେ ଅଭେଦ ।୫।

ଆଲିଙ୍ଗନ କାଳରେ ପଦ୍ମଲୋଚନ ଯୁକ୍ତ ନାୟକ ଓ ନାୟିକା ଉଭୟେ ପୁଲକିତ ହୋଇଥାନ୍ତି ଏବଂ ନାୟିକା ଧୀର କଣ୍ଠରେ 'ନାହିଁ', 'ନାହିଁ' 'ରଖ', 'ରଖ' ଆଦି ଉକ୍ତି ପ୍ରକାଶ କରିଥାଏ । ଧନଞ୍ଜୟଙ୍କ ଅନୁଯାୟୀ ସମ୍ଭୋଗ କାଳରେ ପ୍ରିୟତମ କେଶ ଧରିଲେ ବା ଅଧରପାନ କଲେ ନାୟିକା ହୃଦୟରେ ପ୍ରସନ୍ନା ହୋଇ ବାହାରେ କୋପ ପ୍ରକାଶ କଲେ 'କୁଟ୍ଟମିତ' କୁହାଯାଇଥାଏ (୨୯) । କିନ୍ତୁ ଏଠାରେ କବି ନରସିଂହ ସେଣ ସମ୍ଭୋଗ କାଳୀନ ନାୟକର କେଶାକର୍ଷଣ ଓ ଅଧର ପାନକୁ ତ୍ୟାଗ କରି ଆଲିଙ୍ଗନକୁ ଗ୍ରହଣ କରିଛନ୍ତି । ଏହି ଆଲିଙ୍ଗନ କାଳରେ ନାୟିକା ପୁଲକିତା ହୋଇ ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବଚନରେ 'ନାହିଁ ନାହିଁ' 'ରଖ ରଖ' ଉକ୍ତି ପ୍ରୟୋଗ କରିଛି ।

ନାୟକ ଓ ନାୟିକାର ଆଲିଙ୍ଗନ କାଳରେ ନାୟିକାର କୁଚରୁ ସ୍ୱେଦ ଜାତହେବା ସଙ୍ଗେ ସଙ୍ଗେ ସେ ମଦନ ବା କାମ ବଶରୁ ଆଳସ୍ୟ ପ୍ରକାଶ କରେ । ଉଭୟଙ୍କର ମନ ଏକାକାର ହୋଇ ଅଭେଦ ହୋଇଯାଏ । କବି ଉଭୟଙ୍କର ଏହି ଅବସ୍ଥାକୁ ଜ୍ଞାନ ଓ ଧ୍ୟାନର ସମନ୍ୱୟରେ ସିଦ୍ଧିଲାଭ ସହିତ ତୁଳନା କରିଛନ୍ତି । ଜ୍ଞାନ ଓ ଧ୍ୟାନରେ ସିଦ୍ଧି ଲାଭ କଲେ ମନୁଷ୍ୟ ମୋକ୍ଷ ସଦୃଶ ଆନନ୍ଦ ଲାଭ କରେ ଏବଂ ନାୟକ ନାୟିକାଙ୍କର ଆଲିଙ୍ଗନ

---

(୨୯) ସାନନ୍ଦାନ୍ତଃ କୁଟ୍ଟମିତଂ କୁପ୍ୟେତ୍ କେଶାଧର ଗ୍ରହେ
— ଦଶ ରୂପକ, ପୃ-୧୩୦



Digitized by srujanika@gmail.com

କାଳୀନ ଅଭେଦାନନ୍ଦ ମୋକ୍ଷାନନ୍ଦ ସଦୃଶ । କବି ନରସିଂହ ସେଣ ତାଙ୍କର ଅନ୍ୟ ଏକ କାବ୍ୟ ଗୋପକେଳିରେ ମୁକ୍ତ ଓ ସୁରତିକୁ ସମପର୍ଯ୍ୟାୟଭୁକ୍ତ କରିଛନ୍ତି । ତାଙ୍କ ଅନୁଯାୟୀ ମୁକ୍ତ ଓ ସୁରତି ଏହି ଉଭୟ ଅବସ୍ଥା ସକଳ ପ୍ରକାର ଭୋଗର ଚରମ ଅବସ୍ଥା ଏବଂ ଏହି ଉଭୟ ଅବସ୍ଥାରେ ବିଷୟଭୋଗ ତଥା ଦୁଃଖ ସୁଖ ଉଭୟକୁ ଅତିକ୍ରମ କରାଯାଇଥାଏ —

ମୁକତି ଯେହ୍ନେ ସୁରତି ତେହ୍ନେ ସକଳ ଭୋଗର ଅନ୍ତ
ଦୁଃଖ ସୁଖ ତହିଂ କିଛୁ ନ ବାଧଇ ନାଶଇ ବିଷୟାଶନ୍ତ

ଭାନୁଦତ୍ତ ଆନନ୍ଦ ସମ୍ମୋହବତୀ ବା ରତ୍ୟାନନ୍ଦ ପରବଶା (ପ୍ରଗଲ୍‌ଭାର ଏକ ଭେଦ)ର ଉଦାହରଣ ପ୍ରସଙ୍ଗରେ ମିଳନ କାଳରେ ନାୟିକା ଦୁଃଖ ସୁଖକୁ ବିସ୍ମୃତ ହେଉଥିବା ସୂଚନା ପ୍ରଦାନ କରିଛନ୍ତି (୩୦) । ତହିଁରୁ ନାୟକର ଅବସ୍ଥା ସମ୍ପର୍କରେ କୌଣସି ତଥ୍ୟ ଜଣାଯାଏ ନାହିଁ । କିନ୍ତୁ ହିନ୍ଦୀ ସାହିତ୍ୟରେ ସୂର ଦାସ ଗୋପୀ ଓ ଶ୍ରୀକୃଷ୍ଣଙ୍କ ପ୍ରେମର ତନ୍ମୟତା ପ୍ରକାଶ କରିବାକୁ ଉଭୟଙ୍କର ତନ୍ମୟ ଭାବ ବର୍ଣ୍ଣନା କରିଛନ୍ତି ଯେଉଁଠି ଉଭୟ ପୃଥକ ନ ହୋଇ ଏକ ହୋଇଯାଇଛନ୍ତି (୩୧) । ଶୃଙ୍ଗାର ଭାବନାର ଏହା ହେଉଛି ଉତ୍କୃଷ୍ଟ ରୂପ ଯହିଁରେ ମନର ସ୍ଥୂଳ ଆକାଂକ୍ଷା ସୂକ୍ଷ୍ମ ଅନୁଭୂତି ରୂପରେ ଏବଂ

---

(୩୦) ରସ ମଞ୍ଜରୀ, ପୃ-୪୭

(୩୧) ଆଁଖିନ ମେଁ ବସୈ ଜିୟରେ ମେଁ ବସୈ
ହିୟରେ ମେ ବସତ ନିଶିଦିନ ପ୍ୟାରୀ
ମନ ମେଁ ବସୈ, ତନ ମେଂ ବସୈ ରସନା ମେଂ ବସୈ
ଅଙ୍ଗ ଅଙ୍ଗ ମେଁ ବସତ ନନ୍ଦୱାରୀ
ସୁଧି ମେଂ ବସୈ ବୁଧି ହୁ ମେଁ ବସୈ ଉଦବେଜନ ମେ
ବସତ ପିୟ ପ୍ରେମ ଦୁଲାରୀ ।
ସୂର ଶ୍ୟାମ ବନହୁଁ ମେଁ ବସତ ଘରହୁ ମେଂ ବସତ
ସଗ ଜ୍ୟୋଂ ତରଙ୍ଗ ନ ହୋତ ନ୍ୟାରୀ
— ସୂର ଦାସ



Digitized by srujanika@gmail.com

କାମନାର ଚଞ୍ଚଳ ଆବେଗ ସ୍ଥିର ଅନୁଭୂତିରେ ପରିଣତ ହୋଇଥାଏ । ନରସିଂହ ସେଣଙ୍କ ଅନ୍ତିମ ପଦର ତୃତୀୟ ପଂକ୍ତି ପର୍ଯ୍ୟନ୍ତ ବାହ୍ୟ ଅନୁଭାବ ଦେଖିବାକୁ ମିଳେ, କିନ୍ତୁ ଅନ୍ତିମ ପଂକ୍ତି 'ବଢ଼ଇ ଜ୍ଞାନ ଲସ୍ୱେ ତା ଧ୍ୟାନ ବେନି ମନ ସେ ଅଭେଦ' ଏପରି ଏକ ଅବସ୍ଥାକୁ ପ୍ରକାଶ କରେ ନାହିଁ ସେ ସମସ୍ତ ମାନସିକ ବୃତ୍ତି ଏକ ବିଷୟରେ କେନ୍ଦ୍ରିତ ହୁଏ ଏବଂ ଏଥିରେ ଅନ୍ୟ ବିଷୟ, ଅନ୍ୟ ଅନୁଭୂତି ଏବଂ ଅନ୍ୟ ଶରୀରର ମଧ୍ୟ ଧ୍ୟାନ ରହେ ନାହିଁ ।

କବି ନରସିଂହ ସେଣ ଆଲୋଚ୍ୟ ପଞ୍ଚକର ନାମକରଣ 'ଲୀଳା ପଞ୍ଚକ' କରିଥିଲେ ହେଁ ପ୍ରକୃତିରେ ଏଥିରେ ଲୀଳା ଓ ବିଳାସ ଉଭୟ ହାବର ଚିତ୍ର ପରିଦୃଷ୍ଟ ହୋଇଥାଏ । ଅଳଙ୍କାର ଶାସ୍ତ୍ର ଅନୁଯାୟୀ 'ଲୀଳା' ଏକ ପ୍ରକାର ଓ 'ବିଳାସ' ଅନ୍ୟ ଏକ ପ୍ରକାର ହାବ । ଏହାର ପ୍ରଥମ ଓ ଦ୍ୱିତୀୟ ପଦ 'ବିଳାସ' ଏବଂ ତୃତୀୟ ଓ ଚତୁର୍ଥ ପଦ 'ଲୀଳା' ଭାବର ଅନ୍ତର୍ଗତ । କବି ତାଙ୍କର ବିଭିନ୍ନ ରଚନାରେ ଲୀଳା ଶବ୍ଦ ବାରମ୍ବାର ପ୍ରୟୋଗ କରିଛନ୍ତି । ସବୁ ସନ୍ଦର୍ଭରେ ଏହି ଲୀଳା ଅଳଙ୍କାର ଶାସ୍ତ୍ର ଅନୁଯାୟୀ 'ଲୀଳା' ନୁହେଁ । ତେଣୁ ଏହି ଶବ୍ଦ ପ୍ରତି ତାଙ୍କର ଅଧିକ ମମତା ଥିଲି ବୋଲି ମନେ ହୁଏ । ଆଳଙ୍କାରିକ ଗଣ ଦଶ ହାବ ମଧ୍ୟରୁ ଲୀଳାକୁ ପ୍ରଥମେ ବ୍ୟକ୍ତ କରି ଥିବାରୁ ଏବଂ ଲୀଳା ଓ ବିଳାସ ପରସ୍ପରର ପରିପୂରକ ହୋଇଥିବାରୁ କବି ଏହି ପଞ୍ଚକର ନାମ 'ଲୀଳା ପଞ୍ଚକ' କରିଛନ୍ତି ବୋଲି ଗ୍ରହଣ କରାଯାଇପାରେ ।

## ୧୫. ଉଦ୍ଦୀପନ ପଞ୍ଚକ

ଯୁବତି କାନ୍ତି ସୁବର୍ଣ୍ଣ ଜ୍ୟୋତି ଲୀଳା ଭାବେ ବସିଥିବ
ଅଙ୍ଗ ପିନ୍ଧିଥିବ ଝୀନ ବସନ ଦେହ ଫୁଟି ଦିଶୁଥିବ
ଦିବ୍ୟ ରହିଥିଲେ ବର୍ଣ୍ଣ ଶୋଭିବନି ମଦନ ନାଗରି ଯାଇ
ତେସନ ଜଘନ ଫୁଟି ଦିଶୁଥିଲେ ଜଘନ ସେ ଶୋଭା ପାଇ । ୧ ।

ନାୟକ ମନରେ କାମଭାବକୁ ଉଦ୍ଦୀପ୍ତ କରିବା ପାଇଁ ଉକ୍ତ ପଦରେ କବି ଯୁବତୀ ନାଗରୀର କାନ୍ତି, ତାହାର ବିଭିନ୍ନ ଅଙ୍ଗଭଙ୍ଗୀ (ଲୀଳା ଓ ଝୀନ ବସ୍ତ୍ର ପରିଧାନକୁ ସ୍ମରଣ କରିଛନ୍ତି । ନାଗରୀର କାନ୍ତି ସୁବର୍ଣ୍ଣ ସଦୃଶ ଉଜ୍ଜ୍ୱଳମୟୀ ।



Digitized by srujanika@gmail.com

କବି ବହ୍ଲଣ ନାରୀ କାନ୍ତିରେ ସୁବର୍ଣ୍ଣ ଚମ୍ପକ ମାଳର ସାଦୃଶ୍ୟ ଅନୁଭବ କରିଥିବା ଜଣାଯାଏ (୧)। କିନ୍ତୁ ନରସିଂହ ସେଣ ଚତୁରତାର ସହିତ ନାରୀର ଗୌରବର୍ଣ୍ଣକୁ ସୁବର୍ଣ୍ଣ ସହିତ ତୁଳନା କରିଥିଲେ ହେଁ ଚମ୍ପକ ପୁଷ୍ପ ଉପମାକୁ ପରିତ୍ୟାଗ କରିଛନ୍ତି। ବରଂ ଅନ୍ୟ ଏକ ସ୍ଥଳରେ ସୁବର୍ଣ୍ଣର ସାଦୃଶ୍ୟ ହଳଦୀ ରଙ୍ଗ ନିମନ୍ତେ ପକ୍ୱ ଆମ୍ବକୁ ଗ୍ରହଣ କରାଯାଇଛି(୨)। ନାରୀର ବଙ୍କିମ ଲୀଳା ବା ଅଙ୍ଗଭଙ୍ଗୀ ପୁରୁଷକୁ ଆକୃଷ୍ଟ କରିବା ନିମନ୍ତେ ସମର୍ଥ ତାହା ପୂର୍ବବର୍ତ୍ତୀ ପଞ୍ଚକ 'ଲୀଳା ପଞ୍ଚକ'ରେ ଆଲୋଚିତ। ସେଠାରେ କବି ନାରୀର ବସିବା କଥା କହି ନଥିଲେ ହେଁ ଏଠାରେ ବସିବା ଭଙ୍ଗୀ ଉପରେ ଗୁରୁତ୍ୱାରୋପ କରିଛନ୍ତି।

କ୍ଷୀଣ ବସନ ଅନ୍ତରାଳରୁ ନାୟିକା ଶରୀରର ବଙ୍କିମ ଅଂଶ ପୁରୁଷ ଆଖିକୁ ସ୍ପଷ୍ଟରୂପେ ଦେଖାଯାଏ ଏବଂ ତାହା ପୁରୁଷକୁ ଆକୃଷ୍ଟ କରେ। କବି ଅମରୁକଙ୍କ ଅନୁଯାୟୀ ଶରୀରର ସର୍ବାଙ୍ଗରେ ଜଡ଼ି ଯାଇଥିବା ବସନ ଓ ସୁଗନ୍ଧିତ ପୁଷ୍ପରାଜି ଦ୍ୱାରା ସଜ୍ଜିତା ହୋଇ ନାରୀ ମନୋହର ଦେଖା-ଯାଏ (୩)। ଅମରୁ ଶତକର ଓଡ଼ିଆ ଅନୁବାଦରେ କୁହାଯାଇଛି—

କ୍ଷୀଣ ନିର୍ମଳ ବାସେ ତନୁଲତା
ଆବୋରି ଯୋଷାଏ ହସନ୍ତି ରମଣୀମ୍ମା (୪)।

---

(୧) × × × କନକ ଚମ୍ପକ ଦାମ ଗୌରୀ × ×
— ଚୌର ପଞ୍ଚାଶିକା/୧

(୨) ପାକଲ ଆମ୍ବ ଜଘନସ୍ଥଳ ଏ ଦୁହେଁ ଏକା ଆକାର
— କା.ମ. ପଞ୍ଚକ/୧

(୩) ଅନ୍ତପୃଷ୍ଟ ସୁଗନ୍ଧବଜ କବରୀ ସର୍ବାଙ୍ଗ ଲଗ୍ନାମ୍ବରଂ
କାନ୍ତାନାଂ କମନୀୟତାଂ × ×
— ଅମରୁ ଶତକମ୍/୫୧

(୪) ପ୍ରୀତି ଶତକ, ପୃ-୫୧



Digitized by srujanika@gmail.com

କବି ବିହ୍ଲଣ ନାରୀର ବସନ କୁଚ ପ୍ରଦେଶରୁ ସ୍ଖଳିତ ହେଲେ ତାହା ପୁରୁଷ ସ୍ମୃତିରେ ଜାଗ୍ରତ ରହିଥିବା ପ୍ରକାଶ କରିଛନ୍ତି (୫) । ନରସିଂହ ସେଣ ନାରୀର ବକ୍ଷ ଦେଶରୁ ବାସ ସ୍ଖଳିତ ହେବା କଥା କହି ନଥିଲେ ହେଁ ପୀନ ବାସ ପରିଧାନ ଓ ବାସ ସ୍ଖଳନ ଉଭୟର ଉଦ୍ଦେଶ୍ୟ ଏକ ହୋଇଥିବା ଜଣାଯାଏ । କବି ବିହ୍ଲଣଙ୍କ ଅନୁଯାୟୀ ଗୌର କାନ୍ତିଯୁକ୍ତା ନବ ଯୌବନା ନାୟିକାର ପୀନସ୍ତନ ଦର୍ଶନରେ ପୁରୁଷ ମଦନ ବାଣରେ ଆଘାତ ପ୍ରାପ୍ତ ହୁଏ (୬) । କିନ୍ତୁ କବି ନରସିଂହ ସେଣ ଉକ୍ତ ଅଂଶରେ ନାରୀର କୁଚ ସୌନ୍ଦର୍ଯ୍ୟ ଅପେକ୍ଷା ଜଘନ ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷଣୀୟ ମନେ କରିଛନ୍ତି । ସେ ନାରୀର କାନ୍ତିକୁ ପାଚିଲା ଚୂତଫଳ ସହିତ ତୁଳନା କଲାବେଳେ ଶରୀରର ବିଭିନ୍ନ ଅଂଶ ମଧ୍ୟରୁ ଜଘନକୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି ।

---

(୫) ବସ୍ତ୍ରାଞ୍ଚଳ ସ୍ଖଳନ ଗୁରୁ ପୟୋଧରାନ୍ତ × × ×

—ଚୌର ପଞ୍ଚାଶିକା/୧୩

ଏହାର ବ୍ୟାଖ୍ୟାରେ କୁହାଯାଇଛି—

I still remember her side glances at the time of love making, the charming movements of her body at the time of Sexual Sport (at other times) a part of her beautiful breast being exposed by her upper garment falling out × ×

Caura Pansika—S.N. Tadpatrikar, P-5

(୬) ନବ ଯୌବନାଢ୍ୟା ପୀନ ସ୍ତନାଂ ପୁନରହଂ ଯଦି ଗୌରକାନ୍ତିମ୍
ପଶ୍ୟାମି ମନ୍ମଥ ଶରାନଳ ପୀଡ଼ିତାଙ୍ଗୀ × ×

—ଚୌର ପଞ୍ଚାଶିକା/୧

ଏହାର ବ୍ୟାଖ୍ୟାରେ ମଧ୍ୟ ଦେଖିବାକୁ ମିଳେ—

If I see her having an attractive grace with fresh youth, fat breasts her body fired by erotic passion caused by arrows of cupid × ×

—Ibid-P-1



Digitized by srujanika@gmail.com

ତାଙ୍କ ଅନୁଯାୟୀ ଗୌର ବର୍ଣ୍ଣା ନାୟିକାର ଜଘନ ସୌନ୍ଦର୍ଯ୍ୟ ହିଁ ନୟନକୁ ମୁଗ୍ଧ କରିବା ସଙ୍ଗେ ସଙ୍ଗେ ନାୟକର କାମ ବେଦନାକୁ ନାଶ କରିଥାଏ ।

କାମ ସଦନେ କରସ୍ଥଳ ଥିବ ଆରକର କୁଚ ଭରେ
ଜଳ ଭିତରୁ ଉଠି ଆସୁଥିବ ପୀଡ଼ିତ ମଦନ ଶରେ
ଚକିତ ହରିଣୀ ସମ ନୟନରେ ଗୃହୁଂଥିବ ସ୍ନିରୁବାଳା
ଏମନ୍ତ ବାଳାକୁ ଲୁଚିଣ ଦେଖିବ ସୁଫଳ ହୋଇବ ଡୋଳା । ୨ ।

କବି କାମ କଳ୍ପଲତା ନାରୀର ସ୍ନାନ ଦୃଶ୍ୟ ଓ ସ୍ନାହାଣୀକୁ ସ୍ମରଣ କରିଛନ୍ତି । ମୂଳରୁ ଜଣା ଯାଉଛି, ନାୟିକା କ୍ଷୀଣ ବସନ ପରିହିତା ହୋଇଥିବ । ଅର୍ଥାତ୍ କ୍ଷୀଣ ବସନ ପରିହିତା ନାୟିକା ସ୍ନାନ ସରି ଜଳ ଭିତରୁ ଉଠି ଆସୁଥିବା ବେଳେ ତାହାର ସର୍ବାଙ୍ଗରେ କ୍ଷୀଣ ବସନ ଜଡ଼ି ରହିବା ସ୍ୱାଭାବିକ । ପିନ୍ଧିଥିବା କ୍ଷୀଣ ବସ୍ତ୍ର ଓଦା ହୋଇଥିବାରୁ ତାହାର ଶରୀରର ସର୍ବାଙ୍ଗ ବସନ ଥିଲେ ମଧ୍ୟ ପରିସ୍ଫୁଟ ହୋଇ ଦେଖାଯାଏ । ତେଣୁ ସେ ନିଜର ଲଜ୍ଜା ନିବାରଣ କରିବା ନିମନ୍ତେ ଗୋଟିଏ ହାତଦ୍ୱାରା କାମ ମନ୍ଦିର ଓ ଅପର ହାତଦ୍ୱାରା କୁଚ ପ୍ରଦେଶକୁ ଆବୃତ କରିଥାଏ । ଶରୀରର ଅନ୍ୟାନ୍ୟ ଅଂଶରେ ବସ୍ତ୍ର ଥିଲେ ମଧ୍ୟ ତାହା ଅନାବୃତ ପରି ଦେଖାଯାଏ । ପୁଣି ନାୟିକା ତା'କୁ ଏପରି ଅବସ୍ଥାରେ କେଏ ଦେଖିପକାଇବ ଭାବି ଭୟଭୀତା ହରିଣୀ ସଦୃଶ ଚତୁର୍ଦ୍ଦିଗକୁ ଗୃହୁଁଥାଏ । କବିଙ୍କ ଅନୁଯାୟୀ ଏହିପରି ସୌନ୍ଦର୍ଯ୍ୟଯୁକ୍ତା ନାୟିକାକୁ ଲୁଚିକରି ଦେଖିଲେ ନୟନ ସାର୍ଥକ ହୁଏ । ଏଥିରୁ କବିଙ୍କର ରସିକତାର ପରିଚୟ ମିଳେ । ପୁଣି ଲୁଚିକରି ଦେଖିଲେ ନାୟିକାର ଉନ୍ମୁକ୍ତ ସୌନ୍ଦର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିହୁଏ । ପୁରୁଷର ଉପସ୍ଥିତିରେ ନାୟିକା ସଙ୍କୋଚ ଭାବ ପ୍ରକାଶ କରିଥାଏ ।

ଗାଥା ସପ୍ତଶତୀର ବହୁସ୍ଥଳରେ ସ୍ନାନରତା ନାରୀର ସୌନ୍ଦର୍ଯ୍ୟ ଦର୍ଶନରେ ପୁରୁଷ ଆନନ୍ଦିତ ତଥା ନିଜକୁ କୃତାର୍ଥ ମଣୁଥିବା ବର୍ଣ୍ଣିତ । ଏକ ସ୍ଥଳରେ କୌଣସି କାମୁକ ବ୍ୟକ୍ତି ସ୍ନାନାବସ୍ଥାରେ କୌଣସି ସୁନ୍ଦରୀର ନଗ୍ନ ସୌନ୍ଦର୍ଯ୍ୟକୁ ଦେଖି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଛି । ଏକାନ୍ତ ସ୍ଥାନର ଏହି



Digitized by srujanika@gmail.com

ଦୃଶ୍ୟ ତାହାଙ୍କୁ ନିଧି ପ୍ରାପ୍ତି ପରି ଆଶ୍ଚର୍ଯ୍ୟ କରି ଦେଇଛି । ସେ ସ୍ୱର୍ଗ ଲାଭ ଓ ନିଧି ପ୍ରାପ୍ତି ପରି ଆନନ୍ଦ ଅନୁଭବ କରୁଛି । ଏଠାରେ କାମୁକ ନଗ୍ନାବସ୍ଥାରେ ସୁନ୍ଦରୀଙ୍କୁ ଦର୍ଶନ କରି ନିଜେ ଗୁପ୍ତଧନ ପ୍ରାପ୍ତ ହେବାର ଆକ୍ଷେପ କରୁଛି । ସୁନ୍ଦରୀର ଏହି ଅବସ୍ଥା ତାହାକୁ ଅମୃତ ପାନର ଅନୁଭବ ସଦୃଶ ଆନନ୍ଦ ଦାନ କରୁଛି ! ଅନ୍ୟ ଏକ ସ୍ଥଳରେ କୁହାଯାଇଛି — ସ୍ନାନ କାଳରେ କୌଣସି ରୂପସୀର ନଗ୍ନକାନ୍ତି ଦର୍ଶନ କରି କୌଣସି ରସିକ ଯୁବା ଯେଉଁ ଅନୁଭୂତି ଲାଭ କରିଥିଲା, ତାହାକୁ ସହଚର ନିକଟରେ ପ୍ରକାଶ କରି କହୁଛି— ହେ ସଖା ! ମୁଁ ତାହାକୁ ଯେତେବେଳେ ଏକାନ୍ତ ସ୍ଥାନରେ ସ୍ନାନ କାଳରେ ନଗ୍ନ ଅବସ୍ଥାରେ ଦେଖିଲି ସେ ମୁହୂର୍ତ୍ତର ଅନୁଭୂତି କ'ଣ କହିବି ? ତାହାର ସେହି ନଗ୍ନ ସୌନ୍ଦର୍ଯ୍ୟ ସ୍ୱର୍ଗର ଫଳ; ତାହାକୁ ଦେଖି ବକ୍ଷ ଶୀତଳ ହୁଏ । ସେପରି ସ୍ଥାନରେ ତାହାକୁ ସେହି ଅବସ୍ଥାରେ ଦେଖିବି ବୋଲି ମୁଁ ଆଶା କରି ନଥିଲି । ପ୍ରଥମେ ମୋର ମହା ବିସ୍ମୟ ଜାତ ହେଲା । ମୋତେ ଲାଗିଲା ମୁଁ ସତେ ଯେପରି ହାତରେ ନିଧି ପାଇଗଲି । ନିଧି ପାଇଲା ପରେ ମୁଁ ସ୍ୱର୍ଗରାଜ୍ୟ ଲାଭ କଲାପରି ମନେକଲି; ଏପରିକି ଅମୃତ ପାନ କରି ଯେଉଁ ଆନନ୍ଦ ମିଳେ ସେହି ଆନନ୍ଦ ମୁଁ ତା'ର ବିବସନ ଶୋଭା ଦେଖି ପାଇଥିଲି (୭) । ପୁଣି ଏକ ସ୍ଥଳରେ ନାୟକ ସହଚରକୁ କହୁଛି—ଦିନ ଅବସାନ କାଳରେ ଏହି ବରନାରୀ ଅବଗାହନ କରି ସିକ୍ତବସନରେ ଗୃହାଭିମୁଖରେ ଗତିକଲାବେଳେ ତାହାର ଉରୁ ଓ ଜଘନ ଦେଶରେ ଆର୍ଦ୍ର ବସନ ଜଡ଼ି ଯାଇଛି । ଅଧରରେ ମଧୁର ହାସ ତାମ୍ରବର୍ଣ୍ଣ ଅପାଙ୍ଗ ଯୁକ୍ତା ସେହି ରମଣୀ କାମ ଦେବର ସହାୟତା ବିନା ଜନ ଚିତ୍ତରେ ମୋହ ସଞ୍ଚାର କରୁଛି । ଓଦା ବସ୍ତ୍ର ଭିତରୁ ପ୍ରକଟିତ ସ୍ତନ ଯୌବନ ଓ ମଦିର ଆରକ୍ତ ନେତ୍ର । ଏହି ରମଣୀ ପ୍ରତି ପୁରୁଷ ସ୍ୱତଃ କାମାର୍ତ୍ତ ହୁଏ; କାମ ଦେବଙ୍କୁ ତା ପ୍ରତି ଶର ସନ୍ଧାନ କରିବାକୁ ପଡ଼େ ନାହିଁ (୮) ।

---

(୭) ଅଚ୍ଛେରଂ ବ ଣିହିଂ ବିଅ/ସଗ୍ଗେ ରଜ୍ଜଂ-ବ ଅମଅପାଣଂ ବ
ଆସି ମ୍ହ ତଂ ମହୁତ୍ତଂ ବିଣିଅଂସଣ-ଦଂସଣଂ ତିଏ—ଗାଥାସପ୍ତଶତୀ ୨/୨୫

(୮) ଆଅମ୍ବ-ଲୋଅଣାଣଂ ଓଲ୍ଲଂସୁଅ-ପାଅଡୋରୁ-ଜହଣାଣଂ
ଅବରହ୍ଣ-ମଜ୍ଜିରୀଣଂ କଏ ଣ କାମୋ ବହଇ ଚାବଂ
—ତତ୍ରୈବ, ୫/୭୩



Digitized by srujanika@gmail.com

କବି ବିଦ୍ୟାପତି ବହୁ ସ୍ଥଳରେ ସ୍ନାନ ରତା ରାଧାଙ୍କ ଦର୍ଶନକୁ ଶୁଭ ବେଳା ବା ବଡ଼ ଭାଗ୍ୟର ଫଳ ରୂପରେ ପ୍ରକାଶ କରିଛନ୍ତି । ଏକ ସ୍ଥଳରେ ତାଙ୍କ ଶ୍ରୀକୃଷ୍ଣ କହିଛନ୍ତି—ଆଜି ମୋର ଶୁଭ ଦିବସରେ ସେହି କାମିନୀକୁ ସ୍ନାନ କରୁଥିବା ସମୟରେ ଦେଖିବାକୁ ପାଇଲି (୯) । ଅନ୍ୟ ସ୍ଥଳରେ କୁହାଯାଇଛି— ମାଧବ ସେହି ସୁନ୍ଦରୀକୁ ଖୋଜି ଖୋଜି ଘାଟରେ ସ୍ନାନ କରୁଥିବା ସମୟରେ ସନ୍ଧାନ ପାଇଲେ, ସେ ସମୟରେ ବାଳାର ସୂକ୍ଷ୍ମ ବସ୍ତ୍ର ଓଦା ହୋଇ ତାର ହୃଦୟରେ ସଂଲଗ୍ନ ହୋଇଥିଲା । ଏହି ଅବସ୍ଥାରେ ଯେଉଁ ପୁରୁଷ ଅବଲୋକନ କରିଛି ସେ ଅତି ଭାଗ୍ୟଶାଳୀ (୧୦) । ପୁଣି ସ୍ନାନ ସାରି ନାୟିକା ଫେରି ଯାଉଥିବା ଦୃଶ୍ୟରେ ବିଦ୍ୟାପତି କହିଛନ୍ତି— ତିନ୍ତିଲା ବସନ ତନୁରେ ସଂଶ୍ଳିଷ୍ଟ ହୋଇ ରହିଅଛି । ଏହି ଦୃଶ୍ୟ ମୁନି ଜନ ମାନସରେ ମଧ୍ୟ କାମୋଦ୍ରେକ କରାଉଛି । ତାହାର କୁଚ ଯୁଗ ସୁନ୍ଦର ଚକ୍ରବାକ ସଦୃଶ । ସେମାନେ କାଳେ ଉଡ଼ିଯିବେ ଏହି ଆଶଙ୍କାରେ ସୁନ୍ଦରୀ ନିଜ ଭୁଜ ପାଶରେ ଧରିଛି (୧୧) । ସ୍ନାନ ସାରି ଯିବା ସମୟରେ ସ୍ତ୍ରୀ ମାନେ ସ୍ୱଭାବତଃ ହସ୍ତକୁ ବକ୍ଷସ୍ଥଳ ଉପରେ ରଖି ଚାଲନ୍ତି । କିନ୍ତୁ କବି ନରସିଂହ ସେଣ ନାୟୀର ସ୍ନାନ ପରବର୍ତ୍ତୀ ଦୃଶ୍ୟକୁ ଗ୍ରହଣ କରିଥିଲେ ହେଁ ତାହାର ଚାଲିବା ଦୃଶ୍ୟକୁ ଜଳ

---

(୯) ଆଜୁ ମଝୁ ସୁଭ ଦିନ ଭେଲ
କାମିନି ପେଖଲି ସିନାନକ ବେଲି
—ବିଦ୍ୟାପତି ପଦାବଳୀ, ପୃ-୧୩

(୧୦) ମାଧବ ପେଖଲି ରମନି ସଂଧାନ
ଘାଟହି ଭେଟଲି କରଇତ ସିନାନ
ତନସୁକ ସୁବସନ ହିରଦୟ ଲାଗି
ଜେ ପୁରୁଖ ଦେଖବ ତେ ବଡ଼ଭାଗୀ
—ବିଦ୍ୟାପତି ପଦାବଳୀ, ପୃ-୨୩

(୧୧) ତିତଲ ବସନ ତନୁ ଲାଗୁ, ମୁନହୁକ ମାନସ ମନମଥ ଜାଗୁ
କୁଚ ଯୁଗ ଚାରୁ ଚକେବା, ନିଅ କୁଲ ମିଲଅ ମିଲାଯଲ ଦେବା
ତେଁ ସଂକା ଭୁଜ ପାସେ, ବାଁଧି ଧଏଲ ଉଡ଼ି ଜାଏତ ଆକାଶେ
—ତତ୍ରୈବ, ପୃ-୧୩



Digitized by srujanika@gmail.com

ଭିତରୁ ଉଠି ଆସିବା ଦୃଶ୍ୟକୁ ୧ମ ବିଦ୍ୟାପତିଙ୍କ ନାୟିକା ନଜର ଉଭୟ ହାତ ଦ୍ୱାରା କୁଚକୁ ଆବୃତ କରିଥିବା ବେଳେ ତାଙ୍କ ନାୟିକା ଗୋଟିଏ ହାତରେ କୁଚ ଓ ଅପର ହାତରେ କାମ ମନ୍ଦିରକୁ ଆଚ୍ଛାଦନ କରିଛି । ନାୟିକା ହରିଣୀ ଅନ୍ତର ଉପୁଆଁ ହୋଇ ଗୃହଁ ଥିବା ଦୃଶ୍ୟ ବିଦ୍ୟାପତି ପଦାବଳୀରେ ମଧ୍ୟ ପରିଦୃଷ୍ଟ ହୁଏ (୧୨) । ବାସବଦତ୍ତା ଗ୍ରନ୍ଥରେ ମଧ୍ୟ ନାୟକ କୁତୂହଳ ଯୋଗୁଁ ନାୟିକାକୁ ଲୁଚିକରି ଦେଖନ୍ତି (୧୩) । ନାୟିକା ପରିବେଷଣ କରିଥିବା ଏହି ଦୃଶ୍ୟକୁ ସାହିତ୍ୟ ଦର୍ପଣକାରଙ୍କ ଅନୁଯାୟୀ ସୌନ୍ଦର୍ଯ୍ୟର ଅନ୍ତର୍ଭୁକ୍ତ କରାଯାଇପାରେ ।

ପାଟପଟଣୀ ପିନ୍ଧିଥିବା ରମା କୁଙ୍କୁମେ ଲେପିତ ତନୁ
ବସନ୍ତ କାଳେ ସୁଧାର ବେଳେ ପିଢ଼ିଥିବ ଫୁଲଧନୁ
ଝଣା ଟର ମୃଦୁ ଗୀତ ଗାଉଥିବ ବସିଣ ପଳାଶ ଡ଼ାଳେ
ଏମନ୍ତ ରମାକୁ ନୟନେ ଦେଖିବା ଅନେକ ତପର ଫଳେ । ୩ ।

ନାୟକ ମନରେ କାମୋଦ୍ଦୀପକ ଭାବ ସୃଷ୍ଟି କରିବା ପାଇଁ କବି ନାୟିକାକୁ ପାଟ ପଟଣୀ ପିନ୍ଧାଇବା ସଙ୍ଗେ ସଙ୍ଗେ କୁଙ୍କୁମାଦି ପ୍ରସାଧନକୁ ଅନୁଲେପିତ କରାଇଛନ୍ତି । ବସନ୍ତ ଋତୁରେ ବିଭିନ୍ନ ଅଙ୍ଗରାଗରେ ମାର୍ଜିତା ଓ ପାଟ ପଟଣୀ ପରିହିତା ହୋଇ ନାୟିକା ପଳାଶ ବୃକ୍ଷ ଡାଳରେ ବସି ଝଣା ସାହାଯ୍ୟରେ ମୃଦୁ ଗୀତ ଗାନ କରୁଥିବାର ଦୃଶ୍ୟ ଅତ୍ୟନ୍ତ ମନୋରଞ୍ଜକ । ଏକେତ ବସନ୍ତ ଋତୁ ସମସ୍ତଙ୍କୁ କାମ ମୋହିତ କରିଥାଏ ପୁଣି ନାୟିକାର ରୂପ ସଜ୍ଜା ଓ ବିଭିନ୍ନ ଲୀଳା ନାୟକକୁ ଆନନ୍ଦ ପ୍ରଦାନ କରେ । କବି ପଳାଶ ବୃକ୍ଷକୁ ସ୍ମରଣ କରିବା ଦ୍ୱାରା ବସନ୍ତ ଋତୁ ଉପରେ ଗୁରୁତ୍ୱାରୋପ କରିବା ମନେ ହୁଏ । ପୁଣି ପଳାଶ ଫୁଲର ରକ୍ତିମା ପ୍ରତି କବି ଆକୃଷ୍ଟ ହେବା ଜଣାଯାଏ । ଲୋହିତ ରଙ୍ଗ ଅନୁରାଗର ସ୍ମୃତିକୁ ସ୍ମରଣ କରାଇଥାଏ ।

---

(୧୨) ହରିନ ନୟନ ଭୟ
—ତନ୍ନୈବ (ବେଣୀପୁରୀ ସମ୍ପାଦିତ) ପୃ-୮୨

(୧୩) ବାସବ ଦତ୍ତା



Digitized by srujanika@gmail.com

ରସ ତରଙ୍ଗିଣୀକାର ଭାନୁଦତ୍ତ ଋତୁ, ମାଳା, ଆଭୂଷଣ, ଗାନ ଆଦିକୁ ଉଦ୍ଦୀପକ ସାମଗ୍ରୀରୂପେ ପ୍ରକାଶ କରିଥିବା ହେତୁ ଏଠାରେ କବି ଭାନୁଦତ୍ତଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ ।

ମେଘଦୂତରେ ବର୍ଣ୍ଣିତ ଅଛି—ଯକ୍ଷ ପ୍ରବାସ ବିରହରେ ମନେ କରୁଛି ନବ ବିରହରେ ତା'ର ପ୍ରିୟା କାମ ବାଣରେ ପୀଡ଼ିତା ହୋଇ ମଳିନ ବସ୍ତ୍ର ପରିଧାନ କରି ଆପଣା କୋଳରେ ବୀଣା ରଖି ପ୍ରିୟର ନାମକୁ ଗୀତ ଗାନ କରୁଥିବ (୧୪) । ମାତ୍ର ନରସିଂହ ସେଣ ଚତୁରତାର ସହିତ ନାୟିକା କାମ ବାଣରେ ପୀଡ଼ିତା ହୋଇଥିବା ଉଲ୍ଲେଖ କଲେ ମଧ୍ୟ ମଳିନ ବସ୍ତ୍ରକୁ ପାଟ ବସ୍ତ୍ରରେ ପରିଣତ କରିଦେଇଛନ୍ତି । ଏଠାରେ ନାୟିକା ମଧ୍ୟ ମେଘ-ଦୂତର ନାୟିକା ପରି ବୀଣା ବାଦନ କରୁଛି । କିନ୍ତୁ ଉଭୟ କବିଙ୍କ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଲା କାଳିଦାସ ଯକ୍ଷ ପ୍ରିୟାର ବିରହ କଥା ଉପସ୍ଥିତ କରିବାକୁ ଚାହୁଁ ଥିବାବେଳେ ନରସିଂହ ସେଣ ନାୟକ ମନରେ କାମଭାବ ବିସ୍ତାର କରିବାକୁ ଚାହିଁଛନ୍ତି । ତେଣୁ ନାୟିକାର ଦର୍ଶନ ତପସ୍ୟାର ଫଳ ଭାବେ ଚିତ୍ରିତ ।

ଅନେକ ତପସ୍ୟା ଫଳରେ କେବଳ ପରଂବ୍ରହ୍ମଙ୍କୁ ଦର୍ଶନ କରିହୁଏ । ଅନ୍ୟ କୌଣସି ବସ୍ତୁ ଦର୍ଶନ ନିମନ୍ତେ ତପସ୍ୟା ଆବଶ୍ୟକ ହୋଇ ନଥାଏ । କିନ୍ତୁ କବି ନରସିଂହ ସେଣ ବାରମ୍ବାର ସୁଦର୍ଶନା ନାରୀକୁ ତପସ୍ୟାର ଫଳ ରୂପେ ସ୍ୱୀକାର କରିଛନ୍ତି । ତେଣୁ କବିଙ୍କ ମତରେ ନାରୀ ହେଉଛି ଈଶ୍ୱର । ଭର୍ତ୍ତୃହରିଙ୍କ ଅନୁଯାୟୀ କାମଦେବ ନାରୀ ଅଙ୍ଗରେ ଦେବ, ବ୍ରହ୍ମା ଓ ବିଷ୍ଣୁଙ୍କୁ ଦାସ କରିଥାଏ (୧୫) । ସେ ପୁଣି କାମଦେବକୁ ସୁଭ୍ରୂ ବା ସୁନ୍ଦର ଭ୍ରୂକୁଟୀ ଯୁକ୍ତା ନାରୀର ଆଜ୍ଞା

---

(୧୪) ଉତ୍ସଙ୍ଗେ ବା ମଳିନ ବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ
ମଦ୍ଗୋତ୍ରାଙ୍କଂ ବିରଚିତ-ପଦଂ ଗେୟ ମୁଦ୍ଗାତୁ କାମା
—ମେଘଦୂତମ୍

(୧୫) ଶମ୍ଭୁ ସ୍ୱୟମ୍ଭୁ ହରୟୋ ହରିଣେକ୍ଷଣାନାଂ
ଯେନାକ୍ରିୟନ୍ତ ସତତଂ ଗୃହ କୁମ୍ଭ ଦାସାଃ
—ଶୃଙ୍ଗାର ଶତକମ୍/୧



Digitized by srujanika@gmail.com

ପାଳକ ସେବକ ଭାବରେ ପ୍ରକାଶ କରିଛନ୍ତି । କାମିନୀ ଯାହା ପ୍ରତି ନିଜର ନେତ୍ର କଟାକ୍ଷ ସୂଚିତ କରିଥାଏ କାମଦେବ ତାଙ୍କୁ ନିଜ କର୍ମରେ ପ୍ରବୃତ୍ତ କରିଥାଏ (୧୬) ।

ଚନ୍ଦ୍ର କରଣେ କୁସୁମ ବନେ ଫୁଲ ତୋଳୁଥିବ ବାଳା
ତାରି ପାଶରେ ଚନ୍ଦ୍ରମା କି ସେ ଚନ୍ଦ୍ର ସଙ୍ଗେ ବଢ଼େ କଳା
ଶ୍ରୁତି ଲୀଳା ଭାବ ଅଧିକ ଦେଖି ଚନ୍ଦ୍ରମା ହାରିଲ ଯତ୍ନଂ
କାମର ଆଜ୍ଞାରେ ଭ୍ରମର ମାନେ କର୍ଣ୍ଣରେ କହିଲେ ଛନ୍ଦଂ ।୪।

ନାୟକ ମନରେ ଉଦ୍ଦୀପନ ଭାବ ସୃଷ୍ଟି କରିବା ପାଇଁ କବି ଚନ୍ଦ୍ର-କରଣ ସ୍ନାତ ବନରେ ନାୟିକାର ଫୁଲ ତୋଳା ଦୃଶ୍ୟ ବର୍ଣ୍ଣନା କରିଛନ୍ତି । ତାହାଙ୍କ ଅନୁଯାୟୀ ନାରୀ ହୋଇଛନ୍ତି ଚନ୍ଦ୍ର ଏବଂ ଉପସ୍ଥିତ ପୁଷ୍ପରାଜି ହୋଇଛନ୍ତି ତାରା । ପୁଣି ଚନ୍ଦ୍ର କଳାର ବୃଦ୍ଧି ଘଟିଲେ ତାରାଗଣଙ୍କର ସୌନ୍ଦର୍ଯ୍ୟ ହ୍ରାସ ପାଇବା ପରି ନାୟିକା ଫୁଲ ତୋଳିବା ସମୟରେ ନିଜର ଶୋଭା ବଢ଼ାଇ ଉପସ୍ଥିତ ପୁଷ୍ପ ଗଣଙ୍କର ସୌନ୍ଦର୍ଯ୍ୟ କମାଇ ଦେଇଛି ।

ଉଦ୍ୟାନ ଭ୍ରମଣ ନାୟିକା ମନରେ କାମଭାବକୁ ଉଦ୍ଦୀପ୍ତ କରିଥାଏ ଏବଂ ପ୍ରାକୃତିକ ଦୃଶ୍ୟକୁ ରତିର ଉଦ୍ଦୀପନ ବିଭାବ ଭାବେ ଗ୍ରହଣ କରାଯାଇଥାଏ (୧୭) । ପୁଣି ମତିରାମଙ୍କ ଅନୁଯାୟୀ କାମୀଜନ ମନ ମଧ୍ୟରେ ସୁରଭିତ ବାୟୁ ମନୋହର ଋତୁ ଏବଂ ସଙ୍ଗୀତ ରତି ଭାବର ଉଦ୍ରେକ କରିବା ପରେ ନବ ନବ କିଶଳୟରେ ସଜ୍ଜିତ କୋମଳ ଲତା କୁଞ୍ଜବନ ଉପବନ ଆଦି ଏହି ରତି ଭାବକୁ ଉଦ୍ଦୀପ୍ତ କରିଦିଏ (୧୮) । ରସ ମଞ୍ଜରୀ ଗ୍ରନ୍ଥର ବ୍ୟାଖ୍ୟାକାର

---

(୧୬) ନୂନ ମାଙ୍ଗାକର ସ୍ତସ୍ୟାଃ ସୁଭ୍ରୂବୋ ମକର ଧ୍ୱଜଃ
ଯତସ୍ତ ନେତ୍ର ସଞ୍ଚାର-ସୂଚିତେଷୁ ପ୍ରବର୍ତ୍ତତେ
—ଛନ୍ଦୈବ/୧୧

(୧୭) ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ) —ବ୍ୟାଖ୍ୟା, ପୃ-୨୬୦

(୧୮) ପ୍ରଥମ କାମିଜନ-ମନନ କୌଂ ରଁଗତ, ସୁରଭି, ଋତୁ, ରାଗ
ନଂଦତ ହ୍ୱୈ ନବ ପଲ୍ଲବନ୍ତ, ପୁଞ୍ଜ ପୀଛେ ବନ ବାଗ



Digitized by srujanika@gmail.com

ସ୍ୱାଧୀନ ପତିକା ନାୟିକାର ବିଭିନ୍ନ ଚେଷ୍ଟା ମଧ୍ୟରୁ ବନ ବିହାରକୁ ଅନ୍ୟତମ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ଅନୁଯାୟୀ ଏହି ନାୟିକା ମନରେ ହର୍ଷତାର ପରିମାଣ ଅଧିକ ଥାଏ (୧୯) । ଏହି ଗ୍ରନ୍ଥର ଅନ୍ୟ ଏକ ସ୍ଥଳରେ ନାୟକଙ୍କୁ ଏକାନ୍ତରେ ପାଇ ତାହା ସଙ୍ଗେ ବିହାର ଉଦ୍ଦେଶ୍ୟରେ ନାୟିକା ଫୁଲ ତୋଳିବା ଛଳରେ ନିର୍ଜନ ବନକୁ ଗତି କରିଛି । ଏହା ତାହାର ନାୟକ ସହ ବିହାର ନିମନ୍ତେ ବିଭିନ୍ନ ଚେଷ୍ଟା ମଧ୍ୟରୁ ଅନ୍ୟତମ (୨୦) । ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଗୋପୀଗଣ ଶରତ୍‌ପୂର୍ଣ୍ଣିମା ରାତ୍ରିରେ ଉପବନରେ ବିହାର କରିବା ସଙ୍ଗେ ସଙ୍ଗେ ଫୁଲଗୁଡ଼ିକୁ ଚୟନ କରିଥିବା ଦୃଶ୍ୟ ଉପଲବ୍ଧ ହୋଇଥାଏ (୨୧) । ଚନ୍ଦ୍ର କିରଣରେ ଫୁଲ ତୋଳିବା ଦୃଶ୍ୟକୁ କବି ସ୍ମରଣ କରିଥିବାରୁ ସେ ପୂର୍ବବର୍ତ୍ତୀ ଗ୍ରନ୍ଥକର୍ତ୍ତାଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ । ପୁଣି କବିଙ୍କର ଅନ୍ୟ କାବ୍ୟ 'ଗୋପକେଳି'ରେ ଗୋପୀଗଣ ଜ୍ୟୋତ୍ସ୍ନା ବିଜଡ଼ିତ ରଜନୀରେ ବୃନ୍ଦାବନରୁ ଫୁଲ ତୋଳିଛନ୍ତି ।

କବିଙ୍କର 'ଶ୍ରୀତିଲ୍ଲୀଳା' ଗ୍ରନ୍ଥରୁ ନାୟିକାର କର୍ଣ୍ଣଭୂଷା ହୋଇଯାଇଥିବା ଜଣାଯାଏ । କର୍ଣ୍ଣଭୂଷା ହୋଇଯାଇଥିବା ମୁଖମଣ୍ଡଳ ଚନ୍ଦ୍ର ପରାଜିତ ହେଉଥିବା ଓ ଭ୍ରମରମାନେ କର୍ଣ୍ଣରେ କହୁଥିବା କଥା ବର୍ଣ୍ଣନା କରିଛନ୍ତି । ରାତ୍ରିକାଳରେ ଭ୍ରମରର ଗୁଞ୍ଜନ ଅସ୍ୱାଭାବିକ ହେଲେ ବି ନାୟିକାର ଶୋଭା ଯେ ମନୋମୁଗ୍ଧକର ତାହା ଅସ୍ୱୀକାର କରିହୁଏ ନାହିଁ । ପୁଣି ଭ୍ରମରମାନେ ନାୟିକା ନିକଟରେ ଚନ୍ଦ୍ର ପରାଜିତ ହେଉଥିବା କାମଦେବର ଆଜ୍ଞାକୁ ପ୍ରଚାରଣ କରନ୍ତି । ସମଗ୍ର ସଂସାର କାମର ଆଜ୍ଞାରେ ପ୍ରଚାରିତ (୨୨) । ଏଣୁ କାମଦେବ ହେଉଛି ଅଧିପତି । ପୁଣି କୁହାଯାଇଛି ଯେ ପ୍ରିୟତମଙ୍କ ଦ୍ୱାରା ଅଧର ଦଂଶନ ହେବାମାତ୍ରେ (ବନ୍ଦ କରିବା ସକାଶେ) ହାତର ଅଗ୍ରଭାଗକୁ ହଲାଉଥିବା ନାରୀର ଶୀତ୍କାରଯୁକ୍ତ ଶୁଷ୍କ କ୍ରନ୍ଦନର ଜୟ

(୧୯) ରସ ମଞ୍ଜରୀ (ବ୍ୟାଖ୍ୟା), ପୃ-୨୧୬

(୨୦) ତତ୍ରୈବ, ପୃ-୩୦୬

(୨୧) ଶ୍ରୀମଦ୍ ଭାଗବତ, ଦଶମ ସ୍କନ୍ଧ

(୨୨) ଦଶରୂପକ (ବ୍ୟାଖ୍ୟା), ପୃ-୧୩୮



Digitized by srujanika@gmail.com

ହେଉଛି । ସେହି ବନ୍ଦନ ରତିକ୍ରୀଡା ରୂପକ ନାଟକୀୟ ଚେଷ୍ଟାର ନାନ୍ଦୀପାଠ ଅଥବା କାମଦେବଙ୍କ ଆଜ୍ଞା (୨୩) । ଏଠାରେ ଶୀତ୍କାରଯୁକ୍ତ ଶୁଷ୍କ ବନ୍ଦନକୁ କାମଦେବଙ୍କ ଆଜ୍ଞା ଭାବରେ ଗ୍ରହଣ କରାଯାଇଥିବାବେଳେ କବି ନରସିଂହ ସେଣ ଭ୍ରମରର ଗୁଞ୍ଜନକୁ କାମର ଆଜ୍ଞା ରୂପେ ପ୍ରକାଶ କରିଛନ୍ତି । ଉକ୍ତ ପଦରେ କବି ଭାନୁଦତ୍ତଙ୍କ ଉପବନ ବିହାର ଓ ସାହିତ୍ୟ ଦର୍ପଣକାରଙ୍କ ଚନ୍ଦ୍ର ଭ୍ରମର ଝଙ୍କାର ଆଦିକୁ ଗ୍ରହଣ କରିଥିବା ମନେହୁଏ ।

ନାସାକୁ ଶୁହିଁ ନାସା ଫୁଲାଇ ଅଧର ଚାପଇ ଦନ୍ତେ
ଚଞ୍ଚଳ କୁଣ୍ଡଳ କମ୍ପିତେ ଚଳଇ ମୁକୁଳ ନୟନ ମନ୍ତେ
ସଖୀର ଅଙ୍ଗେ ଆଉଜାଇ ହୋଇ ଫୁଲାଇ କୁଚ ଦେଖାଇ
ଏସନ ଲୀଳା କାମ ମଦିରା ମଦନକୁ ବଳେ ଖୋଇ । ୫ ।

ଉକ୍ତ ପଦରେ କବି ନାୟିକାର ନାସାକୁ ଶୁହିଁବା, ନାସା ଫୁଲାଇବା, ଦନ୍ତଦ୍ୱାରା ଅଧର ଚାପିବା, କୁଣ୍ଡଳକୁ ଧୀର ଭାବରେ ଦୋହଲାଇବା, ନୟନ ମୁକୁଳିତ କରିବା, ସଖୀର ଅଙ୍ଗରେ ଆଉଜି ଠିଆ ହେବା, ସ୍ତନ ଫୁଲାଇ କୁଚ ପ୍ରଦର୍ଶନ କରିବା ଆଦି ବିଭିନ୍ନ ଅଙ୍ଗଭଙ୍ଗୀକୁ ପ୍ରକାଶ କରିଛନ୍ତି । ତାଙ୍କ ଅନୁଯାୟୀ ନାରୀର ଏସବୁ ଲୀଳା ହେଉଛି କାମ ମଦିରା । ମଦିରା ପାନ କଲେ ମନୁଷ୍ୟ ନିଜର ସତ୍ତା ବିସ୍ମୃତ ହେବା ପରି ନାରୀର ଏହିସବୁ ଅଙ୍ଗଭଙ୍ଗୀ ପୁରୁଷକୁ ସମ୍ପୂର୍ଣ୍ଣଭାବେ ମୋହିତ କରିଥାଏ । ନାୟିକାର କର୍ଣ୍ଣାଳଙ୍କାର ଗତି

---

(୨୩) ନାନ୍ଦୀପଦାନି ରତି ନାଟକ ବିଭ୍ରମାଣା
ମାଜ୍ଞାକ୍ଷରାଣି ପରମାଣ୍ୟଥ ବା ସ୍ମରସ୍ୟ
ଦୃଷ୍ଟୋଽଧରେ ପ୍ରଣୟିନା ବିଧୂତାଗ୍ରପାଣେଃ
ସୀତ୍କାର ଶୁଷ୍କ ରୁଦିତାନି ଜୟନ୍ତି ନାର୍ଯ୍ୟାଃ
—ଦଶ ରୂପକ, ପୃ-୧୩୦



Digitized by srujanika@gmail.com

ନାୟକଙ୍କୁ ମୁଗ୍‌ଧ କରୁଥିବା ଚୌର ପଞ୍ଚାଶିକାରେ ଅନୁଭୂତ ହୁଏ (୨୪)। ବିଦ୍ୟାପତିଙ୍କ ନାୟିକା ଚାଲିବା ସମୟରେ ପଦଚରଣମାନଙ୍କୁ ଆଶ୍ରୟ କରି ଯାଉଥିବା କହୁଛନ୍ତି (୨୫)।

କବି ନରସିଂହ ସେଣ ନାୟିକାର ମୃଦୁବୋକ୍ତି ଅଙ୍ଗଭଙ୍ଗୀକୁ ଲୀଳା କହିଥିଲେ ହେଁ ଅଳଙ୍କାର ଶାସ୍ତ୍ରାନୁଯାୟୀ ଏସବୁ ଲୀଳା ନୁହେଁ, ବରଂ ବିଳାସ ଭାବ ଗ୍ରହଣ କରାଯାଇପାରେ। ପୁଣି ଅଳଙ୍କାର ଶାସ୍ତ୍ରରେ ସୁକୁମାର ଅଙ୍ଗକୁ ସ୍ନିଗ୍‌ଧତାର ସହ ଚାଳନ କରିବାକୁ ଲଳିତ କୁହାଯାଇଛି (୨୬)। ଏହାର ଉଦାହରଣ ଦେଇ ଧନିକ କହିଛନ୍ତି—ଭ୍ରୂଭଙ୍ଗ ସହିତ କର କିଶଳୟକୁ ଘୁରାଇ କଥା କହୁଥିବା, ଆଖି କଣରେ ସୁନ୍ଦର ସୁନ୍ଦର କଣେଇ ଦେଖୁଥିବା, ସ୍ୱଚ୍ଛନ୍ଦରେ ଲୀଳା ପୂର୍ବକ ପାଦ ପଦ୍ମକୁ ରଖୁଥିବା ସେହି ପଦ୍ମ ନୟନାକୁ ଯୌବନର ପ୍ରାଦୁର୍ଭାବ ବିନା ସଙ୍ଗୀତରେ ନଚାଉଛି (୨୭)। କବି

---

(୨୪) ଅଦ୍ୟାପି ତତ୍ କନକ କୁଣ୍ଡଳଘୃଷ୍ଟ ଗଣ୍ଡମାସ୍ୟଂ ସ୍ମରାମି
ବିପରୀତ ରତାଭିଯୋଗେ—ଚୌର ପଞ୍ଚାଶିକା/୧୨
ବ୍ୟାଖ୍ୟାକାରଙ୍କ ଅନୁଯାୟୀ—
**I remember during reversed sex-act, the face of my beloved gold ear-rings rubbing—against her cheeks × × ×**
—Caurpansisika— P.5

(୨୫) ଚଲଇତେ ପଦଚର କର ଅବଲମ୍ବ
—ବିଦ୍ୟାପତି ପଦାବଳୀ, ପୃ-୩୦

(୨୬) ସୁକୁମାରତାଂ ବିନ୍ୟାସୋ ମସୃଣୋ ଲଳିତଂ ଭବେତ୍
—ଦଶ ରୂପକ, ପୃ-୧୩୧

(୨୭) ସଭ୍ରୂଭଙ୍ଗ କର କିସଳୟାବର୍ତ୍ତ ନୈର୍ବ ଲପନ୍ତି
ପଶ୍ୟନ୍ତି ଲଳିତ ଲଳିତଂ ଲୋଚନସ୍ୟାର୍ଥଲେନ
ବିନ୍ୟସ୍ୟନ୍ତି ଚରଣ କମଲେ ଲୀଳୟା ସ୍ୱୈରଯାତୈ
ନିସ୍ସଙ୍ଗୀତଃ ପ୍ରଥମ ବୟସା ନର୍ତ୍ତିତା ପଙ୍କଜାକ୍ଷୀ
—ତତ୍ରୈବ, ପୃ-୧୩୧



Digitized by srujanika@gmail.com

ନରସିଂହ ସେଣ ନାସାକୁ ଗୁହିଁବା, ନାସା ଫୁଲାଇବା, ଦନ୍ତରେ ଅଧର ଚୁପିବାର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ବଳାସ ଭାବ ପର ମନେହୁଏ । କିନ୍ତୁ ଚଞ୍ଚଳ କୁଣ୍ଡଳ କମ୍ପିତ ହୋଇ ଚଳିବା ଏବଂ ଉନ୍ନତ ହୋଇଥିବାରୁ ନୟନ ମୁକୁଳିତ ହେବାର ବର୍ଣ୍ଣନା ମଧ୍ୟ ପରିଦୃଷ୍ଟ ହୁଏ । ପୂର୍ବରୁ କବି ନାୟିକାର ଚକିତ ହରିଣୀର ଗୃହାଣୀ, ବୀଣା ଧରି ମୃଦୁ ଗୀତ ଗାଉଥିବା ଏବଂ ଫୁଲ ବନରେ ଫୁଲ ତୋଳୁଥିବାର ଯେଉଁ ଦୃଶ୍ୟ ପ୍ରଦାନ କରିଛନ୍ତି ତାହା ସହ ଚଞ୍ଚଳ କୁଣ୍ଡଳ ଧିର ଭାବରେ ଚଳିବା ଏବଂ ନୟନ ମୁକୁଳିତ ହେବାକୁ ସଂଯୁକ୍ତ କଲେ କବି ଲଳିତ ଭାବକୁ ପ୍ରୟୋଗ କରିଥିବା ଅନୁମାନ କରାଯାଇପାରେ । ଏଠାରେ କବି ଧନକଙ୍କ ଆଖି କଣେଇ କଣେଇ ଗୃହିଁବାକୁ ଚକିତ ହରିଣୀ ଏବଂ ନୟନ ମୁକୁଳିତ ହେବାରେ ଓ ଲୀଳାତ୍ମକ ଦାଦ ରଖିବାକୁ ଫୁଲ ତୋଳିବାରେ ରୂପାନ୍ତରିତ କରିଛନ୍ତି ।

ପରିଶେଷରେ ଏତିକି କୁହାଯାଇପାରେ ନାୟିକା ଭିନ୍ନ ଭିନ୍ନ ରୂପରେ ଅବସ୍ଥାନ କରେ । ସୌନ୍ଦର୍ଯ୍ୟର ମାନ ହେଉଛି ଏହାର ନୂତନତା । କବିବର ମାଘ କହିଛନ୍ତି—କ୍ଷଣ କ୍ଷଣକରେ ଯାହାର ଶୋଭା ନବୀନତା ପ୍ରାପ୍ତ ହୁଏ ତାହାକୁ ରମଣୀୟ କୁହାଯାଏ (୨୮) । ରସାର୍ଣ୍ଣବ ସୁଧାକରରେ କୁହାଯାଇଛି—ଅଙ୍ଗ ପ୍ରତ୍ୟଙ୍ଗର ସମ୍ୟକ ସଙ୍ଗଠନ ସୌନ୍ଦର୍ଯ୍ୟର ଉଦୟ କରିଥାଏ (୨୯) । ଏହି ଦୃଷ୍ଟିରୁ ଦେଖିଲେ ଉଦ୍ଦୀପନ ପଞ୍ଜକର ନାୟିକା ବିଭିନ୍ନ ବେଶଭୂଷାରେ ସଜ୍ଜିତା ହୋଇ ସୌନ୍ଦର୍ଯ୍ୟମୟୀ ରୂପେ ପ୍ରତିଭାତ ହୁଏ ।

---

(୨୮) କ୍ଷଣେ କ୍ଷଣେ ଯନ୍ନବତାମୁପୈତି ତଦେବ ରୂପଂ ରମଣୀୟତାୟାଃ
—ଶିଶୁପାଳ ବଧମ୍

(୨୯) ଅଙ୍ଗ ପ୍ରତ୍ୟଙ୍ଗ କାନାଂ ଯଃ ସନ୍ନିବେଶୋ ଯଥୋଚିତମ୍
ସୁଶ୍ଳିଷ୍ଟ ସନ୍ଧିବେଦଃ ସ୍ୟାତ୍ ତତ୍ ସୌନ୍ଦର୍ଯ୍ୟ ମୁଦାହୃତେ
—ରସାର୍ଣ୍ଣବ ସୁଧାକର, ୧/୮୨



Digitized by srujanika@gmail.com

## ୧୬. ପ୍ରୌଢା ପଞ୍ଚକ

ଉତ୍ତମ ନାରୀ ହୃଦରୁ ଯେବେ କୁଚ କଳସ ଖସଇ
ତେବେ ହେଁ ନାଗରୀ ଭାବ କରି ସେହୁ ଯୁବା ଜନ ମନ ପୋଷଇ
ପଶ୍ଚିମେ ଖସିଲେ ସୁଧାନିଧି ତହୁଁ ଅମୃତ ହୋଇପେ କି ନାଶ
ରାତି ପାହିବା ଯାଏ ଗ୍ରାହକ ଲଭଇ ଅମୃତ ରସ । ୧ ।

ନାୟିକାର ହୃଦୟରୁ କୁଚ କଳସ ଖସିବାର ଅର୍ଥ ହେଉଛି ନାୟିକା ଯୌବନାବସ୍ଥାକୁ ଅତିକ୍ରମ କରିବା । କବିଙ୍କ ଅନୁଯାୟୀ ଉତ୍ତମା ନାୟିକା ଯୁବାବସ୍ଥା ବା ଯୁବା ବୟସକୁ ଅତିକ୍ରମ କଲେ ମଧ୍ୟ ନାଗରୀ ଭାବ ଦ୍ୱାରା ପୁରୁଷର ମନକୁ ସନ୍ତୁଷ୍ଟ କରିବାକୁ ସମର୍ଥ ହୋଇଥାଏ । ଅର୍ଥାତ୍ ପୁରୁଷକୁ ଆକର୍ଷଣ କରିବା ନିମନ୍ତେ ବୟସ ନାରୀ ପକ୍ଷରେ ଏକମାତ୍ର ପରିମାପକ ନୁହେଁ ବରଂ ତାହାର ନାଗରୀଭାବ ବା ଲୀଳା ପୁରୁଷକୁ ବଶୀଭୂତ କରିବା ନିମନ୍ତେ ସମର୍ଥ ହୁଏ । ଏଠାରେ କବି ନାୟିକାର ବୟସ ବା ରୂପ ସୌନ୍ଦର୍ଯ୍ୟ ଅପେକ୍ଷା ତାହାର ଭାବ ସୌନ୍ଦର୍ଯ୍ୟ ପ୍ରତି ଗୁରୁତ୍ୱାରୋପ କରିଛନ୍ତି । ଭର୍ତ୍ତୃହରି 'ଶୃଙ୍ଗାର ଶତକ'ରେ ସ୍ତନ ପତନ ଅର୍ଥାତ୍ ନାୟିକାର ବୟସ ଅତିକ୍ରାନ୍ତ ହେବା ପରେ ଶୃଙ୍ଗାର ଚିନ୍ତାକୁ ଅନୁଚିତ ଏବଂ ମର୍ଯ୍ୟାଦା ରହିତ ଭାବରେ ପ୍ରକାଶ କରିଛନ୍ତି (୧) ।

ଅଳଙ୍କାର ଶାସ୍ତ୍ରାନୁଯାୟୀ ସ୍ୱୀୟା ନାୟିକା ତ୍ରିବିଧ ଅବସ୍ଥା ମଧ୍ୟଦେଇ ଗତି କରିଥାଏ । ମୁଗ୍‌ଧା ତାହାର ପ୍ରଥମାବସ୍ଥା, ମଧ୍ୟା ତାହାର ଦ୍ୱିତୀୟାବସ୍ଥା ଏବଂ ପ୍ରଗଲ୍‌ଭା ତାହାର ଅନ୍ତିମାବସ୍ଥା । ପ୍ରଗଲ୍‌ଭା ନାୟିକାର ଲକ୍ଷଣ ନିର୍ଦ୍ଦେଶ କରି ଧନଞ୍ଜୟ କହନ୍ତି ଯେ—ଯୌବନରେ ଅନ୍ଧ ହେଲା ପରି, କାମରେ ଉନ୍ମତ୍ତ ହେଲାଭଳି, ଆନନ୍ଦର କାରଣ ପ୍ରିୟତମଙ୍କ ଅଙ୍ଗରେ ପ୍ରବେଶ

---

(୧) ତଦାପି ନ ମନ କୁତଂ ନିତମ୍ବିନୀ ନାଂ
ସ୍ତନ ପତନାବଧି ଜୀବିତଂ ରତଂ ବା
—ଶୃଙ୍ଗାର ଶତକମ୍/୭୬



Digitized by srujanika@gmail.com

କଳାପରେ, ସୁରତ ଆରମ୍ଭରେ ଚେତନା ହରାଇ ବସୁଥିବା ନାୟିକା ହେଉଛନ୍ତି ପ୍ରଗଲ୍‌ଭା (୨)। ଭାନୁଦତ୍ତଙ୍କ ଅନୁଯାୟୀ ଯେଉଁ ନାୟିକା ଆପଣାର ପତି ସହ ସମସ୍ତ କେଳି କଳାରେ ପ୍ରବୀଣତା ପ୍ରକାଶ କରେ ତାହାକୁ ପ୍ରଗଲ୍‌ଭା କୁହାଯାଏ (୩)। ଶୃଙ୍ଗାର ମଞ୍ଜରୀକାର କାମ ଭାବ ଦ୍ୱାରା ଲଜ୍ଜାକୁ ଜୟ କରୁଥିବା ନାୟିକାକୁ ପ୍ରଗଲ୍‌ଭା ଆଖ୍ୟା ପ୍ରଦାନ କରିଛନ୍ତି (୪)। ଆଚାର୍ଯ୍ୟ ବିଶ୍ୱନାଥଙ୍କ ଅନୁଯାୟୀ କାମଭାବରେ ଅନ୍ଧ, ଉତ୍କଟ ଯୌବନା, ସମସ୍ତ ରତିକ୍ରୀଡ଼ାରେ ପଣ୍ଡିତା, ଭ୍ରୂଭଙ୍ଗାଦି ସମସ୍ତ ଭାବ ପ୍ରକାଶ କରିବାରେ ସର୍ବୋତ୍କୃଷ୍ଟା, ପ୍ରାୟଶଃ ଲଜ୍ଜାହୀନା ଏବଂ କାନ୍ତକୁ ନିଜ ଅଧୀନରେ ରଖୁଥିବା ନାୟିକା ହେଉଛନ୍ତି ପ୍ରଗଲ୍‌ଭା (୫)।

ଧନଞ୍ଜୟ ଓ ବିଶ୍ୱନାଥ ପ୍ରଭୃତି ଆଚାର୍ଯ୍ୟଗଣ ଯୌବନକୁ ପ୍ରଗଲ୍‌ଭା ନାୟିକାର ଏକ ଲକ୍ଷଣ ରୂପେ ବିଚାର କଲାବେଳେ ଭାନୁଦତ୍ତ ନାୟିକାର ଯୌବନାବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ ନ କରି ତାହାର କେଳି କଳା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି କେଳି କଳା ଦ୍ୱାରା ନାୟିକା ତାହାର ପତିକୁ ସନ୍ତୁଷ୍ଟ କରିଥାଏ। କବି ନରସିଂହ ସେଣ ମଧ୍ୟ ନାୟିକା

---

(୨) ଯୌବନାନ୍ଧା ସ୍ମରୋନ୍ମତ୍ତା ପ୍ରଗଲ୍‌ଭା ଦୟିତାଙ୍ଗକେ
ବିଲୀୟମାନେ ବା ନନ୍ଦା ରତାରମ୍ଭେଽପ୍ୟ ଚେତନା
ଦଶ ରୂପକ, ପୃ-୧୪୬

(୩) ପତି ମାତ୍ର-ବିଷୟକ କେଳି କଳାପ କୋବିଦା ପ୍ରଗଲ୍‌ଭା
ରସ ମଞ୍ଜରୀ, ପୃ-୩୮

(୪) ମଦନା ବଞ୍ଚିତ ଲଜ୍ଜା ପ୍ରଗଲ୍‌ଭା
—ରସ ମଞ୍ଜରୀ, ପୃ-୩୯

(୫) ସ୍ମରାନ୍ଧା ଗାଢ଼ ତାରୁଣ୍ୟା ସମସ୍ତ ରତ କୋବିଦା
ଭାବୋନ୍ନତା ଦରବ୍ରୀଡ଼ା ପ୍ରଗଲ୍‌ଭା କ୍ରାନ୍ତ ନାୟିକା
—ସାହିତ୍ୟ ଦର୍ପଣ, ପୃ-୧୬୬



Digitized by srujanika@gmail.com

ବିଗତ ଯୌବନା ହୋଇଥିଲେ ହେଁ ତାହାର କ୍ରିୟା କଳାପ ନାୟକଙ୍କୁ ଆନନ୍ଦ ଦାନ କରୁଥିବା ପ୍ରକାଶ କରିଛନ୍ତି । ଧନଞ୍ଜୟ ଭାବ ପ୍ରଗଲ୍ଭାର ଉଦାହରଣ ପ୍ରଦାନ କରିଛନ୍ତି—ପ୍ରିୟତମ ସମ୍ମୁଖକୁ ଆସି ପ୍ରିୟକଥା କହିଲେ, ମୋର ସକଳ ଅଙ୍ଗ ସତେ ଯେପରି ନେତ୍ର ବା କର୍ଣ୍ଣ ହୋଇଯାଏ (୬) । ରତି ପ୍ରଗଲ୍ଭା ସମ୍ପର୍କରେ ସେ କହିଛନ୍ତି—କାନ୍ତ ଶେଜ ଉପରକୁ ଆସିବା ମାତ୍ରେ ମୋର ନୀବି ବନ୍ଧନ ଖସି ପଡ଼ିଲା, ଶିଥିଳ ମେଖଳା ରଜ୍ଜୁରେ ବନ୍ଧା ବସନ ସାମାନ୍ୟ ମାତ୍ର ରହିଲା—ହେ ସଖି ! ମୁଁ ଏତିକି କେବଳ ଜାଣିଛି, ତାପରେ ତାଙ୍କର ଅଙ୍ଗ ସଙ୍ଗରେ ସେ କିଏ ମୁଁ କିଏ ରତି କ'ଣ ଓ କେମିତି ଏସବୁ ଠିକିଏ ହେଲେ ମୋର ସ୍ମୃତିରେ ଜାଗରୂକ ହେଲା ନାହିଁ—ମୁଁ ତେଣୁ ସେ ସବୁର ବର୍ଣ୍ଣନା ପାଇଁ ଅକ୍ଷମା (୭) ।

ଭାନୁଦତ୍ତ ପ୍ରଗଲ୍ଭା ନାୟିକାର ଏକ ଭେଦ ଭାବରେ ରତି ପ୍ରୀତି ମତିକୁ ଗ୍ରହଣ କରିଛନ୍ତି (୮) । ଏହାର ଉଦାହରଣ ଦେଇ ସେ କହିଛନ୍ତି—ପ୍ରିୟ ଆପଣା ପ୍ରେୟସୀର କୁଚକୁ ଗାଢ଼ ଭାବରେ ମର୍ଦ୍ଦନ କଲା, ମୁଖ ପ୍ରତି ଅନୁରାଗପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କଲା, ବଳାତ୍କାରରେ କଣ୍ଠଗ୍ରହ ପୂର୍ବକ ଆଲିଙ୍ଗନ କଲା, ବିମ୍ବାଧରରୁ ଅମୃତ ପାନ କଲା, ତାହାର ପିନ୍ଧାବସନ ଦୂର କଲା, ଲଲାଟ ସ୍ପର୍ଶ କରି ଅଳକାକୁ ସ୍ଥାନଚ୍ୟୁତ କଲା ଏବଂ ସୂର୍ଯ୍ୟୋଦୟ ବିଷୟ ଜିଜ୍ଞାସା କରିବା ମାତ୍ରେ ନାୟିକା ଆପଣା ଅଞ୍ଚଳଦ୍ୱାରା କର୍ଣ୍ଣସ୍ଥିତ ନୀଳ କମଳକୁ ଆଚ୍ଛାଦିତ କଲା । ନୀଳ କମଳକୁ ଆଚ୍ଛାଦିତ କରିବା ଦ୍ୱାରା ସୂର୍ଯ୍ୟୋଦୟ ହୋଇ ନଥିବାର ସୂଚନା ଦାନ କଲା ନାୟିକାର ଏହି

(୬) ଦଶ ରୂପକ, ପୃ-୧୦୭

(୭) କାନ୍ତେ ତଳ୍ପମୁପାଗତେ ବିଗଳିତା ନୀବୀ ସ୍ୱୟଂ ବନ୍ଧନା
ଦ୍ ବାସୋ ବିଶ୍ଳଥ ମେଖଳା ଗୁଣଧୃତଂ କିଂଚିନ୍ନିତମ୍ବେ ସ୍ଥିତମ୍
ଏତାବତ୍ସଖୀ ! ବେଦ୍ମି ସାମ୍ପ୍ରତମହଂ ତସ୍ୟାଙ୍ଗ ସଙ୍ଗେ ପୁନଃ
କୋଽୟଂ କାସ୍ମି ରତଂନୁବା ଅଥମିତି ସ୍ୱଳ୍ପାପି ମେନଃ ସ୍ମୃତିଃ
—ଅମରୁ ଶତକମ୍/୬୨

(୮) ରସ ମଞ୍ଜରୀ, ପୃ-୪୦



Digitized by srujanika@gmail.com

ଆଚରଣ ଅପାର ଆନନ୍ଦ ପ୍ରଦାନ କଲା (୯) । ଯେଉଁପରି ସାହିତ୍ୟ ଦର୍ପଣ-କାର 'ସୁରତା' ନାୟିକା ପ୍ରସଙ୍ଗରେ କହିଛନ୍ତି— ପ୍ରଭାତରେ ପୋଖରୀ କୂଳରେ ଗାଧୋଉଥିବା ସମୟରେ ବିଗତ ରଜନୀ ସୁରତ କ୍ରୀଡ଼ା ବର୍ଣ୍ଣନା କରୁଥିବା ନାୟିକାକୁ ଅନ୍ୟ ଜଣେ କହୁଛି, ତୁ ପ୍ରକୃତରେ ଭାଗ୍ୟବତୀ ଯେହେତୁ ରତି କ୍ରୀଡ଼ା ମଧ୍ୟରେ ପ୍ରିୟକୁ ବିଶ୍ୱାସ ଚାଟୁକଥା ତୁ କହିପାରୁଛୁ । ହେ ସଖୀମାନେ, ମୁଁ ତୁମ ରାଣ ପକାଇ କହୁଛି ମୋ ପ୍ରିୟ ମୋ ଲୁଗା ଫିଟାଇବାକୁ ହାତ ବଢ଼େଇଲା ସମୟରୁ ମୋର ଆଉ କିଛି ମନେ ପଡ଼େ ନାହିଁ (୧୦) । କାମ ଭାବରେ ଚେତନା ଶୂନ୍ୟ ହେବା ଏଠାରେ କୁହା ଯାଇଛି । ପୁଣି ଭାବୋନ୍ନତ୍ତା ପ୍ରସଙ୍ଗରେ ସେ କହିଛନ୍ତି— ଭ୍ରୂଭଙ୍ଗ ପ୍ରଭୃତି ସବୁ ବଚନ, ଭ୍ରୂଲତା ନର୍ତ୍ତନ, ଅଙ୍ଗୁଳି ତର୍ଜନ, ହାତୋଡ଼ି ବୁଲି ପଡ଼ିବା ପ୍ରଭୃତି ଅଙ୍ଗନ୍ୟାସ (ଯାହାକି ନାୟକର ଉନ୍ମାଦକର) ଏବଂ ବାରମ୍ବାର ଅପାଙ୍ଗ ଚାହାଣୀ ଏ ସବୁ ଭାବ କନ୍ଦର୍ପକୁ ତିନି ଭୁବନରେ ଜୟ କରିବାରେ ସାହାଯ୍ୟ କରେ । ଅର୍ଥାତ୍ ନାୟିକାର ଏ ସବୁ ଅଭିନୟ ନାୟକକୁ ବଶ କରିବାରେ ଅତ୍ୟନ୍ତ ସହାୟକ (୧୧) ।

ନାୟିକା ଯୌବନକୁ ଅତିକ୍ରମ କରି ତାହାର କୁଚ କ୍ଷୀଣତା ପ୍ରାପ୍ତ ହୋଇଥିବା ଦୃଶ୍ୟ ଗାଥା ସପ୍ତଶତୀରେ ଉପଲବ୍ଧ ହୁଏ । ତାହାର ଏକ ସ୍ଥଳରେ କୁହାଯାଇଛି— ନାୟକ ସଖାକୁ କହୁଛି, ଦିନେ ଏହି ନାୟିକାର ସ୍ତନ ଗୌରବ ପୁରୁଷର ଦମ୍ଭ ପର୍ବତକୁ ଚୂର୍ଣ୍ଣ କରୁଥିଲା । ସେହି ସ୍ୱଭାବ ଗୌରବମୟ ମାରଣ୍ଡ ପୀନ ଉରଜ କାଳ ବଶରେ ଅବନତ ହୋଇ

---

(୯) ତତ୍ରୈବ, ପୃ-୪୦

(୧୦) ଧନ୍ୟାସି ଯା କଥୟସି ପ୍ରିୟ ସଙ୍ଗ ମେଽପି
ବିଶ୍ରବ୍ଧ ଚାଟୁ କଶତାନି ରତାନ୍ତରେଷୁ
ନୀବିଂ ପ୍ରତି ପ୍ରଣିହିତେ ତୁ କରେ ପ୍ରିୟେଣ
ସଖ୍ୟଃ ଶପାମି ଯଦି କିଞ୍ଚିଦପି ସ୍ମରାମି
—ସାହିତ୍ୟ ଦର୍ପଣ, ପୃ-୧୩୫

(୧୧) ସାହିତ୍ୟ ଦର୍ପଣ, ପୃ-୧୩୭



Digitized by srujanika@gmail.com

କ୍ଷୀଣତା ପ୍ରାପ୍ତ ହୋଇଛି (୧୨)। ପୁଣି ଅନ୍ୟସ୍ଥଳରେ କୁହାଯାଇଛି— ନାୟିକାର ଶିଥିଳ ସ୍ତନ କୃତକାର୍ଯ୍ୟ ଯୋଦ୍ଧାଦ୍ୱୟଙ୍କର ପତନତୁଲ୍ୟ ରମଣୀୟ। ଯେଉଁ ସ୍ତନଦ୍ୱୟ ଏକଦା ଉନ୍ନତ ଥିଲେ ବିଶେଷ ନିରନ୍ତର ବା ଅନ୍ୟୋନ୍ୟ ସଂଲଗ୍ନ ଥିଲେ ଓ ସରସ ବ୍ରଣ ବିଶିଷ୍ଟ ବା ନଖାଦିରେ କ୍ଷତ ବିକ୍ଷତ ହୋଇ ଶୋଭା ପାଉଥିଲେ ଆଜି ସେହି ସ୍ତନଯୁଗଳର ପତନ ଘଟିଥିଲେ ମଧ୍ୟ ସମସ୍ତଙ୍କର ମନ ହରଣ କରୁଛନ୍ତି। ପତିତ କୁଚଦ୍ୱୟ ଯେ ଉକ୍ତ ସମରରେ କୃତିତ୍ୱ ଅର୍ଜନ କରିଛନ୍ତି ସେଥିଲାଗି ପତନ ମଧ୍ୟ ସ୍ତନଦ୍ୱୟ ପକ୍ଷରେ ଗୌରବାବହ (୧୩)।

କବିଙ୍କର ଦ୍ୱିତୀୟ ପଂକ୍ତି ହେଲା ନାୟିକାର ନାଗରୀ ଭାବ। ହିନ୍ଦୀ ସାହିତ୍ୟରେ କାମ-କଳା-କୋବିଦା ଗୁଣଯୁକ୍ତା ନାୟିକାଙ୍କୁ ନାଗରୀ ରୂପେ ଗ୍ରହଣ କରାଯାଇଛି (୧୪)।

ଉପର ଆଲୋଚନାରୁ ନାୟିକାର ଯୌବନ ଅତିକ୍ରମ ହେଲେ ମଧ୍ୟ ତାହାର ଭାବ ନାୟକକୁ ଆକୃଷ୍ଟ କରିବା ନିମନ୍ତେ ସମର୍ଥ ହେଉଥିବା ଜଣା ଯାଏ। ନାୟିକାର ଏହି ଅବସ୍ଥାକୁ ଆଚାର୍ଯ୍ୟଗଣ ପ୍ରଗଲ୍‌ଭା ନାମ ପ୍ରଦାନ କରିଥିବା ବେଳେ ନରସିଂହ ସେଣ ପୌଢ଼ା ନାମ ପ୍ରଦାନ କରିଛନ୍ତି। ସଂସ୍କୃତ ସାହିତ୍ୟରେ ନାୟିକା ଅବସ୍ଥାର ‘ପ୍ରୌଢ଼ା’ ନାମ ଦେଖିବାକୁ ମିଳେ

---

(୧୨) କହଁଣାମ ଝାଅ ତହ ସୋ ସହାବ-ଗୁରୁଏ ଥଣ-ହଲେ ପଡଉ
—ଗାଥ ସପ୍ତଶତୀ, ୩/୬୮

(୧୩) ତୁଙ୍ଗାଣଁ ବିସେସ ଣିରନ୍ତରାଣଁ ବିଅ-ଲଦ୍ଧ-ସୋହାଣଂ
କଅ କଜ୍ଜାଣଁ ଭଡାଣଁ ବ ଥଣାଣ ପଡଣଂ ବି ରମଣୀଅଂ
—ତତ୍ରୈବ, ୫/୨୭

(୧୪) ରସରାଜ (ବ୍ୟାଖ୍ୟା), ପୃ-୧୧୪



Digitized by srujanika@gmail.com

ନାହିଁ (୧୫)। ତଥାପି ଆନନ୍ଦ ବର୍ଦ୍ଧନ ଧ୍ୱନ୍ୟାଲୋକ ଗ୍ରନ୍ଥରେ 'ପ୍ରୌଢ଼ା' ପ୍ରୟୋଗ କରିଛନ୍ତି (୧୬)। ଅବଶ୍ୟ ପ୍ରୌଢ଼ା ତାଙ୍କର ନାୟିକା ଭେଦ ନୁହେଁ। ତାଙ୍କ ନାୟିକା ହେଉଛନ୍ତି ଲବଣ୍ୟବତୀ ଓ ମଧୁର ଭାଷିଣୀ ବା ସୁଷମା ଶାଳିନୀ ଅପ୍ରମତ୍ତା ଓ ପ୍ରସନ୍ନୋଜ୍ଜ୍ୱଳ ବେଶଯୁକ୍ତା ବା ଅସାବଧାନ ନୁହନ୍ତି ଅଥଚ ଅକୁଟିଳ ପ୍ରୀତିମୂର୍ତ୍ତି ଶୃଙ୍ଗାରମୟୀ ଅଟନ୍ତି। କୌତୁକ ରହିତା ଓ ପ୍ରୌଢ଼ା ଅପର ଅର୍ଥରେ ଅଖାଡ଼ୁଆ ସୂତା ଲଗାଇ ନାହାନ୍ତି, ସେ ପ୍ରୌଢ଼ା ଅର୍ଥାତ୍ ସ୍ୱବାଧ୍ୱୀନା। ସେ କୌତୁକ ହୀନା ଅର୍ଥାତ୍ କାର୍ଯ୍ୟ ତତ୍ପର ଓ ଧୈର୍ଯ୍ୟବତୀ (ପ୍ରୌଢ଼ା) ଅଟନ୍ତି। ପୁଣି ରସ 'ମଞ୍ଜରୀ ଗ୍ରନ୍ଥର ବ୍ୟାଖ୍ୟାକାର ପ୍ରୌଢ଼ାଙ୍କୁ ପ୍ରଗଲ୍‌ଭାର ବିକଳ୍ପ ସଜ୍ଞା ଭାବରେ ଗ୍ରହଣ କରିଛନ୍ତି (୧୭)। ହିନ୍ଦୀ ସାହିତ୍ୟରେ ମତିରାମ ପ୍ରଗଲ୍‌ଭା ଅର୍ଥରେ ପ୍ରୌଢ଼ାକୁ ନାୟିକା ଭେଦ ଭାବରେ ଗ୍ରହଣ କରିଛନ୍ତି (୧୮)।

ନାୟିକାର ବୟସ ଅତିକ୍ରାନ୍ତ ହେଲାପରେ ତାହାର ଭାବକୁ କବି ଚନ୍ଦ୍ରମାର ଅମୃତ ରସ ସହିତ ତୁଳନା କରିଛନ୍ତି। ଚନ୍ଦ୍ର ପଶ୍ଚିମ ଦିଗରେ ତଳକୁ ଖସିଲେ ତାଙ୍କର କିରଣରୁ ଅମୃତଭାବ ବିଲୁପ୍ତ ହୁଏ ନାହିଁ ଏବଂ

---

(୧୫) There is no word in the Sanskrit language for Purdah (screening of women from the grace of man) or for Karam or Seraglio

Rajatarangini, Immitation P-XXIX

(୧୬) ଲବଣ୍ୟବତ୍ୟୋ ମଧୁରଭାଷିଣ୍ୟଶ୍ଚ ଅପ୍ରମତ୍ତାଃ ପ୍ରସନ୍ନୋଜ୍ଜ୍ୱଳ ରାଗାଶ୍ଚ
ଅ କୌତୁକାଃ ପ୍ରୌଢ଼ାଶ୍ଚ, ପ୍ରମଦାଃ

—ଧ୍ୱନ୍ୟାଲୋକ, ପୃ-୧୦୯

(୧୭) ରସ ମଞ୍ଜରୀ, ପୃ-୩୯

(୧୮) ଦ୍ୱିବିଧ ସ୍ୱକୀୟା ଜାନିୟୋ, ପ୍ରଥମାହି ମୁଗ୍‌ଧାନାମ
ମଧ୍ୟା ପୁନି ପ୍ରୌଢ଼ା ଗନୌ, ବରନତ କବି ମତିରାମ

—ରସରାଜ/୧୩



Digitized by srujanika@gmail.com

ସକାଳ ହେବା ପର୍ଯ୍ୟନ୍ତ ଭୃତକ ସେହି ଅମୃତ ଭାବକୁ ଗ୍ରହଣ କରିଥାଏ । କବି ଏଠାରେ ଭୃତକ ଶବ୍ଦ ପ୍ରୟୋଗ କରିଥିଲେ ହେଁ ତାହା ପ୍ରକୃତରେ ଚକୋର ହେବ କାରଣ ଚକୋର ଚନ୍ଦ୍ର କିରଣ ପାନ କରି ଜୀବନ ଧାରଣ କରିଥାଏ ।

ଆପଣା କାନ୍ତ ପର ସଙ୍ଗେ କଲେ ତାହାଂକ ନ କରେ ରୋଷ
ଆପଣା ମନରେ ଗରବ ଧରି ପରକୁ ଦିଅଇ ଦୋଷ
ମାଳତୀ ଫୁଲ ତେଜି ଭ୍ରମର ଆନ ଫୁଲ ଇଚ୍ଛେ ଯାଇ
ଏହା ନ ଜାଣନ୍ତି ଗୁଆଂର ସ୍ତ୍ରି ଗ୍ଧ ଲାଜ କମ୍ପାଇ ନ ପାଇ । ୨ ।

ପ୍ରୌଢ଼ା ନାୟିକାର ପତି ଅପର ନାୟିକା ପ୍ରତି ଆସକ୍ତ ହେବା ଜାଣି ମଧ୍ୟ ନାୟିକା ସେଥିପ୍ରତି ରୋଷ ବା ମାନ ପ୍ରକାଶ କରେ ନାହିଁ । ଅଥଚ ସେ ନିଜ ମନରେ ଗର୍ବଭାବ ପୋଷଣ କରେ ଯେ ନାୟକ ଏକାନ୍ତ ଭାବେ ତା'ର ନିଜର ! ସେ ଅପର ନାୟିକା ପ୍ରତି ଦୋଷାରୋପ କରିଥାଏ ।

ଭାନୁଦତ୍ତ ସ୍ୱୀୟା ନାୟିକା ଚେଷ୍ଟାରେ ଲକ୍ଷଣ ନିର୍ଦ୍ଦେଶ କରି କହିଛନ୍ତି--ସ୍ୱୀୟା ନାୟିକା ହିନବତ୍ତ ପତି ସେବା ପରାୟଣା ହୋଇଥାଏ । ଏହି ସେବା ବୃତ୍ତିରେ କୌଣସି ପ୍ରକାର ସ୍ୱାର୍ଥ ନଥାଏ । ପତି ଭକ୍ତି ହେଉଛି ତାହାର ଧାର୍ମିକ କର୍ତ୍ତବ୍ୟ । ସେ ଆପଣାର ଶୀଳ ଓ ସଦାଗୃହକୁ ନିରନ୍ତର ସଂରକ୍ଷଣ କରିଥାଏ । ଆପଣା ସଦାଗୃହରେ କଳଙ୍କ ରହିବାର ସମ୍ଭାବନାପୂର୍ଣ୍ଣ କୌଣସି କାର୍ଯ୍ୟ ସେ କରେ ନାହିଁ । ସେ ଆର୍ଜବ ଗୁଣକୁ ରକ୍ଷା କରିବା ସଙ୍ଗେ ସଙ୍ଗେ କ୍ଷମା କରିଥାଏ (୧୯) । ପୁନଶ୍ଚ ତାଙ୍କ ଅନୁଯାୟୀ ପ୍ରିୟତମ ଅହିତକର କାର୍ଯ୍ୟ କରୁଥିବା ଜାଣିକରି ମଧ୍ୟ ତାହା ପ୍ରତି ରୁଷ୍ଟ ନ ହୋଇ

(୧୯) ଭର୍ତ୍ତୁଃ ଶୁଶ୍ରୂଷାଶୀଳ-ସଂରକ୍ଷଣ ମାର୍ଜବ କ୍ଷମା ଚେତ
—ରସ ମଞ୍ଜରୀ, ପୃ-୧୨



Digitized by srujanika@gmail.com

ପ୍ରତି ବଦଳରେ ତାହାର ହିତ ଗୃହ୍ନିଥିବା ନାୟିକା ହେଉଛନ୍ତି ଉତ୍ତମା (୨୦)। ଏହାର ସମସ୍ତ ଚେଷ୍ଟା ମଧ୍ୟ ଉତ୍ତମ ହୋଇଥାଏ। ରସାର୍ଣ୍ଣବକାର କହିଛନ୍ତି— ପ୍ରିୟ ଅପ୍ରିୟ ଆଚରଣ କରି ଚାଲିଥାଏ। କିନ୍ତୁ ସେ ପ୍ରିୟ ପ୍ରତି ଉତ୍ତମ ଆଚରଣ କରିଥାଏ। ଉତ୍ତମା ନାୟିକା ପ୍ରିୟର ଅପରାଧକୁ ଜାଣିକରି ଆଲୋଚନା ନ କରି ଚୁପ୍‌ଚାପ୍ ରହିଯାଏ (୨୧)। ଭାନୁଦତ୍ତ ଉତ୍ତମା ନାୟିକାର ଏକ ଉଦାହରଣ ଦେଇଛନ୍ତି—ଅପର ନାୟିକାର ଗାଢ଼ ଆଲିଙ୍ଗନଦ୍ୱାରା ବକ୍ଷକୁ ଚର୍ଚ୍ଚିତ କରି ନାୟକ ଶଯ୍ୟା ନିକଟରେ ପହଞ୍ଚିଛି କିନ୍ତୁ ନାୟିକା ପ୍ରସନ୍ନା ହୋଇ ପ୍ରିୟକୁ ଅମୃତ ବଚନ ଦ୍ୱାରା ପରିତୃପ୍ତ କରିଛି। ସେ ଚନ୍ଦନାଦି ଦ୍ୱାରା ନାୟକକୁ ଚର୍ଚ୍ଚିତ କରି ଆପଣାର ସ୍ମିତ ହାସ ଓ ବିକଶିତ ନେତ୍ର ବିଭ୍ରମ ସହ କମଳ ପୃଷ୍ପ ଦ୍ୱାରା ଅର୍ଚ୍ଚନ କରିଛି (୨୨)। ଏଠାରେ ନାୟକ ଅପର ନାୟିକା ସହ ଲିପ୍ତ ଥିବାରୁ ରୋଷ ପ୍ରକାଶ ପାଇଁ ଯଥେଷ୍ଟ କାରଣ ଥିଲେ ମଧ୍ୟ ନାୟିକା ଉତ୍ତମା ହୋଇଥିବାରୁ କୋପ ପ୍ରକାଶ କରିନାହିଁ। ସେହିପରି ନରସିଂହ ସେଣଙ୍କ ନାୟିକାର ରୋଷ ପ୍ରକାଶ କରିବାର ପ୍ରଭୂତ କାରଣ ଥିବା ସତ୍ତ୍ୱେ ସେ ରୋଷ ପ୍ରକାଶ କରିନାହିଁ।

ପରବର୍ତ୍ତୀ ପର୍ଯ୍ୟାୟରୁ ଜଣାଯାଏ, ନାୟିକା ନାୟକକୁ ଦୋଷ ମୁକ୍ତ ନ କରି ବିଜ୍ଞପ୍ତା ନାୟିକା ପ୍ରତି ଦୋଷାରୋପ କରିବା ସଙ୍ଗେ ସଙ୍ଗେ ପ୍ରିୟତମ ସହ ପ୍ରୀତି ସମ୍ପର୍କରେ ଗର୍ବଭାବ ପ୍ରକାଶ କରିଥାଏ। ଭାନୁଦତ୍ତ ଆପଣା ପ୍ରିୟତମ ପ୍ରତି ପ୍ରେମ ଏବଂ ଆପଣାର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରୁଥିବା ନାୟିକାକୁ ବକ୍ରୋକ୍ତି ଗର୍ବିତା କହିବା ବେଳେ ଅନ୍ୟ କେତେକ ଆଚାର୍ଯ୍ୟ ବକ୍ରୋକ୍ତି ଗର୍ବିତାକୁ ଗର୍ବିତା ନାୟିକା ଆଖ୍ୟା ପ୍ରଦାନ

---

(୨୦) ଅହିତକାରିଣ୍ୟପି ପ୍ରିୟତମେ ହିତକାରିଣ୍ୟୁତ୍ତମା

—ତତ୍ରୈବ, ପୃ-୨୫୬

(୨୧) ବିଦ୍ୟଧତ୍ୟା ପ୍ରିୟଂ ପଚତ୍ୟା ସ୍ୱୟମାଚରନ୍ତି ପ୍ରିୟମ୍
ବଞ୍ଚିତେ ସାପ ରାଧେଽପି ତୂଷ୍ଣୀଂ ତିଷ୍ଠତି ସୋତ୍ତମା

—ରସାର୍ଣ୍ଣବ ସୁଧାକର

(୨୨) ରସ ମଞ୍ଜରୀ, ପୃ-୨୫୬



Digitized by srujanika@gmail.com

କରିଛନ୍ତି (୨୩) । ମତିରାମଙ୍କ ଅନୁଯାୟୀ ଏହି ଶ୍ରେଣୀୟ ନାୟିକା ହେଉଛନ୍ତି ପ୍ରେମ ଗର୍ବିତା ବା ସ୍ୱାଧୀନ ପତିକା (୨୪) । ନାୟିକା ଆପଣା ପ୍ରିୟତମ ପ୍ରତି ପ୍ରୀତିକୁ ନେଇ ଗର୍ବ କରିଥାଏ । କବି ନରସିଂହ ସେଣ ପ୍ରେମ ଗର୍ବିତାର ମନୋଭାବକୁ ଭ୍ରମର ଓ ମାଳତୀ ଫୁଲ ସହ ତୁଳନା କରିଛନ୍ତି (ଏହା ନାଏକା ପଞ୍ଚକରେ ବିଶେଷ ଭାବେ ଆଲୋଚିତ) । ତଥାପି ତାଙ୍କ ପୌଢ଼ା ନାୟିକା ମନେ କରନ୍ତି ଯେ ନାୟକ ଯେତେ ଯାହା ହେଲେ ମଧ୍ୟ ତାହାକୁ ତ୍ୟାଗ କରି ଅନ୍ୟ ନାୟିକା ପ୍ରତି ସାମୟିକ ଭାବେ ଆସକ୍ତ ହୋଇପାରନ୍ତି । ସେହି ନାୟିକା ପ୍ରତି ପ୍ରୀତି ଚିରସ୍ଥାୟୀ ହେଉ ନଥିବାରୁ ସେହି ନାୟିକା ଲଜ୍ଜାପାଇ ତାହାର ପ୍ରିୟକୁ ତ୍ୟାଗ ନ କରିବାରୁ ସେ ନିର୍ଲଜ୍ଜା ବା ଗୁଆଂଶ ଅଟେ ।

ଅତି କଠିନ ଭଲ ନୁହଇ ଅତି ହିଂ କୋମଳ ମନ୍ଦ
ଚତୁର ପୁରୁଷ ହୃଦୟ ଜାଣିମା ହେନଥିବ ଦୁଇ ଛନ୍ଦ
କାନ୍ତକୁ ଯେସନେ ବଶ କରିପାରି ଏସନ ସଂସାର ରୀତି
କୁଚ କଠିଣ ଦେହ କୋମଳେ ବଶ୍ୟ କରନ୍ତି ଯୁବତୀ ।୩।

'କଠିନ' ଓ 'କୋମଳ' ଶବ୍ଦ ଦୁଇଟି ଏଠାରେ ମାନ ଓ ପ୍ରଗଲ୍‌ଭତା ନିମନ୍ତେ ପ୍ରୟୋଗ ହୋଇଥିବା ମନେହୁଏ । ନାୟିକା ଅତିଶୟ ମାନବତୀ ବା ଅତିଶୟ ପ୍ରଗଲ୍‌ଭା ହେଲେ ତାହା ନାୟକକୁ ଆନନ୍ଦ ପ୍ରଦ ହୁଏ ନାହିଁ । ଚତୁର ବା ରସିକ ପୁରୁଷର ହୃଦୟକୁ ବୁଝିବା ଅତ୍ୟନ୍ତ ଦୁରୂହ ବ୍ୟାପାର । ନାୟିକା ଅତିଶୟ ମାନବତୀ ହେଲେ ରସାଭାସର ସୂଚନା ମିଳିବା ସଙ୍ଗେ ସଙ୍ଗେ ନାୟକ ମନରୁ ତାହା ପ୍ରତି ସମସ୍ତ ଆକର୍ଷଣ ଲୋପ ପାଏ । ପୁଣି ନାୟିକା ଯଦି ଅତିଶୟ ପ୍ରଗଲ୍‌ଭା ହୁଏ ରସ ଗ୍ରହଣ ମାଧୁର୍ଯ୍ୟ ଲୋପ ହୁଏ ।

ଯେଉଁ ନାୟିକାର ରୂପ ଗୁଣରେ ମୁଗ୍‌ଧ ହୋଇ ନାୟକ ସର୍ବଦା ତାହାର ଅଧୀନ ହୋଇ ରହିଥାଏ ତାହାକୁ ସ୍ୱାଧୀନ ପତିକା କୁହାଯାଇ-

---

(୨୩) ଛର୍ଷେବ, ପୃ-୧୨୨
(୨୪) ରସରାଜ, ପୃ-୯୯



Digitized by srujanika@gmail.com

ଥାଏ (୨୫) । ଏଠାରେ କବି ସ୍ୱତନ୍ତ୍ର ଭାବେ ନାୟିକାର ରୂପ ଗୁଣ କହି ନ ଥିଲେ ହେଁ ତାହାର କାନ୍ତକୁ ବଶୀଭୂତ କରିବା ପ୍ରୟୋଗରୁ ନାୟିକାର ରୂପ ଗୁଣରେ ଯେ ନାୟକ ସନ୍ତୁଷ୍ଟ ତାହା ଅନୁମାନ କରିବାରେ କୌଣସି ଅସୁବିଧା ହୁଏ ନାହିଁ । ପୁନଶ୍ଚ ନାୟକ ଯେ କେବଳ ନାୟିକାର ରୂପ ଗୁଣରେ ସନ୍ତୁଷ୍ଟ ହୁଏ ତାହା ନୁହେଁ ପ୍ରିୟାକୁ ଭଲ ଲଗୁଥିବା କାମ ସବୁ କରିଥାଏ । ତେଣୁ ଏହି ନାୟିକାର ନାୟକ ଏକାନ୍ତ ଭାବରେ 'ଅନୁକୂଳ' ହେବାରେ କୌଣସି ବିରୋଧତା ନାହିଁ (୨୬) । ଭାନୁଦତ୍ତ ସ୍ୱାଧୀନ ପତିକା ନାୟିକାର ଲକ୍ଷଣରେ କହିଛନ୍ତି ଯେ ସେ ପ୍ରିୟାର ଅଭିପ୍ରାୟ ଜାଣି ଆଚରଣ କରିଥାଏ (୨୭) ।

ପୂର୍ବରୁ କବି ପ୍ରୀତି ସମ୍ପର୍କରେ 'କଠିନ' ଓ 'କୋମଳ' ଅଭୀତ-କାରକ କହିଥିଲେ ହେଁ ଏଠାରେ କଠିଣ କୁଚ ଓ କୋମଳ ଶରୀର ନାୟକକୁ ବଶୀଭୂତ କରିବାରେ ଏକାନ୍ତ ଉପଯୋଗୀ ତାହା ଦର୍ଶାଇଛନ୍ତି । ନାରୀର କଠିଣ କୁଚ ଓ କୋମଳ ଶରୀର ପୁରୁଷର ହୃଦୟକୁ ଜୟ କରିଥାଏ । ଗୀତ ଗୋବିନ୍ଦର ସଖୀ ଉକ୍ତି ଅନୁଯାୟୀ ରାଧାଙ୍କ ଶରୀରର କୁଚର କଠିଣତା ଶ୍ରୀକୃଷ୍ଣଙ୍କୁ ବଶୀଭୂତ କରିପାରିଥିଲା (୨୮) । ପୁଣି ଗାଥା ସପ୍ତଶତୀ ଅନୁଯାୟୀ

---

(୨୫) ସଦା ରୂପ-ଗୁନ ରୀଝି ପିୟ ଜାକେ ରହେ ଅଧୀନ
ସ୍ୱାଧୀନ ପତିକା ତିହେ ବରନତ କବି ପରବୀନ
—ରସରାଜ/୧୫୮

(୨୬) ତତ୍ରୈବ, ପୃ-୯୯

(୨୭) ଆସନ୍ନାୟତ୍ତ ରମଣୀ ହୃଷ୍ଟା ସ୍ୱାଧୀନ ଭର୍ତ୍ତୃକା
—ରସ ମଞ୍ଜରୀ

(୨୮) ଏ-ତୋହର ସଘନ କଠିନ କୁଚ ଦୁଇ
ହୃଦେ ଭିଡ଼ ପରିରମ୍ଭ ସୁଧା ରସ ପାଇ ଗୋ
ସଧୀରେ ପବନ ବହେ ଯମୁନାର ତଟେ
ବସିଛନ୍ତି ବନମାଳୀ ରହିଂ ତୋତେ ବାଟେ ଗୋ
—ଗୀତ ଗୋବିନ୍ଦ (ଅନୁବାଦ), ପୃ-୪୪



Digitized by srujanika@gmail.com

ତରୁଣୀ ମାନ ରଙ୍ଗର କାଞ୍ଚୁଲି ଉଡ଼ ପିନ୍ଧିଥିଲେ ହେଁ ଦୁଇ ଅଙ୍ଗୁଳି ପରିମିତ ଶୂନ୍ୟ ସ୍ଥାନରେ ତାହାର ସ୍ତନର ଈଷଦାଂଶ ଦୃଶ୍ୟ ହେଉଛି । ଏଥିରୁ ତାହାର ସ୍ତନର କଠିନତା ସୂଚିତ । ତରୁଣୀଟି ଯୁବା ଜନମାନଙ୍କୁ ସ୍ତନର ଦୃଢ଼ତା ପ୍ରଦର୍ଶନ କରି ପ୍ରମାଣ କରିବାକୁ ଚାହେଁ ତାର ଯୌବନ ଅକ୍ଷୁର୍ଣ୍ଣ ରହିଛି । ଏହି ଦୃଶ୍ୟ ପୁରୁଷ ମନକୁ ଆକର୍ଷଣ କରିବା ପାଇଁ ଯଥେଷ୍ଟ (୨୯) । ଦଶ ରୂପକର ଏକ ଉଦାହରଣରେ କୋମଳାଙ୍ଗୀ ସୁନ୍ଦରୀର କୁଚଦ୍ୱୟକୁ ଦେଖି ଯୁବକ ମସ୍ତକ ହଲାଇବାକୁ ଲାଗିଛି ଏବଂ ଜୋର ଜବରଦସ୍ତ କରି ତାହାର ଦୃଷ୍ଟିକୁ ସୁନ୍ଦରୀର ବକ୍ଷ ଦେଶରୁ ଫେରାଇ ଆଣିଛି (୩୦) । ଏଥିରୁ ଅନୁମାନ କରାଯାଇ ପାରେ ଯେ ନାୟିକାର କୋମଳ ଶରୀର ଏବଂ କୁଚର ବିସ୍ତାର ଭାର ଓ କାଠିନ୍ୟକୁ ଲକ୍ଷ୍ୟକରି ଯୁବକ ତାହାକୁ ଆଲିଙ୍ଗନ ଯୋଗ୍ୟ ମନେ କରିଛି । କେବଳ ନାୟିକାର କୋମଳ ଶରୀର ନୁହେଁ କୋମଳ ଅଧର ମଧ୍ୟ ନାୟକକୁ ବଶୀଭୂତ କରିଥାଏ (୩୧) । ମତିରାମଙ୍କ ଅନୁଯାୟୀ—ନାୟିକାର ସୁଧା ସଦୃଶ ମଧୁର ଅଧର ପ୍ରିୟ ହୃଦୟକୁ ବନ୍ଧନ କରେ । ଅବଶ୍ୟ ମତିରାମ ଅଧରର କୋମଳତାକୁ କେବଳ ଗ୍ରହଣ ନ କରି ଏହା ସହିତ ରକ୍ତିମା, ମଧୁରିମା ଏବଂ ସମ୍ମୋହକ ସୁଗନ୍ଧ ଗୁଣକୁ ଗ୍ରହଣ କରିଛନ୍ତି । ଏହି ଗୁଣଯୁକ୍ତ ଅଧର ବନ୍ଧୁର ଜୀବ (ଜୀବନ)କୁ ବନ୍ଧନ କରିଥାଏ । ଏଠାରେ ନରସିଂହ

---

(୨୯) ଦୋ ଅଙ୍ଗୁଲଅ-କବାଲଅ-ପିଣଦ୍ଧ-ସବସେସ-ଣୀଲ-କଞ୍ଚୁଇଆ
ଦାବେଇ ଥଣ-ଉ୍ଥଲ-ବଟ୍ଟିଅଂ ବ ତରୁଣୀ ଜୁଅ-ଜଣାଣଂ
—ଗାଥା ସପ୍ତଶତୀ, ୭/୨୦

(୩୦) ସ୍ତନାବାଲୋକ୍ୟ ତନ୍ୱଙ୍ଗ୍ୟା ଶିରଃ କମ୍ପୟତେ ଯୁବା
ତୟୋରନ୍ତର ନିର୍ମଗ୍ନା ... ଦୃଷ୍ଟିମୁତ୍ପାଟୟନ୍ନିବ
—ଦଶ ରୂପକ, ପୃ-୧୭୦

୩୧) ସୁଧା-ମଧୁର ତେରେ ଅଧର ସୁନ୍ଦର ସୁମନ ସୁଗନ୍ଧ
ପୀୟ ଜୀବ କୋ ବନ୍ଧ ପୃଥ, ବନ୍ଧୁ ଜୀବ କୋ ବନ୍ଧ
—ରସରାଜ/୧୮୪



Digitized by srujanika@gmail.com

ସେଣଙ୍କ ବର୍ଣ୍ଣ କରିବା ଓ ମତିରାମଙ୍କ ବର୍ଣ୍ଣନ କରିବା ପ୍ରୟୋଗରେ କୌଣସି ପାର୍ଥକ୍ୟ ଜଣାଯାଏ ନାହିଁ । ମତିରାମଙ୍କ ଅନୁଯାୟୀ ଉପରୋକ୍ତ ନାୟିକା ହେଉଛନ୍ତି ପ୍ରୌଢ଼ା ସ୍ୱାଧୀନ ପତିକା ।

ତନୁ ପୁଲକିତ ବିପରୀତ ରତିକାଳେ……
କାନ୍ତର ଉପରେ ନିଶ୍ୱାସ ପଡ଼ୁଥିବ ବସିବ ମୁଖ ମଣ୍ଡଳେ
ବିଷ୍ଣୁର ପାଦ ତୁଳସୀ ଜଳ ସୁଙ୍ଘିଂଥାଇ ଯେଉଁଜନ
ପ୍ରିୟାର ନାସା ମଧୁ ଗନ୍ଧକୁ ତାହାର ନାସା ଘର୍ଜନ ।୮।

ଉକ୍ତ ପଦରେ କବି ବିପରୀତ ରତି କାଳର ଦୃଶ୍ୟକୁ ସ୍ମରଣ କରିଛନ୍ତି । ବିପରୀତ ସମୟରେ ନାୟିକା ନାସା ନିର୍ଗତ ନିଶ୍ୱାସର ସ୍ପର୍ଶ ନାୟକର ଶରୀରରେ ପୁଲକ ଜାତ କରିଥାଏ । ପ୍ରିୟ ମୁଖମଣ୍ଡଳ ପ୍ରିୟା ନିଶ୍ୱାସ ସ୍ପର୍ଶରେ ପ୍ରସନ୍ନ ହୁଏ । ବିପରୀତ ଦୃଶ୍ୟରୁ ନାୟିକାକୁ ରତି କେଳି ପଣ୍ଡିତା ଭାବେ ଗ୍ରହଣ କରାଯାଇପାରେ । କିନ୍ତୁ ବିପରୀତ କାଳର ନାୟିକା ନାସା ନିର୍ଗତ ନିଶ୍ୱାସକୁ କବି ଲୌକିକ ସ୍ତରରୁ ବିଗ୍ଭର ନକରି ତାହାକୁ ବହୁ ଉର୍ଦ୍ଧ୍ୱ ସ୍ତରକୁ ଉନ୍ନୀତ କରିଛନ୍ତି । ତାଙ୍କ ଅନୁଯାୟୀ ଯେଉଁ ବ୍ୟକ୍ତି ବିଷ୍ଣୁ ପାଦଯୁକ୍ତ ତୁଳସୀ ଜଳ ବା ପାଦୋଦକକୁ ଆଘ୍ରାଣ କରିଥାଏ ତାହାର ନାସା ପ୍ରିୟା ନାସାର ମଧୁଗନ୍ଧକୁ ଆଘ୍ରାଣ କରିବାକୁ ଯୋଗ୍ୟ । ବିଷ୍ଣୁ ବା ଭଗବାନଙ୍କ ଚରଣସ୍ଥିତ ତୁଳସୀର ମହିମା ଅସୀମ । ଶ୍ରୀମଦ୍ ଭାଗବତରେ ବ୍ରହ୍ମାନନ୍ଦରେ ନିମଗ୍ନ ଚତୁଃସନ ଭଗବାନଙ୍କ ଚରଣ ସଂଲଗ୍ନ ତୁଳସୀର ଗନ୍ଧାମୋଦ ନିକଟରେ ବ୍ରହ୍ମାନନ୍ଦ ଓ ମୋକ୍ଷ ପ୍ରଭୃତି ତୁଚ୍ଛ ଭାବରେ ଘୋଷଣା କରା ଯାଇଛି (୩୨) । କବି ପ୍ରିୟା ନାସା ମଧୁଗନ୍ଧକୁ ବିଷ୍ଣୁ ପାଦ ତୁଳସୀ ସହ ସ୍ମରଣ କରିଥିବାରୁ ନାୟିକାକୁ ଭଗବାନ ବା ମୋକ୍ଷଦାୟିନୀ ପରଂବ୍ରହ୍ମ ରୂପେ ଗ୍ରହଣ କରିଥିବା ମନେହୁଏ ।

---

(୩୨) ଶ୍ରୀମଦ୍ ଭାଗବତ ୩/୧୫/୮-୪୯



Digitized by srujanika@gmail.com

ବହୁତ କଥା କହିବ ନାହିଁ ବସିଥିଲେ କାନ୍ତକୋଳେ
ମଧୁର   କୋମଳ   କଞ୍ଚିତ   ହସିବ ରତି ସଙ୍ଗରେ ବେଳେ
ପିକ କୁଳେ ପୂର୍ଣ୍ଣ ଅଧିକ ଅଛି ସେ ପୂର୍ଣ ବସନ୍ତେ ଭଷ୍ଟେ
ବହୁତ କହିଲେ କେ ସୁଖ ବୁଝଇ ଅଙ୍ଗ ଯେସନ ଉଲ୍ଲାସେ ।୫।

ସମ୍ଭୋଗ କାଳରେ ନାୟିକା ବହୁତ କହି ପ୍ରଗଳଭା ନ ହେବାକୁ କବି ଉପଦେଶ ଦେଇଛନ୍ତି । ସମ୍ଭୋଗ ନାୟକ ଓ ନାୟିକା ଉଭୟଙ୍କ ପକ୍ଷରେ ଅନୁଭବର ବସ୍ତୁ । ବହୁ କଥୋପକଥନ କରିବା ଦ୍ୱାରା ଉଭୟଙ୍କ ରସ ଗ୍ରହଣ ବାଧା ପ୍ରାପ୍ତ ହୁଏ । ହୁଏତ ବହୁ କଥାବାର୍ତ୍ତା ହେତୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ମନୋମାଳିନ୍ୟ ଘଟିପାରେ । କେବଳ ବହୁତ କଥାବାର୍ତ୍ତା ନୁହେଁ ବହୁତ ହସ ବା ଅଟ୍ଟହାସ୍ୟ ନାୟିକା ପ୍ରକାଶ କରିବାକୁ ବାରଣ କରିଛନ୍ତି । ସମ୍ଭୋଗ ସମୟରେ ନାୟିକା ମଧୁର କୋମଳ ଭାବରେ କଞ୍ଚିତ ହାସ୍ୟ ପ୍ରକାଶ କରିବାକୁ କବି ପରାମର୍ଶ ଦେଇଛନ୍ତି । ଅଳଙ୍କାର ଶାସ୍ତ୍ରରେ ମଧୁର କୋମଳ କଞ୍ଚିତ ହାସ୍ୟକୁ ସ୍ମିତ କୁହାଯାଇଛି (୩୩) । କବି ନାୟିକାର ବହୁତ କଥା ଓ ବହୁତ ହାସ୍ୟକୁ ପିକ ବଚନ ସହ ତୁଳନା କରିଛନ୍ତି । ସାଧାରଣତଃ ବସନ୍ତ କାଳରେ କୋକିଳ ରବ କରିଥାଏ । ଏହା ସାମୟିକ ଭାବରେ ହେଲେ ମନୁଷ୍ୟକୁ ଆନନ୍ଦ ଦାନ କରେ କିନ୍ତୁ ଅହରହ ପିକବାଣୀ ଶ୍ରବଣ ବିରକ୍ତିକର ହୁଏ । ସେହିପରି ନାୟିକାର ହାସ ଓ ବାଣୀ ନାୟକକୁ ଆନନ୍ଦପ୍ରଦ ହେଲେହେଁ ସମ୍ଭୋଗ କାଳରେ ଏହାର ଅପବ୍ୟବହାର ନାୟକର ରସଭଙ୍ଗ କରିଥାଏ ।

## ୧୭.  ସମ୍ଭୋଗ ପଞ୍ଚକ

ଚୁମ୍ବନ ଆଲିଙ୍ଗନ କର୍ମେ କାମେମା ଶରୀର ପୁଲକ ହିତେ
ନୟନ ମୁକୁଳ ହୋଏ ଚୁମ୍ବନ ଦରଜ ଦନ୍ତର ଘାତେ
ଗାଢ଼ ଆଲିଙ୍ଗନେ ବୁଡଇ ଜ୍ଞାନ ଅଧର ମଧୁର ପାନେ
ଘାବ ଧରିବାରେ ଶୀତକାର କରେ ଅନ୍ତର କାତର ମନେ ।୧।

(୩୩) ସାହିତ୍ୟ ଦର୍ପଣ, ପୃ-୨୪୩



Digitized by srujanika@gmail.com

ଉକ୍ତ ଅଂଶରେ ସମ୍ଭୋଗ ଲୀଳାର ବିଭିନ୍ନ ପର୍ଯ୍ୟାୟ ଯଥା ଚୁମ୍ବନ, ଆଲିଙ୍ଗନ, ଗାଢ଼ ଆଲିଙ୍ଗନ, ନଖଘାତ, ଦନ୍ତକ୍ଷତ, ଅଧରପାନ, ମାବ ଶୋଷଣ ସମ୍ପର୍କରେ ସୂଚନା ପ୍ରଦତ୍ତ । କାମସୂତ୍ର ଅନୁଯାୟୀ ସମ୍ଭୋଗ ଚଉଷଠି ପ୍ରକାର (୧) । ପୁଣି ବାଭ୍ରବ୍ୟ ଆଚାର୍ଯ୍ୟଙ୍କ ଶିଷ୍ୟ ଆଲିଙ୍ଗନ, ଚୁମ୍ବନ, ନଖଚ୍ଛେଦ, ଦନ୍ତଚ୍ଛେଦ, ସଂବେଶନ, ସୀତ୍କୃତ, ପୁରୁଷାୟିତ ଓ ଔପରିଷ୍ଟକ ଏହି ଆଠଗୋଟି ଅଙ୍ଗର ପ୍ରତ୍ୟେକକୁ ଆଠ ପ୍ରକାର ଭାବରେ ଚଉଷଠି ପ୍ରକାର ବିଭାଗୀକରଣ କରିଛନ୍ତି (୨) । ପୁଣି ସେହି ଗ୍ରନ୍ଥରେ କୁହାଯାଇଛି ଚୁମ୍ବନ, ନଖକ୍ଷତ ଓ ଦନ୍ତକ୍ଷତ ଏମାନଙ୍କ ମଧ୍ୟରେ ପୂର୍ବାପରକ୍ରମ ନାହିଁ କାରଣ ଏ ସମସ୍ତ ଅନୁରାଗ ବଶତଃ ହୋଇଥାଏ ତେବେ ଏତିକି ବିଶେଷତ୍ୱ ଯେ ସଂଯୋଗ ପୂର୍ବରୁ ଏ ସମସ୍ତ ପ୍ରଧାନ ଭାବେ ପ୍ରଯୁକ୍ତ ହୋଇଥାଏ ଏବଂ ପ୍ରହଣନ ଓ ସୀତ୍କୃତ ସଂଯୋଗ ସମୟରେ ଘଟିଥାଏ (୩) ।

କବିଙ୍କର ଉପରୋକ୍ତ ବର୍ଣ୍ଣନାରୁ ନାୟିକାର ବିଭିନ୍ନ ଭେଦକୁ ଉପଲବ୍ଧି କରିହୁଏ । ଚୁମ୍ବନ ଆଲିଙ୍ଗନରେ କମ୍ପିତ, ନୟନ ମୁକୁଳିତ ଓ ଅନ୍ତରରେ କାତର ପ୍ରୟୋଗରୁ ନାୟିକା ମନରେ ଭୟ ଓ ଲଜ୍ଜା ଭାବର ସୂଚନା ମିଳେ । ଭାନୁଦତ୍ତ ବିଶ୍ରବ୍ଧ ନବୋଢ଼ା ଉଦାହରଣ ପ୍ରସଙ୍ଗରେ ସମ୍ଭୋଗ ସମୟରେ ନାୟିକା ଶରୀରରେ ଚୁମ୍ବନ ଆଲିଙ୍ଗନରେ କମ୍ପ, ନୟନ ମୁକୁଳିତ ଏବଂ ମନରେ କାତର ହୋଇଥିବା ଦର୍ଶାଇଛନ୍ତି (୪) ।

---

(୧) ସଂପ୍ରୟୋଗାଙ୍ଗ ଚତୁଃଷଷ୍ଟିରିତ୍ୟାଚକ୍ଷତେ

—କାମ ସୂତ୍ରମ୍, ଦ୍ୱିତୀୟମଧିକରଣ, ୨/୧

(୨) ଆଲିଙ୍ଗନ ଚୁମ୍ବନ ନଖଚ୍ଛେଦ୍ୟ, ଦଶନ ଚ୍ଛେଦ୍ୟ-ସଂବେଶନ ସୀତ୍କୃତ୍ ପୁରୁଷାୟିତୌ ପରିଷ୍ଟକାନାମଷ୍ଟାନାମଷ୍ଟଧା ବିକଳ୍ପଭେଦାଦଷ୍ଟୌ ବିଷ୍ଟକା- ସ୍ତତ୍ତ୍ୱଷ୍ଟିରିତି —ତତ୍ରୈବ, ଦ୍ୱିତୀୟ ମଧିକରଣ, ୨/୪

(୩) ଚୁମ୍ବନ ନଖ ଦଶନ ଚ୍ଛେଦ୍ୟାନାଂ ନ ପୌର୍ବାପର୍ଯ୍ୟମସ୍ତି
ରାଗ ଯୋଗାତ୍ ପ୍ରାକ୍ ସଂଯୋଗା ଦେଷାଂ ପ୍ରାଧାନ୍ୟେନ ପ୍ରୟୋଗଃ
ପ୍ରହଣନ ସୀତ୍କୃତୟୋଶ୍ଚ ସଂପ୍ରୟୋଗେ

—ତତ୍ରୈବ, ଦ୍ୱିତୀୟ ମଧିକରଣ ୩/୧

(୪) ରସ ମଞ୍ଜରୀ, ପୃ–୩୨



Digitized by srujanika@gmail.com

ପୁଣି ରତି ପ୍ରୀତି ମତ ନାୟିକାର ଉଦାହରଣରେ ସେ କହନ୍ତି—ପ୍ରିୟ ପ୍ରେୟସୀର କୁଚ ମର୍ଦ୍ଦନ, ପ୍ରିୟା ମୁଖ ପ୍ରତି ଅନୁରାଗପୂର୍ଣ୍ଣ ଦୃଷ୍ଟି ବା ମୁଖାବଲୋକନ, ଗାଢ଼ ଆଲିଙ୍ଗନ, ଅଧରପାନ, ବସ୍ତ୍ରାପହରଣ, ଅଙ୍କୋପବେଶନ ଆଦି ସମ୍ଭୋଗର ବର୍ତ୍ତମାନ କାର୍ଯ୍ୟ କରିଥାଏ ଏବଂ ନାୟିକା ସେଥିରେ ଆନନ୍ଦ ଲାଭ କରେ (୫)। ନରସିଂହ ସେଣଙ୍କ ନାୟିକାର କମ୍ପ ଓ ଶୀତ୍କାର ପ୍ରୟୋଗରୁ ନାୟିକା ଆନନ୍ଦ ଲାଭ କରୁଥିବା ଅନୁମେୟ। ତାହାର କମ୍ପ ଓ ଶୀତ୍କାରକୁ ଅଷ୍ଟ ସାତ୍ତ୍ୱିକ ବିକାର ମଧ୍ୟରୁ କମ୍ପ ଓ ରୋମାଞ୍ଚ ଭାବେ ଗ୍ରହଣ କରାଯାଇ ପାରେ।

ଚେଷ୍ଟା ଭେଦରେ ପ୍ରଗଲ୍‌ଭା ନାୟିକାକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ। ପ୍ରଥମ ଚେଷ୍ଟା ହେଉଛି ରତି ପ୍ରୀତି। ଏହି ଅବସ୍ଥାରେ ନାୟିକା ରତି ବା ସମ୍ଭୋଗାବସ୍ଥାରେ ଆନନ୍ଦ ଲାଭ ବା ସୁଖାନୁଭବ କରେ। ମାତ୍ର ଦ୍ୱିତୀୟ ଚେଷ୍ଟା ହେଉଛି ଆନନ୍ଦ ସମ୍ମୋହ। ଏହି ଅବସ୍ଥାରେ ନାୟିକା ଆନନ୍ଦ ଲାଭରେ ସମ୍ମୋହ ବା ମୂର୍ଚ୍ଛା ପ୍ରାପ୍ତ ହୋଇଥାଏ (୬)। ଏହି ଅବସ୍ଥାରେ ନାୟିକାକୁ ଆନନ୍ଦ ସମ୍ମୋହବତୀ କୁହାଯାଇଥାଏ। ନରସିଂହ ସେଣଙ୍କ 'ଗାଢ଼ ଆଲିଙ୍ଗନେ ବୁଡ଼ଇ ଜ୍ଞାନ' ପ୍ରୟୋଗରୁ ନାୟିକା ଅଚେତ ଅବସ୍ଥା ବା ମୂର୍ଚ୍ଛା ଲାଭ କରୁଥିବା ଜଣାଯାଏ। ତେଣୁ ତାଙ୍କ ନାୟିକା ହେଉଛି ଆନନ୍ଦ ସମ୍ମୋହବତୀ। ଶୃଙ୍ଗାର ମଞ୍ଜରୀକାର ଆନନ୍ଦ ସମ୍ମୋହବତୀକୁ 'ରତ୍ୟାନନ୍ଦ ପରବଶା' ଆଖ୍ୟାତ କରନ୍ତି (୭)।

ଭାନୁଦତ୍ତଙ୍କ ଅନୁଯାୟୀ ସଂଯୋଗାବସ୍ଥାରେ ପ୍ରେମୀଯୁଗଳ ଦର୍ଶନ, ସ୍ପର୍ଶନ, ସଳାପ ଆଦି ଦ୍ୱାରା ଅନୁଭୂୟମାନ ସୁଖଲାଭ କରିଥାନ୍ତି। ପରସ୍ପର ସଂଯୋଗରେ ଉତ୍ପନ୍ନ ଆନନ୍ଦକୁ ସମ୍ଭୋଗ ଶୃଙ୍ଗାର କୁହାଯାଇଥାଏ (୮)।

---

(୫) ତଦେବ, ପୃ-୪୩

(୬) ତଦେବ, ପୃ-୪୦

(୭) ତଦେବ, ପୃ-୪୦

(୮) ତତ୍ର ଦର୍ଶନ ସ୍ପର୍ଶନ ସଳାପାଦି ଭିରତରେ ତର ମନୁଭୂୟମାନଂ ସୁଖଂ ପରସ୍ପର ସଂଯୋଗୋ ନୋପ୍ତଦ୍ୟମାନ ଆନନ୍ଦୋ ବା ସମ୍ଭୋଗଃ-



Digitized by srujanika@gmail.com

ମଣ୍ଡଗମ ଏହାକୁ ସଂଯୋଗ ଶୃଙ୍ଗାର କହିଛନ୍ତି । ତାଙ୍କ ଅନୁଯାୟୀ ନାୟକ ନାୟିକା ପ୍ରସନ୍ନ ହୋଇ ରସ ସାଗରରେ ଅବଗାହନ କରିଥାନ୍ତି ତାହାକୁ ସଂଯୋଗ ଶୃଙ୍ଗାର କୁହାଯାଏ (୯) । କବି ନରସିଂହ ସେଣଙ୍କ ପ୍ରଥମ ପଦର ଛଡ଼ନ୍ଦ ପଂକ୍ତିକୁ ନିମ୍ନଭାବେ ପରୀକ୍ଷା କରି ଯାଇପାରେ—

ଗାଥା ସପ୍ତଶତୀର ଏକ ସ୍ଥଳରେ ନାୟକ ନାୟିକାର ଅଧର ଚୁମ୍ବନ କରିବାକ୍ଷଣି ନାୟିକା ଆପଣା ଶିରକୁ କମ୍ପାଇ ଦେଇଛି (୧୦) । ବିଦ୍ୟାପତିଙ୍କ କାହ୍ନୁ ନୀବିବନ୍ଧ ନ ଖୋଲି ରାଧାଙ୍କୁ ଆଲିଙ୍ଗନ କରିଛନ୍ତି । ସେହି ସମୟରେ କୃଷ୍ଣଙ୍କର କର ରାଧାଙ୍କ କୁଚକୁ ସ୍ପର୍ଶ କରିଛି । ସେଥିରେ ରାଧା ସ୍ଥିର ହୋଇ ନ ପାରି ଥର ଥର ହୋଇ କମ୍ପି ଉଠିଛନ୍ତି (୧୧) । ଏଣୁ ଚୁମ୍ବନ ଓ ଆଲିଙ୍ଗନରେ ନରସିଂହ ସେଣଙ୍କ ନାୟିକା କମ୍ପି ଉଠିଥିବାର ମୂଳସ୍ରୋତ ଭାବେ ଗାଥା ସପ୍ତଶତୀ ଓ ବିଦ୍ୟାପତି ପଦାବଳୀକୁ ଗ୍ରହଣ କରାଯାଇ ପାରେ ।

ସମ୍ଭୋଗ ସମୟରେ ନାରୀ ନେତ୍ର ମୁଦ୍ରିତ କରିବା ପ୍ରସଙ୍ଗରେ ଗାଥା ସପ୍ତଶତୀରେ କୁହାଯାଇଛି—ରତି କାଳରେ ମହିଳାମାନଙ୍କର ବିଳାସ ସେହି

---

(୯) ପ୍ରମୁଦିତ ନାୟକ-ନାୟିକା ଜହାଂ ମିଳାପ ମେଂ ହୋତ
ସୋ ସଂଯୋଗ-ସିଂଗାର କହି ବରନତ ସୁମତି ଉଦୋତ
—ରସରାଜ/୩୮୪

(୧୦) ଭରିମୋ ସେ ଗହିଆହରିଧୂଅସୀସ ପହୋଲିରାଲ ଆଉଲିଅଂ
—ଗାଥା ସପ୍ତଶତୀ

(୧୧) ଆଲିଙ୍ଗଏ ନୀବିବନ୍ଧ ବିନୁ ଖୋଲି
କର କୁଚ ପରଶ ସେହି ଭେଲ ଥୋରି
× × ×
ଥିର ନହି ହୋଇଅ ଥର ଥର କାଁପ
—ବିଦ୍ୟାପତି ପଦାବଳୀ, ପୃ-୪୯,୫୦



Digitized by srujanika@gmail.com

ପର୍ଯ୍ୟନ୍ତ ଶୋଭା ପାଉଥାଏ, ଯେଉଁ ପର୍ଯ୍ୟନ୍ତ ସେମାନଙ୍କର ନୀଳ କମଳ ପରି ନେତ୍ର ମୁକୁଳିତ ବା ମୁଦ୍ରିତ ହୋଇ ନଥାଏ (୧୨) । ଆଚାର୍ଯ୍ୟ ଧନଞ୍ଜୟ ଏହାକୁ ମଧ୍ୟା ନାୟିକାର ସମ୍ଭୋଗ କାଳୀନ ଲକ୍ଷଣ ରୂପେ ଗ୍ରହଣ କରିଛନ୍ତି (୧୩) । ନାଗର ସର୍ବସ୍ୱ ଗ୍ରନ୍ଥର ଏକ ଶ୍ଳୋକକୁ ବ୍ୟାଖ୍ୟା କରି ଟୀକାକାର ଗଙ୍ଗାଧର କହିଛନ୍ତି— ଯେ ପର୍ଯ୍ୟନ୍ତ ନାୟିକାର ନୟନ ମୁକୁଳିତ ହୋଇ ନଥାଏ ସେ ପର୍ଯ୍ୟନ୍ତ ଏହା କାମ ଶାସ୍ତ୍ରର ସିଦ୍ଧାନ୍ତ ଅନୁକୂଳ ନୁହେଁ କିମ୍ବା ପୁରୁଷଙ୍କର ନୁହେଁ (୧୪) । ଅନଙ୍ଗ ରଙ୍ଗରେ ସମ୍ଭୋଗ କାଳୀନ ନାରୀର ମୁକୁଳିତ ନୟନ ନାୟକକୁ ଅପାର ଆନନ୍ଦ ପ୍ରଦାନ କରୁଥିବା କୁହାଯାଇଛି (୧୫) ।

ବହୁଦିନର ବିଚ୍ଛେଦ ପରେ ନାୟକ ସହ ମିଳନ ଘଟିବାରୁ ନାୟିକା ଆନନ୍ଦାତିଶଯ୍ୟରେ ନାୟକକୁ ଦୃଢ଼ଭାବରେ କଣ୍ଠାଳିଙ୍ଗନ କରି

---

(୧୨) ତାବର୍ଚ୍ଚିଅ ରଇ-ସମଏ ମହିଳାଣଂ ବିବ୍ଭମା ବିରାଅନ୍ତି
ଜାବ ଣ କୁବଲଅ-ଦଲ-ସଚ୍ଛଆଇଁ ମଉଲେନ୍ତି ଣଅଣାଇଁ
—ଗାଥା ସପ୍ତଶତୀ, ୧/୫

(୧୩) ଦଶ ରୂପକ, ପୃ-୧୦୦

(୧୪) କ୍ରୋଧସ୍ମିତଂ ଚ କୁସୁମାଭରଣାଦିପୂର୍ବାବାତଦ୍ ବର୍ଜନଂ ଚ
ସହ ସୈବ ବିମର୍ଦ୍ଦନଂ ଚ
ଆକ୍ଷିପ୍ୟ କାନ୍ତ ବଚନଂ ଲପନଂ ସଖୀଭିଃ ନିଷ୍କାରଣୋଚ୍ଛ୍ୱସିତଂ
ଗତଂ ବଚଂ ବିଭ୍ରମଂ ତତ୍
—ନାଗର ସର୍ବସ୍ୱ

(୧୫) ନାରୀ ବିସୃଷ୍ଟ କୁସୁମେଷୁଜଳା ରୂପନ୍ତେ ନ ଚ୍ଛ୍ୟଂ
କରୋତି ବହୁବଲ୍ଗନ ବେଦନେ ଚ
କୈବଲ୍ୟମେତି ମୁକୁଳୀକୃତ ଗୁରୁନେତ୍ରା ଶକ୍ନୋତି ଯେ
କମପି ସୋଢ଼ୁମତି ପ୍ରୟାସମ୍
—ଅନଙ୍ଗ ରଙ୍ଗ, ପୃ-୩/୧୧



Digitized by srujanika@gmail.com

ଆନନ୍ଦରେ ଅଚେତ ହୋଇଥିବା ଦୃଶ୍ୟ ଗାଥା ସପ୍ତଶତୀରେ ଉପଲବ୍ଧ ହୁଏ (୧୬) । ବିଦ୍ୟାପତିଙ୍କ କାହ୍ନୁ ଆଲିଙ୍ଗନ କରିଥିବା ବେଳେ ରାଧା ଚେତନା ହରାଇଛନ୍ତି (୧୭) । ତେଣୁ ନରସିଂହ ସେନ ଯେଉଁ 'ଗାଢ଼ ଆଲିଙ୍ଗନେ ବୁଡ଼ିଲି ଜ୍ଞାନ' ପ୍ରୟୋଗ କରିଛନ୍ତି ତାହାକୁ ଗାଥା ସପ୍ତଶତୀ ଓ ବିଦ୍ୟାପତିପଦାବଳୀରୁ ଗ୍ରହଣ କରିଥିବା ଜଣାଯାଏ । କିନ୍ତୁ ଗାଥା ସପ୍ତଶତୀରେ ନାୟକ ନାୟିକାଙ୍କ ମିଳନ ଦୀର୍ଘ ବିଚ୍ଛେଦ ପରେ କୁହାଯାଇଥିବା ବେଳେ ନରସିଂହ ସେନ ତାହାର ସୂଚନା ପ୍ରଦାନ କରି ନାହାନ୍ତି ।

କାମ ଅନଙ୍ଗ ଭୂତ ଯଉବନ ମଦିରାରେ ରାମା ମତ୍ତ
କାମବାଣେ ରାମା ଅବଳା ହୋଇଲା ପୁଣ ହୋଏ ବଳବନ୍ତ
ଲାଜ ଛାଡ଼ି ରାମା ଉଦିତ ହୁଅଇ କରି ବିପରୀତ ରତି
କି କରଇ ରାମା ଜାଣଇ ନାହିଁ ମଦନ ଅନ୍ୟ ପ୍ରକୃତି । ୨ ।

ନାୟିକାକୁ କାମ ରୂପକ ଭୂତ ଗ୍ରାସ କରିବା ସଙ୍ଗେ ସଙ୍ଗେ ଯୌବନ ମଦିରା ପାନ କରି ନାୟିକା ଉନ୍ମତ୍ତ ହୋଇଉଠେ । କବିଙ୍କ ଅନୁଯାୟୀ ନାୟିକା ନାରୀ ବା ଅବଳା ହେଲେ ହେଁ କାମ ବାଣର ପ୍ରଭାବରେ ଅତ୍ୟନ୍ତ ବଳଶାଳିନୀ ହୁଏ । ଅର୍ଥାତ୍ ନାୟିକା ନିକଟରେ ଯୌବନ ଓ କାମଭାବ ପ୍ରବଳ ଭାବରେ ଦେଖାଦିଏ । ରସମଞ୍ଜରୀକାରଙ୍କ ଅନୁଯାୟୀ ସମ୍ଭୋଗ ହିଁ ପ୍ରଧାନ ଶୃଙ୍ଗାର । ଏଥିରେ କେବଳ ବିରହୀ ପ୍ରିୟ ଓ ବିରହିଣୀ ପ୍ରିୟା ମଧ୍ୟରେ ମିଳନ ସମ୍ଭବ ହୋଇ ପାରିଥାଏ । ଏଣୁ ମିଳନର ସ୍ଥିତି ବିରହ ଅପେକ୍ଷା ଶ୍ରେଷ୍ଠ (୧୮) । ପୁଣି ସେ ମଧ୍ୟ କୁହନ୍ତି କାମଭାବର ପ୍ରାଧାନ୍ୟ

---

(୧୬) ଦଢ଼-ମୂଳ-ବନ୍ଧ-ଗଣ୍ଠି ବ୍ୱ ମୋଇଆ କହିଁ ବି ତେଣ ମେ ବାହୂ ।
ଅହ୍ମେ ହିଁ ବି ତସ୍‌ସ ଉରେ ଖୁତ୍ତ ବ୍ୱ ସମୁକ୍‌ଖିଆଥଣିଆ !
—ଗାଥା ସପ୍ତଶତୀ, ୩/୬୭

(୧୭) ଚେତନ ହରଲ ଆଲିଙ୍ଗନ ବେଳା
—ବିଦ୍ୟାପତି ପଦାବଳୀ, ପୃ-୫୩

(୧୮) ରସ ମଞ୍ଜରୀ, ପୃ-୩୨୫



Digitized by srujanika@gmail.com

ଦେଖାଦେଲେ ଅର୍ଥାତ୍ ପତି ସହ କେଳି କ୍ରୀଡାରେ ନିସଂକୋଚ ଭାବ ପ୍ରକାଶ କଲେ ନାୟିକା ପ୍ରୌଢ଼ାବସ୍ଥାରେ ବା ପ୍ରଗଳ୍ଭା ସ୍ଥିତିରେ ଉପନୀତ ହୁଏ (୧୯)। ପ୍ରଗଳ୍ଭା ନାୟିକାର ସ୍ୱରୂପ ବିଶ୍ଳେଷଣ କରି ସେ କହନ୍ତି—ଯେଉଁ ନାୟିକା ଏକମାତ୍ର ଆପଣା ପତିକୁ ସମସ୍ତ କେଳି କଳାଦ୍ୱାରା ସନ୍ତୁଷ୍ଟ କରିଥାଏ ତାହାକୁ ପ୍ରଗଳ୍ଭା କୁହାଯାଏ (୨୦)। ପ୍ରଗଳ୍ଭା ନାୟିକା କାନ୍ତ ନିକଟରେ ଲଜ୍ଜା ତ୍ୟାଗ କରିଥାଏ। ଶୃଙ୍ଗାର ମଞ୍ଜରୀକାର କାମଭାବ ଦ୍ୱାରା ଲଜ୍ଜା ଉପରେ ଜୟ ଲାଭ କରିଥିବା ନାରୀକୁ ପ୍ରଗଳ୍ଭା ଆଖ୍ୟା ପ୍ରଦାନ କରିଛନ୍ତି (୨୧)।

ପରବର୍ତ୍ତୀ ପାଦ ଦ୍ୱୟରେ କବି ନାୟିକାର ଉଦ୍ଧତ ଭାବ ପ୍ରକାଶ କରିଛନ୍ତି। ଏଠାରେ ଉଦ୍ଧତର ଅର୍ଥ ବଚନ ବା ଆଚରଣରେ ଉଦ୍ଧତ ନୁହେଁ। ସମ୍ଭୋଗ ସମୟରେ ନାୟକ ନିକଟରେ ଲଜ୍ଜା ତ୍ୟାଗ। ନାୟିକା ନାୟକ ନିକଟରେ ଲଜ୍ଜାତ୍ୟାଗ କରି ବିପରୀତ ରତିରେ ପ୍ରବୃତ୍ତ ହୁଏ। ଆଚାର୍ଯ୍ୟ ଭାନୁଦତ୍ତ ସମ୍ଭୋଗାବସ୍ଥାର ଯେଉଁ ଉଦାହରଣ ପ୍ରଦାନ କରିଛନ୍ତି ତାହା ହେଉଛି ନାୟିକାର ବିପରୀତ ରତି ବର୍ଣ୍ଣନା। ସେଥିରେ ନାୟିକା ପୁରୁଷାୟିତ ହୋଇ ଉଦ୍ଧତ ଭାବ ପ୍ରକାଶ କରିଛି। ସେଥିରେ ନାୟିକାର କେଶ ମେଘ ପରି ଚଞ୍ଚଳ, ମୁଖ ଚନ୍ଦ୍ରମା ପରି ସ୍ଖଳିତ, କଣ୍ଠସ୍ୱର କପୋତର ହୁଂକାର ପରି, ଛିନ୍ନ ହୋଇଥିବା ମୁକ୍ତାମାଳାରୁ ବିକ୍ଷିପ୍ତ ହୋଇଥିବା ମୁକ୍ତାଗୁଡ଼ିକ ତାରାଗଣ ପରି ଏବଂ ତାହାର ତ୍ରିବଳୀ ରେଖା ଗଙ୍ଗାର ତରଙ୍ଗ ପରି ଶୋଭା ପାଉଛି। ଏହି ଅବସ୍ଥାରୁ ନାୟିକାର ଉଦ୍ଦାମତା ତଥା ଲଜ୍ଜାହୀନତା ଭାବକୁ ଲକ୍ଷ୍ୟ କରିହୁଏ। କବି ନରସିଂହ ସେନଙ୍କ ବର୍ଣ୍ଣନାରେ ମେଘ, ଚନ୍ଦ୍ରମା, କପୋତ, ତାରା, ଗଙ୍ଗା ଆଦି ଉପମାନ ପ୍ରୟୋଗ ହୋଇନଥିଲେ ମଧ୍ୟ ନାୟିକାର କାମ ଏବଂ ଲଜ୍ଜାହୀନ ଭାବକୁ ସ୍ପଷ୍ଟ ଭାବରେ ବାରିହୁଏ।

---

(୧୯) ତତ୍ରୈବ, ପୃ-୩୩

(୨୦) ପତିମାତ୍ର ବିଷୟକ କେଳି କଳାପ କୋବିଦା

—ତତ୍ରୈବ, ପୃ-୩୮

(୨୧) ମଦନା ବିକୃତ ପ୍ରଗଳ୍ଭା

—ଶୃଙ୍ଗାର ମଞ୍ଜରୀ



Digitized by srujanika@gmail.com

ଏଥିରୁ ନାୟିକା ଯେ ପ୍ରଗଲ୍‌ଭା ନିର୍ଣ୍ଣିତ ରୂପେ ଜାଣିହୁଏ । ବିପରୀତ ରତିର ବର୍ଣ୍ଣନା ଗୀତ ଗୋବିନ୍ଦ (୨୨), ଗାଥା ସପ୍ତଶତୀ (୨୩), ରସରାଜ (୨୪) ପ୍ରଭୃତି ଗ୍ରନ୍ଥରେ ପରିଦୃଷ୍ଟ ହୁଏ ।

କବି ନରସିଂହ ସେଣଙ୍କ ଅନୁଯାୟୀ ନାୟିକା ବିପରୀତ ରତି ସମୟରେ ଏପରି ଭାବରେ ଉନ୍ମତ୍ତ ହୋଇଥାଏ ଯେ ସେ ତାହାର ନିଜ ସତ୍ତାକୁ ବିସ୍ମୃତ ହୋଇଥାଏ । ସେ ନିଜେ କ'ଣ କରେ ତାହା ସେ ନିଜେ ଜାଣିପାରେ ନାହିଁ ।

ନଖକ୍ଷତ ହୋମ ପରଶ୍ୱ ଯତ୍ନଂ ଦଣ୍ଡ କର୍ଣ୍ଣକ ଜଘନ
...... ନିତମ୍ବ ମଣ୍ଡଳେ ରମା କାମ ଜୟ ସିଂହାସନ
ଅଭିଷେକ କାନ୍ତ କରେ ଯୁବତୀ କୁଚ କୁମ୍ଭ ସ୍ୱେଦ ଜଳେ
ଶୁଭ ଲଗ୍ନ ଯୋଗ କହଇ ମଦନ ଅନୁଆନ ଭାବ ଭୋଳେ ।୩।

ଉକ୍ତ ଅଂଶରେ କବି ସମ୍ଭୋଗକୁ ଏକ ଅଭିଷେକ ରୂପେ ଗ୍ରହଣ କରିଛନ୍ତି । ଅଭିଷେକ ସମୟରେ ଶୁଭଲଗ୍ନ, କୁମ୍ଭଜଳ ଓ ଯଜ୍ଞର ସମାବେଶ ଘଟିଥାଏ; ହୋମ ଏବଂ ଦଣ୍ଡ ଯଜ୍ଞର ଆନୁସଙ୍ଗିକ ସାମଗ୍ରୀ । ତେଣୁ କବିଙ୍କ ଅନୁଯାୟୀ ସମ୍ଭୋଗର ସମୟ ହେଉଛି ଶୁଭଲଗ୍ନ; ନାୟକର ନିତମ୍ବ ମଣ୍ଡଳ ନାୟିକାର ସିଂହାସନ ଓ ନାୟିକା କୁଚର ସ୍ୱେଦଜଳ ଅଭିଷେକର କୁମ୍ଭଜଳ; ନାୟିକା ଧାରଣ କରିଥିବା ନଖକ୍ଷତ ହୋମ ପ୍ରଶ୍ୱ ଏବଂ ତାହାର ଜଘନ ହେଉଛି ଦଣ୍ଡ । ଏହା ଅଭିଷେକ ହେଉଛି କାମ ଦେବତାର ଅଭିଷେକ । କବି ତାଙ୍କର ଅନ୍ୟ ଏକ କାବ୍ୟ 'ପରିମଳା'ରେ ସମ୍ଭୋଗକୁ ଯଜ୍ଞ ରୂପେ ପରିକଳ୍ପନା କରିଛନ୍ତି (୨୫) ।

---

(୨୨) ଗୀତ ଗୋବିନ୍ଦ, ୧୨/୧୩

(୨୩) ଗାଥା ସପ୍ତଶତୀ, ୫/୪୭ ଓ ୭/୧୪

(୨୪) ରସରାଜ/୩୪୫

(୨୫) ପରିମଳା, ପୃ-୧୧୮



Digitized by srujanika@gmail.com

କବି ଅମରୁକ ସାମ୍ଭୋଗରେ ଶବ୍ଦ ପ୍ରଦାନ କରି କହିଛନ୍ତି, ନାୟିକାର ବେନି ଉରୁ ରମ୍ଭା ତରୁ, ସ୍ତନଯୁଗ୍ମ ହେଉଛି ଲାବଣ୍ୟ ଜଳଭରା ସ୍ୱର୍ଣ୍ଣ କୁମ୍ଭ ଏବଂ ତାହାର କଟିଦେଶ ହେଉଛି ବେଦୀ ଏବଂ ଏହା କାମ ନରପତିର ଅଭିଷେକ ନିମନ୍ତେ ସଜ୍ଜିତ ହୋଇ ରହିଛି (୨୬) । ଚୌର ପଞ୍ଚାଶିକା ଗ୍ରନ୍ଥରେ ନାୟିକାର କୁଚ ଅମୃତପୂର୍ଣ୍ଣ ହୋଇଥିବା ଶବ୍ଦ ପ୍ରଦତ୍ତ (୨୭) । ନଖକ୍ଷତର ଏକ ବର୍ଣ୍ଣନା ଗାଥା ସପ୍ତଶତୀରେ ପରିଦୃଷ୍ଟ ହୁଏ (୨୮) । ଉକ୍ତ ଗ୍ରନ୍ଥର ଟୀକାକାର ନାୟିକାର ସ୍ତନପରେ ନଖଚିହ୍ନକୁ କାମଶାସ୍ତ୍ରରେ ବର୍ଣ୍ଣିତ 'ଶଶପ୍ଲୁତ'ର ଅନୁକୂଳ ରୂପେ ଗ୍ରହଣ କରିଛନ୍ତି (୨୯) ।

---

(୨୬) ଉରୁ ରମ୍ଭଂ ମୃଗ ଦୃଶଃ କଦଳସ୍ୟ କାଣ୍ଡୌ
ମଧ୍ୟଂଚ ବେଦିର ତୁଳଂ ସ୍ତନ ଯୁଗ୍ମ ମସ୍ୟାଃ
ଲାବଣ୍ୟ ବାରି ପରିପୂରିତ ଶାତ କୁମ୍ଭ
କୁମ୍ଭୌ ମନୋଜ ନୃପତେ ରଭି ଷେଚନାୟ
—ଅମରୁ ଶତକମ୍ /୧୦୦

(୨୭) ଅଦ୍ୟାପି ତାଂ ଦ୍ରପ୍ତେମୀ ମୃଗ ଶାବକାକ୍ଷୀଂ
ପିୟୂଷପୂର୍ଣ୍ଣ କୁଚକୁମ୍ଭ ଯୁଗଂ ବହନ୍ତୀମ୍
ଏହି ଶ୍ଳୋକର ବ୍ୟାଖ୍ୟାରେ କୁହାଯାଇଛି—
Large and round breasts are compared to (କୁମ୍ଭ) full of nectar; a poet says that this nectar excels the traditional one drunk by Gods in heaven, because that has to be actually swallowed, before one can have fresh life, while a mere touch of this କୁଚ କୁମ୍ଭ is sufficient to give a man full energy.
— Caurpansisika–P.9

(୨୮) ସହିଆହିଁ ଭଣ୍ଣମାଣା ଥଣଏ ଲଗ୍ଗଂ କୁସୁମ୍ଭ-ପୁଫ୍ଫଂତି ।
ମୁଦ୍ଧ-ବହୁଆ ହସିଜ୍ଜଇ ପପ୍ଫୋଡ଼ନ୍ତୀ ଣେବ-ବଆଇଂ ।
—ଗାଥା ସପ୍ତଶତୀ, ୨/୪୪

(୨୯) ଗାଥା ସପ୍ତଶତୀ(ଚୌଖମ୍ବା ପ୍ରକାଶନ) ବ୍ୟାଖ୍ୟା, ପୃ-୧୦୧



Digitized by srujanika@gmail.com

ବିଷୟ ତେଜି କୃଷ୍ଣରେ ଭଜ ଥିର କରିନରେ ମନ
ପରମାର୍ଥୀରେ ଚିତ୍ତ ବଳାଇ ଦୁଃଖ ସୁଖଇ ନ ଘେନ
ଯେଉଁନ ନାରୀ ଭାବ ବିଗ୍ରହ ଚିତ୍ତରେ ଚିତ୍ତ ବଳଇ
ଆଲିଙ୍ଗନ ସୁଖ ନଖଘାତ ଦୁଃଖ କିଛୁ ହିଁ ଜାଣଇ ନାହିଁ । ୪ ।

ପରିଶେଷରେ କବି ସଂସାରିକ ଜନମାନଙ୍କୁ ସ୍ଥିର ମନରେ ବିଷୟ ବାସନା ତ୍ୟାଗ କରି ଶ୍ରୀକୃଷ୍ଣ ଭଜନ କରିବା ନିମନ୍ତେ ଉପଦେଶ ପ୍ରଦାନ କରିଛନ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ଏ ସଂସାରର ସର୍ବଶ୍ରେଷ୍ଠ ଚିନ୍ମୟ ବସ୍ତୁ । ତାଙ୍କ ପ୍ରତି ଦୃଢ଼ ଆସକ୍ତ ହେଲେ ମନୁଷ୍ୟ ମୁକ୍ତି ଲାଭ କରେ । ମୁକ୍ତି ଲାଭ ବା ମୋକ୍ଷ ଅବସ୍ଥାରେ ମନୁଷ୍ୟ ଦୁଃଖ ଓ ସୁଖ ଉଭୟ ସତ୍ତାକୁ ବିସ୍ମୃତ ହୁଏ ।

କବିଙ୍କର ଅନ୍ୟ କାବ୍ୟ 'ଗୋପକେଳି'ରେ ନାରୀକୁ ଶ୍ରୀକୃଷ୍ଣ ସହ ସାଦୃଶ୍ୟ ସ୍ଥାପନ କରି ମୁକ୍ତିଦାତା ରୂପେ ସ୍ୱୀକାର କରାଯାଇଛି । କବିଙ୍କ ଅନୁଯାୟୀ ନାରୀ ଶ୍ରୀକୃଷ୍ଣଙ୍କ ପରି ସଂସାର ଦୁଃଖରୁ ପାରି କରଇ ଅଶେଷ ମୁକ୍ତିର ନିଧାନ ଚତୁର୍ବର୍ଗକୁ ଦାନ କରିଥାଏ—

ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ଦିଅନ୍ତି ସୁଖ
ନାନା କ୍ରୀଡାରେ ସେ ତେସନ କାମିନୀ ଛଡ଼ାନ୍ତି ସଂସାର ଦୁଃଖ

କବି ସେହି କାବ୍ୟ 'ଗୋପକେଳି'ରେ ମୁକ୍ତି ଓ ସୁରତିକୁ ସମ ପର୍ଯ୍ୟାୟଭୁକ୍ତ ଗ୍ରହଣ କରିଛନ୍ତି । ସେଥିରେ କୁହାଯାଇଛି ମୁକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଦୁଃଖ ଓ ସୁଖ ଉଭୟ ଭାବନାକୁ ଅତିକ୍ରମ କରି ଚରମ ଅବସ୍ଥା ପ୍ରାପ୍ତ ହୁଏ—

ମୁକତି ଯେହ୍ନେ ସୁରତି ତେହ୍ନେ ସକଳ ଭୋଗର ଅନ୍ତ
ଦୁଃଖ ସୁଖ ନାହିଁ ତହିଁ ନ ବାଧଇ ନାଶଇ ବିଷୟୀ ଚିତ୍ତ

ପରବର୍ତ୍ତୀ ପର୍ଯ୍ୟାୟରେ କବିଙ୍କ ଅନୁଯାୟୀ ନାରୀ ସମ୍ଭୋଗ ସମୟରେ ଆଲିଙ୍ଗନ ସୁଖ ଓ ନଖଘାତ ଦୁଃଖରୁ ବିମୁକ୍ତ ହୋଇ ଏକ ଅବ୍ୟକ୍ତ ଆନନ୍ଦରେ ବିଭୋର ଥାଏ । ସମ୍ଭୋଗ ସମୟରେ ଏହିପରି ସୁଖ ଦୁଃଖର



Digitized by srujanika@gmail.com

ଏକ ମାତ୍ର ସମାବେଶ ଗାଥା ସପ୍ତଶତୀରେ ଉପଲବ୍‌ଧ ହୋଇଥାଏ । ସେଥିରେ ଦୂତୀ ନାୟିକାକୁ କହୁଛି ଯେଉଁ ପତି ବାନଗନ୍ଧ ତୋତେ ଦୁଃଖ ଦେଉଛି ତାକୁ ତ୍ୟାଗ ନ କରି ତାହାର ସାଥିରେ ରହୁଛୁ ? ନାୟିକା ଆପଣା ପତିପ୍ରତି ଅନ୍ତରସ୍ଥ ଅନୁରାଗ ପ୍ରକଟ କରି ଏହି ସ୍ଥିତିରେ ସୁଖୀ ଥିବାର ସୂଚନା ପ୍ରଦାନ କରୁଛି । ନାୟିକା ଉକ୍ତ ଅନୁଯାୟୀ ନାୟକର ଦନ୍ତକ୍ଷତ ଶରୀରକୁ କଷ୍ଟ ଦେଉଥିଲେ ହେଁ ଏହା ସହିତ ଶରୀର ମଧ୍ୟ ରୋମାଞ୍ଚିତ ହୋଇଥାଏ (୩୦) । ତେଣୁ ଦୁଃଖ ଦେଉଥିବା ପ୍ରିୟ ମଧ୍ୟ ସୁଖ ପ୍ରଦାନ କରିଥାଏ । ନାୟିକାର ନାୟକକୁ ସେବା କରିବା ଆପଣା ଜୀବନର ସଫଳତା । ଶ୍ରୀ ଜୋଗେଲ କରଙ୍କ ଅନୁଯାୟୀ— ନାୟିକାର ଦୁଃଖ ସହ ସୁଖ ଲାଭ କରିବା ଯୁକ୍ତି କାମଶାସ୍ତ୍ର ଅନୁଯାୟୀ ଅନାଦି ସିଦ୍ଧ ! ଏହି ଅବସ୍ଥାରେ ନାୟିକା ତାମସ ନଖକ୍ଷତ, ରାଜସ ପ୍ରେମ, ସାତ୍ତ୍ୱିକ ରୋମାଞ୍ଚ ଏହି ତିନି ଅବସ୍ଥାର ପରସ୍ପର ସମ୍ମିଶ୍ରଣ ଜନିତ ସୁଖ ଲାଭ କରିଥାଏ (୩୧) ।

କେଟବରି ଶତ୍ରୁ ବେଶ ମଣି ଅଙ୍ଗେ ଚନ୍ଦନ କୁଙ୍କୁମ ପାନ
ରୂପ ଅଭାବେ ଦେଖି ମନୋଭବ ପୁଣ୍ୟ ମଧ୍ୟେ ପଞ୍ଚୁବାଣ
ଏସନ ସୁରତି ସାହାରୁ ରସରେ ଯେ ହରେ ଚିତ୍ତ
ରସିକ ବନ୍ଧୁ ନରସିଂହ ସେଣ ଭଣେ ଏହ୍ନେ ଆଳୀ ଗୀତ । ୫ ।

ଶ୍ରୀ ଅଙ୍ଗରେ ଚନ୍ଦନ କୁଙ୍କୁମଯୁକ୍ତ ଶ୍ରୀକୃଷ୍ଣଙ୍କର ରୂପ ମନୁଷ୍ୟ ମନକୁ କାମଭାବରେ ବିଚଳିତ କରିଥାଏ । ଶ୍ରୀକୃଷ୍ଣଙ୍କ ବେଶ ଦର୍ଶନରେ ଚିତ୍ତ ଯେପରି ଦ୍ରବୀଭୂତ ହୁଏ ଅଦର୍ଶନରେ ସେହିପରି ବିରହ ଯନ୍ତ୍ରଣା ଲାଭ କରେ । ଶ୍ରୀକୃଷ୍ଣଙ୍କ ନିମନ୍ତେ ପଞ୍ଚବାଣର ଏହି ପୀଡ଼ା ଦେଉଛି ପୁଣ୍ୟ । ସୁରତି ରସର ମୂର୍ତ୍ତିରେଖା ଶ୍ରୀକୃଷ୍ଣ ସହାୟ ହୋଇଥିବା ହେତୁ ରସିକ ବନ୍ଧୁ ନରସିଂହ ସେଣ ରସମୂର୍ତ୍ତି ଏହି ଆଳୀ ଗୀତ ରଚନା କଲେ ।

---

(୩୦) ଦୁଃଖଂ ଦେନ୍ତୋ ବି ସୁହ ଜଣେଇ ଜୋ ଜସ୍ସ ବଲ୍ଲହୋ ହୋଇ ।
ଦଇଅ-ଣହ-ଦୁଣିଆଣଂ ବି ବଡ଼୍‌ଢଇ ଥଣାଣଂ ରୋମଞ୍ଚୋ ।
—ଗାଥା ସପ୍ତଶତୀ, ୧/୧୦୦

(୩୧) ଗାଥା ସପ୍ତଶତୀ (ଚୌଖମ୍ବା ପ୍ରକାଶନ), ପୃ-୭୬



Digitized by srujanika@gmail.com

# ପରିଶିଷ୍ଟ

("ଏଷଣା"ରେ ପ୍ରକାଶିତ ଅଧିକ ପଦ)

ସମ୍ଭୋଗ ପଞ୍ଚକର ଚତୁର୍ଥ ପଦ—

ସୁରତି ରସ ବିବଧ କଲା ନଳାଶ୍ରବ ହୋଏ ଜାତ
ଖାଟିଏ ଗୃହ ଭାବ ବିଗୃହ ଏତେକ ଏ ଅବଭୂତ
ସୁରତି ଶେଷ ଜାଣି ତା ହାସ ରସ ନ ଟଳଇ ବେନି ଅଙ୍ଗ
ବେନି ନିବେଳ ପରିହରଣ ସହଜେ ଅଙ୍ଗ ସୁରଙ୍ଗ

ସମ୍ଭୋଗ ପଞ୍ଚକର ପରବର୍ତ୍ତୀ ପଦ ସମୂହ—

ପ ଣିର ଗନ୍ଧର କେମନ୍ତେ ଜାଣିମ ପଦ୍ମନାଭ ପରମାଣ
ପୁରୁଷ ଶଙ୍ଖର କେମନ୍ତେ ଜାଣିମ ଅଳପ ଉଭତେ ଦାନ
ସ୍ତ୍ରି ଖାର ଶଙ୍ଖର କେମନ୍ତେ ଜାଣିମ ··· ··· ···
ଅନୁରାଗ ଗନ୍ଧର କେମନ୍ତେ ଜାଣିମ ବିରହେ ମନ ତଦନ୍ତ
ଯେଉଂ ପୁରୁଷ ଖିନ୍ନ ହୋଇଥିବ ଯେଉଂ ଯୁବତୀର ଆଶେ
ସେହ୍ନ ଯୁବତୀ ଅଯାଗେ ଆଣି ଭିଡ଼ିବ ସୁବାହୁ ପାଶେ
ପ୍ରଭୁ ହୋଇ ଯେବେ ସେବକର ଦୁଃଖ କହିଲେ ହେଂ ନ ଶୁଣଇ
ପୁରୁଷ ଛେଦ ବିଭେଦ ଭେଦ ଯେଉଂ ସ୍ତ୍ରିରୀ ନ ହେନଇ
ରସ କବିନ୍ତ ଗାଇଲା ଗୀତ ଯେଉଂ ନର ନ ଶୁଣଇ
ଏ ତିନ ପଶୁଙ୍କୁ ବନରୁ ଛଡ଼ାଇ ନଗରକୁ କେ ଆଣଇ
ଏମନ୍ତ ହୋଇ ଯେମନ୍ତ ବାମା ଚିତ୍ତେ ନ ଧରିବ ଆନ
ନଜ ବୁଦ୍ଧିରେ ଆପଣା ମନେ ନିଜ କାନ୍ତେ ଦେବ ମନ



Digitized by srujanika@gmail.com

# ସହାୟକ ଗ୍ରନ୍ଥସୂଚୀ

## ଓଡ଼ିଆ


୧. ଅଜ ବିଳାପ ଚଉତିଶା (ଅପ୍ରକାଶିତ ପାଣ୍ଡୁଲିପି) : ନରସିଂହ ସେଣ ।
ଶ୍ରୀନିବାସ ରଥଙ୍କ ନିକଟରୁ ସଂଗୃହୀତ

୨. ଓଡ଼ିଆ ହରିବଂଶ : ଅଚ୍ୟୁତାନନ୍ଦ ଦାସ
—ରାଧାରମଣ ପୁସ୍ତକାଳୟ : ୧୯୬୩ ରୁ ୧୯୬୭

୩. କୋଣାର୍କ : ଷଷ୍ଠ ବର୍ଷ ତୃତୀୟ ସଂଖ୍ୟା (ପଞ୍ଚସଖା ବିଶେଷାଙ୍କ)
—ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୧

୪. କୋଣାର୍କ : ୩୧ଶ ସଂଖ୍ୟା (କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବିଶେଷାଙ୍କ)
—ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୭

୫. ଗୋପକେଳି : ନରସିଂହ ସେଣ (ଅପ୍ରକାଶିତ ପାଣ୍ଡୁଲିପି)
ଡଃ କୃଷ୍ଣ ଚରଣ ସାହୁଙ୍କ ଦ୍ୱାରା ସଂଗୃହୀତ

୬. ଢଗମାଳା : ନରସିଂହ ସେଣ (ଅପ୍ରକାଶିତ ପାଣ୍ଡୁଲିପି)
ଶ୍ରୀନିବାସ ରଥଙ୍କ ଦ୍ୱାରା ସଂଗୃହୀତ

୭. ଢଗ ମୁକୁତା ବଳୀ : ନରସିଂହ ସେଣ (ଅପ୍ରକାଶିତ ପାଣ୍ଡୁଲିପି)

୮. ଢଗ ମୁକୁତା ବଳୀ : ନରସିଂହ ସେଣ
ଏଷଣା — ଡିସେମ୍ବର ୧୯୮୮ ଅଷ୍ଟାଦଶ ସଂଖ୍ୟା, ଶ୍ରୀନିବାସ ରଥଙ୍କ
କର୍ତ୍ତୃକ ପ୍ରକାଶିତ

୯. ଢଗ ମାଳିକା : ନରସିଂହ ସେଣ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପାଣ୍ଡୁଲିପି ସଂଖ୍ୟା **OL**/୯୨୫

୧୦. ଚଟାମଳା : ନରସିଂହ ସେଣ
ସମ୍ପାଦନା — ଡଃ କେଦାର ନାଥ ମହାପାତ୍ର
—ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ୧୯୬୧




Digitized by srujanika@gmail.com

୧୧. ପତ୍ରମଳା : ନରସିଂହ ସେଣ
ସମ୍ପାଦନା— ଡଃ କୃଷ୍ଣ ଚରଣ ସାହୁ
ବୁକ୍ସ ଏଣ୍ଡ ବୁକ୍ସ, ୧୯୮୩

୧୨. ପ୍ରୀତି ଶତକ (ଅମରୁ ଶତକମ୍‌ର ଓଡ଼ିଆ ଅନୁବାଦ) :
ସଚ୍ଚିଦାନନ୍ଦ ଚମ୍ପତି ରାୟ
—ଆନନ୍ଦ ପ୍ରକାଶନୀ ସୃଷ୍ଟିକା, ବୁଦ୍ଧନଗର, ଭୁବନେଶ୍ୱର-୬, ୧୯୭୧

୧୩. ରସ କଲ୍ଲୋଳ : ଦୀନକୃଷ୍ଣ ଦାସ
ସମ୍ପାଦନା— ଡଃ ଆର୍ତ୍ତବଲ୍ଲଭ ମହାନ୍ତି
— ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୭୩

୧୪. ରସ ମଞ୍ଜରୀ : ଉପେନ୍ଦ୍ର ଭଞ୍ଜ (ପାଣ୍ଡୁଲିପି)
ଡଃ କୃଷ୍ଣ ଚରଣ ସାହୁଙ୍କ ନିକଟରୁ ପ୍ରାପ୍ତ

## ସଂସ୍କୃତ

୧. ଅନଙ୍ଗ ରଙ୍ଗ

୨. ଅଭିଜ୍ଞାନ ଶାକୁନ୍ତଳମ୍ : କାଳିଦାସ
ସମ୍ପାଦନା— ସୁବୋଧ ଚନ୍ଦ୍ର ପନ୍ତ
—ମୋତିଲାଲ ବନାରସୀ ଦାସ, ୧୯୭୪

୩. ଅମରୁ ଶତକମ୍ : ଅମରୁକ
— ଆନନ୍ଦ ପ୍ରକାଶନୀ, ସୃଷ୍ଟିକା, ବୁଦ୍ଧ ନଗର, ଭୁବନେଶ୍ୱର-୬, ୧୯୭୧

୪. ଅମରୁ ଶତକମ୍ (ଅର୍ଜ୍ଜୁନ ବର୍ମ ଦେବ ବ୍ୟାଖ୍ୟା ସହିତ)
ସମ୍ପାଦକ— ପଣ୍ଡିତ ଦୁର୍ଗା ପ୍ରସାଦ ଓ କାଶୀନାଥ ପାଣ୍ଡୁରଙ୍ଗ ପାରବ
—ନିର୍ଣ୍ଣୟ ସାଗର ପ୍ରେସ, ଦ୍ୱିତୀୟ ସଂସ୍କରଣ, ୧୯୨୯

୫. ଉଜ୍ଜ୍ୱଳ ନୀଳମଣି : ରୂପ ଗୋସ୍ୱାମୀ
— ହରିବୋଲ କୁଟୀର, ନବଦ୍ୱୀପ, ୨ୟ ସଂସ୍କରଣ, ୧୯୬୩

୬. ଋତୁ ସଂହାରମ୍ : କାଳିଦାସ
— ବିଦ୍ୟାପୁରୀ, କଟକ-୨, ଦ୍ୱିତୀୟ ସଂସ୍କରଣ, ୧୯୬୬



Digitized by srujanika@gmail.com

୭. କାବ୍ୟ ପ୍ରକାଶ : ମମ୍ମଟ
—ଓଡ଼ିଆ ସାହିତ୍ୟ ଏକାଡେମୀ

୮. କାମ କଳା ବିଳାସ : ପୁଣ୍ୟାନନ୍ଦ
—The Research Department of Jammu & Kashmir State, 1918

୯. କାମ ସୂତ୍ରମ୍ : ବାତ୍ସ୍ୟାୟନ
ସମ୍ପାଦନା— ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା

୧୦. କଟ୍ଟାର୍ନୀମତମ୍ : ଭରତ
—ଚୌଖମ୍ବା ବିଦ୍ୟାଭବନ, ବାରାଣସୀ-୧

୧୧. କୁମାର ସମ୍ଭବମ୍ : କାଳିଦାସ

୧୨. ଗଣିକା ବୃତ୍ତ ସଂଗ୍ରହ
ସମ୍ପାଦନା— ବିଶ୍ୱେବନ୍ଧୁ ଶାସ୍ତ୍ରୀ
—ବିଶ୍ୱେଶ୍ୱରାନନ୍ଦ, ବୈଦିକ— ଶୋଧ ସଂସ୍ଥାନମ୍,
ହୋସିୟାରପୁର, ୧୯୬୩.

୧୩. ଗୀତ ଗୋବିନ୍ଦ : ଜୟଦେବ
ଧର୍ମ ଗ୍ରନ୍ଥ ଷ୍ଟୋର, ଅଲିଶା ବଜାର, କଟକ-୨

୧୪. ଛନ୍ଦ ମୀମାଂସା : ଅଚ୍ୟୁତ ପଣ୍ଡିତ

୧୫. ଚୌର ପଞ୍ଚାଶିକା : ବିହ୍ଲଣ
—ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୦

୧୬. ଦଶ ରୂପକ : ଧନଞ୍ଜୟ
ସମ୍ପାଦନା—ଭୋଳା ଶଙ୍କର ବ୍ୟାସ
ଚୌଖମ୍ବା ବିଦ୍ୟାଭବନ, ୧୯୭୯

୧୭. ଧ୍ୱନ୍ୟାଲୋକ : ଆନନ୍ଦ ବର୍ଦ୍ଧନ
ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୪

୧୮. ନାଗର ସର୍ବସ୍ୱ :

୧୯. ନାଟ୍ୟ ଶାସ୍ତ୍ରମ୍ : ଭରତ ମୁନି
—ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୫



Digitized by srujanika@gmail.com

୨୦. ବକ୍ରୋକ୍ତି କାବ୍ୟ ଜୀବତଂ : କୁନ୍ତକ

୨୧. ବାସବ ଦତ୍ତା : ସୁବନ୍ଧୁ
— ମୋତିଲାଲ ବନାରସୀ ଦାସ

୨୨. ବିକ୍ରମୋର୍ବଶୀୟମ୍ : କାଳିଦାସ
ବ୍ୟାଖ୍ୟାକାର— ରମାଶଙ୍କର ତ୍ରିପାଠୀ
—ମୋତିଲାଲ ବନାରସୀ ଦାସ, ୧୯୮୦

୨୩. ବେଣୀ ସଂହାରମ୍
—ଚୌଖମ୍ବା ବିଦ୍ୟାଭବନ

୨୪. ମାଳବିକାଗ୍ନି ମିତ୍ରମ୍ : କାଳିଦାସ
— ମୋତିଲାଲ ବନାରସୀ ଦାସ, ୧୯୭୭

୨୫. ମେଘ ଦୂତମ୍ : କାଳିଦାସ
—ଚୌଖମ୍ବା ବିଦ୍ୟାଭବନ

୨୬. ରଘୁବଂଶମ୍ : କାଳିଦାସ
ବ୍ୟାଖ୍ୟାକାର— ଶ୍ରୀ ହରଗୋବିନ୍ଦ ମିଶ୍ର
—ଚୌଖମ୍ବା ସଂସ୍କୃତ ସିରିଜ୍ ଅଫିସ, ବାରାଣସୀ, ୧୯୭୧

୨୭. ରତ୍ନାବଳୀ . ଶ୍ରୀହର୍ଷ

୨୮. ରସ ମଞ୍ଜରୀ : ଭାନୁଦତ୍ତ ମିଶ୍ର
ସମ୍ପାଦନା—ପଣ୍ଡିତ ଗୋପାଳ ଶାସ୍ତ୍ରୀ
— ଶ୍ରୀ ହରିକୃଷ୍ଣ ନିବନ୍ଧ ଭବନମ୍, ୧୯୭୮

୨୯. ରସ ତରଙ୍ଗିଣୀ : ଭାନୁଦତ୍ତ ମିଶ୍ର
—ଭେଙ୍କଟେଶ୍ବର ପ୍ରେସ, ବମ୍ବେ, ସମ୍ବତ୍ ୧୯୭୧

୩୦. ରସାର୍ଣ୍ଣବ ସୁଧାକର : ସିଂହ ଭୂପାଳ

୩୧. ଶ୍ରୀମଦ୍ ଭାଗବତ ମହାପୁରାଣ (ଦ୍ୱିତୀୟ ଖଣ୍ଡ)
—ମୋତିଲାଲ ଜାଲାନ୍, ଗୀତା ପ୍ରେସ, ଗୋରଖପୁର, ସମ୍ବତ୍-୨୦୩୩

୩୨. ଶୃଙ୍ଗାର ଶତକମ୍ ଭର୍ତ୍ତୃହରି
—ଚୌଖମ୍ବା ବିଦ୍ୟାଭବନ, ବାରାଣସୀ, ଚତୁର୍ଥ ସଂସ୍କରଣ, ୧୯୭୧



Digitized by srujanika@gmail.com

୩୮. ସାହିତ୍ୟ ଦର୍ପଣ : ବିଶ୍ୱନାଥ କବିରାଜ
— ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୫

୩୯. ସ୍ୱପ୍ନ ବାସବ ଦତ୍ତମ୍ : ବ୍ୟାଖ୍ୟାକାର ରାଧାମୋହନ ମହାପାତ୍ର

## ପ୍ରାକୃତ

୧. ଗାଥା ସପ୍ତଶତୀ : ହାଳ
ସମ୍ପାଦନା—ଡଃ ଜଗନ୍ନାଥ ପାଠକ
— ଚୌଖମ୍ବା ସଂସ୍କୃତ ସିରିଜ୍ ଅଫିସ, ବାରାଣସୀ-୧, ୧୯୬୯

୨. ଗାଥା ସପ୍ତଶତୀ : ହାଳ
ବ୍ୟାଖ୍ୟାକାର : ଡଃ ବୈରାଗୀ ଚରଣ ଜେନା
ଗ୍ରନ୍ଥ ମନ୍ଦିର, କଟକ-୨, ୧୯୮୫

## ବ୍ରଜବୋଲି

୧. ବିଦ୍ୟାପତି ପଦାବଳୀ : ବିଦ୍ୟାପତି
— ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୫

୨. ବିଦ୍ୟାପତି ପଦାବଳୀ : ବିଦ୍ୟାପତି
ସମ୍ପାଦନା — ରାମ ବେନୀପୁରୀ
— ପୁସ୍ତକ ଭଣ୍ଡାର, ପାଟଣା, ୧୯୭୫

## ହିନ୍ଦୀ

୧. ଇନ୍ଦ୍ରାବତୀ . ନୂର ମୋହମ୍ମଦ

୨. କବି ପ୍ରିୟା : ଆଚାର୍ଯ୍ୟ କେଶବ ଦାସ
—ନବଲ କିଶୋର ପ୍ରେସ, ଲକ୍ଷ୍ନଉ, ୧୯୩୪

୩. କେଶବ ଦାସ— ଜୀବନୀ, କଳା ଔର କୃତିତ୍ୱ :
ଡଃ କିରଣ ଚନ୍ଦ୍ର ଶର୍ମା
—ଏସ. ଚନ୍ଦ ଏଣ୍ଡ କମ୍ପାନୀ, ରାମ ନଗର, ନଈ ଦିଲ୍ଲୀ, ୧୯୭୭

୪. ରଚନାବଳୀ : ଉସମାନ



Digitized by srujanika@gmail.com

୫. ବରଭୈ ନାୟିକା ଭେଦ : ରହିମ

୬. ବିହାରୀ ରତ୍ନାକର : ବିହାରୀ
—ଜଗନ୍ନାଥ ପ୍ରସାଦ 'ରତ୍ନାକର', ୧୯୫୧

୭. ମତିରାମ : କବି ଔର ଆଚାର୍ଯ୍ୟ : ମହେନ୍ଦ୍ର କୁମାର
—ଏସ. ଚନ୍ଦ ଏଣ୍ଡ କମ୍ପାନି, ୧୯୬୬

୮. ମାଧବାନନ୍ଦ—କାମ କନ୍ଦଳା : ଆଲମ

୯. ୟୁସୁଫ—ଜୁଲେଖା : ନିସାର

୧୦. ରସରାଜ : ମତିରାମ
ସମ୍ପାଦନା—ଶ୍ରୀ ରାମଜୀ ମିଶ୍ର
--ଚୌଖମ୍ବା ବିଦ୍ୟାଭବନ, ବାରାଣସୀ, ୧୯୬୦

୧୧. ରହିମ ରତ୍ନାବଳୀ
ସମ୍ପାଦକ—ମାୟା ଶଙ୍କର ଯାଜ୍ଞିକ, ତୃତୀୟାବୃତ୍ତି

୧୨. ରୀତି କାବ୍ୟକୀ ଭୂମିକା : ଡଃ ନଗେନ୍ଦ୍ର
—ନେସନେଲ ପବ୍ଲିସିଂ ହାଉସ୍, ଦିଲ୍ଲୀ, ୬ଷ୍ଠ ସଂସ୍କରଣ, ୧୯୭୯

୧୩. ରୀତି କାବ୍ୟ ଔର ବିଦ୍ୟାପତି . ବୀରେନ୍ଦ୍ର କୁମାର ବଡ ସୁଆଲ
— ଏସ. ଚନ୍ଦ ଏଣ୍ଡ କମ୍ପାନୀ, ନଈଦିଲ୍ଲୀ, ୧୯୭୬

୧୪. ରୀତି କାବ୍ୟମେ ଶୃଙ୍ଗାର ପରମ୍ପରା ଔର ମହାକବି ବିହାରୀ :
ଡଃ ଗଣପତି ଚନ୍ଦ୍ର ଗୁପ୍ତ
— ବିନୋଦ ପୁସ୍ତକ ମନ୍ଦିର, ହୋସ୍ପିଟାଲ ରୋଡ, ଆଗରା, ୧୯୫୯

୧୫. ସଂସ୍କୃତ ସାହିତ୍ୟ କା ଇତିହାସ : ଆଚାର୍ଯ୍ୟ ବଳଦେବ.ଉପାଧ୍ୟାୟ
— ଶାରଦା ସଂସ୍ଥାନମ୍, ବାରାଣସୀ-୫, ଦଶମ ସଂସ୍କରଣ, ୧୯୭୮

୧୬. ସୂର ଦାସ ପଦ୍ୟାବଳୀ :
— ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୯

୧୭. ସୂରକୀ କାବ୍ୟ କଳା : ମନ ମୋହନ ଗୌତମ
— ଏସ. ଚନ୍ଦ ଏଣ୍ଡ କମ୍ପାନୀ, ୧୯୭୬




Digitized by srujanika@gmail.com

୧୮. ହିନ୍ଦୀ ସାହିତ୍ୟକୀ ଭୂମିକା : ହଜାରୀ ପ୍ରସାଦ ଦ୍ୱିବେଦୀ
— ରାଜ କମଲ ପ୍ରକାଶନ ପ୍ରାଇଭେଟ ଲିମିଟେଡ, ରାମ ନଗର, ନଈଦିଲ୍ଲୀ

୧୯. ହିନ୍ଦୀ କାବ୍ୟ ଔର୍ ଉସକା ସୌନ୍ଦର୍ଯ୍ୟ : ଡଃ ଓମ୍ ପ୍ରକାଶ
— ଭାରତୀ ସାହିତ୍ୟ ମନ୍ଦିର, ଫଉଆରା ଦିଲ୍ଲୀ, ୧୯୫୭

୨୦. ହିନ୍ଦୀ ସାହିତ୍ୟ କା ସଂକ୍ଷିପ୍ତ ଇତିହାସ : ଡଃ ରାମ ଶଙ୍କର ଦୟାଲ

## English

1. Aesthetic : Croce

2. A Study on Srikrishna Lilamritam : Dr. Banamali Rath

3. Caurapancasika (An Indian love lament of Bilhana Kabi) :
S. N. Tadpatrikar
—Oriental Book Agency, Poona, 1946

4. History of Orissa : Dr. K. C. Panigrahi
—Kitab Mahal, Cuttack, 1981

5. History of Orissa : Dr. N. K. Sahu
—Utkal University, 1964

6. Jayadeva's Gitagovinda :
Edited and translated by Barbara Stoler Miller
—R. Dayal, Oxford University Press,
2/11 Ansari Road Daryaganj, New-Delhi

7. Kadambari : Banabhatta
Translated by C. M. Ridding—Jaico Publishing House.
Mahatma Gandhi Road, Bombay-1, 1960

8. Kamasutra : Vastyayana
Translated by Sir Richard Barton and F. F. Arbathonot
—Jaico Publishing House (8th edition), 1980

9. Rasikapriya of Keshava Dasa : K. P. Bahadur
—Motilal Banarasidas (1st edition), 1972

10. Rajatarangini (River of kings) :
Translated and edited by Ranjit Sitaram Pandit
—The Indian Press Ltd., Allahabad, 1935



Digitized by srujanika@gmail.com

11. Sex Mythology : Masculine Cross
—London Privately Printed, 1918

12. Sex Life in Ancient India : Candra Cakravarti
—Firma K. L. Mukhopadhay, 1st edition, 1963

13. Sex in Indian Haram Life : R.N. Salatore
—Orient Paper Backs, 36-C, Connaught place
New Delhi, 1st edition, 1978

14. Studies in Nayaka Nayika Bheda : Dr. Rakesh Gupta
—Granthayana, Aligarh

15. Studies in the Psychology of sex :
Havlok & Liss

16. The Literary Critics : George Watson
A Pelican book 416, Penguin books reprinted 1963

17. The Worship of Love : T Clifton Long Worth
—Torchstream Books, London, 1st edition, 1954

❖



Digitized by srujanika@gmail.com